ନୈଷଧୀୟ ଚରିତ

ପୂର୍ବାର୍ଦ୍ଧ

ଶ୍ରୀ ମହାରାଜ ସାହ୍ ଶ୍ରୀ ବୀରମିତ୍ରୋଦୟ ସିଂହ ଦେବ,

ଧର୍ମ୍ମନିଧି, ଜ୍ଞାନଗୁଣାକର, କେ, ସି, ଆଇ. ଇ

ଏମ୍, ଆର, ଏ, ଏସ୍; ଋଲଙ୍ଗ

ସୁବର୍ଣ୍ଣପୁର ଫ୍ୟୁଡେଟୋରୀ ଷ୍ଟେଟ

ଦ୍ୱାରା

ଅନୁବାଦିତ ।

—୪

ଶକାବ୍ଦ ୧୮୪

PRINT

THE

GPNanda Colln., Digitized by srujanika@gmail.com

ଉତ୍ସର୍ଗପତ୍ର

ସାହିତ୍ୟାମୃତସିନ୍ଧୁମନ୍ଥନରଥା ବାସୀବୁଧାସ୍ୟାସ୍ତୃତା
ନାନାକାର୍ଯ୍ୟକଳାକଲାପକୁଶଳା ଯାତାଽତିପୂତାମତିଃ ।
ଲୋକାନନ୍ଦକରେ ହିମାଂଶୁସଦୃଶୋ,
ଯୋ ଯୌବନେଽପ୍ୟସ୍ଥିତଃ,
ଦୁର୍ଭାଗ୍ୟାଦ୍ଭବତୋ ଗତତୋଽସ୍ତମବନୌ
ଯଃ କୀର୍ତ୍ତିଶେଷୋଽଧୁନା ।
ତସ୍ୟ ସ୍ୱର୍ଗଗତସ୍ୟ ସଦ୍ଗୁଣଚର୍ଯ୍ୟୈ ଜ୍ୟେଷ୍ଠସନ୍ଦେଧସୋ
ନାମ୍ନା ଶ୍ରୀଯୁତ ସୋମଭୂଷଣ ଇତି ଖ୍ୟାତସ୍ୟ ଭୂମଣ୍ଡଳେ ।
ଉନ୍ନେତୁଂ ସ୍ମରଣୀୟତାଂ ଚିରତନଂ ସାହିତ୍ୟସେବାଦରଂ
କାବ୍ୟଂ ଗୃହ୍ଣ ସ ନୈଷଧୀୟଚରିତଂ ସ୍ନେହାଦହୋତ୍ସର୍ଗିତଂ ।

ଚିର-ଶୋକାନୁତପ୍ତ ପିତା
ମହାରାଜ ଶ୍ରୀ ବୀରମିତ୍ରୋଦୟ ସିଂହ ଦେବ,
ରୁଲିଙ୍ଗ ଚିଫ୍, ସୋନପୁର ଷ୍ଟେଟ ।
(ଫାଲ୍‌ଗୁନ ପୌର୍ଣ୍ଣମାସୀ)

GPNanda Colln., Digitized by srujanika@gmail.com

ରାଜା ଶ୍ରୀ ସୋମଭୂଷଣ ସିଂହ ଦେବ,

ସ୍ୱର୍ଣ୍ଣପୁର ଫିଉଡେଟୋରି ଷ୍ଟେଟ, ଓଡ଼ିଶା ।

୧୨୦୪, ଅଶ୍ୱିନ ଶୁକ୍ଳପକ୍ଷ, ସ୍ୱର୍ଗାରୋହଣ – ୧୩୨୭, କାର୍ତ୍ତିକ ଏକାଦଶୀ

GPNanda Colln., Digitized by srujanika@gmail.com

ମ୍ପୁ ସିଂହ ଦେବ,

ଏ, ଏମ୍;

GPNanda Colln., Digitized by srujanika@gmail.com

ଭୂମିକା

ମହାକବି କାଳିଦାସଠାରୁ ଶ୍ରୀହର୍ଷ ପର୍ଯ୍ୟନ୍ତ ସ୍ପଷ୍ଟତଃ ଭାରତର ପ୍ରତ୍ୟର୍ ବୌଦ୍ଧ ସମୟର ସଂସ୍କୃତ କାବ୍ୟ ଯୁଗ । ଏକ ଅନ୍ତେ କାଳିଦାସ ବୌଦ୍ଧ ଉଦାର ପ୍ରଭାବର ଫଳ, ଅନ୍ୟ ଅନ୍ତେ ଶ୍ରୀହର୍ଷ ସମ୍ପୂର୍ଣ୍ଣ ବ୍ରାହ୍ମଣ ସ୍ୱାତନ୍ତ୍ର୍ୟର ଅବତାର । ଯାହା ହେଉ ରଘୁବଂଶ, କୁମାରସମ୍ଭବ, ମେଘଦୂତ, କିରାତାର୍ଜ୍ଜୁନୀୟ, ଶିଶୁପାଳବଧ ଓ ନୈଷଧୀୟ ଚରିତ ଏହି ଷଡ୍ କାବ୍ୟ ଏହି ସମୟର ପ୍ରଧାନ କୃତି । ଭାରତର ତାତ୍‌କାଳିକ ଧର୍ମ୍ମ, ରାଜନୈତିକ ଗତି ସଙ୍ଗେ ମଧ୍ୟ ଏହି କାବ୍ୟକଳାର ବିକାଶ ବୋଲି ପ୍ରତୀତ ହୁଏ । ବୌଦ୍ଧଧର୍ମ୍ମର ବିଶ୍ୱ-ବ୍ୟାପକ ଉଦାରତା ଆଦାନ ଓ ଅହରଣ ନୀତି ସହିତ ନୂତନ ଜୀବନର ସରଳ, ସ୍ୱଚ୍ଛନ୍ଦ ଓ ପ୍ରାକୃତିକ ସଜୀବତା କାଳିଦାସଙ୍କ ରଚନାରେ ଯେପରି ପ୍ରତିଭାତ ହୁଏ, ଜୀବନର ଆଦାନ ଓ ଅହରଣ ପ୍ରତି ଭୀରୁତା ପରିଣତଜୀବନର ବିବେଚନା ଓ କୃତ୍ରିମ-ନୀତି-ପନ୍ଥା ଶ୍ରୀହର୍ଷଙ୍କେ ସେହିପରି ପ୍ରକଟିତ । କାଳିଦାସ ବୁଦ୍ଧଚରିତ ଓ ଶିବପୁରାଣାଦିରୁ ଶ୍ଳୋକ ପର୍ଯ୍ୟନ୍ତ ଲେଖି ଦେବାକୁ କୁଣ୍ଠାହୀନ । କଳାର ସ୍ୱଚ୍ଛନ୍ଦ ବିକାଶରେ ଅଳଙ୍କାର ବ୍ୟାକରଣାଦି ନିୟମର ନିଗଡ ପ୍ରତି ସମ୍ପୂର୍ଣ୍ଣ [illegible] ଏବଂ ପୌରାଣିକ [illegible] । ଇଙ୍ଗିତ ମାତ୍ର ଯେନ କାବ୍ୟ ବିଷୟ କଳ୍ପନା [illegible] ସାହସିକ, ବର୍ଣ୍ଣନାରେ ସ୍ୱଭାବର

GPNanda Colln., Digitized by srujanika@gmail.com

ଅନୁଗାମୀ ଏବଂ ପ୍ରାକୃତିକ ବର୍ଣ୍ଣନାର ଇଙ୍ଗିତରେ ସ୍ୱାଭାବିକ ଧ୍ୱନ୍ୟର୍ଥ ବିକାଶନ-ପଟୁ, ପକ୍ଷାନ୍ତରେ ଶ୍ରୀହର୍ଷ ଅନ୍ୟଠାରୁ କିଛିମାତ୍ର ସାକ୍ଷାତ ଭାବରେ ଗ୍ରହଣ କରିବାରେ ଏକାନ୍ତ ପରାଙ୍ମୁଖ । କଳାର ପାଟବ ଉଦ୍ୟମରେ ପଦେ ପଦେ ଅଳଙ୍କାର ଶାସ୍ତ୍ରର ଗୌଣାତ୍-ଗୌଣ ଉପଦେଶ ପ୍ରତି ମଧ୍ୟ ସଶଙ୍କ ବ୍ୟାକରଣାଦିର ପ୍ରମାଦ ପ୍ରତି ସାବଧାନ, ଧର୍ମ ଭୟରେ ପଦେ ପଦେ ପୌରାଣିକ ଆଖ୍ୟାୟିକାର ଅନୁବର୍ତ୍ତୀ । ଅଳଙ୍କାରର ଜଟିଳ-ଶୃଙ୍ଖଳ ମଧ୍ୟରେ କୃତ୍ରିମ ଧ୍ୱନି-ଗୂଢ଼ାର୍ଥ-ବିକାଶନପର ଅକୃଷ୍ଟ ଶ୍ଳେଷ ମଧ୍ୟରେ ଦାର୍ଶନିକ ପାଣ୍ଡିତ୍ୟ ପର୍ଯ୍ୟନ୍ତ ଦେଖାଇବାରେ ଯତ୍ନଚେଷ୍ଟାବାନ ଏବଂ ଜୀବନର ସ୍ୱାଭାବିକ ରୁଚି ଧୈର୍ଯ୍ୟର ସୀମା ପ୍ରତି ଆଦୌ ଲକ୍ଷ୍ୟ ନ ରଖି କେବଳ ବର୍ଣ୍ଣନାର ଅତ୍ୟୁକ୍ତିରେ ବିଳାସୀ । ବର୍ଣ୍ଣନାର ବିଳାସରେ ନ ଜାଣି ସେ ବେଳେ ବେଳେ ପ୍ରକୃତରୁ ବିଚ୍ଛିନ୍ନ ହୋଇଅଛନ୍ତି । ମାତ୍ର ସେଠାରେ କେବଳ ଅଜ୍ଞାତ ଭାବରେ ନିଜ ସମୟର ରୁଚି ପ୍ରକାଶ ପାଇବା ଛଡ଼ା ଅନ୍ୟ ବିଶେଷ ନାହିଁ । ବିସ୍ତୀର୍ଣ୍ଣ ପ୍ରାଣ ବିନୟର ଆଧାର, ସଂକୀର୍ଣ୍ଣ ପ୍ରାଣରେ ଅହଂକାର ପ୍ରବଳ । ଶ୍ରୀହର୍ଷଙ୍କ ପରି ନିଜ ଲେଖାର ଗୌରବରେ ଅହଂକାର ଅନ୍ୟ କୌଣସି ପ୍ରାଚୀନ ସଂସ୍କୃତ କବି ପ୍ରକାଶ କରି ନାହାନ୍ତି । ସର୍ଗ ସମାପ୍ତି ଓ ଗ୍ରନ୍ଥ ସମାପ୍ତି ଶ୍ଳୋକମାନ ଦେଖିଲେ ସ୍ପଷ୍ଟ ଜଣାଯିବ । ବିଦ୍ୟା ବିବାଦରେ ବିଜିଗୀଷା ତାହାର ଏକ ଅଙ୍ଗ, ଶେଷ କାବ୍ୟ ଯୁଗର ଏ ମଧ୍ୟ ଏକ ବିଶେଷତା । କାଳିଦାସଙ୍କ ବିନୟର ବିପରୀତ ଭାବ ଅଛି ।

GPNanda Colln., Digitized by srujanika@gmail.com

ଜୁଅ ଖେଳରେ ରାଜ୍ୟ ସମ୍ପଦ ହରାଇ ଯୁଧିଷ୍ଠିରାଦି ପାଣ୍ଡବ-ମାନେ ଯେତେବେଳେ ବନବାସରେ ଥିଲେ ସେତେବେଳେ ମହର୍ଷି ବୃହଦଶ୍ୱ ସାନ୍ତ୍ୱନା ଦେବା ପାଇଁ ଯୁଧିଷ୍ଠିରଙ୍କୁ ନଳୋ-ପାଖ୍ୟାନ ଶୁଣାଇଥିଲେ । ଯେ ସମସ୍ତ ପୂର୍ଣ୍ଣ ଓ ଶିକ୍ଷାପ୍ରଦ ଉପାଖ୍ୟାନରୁ କେବଳ ନଳ ଦମୟନ୍ତୀଙ୍କ ଅନୁରାଗ ବିବାହ ଓ କେତେକ ହଂସର କାମ ନେଇ ମାତ୍ର ଯେପରି ଶ୍ରୀହର୍ଷ ଦ୍ୱାବିଂଶ ସର୍ଗବଦ୍ଧ ବିଶାଳ ନୈଷଧୀୟ ଚରିତ ଲେଖି ଅଛନ୍ତି, କେତେକ ଗୌଣ ସ୍ଥାନରେ ଶ୍ରୀହର୍ଷ ମହାଭାରତର ଉପାଖ୍ୟାନରୁ କେତେକ ବିଷୟ ବ୍ୟତିକ୍ରମ କରିଥିବା ଦେଖା-ଯାଏ । ତାହା ଉକ୍ତ ଉପାଖ୍ୟାନ ଓ କାବ୍ୟ ବର୍ଣ୍ଣିତ ବୃତ୍ତ ମିଳାଇ ଦେଖିଲେ ପ୍ରକାଶ ହେବ, ବାହୁଲ୍ୟ ଭୟରେ ଉପେ-କ୍ଷିତ ହେଲା ।

ଶ୍ରୀହର୍ଷ ନଳୋପାଖ୍ୟାନର କେବଳ ବିବାହ ମାତ୍ର ବର୍ଣ୍ଣନା କରି ସେଥିରେ ପ୍ରସଙ୍ଗ କ୍ରମେ ମହାଭାରତ ଲିଖିତ କଳି ଓ ନଳର ଦ୍ୱେଷ ଓ କଳର ଛିଦ୍ରାନ୍ୱେଷଣାଦି ଉଲ୍ଲେଖ କରି ପାଠକର ଯେଉଁ ଆକାଂକ୍ଷା ଜାଗ୍ରତ କରିଅଛନ୍ତି ତାହା ପୂର୍ଣ୍ଣ କରି ନାହିଁ । କାବ୍ୟରେ ଉପାଖ୍ୟାନର ପୂର୍ଣ୍ଣ ଚରିତ ଲେଖା ଯାଇ ନାହିଁ । ଯେ ସବୁ ଲେଖିବାକୁ ଗଲେ କାବ୍ୟର ପ୍ରଧାନ ଅଙ୍ଗୀଭୂତ ଶୃଙ୍ଗାର ରସର ବିରୋଧୀ କେତେ ଗୁଡ଼ାଏ ଅପ୍ରୀତିକର କ୍ଲେଶମୟ କାହାଣି ଲେଖାଯାଇ ଥାନ୍ତା । ତାହା କାବ୍ୟ ନାଟକାଦିରେ ଲେଖିବା ଶିଷ୍ଟ ସମ୍ପ୍ରଦାୟ ବିରୁଦ୍ଧ ବୋଲି ଉପେକ୍ଷିତ ହୋଇଥିବା ବିଶ୍ୱାସ ହୁଏ ।

GPNanda Colln., Digitized by srujanika@gmail.com

ନିଷଧ ଓ ବିଦର୍ଭ ନୈଷଧୀୟ ଚରିତର ଅଧିଷ୍ଠାନ । ଶ୍ରୀହର୍ଷଙ୍କ ଲେଖାରୁ ଏ ଦୁଇସ୍ଥାନ ସମ୍ବନ୍ଧରେ ପରିଚୟ ମିଳିବା ଅସମ୍ଭବ । ତଥାପି ମହାଭାରତର ବର୍ଣ୍ଣିତ ବିଷୟ ଆଲୋଚନା କରି ପଣ୍ଡିତମାନେ ସ୍ଥିର କରି ଅଛନ୍ତି ଯେ ଗୋୟାଲିୟରର ୨୦ କୋଶ ଦକ୍ଷିଣ ପଶ୍ଚିମକୁ ଏବେ ନରବର (ନଳପୁର ବା ନଳ-ନଗରର ରୂପାନ୍ତର) ବୋଲି ଯେଉଁ ରାଜ୍ୟ ଅଛି, ତାହାହିଁ ପ୍ରାଚୀନ ନିଷଧର ଏକ ଅଂଶ ଏବଂ ବର୍ତ୍ତମାନ ବିରାର ପୂର୍ବ-ଭାଗ ପ୍ରାଚୀନ ବିଦର୍ଭ ବୋଲି ମଧ୍ୟ ସ୍ଥିର କରା ଯାଇ ଅଛି ।

ସ୍ୱୟମ୍ବର ସଭାର ବର୍ଣ୍ଣନରେ ୧୧ଶ ଓ ୧୨ଶ ସର୍ଗରେ ଶ୍ରୀହର୍ଷ କେତେଗୁଡ଼ିଏ ରାଜ୍ୟର ନାମ ଲେଖି ଅଛନ୍ତି । ମାତ୍ର ସେଥିରେ ବ୍ୟକ୍ତିଗତ ଜ୍ଞାନ ଓ ଇତିହାସର ତାଦୃଶ ଇଙ୍ଗିତ ଥିଲା ପରି ଜଣାଯାଏ ନାହିଁ; ତଥାପି ଉତ୍ତର ଭାରତ ଓ ପ୍ରାଚୀନ ମଧ୍ୟଦେଶ କ୍ଷୁଦ୍ର ୨ ରାଜ୍ୟରେ ବିଭକ୍ତ ଥିବା ସ୍ପଷ୍ଟ, ଅବନ୍ତୀ (ଉଜ୍ଜୟିନୀ) ଗୌଡ (ମାଲଦହରଙ୍ଗପୁର ପ୍ରଭୃତି ଉତ୍ତର ବଙ୍ଗ) ମଥୁରା ଓ କାଶୀ ଏହି ଚାରିଟି ଜନପଦ ସଙ୍ଗେ ହୁଏତ କବିଙ୍କର ଇତର ବିଶେଷ ସାକ୍ଷାତ୍ ପରିଚୟ ଥିଲା । ଅବନ୍ତୀ ସମ୍ବନ୍ଧରେ ପୂର୍ବ କାବ୍ୟ ଓ ପୁରାଣ ବର୍ଣ୍ଣିତ ଶିପ୍ରା ଓ ମହାଦେବ ଉଲ୍ଲେଖ ମାତ୍ର ଅଛି । କାଶୀର ଧର୍ମ-କ୍ଷେତ୍ରକୁ କବି ବହୁ ପ୍ରଶଂସା କରି ତତ୍ରତ୍ୟ ରାଜାଙ୍କ ଖାର-ଭୂରେ କେବଳ ବର୍ଣ୍ଣନ ଚାତୁରୀ ଖେଳାଇ ଅଛନ୍ତି । ବୋଧ-ହୁଏ କାଶୀରାଜାଙ୍କର ପ୍ରଶଂସାର ଇଚ୍ଛା ଥିଲେ ମଧ୍ୟ ସେଥି ନିମନ୍ତେ ସାକ୍ଷାତ୍ ଉପକରଣ କବି କିଛି ପାଇ ନାହାନ୍ତି ।

GPNanda Colln., Digitized by srujanika@gmail.com

ଗୌଡକୁ ଅବନ୍ତୀ ପରେ ଦ୍ୱିତୀୟ ସ୍ଥାନ ଦେଇ ଗୌଡରାଜାଙ୍କୁ ଶ୍ୟାମବର୍ଣ୍ଣ ଯକ୍ଷପର ଓ ଗଜସେନାମୟ ଉଲ୍ଲେଖ କରି ଅଛନ୍ତି । କବ ଗୌଡ଼େଶ-କୁଳ-ପ୍ରଶସ୍ତି ବୋଲି ସ୍ୱତନ୍ତ୍ର କାବ୍ୟ ଲେଖିଥିବାର ମଧ୍ୟ ୭ମ ସର୍ଗ ସମାପ୍ତି ଶ୍ଳୋକରେ ଇଙ୍ଗିତ କରିଅଛନ୍ତି । ଗୌଡ଼ ପରେ ମଥୁରାର ଉଲ୍ଲେଖ, ସେଥିରେ କାଳିନ୍ଦୀ, ଗୋବର୍ଦ୍ଧନ, ବୃନ୍ଦାବନାଦି ଲେଖା ଥିବାର କଥା, ତାହା ଅଛି । ମାତ୍ର ପୃଥୁ ନାମକ ସେଠାର ତରୁଣ ବୀର ରାଜାଙ୍କ ଉଲ୍ଲେଖ ବିଶେଷ ଦ୍ରଷ୍ଟବ୍ୟ । ଏହି ପୃଥୁ ନାମରେ ତରୋଇ ଓ ଥାନେଶ୍ୱରର (୧୧୯୧–୧୧୯୩ ଖ୍ରୀ) ବୀର, ଦିଲ୍ଲୀର ଶେଷ ସ୍ୱାଧୀନ ଭାରତ ସମ୍ରାଟ ପୃଥ୍ୱୀରାଜଙ୍କୁ କବି ଇଙ୍ଗିତ କରିଥିବା ଅନୁମାନ ହୁଏ । ଏହି ପୃଥୁ କବିଙ୍କ ପୋଷକ କାନ୍ୟକୁବ୍ଜ-ପତି ଜୟଚନ୍ଦ୍ରଙ୍କ ପ୍ରତିଦ୍ୱନ୍ଦୀ ଥିବାରୁ ତାଙ୍କ କଥା କବି ଭଲ କରି ହୁଏତ ଲେଖି ନାହାନ୍ତି; ପରେ କବିଙ୍କ ସମୟାଦି ବିଚାରରୁ ଏହି ଘଟଣା ସ୍ପଷ୍ଟତର ହେବ ।

ତତ୍‌ପରେ ୧୬ଶ ସର୍ଗରେ ଅପର ଜନପଦ ବୋଲି ଅଯୋଧ୍ୟା ପାଣ୍ଡ୍ୟ ମହେନ୍ଦ୍ର (କଳିଙ୍ଗ) କାଞ୍ଚୀ, ମାଳୟ, ମିଥିଳା କାମରୂପ ଉତ୍କଳ କକଟ (ମଗଧ?), ମଗଧଦେଶ ରାଜାମାନଙ୍କର ଉଲ୍ଲେଖ ଅଛି । ଏହି ସବୁ କେତେକ ପୁରାଣାଦିରୁ ଆହୃତ ଓ ଅନ୍ୟ ସବୁ ଶୁଣାକଥା । ପାଣ୍ଡ୍ୟ, ମହେନ୍ଦ୍ର, କାଞ୍ଚୀ, ଉତ୍କଳ ସମ୍ବନ୍ଧରେ ଗଜର ଉଲ୍ଲେଖ ମାତ୍ର ବିଶେଷତ୍ୱ ଏବଂ ମହେନ୍ଦ୍ରରେ କିରାତୀଗଣ ଉତ୍କଳରେ ବହୁତ ସାମନ୍ତ ରାଜାଙ୍କ ଉଲ୍ଲେଖରେ ମଧ୍ୟ କିଛି ସ୍ୱାତନ୍ତ୍ର୍ୟ ଅଛି; ମୈଥିଲ, କିକଟ, କାମରୂପାଦି କେବଳ

GPNanda Colln., Digitized by srujanika@gmail.com

ପୁରାଣ କଥା । ଗୌଡ଼ ସଙ୍ଗେ ସାକ୍ଷାତ ପରିଚୟ ଥାଇ ପିଥିଲ ମଗଧକୁ ଅପର ଜନପଦ ବୋଲି କାଞ୍ଚୀ, ମାଳୟ, ପାଣ୍ଡ୍ୟ ସଙ୍ଗେ ସ୍ଥାନ ଦେବାରେ ଅନ୍ୟ କିଛି ହେତୁ ନାହିଁ ।

ଅପୋଧାଧିପଙ୍କ ବର୍ଣ୍ଣନାରେ ମଧ ଶ୍ରାମାଯ୍ୟଣ କୀର୍ତ୍ତି ଛଡ଼ା ଅନ୍ୟ କିଛି କଥା ନାହିଁ । ମାଳୟ ପ୍ରଭୃତ ରାଜାଙ୍କ ଦାସୀ-ମାନେ ବିଦ୍ରୂପ ଉପହାସ କରି ଅଛନ୍ତି । ସାକ୍ଷାତ୍ ଜ୍ଞାନାଭାବରୁ କବିଙ୍କର ଦ୍ରାବିଡ଼ ରାଜାମାନଙ୍କ ପ୍ରତି ଘୃଣା ଏହାର କାରଣ ହୋଇପାରେ ।

ବିଶେଷ ଦେଖିବାର କଥା, ଏହି ସବୁ ରାଜାମାନଙ୍କ ମଧ୍ୟରେ ହସ୍ତିନା, ଗାନ୍ଧାର, ସିନ୍ଧୁ ପ୍ରଭୃତ ପଞ୍ଜାବ ଦେଶୀୟ ପୁରାଣ ପ୍ରସିଦ୍ଧ ରାଜ୍ୟମାନଙ୍କର ଉଲ୍ଲେଖ ନାହିଁ । ଶ୍ରୀହର୍ଷଙ୍କ ସମୟରେ ପଞ୍ଜାବ ଓ ଗାନ୍ଧାର (ଅଫଗାନସ୍ଥାନ) ମୁସଲମାନ ଅଧିକୃତ ଥିଲ । ତେଣୁ ସେ ସବୁର ପ୍ରଶଂସା କବିଙ୍କର ତଥା ତାଙ୍କ ପୃଷ୍ଠପୋଷକ ରାଜାଙ୍କର ରୁଚିର ଅନୁକୂଳ ନଥିବା ସ୍ୱାଭାବିକ । ଦିଲ୍ଲୀ (ଇନ୍ଦ୍ରପ୍ରସ୍ଥ) ପୃଥ୍ୱୀରାଜଙ୍କ ଅଧୀନ ଥିବାରୁ ମଧ ସେହି ଦଶା ଲଭିଥିଲା । କବି ଭୌଗୋଳିକ ଓ ଐତିହାସିକ ବିବରଣର ଅଭାବ ପୂର୍ଣ୍ଣ କରିବାକୁ ପୁରାଣ ଭୂଗୋଳ ଆଶ୍ରୟ କରି ଦେବଲୋକ, ନାଗ ଲୋକ, ପୁଷ୍କର ପ୍ଲକ୍ଷ, କ୍ରୌଞ୍ଚ ପ୍ରଭୃତ ଦ୍ୱୀପ ଓ ସେଠାର ଅଧିପମାନଙ୍କୁ ସ୍ଥୂଳତଃ କହି ଜମ୍ବୁଦ୍ୱୀପ (ଭାରତ) ରାଜାମାନଙ୍କ ବିବରଣ ଅବନ୍ତୀଠାରୁ ଆରମ୍ଭ କରି ଅଛନ୍ତି ।

GPNanda Colln., Digitized by srujanika@gmail.com

ଶ୍ରୀହର୍ଷଙ୍କ କାଳ ଓ ଜୀବନ ଚରିତ ସମ୍ବନ୍ଧରେ ଅଭ୍ୟନ୍ତରୀଣ ପ୍ରମାଣ ବଡ ସଙ୍କୀର୍ଣ୍ଣ । ଶ୍ରୀହର୍ଷଙ୍କ ଲିଖିତ ବଙ୍ଗପୃ ପ୍ରଶସ୍ତି, ଗୌଡ଼େଶ୍ୱର କୁଳପ୍ରଶସ୍ତି ଓ ସାହସାଙ୍କ ଚରିତ ପ୍ରଭୃତି ପୁସ୍ତକମାନ ଏପର୍ଯ୍ୟନ୍ତ ମିଳି ନଥିବାରୁ ସେ ସବୁର ଆଲୋଚନା ହୋଇନାହିଁ । ବାହ୍ୟ ପ୍ରମାଣ ମଧ୍ୟରେ ଖ୍ରୀଷ୍ଟ ଚତୁର୍ଦ୍ଦଶ ଶତାବ୍ଦୀରେ ଲିଖିତ ପ୍ରାକୃତ ଭାଷାର ପ୍ରଧାନ କବି ଶ୍ରୀ ରାଜଶେଖରସୂରିଙ୍କ "ପ୍ରବନ୍ଧକୋଷରେ ଶ୍ରୀହର୍ଷ ବିଦ୍ୟାଧର" ଜୟନ୍ତଚନ୍ଦ୍ର ପ୍ରବନ୍ଧ ଓ ହରିହର ପ୍ରବନ୍ଧାଦି ଗ୍ରନ୍ଥ ପ୍ରଧାନ ଓ ବିଶ୍ୱାସଯୋଗ୍ୟ ବୋଲି ବିବେଚିତ ହୁଏ । ସେ ସବୁର ଆଲୋଚନାର ସିଦ୍ଧାନ୍ତ ସଂକ୍ଷେପତଃ ଏଠାରେ ଦିଆଗଲା ।

ଶ୍ରୀହର୍ଷ "ନୈଷଧୀୟ ଚରିତରେ" ପ୍ରତି ସର୍ଗ ସମାପ୍ତି ଶ୍ଳୋକରେ ନିଜର ପିତାଙ୍କ ନାମ ଶ୍ରୀହୀର ଓ ମାତାଙ୍କ ନାମ ମାମଲ୍ଲଦେବୀ ବୋଲି ଲେଖି ଅଛନ୍ତି । ମାମଲ୍ଲ ନାମଟିରେ ମୁସଲ-ମାନ ଶବ୍ଦ ଅଛି ବୋଲି କେହି୨ ଅନୁମାନ କରନ୍ତି । ଏହା ଛଡା ଗ୍ରନ୍ଥ ଶେଷରେ ସେ ନିଜେ କାନ୍ୟକୁବ୍ଜପତିଙ୍କ ଠାରୁ ଦୁଇ-ଖଣ୍ଡି ପାନ ଓ ଆସନ ସମ୍ମାନ ଚିହ୍ନ ସ୍ୱରୂପ ପାଉଥିବାର କଥା ଲେଖିଅଛନ୍ତି । ଏହି କାନ୍ୟକୁବ୍ଜ ପତି ଜୟନ୍ତଚନ୍ଦ୍ର ବା ଜୟ-ଚନ୍ଦ୍ରଙ୍କଦ୍ୱାରା ଶ୍ରୀହର୍ଷ ପାଳିତ ହୋଇଥିଲେ । ପୁଣି ଏହି ରାଠୋର ଜୟଚନ୍ଦ୍ରଙ୍କ ସମ୍ବନ୍ଧରେ ଅଧିକ ଲେଖିବା ନିଷ୍ପ୍ରୟୋ-ଜନ । ଏ ଭାରତ ଇତିହାସରେ ପ୍ରସିଦ୍ଧ । ଏହାଙ୍କର କନ୍ୟା ସଂଯୁକ୍ତାର ସ୍ୱୟମ୍ବର, ଏହାଙ୍କରି ମାଉସୀ ପୁଅ ଦିଲ୍ଲୀ ଅଜମୀରପତି ତରୁଣ ପୃଥ୍ୱୀରାଜଙ୍କ ପ୍ରତି ଏହାଙ୍କ ଦ୍ୱେଷ,

GPNanda Colln., Digitized by srujanika@gmail.com

ଏହାଙ୍କଦ୍ୱାରା ଘୋଗୀ ମୁସଲମାନମାନଙ୍କର ଭାରତକୁ ଆକ୍ରମଣ ଓ ଶେଷରେ ସେହି ଘୋରୀମାନଙ୍କ ହାତେ ଏହାଙ୍କ ପତନ (୧୧୯୪ଖ୍ରୀ) ପ୍ରଭୃତି ଏ ଦେଶର ପ୍ରତ୍ୟେକ ସ୍କୁଲ ଛାତ୍ର ଜାଣନ୍ତି ।

ଏହି ଜୟଚନ୍ଦ୍ରଙ୍କ ପିତା ବିଜୟଚନ୍ଦ୍ର ବଡ ପରାକ୍ରମୀ ରାଜା ଥିଲେ । ଶ୍ରୀହର୍ଷ ଏହାଙ୍କୁ ନେଇ "ବିଜୟ ପ୍ରଶସ୍ତି" କାବ୍ୟ ଲେଖିଥିଲେ, ୫ମ ସର୍ଗ ସମାପ୍ତି ଶ୍ଳୋକରେ ଉକ୍ତ ଅଛି । ଏହି ବିଜୟଙ୍କ ପିତା ଗୋବିନ୍ଦଚନ୍ଦ୍ର, ତାଙ୍କ ପିତା ମଦନପାଳ, ତାଙ୍କ ପିତା ଚନ୍ଦ୍ରଦେବ । ଚନ୍ଦ୍ରଦେବ ପ୍ରବଳ ପରାକ୍ରାନ୍ତ ଓ ଦାନଶୀଳ ଥିଲେ । ଏ କାଶୀ ପ୍ରଭୃତି ନିଜ ରାଜ୍ୟଭୁକ୍ତ କରିଥିବା ବର୍ଣ୍ଣିତ ଅଛି ।

କିଂବଦନ୍ତୀରୁ ସଂଗ୍ରହ କରି ରାଜଶେଖର ଲେଖି ଅଛନ୍ତି ଯେ ଶ୍ରୀହର୍ଷଙ୍କ ପିତା ଶ୍ରୀହୀର ରାଜସଭା ପଣ୍ଡିତମାନଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ମଲାବେଳେ ସେ ଶ୍ରୀହର୍ଷଙ୍କୁ କହିଗଲେ "ପୁତ୍ର, ତୁ ନିଜେ ଯୋଗ୍ୟ ହୋଇ ଏହି ପଣ୍ଡିତମାନଙ୍କୁ ପରାସ୍ତ କରିବୁ ।" ଶ୍ରୀହର୍ଷ ତହୁଁ ନାନା ଦେଶକୁ ଯାଇ ବିଦ୍ୟାଧ୍ୟୟନ କରି ପ୍ରବଳ ପଣ୍ଡିତ ହୋଇ ଆସି ରାଜ ସଭାରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ । ସେ ଚିନ୍ତାମଣି ମନ୍ତ୍ର ଜପି କବିତ୍ୱ ପାଇଥିବାର ପ୍ରଥମ ସର୍ଗ ସମାପ୍ତି ଶ୍ଳୋକରେ ଲେଖି ଅଛନ୍ତି । ତାଙ୍କର ପ୍ରଥମ ରଚିତ କାବ୍ୟ କଷ୍ଟ ଓ ଦୁର୍ବୋଧ୍ୟ ହେବାରୁ ଦେବୀଙ୍କ ଆଦେଶରେ ସେ ରାତିରେ ଦହି ଖାଇ ମେଧା ହ୍ରାସ କରି ନୈଷଧୀୟ ଚରିତାଦି ସୁବୋଧତର କାବ୍ୟ ପରେ ଲେଖିଲେ ।

GPNanda Colln., Digitized by srujanika@gmail.com

"ନୈଷଧୀୟ ଚରିତ" ଲେଖି ସାରି (୧୧୭୪ ଖ୍ରୀଷ୍ଟାବ୍ଦରେ ଏହି କାବ୍ୟ ଶେଷ ହୋଇଥିବା ସ୍ଥିର ହୋଇଅଛି) ଜୟଚନ୍ଦ୍ରଙ୍କ ସଭାରେ ଦେଖାଇବାରୁ ପଣ୍ଡିତମାନଙ୍କର ମତାନୁସାରେ ରାଜା କହିଲେ "ଶ୍ରୀହର୍ଷ ! ତୁମ୍ଭେ କାଶ୍ମୀର ଯାଇ ସେଠା ପଣ୍ଡିତମାନଙ୍କ ପ୍ରଶଂସାପତ୍ର ଆଣ, ସେଠାରେ ସାକ୍ଷାତ୍ ସରସ୍ୱତୀ ଅଛନ୍ତି । ସେ ଅପକାବ୍ୟ ଗ୍ରହଣ କରିବେ ନାହିଁ ।" ଶ୍ରୀହର୍ଷ କାଶ୍ମୀର ଯାଇ ସରସ୍ୱତୀଙ୍କ ହାତେ ପୁସ୍ତକ ଦେବାରୁ ସେ ତାହା ଫିଙ୍ଗି ଦେଲେ । ସରସ୍ୱତୀ ବିଷ୍ଣୁଙ୍କ କନ୍ୟା ଥିବା ସ୍ଥଳେ ଦଶମ ସର୍ଗରେ ପତ୍ନୀ ବୋଲି ଲେଖିବା ପ୍ରମାଦ ବୋଲି ଦେବୀ କହିଲେ । ଶ୍ରୀହର୍ଷ ବହୁ ପୁରାଣାନ୍ତରୁ ଦେବୀଙ୍କ ବିଷ୍ଣୁ-ପତ୍ନୀତ୍ୱ ପ୍ରତିପାଦନ କରିବାରୁ ପୁସ୍ତକ ଗୃହୀତ ହେଲା । ମାତ୍ର ପଣ୍ଡିତମାନେ ଦ୍ୱେଷପର ହୋଇ ପ୍ରଶଂସା ପତ୍ର ଦେଲେ ନାହିଁ । କେତେକ ମାସ ଗଲା । ଶ୍ରୀହର୍ଷ ଯହିଁ ଘାଟରେ ଅଧିକ କରୁଅଛନ୍ତି, ଦୁଇଜଣ ସ୍ତ୍ରୀ କଳହ କଲେ । ମୋକଦମା ହେଲା; ଶ୍ରୀହର୍ଷ ଏକମାତ୍ର ସାକ୍ଷୀ ହେଲେ; କାଶ୍ମୀର ଭାଷା ଜାଣି ନ ଥିବାରୁ ସେ ସ୍ତ୍ରୀମାନଙ୍କ କଥୋପକଥନ ଅବିକଳ ଅର୍ଥ ନବୁଝି ରାଜାଙ୍କ ଆଗେ କହିଗଲେ । ରାଜା ବିସ୍ମିତ ହେଲେ, ଶ୍ରୀହର୍ଷଙ୍କ ପରିଚୟ ପାଇ ନିଜ ପଣ୍ଡିତମାନଙ୍କୁ ଧିକ୍କାର ଦେଲେ । ପଣ୍ଡିତମାନେ ତାଙ୍କୁ ପ୍ରଶଂସା ପତ୍ର ଦେଲେ ।

ରାଜଶେଖର ଶ୍ରୀହର୍ଷଙ୍କ ବଂଶଧର ହରିହରଙ୍କୁ "ଗୌଡ଼-ଦେଶ୍ୟ" କହି ଶ୍ରୀହର୍ଷଙ୍କୁ "ଗୌଡ଼ଦେଶୀୟ" ବୋଲି ସ୍ଥିର କରି ଅଛନ୍ତି । ଶ୍ରୀହର୍ଷ ଯେ ଦେଶର ହେଉନ୍ତୁ ସେହିମ ତାଙ୍କର

GPNanda Colln., Digitized by srujanika@gmail.com

ପ୍ରଧାନ ଖାଦ୍ୟ ନଥିଲା ଏବଂ ସେ ସବୁ ସଫା ଗୃହସ୍ଥଙ୍କ ଭିତର ବଡ ପ୍ରିୟ ଥିଲେ । ଷୋଡଶସର୍ଗ ବର୍ଣ୍ଣିତ ବିବାହ ଭୋଜୀ ସାମଗ୍ରୀ ଓ ୨୧ଶ ସର୍ଗ ବର୍ଣ୍ଣିତ ଦେବ ନୈବେଦ୍ୟ ବିବରଣରୁ ଏହା ସ୍ପଷ୍ଟ ଜଣାପଡେ । ୪ର୍ଥ ସର୍ଗ ୬୪ ଶ୍ଲୋକରେ ବଳକଭାତର (ଦହିପଖାଳ) ସୁଖାଦ୍ୟ ବୋଲି ମଧ ସେ ସୂଚନା ଦେଇ-ଅଛନ୍ତି । ପୁଣି "ଗୌଡେଶ-କୁଳ-ପ୍ରଶସ୍ତି" ଲେଖିବା ମଧ୍ୟ ତାଙ୍କର ଗୌଡ-ଦେଶୀୟତା ସମର୍ଥନ କରୁଅଛି ।

ଶ୍ରୀହର୍ଷ ତତ୍କାଳୀନ ମଧ୍ୟଯୁଗ ପଣ୍ଡିତମାନଙ୍କ ମଧରେ ଅଗ୍ରଗଣ୍ୟ ଥିଲେ ସନ୍ଦେହ ନାହିଁ । କାବ୍ୟମାନଙ୍କ ଛଡା ସେ ଦର୍ଶନ ବିଷୟରେ ଗ୍ରନ୍ଥମାନ ଲେଖିଥିଲେ । "ସ୍ଥୈର୍ଯ୍ୟ-ବିଚାରଣ-ପ୍ରକରଣ" ଓ "ଖଣ୍ଡନ-ଖଣ୍ଡ-ଖାଦ୍ୟ" ନାମକ ତର୍କ ଗ୍ରନ୍ଥ ଦ୍ୱୟ ପ୍ରତି ସେ ନିଜେ ୪ର୍ଥ ଓ ୬ଷ୍ଠ ସର୍ଗର ସମାପ୍ତି ଶ୍ଳୋକରେ ଲକ୍ଷ୍ୟ କରି ଅଛନ୍ତି । ତାହା ବ୍ୟତୀତ ତାଙ୍କ କାବ୍ୟମାନ ମଧ ଶାସ୍ତ୍ରୀୟ ଇଙ୍ଗିତରେ ପୂର୍ଣ୍ଣ ରହିଅଛି । ଉଦାହରଣ ସ୍ୱରୂପ "ନୈଷଧୀୟ ଚରିତରେ" ଅନ୍ୟାନ୍ୟ ଅସଂଖ୍ୟ ଇଙ୍ଗିତ ମଧ୍ୟରେ ୧ମ ସର୍ଗ ୪୯, ୩ୟ ସର୍ଗ ୩୭ ଓ ୧୨୫ ପ୍ରଭୃତି ଶ୍ଳୋକରେ ନ୍ୟାୟ ଶାସ୍ତ୍ରର ଅଣୁ ଓ ବଂଶୁକ, ୨ୟ ସର୍ଗ ୩୬ ଶ୍ଳୋକରେ କାର୍ଯ୍ୟ କାରଣ ସମ୍ବନ୍ଧ, ୪ର୍ଥ ସର୍ଗ ୧୮ଶ ଶ୍ଳୋକରେ 'ପର୍ବତୋ ବହ୍ନିମାନ୍ ଧୂମାତ୍', ୧୧ଶ ସର୍ଗ ୧୬୯ ଶ୍ଳୋକରେ ଷଡଦ୍ୱାଦ ମଧରେ ଏକ ବ୍ରହ୍ମ, ୧୩ଶ ସର୍ଗ ୩୬ ଶ୍ଳୋକରେ ପଞ୍ଚବାଦରେ ଅଦ୍ୱୈତ ପ୍ରଭୃତି ଦର୍ଶନ ଶାସ୍ତ୍ର କଥା, ନବମ ସର୍ଗ ୧୦୪ ଶ୍ଳୋକରେ ବନ୍ଧୁଭୂଚକ ଅଳଙ୍କାର,

GPNanda Colln., Digitized by srujanika@gmail.com

୧୦ମ ସର୍ଗ ୧୩୫ ଶ୍ଳୋକରେ 'ସ୍ଥାନବଦାଦେଶୋ‌ନଲ୍‌ବଧୌ' ସୂତ୍ର, ୧୯ଶ ସର୍ଗ ୬୧ ଶ୍ଳୋକରେ ଘୃନ୍‌ଙ୍ଖ୍ୟା ପ୍ରଭୃତି ଅଳଙ୍କାର ଓ ବ୍ୟାକରଣଗତ ସଙ୍କେତ ଏଠାରେ ଉଲ୍ଲେଖ କରାଯାଇ ପାରେ ।

ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଶ୍ରୀହର୍ଷଙ୍କ ବେଳକୁ ସ୍ୱାଧୀନ ବୌଦ୍ଧ ଓ ହିନ୍ଦୁ ଭାରତର ମୌଳିକ ପାଣ୍ଡିତ୍ୟର ଯୁଗ ନ ଥିଲା । ତଥାପି ମଧ୍ୟଯୁଗର ଟୀକା ବ୍ୟାଖ୍ୟା ସ୍ମୃତି ପୁରାଣାଦିର ପାଣ୍ଡିତ୍ୟରେ ଏକ ପ୍ରକାର ଅସାଧାରଣ ବ୍ୟୁତ୍ପତ୍ତି ଲାଭ କରି ଶ୍ରୀହର୍ଷ ସେଥି ସଙ୍ଗେ ନିଜର କାବ୍ୟ କଳା କୌଶଳ ମିଶାଇଥିଲେ । ତେଣୁ ଶ୍ରୀହର୍ଷଙ୍କଠାରେ ଭାରତୀୟ କାବ୍ୟ କଳା ଚରମ ଦଶା ଲଭିଅଛି । ଓଡ଼ିଶାର ପ୍ରାଚୀନ କାବ୍ୟ ସାହିତ୍ୟ ବିଶେଷରେ ଭଞ୍ଜୀୟ କାବ୍ୟକଳା ଏହି ଶ୍ରୀହର୍ଷ ଛାଞ୍ଚରେ ଢଳା । ଭଞ୍ଜୀୟ କବିତାର ଅନେକ ସ୍ଥଳରେ ଶ୍ରୀହର୍ଷଙ୍କର ସ୍ପଷ୍ଟ ଅନୁକୃତି, ଏପରିକି ପ୍ରଚ୍ଛନ୍ନ ଅନୁବାଦ ମଧ୍ୟ ଲକ୍ଷ୍ୟ କରାଯାଇ ପାରେ । ନବଯୁଗର କବି ରାଧାନାଥ ମଧ୍ୟ "ନୈଷଧୀୟ ଚରିତର" ଏକମାତ୍ର ରୁଚିର କଳ୍ପନା ୧୭ଶ ସର୍ଗ ବର୍ଣ୍ଣିତ କଳିର ଆଗମନ ନିଜର ଶ୍ରେଷ୍ଠ କାବ୍ୟ "ମହାଯାତ୍ରାର" ୪ର୍ଥ ସର୍ଗରେ ପ୍ରସଙ୍ଗରେ ପକାଇ କୌଶଳରେ ବିଷୟ ଓ ବିନ୍ୟାସ ପର୍ଯ୍ୟନ୍ତ ଅନୁକରଣ କରି ଅଛନ୍ତି ।

ରାଜକୀୟ କାର୍ଯ୍ୟରେ ଅବସର ଏକାନ୍ତ ଅଭାବ, ମାତ୍ର ଯଦି କିଞ୍ଚିତ ଅବକାଶ ମିଳିଲେ ଉତ୍କଳ ସାହିତ୍ୟର ଶ୍ରୀବୃଦ୍ଧି କଳ୍ପେ ତାହା ବ୍ୟୟ କରିବା ବାସନା ଅମ୍ଭେ ବରାବର ରଖି ଥାଉଁ ।

GPNanda Colln., Digitized by srujanika@gmail.com

ସେହି ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଲେଖକମାନଙ୍କୁ ଯଥା ଶକ୍ତି ଉତ୍ସାହ ଦେବା ଛଡା ନିଜେ ଚନ୍ଦ୍ରପ୍ରଭା ପ୍ରଭୃତି କେତେ ଖଣ୍ଡି କ୍ଷୁଦ୍ର କାବ୍ୟ ରଚନା କରି ପ୍ରକାଶ କରିଥିଲୁଁ । ଶ୍ରୀହର୍ଷ ଦେବଙ୍କ "ରତ୍ନାବଳୀ" ନାଟିକା ଓ କାଳିଦାସଙ୍କ "ଅଭିଜ୍ଞାନ ଶାକୁନ୍ତଳ" "ବିକ୍ରମୋର୍ବଶୀ" ନାଟକ ଦ୍ୱୟ ଏବଂ "ଋତୁ-ସଂହାର" କାବ୍ୟର ଅନୁବାଦ ମଧ୍ୟ ପ୍ରକାଶ କରିଥିଲୁଁ । ମହାକାବ୍ୟମାନଙ୍କ ମଧ୍ୟରୁ କେତେ ଖଣ୍ଡି ଅନୁବାଦ କରି ପ୍ରକାଶ କରିବାର ଇଚ୍ଛା ବରାବର ଥାଏ, ମାତ୍ର ତାହା ବହୁ ଦିନ ଅପୂର୍ଣ୍ଣ ଥିଲା । ଦୁଇ ବର୍ଷତଳେ କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଆକୁ ଏମ୍, ଏ, ରେ ସ୍ୱତନ୍ତ୍ର ବିଷୟ କରି ଗ୍ରହଣ କରିବାକୁ ସ୍ଥିର କଲେ ଏବଂ ଆମ୍ଭେ ଅଧ୍ୟାପନାର ବ୍ୟସ୍ତ ଭାର ବହନ କରି ଉକ୍ତ କାର୍ଯ୍ୟ ସହିତ ମୁଖ୍ୟ ଭାବରେ ସଂପୃକ୍ତ ହେଲୁଁ । ସେଥିରେ ଭଞ୍ଜାଦିଙ୍କ କବିତା ଓ କାବ୍ୟ କଳାର ପ୍ରସାର ଓ ପ୍ରଭାବ ପ୍ରଧାନ ପାଠ୍ୟ ହେବାର କଥା । ସେହି ବିଷୟକ ଆଲୋଚନାରେ ଦେଖା ଗଲା "ନୈଷଧୀୟଚରିତର" ଅନୁବାଦ ପ୍ରଥମେ ପ୍ରକାଶ କରିବା ଆବଶ୍ୟକ । ତେଣୁ ପ୍ରାୟ ଦେଢ଼ ବର୍ଷର ଅକ୍ଲାନ୍ତ ଯତ୍ନ ପରେ "ଏହି ନୈଷଧୀୟଚରିତର" ଅନୁବାଦ ପ୍ରକାଶ କଲୁଁ । ଏଥିରେ ଶ୍ରୀହର୍ଷଙ୍କର ଲିଖନ ପଦ୍ଧତିର ବିଶେଷତ୍ୱଠାରୁ ଶ୍ଳେଷ ଭଙ୍ଗୀ, ବିନ୍ୟାସ ଗୁରୁତ୍ୱ ପର୍ଯ୍ୟନ୍ତ ରଖିବାକୁ ଯଥା ସାଧ୍ୟ ଚେଷ୍ଟା କରାଯାଇ ଅଛି ଏବଂ ସଙ୍ଗେ ସଙ୍ଗେ ଅନୁବାଦର ପ୍ରାଞ୍ଜଳତା, ସୌଷ୍ଠବ ଓ ଭାଷାର ସାଧୁ ଶୁଦ୍ଧ ମଧୁରତା ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇ ଅଛି ।

GPNanda Colln., Digitized by srujanika@gmail.com

ଅସ୍ମାକଙ୍କୁ ଏହି ଅନୁବାଦ ପାଠରେ ପାଠକ ଉତ୍କଳ ସାହିତ୍ୟର ଆଲୋଚନା ସହିତ ଶ୍ରୀହର୍ଷ ଲେଖନୀର ସମ୍ୟକ୍ ପରିଚୟ ପାଇବେ । ଅବଶ୍ୟ ଏ ସବୁ ଆମ୍ଭର ଭରସା, ମାତ୍ର ପାଠକମାନଙ୍କର ଆଦର ଏହାର ଯଥାର୍ଥ ପ୍ରମାଣ । "ନୈଷଧୀୟ ଚରିତର" ଅନୁବାଦ କିପରି କଠିଣକାର୍ଯ୍ୟ ତାହା ଜାଣି ପାଠକ ମଧ୍ୟ ସହାନୁଭୂତି କରିବାର ଭରସା କରିଅଛୁଁ । ଏହି ସାଧୁ ସହାନୁଭୂତି ପାଠକମାନଙ୍କ ଆଦରର ଗୋଟିଏ ଉପାଦାନ ବୋଲିବାକୁ ହେବ ।

ପରିଶେଷରେ ବକ୍ତବ୍ୟ ଯେ ସତ୍ୟବାଦୀର ସୁପରିଚିତ ପଣ୍ଡିତ ଶ୍ରୀନୀଳକଣ୍ଠ ଦାସ ଏମ୍, ଏ, ଓ ସମ୍ବଲପୁର ଜିଲାସ୍କୁଲର ପ୍ରଧାନ ପଣ୍ଡିତ ଶ୍ରୀଯୁକ୍ତ ଫକୀର ମିଶ୍ର କାବ୍ୟତୀର୍ଥ ଏହିକାବ୍ୟର ଆଲୋଚନା ଓ ଅନୁବାଦ କାର୍ଯ୍ୟରେ ଆମ୍ଭଙ୍କୁ ବିଶେଷ ଉତ୍ସାହ ଓ ସାହାଯ୍ୟ ଦାନ କରି ଅଛନ୍ତି, ଏବଂ ବିଶେଷରେ ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାସ ଛାପାଖାନାରେ ପୁସ୍ତକ ଥିବାବେଳେ ସମସ୍ତ କାବ୍ୟର ପ୍ରୁଫ୍ ଦେଖି ସର୍ଗ ଶେଷମାନଙ୍କରେ ଟୀକାର ସଂକେତ ସବୁ ଯୋଗ କରି ଅଛନ୍ତି । ସେଥିପାଇଁ ଆମ୍ଭେ ସେମାନଙ୍କଠାରେ କୃତଜ୍ଞତା ସ୍ୱୀକାର କରୁଅଛୁଁ ।

ଆମ୍ଭର ସ୍ନେହାସ୍ପଦ ଜ୍ୟେଷ୍ଠପୁତ୍ର ସ୍ୱର୍ଗୀୟ ଶ୍ରୀ ସୋମଭୂଷଣ ସିଂହ ଦେବ ତରୁଣାବସ୍ଥାରେ ମେଟ୍ରିକୁଲେସନ ପରୀକ୍ଷାରେ କୃତକାର୍ଯ୍ୟ ହେବାପରେ କେତେକ ସମୟ କଲିକତା ପ୍ରେସି-ଡେନ୍ସି କଲେଜରେ ଶିକ୍ଷା କରୁଥିଲେ । ତେତେବେଳେ ଶ୍ରୀ ଯୁବରାଜ ଉତ୍କଳରୁ ସୁଦୂରବର୍ତ୍ତୀ ଭିନ୍ନ ଦେଶରେ ଓ ଭିନ୍ନ

GPNanda Colln., Digitized by srujanika@gmail.com

ଭାଷାଭାଷୀ ମଧ୍ୟରେ ଥିଲେ ମଧ୍ୟ ମାତୃଭାଷା ପ୍ରତି ତାହାଙ୍କର ପ୍ରଗାଢ଼ ଅନୁରାଗ ଥିଲା । ସେ ସମସ୍ତ ସମୟରେ ଓଡ଼ିଆରେ ଗଦ୍ୟ କେବେ କେବେ ପଦ୍ୟମୟ କବିତା ଲେଖି ଆମ୍ଭଙ୍କୁ ଶୁଣାଉଥିଲେ । କଲେଜ ତ୍ୟାଗର ଅବ୍ୟବହିତ ଅଳ୍ପ ସମୟ ମଧ୍ୟରେ ଶିକ୍ଷା ଉଦ୍ଦେଶ୍ୟରେ ଶାସନ ଓ ବିଚାର ବିଭାଗର ଅଧିକାଂଶ କାର୍ଯ୍ୟ-ଭାର ଗ୍ରହଣ କରି ଆମ୍ଭଙ୍କୁ ମହାମୂଲ୍ୟ ସାହାଯ୍ୟ ଦେବାକୁ ବ୍ରତୀ-ହେଲେ । ଯୁବରାଜ ନିଜର ଅଧ୍ୟବସାୟିତା ଗୁଣରେ ଦେଶକ ସମସ୍ତ ମଧ୍ୟରେ ପ୍ରକୃତିପୁଞ୍ଜର ଓ ଆମ୍ଭର ପ୍ରୀତି ଆକର୍ଷଣ କରି-ବାକୁ ସକ୍ଷମ ହୋଇଥିଲେ । ଯୁବରାଜଙ୍କ ସାହିତ୍ୟ ଆଲୋଚନା କରିବାକୁ ଅବସର ନିତାନ୍ତ ଊଣା ଥିଲା; ତଥାପି ସେ ନାନା କୌଶଳରେ କିଛି ସମୟ ବାହାର କରି ତାହା ତାରୁଣ୍ୟ-ସୁଲଭ ଖେଳ ପ୍ରଭୃତି ପରିଣାମ ନୀରସ ବିଷୟରେ ବ୍ୟସ୍ତ ନକରି ସାହିତ୍ୟ ଚର୍ଚ୍ଚାରେ ଅତିବାହିତ କରୁଥିଲେ । ସ୍ୱର୍ଣ୍ଣପୁରର ଦୁର୍ଭାଗ୍ୟ ବଶତଃ ପ୍ରତିକୂଳ ଦୈବ ଉକ୍ତ ଯୁବରାଜଙ୍କୁ ଅକାଳରେ ଘେନି ଯାଇ ନ ଥିଲେ ସେ ଯେ ଉତ୍କୃଷ୍ଟ ଶାସକ ଓ ସାହିତ୍ୟିକ ହୋଇଥାନ୍ତେ ଏଥିରେ ସନ୍ଦେହ ନ ଥିଲା । ଯୁବରାଜ ଏହି ନଗଣ୍ୟ ସମୟ ମଧ୍ୟରେ ଉତ୍କଳ ଭାଷାରେ ରଚିତ ତିନି ଚାରି ଖଣ୍ଡି ଗ୍ରନ୍ଥ ପ୍ରକାଶ କରିଅଛନ୍ତି । ସେ ଅଭ୍ୟାସର ପାଠକ ନିମନ୍ତେ ଅନ୍ୟ କାବ୍ୟରୁ ଓ ନୈଷଧୀୟ ଚରିତରୁ କେଉଁ ସର୍ଗରୁ ଗୋଟିଏ କେଉଁ ସର୍ଗରୁ ପାଞ୍ଚ ଛଅଟି ଶ୍ଲୋକ ପଦ୍ୟରେ ଅନୁବାଦ କରି ଆମ୍ଭଙ୍କୁ ଦେଖାଉଥିଲେ । ନୈଷଧୀୟ ଚରିତ କାବ୍ୟକୁ ଉତ୍କଳ

GPNanda Colln., Digitized by srujanika@gmail.com

ପଦ୍ୟରେ ଅନୁବାଦ କରିବା ତାହାଙ୍କର ପୂର୍ଣ୍ଣ ଆକାଂକ୍ଷା ଥିଲା । ଏହା ଆମ୍ଭେ କାର୍ଯ୍ୟତଃ ଅବଗତ ହେଲୁଁ । ଏଣୁ ଆମ୍ଭେ ସର୍ବ ପ୍ରଥମରେ " ନୈଷଧୀୟ ଚରିତ " କାବ୍ୟର ଅନୁବାଦ ଆରମ୍ଭ କଲୁଁ ।

ଏହି ଉଦ୍ୟମ ଯୁବରାଜଙ୍କ ଇଚ୍ଛା ଓ ଉତ୍ସାହର ଫଳ । ଅତଏବ ଏହି ଗ୍ରନ୍ଥ ଯୁବରାଜ ଶ୍ରୀ ସୋମଭୂଷଣ ସିଂହ ଦେବଙ୍କର ପବିତ୍ର ସ୍ମୃତି ଚିରଦିନ ଜାଗରୂକ ରହିବ ବୋଲି ତାହାଙ୍କ ପୂତ ନାମରେ ଉତ୍ସର୍ଗ କରାଯାଇଅଛି ।

ପରିଶେଷରେ ସ୍ୱର୍ଗଗତ ଶ୍ରୀ ସୋମଭୂଷଣ ସିଂହ ଦେବ ଯୁବରାଜଙ୍କ ସଂକଳନ "ନୈଷଧୀୟ ଚରିତ" କାବ୍ୟର ସର୍ଗ-ସଂଗ୍ରହ ଏଥିରେ ସଂଯୋଗ କରାଗଲା । ଏହି ସର୍ଗ-ସଂଗ୍ରହରେ "ନୈଷଧୀୟ ଚରିତର" ପ୍ରତ୍ୟେକ ସର୍ଗର ବିବରଣ ସଂକ୍ଷେପରେ ଏକ ଏକ ଶ୍ଳୋକରେ ବିବୃତ ହୋଇଅଛି। ଏଥିରୁ କାବ୍ୟ ବର୍ଣ୍ଣିତ ସାର ସାର ବିଷୟ ଜଣାଯିବ ଏବଂ ପାଠକବର୍ଗଙ୍କ ପଠନ ସମୟରେ କିଛି ସାହାଯ୍ୟ ଦାନ କରିବ । ଅଳମିତି ।

ରାଜଧାନୀ ସ୍ୱର୍ଣ୍ଣପୁର ତା ୩।୫।୧୯୬୩ ଫାଲ୍ଗୁନ ପୂର୍ଣ୍ଣିମା (ଶ୍ରୀକୃଷ୍ଣଙ୍କର ଦୋଳଯାତ୍ରା) ଶନିବାର	ପ୍ରଣେତା ଶ୍ରୀ ବୀରମିତ୍ରୋଦୟ ସିଂହ ଦେବ ମହାରାଜ ଓ ରୁଲିଙ୍ଗ୍ ଚିଫ୍, ସୋନପୁର ଷ୍ଟେଟ

GPNanda Colln., Digitized by srujanika@gmail.com

ସର୍ଗ ସଂଗ୍ରହ

(ଶ୍ଳୋକରୁ ସର୍ଗାଙ୍କ ବୁଝିବାକୁ ହେବ)

ଥିଲେ ନଳ ରାଜା ଅନଳ ପ୍ରତାପ
ବିଦର୍ଭ କୁମାରୀ ଦମୟନ୍ତୀ,
ଦୁହେଁ ଗୁଣ ପ୍ରେମୀ, ଦୁହେଁ ଦୁହିଙ୍କର
ସ୍ମୃତିରେ ବିକଳ ହେଲେ ଅତି ।
ବିରହ ବିନୋଦେ କାନନେ ସେ ରାଏ
ଗଲେ ସ୍ୱର୍ଣ୍ଣହଂସ ଦେଖି ତହିଁ ।
ଧର, ତା' ଦହିଣି ଦେଖି ଛାଡ ଦେଲେ
ମଗଧେଶ ଦୟାଭାବ ବହି । ୧

କୁଚଙ୍କ ମରାଳ ଅସି ପୁଣି ନଳେ
କହିଲା କରିବ ଦମୟନ୍ତୀ,
କୁମ୍ଭଠାରେ ରାଏ ଏସନ ସେନେହେ
ଛାଡ଼ିବ ଯେସନ ସୁରପତି ।
ମୁଦେ ସେ ରାଜନ କହିଲେ, 'ହେ ଖଗ
ଯାଅ ସାଧ ତବ ଅଭିପ୍ସିତ ।'
ଉଡି ଯାଇ ପକ୍ଷୀ କୁଣ୍ଡିନ ଉଦ୍ୟାନେ
ଦେଖି ବାଳାବର ଉପସ୍ଥିତ । ୨

ମୋତେ ଧରିବାକୁ ଅସ୍ତୁ କି ବାଳା ?
ନଳ ପାଶୁ ଅସି ଅଛୁ ମୁହିଁ ।

GPNanda Colln., Digitized by srujanika@gmail.com

ମୋ ମନେ ଯେମନ୍ତ   ତେସନ ସ୍ୱରୂପେ
ବର ସ୍ୱଖେ ଦମୟନ୍ତୀ ଭୂପ ।
କହୁଁ ଖଗ, ଶୁଣି   କହିଲା ବନିତା—
'ବୋଲ ତାଙ୍କୁ ମୋତେ ପରିଣୟେ
ଘେନବେ ଯେସନ,'   ଶୁଣି ବେଗେ ଖଗ
ଅପି କାର୍ଯ୍ୟ ସିଦ୍ଧି ନଳେ କହେ । ୩
କରନ୍ତେ କୃଶାଙ୍ଗୀ   ଚନ୍ଦ୍ର ଅଦ୍ଧ ନନ୍ଦ
ସେ ଜ୍ୱର ଜ୍ୱାଳାରେ ଦେହ ଜ୍ୱଳ
ମୃନ୍ମୂର ବଦନେ   ସୁମନସ ପଇ
ମୋହ ଗନ୍ଧ ଝିଡ଼ ଚଳେ ତଳ ।
ପରିଶୃଷ୍ଟିମାନେ   କଲେ କୋଳାହଳ
ଶୁଣି ରାଜା ଭୀମ ଅପି ତହିଁ
ସୁତାରେ ତେସନ   ଦେଖି ଜାଣି ସବୁ
"ସ୍ୱୟମ୍ବର ହେବ" ଗଲେ କହି । ୪
ନାରଦୁଁ ଶୁଣିଲେ   ସ୍ୱୟମ୍ବର କଥା
ଦମୟନ୍ତୀ ଲାଭେ ଅଖଣ୍ଡଳ ।
ଶଚୀ ଶୋକ ଏଡ଼   ଅଗ୍ନି, ଯମ, ପାଶୀ,
ସଙ୍ଗେ ଘେନ ଅପି ଝିଡ଼ ଚଳ ।
"ପ୍ରହସ୍ତି ଅଦୃଶ୍ୟ   ହୋଇ ଅଛେ ନଳ
ଭୈମୀ ପାଶେ ଦୂତପଣେ ଚଳ ।
କର ତା'ରେ ଅମ୍ଭ   ଅଙ୍କ ଲକ୍ଷ୍ମୀ" ବୋଲି
ପେଶିଲେ ସେ ନଳେ ବହୁ ଛଳ । ୫

GPNanda Colln., Digitized by srujanika@gmail.com

ଭୁବନେ ତ ଏକା   ଦୃଶ୍ୟ ସେହି ନଳ
    ଅଦୃଶ୍ୟ ରୂପେ ତହୁଁ ଚଳଲେ ।
ପୁରୁଁ ପୁରେ ଭେଦି   ସେ ନାଗ୍ରୀ ମଧ୍ୟଲେ
    ଦମୟନ୍ତୀଙ୍କ ପାଶେ ମିଳଲେ ।
ଦମୟନ୍ତୀ ତହୁଁ   ଦେବଦୂତୀ କଥା
    ନାହିଁ ନାହିଁ କରୁଥିଲେ ଶୁଣି ।
ଦୂରୁ ଦୀର୍ଘଶ୍ୱାସ   ତେଜି ସେ ନୃପତି
    ନିଜ ଦୌତ୍ୟ ଭାବ ଭୁଲି ପୁଣି ।   ୬
ଅଦଭୂତ ପ୍ରୀତି—   ରସ ପାରାବାରେ
    ବୁଡ଼ି ନଳରାଣ ମନେ ମନେ,
ମୁଖରୁ ଅଚିନ୍ତି   ନାଶ ଶେଷ ଯାଏ
    ସ୍ତୁତି କରି ଗଲେ ତାରେ ଷଣେ ।
ଦଶି ଗଲେ ତହୁଁ,   ଦେଖିଲେ ସୁନ୍ଦରୀ
    ଦଶନ୍ତି ସେ ନଳ ଅସାମାନ୍ୟ
କଏ ତୁମ୍ଭେ କହ୍ମା   ଆସିଲ ଦେ ବୋଲି
    କଲେ ନଳେ ଭୈମୀ ପ୍ରଶ୍ନମାନ ।   ୭
ଦେବତାଙ୍କ ଦୂତ   ମୁହିଁ ଗୋ ବରାଙ୍ଗି
    ଧନ୍ୟ ଦମୟନ୍ତୀ ତୋର କୀର୍ତ୍ତି ।
ଦେବଗଣ ଭୂଲେ   ମୋ ମୁଖେ ବାସବ
    ବରି ତୋତେ କରୁଛନ୍ତି ପ୍ରୀତି ।
ତାଙ୍କ ମଧ୍ୟୁ ଏକେ   ବରି ଭୁଞ୍ଜ ସୁଖେ
    ନନ୍ଦନ କୃପିକେ କର ଲୀଳା ।

GPNanda Colln., Digitized by srujanika@gmail.com

ସତ ଏହା ଚାହିଁ   ନରେ ତୁ ନ ଭୁଲ
ବୋଲି ଲୋଭାଇଲେ ଗୃରୁଣୀଳା ।” ୮
ନଳେ ମୋର ଆଶା,   ଆଶାପଞ୍ଚଠାରେ
ନାହିଁ, ଭଏ ତୁମ୍ଭେ ନଳସମ;
କହନ୍ତେ ତରୁଣୀ,   କହନ୍ତ ସେ ନଳେ
ସୁରେ ଛନ୍ତ ନଳେ ଏ କି ଭ୍ରମ ।
କାନ୍ଦିଲେ ସୁମୁଖୀ,   ନଳ ତହୁଁ ଅପେ
ମୁହିଁ ନଳ ପ୍ରିୟେ କାନ୍ଦ ନାହିଁ,
ବୋଲି କହୁଁ କହୁଁ   ସେହୁ ହଂସ କାହୁଁ
ଗଗନୁ ଖହିଣ ମିଳେ ଯାଇ । ୯
ମହା ସ୍ୱୟମ୍ବର   ଉତ୍ସବେ ଅସିଲେ
ମହୀପତିମାନେ ମଧ୍ୟ ତହିଁ ।
ବାସବାଦ ଚାରି   ହରିତ ନାୟକ
ଛଳ କରି ନଳ ରୂପ ବହି ।
ନୃପ କୁଳ ଶୀଳ   ବର୍ଣ୍ଣି କହିବାକୁ
ନିଜେ ସରସ୍ୱତୀ ହେଲେ ଉଭା ।
ତହିଁ ଭୀମ ନୃପ   ତନୟା ଅଣାଇ
ରଖିଲେ ରାଜନ୍ୟ ମନ ଲୋଭା । ୧୦
ଦେବତା ଏମାନେ   ଏମାନେ ଟି ପୁଣି
ଅଚନ୍ତ୍ର ସୁନ୍ଦରୀ ବିଦ୍ୟାଧର ।
ଫଣାଧର ଏହୁ   ଏମାନେ ଟି ଦେବ
ଭିନ୍ନ ୨ ଦ୍ୱୀପାଧିପବର ।

GPNanda Colln., Digitized by srujanika@gmail.com

ତବେଂ ଯୋଗ୍ୟତମ ବର ଗୋ ସୁନ୍ଦରୀ
ଯନ୍ତ୍ରିଂ ତବ ରୂଚ ଏ ଉତ୍ତରେ ।
କହିଲେ ଭାରତୀ ବହୁତ ଗ୍ଲେବାଇ
ଛଡ଼ାଇଲା ସେ ବାଳା ଭାବ ନଳେ । ୧୧
ଅପର ଏ ସବୁ ଏ ପାଖେ ତୋ ପାଇଁ
ଅସମ୍ଭ୍ର ଷିତ୍ତ ଶାବମାନେ ।
ପୃଥ୍ୱୀ ଅଧିପ କ୍ରମେ ଏହୁ ଏହୁ
ମହା ପରାକ୍ରମବନ୍ତ ପ୍ରାଣେ ।
ଏଥିଂ ବର ଏକ କହିଲେ ସେ ବାଣୀ
ଶୁଣି ଥଗେ ଗଲ୍ଲ ବାଳାବର ।
ହବଷେ ବରନ୍ତ ବିପ୍ରପ୍ରେ ଦେଖିଲ୍ଲ
ଏବେ ସତ୍ତ୍ୱ ମଣ୍ଡି ପଞ୍ଚନଳ । ୧୨
ବରଚନ୍ଦି ଏବେ ଶାର ସେନୋଦୟ
ଏହୁ ପାଞ୍ଚ ଜଣୁଂ ବାଛି ଜଣେ ।
ଏ ମଧ୍ୟେ କପାଇଁ ଭ୍ରମୁ ଅଛୁ ବାଳା
ବାଛୁ ବାଛୁ ନଳେ ମନେ ମନେ ।
ଶ୍ଳେଷ ବାକ୍ୟମାନେ ଫଳାଇ ଦେବତା
ନଳ ପୁଣି କହିଗଲେ ବାଣୀ ।
ପଞ୍ଚ ନଳ ଦେଖି ଭ୍ରାନ୍ତ ଭାଲ ବାଳା
ସନ୍ଦେହେ ପଡ଼ିଲା ସେ ନ ଜାଣି । ୧୩
ବାଳା ସ୍ତବେ ତୁଷ୍ଟ ଧାଗୀଶେ ଜଣାଇଁ
ଦେଲେ ନଳ ଚହ୍ନିଂ ଲକ୍ଷ ପାଇ

GPNanda Colln., Digitized by srujanika@gmail.com

ମନେ ଦମୟନ୍ତୀ   ପ୍ରଣମି ସେ ଦେବେ
    ନଳକଣ୍ଠେ ମାଳା ଦେଲେ ଯାଇ ।
ବାଣୀ ଦେବଗଣ   ଗଗନୁ ଅନେକ
    ବର ଦେଇ ଯେବେ ଗଲେ ଚଳି ,
ଦମ୍ପତି ଶିରସେ   ପଡ଼ିଲା ସୁବାସେ
    କଳ୍ପ ପାଦପର ପୁଷ୍ପାବଳୀ ।   ୧୪

ବସ୍ତ୍ର ଅଳଙ୍କାର   ଅତି ଚମତ୍କାର
    ସ୍ନାନ ଅଙ୍ଗରାଗ ସମାବେଶେ ,
ବେଶପଟୁସଖୀ-   ଗଣେ ଅଂଗ ଶୋଭା
    ବଢ଼ି ପୁଣି ବାଳା ଶୋହେ ବେଶେ ।
ନଳ ସଙ୍ଗେ ତାଙ୍କ   ଗହଣ ମାନବେ
    ସ୍ୱ ବଚନ୍ଦ ଭୂଷା ରାଜମାନେ ।
ଭୀମ ନିମନ୍ତ୍ରଣେ   ଆସିଲେ ବିବାହେ
    ଉତ୍ସାହେ ଦେଖନ୍ତି ନାରୀମାନେ ।   ୧୫

ନୈଷଧେ ଦୁହିତା   ପାଣିଗ୍ରହ ବିଧି
    ସାରି ସେ ବିଦର୍ଭ-ମହୀପତି
ବରଯାତ୍ରୀ ଜନେ   ମହା ସଭାଜନେ
    ଦିବ୍ୟ ଭୋଜେ ଦେଲେ ତୋଷ ମତି ।
ଏସନ ବିବାହ   ସାରି ଭୀମ ଗୃହେ
    କେତେଦିନ ସୁଖେ ରହି ନଳ ।
ପ୍ରୀତ ମନେ ଭୈମୀ   ବିଳାସେ ବିଳସି
    ନୈଷଧେ ଫେରିଲେ ସେନା ବଳ ।   ୧୬

GPNanda Colln., Digitized by srujanika@gmail.com

ବଳେ ଭୀମ-ସୁତା-   ଲଭେ କ୍ରୂର କଳି
ଆସୁଥିଲା ପଥେ ଦେବଙ୍କୁ ଶୁଣି ।
"ନଳେ ସେ ବରିଛୁ ଯାଅନା ହେ ଚଳି"
ବୋଲି କୋପେ ହୋଇ ହୃଦେ ଗୁଣି ।
"କରିବ ମୁଁ ନଳ   ଭଇମୀ ବିୟୋଗ"
ବୋଲି ପାପୀ ସଂକଳପ କରି ,
ବୁଲି ବୁଲି କଷ୍ଟେ   ନଳ ହର୍ମ୍ୟୋଦ୍ୟାନେ
ବାହାଡ଼ା ପାଦପେ କଲା ସ୍ଥିତି ।   ୧୭
ମଣି-ରତ୍ନପୂର୍ଣ୍ଣ-   ସପ୍ତ ମହା ସୌଧେ
ସେ ମେଦିନୀ ଶକ୍ର ନଳ ସ୍ୱଣ ।
ପାଇଣ ଏସନ   ମହିଷୀ ଶଚୀ ସମା
ସେ ରମଣୀ ଭୋଗେ ଦେଇ ମନ ।
କଳା ପଣ୍ଡିତ ସେ   ରଜନୀରେ ଯତ୍ନେ
ବଶ କଲେ କ୍ରମେ ଲଜ୍ଜା ଗଲା ।
କନ୍ଦର୍ପ ବାରିଧି   ପାରଗାମୀ ତଥି
ସମସୁଖେ ରମିଲେ ଅବଳା ।   ୧୮
ନିଦ ଭାଙ୍ଗିବାରେ   ସକାଳେ ଆସିଲେ
ହରଷେ ସରସ ଗୀତ ଗାଇ ।
କରେ ମଧୁବାଦ୍ୟ   ବଜାଇ ଭବନ
ଉଦ୍ୟାନେ ବଳ ଏ ଉଲ୍ଲସାଇ ।
ତାଙ୍କ ଅଗ୍ରୁଁ ନଳ   ଉଠି ଯାଇଥିଲେ
ରଥେ ସୁରନଦୀ ସ୍ନାନରେ

GPNanda Colln., Digitized by srujanika@gmail.com

ଯିବାର ନ ଦେଖି   ଦେଖିଲେ ବଳଏ
   ସ୍ନାନାନ୍ତେ ଫେରିବା ଭବନରେ । ୧୯
ଅପରାହ୍ନେ ରାଜନେ   ପାଞ୍ଚେଟିଲେ ରାଣୀ
   ସ୍ୱର୍ଣ୍ଣିମ କମଳ ଦେଲେ ରାଏ ।
ନିତ୍ୟକର୍ମ ସାରି   ଦେଖିଲେ ସେ ରାଣୀ
   ବସିଛନ୍ତି ମାନିନୀ ପରାଏ ।
ମାନ ଭଙ୍ଗି ଧୀରେ   ଅଲିଙ୍ଗି ସଜନୀ
   ଜନେ ବାରି ନୀବି ଧରିବାରେ ।
ସରମେ ତରୁଣୀ   ଉଠି ତହୁଁ ବେଗେ
   ଗଲେ ଗୃରୁଗଢ ସେ ବାହାରେ । ୨୦
ସେଠୁଁ ବାହାରି   ସ୍ନିଛେ ରାଜଗଣେ
   ଗୃହିଁଣ ପ୍ରଣାମ ଘେନି ସୁଖେ ,
ସ୍ନାନ ସାରି ଶମ୍ଭୁ   ଅରଚି ମୁରାରି
   ସ୍ତୁତି ବିରଚିଲେ କେତେ ମୁଖେ ।
ଭୋଜନ ଅନ୍ତମେ   ଅଳପ ଭ୍ରମଣ
   ସାରି ମଞ୍ଚେ ବସି ପ୍ରିୟା ସଙ୍ଗେ ;
ସନ୍ଧ୍ୟା ବର୍ଣ୍ଣନାର   ଅମୋଦେ ସେ କେତେ
   ବର୍ଣ୍ଣିଗଲେ ନଭେ ଦେଶ ରଙ୍ଗେ । ୨୧
ସନ୍ଧ୍ୟା ବିଧି ସାରି   ନିର୍ମଳ ସେ ନଳ
   ପ୍ରଦୋଷର ସ୍ତବ କରି କରି ,
ଚନ୍ଦ୍ରୋଦୟ ଯାଏ   ପ୍ରୀତିରସ କେତେ
   କହିଗଲେ ପ୍ରିୟା କୋଳେଧରି ।

GPNanda Colln., Digitized by srujanika@gmail.com

ପ୍ରିୟା ମୁଖେ ଚନ୍ଦ୍ରୁଁ ଶୁଣି ଚନ୍ଦ୍ର ଯଶ
ଅମୃତ ସମାନ କାବ୍ୟଗୀରେ ,
ସ୍ମର ନବାନଳ ସ୍ମରି ସ୍ମରି ସ୍ୱଏ
ବୁଡ଼ିଲେ ଝମ୍ପୁ ଜଳଧିରେ । ॥

GPNanda Colln., Digitized by srujanika@gmail.com

ନୈଷଧୀୟ ଚରିତ

ପ୍ରଥମ ସର୍ଗ

ଯେଉଁ ନୃପତି କଥା ଶ୍ରବଣେ ପିଇ ,
ସୁଧାରସେ ଆଦର ବୁଧେ ଭୁଞ୍ଜଇ ;
କୀରତି ରାଜଛତ୍ରେ ରବି ମଣ୍ଡଳ
ବିକାଶି, ରବି ସମ ଥିଲେ ସେ ନଳ । ୧
ଉସନର୍ଦ୍ଧର କଥା ଅମିୟ ଯାର ,
ଅଦ୍ଭୁତ-ଗୁଣ ସେହି ନୃପତି ନଳ ;
ଜ୍ୱଳନ୍ତ ପରତାପେ ଶୋଧେ କୀରତି ,
ସୁବର୍ଣ୍ଣ ଦଣ୍ଡେ ଶୁଭ୍ର ସେ ରାଜ ଛତ୍ର । ୨
ଏ କଳି ଯୁଗେ ଖଣ୍ଡେ ଜଗତ ବ୍ୟଥା
ସୁକୃତି ମାନେ ସରସ ଯେ ପୁଣ୍ୟ କଥା ,
ଏ ମୋ ଭାରତୀ-ଜିହ୍ୱ ଦୋଷେ ବ୍ୟଥିତ ,
ସେ କଥା ବନ୍ଧ ହେବ ନକି ପବିତ୍ର ? ୩
ଚତୁର୍ଦ୍ଦଶ ବିଦ୍ୟାର ପଠନ , ଜ୍ଞାନ ,
ପ୍ରଚାର , ଦାନେ ଯେହୁ କରୁଁ ସାଧନ ;
ଏ ଚାରି ଦଶା ଲଭି, ସେ ଚତୁର୍ଦ୍ଦଶ
ବୋଲି ଜଗତେ ସତେ ପାଇଛି ଯଶ ! ୪

GPNanda Colln., Digitized by srujanika@gmail.com

ରସନା ଅଗ୍ରେ ଛନ୍ଦ ବେଦର ଲୀଳା ,
ଅଙ୍ଗ ବିସ୍ତାରେ ଅଷ୍ଟାଦଶ ଶୃଙ୍ଖଳା ;
ଅଠର ଦ୍ୱୀପ ସେ କି ଜଣିବା ଆଶେ ,
ଅଠର ନାମେ ବିଦ୍ୟା ଯଶ ପ୍ରକାଶେ ! ୫
ଅଂଶରେ ବହ୍ନି ଦିଗପାଳ ବିଭୂତି ,
କାମ-ପ୍ରସର-ରୋଧୀ ଦିଗନ୍ତ ପତି
ଶାସ୍ତ୍ର ରୂପୀ ତୃତୀୟ ନୟନ ଧରି ,
ବିରାଜିଲେ ଭୁବନେ ହିନେତ୍ର ସରି । ୬
ଗୃହପାଦେ ସ୍ୱକୃତ ସତ୍ୟେ ମହୀରେ ;
ନଳ ପ୍ରଭାବେ କେ ବା ତପ ନ କରେ ?
କନିଷ୍ଠ ପ୍ରପଦରେ ଅବନୀ ଛୁଇଁ ,
କୃଶ ଅଧର୍ମ ସତେ ତପ ସାଧଇ ! ୭
ଦୀପ୍ତ ପ୍ରତାପାନଳ ଧୂମରୁ ବଳି
ଅଭ୍ରଯାନେ ଉଠିଣ ଯାହାର ଧୂଳି ,
ସୁଧାବ୍ଧି ଛୁଇଁ , ପଙ୍କେ କଳଙ୍କି ତାହା ,
ଅଙ୍କେ ମୃଗାଙ୍କରୂପେ ରଜନୀ-ନାହା ! ୮
ଟଙ୍କାର-ଧ୍ୱନି-ମନ୍ତ୍ର ଶର-ଅସାରେ
ଅଙ୍ଗାର ପଡି ନଳ-ତେଜ-ଅନଳେ ,
ସହସ୍ର ଅରାତିର ଅଯଶ ରୂପେ
ଦିଶଇ ସତେ କି ସେ ବିଜିତ ଭୂପେ ! ୯

GPNanda Colln., Digitized by srujanika@gmail.com

ଦଗ୍ଧ-ଅଶେଷ-ଅରି-ପୁର-ଅନଳେ
ଦୀପ୍ତ-ବିକ୍ରମମୋଜ୍ଜ୍ୱଳ ମନ୍ତ୍ରୀ ମଣ୍ଡଳେ
ବୃଦ୍ଧି କି , ପୁରଜନ-ଆରତି-ଦୀପେ
ଶୋହିଲେ ନଳ ପାରି ସଂହାର ନୃପେ ? ୧୦
ଇତି-ଭୟ-ବିହୀନ ନଳ-ଶାସନେ
ଅତି ବୃଷ୍ଟି ରହିବ କାହିଁ ଭୁବନେ ?
କାହିଁ ନ ପାଇ ସେହ୍ନୁ ଆଶ୍ରୟ ତଳେ ,
ଅରାତି-ନୃପ-ବଧୂ-ନୟନେ ଝରେ । ୧୧
ମାଳୁ କି ସତେ ନଳ-ସେନା-ଗୃଭୁଷୀ !
କଣ୍ଠୀ ରୂପରେ ମହା ଖଡଗ ଧରି ,
ଶୃଙ୍ଖ ସେ ନୃପ ଗୁଣେ ରଣ-ପ୍ରାଙ୍ଗଣେ
ଦିଗଙ୍ଗନାରେ ଯଶ–ଚମ୍ପା ବୁଣେ । ୧୨
ବିରୋଧ-ଧର୍ମ ସତେ ଅବ୍ୟତ ପରି
ଭୟରେ ନଳେ ତଳେ ଭେଦ ନ କରି ;
ମିତ୍ର କ୍ଷଣନ୍ତ ତେଜେ ଅମିତ୍ର ଜୟୀ , .
ବକ୍ଷରେ ଦେଖି, ଗୃହରେ ଦେଖନ୍ତ ମହୀ । ୧୩
ନଳଙ୍କ ଯଶ ତେଜ ଦେଖି ବିଧାତା ,
କେତେବେ ବା ମନେ ବୃଥା ବିଧୁ ସବିତା ;
ବେଳେ ବେଳେ ସୁମରି କାଟଇ ଗାର ;
ସେହି କି ତେବେ ରବି–ଚନ୍ଦ୍ର–ମଣ୍ଡଳ ! ୧୪

GPNanda Colln., Digitized by srujanika@gmail.com

'ଦରିଦ୍ର ଏହୁ' ବୋଲି ବିଧି ଲେଖନ
କିପାଁଇ ଖଣ୍ଡିବେ ସେ ସୁଧୀ ରାଜନ ?
କଳ୍ପପାଦପେ ବଳ ଅର୍ଥୀରେ ଦେଇ ,
ଦାରିଦ୍ର ଦରିଦ୍ରତା ବିହ୍ୱଲେ ତହିଁ । ୧୫
ଅର୍ଥୀରେ ବାଞ୍ଛି ଯାଞ୍ଚା ନ ଦେଲେ ମେରୁ ,
ଜଳ ଉତ୍ସର୍ଗେ ସିନ୍ଧୁ ନ କଲେ ମରୁ ;
ଏ ଦୁଇ ଅପଯଶ ଜାଣି କି ବୀର
ଦ୍ୱିପାଳେ ଧରିଛନ୍ତି ଶିରେ ଚକ୍ରର ! ୧୬
ସଦା ଅଭ୍ୟାସେ କବି ବୃନ୍ଦେ ସେ ରାଏ
ନଅନ୍ତ କାଳ ଦିନୁ ଦିନ ଉଦୟେ ;
ଦିଶନ୍ତି ସତେ ଯଥା ଦିବସ–ପତି ,
ପାଟବେ ପରକାଶି ପ୍ରସନ୍ନ ଦ୍ୟୁତି ! ୧୭
ଗୁଣେ ପଦ୍ମ ପ୍ରବାଳ କରିବ ଦୀନ ,
ଅଖିଳ ନୃପଶିରେ ପାଇବ ସ୍ଥାନ ,
ଉର୍ଦ୍ଧ୍ୱେ ରହିବ ଭାଳ , ସତ କି ବିଧି
ସେ ପଦେ ଉର୍ଦ୍ଧ୍ୱରେଖା ରଖିଛି ନିଧି ! ୧୮
ଶୈଶବ ଶେଷେ କରି ଜଗତ ଜୟ ,
ସ୍ଥାପିଲେ ଦେଲେ ରାଜକୋଷ ଅକ୍ଷୟ ;
ମଦନ ସଖା ଯଥା ବସନ୍ତ ବନେ ,
ସେ ବରବପୁ ଏବେ ଶୋହେ ଯୌବନେ । ୧୯

GPNanda Colln., Digitized by srujanika@gmail.com

ଯେ ପାଦ ସୁମରଣେ କମଳେ ଘୃଣା ,
ପଲ୍ଲବେ କାହିଁ କର-ବିଭୂତି-କଣା ?
ଶରଦ ପୂର୍ଣ୍ଣ ଶଶୀ ଯେ ମୁଖେ ଦାସ
ହେବାରେ ନ ପାଇବ ଭଲେ ସାହସ । ୧୦
ଲୋମ କପଟେ ସେ କ ବିଧାତା କର
ସେ ଦେହେ ଗୁଣ ଗଣି , କାଟିଛି ଗାର !
ରହିଛନ୍ତି ବିନ୍ଦୁ 'ଦୋଷ ନାହିଁ' ବୋଲି ,
ସେହି କ ରୋମକୂପ ସେ ଦେହ ଭରି ! ୧୧
ଅରି ଦୁର୍ଗ ଲୁଣ୍ଠନେ ଅର୍ଗଳ ଦେହ୍ନି
ପୃଥ୍ବୀ-ଧାର୍ଯ୍ୟତା ସତେ ନେଲା ସେ ବାହୁ !
ସେ ଦୀର୍ଘ ଭୁଜର ଦୃଢ଼ ପ୍ରସାର
ସତେ କି ପୀନ ବକ୍ଷେ ଧରନ୍ତି ବୀର ! ୧୨
ଯେ ମୁଖ ସ୍ତୁତି ଲଭେ ସୁଧାଂଶୁ ଜିତ ;
ଅରବିନ୍ଦ-ବିଭୂତି ଜିଣଇ ନେତ୍ର ;
କାହିଁ, ଏମନ୍ତେ ଜିଣି ବିଧୁ ପୁଷ୍କରେ ,
ସେ ଲପନ ପ୍ରତିମା ଏ ଜଗତରେ ? ୧୩
ପରାସ୍ତ ହେଲା ଦୁଃଖେ ସେ ସରୋରୁହ ,
ବିଧୁରେ ସ୍ଥିତି ଯହୁଁ ହେଲା ଦୁରୁହ ;
ଉପମା ଖୋଜ ଆଉ ତିନି ଭୁବନେ
ମିଳିବଟି କେହନ ସେହି ଲପନେ ? ୧୪

GPNanda Colln., Digitized by srujanika@gmail.com

ନଳ-ଚକ୍ଷୁ-ଭ୍ରରେ ଚମକ୍ତି ବାଳା
ନିଜ ଭ୍ରମର ଶୋଭା ଭୁଲିଲା ସର୍ବ ,
ତେଣୁ ନିସ୍ପନ୍ଦ କିସେ ବାଳ ଚାପଳ
ଜଣାଏ ଦୋହଲାଇ ଚାମର ଭ୍ରୁ ! ୧୫
ଜଗତ ନାରୀଙ୍କର ସେ ନୃପବରେ
କାମ ବିଭ୍ରମ ହେଲା ଦୁଇ ପ୍ରକାରେ ;
କେହୁ ଲାବଣ୍ୟ ମଣି ସମାନ କାମେ ,
କାମ ପୀଡ଼ାରେ କେହୁ ଝୁରିରେ ମରମେ । ୧୬
ନିମେଷ ହୀନ ନେତ୍ରେ ସୁର ସୁନ୍ଦରୀ
ଦେଖି ଦେଖି ସେ ନଳ ରୂପ ମାଧୁରୀ ,
ଅଭ୍ୟାସ କଲେ ତହୁଁ ନିମେଷ ହୀନ
କାଳେ କାଳେ ବିଶାଳ ଚାରୁ ଲୋଚନ । ୧୭
ପାତାଳେ ନାଗବଧୂ ନଳ-କୀରତି
ଶୁଣି, ଜୀବନ କଲେ ସଫଳ ଅତି ;
ନ ଦେଖି , ମଣି ପୁଣି ଶୂନ୍ୟ ଜୀବନ ,
ଅପଣେ ପରଶଂସି , ନିନ୍ଦନ୍ତି ପୁଣ ! ୧୮
ସଂତତ ଚିନ୍ତା ଫଳେ ମର୍ତ୍ତ୍ୟ ଭାମିନୀ
ହୃଦ ଲୋଚନ, ନଳେ ଦେଖନ୍ତି ଧନୀ ;
ଏସନେ ଅବିରତ ଦର୍ଶନ-ଫଳେ
ନର-ନିମିଷ-ବିଘ୍ନ ନ ଲଗେ ଛଳେ । ୧୯

GPNanda Colln., Digitized by srujanika@gmail.com

ନ ଦେଖେ କେଉଁ ନାରୀ ସ୍ୱପନେ ତା'ରେ !
କେବା ସେ ନାମ ଭ୍ରମେ ମୁଖେ ନ ଧରେ !
କାମ ପ୍ରସଙ୍ଗେ ଅବା କେଉଁ ଯୁବତି
ଧରେ ନ ମଣି ନଳ , ରତିର ରତି ! ୩୦
କେତେ ସ୍ୱରୂପା ମୁଖ ଦର୍ପଣେ ଦେଖି ,
ଭୁଲନ୍ତି , ନଳେ ଯୋଗ୍ୟ ହେବେ ସେ ନିଜ ;
ଭୀମ ତନୁଜା ବିନୁ ସରବ ନାରୀ
କଳୁଷନ୍ତି ଦର୍ପଣ , ନିଶ୍ୱାସ ଢାଳି । ୩୧
ବୟସ୍ୟ ଲଭି , ଯଥା ପଶିଲେ ବଳେ
ମନ୍ମଥ ବାଣାସ୍ତ୍ର ପୁରେ ସେ କାଳେ ;
ବୟସ୍ୟ ଲଭି , ତେଣେ ନଳ-ବେଷ୍ଟିତ
ଭେଦିଲେ ଏବେ ଭୀମ-ଦୁହିତା-ଚିତ୍ତ । ୩୨
ସେ ରୂପ-ଯଶ ବହୁ ଶୁଣି ଶ୍ରବଣେ ,
ନିଜ ରୂପର ଗଣି ଯୋଗ୍ୟ ପ୍ରମାଣେ ,
ବିଦର୍ଭ ସୁତା ମନ ପେଶିଲେ ତହିଁ ;
ମଦନ ଅଜ୍ଞା ଅବା ନ ପାରି ସହି ! ୩୩
ଯେବାରେ ଅସି ବାଳା ପିତୃତୋଷଣେ ,
ପ୍ରତି ନୃପତି କଥା ବନ୍ଦି ଭାଷଣେ
ଶୁଣି , ନଳ ବିଭବେ ରୋମାଞ୍ଚ ବହି ,
ସେ ଭୀମସୁତା କ୍ଷଣେ ଯାଥନ୍ତି ରହି । ୩୪

GPNanda Colln., Digitized by srujanika@gmail.com

ଲେଖନ ଲାଗି କେବେ ଲୋଡନ୍ତି ସଖୀ
ବାଘନଳ, ସେ ତହିଁ ପୁଲକ ବହି ,
ରହିଯାଏ ଲଳନା କି ଅବା ଝୁରି ,
ସଜଳ ତନ୍ଦ୍ରା ଛଡ଼ି , ଶ୍ରବଣ ଡେରି । ୩୫
'ନିମେଷ ହୀନ ମୃତ କାମେ ମୋ' ଭୟ ,
ତା' ବିନୁ , ତା' ରୂପେ ଗୋ ଉପମା କହ' ,
ଏମନ୍ତେ ପୁଚ୍ଛି ଜେମା ସଜନୀଜନେ ,
ଲୁହାଏ ନଳନାମ କେବେ ସଂଧାନେ । ୩୬
ନିଷଧ ଦେଶୁ କେବେ ଦୂତ , ବ୍ରାହ୍ମଣ ,
ରଙ୍ଗେ ପଚ୍ଛରେ ଦେଖି , ବନ୍ଦୀ , ଚାରଣ ;
ଶୁଣି ନଳକୀରତି ଦନ୍ତେ ସେ ରହେ ;
ସତେ ବା ପ୍ରାଣ ଏତେ ସ୍ତୁତି ନ ସହେ ! ୩୭
'ଶୋଭିରେ ନିରୂପମ ଯୁବତୀବରେ
ଲେଖ', ବୋଲଇ କେବେ ସେ ଚିତ୍ରକରେ ;
କାନ୍ତେ ଦେଖଇ ମୁଦେ ଆପଣାରୂପ-
ସନ୍ନିଧେ ଚିତ୍ରେ ଲେଖା ନିଷଧ-ଭୂପ । ୩୮
ନଯାଏ ରାତି, ସ୍ୱପ୍ନେ ନଦେଖି ନଳ ;
ନଦେଖି , ମନେ ପସ୍ତା କରନ୍ତି ବର !
ସ୍ୱପନେ ଈଶ୍ୱର ଏ ଅଦ୍ଭୁତ ରୀତି ,
ଅଦେଖା ରୂପ ହୁଏ ନେତ୍ର-ଅତିଥି । ୩୯

GPNanda Colln., Digitized by srujanika@gmail.com

ସୁଷୁପ୍ତି କାଳେ ନମୀଳିତ ନୟନ,
କ୍ରିୟା-ବିହୀନ ପୁଣି ଇନ୍ଦ୍ରିୟ ଗଣ,
ଏମ୍ନାରେ ବର୍ଦ୍ଧିତ ନଲେ ସେ ବାଳା
ଧନ୍ୟ ଭବେ, କିବା ଏ ରହସ୍ୟ ଲୀଳା ! ୪୦
ଶୀତେ କୃଷ୍ଣ ଦିବସ, କାମ ତାପନେ
ସେ ବାଳେ ଲାଗେ ବଡ ଦିନକୁ ଦିନେ ;
ଖର୍ବ ଦିନେ ସତେ କି ରଜନୀ ଶ୍ରେଣୀ
ଦିନୁ ଦିନ-ଶର୍ବରୀ ବିସ୍ତାରେ ପୁଣି ! ୪୧
ସେ ନାରୀବର ରୂପ କୀରତିମାଳା
ନଳ ମନ ଘଟଣା ଗୁଣ ଶୃଙ୍ଖଳା
ଧରନ୍ତେ, କେତେ କାଳେ ଶୁଣିଲେ ନଳ
ଯୁବ-ଧର୍ମ—ଲୋପୀ ତା ଗୁଣ ପୁଷ୍କଳ । ୪୨
ଶରୀର ଶୋଭା ଯେଣୁ ଜିଣିଲେ ନଳ,
ସମସ୍ତ ଲଭି ତହୁଁ କାମ ମତ୍ସର ,
ଦମୟନ୍ତୀରେ ଲଭି ଅମୋଘ ଶକ୍ତି ,
ନୈଷଧ ଜିଣିବାରେ କଲା ସେ ମତି । ୪୩
ଭୀମ ନନ୍ଦନା-ଗୁଣ ଭେଟି ଶ୍ରବଣେ ,
ଚମକାଏ ଧୀର ସେ ନଳ-ରାଜନେ ;
କାମ କି ନଲେ ଉଚ୍ଚ-ଧୈର୍ଯ୍ୟ-ବିଲୋପି-
ଶର-ସଂଧାନେ ଗୁଣ ଶ୍ରବଣେ ସ୍ଥାପି ! ୪୪

GPNanda Colln., Digitized by srujanika@gmail.com

ଏସନେ ଧୀର ରାଣେ ଜଣିବା ଅଣେ
ଗୁଣେ ବଶିଖ ଧରି , ସ୍ମର ସାହସେ
ତ୍ରିଲୋକୀ-ଜୟେ ନିଜ ଅର୍ଜିତ ଯଶ
ପକାଇଲା ସଂଶୟେ, କରି ସାହସ । ୪୫
ନଳେ ଭୀମ ନନ୍ଦନା ରଚିଲା ବିଘ୍ନ ,
ତବେ ସେ ନୃପତିର ଅନ୍ୟଥା କାହିଁ ?
ଅନଙ୍ଗ ତେଣୁ ସିନା ଫୁଲ ମାର୍ଗଣେ
ଧୈର୍ଯ୍ୟ କଞ୍ଚୁକ ଭେଦି, ପଶିଲା ପ୍ରାଣେ । ୪୬
କି ଅବା ଅନ୍ୟ କଥା ବିରିଞ୍ଚି ଯହିଁ
ଆଶ୍ରିଲେ ପଦ୍ମ , ଯାର ଶର ନସହି ;
ତନୁ-ଶମ୍ଭୁରେ ନଳେ ଆଦରେ ସେହୁ ,
ଶକ୍ତି କାହିଁ ଲଙ୍ଘିବେ ସେ ମହାବାହୁ ? ୪୭
ଦୁର୍ଗମ ବ୍ରୀଡା-ନଦୀ ସଂତରି ହେଲେ ,
ସୁତନୁ ଯାହା ନଳ-ହୃଦେ ପଶିଲେ ,
ତେଣୁ କି ଲଭିଥିଲେ ସେ ଉପହାର ,
ଉର ଜନିତ ଚାରୁ କୁମ୍ଭ ଯୁଗଳ ! ୪୮
ଜନେ ଲୁଚାନ୍ତି ଯାର ଅଧୀର-ଭାବ ;
କଲା ମନ୍ମଥ ଯାହା, କିଏ ଜାଣିବ ?
ଜାଣେ କୋମଳ ଶେଯ, ଜାଣଇ ରାତି ,
ଜାଗରଣେ ସେ ପରା ଦେଖନ୍ତି ନିତି ! ୪୯

GPNanda Colln., Digitized by srujanika@gmail.com

ଅଶେଷ ସ୍ମରତାପ ସହ୍ୟ ସେ ବୀର ,
ବଦର୍ଭେ ନ ମାଗିଲେ ତରୁଣୀ ବର ;
ଯାଚକ–ବୃତ୍ତି-ପାଶେ ମଣଇ ଲଭେ
ଜୀବନ-ସୁଖ-ତ୍ୟାଗ ମାନୀ ଏ ଭବେ । ୫୦
ମିଛରେ କରି କେବେ ବିଷାଦ ଭାନ ,
କରନ୍ତି ସେ ବିରହ-ଶ୍ୱାସ ଗୋପନ ;
ଅଂଗରାଗେ ଅଧିକ କର୍ପୂର ଦେଇ ,
ଲୁଚ୍ଛନ୍ତି ଭାବନାର ପାଣ୍ଡୁତା ତହିଁ । ୫୧
ସଂଗୀତାଳାପ ବେଳେ ସତେ ସେ ଯଥା
ଅଗ୍ରତେ ଦେଖି ପ୍ରିୟା , କହନ୍ତି କଥା ;
ବୀଣା-ପଞ୍ଚମେ ମୋହ ତଜ୍ଜ ଅପରେ ,
ନ ପାରନ୍ତି ଜାଣି ସେ ବଚନ ନଲେ । ୫୨
ଅସଂଭାଳେ କ୍ରମଶେ ମୀନକେତନ
ଫୁଟି ବଢ଼ିଲା ନଳେ ଦିନକୁ ଦନ ;
ଲାଜ ପାଇଲେ ତହିଁ ରାଜ-ଶେଖର ,
ଜଗତେନ୍ଦ୍ରସ୍ତ-ମଣ୍ଡଳମଣି ସେ ବୀର । ୫୩
ବିବେକ ଦଂଭ ସବୁ ଭୁଟିଲେ ଧୀରେ ,
ଚଂଚଳ ମନ ରୋଧି ନ ପାରି ନଲେ ;
ରତିରେ ଅନିରୁଦ୍ଧ କରେ ମଦନ ;
ଏ ପରା ବିଧାତାର ସର୍ଗ-ବିଧାନ ! ୫୪

GPNanda Colln., Digitized by srujanika@gmail.com

ଲୁଚ୍ଛଇ ନ ପାରି ସେ କାମ-ବିକାର ,
ସଭାରେ ବସିବାରେ ବିମନା ନଳ ;
ଆରାମ-ବିହରଣେ ଛଳ ଆଚରି ,
ଯିବାରେ ଛାଡ଼ିଲେ ସେ ନିର୍ଜନ ସ୍ଥଳୀ । ୫୫
ବିରହେ ରୂପେ ଯେହ୍ନେ ବଳନ୍ତି କାମେ ;
ଅନ୍ତରଙ୍ଗ ସୁହୃଦ ଧର ଗହଣେ ,
ଯିବାକୁ ପୁରପାଖ ଉଦ୍ୟାନ ବୁଲି ,
କହିଲେ , ଯାନ ପାଇଁ ଆଦେଶ କରି । ୫୬
ବ୍ୟଗ୍ର , ବିଶାଳ , ବିଭୂଷିତ , ଧବଳ ,
ଆଣିଲେ ଭୃତ୍ୟଜନେ ଅଶ୍ୱ ସୁନ୍ଦର ;
ଅତି ଚଂଚଳେ ଯେହ୍ନେ ଚଳାଇ ଖୁର ,
ପକାଉଥିଲା ଭାଂଗି ଘୋଟକଶାଳ । ୫୭
ସେ ଅଶ୍ୱେ କଣ୍ଠ ଦେଶ କେଶର ରାଶି
କୌସ୍ତୁଭ ନିନ୍ଦ , ମହା ଜ୍ୟୋତି ପ୍ରକାଶି ;
ସେ କଣ୍ଠ ଗ୍ରୀବା ଭେଦି ଲଭି ପ୍ରସାର ,
ଚନ୍ଦ୍ରମା ପରି ପ୍ରଭା କରେ ବାହାର । ୫୮
ଚଳନ୍ତ୍ ବେଗ ସତେ ଶିଖିବେ ବୋଲି ,
ଅଶ୍ୱରୂପେ କି ଅଶ୍ୱ ଚରଣେ ପଡ଼ି ,
ବନ୍ଧୁ ଦର୍ଶକ ମନ ଘଷେ ସେ ଖୁର ;
ଭୂର ଭୂମି ତାଡ଼ନେ ଧୂଳି ପଟଳ ! ୫୯

GPNanda Colln., Digitized by srujanika@gmail.com

ସତେ କି ନିଜ ବଳ କହିବ ନଳେ ,
ସେ ଲାଗି ଓଷ୍ଠ ନାସା ଘୋଟକ ଚାଳେ !
ମନ ଜାଣନ୍ତୁ ନଳ, ଜାଣି ଏସନ ,
ରହୁଛି ଅବା ସେହୁ ଭଜ ମଜ୍ଜନ ! ୭୦
ଏକାକୀ ବହୁ ଚକ୍ରବର୍ତ୍ତୀ ରାଜନେ
ହସେ କି ସତେ ରବି ସପ୍ତ ବାହନେ ;
ଦଶନ-ଜ୍ୟୋତି ସେହୁ ହାସ୍ୟ-ଲସିତ ;
କୀରତି ଯୋଗେ ପୁଣି ଶରୀର ସିତ । ୭୧
ଚାରୁ ଚାମର ସମ କେଶର ରାଶି ,
ଚଞ୍ଚଳ ଶୁଭ୍ର ପୁଣି ପୁଚ୍ଛ ପ୍ରକାଶି ,
ବାଜି-ରାଜ ପଦ କି କରେ ପ୍ରଚାର !
ଗୁଣେ ତ ସେହୁ ଅଶ୍ୱ ଜଗତ ସାର । ୭୨
ଗତି-ବେଗେ ଲଙ୍ଘଇ, ସତେ କି ଉଡେ ,
ବାଦେ ଜିଣିବ ବୋଲି ସେହୁ ଗରୁଡେ !
ସର୍ପ ଭକ୍ଷଣ ଛଳେ ଛଳ ଜାଣିତେ ,
ପୀନ ଖଲୀନ ମୁଖେ ଚାବାଏ ସତେ ! ୭୩
ଅନଳ୍ପ ନେତ୍ର ମହୀଭୃତ ଶାସନ ,
ରଚିଲେ ନଳ ମନ୍ତ୍ରୀ ପାକ ଶାସନ ,
ସିନ୍ଧୁଜ, ବର୍ଣ୍ଣେ ସୁଧାକର ସୋଦର ,
ବାସବ ହସ୍ତୀ ସମ ଘୋଟକବର । ୭୪

GPNanda Colln., Digitized by srujanika@gmail.com

ଶ୍ରୀକରେ ଅରବନ୍ଦ ପ୍ରକାଶେ ଯାର ,
ସେ ନଳେ ଅଶ୍ୱବାର ବେଗେ ପ୍ରଖର
ଅନୁସରି, ଦଶିଲେ ରଶ୍ମି ସମାନ ,
ଅନୁସରନ୍ତି ଯେହ୍ନୁ ନଭେ ତପନ । ୬୫
ବେଶେ ସଜ୍ଜିତ ଅଶ୍ୱବାର ପଗ୍ରଏ
ଦ୍ରୁତ ଗତି ତୁରଗେ ଚଳନ୍ତେ ରାଏ ,
ଅପଲକ ନୟନେ ପ୍ରମୋଦ ଭରେ
ନଗର ଜନେ ଚାହିଁ ରହିଲେ ନଳେ । ୬୬
ଅଶ୍ୱ ଝପଟେ ବେଗେ ନୃପ ଶେଖର
ଲୋକ ଦୃଷ୍ଟିରୁ କ୍ଷଣେ ହେଲେ ଅନ୍ତର ;
ଭୁବନେ କାହିଁ ସେହି ଗତିର ତୁଳା ,
ଶିଖିବ ବିନା ପ୍ରଭଞ୍ଜନ ସେ କଳା ! ୬୭
କୌତୁକେ ତହୁଁ ଅଶ୍ୱାରୋହୀ ପୁରୁଷେ
ମାଡିଲେ ମୃଷା ଯୁଦ୍ଧେ ମହାହରଷେ ,
ଉଠିଲା ରବ , 'ହଅ ପ୍ରହାର ଶର' ,
ଉଲ୍ଲାପି ପରସ୍ପରେ ଶର ନିକର । ୬୮
ପାଦ ଚାଳନେ କେତେ ମାତ୍ର ଏ କ୍ଷିତି ;
ହିଂଧୂ କରିବେ ଧରା ଧୂଳରେ ଯୋଡି !
ଏମନ୍ତେ ଭାଳି , ସତେ ଖୁରା ପ୍ରହାରେ ,
ଉଠାନ୍ତି ଅଶ୍ୱେ ଧୂଳି , ଗଗନ ଭରି । ୬୯

GPNanda Colln., Digitized by srujanika@gmail.com

ପାଦକେ ହରି ଅକ୍ରମିଲେ ଅକାଶ ,
ଅମ୍ଭେ ତ ହରି, ଗୃହିପାଦେ କି ଯଶ ?
ଏପନ ମଣି କି ସେ ଉଠାଇ ପାଦ ,
ଲାଗେ ପକାନ୍ତ ତଳେ ଭଙ୍ଗ ବିଷାଦ ! ୭୦
ବହାର ଦେଶେ ଅଶ୍ୱାରୋହୀ ସୈନକେ
ଚକ୍ରାକାରେ ଗୃଲଲେ ଅଶ୍ୱେ ପୁଲକେ ;
ଦେଖି ସେ କ୍ରୀଡା-ଗଡ଼ ହୁଏ ପରତେ ,
ଜନ ବଚନେ ଶ୍ରଦ୍ଧା ଭଜନ୍ତ ସତେ ! ୭୧
ଧାଉଁ ଗଢ଼ ବରଜ ତୁରଙ୍ଗ ଗଣ,
ଚକ୍ର ଆକାରେ କଲେ ପରିଭ୍ରମଣ ;
କାହିଁବା ସ୍ଥାନ, ଶନୁ ଲଙ୍ଘିଲେ ଦିଶ !
ଗୋଷ୍ପଦ କଲା ସିନ୍ଧୁ ତାହାଂକ ଯଶ ! ୭୨
ଅତପତ୍ର ଆଦରି ନଳ ରାଜନ,
ବହୁଲେ ଯେଉଁ ଗୃହ ଅଶ୍ୱ ଭ୍ରମଣ ,
ଦୃଷ୍ଟା ପବନ ତହିଁ ଡରି ଗୁଲନେ ,
ଶିଖା ଲଭଇ ନକି ହୁଅଇ ମନେ ! ୭୩
ସଂତୋଷ ଅଶେ ତହୁଁ ବିଳାସ ବନ ,
ପ୍ରବାଳ ରାଗେ ଯହିଁ ଛାୟା ମୋହନ ,
ପଶିଲେ ନୃପ, ଯଥା ପଶନ୍ତ ହରି
ବିଶ୍ରାମେ ସିଂଧୁ, ଲୀଳା ଜଗତେ ସାରି । ୭୪

GPNanda Colln., Digitized by srujanika@gmail.com

ଆଦରେ ବନାବଧି ବନ୍ଧୁସମାନ ,
ଯାଇ , ଫେରିଲେ ପୁର-ଜନ-ନୟନ ;
ହୁଅନ୍ତେ ଦୃଷ୍ଟି ପଥୁ ଅଗତ ନଳ ,
ଦୃଷ୍ଟିପାତ କେବଳ ହିନା ବିଫଳ ! ୭୫
ସମ୍ମୁଖ ଅଙ୍ଗୁଳର ସଂକେତ ବଳେ
ନବେଦିଲେ ଉଦ୍ୟାନ ରକ୍ଷକ ନଳେ
ଶୃଙ୍ଗୁ ପ୍ରସୂନେ ଫଳେ କାଞ୍ଚନ ଶିଖୀ ;
ଦେଖିଲେ ନରବର ହୃଦୟ ଭରି । ୭୬
ବାୟୁ କଂପନେ ଚଳ ପଲ୍ଲବ କରେ
ଫଳ ସୁମନ ଧରି ତରୁ ନକରେ ,
କଲେ ଆଦରେ କି ସେ ଅତିଥ୍ୟ ନଳେ
ପ୍ରବୀଣ ଋଷି ସଂଗ ଶିକ୍ଷାର ଫଳେ ! ୭୭
ଫୁଟେ କେତକୀ ପତ୍ରେ ବିଲୀନ ଅଳି
ଦେଖି, ସେ ନରରାଏ ମନରେ ଭାଳି :—
ଶିବ ଛାଡ଼ିଲେ ବୋଲି ସେ ପାପ ଫଳେ
କାଳିମା ବହେ କି ସେ ଭ୍ରମର ଛଳେ ! ୭୮
କର୍ଣ୍ଣିକର ସ୍ୱରୂପେ କଣ୍ଟକେ ତୋର
ବିୟୋଗୀ ହୃଦେ କାମ କରେ ପ୍ରହାର ;
ସେ ହୃଦ ନାଶେଁ ତୋ'ତେ ନୁହେ ନବାରି ,
କାହିଁ ତଜିବେ ତୋରେ ମନ୍ମଥ ଅରି ! ୭୯

GPNanda Colln., Digitized by srujanika@gmail.com

ତୋ ଅଗ୍ର ସୂଚ ଦେଇ କୁସୁମ ଶର
କାମୁକ ଅପଯଶେ ବୁଣେ ଚଉଳ ;
ତୀକ୍ଷ୍ଣ କରତରୂପେ କାମ ତୋ ପନ୍ଥେ
ବିୟୋଗୀ ହୃଦ ଦାରୁ ଚରେ ନରତେ ! ୮୦
ପୁଷ୍ପ ଗଳତ ମଧୁ ପିଚ୍ଛିଳ କରେ
ନୂଦନ୍ତା ସମ କାମ ସ୍ଥିର ଲକ୍ଷ୍ୟରେ ;
ତବ ପଶ୍ଚେ ସିନା ବୋଳଣି କର ,
ବୈଦର୍ଭୀ ଲକ୍ଷ୍ୟେ ମୋତେ ବିନ୍ଧଇ ଶର ! ୮୧
ଜାଳମେ କ୍ଷେତ୍ରପାଳ ଦେଉଛି ଧୂମ ,
ଦେଖି ନଳ ମାନସେ ହେଲା ବିଭ୍ରମ :—
ଅଧୋମୁଖେ ତପସ୍ୟା କରନ୍ତି କି ସେ
ବୈଦର୍ଭୀ-ସ୍ତନ-ସଙ୍ଗେ ତୁଳନ ଅଶେ ! ୮୨
ଶୁକ-ଯୋଗେ କଣ୍ଟକୀ ଜାଳମ ଲତା ,
ପ୍ରିୟ ସ୍ମରଣେ ବି-ଯୋଗିନୀ ସେ ଯଥା ;
କାମ ପଲାଶ ଶର ପଶ୍ୱେ ଦିଶି ,
ସ୍ଫୁଟିତ ଫଳେ ଶୁକ ଚଞ୍ଚୁ ପ୍ରକାଶି । ୮୩
ଅକାରେ ଅର୍ଦ୍ଧଚନ୍ଦ୍ର ମନ୍ମଥ ଶର ,
ପଲାଶ ଫୁଲ ଦେଖି, ଭାବିଲେ ନଳ :—
କାମ ପଲଙ୍କ, ପାନ୍ଥ-ପଳ-ଅଶନେ ;
ଲାଗିଛି କଳା-ବୃକ୍ଷ ଭେଙ୍ଗ ବିଧାନେ ! ୮୪

GPNanda Colln., Digitized by srujanika@gmail.com

ନବ ବାସନ୍ତୀ ଲତା ମଧୁ ବର୍ଷିଲେ
ଗନ୍ଧବହ ଦକ୍ଷିଣ ମୃଦୁ ଚୁମ୍ବନେ
ବିକାଶେ ସ୍ମିତ ନବ ମୁକୁଳ ଛଳେ ,
ଆଦରେ ଦେଖି, ନଳ ମରମ ଧରେ । ୮୫
କାମ ପ୍ରତାପ ସରି ଚମ୍ପକ କଳ ,
ପାପ ପଥିଏ ତହିଁ ସ୍ୱଜନ ଅଳ ;
ଅନଳେ କାଠ କି ସେ ତେଜେ ଜୀବନ ,
ପଥିକେ ନାଶି , ପାପ କରଇ ଅର୍ଜନ ! ୮୬
ପଲାଶ କୁସୁମର ଦେଖି ବିରହୀ ,
ନ ପାରେ ସହି, ହୃଦେ ହୁଅଇ ଦହି ;
ମନ୍ମଥ ଶରରୂପେ ଭେଦେ ସେ ହରେ ,
ପଥିଙ୍କେ କି ସେ ଦର-ବିଭୂଷ ଧରେ ! ୮୭
ବିରହୀ-ଦୁଃଖ ଗାଏ କୋକିଳ ଯେବେ ,
ଶୁଣେ ବିପିନ ଭୃଙ୍ଗ-ହୁଂକାର-ରବେ ;
ସ୍ଥୂଳ ଚନ୍ଦ୍ରମା ଶୂଳ କୁସୁମ-କର ,
ଅନାଦରେ ନିବାରେ , ଦେଖିଲେ ନଳ । ୮୮
ଚୂତ ବୃକ୍ଷେ ଭ୍ରମର କରେ ହୁଂକାର ,
ପବନ ଯୋଗେ କମ୍ପେ ମୁକୁଳ ଭା'ର ;
ସତେ ବା କରାଙ୍ଗୁଳି କରି ଚାଳନ ,
ବିରହୀ ଜନ ଲକ୍ଷ୍ୟ କରଇ ତର୍ଜନ ! ୮୯

GPNanda Colln., Digitized by srujanika@gmail.com

ଖେଦେ ନୃପତମଣି ଦେଖିଲେ, ପିକ
କୁହୁସ୍ୱରେ ମୂର୍ଚ୍ଛିତ କରେ ପଥିକ ;
ସ୍ୱଭାବେ ଦ୍ୱିଜ, ପୁଣି ରକ୍ତ ଲୋଚନ ,
ସ୍ୱର କି ପାନ୍ଥ ଖେଦେ ଶାପ-ବଚନ ! ୯୦
ନାଗକେଶର-କଳି ଭ୍ରମର-ଯୁତ
ଦେଖି , ଅଧୀରେ ରାଏ ହେଲେ ଚକିତ ;
ମଣିଲେ, ଧୂମକେତୁ ବିରହୀ-ଗଣେ
ଉଦିତ ହୋଇଛି କି ଅଶୁଭ କ୍ଷଣେ ? ୯୧
ପବନେ ଭ୍ରମି ଖସେ ନାଗକେଶର ,
ପରାଗ ଉଡ଼େ, ତହିଁ ଲୀନ ଭ୍ରମର ,
କାମ-ନାରାଚ କିବା ଶାଣେ ଘଷଇ ,
ଚଉଦିଗେ ସ୍ଫୁଲିଂଗ ତହୁଁ ଉଡଇ ! ୯୨
ଗୁଣେ ଓଠାର ହୋଇ ସେ ଶିଳୀମୁଖେ ,
କୁସୁମ ତେଜି, ନଳ ସୁଗନ୍ଧି-ମୁଖେ
ସ୍ୱନେ ପେଶଲେ, ଲାଜ ପାଇଲା ସ୍ମର ,
ଅନାସ୍ତ୍ରେ କି ମଣେ ଖପିଲା ଶର ! ୯୩
ପାଚିଲା ବେଲ ଦେଖି ନଳ ରାଜନ ,
ବାର-ବନିତା-ସ୍ତନ କଲେ ସ୍ମରଣ ;
ବାୟୁ ଗ୍ଳାନେ ଶାଖା: କଣ୍ଟକେ ଛିଡ଼ି ,
ବାପୁଥିଲା ସେ ଯହିଁ ଚନ୍ଦନ ପଡ଼ି । ୯୪

GPNanda Colln., Digitized by srujanika@gmail.com

ପାଟଳୀ ଫୁଲ ପେଣ୍ଡା , କାମ ତୂଣୀର ;
ଗୋଟି ଗୋଟିକ ଫୁଲ , ଶାଣିତ ଶର ;
ଯୁବା ଯୁବତୀ ହୃଦ ଭେଦିବ ଭଲ ,
ସଭୟ ହେଲେ ନଳ ନୃପ-ମଣ୍ଡଳ । ୧୫
କୃଷ୍ଣ ଅଗସ୍ତି ଦ୍ରୁମ ବୃନ୍ତ ପଲ୍ଲବ ,
ବଧୂ ସମ କୋରକେ କି ଶୋଭା ପାଏ !
ଅସିତ-ପକ୍ଷ-ବ୍ୟାଜେ ବଧୂ ଅନ୍ଧାର
କରି, କଳା-କଳାପ କରେ ବାହାର ! ୧୬
ଗନ୍ଧିଳ ପନ୍ଥ, ଲତା-ବନିତା-ଶାଢ଼ୀ,
ଫିଙ୍ଗି ପବନ, ସେହୁ ଲଉକା ଘେରି ,
କୁସୁମ-କେଳି କରେ; ଦେଖନ୍ତେ ନଳ ,
ଗୃହଁ ନଗୃହଁ ପାରି, ହେଲେ ବିକଳ । ୧୭
ଫଳଭରେ ଅନତ ଦ୍ରୁମନିକର
ଦେଖି, ଲଭିଲେ ନୃପ ମୁଦ ଅପାର ;
ଧରଣୀ ଧାତ୍ରୀ ପାଶେ ଶିର ନୁଆଁଇ ,
ସତେ ସେ ମହୀରୁହେ ପଡନ୍ତି ଲଗି ! ୧୮
ଶୁକ୍ଳ ପଲ୍ଲବେ, ସ୍ନିଗ୍ଧ ସେ ପୁଷ୍ପରସେ ,
ଶୀତଳ-ବନାନିଳ-ମୃଦୁ-ପରଶେ
କୌମୁଦୀ-ପରି ତହିଁ ଦିବସ-ଦ୍ୟୁତି
ନ ବହିଲା ବିରହୀ ନଳେ ପୀଡିତ । ୧୯

GPNanda Colln., Digitized by srujanika@gmail.com

ନୃପ-ଲପନ-ବଧୂ ହରହେ ମ୍ଳାନ
ନ ଦେଖି, ରୋଷେ ନେତ୍ର କର ଅରୁଣ ,
ପଢେ କ ' କୁହୁ '-ଡାକେ ପିଶୁନ ପିକ
ଡାକଇ କୁହୁ, ଯହିଁ ବିଧୁର ଦୁଃଖ ! ୧୦୦
କାମ-ଅସ୍ତ୍ର-ପଲ୍ଲବ ପୁଷ୍ପ-ସ୍ତବକେ
ମଣ୍ଡିତ–କଳେବର ଦେଖି ଅଶୋକେ ,
ମଣିଲେ ନରବର, ନାମ ସାର୍ଥକ ,
ସଂହରି ଅସ୍ତ୍ର, ପାନ୍ଥେ କରେ ଅଶୋକ । ୧୦୧
କ୍ରୀଡା-ସରସୀ-ତଟେ ବୀଚ-ବାଦନେ ,
ପିକାଳି ଗୀତେ, ଶିଖିଗଣ-ନର୍ତ୍ତନେ ,
ତୌର୍ଯ୍ୟତ୍ରିକ ଆନନ୍ଦ ଲଭିଲେ ବନେ ;
ନ ମିଳେ କାହିଁ ଭୋଗ ଭାଗ୍ୟ ଭୁବନେ ! ୧୦୨
ସେହି ରାଜନ ପାଇଁ ବନେ ପାଳିତ ,
ସେହି କୀରଢ ଗାନେ ସତତ ରତ ,
ଶୁକ ସାରିକା କୁଳ, ମଧୁରେ ଯଶ
ଗାଇ, ହରିଲେ ନର-ରାଣ-ମାନସ । ୧୦୩
ସୁଗନ୍ଧ ବନମଧ୍ୟେ କରି ବିହାର ,
ଶୁଅନ୍ତେ ଶୁକ ପିକେ ଯଶ ପ୍ରଚାର ,
ବାହାରେ ମୋଦରସେ ଭାଷିଲେ ନଳ ,
ବୈଦର୍ଭୀ ବିନା ନୁହେ ହୃଦ ଶୀତଳ । ୧୦୪

GPNanda Colln., Digitized by srujanika@gmail.com

ନବ ବାସନ୍ତୀ ଲତା ମଧୁ ବର୍ଷିଲେ
ଗନ୍ଧବହ ଦର୍ଦ୍ଧିତ ମୃଦୁ ଚୁମ୍ବନେ
ବିକାଶେ ମ୍ଳାନ ନବ ମୁକୁଳ ଛଳେ ,
ଆଦରେ ଦେଖି, ନଳ ମରମ ଥରେ । ୮୫
କାମ ପ୍ରତାପ ସରି ଚମ୍ପକ କଳ ,
ପାପ ପନ୍ଥୀଏ ତହିଁ ଖଞ୍ଜଇ ଅଳ ;
ଅଂନଲେ କାନ୍ତି କି ସେ ଚେଞ୍ଚେ ଜୀବନ ,
ପଥିକେ ନାଶି , ପାପ କଲ୍ପର ଅର୍ଜନ ! ୮୬
ପଥିକ କୁସୁମର ଦେଖି ବିରହୀ ,
ନ ପାରେ ସହି, ହୃଦେ ହୁଅଇ ଦହି ;
ମନ୍ମଥ ଶରରୂପେ ଭେଦ୍ୟ ସେ ହେଲେ ,
ପଥିର୍କେ କି ସେ ଦର-ବିରୁଦ୍ଧ ଧରେ ! ୮୭
ବିରହୀ-ଦୁଃଖ ଗାଏ କୋକିଳ ଯେବେ ,
ଶୁଣେ ବିପିନ ଭୃଙ୍ଗ-ହୁଂକାର-ରବେ ;
ସ୍ଥଳଚନ୍ଦ୍ରମା ଶୂଳ କୁସୁମ-କର ,
ଅନାଦରେ ଦିବାରେ , ଦେଖିଲେ ନଳ । ୮୮
ଚୂତ ବୃକ୍ଷେ ଭ୍ରମର କରେ ହୁଂକାର ,
ପବନ ଯୋଗେ କମ୍ପେ ମୁକୁଳ ଧାର ;
ସେ ... ବା କରାଙ୍ଗୁଳି କଢି ଶୂଳନ ,
ବିରହୀ ଜନ ଲକ୍ଷ୍ୟ କରଇ ତର୍ଜନ ! ୮୯

GPNanda Colln., Digitized by srujanika@gmail.com

ଖେଦେ ନୃପତିମଣି ଦେଖିଲେ, ପିକ
କୁହୁସ୍ୱରେ ମୂର୍ଚ୍ଛିତ କରେ ପଥିକ ;
ସ୍ୱଭାବେ ଦ୍ୱିଜ, ପୁଣି ରକ୍ତ ଲୋଚନ ,
ସ୍ୱର କି ପାନ୍ଥ ଖେଦେ ଶାପ-ବଚନ ! ୯୦

ନାଗକେଶର-କଳି ଭ୍ରମର-ଯୁତ
ଦେଖି , ଅଧୀରେ ରାଏ ହେଲେ ଚକିତ ;
ମଣିଲେ, ଧୂମକେତୁ ବିରହି-ଗଣେ
ଉଦିତ ହୋଇଛି କି ଅଶୁଭ ଖଣେ ? ୯୧

ପବନେ ଭ୍ରମି ଖସେ ନାଗକେଶର ,
ପରାଗ ଉଡେ, ତହିଁ ଲୀନ ଭ୍ରମର ,
କାମ-ନାରାଚ କିବା ଶାଣେ ଘଷଇ ,
ଚଉଦଗେ ଫୁଲିଙ୍ଗ ତହୁଁ ଉଡଇ ! ୯୨

ଗୁଣେ ଓଟାର ହୋଇ ସେ ଶିଲୀମୁଖେ ,
କୁସୁମ ତେଜ, ନଳ ସୁଗନ୍ଧି-ମୁଖେ
ସ୍ୱନେ ଘେରିଲେ, ଲାଜ ପାଇଲା ସ୍ମର ,
ଅନାଯତ୍ତେ କି ମଣେ ଖସିଲା ଶର ! ୯୩

ପାଟଳୀ ବେଲ ଦେଖି ନଳ ରାଜନ ,
ବାର-ବନିତା-ସ୍ତନ କଲେ ସ୍ମରଣ ;
ବାୟୁ ଚଳନେ ଶାଖା କଣ୍ଟକେ ଛିଡ଼ି ,
ବାସୁଥିଲା ସେ ଯହିଁ ଚନ୍ଦନ ପରି । ୯୪

GPNanda Colln., Digitized by srujanika@gmail.com

ପାଟଳୀ ଫୁଲ ପେଣ୍ଡା , କାମ ତୂଣୀର ;
ଗୋଟି ଗୋଟିକ ଫୁଲ , ଶାଣିତ ଶର ;
ଯୁବା ଯୁବତୀ ହୃଦ ଭେଦବ ଭଲ ,
ସତ୍ୟ ହେଲେ ନଳ ନୃପ–ମଣ୍ଡଳ । ୯୫
କୃଷ୍ଣ ଅଗସ୍ତି ଦ୍ରୁମ ରନ୍ଧ୍ର ପରିବେ ,
ବଧୂ ସମ କୋରକେ କ ଶୋଭା ପାଏ !
ଅସିତ-ପକ୍ଷ-ବ୍ୟାଜେ ବଧୂ ଅଧର
କର, କଳା-କଳାପ କରେ ବାହାର ! ୯୬
ଗନ୍ଧଳ ପଦ୍ମ, ଲତା-ବନତା-ଶାଢ଼ୀ,
ଫିଙ୍ଗି ପବନ, ସେହୁ ଲତକା ଘେର ,
କୁସୁମ-କେଳି କରେ; ଦେଖନ୍ତେ ନଳ ,
ଗୃହ୍ନ ନଗ୍ନହିଁ ପାର, ହେଲେ ବକଳ । ୯୭
ଫଳଭରେ ଅନତ ଦ୍ରୁମନକର
ଦେଖି, ଲଭିଲେ ନୃପ ମୁଦ ଅପାର ;
ଧରଣୀ ଧାତ୍ରୀ ପାଶେ ଶିର ନୁଆଁଇ ,
ସତେ ସେ ମହୀରୁହେ ପଡନ୍ତି ଲଟି ! ୯୮
ଶୁକ୍ଳ ପରାଗେ, ସ୍ନିଗ୍ଧ ସେ ପୁଷ୍ପରସେ ,
ଶୀତଳ-ବନାନଳ-ମୃଦୁ-ପରଶେ
କୌମୁଦୀ-ପର ତହିଁ ଦିବସ-ଦ୍ୟୁତି
ନ ବହନ୍ତି ବିରହୀ ନଳେ ପୀରତି । ୯୯

GPNanda Colln., Digitized by srujanika@gmail.com

ନୃପ-ଲପନ-ବଧୂ ବରହେ ମ୍ଳାନ
ନ ଦେଖି, ରୋଷେ ନେତ୍ର କର ଅରୁଣ ,
ପଢେ କ ' କୁହୁ '-ଡାକେ ପିଶୁନ ପିକ
ଡାକଇ କୁହୁ, ଯହିଁ ବିଧୁର ଦୁଃଖ ! ୧୦୦
କାମ-ଅସ୍ତ୍ର-ପତ୍ରଏ ପୁଷ୍ପ–ସ୍ତବକେ
ମଣ୍ଡିତ–କଳେବର ଦେଖି ଅଶୋକେ ,
ମଣିଲେ ନରବର, ନାମ ସାର୍ଥକ ,
ସଂହରି ଅସ୍ତ୍ର, ପାନ୍ଥେ କରେ ଅଶୋକ । ୧୦୧
କ୍ରୀଡା-ସରସୀ-ତଟେ ଗୀତ-ବାଦନେ ,
ପିକାଳି ଗୀତେ, ଶିଖିଗଣ-ନର୍ତ୍ତନେ ,
ତୌର୍ଯ୍ୟତ୍ରିକ ଅନନ୍ଦ ଲଭିଲେ ବନେ ;
ନ ମିଳେ କାହିଁ ଭୋଗ ଭାଗ୍ୟେ ଭୁବନେ ! ୧୦୨
ସେହୁ ରାଜନ ପାଇଁ ବନେ ପାଳିତ ,
ସେହୁ କୀରତ ଗାନେ ସତତ ରତ ,
ଶୁକ ସାରିକା କୁଳ, ମଧୁରେ ଯଶ
ଗାଇ, ହରିଲେ ନର-ରାଣ-ମାନସ । ୧୦୩
ସୁଗନ୍ଧ ବନମଧ୍ୟେ କରି ବିହାର ,
ଶୁଣନ୍ତେ ଶୁକ ପିକେ ଯଶ ପ୍ରଚୁର ,
ବାହାରେ ମୋଦରସେ ଭାସିଲେ ନଳ ,
ବୈଦର୍ଭୀ ବିନା ନୁହେ ହୃଦ ଶୀତଳ । ୧୦୪

GPNanda Colln., Digitized by srujanika@gmail.com

ନଳେ ସେ ଷଡ-ଋତୁ-ଶୋଭିତ-ବନେ
ବସନ୍ତ-ମିତ କାମ ମଣିଲେ ଜନେ ;
ଧ୍ୱଜ-ଲାଞ୍ଛନ-ମୀନେ ଧରନ୍ତି କରେ ,
ଭ୍ରାଳି, 'ସେ ଅଳକାଳେ ପଶେ ଟି କାଳେ' ! ୧୦୫
ଲତିକାରେ ଶିଖାଇ ଲାସ୍ୟ ପବନ ,
ଗୁରୁ-ଦକ୍ଷିଣା ଧରେ ସୌରଭ-ଧନ ,
ସୁଗନ୍ଧ ମଧୁ-ଝରେ କରଇ ବିହାର ,
ବନେ ସେବନ୍ତି ସୁଖେ ସେ ନରବର । ୧୦୬
ତଡ଼ାଗେ ଦେଖି ତହିଁ ସେ ଉପବନେ ,
ମୁଗ୍ଧ ତା' ସୁଷମାରେ ହେଲେ ସେ କ୍ଷଣେ ;
ମନ୍ମନ-ଭସ୍ମେ ସେ କି ସରିତ-ପତି
ଚେତନହାଣି ଯେନ କରେ ବସତି । ୧୦୭
ଜନ୍ତୁଁ ବାନ୍ଧାଣ ଶତ ମୃଣାଳ-ନାଳ ,
ଅନନ୍ତ-ପୁଚ୍ଛପରି ଦଶେ ଟ୍ଟତର ;
ଗଜ-ଦଶନ ଯେ କି ଅଙ୍ଗିରବତେ ,
ସିନ୍ଧୁ ବଢ଼ବେ ସର ଧରଇ ସତେ ! ୧୦୮
ତଟ-ବନ୍ଦୀ ଅଶ୍ୱତ୍ଥ-ବମ୍ବନେ
ସହସ୍ର ଉଚ୍ଚୈଃଶ୍ରବା ଆଭାସେ ମନେ ;
ଚଞ୍ଚଳ ବୀଚିରୂପ କଶା-ପ୍ରହାରେ
ସତ୍ୱର ଚଳନ୍ତି କି ଅଶ୍ୱଜନକରେ ! ୧୦୯

GPNanda Colln., Digitized by srujanika@gmail.com

ମଧ୍ୟେ ବଳୀ ଭୃଙ୍ଗ ସିତାମ୍ବୁରୁହେ ,
ସେ ସରୋବର ଶୋଭା ନପୂନ ମୋହେ ;
ମନେ ହୁଅଇ ସତେ ବଦନ ସର
ସକଳଂକ ବନ୍ଧୁଳ ସୁଧାଂଶୁକୁଳ ! ୧୧୦
ବାସୁକୀସମ ଯହିଁ ମୃଣାଳଶିଖ ,
କମଳାଂକିତ କୋଳେ, ରଥାଙ୍ଗ ଧର ,
ଭ୍ରମର-ମଂଳ-ଶ୍ୟାମେ ସତେ ସେ ସରେ
ଭଜନ୍ତି ବାଁଷ୍ଟ , ପଦ୍ମ-ଗୁଳ୍ମଙ୍କ ଛଳେ ! ୧୧୧
ସେ ସରୋବର-ବକ୍ଷେ ତରଂଗମାଳ ,
ସାଗରେ ତରଙ୍ଗିଣୀମାନଙ୍କ ଭୁଲ ;
ସ୍ଫୁଟନ-ମୁଖ କୋକନଦ-ନିବହେ
ପ୍ରବାଳାଂକୁର-ଶୋଭା ଗରବେ ବହେ । ୧୧୨
ନୀଳଦ୍ରୁମୂଳେ ସିଂଧୁ ଗରଲ ଶୋଭା ;
ପିତ ସରୋଜ ଅଦ୍ଧା କି ମନଲୋଭା !
ସେହି କି ପାଦ୍ମବାର-ସୁଧାଂଶୁ ତେବେ ,
ଦେଖାଏ ସେ ସରସୀ ସିଂଧୁ-ଚରବେ ! ୧୧୩
ଘନ ଶୈବାଳ-ଲତା ଥର ଲହରେ ,
ବିକାଶେ କୃଷ୍ଣ-ରୁଚ, ଧୂମ-ସଂଭ୍ରମେ ,
ସରସୀ-ତଳେ ରହି ବଡ଼ବା କି ସେ
ଜଳଇ, ଧୂମ-ଲେଖା ବାହାର ଦଶେ ! ୧୧୪

GPNanda Colln., Digitized by srujanika@gmail.com

ଦିବସେ ସରୋଜିନୀ ଆଦିତ୍ୟ ସଂଗେ
ଆମୋଦେ କଣ୍ଟକିତ ରୋମାଂଚ-ଭଂଗେ ,
ଲକ୍ଷ୍ମୀନିବାସ ହେଲେ ଶରୀର ତୀର ,
ଦିଶେ ଶୋଭନା ସ୍ୱର୍ଗ ଅପ୍‌ସରୀ ସମ । ୧୧୫
ସରଳ ତଟଦ୍ରୁମ ପବନେ ଚଳେ ;
କଂପଇ ପ୍ରତିବିଂବ ତଡ଼ାଗ ଜଳେ ;
ମଇନାକ, କଂପାଇ ପତତ୍ର କି ସେ ,
ଅର୍ଣ୍ଣବ-ଜଳ—ତଳେ ଏସନ ଦିଶେ ! ୧୧୬
ପିନ୍ଧୁ ଜଣା ସେ ସର ତଟେ ନୃପତି
ଦେଖିଲେ ସ୍ୱର୍ଣ୍ଣ—ହଂସ ବିଚିତ୍ର ଅତି ;
ରଙ୍ଗେ ମରାଳ-ବଧୂ-କଲ-ନିସ୍ୱନେ
ଶୁଣୁଥିଲା ସେ ବସି ଅନନ୍ୟ ମନେ । ୧୧୭
ବାଳାରେ ଅନୁରାଗ—ଅଙ୍କୁର ସମ
ଦିଶୁଥିଲା ତା' ଚଂଚୁ ବ ମନୋହାରୀ ;
ଦ୍ୱି-ପତ୍ର ସହ ଗୃରୁ ଚରଣ ଦିଶେ ,
ପୀରତ ତରୁ ଅଦ୍ୟ ପଲ୍ଲବ କି ସେ ! ୧୧୮
ମୁହୂର୍ତ୍ତ ମାତ୍ର ଦେଖି ସେ ହଂସେ ନଳ ,
ମଣିଲେ, ନେତ୍ର, ମନ, ଜନ୍ମ ସଫଳ ;
ପ୍ରିୟା—ବିରହେ ହୋଇଥିଲେହେଁ ବାଇ ,
କୌତୁକେ ମନ ଏବେ ଦେଲେ ଭସାଇ । ୧୧୯

GPNanda Colln., Digitized by srujanika@gmail.com

ନରଂକୁଶ ବିଧାତା-ଇଚ୍ଛାର ବଳେ
ଚଳନ୍ତି ସର୍ବ ପ୍ରାଣୀ ଏ ମହୀତଳେ ;
ବାତ୍ୟାଯୋଗେ ତୃଣର ଗତି ସମାନ
ଚଳଇ ପ୍ରାଣୀ ଭବେ ଅବଶ-ମନ । ୧୨୦
ସୁରତ-ଖେଦେ କ୍ଳାନ୍ତ ଖଗ ସେ କାଳେ
ଆଶ୍ରି ଏକ-ପାଦକୁ ପଲ୍ଵଳ ତୀରେ ,
ଅଳପେ ବକ୍ର କରି କନ୍ଧରେ ଶିର ,
ପକ୍ଷେ ଆଚ୍ଛାଦ ହେଲା ନିଦ୍ରାରେ ଭୋଳ । ୧୨୧
ଦେଖି, ନଳେ ସୁବର୍ଣ୍ଣ-କମଳ-ଭ୍ରମ ,
ସୁଷମା ଯହିଁ ସେହୁ ନଳ-ଲପନ ;
ବରୁଣର କିବା ସେ ପୀତ ଚାମର ,
ବିଦ୍ରୁମ-ଦଣ୍ଡେ ବନ୍ଧେ ଚାମର-ଭାର ! ୧୨୨
ଭୁଜଂଗ ଛନ୍ଦ ବୀର ଚଳନ୍ତେ ତଳେ ,
ପାଦୁକା-ଶୋଭି ପାଦ ଗରବେ ଚଳେ ,
ବର୍ମ କଞ୍ଚୁକେ ଧରି ଯୁଝିବେ ସତେ
ବିପିନ ଜାତ ପଦ୍ମ ପ୍ରବାଳ ସାଥେ ! ୧୨୩
କପଟେ ବଳ-ଧ୍ଵଂସୀ ବାମନ ପରି
ସଂକୋଚ ନିଜ ବପୁ ନୃପ କେଶରୀ ,
ନିଃଶବ୍ଦେ ପାରୁଶେ ଯାଇଣ ଧୀରେ ,
ଛଟକେ ବିହଂଗମେ ଧଇଲେ କରେ । ୧୨୪

GPNanda Colln., Digitized by srujanika@gmail.com

ଚମକେ ମଗ୍ନ ସେ ଜାଣି ବଂଧନ ,
ଉଡ଼ିବା ଲଗି କେତେ କଲା ଯତନ ,
ନିରାଶ ହୋଇ ଏବେ ପ୍ରାଣ ବିକଳେ
ଦଂଶିଲା ସେ ରାଜନ କର ଯୁଗଳେ । ୧୬୫
ଚକିତେ ପକ୍ଷୀଗଣ ସରସୀ ଛାଡ଼ି ,
ଉଡ଼ିଲେ ଚଉଦିଗେ ଚିତ୍କାର କରି ,
ସହି ନପାରି ସତେ ତଡ଼ାଗ, ନଳେ
ନିବାରେ ଊର୍ମି-ଲୋଲ-ପଂକଜ-କରେ ! ୧୬୬
କଳହଂସ-ମଣ୍ଡଳୀ ରବିଲେ କୂଳେ ;
କି ଅବା ଶୋଭାଦେବୀ ଅତି ବିକଳେ
ଖଗ-ବିହୀନ ସର ଛାଡ଼ି ଚଳନ୍ତେ
ପାଦ ନୂପୁର ରବ ଶୁଭେ ଦିଗନ୍ତେ ! ୧୬୭
ଭାଳି, 'ନଳ-ପାଳିତ ଏ ଧରାତଳ
ନୁହେ ନିବାସ ଯୋଗ୍ୟ,' ବିହଗକୁଳ
ଯାଆନ୍ତି ଅବା ଏହି ଧରଣୀ ଛାଡ଼ି ,
କରନ୍ତି ନିନ୍ଦା-ବାଦ ଆକାଶେ ଉଡ଼ି ! ୧୬୮
'ସୁନ୍ଦର ପକ୍ଷେ ଏହି ସୁନ୍ଦର ପଣ
ଦେଖି ନଥିଲୁ କେବେ ମର ଭୁବନ' ,
ସୁଖେ କହନ୍ତେ ନୃପ ଶ୍ରୀକରେ ଧରି ,
ଭାଷିଲା ଏସନ ସେ ମାନସ-ଚାରୀ :— ୧୬୯

GPNanda Colln., Digitized by srujanika@gmail.com

"ଧୀକ୍କାର ନୃପ , ତବ ମନ ତରଳ ,
ସୁବର୍ଣ୍ଣ ପକ୍ଷ ଦେଖି ଏ ଲୋଭ କର ;
ତୁଷାର-ଚନ୍ଦ୍ର ପଡ଼ୁ, ସିଂଧୁ କି ବଢେ ?
ସୁବର୍ଣ୍ଣ-କଣେ କେତେ ଭଣ୍ଡାର ଭରେ ? ୧୩୦
ବିଶ୍ୱାସ କରିଛି ମୁଁ ତୁମ୍ଭଙ୍କୁ ନଳ ,
ମୋ ବଧ ନୁହେ ପ୍ରାଣୀ-ବଧ କେବଳ ;
ହିଂସା ତ ଧାର୍ମିକର ନୁହଇ ବିଧି ,
ହେଲେହେଁ ଶତ୍ରୁ , କେହୁ ବିଶ୍ୱାସୀ ବଧି ? ୧୩୧
ନାହାନ୍ତି କେତେ ଶୂର ଅଦରି ମନ୍ତ୍ରୀ ,
ତହିଁ ଜିଘାଂସା ତବ ମେଣ୍ଟିଲା ନାହିଁ !
କୃପା-ଭିଖାରୀ ଦୀନ ପତନୀ ମୋର ,
ଧିକ୍କାର କୁତ୍ସିତ ଏ ବିକ୍ରମେ ତୋର ! ୧୩୨
ସଲିଳ ବନଫଳ ମୂଳେ ଜୀବନ
ମୁନି-ସଦୃଶ ମୁହିଁ କରେ ଧାରଣ ;
ତଥାପି ଦଣ୍ଡ ଦିଅ, ତୁମ୍ଭଙ୍କୁ ପଡ଼ି–
ସ୍ୱରୂପେ ଲଭି , ଲାଜେ ନବୁଡ଼େ ଯଦି !" ୧୩୩
ଏସନ ଖଗ ନଳେ ଭର୍ତ୍ସନ୍ତେ ଗିର ,
କୃପା ବହନ୍ତି ଲାଜେ ଛୁଡ଼ିଲେ ବୀର ;
ଚେଲା ପୁଣି ଖଗ ବଚନ ଫାନ୍ଦ ,
ଦୟା-ସିଂଧୁ ରୂପ ହୃଦେ କାରୁଣ୍ୟ-ନଦୀ :—୧୩୪

GPNanda Colln., Digitized by srujanika@gmail.com

" ଏକା ସଂଘଟିତ ମୁହିଁ , ଜରତୀ ମାତା ,
ନବ ପ୍ରସୂତ ମୋର ସତୀ ବନିତା ,
ବୃଦ୍ଧଙ୍କ ଗତି ମୁହିଁ, ମୋତେ ସଂହାର ,
ଅହା ବିଧାତା, କୃପା ନାହିଁ ତୁମ୍ଭର ! ୧୩୫
ବନ୍ଧୁ ଏ କ୍ଷଣେ ଜନ୍ମ ନଶ୍ୱର ଭବ ,
ଲୋଚନ ମୁଂଚ ନେତ୍ରୁ , ହେବେ ନୀରବ ,
କିଂତୁ ଜନନୀ , ତବ ଶୋକ-ସାଗରେ
ଆଜ କି ହେଲା ଅଛୁ ଏ ଭବ ପୁରେ ! ୧୩୬
ତୋ' ଲାଗି ପ୍ରିୟେ ବାର୍ତ୍ତା ମୃଣାଳ ଭାର
ଧରି ଯାଉଛି ବୋଲି , ମଣି ମନ୍ଥର ,
ପୁଛିବୁ ବନ୍ଧୁ ଗଣେ , କ୍ରନ୍ଦନ ଶୁଣି ,
ହୃଦ ଧରି କେମନେ ରହିବୁ ଧନି ! ୧୩୭
ପ୍ରେୟସୀ ତନୁ ମମ ମୃଦୁ ଶୀତଳ
ଯେଉଁ ଶ୍ରୀକରେ ବିଧି ସୃଜି ହେ ଥିଲ ,
ସେହି କରେ ମମ ଏ ଭାଲ-ଲେଖନେ
ମର୍ମ-ଭେଦ-ବିରହ ଲେଖ କେମନେ ? ୧୩୮
ମରାଳ-ଯୂଥ-ମୁଖ୍ୟ ଅଶନ-ସମ
ପ୍ରେୟସି , ଶୁଣି ଅଜ ବୃତାନ୍ତ ମମ ,
ଦେଖିବୁ ଦଶଦିଗ ଘୋର ଅନ୍ଧାର ,
ବିକଳେ ନେତ୍ର ଯୁଗ୍ମ ତେଜିବୁ ନୀର । ୧୩୯

GPNanda Colln., Digitized by srujanika@gmail.com

ମୋହର ଶୋକେ ଯେବେ ହୋଇ ବିକଳ ,
ତେଜବୁ ପ୍ରଣୟିନ, ଜୀବିତ ତୋର ,
ଦଇବେ ମତ ଥରେ , ମରିବି ପୁଣ ,
ଅହା ମୋ ଶିଶୁ ଯେବେ ତେଜିବେ ପ୍ରାଣ ! ୧୪୦
ତୋତେ ନଦେଖି ଅହା କୁଲାୟେ ଲୁଣ୍ଠି ,
କ୍ଷୁଧା-ଅକୁଳେ ପ୍ରାଣ-ବିକଳେ ରଟି ,
କଷଣେ ଲବ୍ଧ ଶିଶୁ ତନୟ ଗଣ
ନପେହୁଁ ଅଞ୍ଜି , ବିସର୍ଜିବେ ଜୀବନ ! ୧୪୧
କାହାକୁ ଡାକି ଧନ ଅପୂର୍ତ୍ତ ସ୍ୱରେ ,
ହୃଦୁ ଠେକିବ ମୁଖ ନୀଡ଼ ଗହ୍ୱରେ ?”
କହି ମୂର୍ଚ୍ଛିତ ହେଲା ମରାଳ ତହିଁ ;
ନଳ ଲୋଚନେ ଅଶ୍ରୁ , ସଜ୍ଞା ଲଭଇ । ୧୪୨
ସେ ବିଳାପେ ତରଳି କହିଲେ ନଳ :—
“ଦେଖିଲି ରୂପ, ସିଦ୍ଧ ଉଦ୍ଦେଶ୍ୟ ମୋର ;
ଯାଅ ଯଥେଚ୍ଛା ଏବେ ମାନସସରି ;”
କହୁ ଏସନ ଖଗେ ଦେଲେ ସେ ଛାଡ଼ି । ୧୪୩
ସତେ ତା’ ଚଞ୍ଚୁପାଶେ ରଙ୍କ ଅକାର
ଉଡ଼ି ଆରମ୍ଭ କଲେ ବନ୍ଧୁ ସକଳ ;
ବଂଧନ ଦୁଃଖେ ତାଂକ ଉଷ୍ଣ ଲୋଚନେ
ଶୀତଳ ମିଶିଗଲା ପରମ ସୁଖେ । ୧୪୪

GPNanda Colln., Digitized by srujanika@gmail.com

କବିରାଜରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟ ବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ;
ନୈଷଧ ଚରିତ ମହା କାବ୍ୟ ଗ୍ରନ୍ଥ
ଶୃଙ୍ଗାର-ଭଙ୍ଗୀରେ ରଚିଲେ ସେହୁ ;
ଚିନ୍ତାମଣି-ମନ୍ତ୍ର- ଚିନ୍ତା-ଫଳେ, ତହୁଁ
ଅଦସର୍ଗ ସର୍ଗ-ମହତ ଏହୁ । ୧୪୫

GPNanda Colln., Digitized by srujanika@gmail.com

ପ୍ରଥମ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୨ — ଯୁଦ୍ଧ ଦଣ୍ଡରେ ଛତ୍ର ପଦ୍ମ, ପ୍ରତାପରେ କୀର୍ତ୍ତି ଶୋଭାପାଏ ।

୩ — ନଳ ନାମ କଳିରେ ପ୍ରାତଃସ୍ମରଣୀୟ ।

୪ — ଗୃହ ଦଶା ଯାହାର ସେ ଚତୁର୍ଦ୍ଦଶ: (୨ ଅର୍ଥ)

୮ — ଚନ୍ଦ୍ର ସମୁଦ୍ରରୁ ସେ ପଙ୍କ ଯଦି ବାହାରିଛନ୍ତି; (ତାତ୍ପର୍ଯ୍ୟ)

୧୧ — ଛଅଟି ଈତି ଭୟ ମଧ୍ୟରୁ ଅତିବୃଷ୍ଟି ଗୋଟିଏ ।

୧୨ — ମାର୍ଗବଧର୍ର ସୁଭାକଣ୍ଠା ରଖି, ମାକ୍ ଚଳାଇ ଲୁଚା ବୁଣନ୍ତି । ପଦନ୍ନ — ଭଲଲୁଗା ।

୧୪ — ମଣ୍ଡଳ । ଏଠାରେ ବମ୍ଭ ନୁହେଁ, ପରିବେଶ । ଆଗେ ଭୁଲହେଲେ ଅକ୍ଷର ନ ବଳ, ତା' ଶବ୍ଦପାଖେ କୁଣ୍ଡଳୀପଦ୍ଧ ଗାର କାଟୁଥିଲେ ।

୧୬ — କବି, ବୁଧ = ୧ ଶୁକ୍ର, ବୁଧ ; ୨ କବି, ପଣ୍ଡିତ ।

୨୨ — ସୁକୃମୁଦଶ : ନେତ୍ରରେ ନିମେଷ ପଡ଼େ ନାହିଁ ।

୩୧ — ନିଶ୍ୱାସ — ଦୁଃଖର ଦୀର୍ଘ ଶ୍ୱାସ ।

୩୨ — ୧ ବୟସ = ପକ୍ଷୀ, ଗରୁଡ଼ ; ୨ ବୟସ = ଯୌବନ । ବିଷ୍ଣୁପୁତ୍ର ମନ୍ମଥ ଗରୁଡ଼ରେ ଚଢ଼ି ବାଣାସୁରବଧ ସେତ କରିଥିବାର ପୁରାଣରେ ଅଛି ।

୪୪ — ମଦନ ରତିଗର୍ଭରେ ଅନିରୁଦ୍ଧ ଜନ୍ମ କଲେ । ଅନିରୁଦ୍ଧ ମଦନ ରତିଙ୍କ ପୁଅ । ବ୍ରହ୍ମା ମଦନ ରତି ବୟସରେ ନିର୍ଦ୍ଦେଶ ମାନେ ନାହିଁ (ଦ୍ୱିତୀୟାର୍ଥ)

୪୯ — ନୈୟାୟିକ ମତରେ ମନ ଅଣୁ । ଧୂଳିରେ ଦର୍ଶକ ମାନଙ୍କ ମନ-ଅଣୁର ଅଙ୍କେତ ହୋଇଅଛି । ମନଠାରୁ ଘୋଡ଼ାର ବେଗ ବେଶୀ ଥିବାରୁ, ମନ ପକ୍ଷରେ ତାହା ଶିକ୍ଷଣୀୟ ।

୬୧ — ଚକ୍ରବର୍ତ୍ତୀ ରବିଙ୍କର ଏକଚକ୍ର ରଥ ସାତଟା ଘୋଡ଼ା ବୁହାନ୍ତି, ଏ ଘୋଡ଼ା ଏଠାରେ ଚକ୍ରବର୍ତ୍ତୀ ନଳଙ୍କୁ ବହୁ ସୂର୍ଯ୍ୟାଶ୍ୱମାନଙ୍କୁ ଜିଣିବା ସମୀଚୀନ ! କୀର୍ତ୍ତି ଧଳା ହେବାର କବି ପ୍ରସିଦ୍ଧି ।

୬୩ — ଓାକ ଚପଳ — ମୁହଁଟା କଡ଼ିଅର ବା ଲଗାମ୍ ।

GPNanda Colln., Digitized by srujanika@gmail.com

୬୪ – ଶବ୍ଦ ମାନଙ୍କରେ ନଳ ପକ୍ଷେ, ଇନ୍ଦ୍ର ପକ୍ଷେ – ଏପରି ଦୁଇ ଅର୍ଥ ଅଛି । ଅନନ୍ତ – ବିଶାଳ, ବହୁତ (ସହସ୍ର) ; ମହୀଭୃତ – ରାଜା, ପର୍ବତ, ଦ୍ୱିଷନ୍ତ୍ର – ଶତ୍ରୁ ଦେଶ-ଜାତ, ସମୁଦ୍ରଜାତ (ଉଚ୍ଚୈଶ୍ରବା) ; ସୁଧାକର-ସୋଦର – ଶୁଭ୍ର, ଚନ୍ଦ୍ର ସହିତ ସମୁଦ୍ର ମନ୍ଥନରେ ଜାତ ।

୬୫ – ଦୁଇ ପକ୍ଷ ଅର୍ଥ । ଶ୍ରୀକରେ – ହାତରେ, ଚରଣରେ ।

୭୦ – ହରି = ୧ ବିଷ୍ଣୁ ; ୨ ଘୋଡ଼ା । ବିଷ୍ଣୁ ବାମନ ଅବତାରରେ ପାଦରେ ଆକାଶ ଘେରିଥିଲେ ।

୭୧ – ଜୈନ ବା ବୌଦ୍ଧଧର୍ମ ବିଧାନରେ ଚକ୍ରାକାର ମଣ୍ଡଳ କଥା ଅନୁସନ୍ଧେୟ ।

୭୫ – ବନ୍ୟାବଧି – ବଣଯାଏ ; ଜଳ ଯାଏ । ବନ୍ଧୁମାନେ ଜଳ ପର୍ଯ୍ୟନ୍ତ ପାଛୋଟିବାର ବିଧି ।

୭୯ – କର୍ଣ୍ଣଶର – ଟାଣିଥିବା ଶର ।

୮୩ – ବିୟୋଗିନୀ – ପକ୍ଷିଯୁକ୍ତା ; ବିରହିଣୀ । କଣ୍ଟକୀ – କଣ୍ଟକଯୁକ୍ତା ; ରୋମାଞ୍ଚିତା (୨ ଅର୍ଥ)

୧୦୦ – ନଳର 'କୁହୂ' ସ୍ୱରରେ କୁହୂ (ଅମାବାସ୍ୟା) କୁ ଡାକେ ।

୧୦୧ – ସଂହର – ଏକତ୍ର କରି ଆପଣା ପାଖେ ରଖ ।

୧୧୧ – ପଦ୍ମନାଭ, ବିଷ୍ଣୁ ; ମୃଣାଳ, ବାସୁକୀ । ଭ୍ରମରମାଳ ଶ୍ୟାମେ, ଓ କମଳା-ଙ୍କିତ କୋଳେ – ଏ ଦୁଇଟିରେ ଅକ୍ଷରର ଅର୍ଥ ଶ୍ଳେଷ ବୁଝି ନେବାକୁ ହେବ । କମଳା (କମଳ) + ଅଙ୍କିତ – କମଳାଙ୍କିତ । ରଥାଙ୍ଗ – ଚକ୍ରବାକ ; ଚକ୍ର (ବିଷ୍ଣୁଙ୍କ ଅସ୍ତ୍ର) ।

୧୧୫ – ଅବତ୍ୟ – ସରୋବର ପକ୍ଷେ, ଦୂର୍ବା ; ଅପ୍ସରା ପକ୍ଷେ, ଦେବତା । ଲକ୍ଷ୍ମୀ – ପଦ୍ମାଳୟା ; ଶୋଭା

୧୨୧ – ଏକପାଦକା – ନିଦ୍ରାବେଳେ ହଂସର ଏକ ପାଦରେ ବସିବାର ଏକ ପ୍ରକାର ଭଙ୍ଗୀ ।

୧୨୩ – ପାଦ ପାଦୁକାରୂପ ବର୍ମାବରଣ ଯଥା ଯୁଦ୍ଧ କରିବ ।

୧୨୬ – କୂଳରେ ହଂସ କଳରବ ଶୋଭା ଦେବଙ୍କ ନୂପୁର ଧ୍ୱନି ବୋଲି କଳ୍ପିତ ହୋଇଛି ।

୧୪୪ – ଦୁଃଖର ସେତକ ଉଷ୍ଣ ଓ ଆନନ୍ଦର ସେତକ ଶୀତଳ ଥିବାର କବି-ପ୍ରସିଦ୍ଧି ଅଛି ।

GPNanda Colln., Digitized by srujanika@gmail.com

ଦ୍ୱିତୀୟ ସର୍ଗ

ଶ୍ଳୋକାର୍ଦ୍ଧ କରୁ ଲଭଣ ମୁକୁନ୍ଦ ,
ନିର୍ବାକ ଦ୍ୱିଜଶେଖର
ଲଭିଲା ଅମେୟ ପୁଲକ, ନୁହେ ତା’
ବଚନ ମନ ଗୋଚର । ୧

ପୁଲକ ଉଲ୍ଲାସେ ସଜାଡ଼ି ଶରୀର ,
ଝାଡ଼ିଦେଲା ବାରଂବାର ;
ଚଂଚୁପୁଟେ ଖୁଣ୍ଟି, ସମାନ କଲା ସେ
କଣ୍ଠଘାଟ-ରୂକ୍ଷ ପର । ୨

ମୁକୁନ୍ଦ ଶ୍ରୀଅଙ୍କେ ବିହଙ୍ଗମ ନିଜ
ନିଳୟେ ବସିଲା ଯାଇ ;
ପକ୍ଷ ଟେକି , ପାଦେ ଗଳାଇ, ସେ ପାଦେ
ମସ୍ତକ ଦେଲା କୁଣ୍ଡାଇ । ୩

ଦ୍ରୁତ କଣ୍ଡୂୟନେ ଖୋଜି ଖୋଜି କେତେ
ପଢ଼ରେ ମସ୍ତକ-ବର ,
ପକ୍ଷ-ଚଂଚୁ-ପୁଟ-ଅଗ୍ରଭାଗେ ଧରି
ଦଂଚଲା ଖଣ୍ଡ କଙ୍କର । ୪

୩୩

GPNanda Colln., Digitized by srujanika@gmail.com

ବେଢି ଯାଇ ସଉଣଦାଣୀ ବନ୍ଧଗେ ,
ଉଡ଼ିଗଲେ ଉଡ୍ଡୟନେ ;
ଧରିଥିଲେ ନୃପ, ସେ ବିକାର ପକ୍ଷେ
ଦେଖି, ସ୍ମିତ ବନ୍ଧୁ ମନେ । ୫
ଶିଉଳ ସମାନ ତ୍ରିପୁଣ୍ଡ୍ରାଦି ଦେଖି ,
ରୁଦ୍ରାକ୍ଷେ ମଧୁପ ମଣି ;
ସତେ ସେ, ସରସୀ-କୋକନଦ ବୋଲି ,
ନଳକରେ ଅସେ ପୁଣି ! ୬
ନଳେ ବନ୍ଧୁକାଳ-ଜ୍ୱଳିତ ପରି ସେ
ବିହଗ ବିଶ୍ୱାସ ବନ୍ଧ ,
ଉଡ଼ି ଅସି, ପୁଣି ବସି ସେ ଶ୍ରୀକରରେ ,
ନୃପ-ଚିତ୍ତ ଦେଲା ମୋହ । ୭
ମାନସ-ଲାଳସ ସେହୁ ରାଜହଂସ
ଭାଷିଲା ନୃପତି କାନେ ;
ଶୁଣି ସେ ବଚନ, କଉତୁକେ ମନ
ଭାସିଗଲା ସେ ରାଜନେ । ୮
" ଧର୍ମଶାସ୍ତ୍ର ମତେ କ୍ଷତ୍ରିୟ ଜଗତେ
ମୃଗୟା ନୁହେ ନିନ୍ଦିତ ;
ଅତଳ ଯେ ମତେ, ଏ ଦିନା ତୁମ୍ଭର
ଦୟା ଧର୍ମର ମହତ୍ତ୍ୱ । ୯

GPNanda Colln., Digitized by srujanika@gmail.com

ଅବଲ ସ୍ୱକୁଳ ବନାଶନ୍ତି ମୀନେ ,
ମୀନେ ପୀଡନ୍ତି ପାଦପ
ଖଗେ, ମୃଗ ତୃଣ ନାଶନ୍ତି ନର୍ଦ୍ଦୋଷେ ,
ମାରି ତାଂକୁ, ନାହିଁ ପାପ । ୧୦
କହନ୍ତି ଅପ୍ରିୟ , କରିବ ବ୍ରଜନ ,
ପ୍ରିୟ କର୍ମେ ପରିହାର ;
ଅତପେ ସନ୍ତାପି ପାଦପେ , ତପନ
କରେ ବୃଷ୍ଟି ଉପକାର । ୧୧
ପ୍ରାପତ ହୃତ ଏ ଅଯାଚତ , ତବ
ଏତବାର ଅନୁଚିତ ;
ବଧ୍ୟ-ଦତ୍ତ ସବୁ ଅଛଇ ଭୁବନେ ,
ଯେ ହେଉ ପଛେ ନିମିତ୍ତ । ୧୨
ପକ୍ଷିମାତ୍ର ମୁହିଁ, ଜଗତର ନାଥ ,
କି କରିବ ଉପକାର ?
ଦେଖିଲେହେଁ, ବାସନା ଉଠଇ ପରାଣେ ,
ମାନସ ନୁହଇ ସ୍ଥିର । ୧୩
ଉପକାର ପାଇ, ଅଚିରେ ଉଚିତ
ପ୍ରତି ଉପକାର ଭବେ ,
ଶକତି ପ୍ରମାଣେ ; ସାନ ବଡ ବସ୍ତୁ
ବିଚାର ନ କରି ଲବେ । ୧୪

GPNanda Colln., Digitized by srujanika@gmail.com

ବିଶ୍ୱରେ ସୁନ୍ଦର ନୋହୁ ପଛେ ମୋର
ଭାରତୀ , ନୃପତିବର ,
ଶୁକ-ବାଣୀପରି ଏ ପକ୍ଷି—ବଚନ
ନୋହିବ କି ପ୍ରୀତିକର ? ୧୫
ଭୀମ ନାମେ ରାଜା ପାଳନ୍ତି ପରଜା ,
ନାଶି ସାର୍ଥ ଶତ୍ରୁଗଣେ ;
ବିଦର୍ଭ ଅବନୀ ଲଭି ସେ ରାଜନେ ,
ଇନ୍ଦ୍ରଭୂମି ତୁଚ୍ଛ ମଣେ । ୧୬
ପ୍ରସନ୍ନ 'ଦମନ' ତପୋଧନ ବରେ
କନ୍ୟା ଛନ୍ତି ଗୃଏ ପାଇ ;
ତ୍ରିଭୁବନେ ତିନି କାଳେ ଆନ ବାଳୀ
ସମାନ ନୁହନ୍ତି ତହିଁ । ୧୭
ତ୍ରିଭୁବନ-ଶିରୀ-ସୁନ୍ଦରୀ-ସମାଜେ
ସାର ଅପଘନ କାନ୍ତି
ଦମନ କରନ୍ତେ ରୂପ ଗୁଣେ ବାଳା ,
ନାମ ହେଲା ଦମୟନ୍ତୀ । ୧୮
ଗୁଣ-ସିନ୍ଧୁ-ନୃପ କମଳା ଧରିଏ
ଅବତୀର୍ଣ୍ଣା ହୋଇଛି ଜାତ ;
ଦୂରେ ଥିଲେ ଶିବ-ଶିର-ଚନ୍ଦ୍ରକଳା,
ନୁହଇ କି ସୁଶୋଭିତ ? ୧୯

GPNanda Colln., Digitized by srujanika@gmail.com

ବଦୁଷୀ ଶିରସେ ଧରଇ ଚକୁର ;
ସୁଷମା ତାହାର କାହିଁ ?
ଅନାଦରେ ପଶୁ ରଖିଛନ୍ତି ପଛକୁ
ଚାମର ; ସେ କଦା ତହିଁ ? ୧୦

ବାଳା ପୀନ ନେତ୍ରେ ଜିତ, ନମିତ ,
ନଜ ନେତ୍ରେ ମୃଗ ଗଣ ,
ନ ବାରି ସେ ଭୟେ, ବହନ୍ତି ଯାନ୍ତ୍ରନା ,
ଛଳ ଖୁର, କଣ୍ଡୂୟନ । ୧୧

ଶ୍ରୁତି-ଗାମୀ ତାର ନୟନ ଯୁଗଳ ,
ଶ୍ରୁତିଗତ ଗୁଣାବଳୀ ,
ପିତୃ-ମାତୃ-କୁଳ-କୀରତି ଉଜଳ ,
ରଖିଲେ ଭୁବନେ ଝଳ । ୧୨

ଲୋଚନ ଯୁଗଳ ଅଞ୍ଜନ ବହୁନେ
ନାଳନେ କରନ୍ତି ସ୍ନାନ ;
ଅଞ୍ଜନ-ରସାଣେ ଖଞ୍ଜନ-ନୟନ—
ଗରବକୁ କଲେ ମ୍ଲାନ । ୧୩

ପକ୍ୱ ବିଂବ ଫଳ, ସୁମୁଖୀ ଅଧରୁ
ବହୁ ଅପକୃଷ୍ଟ ଭାବ ,
ବହୁତ ଯୋଜନା ଲଭି କବି-ଗିରେ ,
ହୋଇଛି ଅଧର ବିମ୍ବ । ୧୪

GPNanda Colln., Digitized by srujanika@gmail.com

ମୁଖ ନରମାଣେ ସୁଧାଂଶୁ ଗରଭୁ
କାଢିଛି ବିଧାତା ସାର ;
ଶୂନ୍ୟ ସ୍ଥାନେ ସିନା କଳଂକର ଛଳେ
ଦଶେ ଛଯ୍ୟା ଗଗନର ! ୧୫
କଳଂକ ଗୋମୟ ମଧ୍ୟେ ରଖି ବିଧି ,
ପାଣ୍ଡୁର ଲେପନ କରି ,
ବନ୍ଦଇ ସିନା ସେ ବିଟଂକିତ ମୁଖ ,
ସୁଧାଂଶୁ-ସରାବ ଧରି । ୧୬
ବାଳାମଣି ମୁଖେ ସୁଷମା ପରଖେ
ଢାଳି ଯେବେ ତାମରସେ ,
ବୁଡ଼, ପଣ ଭାଙ୍ଗି, ବାହାରିଲେ; ତେଣୁ
ଭଂଗ ଏବେ ପରକାଶେ । ୧୭
ଭ୍ରୂ ଯୁଗ କାମ-ତ୍ରିଭୁବନ-ଜୟେ
ଅମୋଘ କାର୍ମୁକ ନବ ;
ଉଚ୍ଚ ନାସା ଯୁଗ ନାଳକାସ୍ତ୍ର ବସେ ,
ଲକ୍ଷ୍ୟ ନୃପ ହୃଦ ତବ ! ୧୮
ଭୁଜେ ଜଳଦୁର୍ଗେ ଜିଣେ ସେ ମୃଣାଳ ,
ମିତ୍ର-ଯୁତ-ପଦ୍ମ-ଶିରୀ
କର-ଲୀଳାରେ ସେ ଧରଇ ସୁନ୍ଦରୀ ,
ତବେ ଯୋଗ୍ୟ ତବ ନାରୀ । ୧୯

GPNanda Colln., Digitized by srujanika@gmail.com

ବାଲ୍ୟ ଯଉବନ ଦୁହେଁ ସେ ବିଗ୍ରହେ
 ରହିବାରେ କଲେ ମତ ;
ରୋମରେଖା ଛାଣି ଉଦରେ, ବିଧାତା
 ସୀମା କରେ ପ୍ରକଟିତ । ୩୦
ଅଗାଧ ଲାବଣ୍ୟ—ସଲିଳେ ପହରି
 କାମ ଯଉବନ ବେନି ,
ନିମଜ୍ଜନ ଭୟେ ଧରନ୍ତି କି ସତେ
 ଉଚ୍ଚ କୁଚେ କୁମ୍ଭ ମଣି ! ୩୧
ସୁନୟନୀର କୁଚ-କୁମ୍ଭ, ଚକ୍ରବାକ-
 ଭ୍ରମ ମନେ ଉପୁଜାଏ ;
କୁମ୍ଭର କାରଣ ଚକ୍ର, ତା'ର ଭ୍ରମ
 କାର୍ଯ୍ୟେ ବା ପ୍ରତ୍ୟକ୍ଷ ହୁଏ ! ୩୨
ଦେଖି କେଶ-ଶୋଭା, ନନ୍ଦ ପିଞ୍ଛ, ଅଗ୍ରେ
 ମୟୂର ଶିଖି-ବାହାନ ;
କୁଚେ ପରାଜିତ ହୋଇ, ଐରାବତ
 ବାସବେ ପଶେ ଶରଣ । ୩୩
ମୁଷ୍ଟି ଯୋଗେ ବିହି ରଚନ୍ତି ଲାବଣ୍ୟେ
 ସୁନୟନୀ-ମନ-ଉଦର ;
ତୃରୁ ଅଂଗୁଳିର ଛନ୍ନ ଛିଦ୍ର ଭେଦ ,
 ତ୍ରିବଳି ଛଳେ ରୁଚିର । ୩୪

GPNanda Colln., Digitized by srujanika@gmail.com

ମୁଠାରେ ରୁଚିର ଉଦର କୁରୁକେ
ମାପିଛନ୍ତି କି ପ୍ରଜାପତି !
ସ୍ୱର୍ଣ୍ଣ-କାଞ୍ଚି-ପୀଠ, ଚତୁର୍ଥ ଅଂଗୁଳ
ଚିହ୍ନ କି, ହୁଏ ପ୍ରତୀତ ! ୩୫
ମିହିର-ସ୍ୟନ୍ଦନ-ଶିଳ୍ପ-ଶିକ୍ଷା-ବଳେ
ଗଢିଛନ୍ତି ନିତମ୍ବ ବିଧି ;
ଏକ ଚକ୍ର ସେହି ରଥେ ଚଢି କାମ,
ଭାଂଗିବ ଜଗତ ଅଧି । ୩୬
ବିଶାଳ ଜଘନ ଯୁଗେ ସୁକୁମାରୀ
ଜିଣଇ ରମ୍ଭା ପାଦପ ;
ନଳ କୂବରଙ୍କ ତପ-ଫଳ-ସ୍ତ୍ରୀ—
ରମ୍ଭା-ଯଶ କରେ ଲୋପ । ୩୭
ତବ ସେବା-ଫଳେ କମଳ ଯୁଗଳ
ହେଲେ ବଇବର୍ଣ୍ଣ-ପଦ ;
ବଧି ସେବ ସତେ, ମରାଳ ଯୁଗଳ
କଣ୍ଠେ କରନ୍ତି ନାଦ ! ୩୮
ପବିତ୍ର ସରସୀ ସଙ୍କେତେ ଅଦରି ,
ପ୍ରତି ବ୍ରତେ ବିହିତ ତପ ,
ନ ଲଭିବ ଅବା କାହିଁକି ନଳନ
ଦମୟନ୍ତୀ-ପଦ-ରୂପ ! ୩୯

GPNanda Colln., Digitized by srujanika@gmail.com

ଦେଶ ଦେଶାନ୍ତରେ ଭ୍ରମି ସର୍ବତ୍ରରେ ,
ଦେଖିଛି ବହୁ ସୁନ୍ଦରୀ ;
ଦମୟନ୍ତୀ ସମ ଏ ଜଗତେ ଆଉ
ନାହିଁ କେହୁ କୃଶୋଦରୀ । ୪୦
ଦେଖି ବରାଙ୍ଗୀର ଅପରୂପ ଶୋଭା ,
ସୁରାଙ୍ଗନା ଜଣି ହୁଏତ ,
ଭାଳଇ , ବିଧାତା କେଉଁ ଭାଗ୍ୟବାନେ
ବିହିଛି ଏହାର ପତି ? ୪୧
ଯୁବକ-ସମାଜେ ନ ଦେଖିଲି ଜଣେ
ତାହାଙ୍କ ସଦୃଶ ବର ;
ପରିଶେଷେ ନଳ , ତବ କଥା ଭଳ ,
ସଂଶୟ ହୋଇଲା ଦୂର । ୪୨
ଦେଖି ତବ ରୂପ, ପଡ଼ଯାଏ ମନେ ,
ଦମୟନ୍ତୀ-ରୂପ-ଠାଣି ;
ବହୁଦିନ ହେଲା ଦେଖିଛି ତାହାରେ ,
ତେବେହେଁ ପାରୁଛି ଜାଣି । ୪୩
ତୁମ୍ଭେ ବିନା ଯୋଗ୍ୟ ଦମୟନ୍ତୀ ହାବ
ଭାବ ସ୍ମିତ ଲୀଳା ପାଇଁ ;
ମଣି ହାରାବଳୀ, ଯୁବତୀ-ଉରଜ-
ବିନୁ ଅନେ ନ ଶୋଭଇ । ୪୪

GPNanda Colln., Digitized by srujanika@gmail.com

ବନ୍ଧ୍ୟ ବୃକ୍ଷ ଫୁଲ ପରି ତୁମ୍ଭ ରୂପ
ବିଫଳ, ସେ ବାଳା ବିନେ ;
ବିଫଳ ତବ ଏ ଋଦ୍ଧିମତୀ ଧରା ;
କି ଫଳ ବା ଉପବନେ ? ୪୫

ଆସିଲେ ବରଷା , ସୁଧାଂଶୁ ନ ପାଏ
କୁମୁଦିନୀ ସଂଗ ମେଳ ;
ନୁହେଟି ସୁଲଭ , ଦମୟନ୍ତୀ-ରୂପ
ଲୋଡନ୍ତି ଅମର କୁଳ । ୪୬

ଭଜନ୍ତୁ ନୃପତି , ଦମୟନ୍ତୀ ପାଶେ
କରି ତବ ଗୁଣ ଗାନ
ହରିବି ହୃଦୟ, ଦେବବ୍ରଜ ଛଳେ
ନ ଲଭିବେ ତହିଁ ସ୍ଥାନ । ୪୭

ତବ ଅନୁମତ ଯେବେ ମୁଁ ବିନତ
କରେ ଯା', ଶତ ଧିକ୍କାର ;
ସାଧବେ ଦେଖାନ୍ତୁ ଉପକାରେ ସିନା
ଉପଯୋଗିତାର ଫଳ !" ୪୮

ଏ ସଂଦେଶ-ସୁଧା ହଂସ ଠାରୁ ପିଇ ,
ଲଭିଲେ ହରଷ ନଳ ;
ନନ୍ଦଦାସ ଛଳେ ଝରିଲା କି ସତେ
ବଚନେ ଅମୃତ-ସାର ! ୪୯

GPNanda Colln., Digitized by srujanika@gmail.com

ନିଷଧ ନୃପତି ଭୁଜ କୋକନଦେ
ଅର୍ପିଣି ମରାଳ ଧୀରେ ,
ଉଷଟେ ବିହ୍ୱଳେ ଉତ୍ତର ଭାରତୀ
ମୃଦୁ ସୁମଧୁର ସ୍ୱରେ । ୫୦
“ ରୂପେ ତବ ତୁଲା ନାହିଁ ଏ ଭୁବନେ ,
ସ୍ୱଭାବ ବଚନ ବନେ ;
‘ରୂପେ ଗୁଣ’ ଯାହା ସାମୁଦ୍ରିକ କହେ ,
ତୋରେ ମୁଁ ଦେଖୁଛି ଠୁଳେ । ୫୧
ତନୁ ନୁହେ ଖାଲି ସୁବର୍ଣ୍ଣ-ମୋହନ ,
ବଚନ ତହୁଁରୁ ବଳେ ,
ଏ ପକ୍ଷପାତିତା ନିରାଲମ୍ବ ପଥେ ,
ପୁଣି ପକ୍ଷି , ମୋହଠାରେ । ୫୨
ତପତ ପବନେ ତୁମ୍ଭେ ମୋହ ପ୍ରତି
ବାୟୁ ତୁଷାର-ଶୀତଳ ;
ଯାହା ମଣୁ ଧନୀ , ସାଧୁ କୋଟି ନିଧି
ଗୁଣି-ଜନ ସଂଗ ମେଳ । ୫୩
ତ୍ରିଭୁବନ-ମୋହ-ମହୌଷଧ-ଭୈମୀ
ହୋଇଥିଲା ଶ୍ରୁତି ଗତ ;
ତୁମ୍ଭରି ବଚନେ ଭାଳୁଛି , ନୟନେ
ଦେଖିଲଇ ତାରେ ସତ ! ୫୪

GPNanda Colln., Digitized by srujanika@gmail.com

ଲପନ ଭୂଷଣ ବିନା ଏ ନୟନ ,
ସୂକ୍ଷ୍ମ ଦ୍ରବ୍ୟ ନାହିଁ ଗତ ;
ଆପ୍ତ-ମିତ୍ର-ମୁଖେ ସ୍ଥୂଳ ସୂକ୍ଷ୍ମ ସବୁ
ଜଗତେ ହୁଏ ପ୍ରତୀତ । ୫୫
ଲୋକ ମୁଖେ ଶୁଣି ଅମିତ ଅମୃତ
ଭୈମୀ-କଥା ନିରନ୍ତର ,
ହାରିଛି ଧୈର୍ଯ୍ୟ କାମ ପରବଶେ ;
ତେଣୁହିଁ ମୋତେ ଧିକ୍କାର ! ୫୬
ବିରହ-ଅନଳେ ଅତି ଦୁଃଖେ ମୁହିଁ
ମଣିଛି ମଳୟାନିଳ
ମଳୟ-ପର୍ବତ-ଘୋର-ଆଶୀବିଷ-
ଫୁତ୍କାର-ଗରଳ-ସାର । ୫୭
ମାସେ ମାସେ ସୁଧାକର ରବି ଭୁଲେ
ଲଭଇ ଯାହା ମିଳନ ,
ଦହିବାକୁ ମୋତେ କରଇ କି ତହିଁ
ତୀବ୍ର କର ଆହରଣ ! ୫୮
ବଜ୍ରସମ କିପାଁ ମୋହ ଜନମାଏ ,
ସନ୍ତାପ ଦିଅଇ ଫୁଲ ?
କାମଶର-ରୂପେ ମଣଇ ମୁଁ ତା'ରେ
ବିଷବଲ୍ଲୀ-ଦଳାଦଳ । ୫୯

GPNanda Colln., Digitized by srujanika@gmail.com

ଅପାର-ଅନଙ୍ଗ-ଶର-ପାରାବାରେ
　　ହୋଇଅଛନ୍ତି ନିମଗନ ;
ଦଇବେ ଅଛିତ ଯେଣୁ ପାଶେ, ହୁଅ
　　ପୋତ ପରି ଅଲଂବନ । ୬୦
ଅଥବା ଏସନ ପ୍ରାର୍ଥନା ମୋହର
　　ନୁହେ କି ପିଷ୍ଟ-ପେଷଣ ?
ପରାର୍ଥତା ସାଧୁ ଜନର ସ୍ୱଭାବ ,
　　ଜ୍ଞାନର ଯଥ ପ୍ରମାଣ । ୬୧
ଯାଅ, ପଥେ ତବ ମଙ୍ଗଳ ବରଷୁ ,
　　ତୁରତେ ଆସିବ ଫେରି ,
ସାଧି ଅଭିଳାଷ , ସୁମରିବ ମୋରେ
　　ସମର୍ପି ମାନସ-ତରି ।" ୬୨
ଭାଷିଣ ଏସନ, ତେଜିଲ ସେ ହଂସଗେ ,
　　ଅନୁସର ଧୀର ଜବ ;
ଉପବନ ପଥରେ ପଶିଲେ, ସୁନ୍ଦର
　　ନୃପ ହଂସ କଳରବ । ୬୩
ସେହି ସେ ଦିବସ କରିବ ସଫଳ ,
　　ଦେଖି ସେ ରମଣୀ ବରେ ;
ମଣି, ଚଳେ ହଂସ ଉପତେ ଭୁବନ-
　　ମୋହନ-କୁଣ୍ଡିନ-ପୁରେ । ୬୪

GPNanda Colln., Digitized by srujanika@gmail.com

ଯାଉଁ ଯାଉଁ ପଥେ ଦେଖିଲା ଅଛୁତେ
ପୂର୍ଣ୍ଣକୁମ୍ଭ ସେ ମଙ୍ଗଳ ;
ପଥିକ-ବାସନା-ସିଦ୍ଧି ଜାଣି ଚହ୍ନଁ ,
ହେଲା ସେ ପୁଲକେ ଭର । ୬୫

ଅଦ୍ଭୁତ ଅଳସ ଗମନ ଗଗନେ
ଷଣେ ରଚ ହଂସବର ,
ନୃପତି ବିଳାସ-କାନନେ ହରଷେ
ଦେଖିଲା ରସାଳ ଫଳ । ୬୬

ଅଦୂରେ ଦଶିଲା ମୋହନ ବନସ୍ଥ-
ଜଟିଳ ପଙ୍କଜ ଶିଶୁ ;
ହାତୀ ପର ଅଭ୍ରଖଣ୍ଡ, ଶାଖେ ଲୁଚେ
ଉରଗ, ଶ୍ୱାପଦ ପଶୁ । ୬୭

ପବନ କମ୍ପାଇ ଦେଲା ସେ ପଲ୍ଲବେ
ଅଦୃଶ୍ୟ ଗଗନେ କାହିଁ ;
ଉଡଣ ବିପାଶ୍ୱ ନିଶ୍ଚଳ ପତଙ୍ଗେ ,
କଉତୁକ ଜନମାଇ । ୬୮

ଗତି ବେଗେ ପୁଣି ବିଭାସେ କନକ ,
ଗଗନେ ଦିଶଇ ଡୋର ;
ଗଗନ ନିକଷେ କଷଇ କି ସେହୁ
ପତଙ୍ଗ-କନକ-ଧାର ! ୬୯

GPNanda Colln., Digitized by srujanika@gmail.com

ପକ୍ଷ ନାଦ ଶୁଣି କାହିଁ ଭୃଙ୍ଗ ନରେ ,
ଚମକି ବିହଗ-ଗଣ ,
ଶ୍ୟେନ ଭୟେ ଊର୍ଦ୍ଧ୍ୱେ ଚାହିଁ ନେତ୍ର-କୋଣେ ,
କଲେ ବେଗେ ପଳାୟନ । ୭୦

ସ୍ଥଳ ଦେଖି ଚଳେ, ଚାହିଁ ଚାହିଁ ନଭେ ,
ଗୃହାନ୍ତେ ଉପରେ ନରେ ,
ଗତିବେଗେ ପୁଣି ହୁଅଇ ଅଦୃଶ୍ୟ ,
କାହିଁ ଲୁଚିଯାଏ ଖରେ ! ୭୧

ଗତିବେଗେ କେତେ ଉଜ୍ଜଳ ଧରଣୀ ,
ଉଡ଼ି ଉଡ଼ି ନଭ ସ୍ଥଳେ ,
ତରୁ ଡାଳେ କାହିଁ ନ ବସିଲା ଆସି ,
ନ ଭାଷିଲା ହଂସ-କୂଳେ । ୭୨

କେତେ କାଳେ ଏବେ ପଡ଼ିଲା ନୟନେ
ଭୀମ-ସୁରକ୍ଷିତ-ପୁର ,
କଇଲାସ ଭୁଲେ ସଉଧ ସକଳେ
ଧର୍ ଧାମେ ସୁମଞ୍ଜୁଳ । ୭୩

କଳଙ୍କ ବିହୀନ ବିଧୁ ପରି ଦିଶେ
ସ୍ଫଟିକ ପାଷାଣେ ବାନ୍ଧ ;
ଭୀମ ଦଇତେ କି ଅବନୀ-ରମଣୀ—
ରତ୍ନ-ହାର ସେ ରୁଚିର ! ୭୪

GPNanda Colln., Digitized by srujanika@gmail.com

ନୀଳ କାନ୍ତ ମଣି ଘଟିତ ସଉଧେ
ଚର୍ ଅନ୍ଧକାର ଭ୍ରମେ ;
ସଦେ ବା ଦିବସେ ତପନ-ତରାସେ
ତମର ଶରଣ ଭଜେ । ୭୫
ଶୁଭ୍ର-ମଣିମାଳ-କିରଣେ ବାହାରେ
ଆଲୋକର ମହାପୂର ;
କୃଷ୍ଣ ଶୁକ୍ଳ ପକ୍ଷ ନ ମାନ, ସେ ପୁରେ
ପୂର୍ଣ୍ଣିମା ହସଇ ଚର । ୭୬
ସୁବର୍ଣ୍ଣ-ସୋପାନ-କୁଂକୁମେ ଅବଳ-
ତଡ଼ାଗ-ସଲିଲେ ସହି
ମାନମାନିନୀ-ପର ଗୃହ ଶେଷେ
ଅନ୍ତରେ ପ୍ରସାଦ ନାହିଁ । ୭୭
ପ୍ରାକାର-ବସନେ ଆବରି ଶରୀର
ନୀରବ ସାଧକ ପରି ,
ନଗରେ ନଗରେ ମଣି-ବେଣୁ ଧେନ
ବ୍ରହ୍ମଜ୍ୟୋତି ଦେଖେ ପୁରୀ । ୭୮
ପ୍ରଭବମ୍ଭେ ସୁର-ପୁର ସରଣୀରେ
ପଡ଼ୁଛି କି, ହୁଏ ଭ୍ରମ ;
ତଡ଼ୁପାଶେ ବନ୍ଧ ନ ଲାଗି, ପରଖା
ରହୁଛି ସଲିଲ-କ୍ରମ । ୭୯

GPNanda Colln., Digitized by srujanika@gmail.com

ସଉଧେ ସଉଧେ ଉଡ଼େ ସେ କଣ୍ଠକେ
ଚଞ୍ଚଳ ଚଗ୍ଲ ମାଳ ,
ତପନ-ତୁରଗେ ଚଲାଇ, ଦଅନ୍ତି
ଅରୁଣେ ବିଶ୍ରାମ କାଳ । ୮୦
ଭୂମି ଗୃହ, ଅଟ୍ଟାଳକା, ଚନ୍ଦ୍ରଶାଳେ
ସ୍ୱର୍ଗ, ମର୍ତ୍ତ୍ୟ, ରସାତଳ–
ସୁଖ ବିହ୍ୱ ସେହ୍ନୁ ନଗସ୍ୱ , ଜଗତ
ମଧ୍ୟେ ହୋଇଛନ୍ତି ଅତୁଳ । ୮୧
ମେଘ-ମାଳେ ନୀଳକଣ୍ଠ ସହ, ବପୁ
ସୁଧା ଯୋଗେ ସମୁଜ୍ଜ୍ୱଳ ,
ଚନ୍ଦ୍ରସ୍ପର୍ଶୀ ଚୂଳେ ଚନ୍ଦ୍ରଚୂଳ ଘର
ରାଜେ ନରପତି ପୁର । ୮୨
ବହୁ ରୂପ ବହୁ ପୁତ୍ତଳିକା ମୁଖ
ଅକଳଂକ ଶଶୀ ସର ;
ସତେ ବା କଳଙ୍କ ମୃଗ ଭକ୍ଷିଛନ୍ତି
ସଉଧ-କନ୍ଦର୍-ସ୍ୱର ! ୮୩
ସ୍ୱରଗୁ ପାତାଳ ଶ୍ରେଷ୍ଠତର ବୋଲି
ନାରଦ ଟି ଥିଲେ ଭଣି ;
ଏ ପୁରୀ ଶୋଭାରେ ହେଲା ଅନ୍ୟ-ରୂପ
ଏବେ ସେ ନାରଦ-ବାଣୀ । ୮୪

GPNanda Colln., Digitized by srujanika@gmail.com

ଶକ୍ର-ବାସେ ପାନ୍ଥ ବପଣି ଅଦରେ ;
ମେଘେ ମନ ଉଚ୍ଚାଟନ ;
ପେଷଣୀ ଜଲଦେ ସେ କଲଦ୍ୱ ପିନା
ଜଲଦ-ଘର୍ଘର-ସ୍ୱନ ! ୮୫

ରତନ କବାଟ ପତତ୍ରେ ସୁମେରୁ
କନକ ପ୍ରାଚୀରେ ତହିଁ ,
ମାନେ ଅସିଥିବା ଅମରାବତୀରେ
ଶୃଙ୍ଗ ଉଚ, ଅତୁ ରମ୍ୟ । ୮୬

ସୂର୍ଯ୍ୟକାନ୍ତ ମଣି ନିର୍ମିତ ପ୍ରାଚୀର
ପ୍ରଭାରେ ସେହୁ ଦୀପିତ ,
ସମଗ୍ର ଦିବସେ ବାଣାସୁର ପୁରୀ
କରେ ପଦେ ବିଦଳିତ । ୮୭

ମଣି ଶଂଖ ପୁଣି କପର୍ଦ୍ଦ ଗଣନେ
ଚଞ୍ଚଳ କର କର୍କଟେ
କର୍ପୂର-ପିଣ୍ଡେ ସେ ପୁରୀ ବପଣି
ସାଗର ସୁଷମା ଲୁଟେ । ୮୮

ପୁର ଚନ୍ଦ୍ରଶାଳା ସ୍ଥିତ ଚନ୍ଦ୍ରକାନ୍ତ-
ମଣିଗଣୁଁ ନୀର ଝର ,
ପୁରୀ ମନ୍ଦାକିନୀ , ପ୍ରତି ଚନ୍ଦ୍ରୋଦୟେ
ପତି ସିନ୍ଧୁ ଭାବ ଧର । ୮୯

GPNanda Colln., Digitized by srujanika@gmail.com

ପ୍ରଦୋଷେ ପ୍ରଦୋଷେ ଶପଣିନକର
ସଂଚତ କୁଂକୁମ ସ୍ୱଗେ ,
ଅସ୍ତମିତ ସୂର୍ଯ ନଗ୍ୱଶସ୍ୱ କର ,
ସଞ୍ଚରଖେ ଅନୁସ୍ୱଗେ ।   ୯୦

ମାର୍କଣ୍ଡେସ୍ୱ ଯଥା ଶ୍ରୀହରି ଉଦରେ
ଦେଖିଥିଲେ ତ୍ରିଭୁବନ ,
ସେହ୍ନପରି ଜନେ ଦେଖନ୍ତି ଅପଣେ
ଜଗତର ସବୁ ଧନ ।   ୯୧

ଜନତା ଗହଳେ ଗୁଞ୍ଜନ ଶବଦ
ବିଚ୍ଛେଦା ନ ଜାଣି ତଳେ ,
ସଉରଭ-ଲୋଭୀ କଣ୍ଠଳ ଭ୍ରମରେ
ମୃଗମଦ-ସଂଶେ ଭୁଲେ ।   ୯୨

ସୂର୍ଯକାନ୍ତ-ମଣି-ମୟୂ-ସ୍ୱଜପଥ
ଜଳେ ଦବା ସୂର୍ଯାଲୋକେ ,
ହେମନ୍ତ ନଶାରେ ହମେ ପାଦପୀଡ଼ା
ନ ଲଭନ୍ତି ତଳେ ଲୋକେ ।   ୯୩

ଚନ୍ଦ୍ରକାନ୍ତ–ମଣି–ମୟୂ–ସ୍ୱଜପଥ
ଝରେ ପୁଣି ଚନ୍ଦ୍ର କରେ ,
କଳ ତୀବ୍ର ଗ୍ରୀଷ୍ମେ ନୈଷଧ ଶୀତଳ
ମଣନ୍ତି ସେ ପଥେ ନରେ ।   ୯୪

GPNanda Colln., Digitized by srujanika@gmail.com

ପରିଖା ବଳୟ ଛଳେ ସେ ନଗରୀ
କୁଣ୍ଡଳୀ ଲକ୍ଷଣ ଧରି ,
ଫଣି-ଭାଷ୍ୟ-ଫାଙ୍କି ପରାଏ ଅଗାଧ-
ଗଣନେ ନ ହୁଏ ଜଳ । ୯୫
ମୁଖ, ପାଣି, ପାଦ ନେତ୍ର ସରୋରୁହେ
ଶ୍ରୀଅଂଗ ଚଂପକେ ତହିଁ
ଭୈମୀ କଂଠେ ଧରେ ଫୁଲ ମାଳ ରୁଚି
କାମଦେବ ପୂଜା ପାଇଁ । ୯୬
ବିହାରେ ଅଶକ୍ତ ହୋଇ ଶୂନ୍ୟଦେଶେ
ଜଘନ ସ୍ତନ ଗୌରବେ ,
ଶତ ଅପସରୀ ଆସି ପକ୍ଷୀ-ରୂପେ ,
ସେବନ୍ତି ତାହାଂକୁ ଭବେ । ୯୭
ବର୍ଣ୍ଣିମାନେ ତହିଁ ନିଜ ସ୍ତୁତି ପର ,
ଚନ୍ଦ୍ର ରୂପା ସେହୁ ପୁରୀ ;
ବନ୍ଧୁ-ମୁଖାରବେ ନ ଫିଟିବ କପାଁ
ଗୁରୁ ସ୍ୱର-ଭେଦ-ଶିରୀ ? ୯୮
ତାପିତ ତପନେ ମାଣିକ୍ୟ ଘଟିତ
ନରପତି ଗୃହାବଳୀ
ନିଶାକରୁ ପସ୍ୱ ଅମୃତ ପିଅନ୍ତି ,
ରକ୍ତ-ଧ୍ୱଜ-ଜିହ୍ୱା ଶୂଳ ! ୯୯

GPNanda Colln., Digitized by srujanika@gmail.com

ପଦ୍ମ ଗ୍ଭଗ ଗ୍ଭଜ ପ୍ରାସାଦ ଦିବସେ
ସୂର୍ଯ୍ୟ କରେ ତୃଷାତୁର ,
ଜାଣି ନିଜ କାଂଛ ପତାକା ରସନେ
ପିଏ ଚନ୍ଦ୍ର ସୁଧା ସାର । ୧୦୦

ଚନ୍ଦ୍ରଶାଳା ପୀତ ପତାକେ ମୃଗାଙ୍କ
ଅଙ୍କଲଭି ସଂମିଳନ ,
ବଳସ୍ପୃତ ଶେଷ ଶାୟୀ ପୀତାମ୍ବର
ଉପମା କରେ ଧାରଣ । ୧୦୧

ବିଶ୍ୱାମିତ୍ର ସୃଷ୍ଟି ରଚିବା ବେଳେ
ଭୟେ ବରଜ୍ଞ ସ୍ତବ ଆରମ୍ଭିଲେ ,
ପ୍ରୀତ ହୋଇ ମୁନି ଦେଲେ ବରତ ,
ଉଚ୍ଚଳ ସବୁ ଅର୍ଦ୍ଧ ନିର୍ମିତ ;
ଅର୍ଦ୍ଧ ମନ୍ଦାକିନୀ ,
ପ୍ରାସାଦ ଧ୍ୱଜ ରୂପେ ଶୋଭେ ଧନୀ । ୧୦୨

ନୀଳକାନ୍ତ ମଣି ଗୃହ ପ୍ରଭାରେ
ବିମ୍ବି ନୀଳମା ବଳକ୍ଷ ଚଗ୍ଭଲେ ,
ପବନ ଯୋଗେ ଦୁଃଅନ୍ତ ଗୃଳକ ;
ଦିବାକର ଅଙ୍କେ ସଦା ପାଳନ୍ତ ,
ଉପୁଜାଏ ଷଣେ
ଶମନ-ସ୍ୱସା-ଶିଶୁଭାବ ମନେ । ୧୦୩

GPNanda Colln., Digitized by srujanika@gmail.com

ପ୍ରାଣେଶ୍ୱର ଶୃଙ୍ଗୁହର୍ମ୍ୟ କଣ୍ଠକେ ଗମନ
କରନ୍ତେ ପଯ୍ୟୋଦେ ଦେଖି ଯହିଁ ନାରୀଗଣ ,
କେଳ ପ୍ରାସାଦ ଶିଖରୁ
ଅବ୍ରୋହ ମେଘ ବାହାନ, ବାହାରନ୍ତ ପୁରୁ ।
ବିମାନ ସ୍ୱରୂପ ବ୍ୟୋମେ ଅବ୍ରୋହଣ ଯୋଗେ
ସରସେ ଗମନ୍ତେ ପଥେ ଚଳମେଘ ବେଗେ ,
ନିମେଷ ନେଶ୍ର ବଳେ ,
ସାକ୍ଷାତ ଅପ୍ସରୀ ସରି ଦଶନ୍ତ ସକଳେ । ୧୦୪
ମର୍କତ ଶିଖରୁ ବଇଦର୍ଭୀ-କେଳି-ଶୈଳେ
ଦର୍ଭସମ ରଶ୍ମି ରଞ୍ଜ ଉଠି କାଲେ କାଲେ
କରେ ଉପରେ ଗମନ ,
ବ୍ରହ୍ମାଣ୍ଡ ଅପାଦେ ତାର ଗଢ ହୁଏ ଭନ୍ନ ।
ତହୁଁ ଅଧୋମୁଖେ ଲଜ୍ଜାଭୟେ ବ୍ୟାବର୍ତ୍ତିନେ
ଉଦ୍ୟାନ ଗାମିନୀ ଦେବ ସୁରଭି ଲପନେ
ପ୍ରବେଶନ୍ତେ, ସଦା ଯହିଁ
ଗୋ ଗ୍ରାସ ପ୍ରଦାନ ଫଳ ନାଗଶ୍ରୀ ଲଭଇ । ୧୦୫
ବିଧୁକର ସଂଗେ ଚନ୍ଦ୍ରକାନ୍ତ ଝର ଜଳ ,
ଯହିଁ ପୂରେ ସଦା ତରୁଗଣେ ଆଲବାଳ ,
ଦେଖି ଭୈମୀ-ଉପବନ ,
ହୋଇଗଲା ବଳେ ହୃତ ସେ ମରାଳ-ମନ । ୧୦୬

GPNanda Colln., Digitized by srujanika@gmail.com

ତନ୍ତୁଁ ସମରୂପ ପକ୍ଷୀଗଣ ସଙ୍ଗେ ଧରି ,
ତାରଗଣେ ସମାବୃତ ଚନ୍ଦ୍ରଲେଖା ପରି
ଦମୟନ୍ତୀ ସୁକୁମାରୀ
ଦେଖିଲା କନକ ହଂସ ଗଗନ-ବିହାରୀ । ୧୦୭

ଅନ୍ୱେଷି ପତନଯୋଗ୍ୟ ସ୍ଥାନ ମହୀତଳେ
କରନ୍ତେ ଭ୍ରମଣ ଖଗ , ସ୍ୱର୍ଣ୍ଣକାନ୍ତି ସ୍ଫୁରେ ,
କିବା ସୁଧାଂଶୁ ମଣ୍ଡଳ
ଭୈମୀ-ମୁଖ-ଚନ୍ଦ୍ର ସେବିବାକୁ ଆସେ ତଳ । ୧୦୮

ଉପବନେ କ୍ରୀଡା-ରତ ସଖିଗଣ ସନେ
ଦେଖି ପକ୍ଷୀ , ଦମୟନ୍ତୀ ଭାବେ ନିଜମନେ :-
ଶଚୀ ନ ଲଭେ ନନ୍ଦନେ
ଏ ସୁଖ ଘୃତାଚୀ ଆଦି ସୁରସଖୀଗଣେ । ୧୦୯

କବିରାଜରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟବର ;
ଜନନୀ ତାହାଙ୍କ ମାମଲ୍ଲଦେବୀ ;
ତାଂକ ବିରଚିତ ମହାକାବ୍ୟ ଗୁରୁ
ପ୍ରବନ୍ଧ ନୈଷଧ ଚରିତ, ତହିଁ
ସର୍ଗ-ଗଣନାରେ ଦ୍ୱିତୀୟ ନାମରେ
ନିସର୍ଗ-ମହତ ସରଗ ଏହି । ୧୧୦

GPNanda Colln., Digitized by srujanika@gmail.com

ଦ୍ୱିତୀୟ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୧ — ଘେକାଧିପ = ଜଳ ; ଈଶବାନ୍ । ମୁକ୍ତ = ବନ୍ଧନଶୂନ୍ୟତା ; ମୋକ୍ଷ । ଦ୍ୱିଜଶେଖର = ପକ୍ଷିଶ୍ରେଷ୍ଠ , ହଂସ ; ଶ୍ରେଷ୍ଠ ବ୍ରାହ୍ମଣ । (ଦୁଇଅର୍ଥ) ।

୨ — ଶୈବ ଜଳଙ୍କର ନିପୁଣ ନୃତ୍ରାଣଥିବାରୁ , ହଂସ ତାଙ୍କ ହାତରୁ କୋକ-ନଦ ବର୍ଦ୍ଧିବାର ଉତ୍ପ୍ରେକ୍ଷା । ହଂସ ପଦ୍ମ ପାଶରୁ ଅଣ୍ଡେ ।

୧୨ — ଦମନ ନାମକ ଋଷିଙ୍କୁ ସନ୍ତୁଷ୍ଟ କରି ଭୀମ ରାଜା ଦମୟନ୍ତୀଙ୍କୁ ପାଇଥିଲେ ।

୨୧ — ମୃଗମାନେ ଅଗ୍ନି ବୃକ୍ଷର ପତ୍ର ଚରି ଖୁରରେ ଅଗ୍ନିପାଶ କଣ୍ଡାନ୍ତି ।

୨୨ — ଶ୍ରୁତି = କାନ; ବେଦ । ଅକର୍ଣ୍ଣ ନେତ୍ର ସୌନ୍ଦର୍ଯ୍ୟର ଲକ୍ଷଣ ।

୨୪ — ଅଧର = ଅପକୃଷ୍ଟ । ବିମ୍ବ ଅଧର ଯାହାଠାରୁ ସେ ଅଧରବିମ୍ବ, ଏପରି ଅର୍ଥ ହୋଇପାରେ ।

୨୬ — ଆଗେ ସମ୍ମୁଖରେ ଗୋବର ଗୋଷି , ମଝିରେ ପିଠଉ ବୋଳି , ତହିଁରେ ଚନ୍ଦ୍ର ପୂଜା କରୁଥିବାର ପ୍ରକାଶ ପାଏ ।

୨୭ — ପଦ୍ମ ହାର ପାଣିରେ ଝାସ ଦେଇ , ପୁଣି ବାହାରି , ପାଣିରେ ଉଡ଼ନ୍ତି । ଜଳରେ ଯେପରି କ ବାହାରୁ ନାହାନ୍ତି ।

୨୮ — ନାଳିକାସ୍ତ୍ର = ବନ୍ଧୁକ ।

୨୯ — ମିତ୍ର = ସୂର୍ଯ୍ୟ । ମିତ୍ରପୂତ ପଦ୍ମ = ସୂର୍ଯ୍ୟ କିରଣରେ ବିକାଶିତ ପଦ୍ମ ।

୩୨ — କାରଣ କାର୍ଯ୍ୟରେ ପ୍ରକାଶ ପାଏ । ଚକ୍ରଭ୍ରମ = କୁମ୍ଭାରଚକ ଉପରେ ବୁଲିବା; ଚକ୍ରବାକ ଭ୍ରାନ୍ତି । ଦୁଇଅର୍ଥ ।

୩୭ — କୁବେର ପୁତ୍ର ନଳକୂବର ବହୁ ଯତ୍ନ କରି ରମ୍ଭାଙ୍କୁ ପାଇଥିଲେ । ସେହି ଯତ୍ନ ବା ତପର ଫଳପରି ସ୍ତନ ଯେଉଁ ରମ୍ଭାର ।

GPNanda Colln., Digitized by srujanika@gmail.com

୫୨ — ନଭଲମ୍ବପଥେ, ଅର୍ଥାତ୍ ଅଳ୍ପ ଶରେ ପକ୍ଷପାତତା, ଅର୍ଥାତ୍ ପକ୍ଷ ପକାଇ ଉଡ଼ିବା ; ପୁଣି ମୋହଠାରେ ପକ୍ଷପାତତା, ଅର୍ଥାତ୍ ଗୁଣ ଙ୍କାର୍ଜନରେ ଅନୁରାଗ।

୬୫
୬୭ — ନଗର ଶବ୍ଦ ସବୁ ବର୍ଣ୍ଣିତ ଅଛି। ମେଘ ଦେଖିବାରେ ହାସପାତ ବଣିଜ। ଉରଗ ଶ୍ୱାପଦ ପ୍ରଭୃତି ଉପଶବ୍ଦ ଦନ୍ତିଲେ ନାହିଁ।
୭୨

୭୭ — ଚତ୍ୱାର ଅନ୍ତର, ଅର୍ଥାତ୍ ମଧ୍ୟ, ମାନଙ୍କ ଅନ୍ତର ଅର୍ଥାତ୍ ମନ ପଦ କୁଂକୁମାଦିରେ ଅବଳ।

୮୫ — ଶକ୍ତୁ — ଛତୁ। ଛତୁ ବାଟିବାକୁ କ୍ଷୁଧାତୁର ପାନ୍ଥ ଉହ୍ମପିବାକୁ ବସିରେ; ଅଥଚ ନେଘ ହେତୁ ସର ମନେପଡ଼ି ଯିବାକୁ ଲହାନ୍ତିଏ। ଛତୁ ଓ ନେଘର ଏହି କଳହ ମେଘ ଘଡଘଡ଼ି ସ୍ୱର ବୋଲି କୁହାଯାଉଛି।

୯୫ — ପାଣିନୀୟ ପଣି ବା ପାତଞ୍ଜଳ ଭାଷ୍ୟରେ ଠାଏ ଠାଏ ନ ଲଗିବାରୁ, ତା' ଶୁଦ୍ଧପାଖେ କୁଣ୍ଡଳୀ କଣ୍ଠା ହୋଇ ରହୁଛି।

୯୮ — ବହୁ ମୃଗାରବ — ମନୁଷ୍ୟ ପଶୁ ପ୍ରଭୃତିଙ୍କର ଶବ୍ଦ; କିଂବା ବେଦପାଠୀମାନଙ୍କର ଘୋଷସ୍ୱର। ବର୍ଣ୍ଣ — ଜାତି; କିଂବା ରଙ୍ଗ। ଦ୍ୱ୍ୟର୍ଥ ଶ୍ଳେଷ।

୧୦୧ — ଚନ୍ଦ୍ରପଦେଶ ବାସୁକି ବଳୟ ପଦ; କଳଂକ ବସ୍ତୁକ ପଦ; ଓ ପୀତ-ଦଭାବ ପୀତାମ୍ବର ପଦ।

୧୦୩ — ଶମନ ସ୍ୱସା ଶିଶୁ = ସୂର୍ଯ୍ୟ ଯମୁନା।

GPNanda Colln., Digitized by srujanika@gmail.com

ତୃତୀୟ ସର୍ଗ

ଧୀରେ ଧୀରେ ମୃଦୁ ହଂସ ପତତ୍ର ଯୁଗଳ ,
ଓହ୍ଲାଇ ଭୂତଳେ ଖସି ନଭୁଁ ମହୀତଳ ,
ଦମୟନ୍ତୀ ପାଖେ ଆସି ,
ବିସ୍ତାରି କଂପାଇ ପକ୍ଷ ବସିଲା ହରଷି । ୧
ବସିଥିଲେ ଦମୟନ୍ତୀ ତହିଁ ଅନ୍ୟମନେ ;
ଉଠନ୍ତେ ଭୂତଳୁ ସ୍ୱର ପତତ୍ର ଚାଳନେ ,
କାହୁଁ ଶୁଣିଲେ ଚକିତେ !
ସସଂଭ୍ରମେ ବୁଲି ତହିଁ ଚାହିଁଲେ ଭୂତଳେ । ୨
ଯଥା ଜନ ମନ ଭ୍ରମେ ଲାଗିଗଲା ପର ,
ପକ୍ଷୀଗଣ ନେତ୍ରମାନ ହଂସେ ଲକ୍ଷ୍ୟ କରି ,
ଭୁଲି ଅପର ବିଷୟ , ୩
ଅନୁପମ ସେହି ହଂସେ ହେଲେ ଏକ ଲୟ ।
ମୁନିମନ ମହାଦରେ ହୋଇଣ ନିଶ୍ଚଳ ,
ସଦାଶୟେ ଲୋଡେ ହଂସ ସେ ମାନସ ସର ;
ତେମନ୍ତେ ମହାଦରେ ବାଳା
ସଦାଶୟେ ଲୋଡ଼ି ହଂସେ, ନିଶ୍ଚଳ ହଶିଲା । ୪

GPNanda Colln., Digitized by srujanika@gmail.com

ଧରିବାକୁ ହଂସ ଭୈମୀ ଭଂଗି କଲେ ଧୀର,
ମାୟା ବୁଝି, ନ ଉଠିଲା ଅକାଶେ ମରାଳ ;
ହସ୍ତ ପକାନ୍ତେ ଉପରେ ,
ଚମକେ ଛୁଟି ସେ, ଚହୁଁ ଉଡ଼ିଗଲା ଖରେ । ୫
ଦ୍ରୁତଗତି ବହି, ଏତେ ପ୍ରଯତ୍ନ ବାଳାର
ବ୍ୟର୍ଥ କରି, ପକ୍ଷ-ରଥ ହୁଅନ୍ତେ ଅନ୍ତର ,
ରଂଗ କଉତୁକ ଛଳେ
କରତାଳ ଦେଇ ସଖୀ ହସିଲେ ସକଳେ । ୬
"କାହିଁକି ଗୋ ସଖୀମାନେ କର ଏ ପ୍ରକାର ?
କରତାଳ ଦେଇ ହଂସେ କର ଦୂରୁଁ ଦୂର ?"
ବାଳା କହେ ହୋଇ ଛନ୍ନ ,
"ଯେ ଅସିବ ପଛେ ମୋର, ତାକୁ ମୋହ ଋଣ ।" ୭
ସଖୀ ହାସେ ଜନୁ କୋପେ, ଗଲେ ସେ ସୁନ୍ଦରୀ ,
ହଂସପଛେ, ଭ୍ରାନ୍ତ-ମୃଗ-ଲୋଚନ ଛାୟାପରି ;
ହଂସ ନୁହେ କରଗତ ,
ଲଜ୍ଜାରସେ ବୁଡ଼ିଗଲା ଦମୟନ୍ତୀ ଚିତ୍ତ । ୮
'ହଂସ ଅନ୍ତମୁଖେ ଗତି ନୁହଇ ବହୁତ' ,
ହସି ଛଳେ ସଖୀଗଣେ ଭାଷନ୍ତେ ଏମନ୍ତ ;
କହେ ସୁନ୍ଦରୀ ବଚନ :—
'ପ୍ରିୟକଥା ହେବ ଫଳେ, ଶୁଭ ଏ ଶକୁନ ।' ୯

GPNanda Colln., Digitized by srujanika@gmail.com

ମରାଳ-ଗମନା ଅଗେ କରନ୍ତେ ଗମନ ,
ଅନୁକରି ଗତି, ହଂସ ଦଶଇ ଶୋଭନ ;
　　ପଦେ ଲଜ୍ଜାରେ ବୁଡ଼ାଇ ,
ଉପହାସ କଲାପରି ପୁରତେ ଚଳଇ ! ୧୦
ପ୍ରତିପଦେ ଭାବେ, 'ହଂସ ପଡ଼ିବ ହାତରେ' ;
ଚଳନ୍ତେ ସୁନ୍ଦରୀ, ଖଗ ହୁଏ ଦୂରୁଁ ଦୂରେ ;
　　କରି ଗତିରସେ ଖେଳା ,
ପ୍ରତାରି, ଲତା ନିକୁଞ୍ଜେ ଦେନି ଗଲା ବାଳା । ୧୧
ଦୂରେ ରଖି ସଖୀଜନେ, ଛଦ୍ମମାତ୍ର ଦେନ ,
ଘର୍ମାକ୍ତ ଶରୀରେ ବାଳା ଯାଏ ଏକାକିନୀ ;
　　ଦେଖି ମରାଳ ଏସନ ,
ଶୁକପରି ନରଗିରେ ଭଣିଲା ବଚନ । ୧୨
"କେତେଦୂର ଅବା ବୃଥା କରିବ ଗମନ !
କାହିଁକି ସୁନ୍ଦରି, ଲଭ ଏ ଗୁରୁ କଷଣ !
　　ନମାଡ଼େ କି ଡ଼ର ତଳେ ,
ଦେଖି ତରୁପାଶେ ଭୀମ-ଘନ-ବନ-ମାଳେ ? ୧୩
ଅପଥେ ବୃଥାରେ ପଦ କରନ୍ତେ ଅର୍ପଣ ,
ନିଷେଧନ୍ତି ଦେଖ ସଖୀରୂପେ ବନଗଣ ,
　　କହୁ କପୋତ ହୁଂକାରେ ,
ଠାରି ବଧୂନତ-ପତ୍ର-ପାଣି—କଂପନରେ । ୧୪

GPNanda Colln., Digitized by srujanika@gmail.com

ଆକାଶ ବିହାରୀ ମୁହିଁ, ତୁମ୍ଭେ ଭୂମିଚର,
କପରି ଧରିବ ମୋତେ, କରିଛ ବିଚାର ?
ଅହୋ ତବ ଶିଶୁପଣ
ନ ତୁଟିଲା, ଲଭ କାମ-ସଙ୍ଗୀ ଯଉବନ ! ୧୫
ପଦ୍ମାସନ-ପରମେଷ୍ଠି-ବାହନ-ମଣ୍ଡଳ–
ବଂଶରେ ଜାତ ସୁନ୍ଦରି, ଅମ୍ଭେ ପକ୍ଷିକୁଳ;
ଅମ୍ଭ ଶୃଣ୍ଠ ରସାମୃତ
ଦୁର୍ଲ୍ଲଭ ସ୍ୱରଗେ, ପାଏ ନାହିଁ ଏ ଜଗତ । ୧୬
ଉପୁଜଇ ହେମପଦ୍ମ ସ୍ୱର୍ଗଗଙ୍ଗାଜଳେ ;
ଖାଉଁ ଏକା ହେମନାଳ ମୃଣାଳ ସକଳେ ;
ସେହି କାରଣ ବେଭରେ,
ଏ କନକ ରୂପ ବାଲା ବିକାଶେ ମଣ୍ଡଳେ । ୧୭
ବିଧାତା-ଆଦେଶେ ନୈଷଧୀୟ ଲୀଳାସର
ଦେଖିବାକୁ ଆସିଥିଲେ ସ୍ୱର୍ଗ ହଂସକୁଳ ;
ତହିଁ ମଧ୍ୟେ ଜଣେ ମୁହିଁ,
ଭୁବନ-ଦର୍ଶନ-ଆଶେ ଏ ଦେଶେ ବୁଲଇ । ୧୮
ଧନେ ମୁହିଁ ବିଧାତାଙ୍କ ବାହ୍ୟ-ଲୀଳାକାଳେ,
ହୋଇଥିଲେ ଶାନ୍ତ ଯେବେ ଅଗ୍ରଜ ମଣ୍ଡଳେ,
କଲି ସ୍କନ୍ଧ ସମର୍ପଣ,
ସେ ଦିନୁଁ ନ ଲଭେ ଶ୍ରାନ୍ତି, ଭ୍ରମି ଏ ଭୁବନ । ୧୯

GPNanda Colln., Digitized by srujanika@gmail.com

ସ୍ୱର୍ଗିହଂସ ମୁହିଁ, ମୋତେ ମରଲୋକେ କେହି
ଧରି ନ ପାରିବେ ଫାସ ବାଗୁରା ବସାଇ ;
        ପାରେ ସେହୁ ଏକା ନର ,
ବିରଳ-ଉଦୟ-ସ୍ୱର୍ଗ–ଭୋଗ ଭାଗ୍ୟ ଯାର । ୨୦
ଇଷ୍ଟାପୂର୍ତ୍ତି କର୍ମେ ବଶ୍ୟ ହୋଇ ଦେବଗଣ ,
ମର୍ତ୍ତ୍ୟେ ସ୍ୱର୍ଗ ଭୋଗ ନଳେ କରନ୍ତି ପ୍ରଦାନ ,
        ସଦା ଦୋହଦର ସେକେ ,
ଅକାଳେ ବିଟପିଗଣ ଶୋଭନ୍ତି କୋରକେ । ୨୧
ସୁବର୍ଣ୍ଣ ଶଇଳ୍ୟ ଧରାଧାମେ ଅବତରି ,
ସ୍ୱର୍ଗଗଙ୍ଗା ଜଳକଣେ ପକ୍ଷ ଆର୍ଦ୍ର କରି ,
        ସେହି ଚାମର ବ୍ୟଜନେ
ବିଞ୍ଚୁ ସ୍ମରକେଳ କାଳେ ଏକାନ୍ତେ ରାଜନେ । ୨୨
ବସେ ଯେବେ କେହି ସାଧୁ ବିଭକ୍ତି ବିଗ୍ରହେ ,
ପ୍ରଥମା ସେ ବ୍ୟକ୍ତି ; ଯେହୁ ହେଲେ ସାଧୁପାରେ
        ତାହିଁ ହେବେ ନାମ ପଦେ ,
ବିସ୍ତାରି ପୁଷ୍କଳ ଯଶ ସ୍ୱୌଜସ ସମ୍ପଦେ । ୨୩
ବିବୁଧେ ଅରପି ରାଜ୍ୟ ଯାଜ୍ଞିକ ରାଜନ ,
ଅଶେଷେ କରନ୍ତି ଭୋଗ ଯଜ୍ଞ ଶେଷପମ ;
        ଧନ ଶ୍ରୋତ୍ରିୟେ ଦିଅନ୍ତି ;
ଅଶେଷ କରନ୍ତି ଶେଷେ, ବିଚିତ୍ର ଏ ଅତି ! ୨୪

GPNanda Colln., Digitized by srujanika@gmail.com

ଧନ ବିତରଣେ ଜନ-ଦରିଦ୍ରତା ହରି ,
ଅର୍ଥିଗଣେ ମେଘବ୍ରତ ସର୍ବଦା ଅଚରି ;
ଇଷ୍ଟଦେବ ଲୋକପାଳେ
ନ ମାଗନ୍ତି କିଏ ଅବା ଏହି ମହୀତଳେ ? ୧୫
ଶୁଣି ଅମୃତାରୁ ଶ୍ରୋତ୍ର-ସୁଧା-ନଳକାନ୍ତି ,
ରମ୍ଭା ଅପସରି ତହିଁ ଭଜ ଅନୁରକ୍ତି ,
ଲଭି ନ ପାରି ସ୍ୱଜନେ ,
ନଳ-କୁବରଙ୍କୁ ଭଜେ ପିନା ନାମ ଗୁଣେ ୧୬
ଶୁଣି ଅମୃତାରୁ ନଳ-ଗୁଣ କୋଳାହଳେ ,
ସ୍ୱର-ଗାୟକ ଗନ୍ଧର୍ବେ ଝୁରିଲେ ବିକଳେ ;
କଲେ ଯାହା ହାହାସ୍ୱର ,
'ହାହା' ନାମେ ଅଭିହିତ ହେଲେ ଚିରକାଳ । ୧୭
ପତ୍ନୀ ସଙ୍ଗେ ଥାଇ ଶୁଣି ନଳ ଗୁଣଭାବ ,
ନ ଦେଖିଲେ ପୁଣ୍ୟେ ଶଚୀ-ରୋମାଞ୍ଚ ବାସବ ;
ନଳେ ଆନନ୍ଦେ ବିହ୍ୱଳ ;
ପ୍ରମୋଦ-ବାଷ୍ପ ଆବରି ଦେଲା ନେତ୍ର ମାଳ । ୧୮
ଶୁଣନ୍ତେ ନଳଙ୍କ ଗୁଣ ଅର୍ବନାଗେଶ୍ୱର ,
ପାତିବ୍ରତ୍ୟ ଲୋପଭୟେ ଅପର୍ଣ୍ଣା କାତର ;
ଅଙ୍ଗୁଳରେ ରୋଧି କର୍ଣ୍ଣ ,
ବୃଥା ଦେଖାଇଲେ ଛଳ, କର୍ଣ୍ଣ-କଣ୍ଡୂୟନ ! ୧୯

୬ ୩

GPNanda Colln., Digitized by srujanika@gmail.com

ଧରମ କରମେ ମନ୍ତ୍ରି ବାହୁ ଏକମତନ ,
ନିରୋଧିଲେ ମୌନବ୍ୟାଜେ ବାଣୀ ସଯତନେ ;
ନ ଜାଣିଲେ ବେଦ-ଜଡ ,
'ଅନ୍ୟାଂଗେ ସେ ନଳ-କଣ୍ଠ ହୋଇଛନ୍ତି ବହୁଳ' ! ୩୦
ପତିବ୍ରତା ରମା ସ୍ନେହେ ନଳ କଳେବର
ଅଳଙ୍କୃତେ , ପାତିବ୍ରତ୍ୟ ନ ଗଲା ତାଙ୍କର ;
ତାଙ୍କ ପତି ସର୍ବମୟ ;
ଈର୍ଷ୍ୟା ତେଣୁ ନ ଦଂଶିଲା ତାହାଙ୍କ ହୃଦୟ । ୩୧
ରଚଇ ପରବେ ଯେନ୍ତୁ ପୂର୍ଣ୍ଣ ସୁଧାକର ,
ଧିକ୍ ସେହୁ ବଧିକର, ନାହିଁ ଲଜ୍ଜା ତା'ର ;
ଅବା ନଳ-ମୁଖ ସ୍ମରି ,
ବଞ୍ଚପଣେ ଶିବଶିରେ ଫିଙ୍ଗେ ଅଧା କରି । ୩୨
ଅମ୍ଭମୁଖୁଁ ଶୁଣି ବିଧୁ , ନଳମୁଖଶଶୀ ,
ହୋଇ ପରାଜିତ ଲାଜେ ବୁଡଇ ମନସ୍ୱୀ ,
ଭୁଲେ ସାଗର-ପ୍ରବାହେ ,
କେବେ ସୂର୍ଯ୍ୟେ, ଅବା କେବେ ଚଳ ଅମ୍ବୁବାହେ । ୩୩
କମଳାରେ କେଳି ଯେବେ ଇଚ୍ଛନ୍ତି ଶ୍ରୀହରି ,
କହନ୍ତି ଅମ୍ଭଙ୍କୁ, 'ଗାଅ ନଳ-ମୁଖ-ଶଶୀ' ,
ପଦ୍ମ ମୁଦ୍ର ହେବ ଲାଜେ ,
ଲୁଚେ ବଧୂ, ସେ ବିଜନେ ହରି କେଳି ଭଜେ । ୩୪

GPNanda Colln., Digitized by srujanika@gmail.com

ଦନ୍ତାବଳ ସୂକ୍ଷ୍ମରେଖା ପତ୍ର ରୁଚର ;
ବିନ୍ଦୁ ବ ଗଣଇ ଝାଣି ସୂକ୍ଷ୍ମ ସୂକ୍ଷ୍ମ ଗାର !
ରାଜ-ବତ୍ରିଶ-ଦଶନ ,
ଚତୁର୍ଦ୍ଦଶ ଅଷ୍ଟାଦଶ ବିଦ୍ୟାର ସୂଚନ । ୩୫
ନଳ-ରୂପ-ଶିଖ ମନେ ପଢ଼ୁଥିବ ଯେବେ ,
ସ୍ମରିବ କେହୁ ତାଙ୍କୁ ମଦନ ବାସବେ ?
କ୍ଷମା-ଧାରଣେ ରାଜନ
ଧୂରି , ହୃଦେ ଶେଷ ବୁଦ୍ଧ ନ ଲଭନ୍ତି ସ୍ଥାନ । ୩୬
ପକ୍ଷ ନ ଥିଲେହେଁ ଅଶ୍ୱେ ବୈନତେୟ ସରି ;
ଦର୍ଶନ-ଯୋଗ୍ୟ-ପବନ-ସମ ଗତିଶାଳୀ ;
ମନ ଅନଣୁ ପ୍ରମାଣ ,
ନ ଲଙ୍ଘିଲେ କେଉଁ ଦଗ ତାଙ୍କ ଅଶ୍ୱଗଣ ? ୩୭
ରିପୁ ଲୋହେ ନଦୀମାତୃକତା ରଣସ୍ଥଳ
ଲଭନ୍ତେ, ସୁଭିକ୍ଷେ ଦେଶ ହୋଇଲା ଉଜ୍ଜ୍ୱଳ ;
ତାଙ୍କ ବାଣଧାର ଅହି
ବଂଚଲେ ରାଜନ୍ୟଗଣ ପ୍ରାଣବାୟୁ ପିଇ । ୩୮
ନରନାଥ-ବାହୁ ରଣ-କଣ୍ଡୂୟନଶୀଳ
ଲଭିଲେ ସମରେ ଯେତେ କୀରତି ନକର ;
କୀର୍ତ୍ତି ସେହୁ କଣ୍ଡୂୟନେ
ବିଦାଇଲା ଦଶଦଗ-ଦନ୍ତୀଙ୍କ-ପୁଲିନେ । ୩୯

କରନ୍ତା ତ୍ରିଲୋକୀ ଯେବେ ନଳଗୁଣ ଗାନ ,
ନୁହନ୍ତା ଯଦ୍ୟପି ତାର ଆୟୁ ଅବସାନ ,
ପାର ପରାର୍ଦ୍ଧ ଗଣନେ
ଗଣନ୍ତା କେଜାଣି ଅବା ତାଙ୍କ ଗୁଣଗଣେ ! ୪୦
ପକ୍ଷୀ ବୋଲି ବାଧା ନାହିଁ, ରାଜ ଅନ୍ତଃପୁରେ
ପଶୁଁ ସତତ ନିଃଶଙ୍କେ ନିଶ୍ଚିନ୍ତ ଅନ୍ତରେ ;
ଚୃରୁ ଗତ ବିଧି ଖେଳା
ଶିଖାଉ ସୁନ୍ଦରୀ ଗଣେ, ନାହିଁ ଯାର ଭୁଲ । ୪୧
ରମ୍ଭାଦି ଅପ୍ସରାଙ୍କର ସୌଭାଗ୍ୟ ସଂବଳ ,
କହିଛନ୍ତି କାବ୍ୟେ ଶୁକ୍ର ଯାହାର ଆଦର ;
କହ ସୁଧା-ନିନ୍ଦୀ ସ୍ୱରେ ,
ଭସାଉ ସୁନ୍ଦରୀ-ଚିତ୍ତ ରସ-ପାରାବାରେ । ୪୨
ନୋହୁଁ ବା ବିଶ୍ୱାସୀ ଆମ୍ଭେ ମହୀରେ କାହାର
କରିବାକୁ ନବ କାମ-ଆଦେଶ ପ୍ରଚାର ?
ନାହିଁ ଲଜ୍ଜା ବହିରଂଗର,
ନୁହଇ ଲଜ୍ଜିତ ପକ୍ଷିପାଖେ କେହି ନର । ୪୩
ବିରିଞ୍ଚି ବଦନ ପୂତ ସମାଧି ମହତ
ଶୁଣି, ହୋଇଛୁ ମୋହର ଶ୍ରବଣ ପବିତ୍ର ,
ସତ୍ୟ ଅସତ୍ୟ ସଂଦେଶ
ଏ ହୃଦେ ପଶିଲେ, କେବେ ନପାଏ ପ୍ରକାଶ । ୪୪

GPNanda Colln., Digitized by srujanika@gmail.com

ନପାଉ ତୁ; ସତେ ସ୍ୱର୍ଗ-ଭୋଗ-ସୁଖ-କଳା
ଲଭେ ନଳଂକ ଅଣ୍ରସ୍ପୃ ସାମାନ୍ୟ ଅବଳା !
ଇନ୍ଦୁ ଯୋଗେ କୁମୁଦନୀ
ଲଭେ କୌମୁଦୀ ଉତ୍ସବ; ଲଭେ କି ପଦ୍ମିନୀ ? ୪୫
ମଧୁସମାଗମ ବିନା ନ ଲଭେ ରସାଲ
ମଧୁପ ଗୁଞ୍ଜନ ଶୋଭା ସୌଭାଗ୍ୟ ସଂବଳ ;
ନଳ ବିନା ସେହିପରି
ଅମୃ ଗୃହ-ସୁଖ କାହୁଁ ପାଇବୁ ସୁନ୍ଦରି ? ୪୬
ପ୍ରବେଶି ଅନ୍ତରେ ଦେଖୁଛୁ କେ ବିଧିମନ ?
ନ ହେବୁ ବା ନଳ-ପ୍ରିୟା, କି ତାର ପ୍ରମାଣ ?
ହୋଇନାହିଁ ପରିଣୟ,
ସ୍ୱଭାବ ସୁନ୍ଦର, ପୁଣି ରୂପ କମନୀୟ । ୪୭
ଜଣା ଚନ୍ଦ୍ରେ, ଗୌରୀ ଶିବେ, କମଳା କେଶବେ ,
କୌଶଳେ ମିଳାଇ ଅଛୁ ଯେ ବିଧି ଏ ଭବେ ,
ତାଙ୍କ ମିଳନ ଉଦ୍ୟମ
କରେ ସିନା ପରସ୍ପର ଯୋଗ୍ୟ ସମାଗମ ! ୪୮
ସୁନ୍ଦରୀ-ସମାଜ-ଶିର ସୁକୁମାର ପଣେ ,
କାହିଁ ତୋର ଯୋଗ୍ୟ ଭବେ, ନଳ ଭିନ୍ନ ଜନେ ?
ମଲ୍ଲିମାଳା ସୁକୁମାର ,
ଶୋହେ କି କଠୋର ଦର୍ଭ-ଗୁଣେ ଗୁନ୍ଥିବାର ? ୪୯

GPNanda Colln., Digitized by srujanika@gmail.com

ବିଧାତା ବିମାନ ବହି ଯାଉଥିଲ ଯବେ ,
ପୃଚ୍ଛିଲ, 'କ ସେ ନଳ ଯୋଗ୍ୟ ଏ ଭୁବନେ' ?
ଉଠୁଥିଲା ଚର୍ଚ୍ଚା ସ୍ୱର ;
ଲାଗେ ପରା ଶୁଣିଥିଲି ଏ ନାମ ତୋହର ! ୫୦
ଆନ ବରେ ସତେ ଯେବେ ହୋଇବୁ ମିଳିତ ,
ଅପବାଦ-ପିଣ୍ଡୁ ଉଠିବାକୁ କ ବୋଇତ
କହ, ଲଭିବ ସେ ବଧ ;
ସର୍ବାଙ୍କ-ଜୀବନ୍ତ ଯାର ଜନ୍ମଗତ ସିଦ୍ଧି ? ୫୧
ଥାଉ ବୃଥା କଥା, ଆଉ ନାହିଁ ପ୍ରୟୋଜନ ;
ଲଭିଛ ମୋ ଲାଗି ବାଲା ବହୁତ କଷଣ ,
ହୋଇଅଛୁ ଅପରାଧୀ ,
କହ, ହେବି ମୁକ୍ତ, କେଉଁ ଅଭିଳାଷ ସାଧି ?" ୫୨
ରାଜପୁତ୍ରୀ-ହୃଦଭାବ କଳନେ ଏପରି
ଭାଷି, ନିରବିଲା ଖଗ ଉଚିତ ବିଚାରି ;
ହ୍ରଦ-ଗଭୀର ହୃଦୟେ
କର୍ଯର ସେ ପାନ ଯିନା ସୁଚନ୍ତ୍ର ସାଧିଏ ! ୫୩
କ୍ଷଣେ ମନେ ମନେ ବାଳା କର୍ତ୍ତବ୍ୟ ବିଚାରି ,
କମ୍ପିତେ କଂପାଇ ମଥା , ଗୁରୁ ଗ୍ରୀବା ଡୋଳି ,
ଖଗେ ଭାଷିଲାକ ଗିର ,
ସେ ମୁଖ ଇଙ୍ଗିତେ ସତେ ବିଧୂକି ବିଧୁର ! ୫୪

GPNanda Colln., Digitized by srujanika@gmail.com

" ବାଲଚପଲତା ଗୁଣେ କି କରିଛି ମୁହିଁ ,
ପଙ୍କ-ଶେଖର-ହଂସେ ଏ କଷଣ ବିହ୍ୱ ?
ନୀର ମାତ୍ର ପ୍ରଭଞ୍ଜନେ ,
ତଟ-ବନସ୍ଥିତ ପିକା ଝଙ୍କାରେ ଏମନେ । ୫୫
ସାଧୁ ଦର୍ଶନୀୟ , ସ୍ୱଚ୍ଛ ଅଟେ ଅଦରଶ ,
ଅପରାଧ ଅଗେ ମୋର ହୋଇଅଛି , ହଂସ,
ତା'ରେ ପ୍ରତିବିମ୍ବେ ଧରି ,
ଅପଣାର ମଣି ହିନା ତେଲି ହେବ ପାସୋରି । ୫୬
ବାଳୁତ ମୁଁ , କରିଅଛି ଅପରାଧ ଘୋର ;
ଦେବଅଂଶେ ଜାତ ତୁମ୍ଭେ, ମୋରେ ଷମାକର ;
ତୁମ୍ଭେ ପୂଜ୍ୟ ତ ଧବୁରି ,
ଶ୍ରୀବତ୍ସ-ଲାଞ୍ଛନେ ମନ୍ତ୍ର-ମୂର୍ତ୍ତି-ହର-ପରି । ୫୭
ଆଉ କି ପୀଡିତ ମମ ବିହ୍ୱଳ ଖେଚର ,
ତବ ଦରଶନ ସୁଖୁଁ ଅଧିକ ମଧୁର ?
ବିଧୁ ଅମୃତ କିରଣେ
କି ଆଉ କରଇ ଜନ-ନେତ୍ର-ପ୍ରୀତି ବନେ ? ୫୮
ମନ ଯାହାକୁ ନ ଚେତେ ଷଣେ କଦାଚିତ ,
କିପରି ସେ ମନୋଗତ ହେବ କଣ୍ଠ-ଗତ ?
କେଉଁ ବାଳା ଲଜ୍ଜାହୀନା
କହେ ଦ୍ୱିଜରାଜ ପାଣି ଗ୍ରହଣ କାମନା ? " ୫୯

GPNanda Colln., Digitized by srujanika@gmail.com

ଦ୍ରାକ୍ଷା-ଜନୀ ମଧୁମୟ ମୃଦୁ ସେ ବଚନ
ପିଇ ଶ୍ରୋତ୍ରେ, ପ୍ରେମେ ହଂସ ଭଣିଲା ଏସନ :—
'କାହିଁ ପରଭୃତ ସ୍ୱର ?
ବିପଞ୍ଚି-କ୍ୱଣିତ ଏଥି ଭଣିବ ଧିକ୍କାର !' ୬୦
ଲଜ୍ଜାଭରେ ଭାଷି ଏହିପରି ମିତ ଭାଷ ,
ନୀରବନ୍ତେ ବାଳା, ସନ୍ଧିହାନ ହୋଇ ହଂସ ,
ଜାଣିବାକୁ ହୃଦ ତାର
ବଚନେ ସଂଯୋଗ କଲା ବଦନ-ପୁଷ୍କର । ୬୧
"ବିଧୁ ଧରିବାକୁ କରେ ବାଂଛା କଲାପରି ,
କହୁଛ କି ବାଳା ଯାହା ଅଦରେ ଏପରି ,
ପଢେ ସେ ବେଦ ଶ୍ରବଣେ
ଶୂଦ୍ର ବୋଲି ମଣୁଛ କି ଏହୁ ବିହଂଗମେ ? ୬୨
ଲୁଚାଇ ଲୁଚାଇ ଯାହା ରଖୁଛ ହୃଦୟେ ,
ଯାହାକୁ ପାଇବ ବୋଲି ବଳିଛ ଗୋ ଲୟେ ,
ମୁହିଁ ଅଛି ସବୁ ଜାଣି ;
ଇନ୍ଦ୍ରିୟ-ଅତୀତେ ପରା ଜାଣେ ବ୍ରହ୍ମଜ୍ଞାନୀ ! ୬୩
ଈଶ୍ୱର-ଅଣିମା ଜନ୍ୟ କୃଶ ତୋ ଉଦର ,
ବ୍ରହ୍ମଲୋକ-ବାପି-ମଧ୍ୟେ ଜାଣ ବାସ ମୋର ;
ସତ୍ୟ ଅଟେ ମୋ ବଚନ ,
ଏ ରସନା ଜାଣେ ନାହିଁ ଅଲୀକ ଭାଷଣ । ୬୪

GPNanda Colln., Digitized by srujanika@gmail.com

ଶୂନ୍ୟ ମଧ୍ୟେ ବାସ କରି ପ୍ରତିବେଶି-ଭାବେ ,
ଆମ୍ଭ ମୁଖେ ବାଣୀ ଅବା ତାହାରି ପ୍ରଭାବେ ,
ତାଂକ ଠାରୁ ଲଜ୍ଜାବଳେ
ସତ୍ୟପଥୁଁ ନ ଚଳଇ, ସାଧୁ ସଂଗଫଳେ । ୬୫
ଦିକ୍‌-ପର୍ଯ୍ୟଙ୍କ-ଶୟାନ ସ୍ୱର୍ଣ୍ଣ-ଲଂକାପୁର
ଲଭିବାକୁ ଇଚ୍ଛା ଯେବେ ହୃଦୟେ ତୋହର ,
କିଂବା ଅନ୍ୟ କେଉଁ ବିତ୍ତ ,
ଜାଣ, ହୋଇଛି ଭୂମିର ତାହା ହସ୍ତଗତ ।” ୬୬
ଭାଷନ୍ତେ ଏପରି ପତ୍ରରଥ, ଦମୟନ୍ତୀ
ଉତ୍ତରିଲେ ଲଜ୍ଜାଭରେ ଆନନ୍ଦିତ ମତିଃ—
“ଚିତ୍ତ ନ ଲଭେ ଟି ସଙ୍ଗ ,
ଆଉ କାହିଁ କାହିଁ ମନ, ଜାଣ ହେ ବିହଂଗ ।” ୬୭
ଦୁର୍ଗମ ନଦୀରେ ଯଥା ବୁଡଇ ମାତଙ୍ଗ ,
ଲଜ୍ଜାରେ ବୁଡ଼ିଲା ବାଳା ଶିଷ୍ଟାଚାର-ରଂଗ ;
ଜାଣି , ପୁଚ୍ଛିଲା ଏସନ ,
ଦରଭାଷୀ ବାଳାକୁ ସେ ବିହଗ-ରାଜନ । ୬୮
“ଦ୍ୱିଜରାଜ ପାଣିଗ୍ରହ କାମନା ପ୍ରକାଶେ
ନଳେ ମନେ ମନେ ଭାଳ, କହିଲୁ ଗୋ ଶ୍ଳେଷେ ,
ବୁଝିଅଛି ମୁଁ ତୋ ଭାବ ;
ବିଦ୍ୟାବନ୍ତ ଜନ ଏଥି ସହଜେ ବୁଝିବ । ୬୯

GPNanda Colln., Digitized by srujanika@gmail.com

ତଥାପି ହୃଦୟେ ତବ ସ୍ଥିରତା ସଂଦେହେ ,
ବୁଝି ପାରିଲେ ହେଁ, ମଣେ ନ ବୁଝିଲା ପ୍ରାଏ ;
ବାଳା ଚଂଚଳ ହୃଦୟେ
ମନରେଖା ପୂର ପରା ସ୍ଥିର-ଲକ୍ଷ ନୁହେଁ ! ୭୦
ମହୀମହେନ୍ଦ୍ର ଅଟନ୍ତି ନୈଷଧ ରାଜନ ,
କିପରି କହିବି ତାଙ୍କୁ ସନ୍ଦେହ-ବଚନ ?
ମୁଁ କି ଇତର ସମାନ
ନ ବୁଝିଣ ସାରାସାର, କରିବି ବଖାନ ? ୭୧
ଜନକ କଥାରେ, ଅବା ନିଜ ଇଚ୍ଛାବଳେ ,
ବରିବୁ ସୁନ୍ଦରି, ଯେବେ ନଳ ଭିନ୍ନ ବରେ ,
କି ଭାବିବେ ନର ପାଳ ?
କି ସୁନ୍ଦର ହେବ ମୋର ମଧ୍ୟସ୍ଥ-ବେଭାର ? ୭୨
କିପାଁଇ ବା ମୋ ଉପରେ ଅର୍ପିବୁ ଏ ଭାର ,
ଘଟିପାରେ ସମୟରେ ବିପର୍ଯ୍ୟୟ ଯାର ?
ଏଥୁଁ ଭିନ୍ନ ଅନ ଯାହା
ବାଂଛିବୁ, ଯୋଗାଇବି ତହିଁ ପ୍ରାଣପଣେ ସାହା ।" ୭୩
ଶୁଣି ନ ଶୁଣିଲା ପରି ବିହଗ ବଚନେ
ପ୍ରତିଷେଧି ଅନାଦରେ ମସ୍ତକ କଂପନେ ,
ଲଜ୍ଜା ଭୟ ପରିହରି ,
ଭାଷିଲା ଧରଣୀ-ପୁରୁହୂତଙ୍କ କୁମାରୀ । ୭୪

GPNanda Colln., Digitized by srujanika@gmail.com

"ମମ ଅନ୍ୟଦାନେ ଯେଉଁ କଳ୍ପନା ଉଦୟ ,
ବେଦ ତାହା; ନାହିଁ ତହିଁ କିଛିହିଁ ସଂଶୟ ;
　　କର ଓଁକାର ତାହାର ,
ସୋମେତର କାନ୍ତ ସହ ସଂଯୋଗ ନଶାର । ୭୫
ସରୋଜନୀ ଅନୁରାଗ ସୂର୍ଯେ ଯିନା ଶୋଭେ ;
ଅନ ଚାନ୍ଦ ଭବେ ତାର କେବେ କି ସଂଭବେ ?
　　ନବିଚାରି ଏହା ଲେଶ ,
କିବାହେ କରୁଛ ଶଂକା ; ବିଚିତ୍ର ସାହାସ ! ୭୬
ଭଜିବି ଅନଳେ ବୋଲି ତର୍କିଛ ମୂନର ,
ନଳ ବିନା ଅନ ମୋର ନାହିଁ ପ୍ରତିକାର ;
　　ତେଣୁ ପ୍ରବେଶେ ଦହନେ ,
ନ କରିବି ମିଥ୍ୟାବାଦୀ ତୁମ୍ଭଂକୁ ରାଜନେ । ୭୭
ମମ ପ୍ରତାରଣା ଶଂକା ଯେଉଁ ତର୍କ ଗୁଣେ ,
'ଠକି କି ଲାଭ' ? ଏହା କି ସେ ତର୍କ ନ ମଣେ ?
　　ବେଦ ପରି ବାଣୀ ମୋର ;
ନୁହଇ ସଂଦେହ ପଦ, ନାହିଁ ବ୍ୟଭିଚାର । ୭୮
ନଳ ବିନା ଅନେ ପିତା କଲେ କନ୍ୟାଦାନ ,
ଜାଣ, ହୁତବହେ ତନୁ କରିବି ବର୍ଜନ ;
　　ତନୁ ଦେଇଛନ୍ତି ପିତା ,
ପ୍ରାଣନାଥ ନଳ ମୋର ଅଟନ୍ତି ସର୍ବଥା । ୭୯

GPNanda Colln., Digitized by srujanika@gmail.com

ଦାସୀ ହେବା ଭାଗ୍ୟ ମୋର, ତନ୍ତୁଁ ବଳ ମଣେ
ମହତ ପ୍ରସ୍ତାବ ତବ, ତାଙ୍କ ପତ୍ନୀ ପଣେ ;
ସୁଧାକର ସୁଧାକରେ
ରତ୍ନ ଛାଡ଼ି ନଳିନୀ କି କେବେ ଇଚ୍ଛାକରେ । ୮୦
ହୃଦ ମୋର ନଳମୟ, ତାଙ୍କ ଗୁଣ ଗୁଣି ,
ନ କରଇ ଚିନ୍ତା ମହାମୂଲ୍ୟ ଚିନ୍ତାମଣି ;
କୋଟି ସମ୍ପଦ ସେ ମୋର ,
ପଦ୍ମମୁଖ ପଦ୍ମନାଥ ତ୍ରିଭୁବନ-ସାର । ୮୧
ଗୁଣ ଗୁଣି, ଭାବେ ନଳ ମରମେ ମରମେ ;
ଇନ୍ଦ୍ରଜାଲ ପରି ଚଉଦିଗେ ଦେଖେ ଭ୍ରମେ ;
ତା'ରେ ଲଭିବ ମୁକର ,
ନହେଲେ ଝାସିବି ପ୍ରାଣ; ଯେ ତୁମ୍ଭ ବିଚାର ? ୮୨
ଆଶ୍ରିତ ପାଳକ ହେବ, ବଞ୍ଚାଇବ ମୋରେ ,
ମହାପୂଣ୍ୟ ଅରଜିବ ଏସନେ ମହୀରେ ;
ଶଂକା ନକର ମରାଳ ,
ମଙ୍ଗଳେ ବଳମ୍ବ ତବ ନୁହଇ ସୁନ୍ଦର । ୮୩
କାରଣୀଙ୍କେ ବଚବାଣୀ କରିଣ ପ୍ରଚାର ,
ପ୍ରିୟ ବନ୍ଧୁ ମାଗୁଣି ମୋ ନୁହେ ଲଂଘିବାର ,
ଦାତା ପଣେ ଲଭ ଯଶ ,
ମତ୍ ଭୁବନ ବ ତବ ନକରୁ ଅଯଶ । ୮୪

GPNanda Colln., Digitized by srujanika@gmail.com

ଦଧୀଚ ସମାନ ଜନେ ତେଜଲେ ଜୀବନ
ପ୍ରାର୍ଥୀ ପାଇଁ; ତୁମ୍ଭେ ହୁଅ ଏସନ କୃପଣ !
ମୋତେ ଦେଇ ମୋର ପ୍ରାଣ ,
ଅର୍ଜବ ପୁଣ୍ୟ ଯଶ; ତେବେ ନୁହେ ମନ । ୮୫
ଶୁଝନ୍ତି ଜୀବନ-ଋଣ ଏ ଜୀବନ-ଦାନେ ,
ଜୀବାଧିକ ନଳେ କନ୍ତୁ ମୁଞ୍ଚିବ କେସନେ ?
ଶୁଝି ନ ପାରି ଏ ଋଣ ,
ଅପାର ଦାରିଦ୍ର୍ୟ ଜଳେ ରହିବ ମଗନ । ୮୬
ଏ ପ୍ରାଣ ସଉଦା କଣ, ଦେଇ ମୋ ଜୀବେଶେ ,
ନ ଲାଗିଲେ କାମେ , ପୁଣ୍ୟ ମିଳିବ ତ ଶେଷେ ;
ଅହେ ପ୍ରାଣନାଥ-ଦାତା ,
ନ ପାରିଲେ ଦେଇ, ଗାଉଥିବ ନାମ-ଗାଥା । ୮୭
ଧନକ ବସ୍ତ୍ର-ଦାନେ ଉପକାର ବହୁ ,
କୃତଜ୍ଞେ ମଣଇ ଦୀନ, ଅନାଦରେ ଗୃହୁଁ ;
ସାଧୁ ପରାଣର ପଣେ
କୃତକୃତ୍ୟ ହୁଏ, ଲଭି ସେ କୃତଜ୍ଞ ଜନେ । ୮୮
ଅଷ୍ଟ ଦଗପାଳେ ମୋର ଏକାଗ୍ର ବାସନା
ଦେଖି, ମୋତେ ଦେବେ ନଳେ ହୋଇଣ ସୁମନା ;
ତୁମ୍ଭେ ପ୍ରତିନିଧି ତହୁଁ ,
ଆନ କିଛି ବୁଝିବାକୁ ମନ ମୋର ନୋହୁଁ । ୮୯

GPNanda Colln., Digitized by srujanika@gmail.com

ଅକାଳେ ଅମ୍ବୁ-ରଣ ବହି ଖଗ ମମ ,
ଅମ୍ବୁଦ-ସମାନ ସୃଜ ଅକାଣ୍ଡେ ବାରଣ ,
କିମ୍ବା ନଳଦ-ସଂପଦ
ନ ବଢ଼ ଶୀତଳବାରେ ଏ ରମଣୀ ହୃଦ ?   ୯୦
ନକର ବିଳମ୍ବ, କର ଦ୍ରୁତ ଗମନ ,
କାର୍ଯ୍ୟାକାର୍ଯ୍ୟ ବିଚାରର ନୁହଇ ଏ ସ୍ଥାନ ,
ଅତି ବିଳମ୍ବ ନ ସହେ .
ଗୁରୁ-ଉପଦେଶେ ତାକୁ ପ୍ରତିଜ୍ଞା ପରିବେ ।   ୯୧
ନ କରିବ ମୋହ ଲାଗି ପ୍ରାର୍ଥନା ରାଜନେ ,
ଥିବେ ଯେବେ ଅନ୍ତଃପୁରେ ପତ୍ନୀଙ୍କ ଗହଣେ ;
ପ୍ରିୟା-ମୁଖ-ଅନୁରୋଧେ
ବଳେ ହେବ ଇଚ୍ଛା ଅନ୍ୟ-ବଧୂ-ପ୍ରତିଷେଧେ । ୯୨
ନ କହିବ ମୋ ସନ୍ଦେଶ ନଳ ନୃପବରେ ,
କାମିନୀ ସମ୍ଭୋଗେ ତୁଷ୍ଟ ଥିବେ ଯେତେବେଳେ ;
ଜଳ ପାନେ ଯେ ତୃପତ ,
ସେ କି ଲୋଡ଼େ ପ୍ରପାନକ ଶୀତ ସୁବାସିତ ?   ୯୩
କ୍ରୋଧେ ଯେବେ ତାଙ୍କ ହୃଦ ଥିବ ଜରଜର ,
ନ କହିବ ହଂସବର ମୋ ଜଣାଣ ଗିର ;
ପିତ୍ତେ ଦୂଷିତ ରସନା
ଭକ୍ତ ମଣି ମଧୁରସେ, ନ କରଇ ସେନା ।   ୯୪

GPNanda Colln., Digitized by srujanika@gmail.com

ଧନକର୍ମେ ଯେତେବେଳେ ଥିବ ତାଙ୍କ ଚିତ୍ତ ,
ମୋ ମାଗୁଣି କହିବାର ନୁହଇ ଉଚିତ ;
ନବାଗିବେ ଅନାଦରେ ,
ବିଷୟ ବୋଧ ନୋହିବ ଅସ୍ଥିର ଚିତ୍ତରେ । ୯୫
ବଞ୍ଚ ତୁମ୍ଭେ , କି କହିବି, ନ ଜାଣେ କିଂଚିତ ,
ଦେଶ କାଳ ବୁଝି କହ, ଯା ଯହିଁ ବିହିତ ;
ସିଦ୍ଧି ବିଳମ୍ବେ ଖେଚର ,
ବରଂ ବ୍ରତ ଅସିଦ୍ଧିରୁ ନୁହେ କି ସୁନ୍ଦର !” ୯୬
ଯୁବତୀ ସୁନ୍ଦରୀ ଯାହା ଛାଡ଼ି ଲାଜ ଭୟ ,
କହିବାରେ ଏତେ କଥା ବଳାଇଲେ ଲୟ ,
ତହିଁ ଦୋଷ ନାହିଁ ତା'ର ,
ମତାଇ ଭୁଲାଇ ବଳେ , ସାକ୍ଷୀ ଏଥି ସ୍ମର । ୯୭
ବୁଝନ୍ତୁ ଅସୀମ ମୁଦେ କାମ , ତ୍ରିଲୋଚନ ,
ଲଭିଲେ ଉନ୍ମତ୍ତ ଜନ , ଉନ୍ମତ୍ତ ସୁମନ ,
ହୁଏଁ ଶମ୍ଭୁ ପରସ୍ପରେ
ଏକ-ପ୍ରିୟେ ଅନେ ପୀଡୁଥାନ୍ତି ହର୍ଷଭରେ । ୯୮
ଶୁଣି ଏ ଭାରତୀ ହଂସ ବୁଝିଲା ଅନ୍ତରେ,
‘ ଦମୟନ୍ତୀ ମନ ପ୍ରାଣ ସମର୍ପିଛି ନଳେ’ ;
ପ୍ରଶ୍ନ ଉତ୍ତର ସମାପ୍ତି ,
ଚଞ୍ଚୁ-ପୁଟ-ମୌନ-ମୁଦ୍ରା ପିଟାଇଲା ହସି । ୯୯

GPNanda Colln., Digitized by srujanika@gmail.com

ଯେବେ ସୁକୁମାରୀ ରାଜ ପୁତ୍ରି , ଏହା ସତ ,
ନାହିଁ ଏଥିରେ ମୋହର କର୍ତ୍ତବ୍ୟ କିଂଚିତ ;
ଦୂର କରଛୁ ସଂଯୋଗ ,
ଯାହା ପେନ ଦୁହେଁ ଏବେ କର ଦୁଃଖ ଭୋଗ । ୧୦୦
ଭଲ ହୋଇ , ନଳେ ବହୁଗନ୍ଧୀୟ ସକଳ ,
ପାଳଛନ୍ତି ଉପବାସେ ତପ ଦୀର୍ଘକାଳ ;
ଲଭି ସୁଧା-ସଙ୍ଗ ତବ ,
ଦେବ ନାମ ବହୁ, ତାଙ୍କ ନାମ ସାର୍ଥ ହେବ । ୧୦୧
ଥିଲା ପୂର୍ବେ ନଳ କାମ ଶିଖି ଏକାପର ;
ହୁଅନ୍ତେ ଶରୀର ଭସ୍ମ , ହୋଇ ବା ମସ୍ତରି ,
ତବ ବରହ-ଅନଳେ
ଅତନୁ ନଳ-ଶରୀର ଅବରତ ଜାଳେ । ୧୦୨
ଭିତ୍ତି-ଦେହେ ତବରୂପ କରାଇ ଲେଖନ ,
ଅପଲକ ନେତ୍ରେ ନୃପ କରନ୍ତେ ଦର୍ଶନ ,
ନେତ୍ର ରକ୍ତମୟ ହୋଇ ;
ତବ ଅନୁରାଗ-ଯଶ ସତେ ବା ଧରଇ । ୧୦୩
ଆଲେଖ୍ୟ-ଲଖିତ ରୂପ ଦେଖୁଣ ଭୂମ୍ପର ,
ଝରନ୍ତେ ନମେଷ-ହୀନ-ନେତ୍ରୁ ଅଶ୍ରୁଝର ,
ପ୍ରୀତ ନମେଷ-ବଚ୍ଛେଦ ,
ଅଶ୍ରୁ-ବଷୟେ ଉଭୟେ କରନ୍ତି ବବାଦ । ୧୦୪

GPNanda Colln., Digitized by srujanika@gmail.com

ବାହାରେ ଥାଇ ଗୋ, ନଳେ ଭୁମ୍ଭେ ହୃଦଗତ ,
ନାସା ମୁଖ ଗତ ଫଳେ; ଯେସନ ଜୀବତ ;
ଚଳେ ନ ଯାଏ ମାନସ ,
ଭୁମ୍ଭ ଚଉହ୍ନ ମାନସେ ବୃତ୍ତର ବଶ୍ୱାସ । ୧୦୫
ନଳମନେ ଝରନ୍ତର ଅବୋହନ୍ତୁ ବାଲା .
ସଂକଳ୍ପ ସ୍ୱରୂପ ଦୀର୍ଘ ସୋପାନର ମାଳା ,
ସେହ୍ନ ଛେକ ଦୀର୍ଘ ଶ୍ୱାସ ,
ଧ୍ୟାନେ ତୋ' ସ୍ୱରୂପ ବୋଲି କରନ୍ତ ପ୍ରକାଶ । ୧୦୬
ଏକାନ୍ତେ ଭବନ୍ତେ ନୃପ ଭୁମ୍ଭଙ୍କୁ ସାଦରେ ,
ଭ୍ରମେ ତାହା ମୁଖୁଁ ତାଂକ ବାହାରେ ପ୍ରସରେ ;
ବୈଷ୍ଣ-କାମ-ମିତ୍ର ବଧୂ
ସେ ମୁଖେ ମିତ୍ରତା ବହ୍ନ , କରେ କର୍ମ ସାଧୁ । ୧୦୭
ତବ ବିରହେ କ୍ଷଣରେ ନରେଶର ମତ
ମୋହ୍ନ ପାରୁନାହିଁ ନିଦ୍ରା, ଆନ ବା ଯୁବତୀ ,
ଭରି ଅଲିଙ୍ଗନ ଅଙ୍ଗ ,
ପାରୁ ନାହାନ୍ତ ସେ ଚୁମ୍ବି ନଳ ନେତ୍ର ଯୁଗ । ୧୦୮
ସାମ୍ୟକ ପ୍ରହାରି ନଳେ କାମ କଲା କ୍ଷଣ ,
ତେବେ ନ ପାରିଲା ହାରି ଲାବଣ୍ୟ ସୁହାସ ,
ଏବେ ଅନଙ୍ଗ ସେ ନୃପ ,
କାନ୍ତିରେ ଦେଖାନ୍ତି ବବା କନ୍ଦର୍ପଙ୍କୁ ଦର୍ପ ! ୧୦୯

GPNanda Colln., Digitized by srujanika@gmail.com

ତବଲାଭେ ନ ଡରନ୍ତି ପାପ ଅନୁଷ୍ଠାନେ ;
ତବ ଦାସ୍ୟେ ଲଜ୍ଜା ବୋଧ ନ କରନ୍ତି ମନେ ,
ଅହା କାମ ତୀକ୍ଷ୍ଣ ଶର
ପ୍ରହାର, କରିଛି ତାଂକ ସ୍ୱଭାବ ଦୁର୍ବଳ ! ୧୧୦
ଲଜ୍ଜାଶୀଳ ନୃପଂକର ସ୍ମରଜ୍ୱର ଘୋର
ବାରି, ରହିଲେ ମଣ୍ଡନେ ଭୂଷଗଣକର ;
ସଂକ୍ରାମକ ରୋଗ ପରି ,
ଲଜ୍ଜାଭାବ ନୃପୁଂ ତହିଁ ଗଲାକ ପ୍ରସରି ! ୧୧୧
ଅକସ୍ମାତ୍ 'ତୁମ୍ଭେ ତୁଷ୍ଟ' ଭାଳି, ଲଭି ଭୀତି ,
ହସନ୍ତି; ପୁଣି ସତେ ବା ତୁମ୍ଭଂକୁ ଦେଖନ୍ତି !
ଦେଖି ଟଳନ୍ତି ପଛରେ ;
କେବେ ତୁମେ ଦଅନ୍ତି ସେ ଉତ୍ତର ତୋ'ଗିରେ ।
ଯମୁନା-ପ୍ରବାହ-ସମ ବିରହ-ସନ୍ତାପ ,
ଅଜ୍ଞାନ-ପଙ୍କେ ଦୁର୍ଗମ , ମୂର୍ଚ୍ଛାମୟ ଦ୍ୱୀପ ;
ଅହା ତହିଁ ଅନ୍ତରଣ ,
ମଜ୍ଜଇ ନୃପ-କୁଂଜର, ନାହିଁ ପରିତ୍ରାଣ ! ୧୧୨
ଦକ୍ଷିଣେ ବାମରେ ପଞ୍ଚ ପଞ୍ଚ ମାରି ଶର ,
ସରଜଛି କାମ ଯେତେ ଦଶା ନଳଙ୍କର ,
ତହିଁ ଯେ ଦଶା ଦଶମ ,
ଅକାଶ-କୁସୁମ ହେଉ ତା'ର ପରିଣାମ ! ୧୧୪

GPNanda Colln., Digitized by srujanika@gmail.com

ତବ ବିରହେ ମଦନେ ହୋଇ ଉତ୍କଣ୍ଠିତ ,
ପେଷିଛନ୍ତି ରାଜ୍ୟେ ତବ ପାଶେ ମୋତେ ଦୂତ ;
ମୋର ସଫଳ କରମ ,
ଗୁଣ-ଲୋଭବତୀ ଭୁହ୍ନ, ବୁଝି ତୋର ପ୍ରେମ । ୧୧୫
ଧନ୍ୟ ଦମୟନ୍ତି, ଧନ୍ୟ ଉଦାର ତୋ' ଗୁଣ ,
ଓଙ୍କାରିଲୁ ସେ ଗୁଣେ ତୁ ନୈଷଧ ରାଜନ ;
କିବା ସୁଭ ଚନ୍ଦ୍ରିକାର ?
କରଇ ସେ ମହାସିନ୍ଧୁ ହେଲେ ଉତ୍ତରଳ । ୧୧୬
ଶଶୀ ଯୋଗେ ନିଶାପରି ଶୋହ୍ବୁ ସୁନସି ,
ଶୋଭନ୍ତୁ ସେ ନିଶା ସଙ୍ଗେ ନିଶାନାଥ ପରି ;
କରିବାକୁ ମେଳ ତବ ,
ଅଭ୍ୟାସେ ରଚେ କି ବିଧୁ ପୂର୍ଣ୍ଣିମା ବିଭବ ? ୧୧୭
ତବ ପୀନ ସ୍ତନ ଯୁଗେ ଅଗୋ କୃଶୋଦରି ,
ରଚିବେ ଯେବେ ନୃପତି ଚିରୁ ପତ୍ରାବଳି ,
ପୃଥୁ ଶିଳ୍ପ-କଉଶଳ
ବିଶାଳ ଏ ସ୍ତନେ ସିନା ହୋଇବ ସଫଳ ! ୧୧୮
ତୋଷିବାକୁ ତବ ଦୁଇ ବିଶାଳ ଲୋଚନ
ଏକା ସୁଧାକର କାହୁଁ ହୋଇବ ଭାଜନ !
ନଳ ମୁଖଚନ୍ଦ୍ର ପାଇ ,
ଦୁଇ ନେତ୍ରେ ଦୁଇ ବିଧୁ ରହିବୁ ଗୋ ଚହ୍ନିଁ । ୧୧୯

GPNanda Colln., Digitized by srujanika@gmail.com

ତୁଚ୍ଛ ନଳ-ତପ-କଳ୍ପତରୁ ମନୋହର ,
ଧନ୍ୟ ପାଣି-ନଖ-ଅଗ୍ର ସେ ତରୁ-ଅଙ୍କୁର ,
ବେଦ ପଦ୍ମ ଭୃଙ୍ଗଯୁଗ ,
ନାଳ ରୂପେ ତବ ଓଷ୍ଠ ଲଭିବ ସଂଯୋଗ । ୧୨୦
ନବ ପଲ୍ଲବିତ ହସ୍ତେ, ସ୍ମିତେ କୋରକିତ ,
ତବ ଅଙ୍ଗ ମୃଦୁଗୁଣେ ହୋଇବ ପୁଷ୍ପିତ ,
ସ୍ତନଯୁଗ ରୂପ ଫଳେ
ହୋଇବ ଫଳିତ, ଇଚ୍ଛା ପୂରାଇବ ନଳେ । ୧୨୧
ତୁଳିବାକୁ କାମ ତବ ପ୍ରେମ ପରସ୍ପରେ
କରିଥିଲା କଂସା-ପାତ୍ର ସୁଧାଂଶୁ-ମଣ୍ଡଳେ ,
ତୁଳା ନିଜ ଶର-ଲତା ,
ରଶ୍ମିଗଣ ରଜ୍ଜୁ ତୁଲ୍ୟ ହୋଇଥିଲା ତଥା ! ୧୨୨
ସ୍ୱକରେ ରଚିବେ କୁଚେ ପତ୍ରାବଳି ନଳ ,
ମଦନ ଉତ୍ସବେ ତହିଁ ଲାଗି ତାଙ୍କ କର ,
ସତ୍ତ୍ୱ-ସ୍ୱେଦେ ତରୋହିତ ,
ଯହିଁ ସୃଷ୍ଟି ତହିଁ ଲୟ ହେଉ ଗୋ ସାଧିତ । ୧୨୩
ରତି ଯୁଦ୍ଧେ ନାନା ବନ୍ଧେ ମତ୍ତ ବେନିଜନେ
ଯୁବକ ଯୁବତୀ ତୁହେଁ ହେବ ହୃଷ୍ଟମନେ ,
ଦେଖି ଦେବ ସମୀରଣ ,
ବାରଂବାର କ୍ଷିତେ ପୁଷ୍ପ କରିବେ ବର୍ଷଣ । ୧୨୪

GPNanda Colln., Digitized by srujanika@gmail.com

ପରସ୍ପର ମେଳେ ବଳେ ମନ ବେଣୀଂକର ,
ଏକୀଭୂତ ହୋଇ କ୍ରମେ ଶୋଭୁବ ସୁନ୍ଦର ,
ମୃତ-କାମ-ସଂଜୀବନେ
ପ୍ରଥମ ଦ୍ୱ୍ୟଣୁକ ରୂପେ ଦଶିବ ଭୁବନେ । ୧୨୫
କୁସୁମ-ଚାପେ ଦୁର୍ଜୟ ମଣି କାମ ନଳେ ,
ଧନୁର୍ବଲ୍ଲି ରୂପେ ଲଭି ଭୁମ୍ଭଂକୁ କୌଶଳେ ,
ଏବେ ହୋଇଛି ଉତ୍ସାହୀ ,
ଅବ୍ରଣ-ବଂଶଜା ଯେଣୁ ଅଧିଗୁଣା ଭୁହ ।
ପଞ୍ଚ ହୂତ୍ର ଲତା ଗ୍ରୀବା ଦେଶ ଅଳଂକାର ,
ସୃଷ୍ଟି ଦେଶେ ଲମ୍ବିଅଛି ଯାହା ଖଣ୍ଡେ ଦୂର୍ ,
କଷ ଲେଖା ଚରୁଭର ,
ବିଳସିତ ସିନ୍ଦୁର ସୌନ୍ଦର୍ଯ୍ୟେ ମନୋହର । ୧୨୬
ଭୁମ୍ଭଂକୁ ପାଇଛି ଚାପ ସ୍ମର୍, ରାଜହଂସେ
କମ୍ଭବ୍, ରୋମାଳ ତବ ଗୁଣ ତହିଁ ବସେ ,
ନାଭି ବାଟୁଳର ସ୍ଥାନ ,
ମାଜା'ର ମୁକ୍ତାମାନ ବାଟୁଳି ସେ ଜାଣ । ୧୨୭
ନଳ ରାଣ ରୂପେ କାମ ଲଭି ପରାଜୟ ,
ପୁଷ୍ପ ବ୍ୟାଜେ ତବ କେଶେ ସ୍ଥାପି ଶର ଚୟ ,
ଧନୁ ତୋର ଭ୍ରୂଲ ତଳେ
ରଖି, ଝାସ ଦେଲା ଶିବ ନୟନ ଅନଳେ ।

GPNanda Colln., Digitized by srujanika@gmail.com

ହେଲେହେଁ ଅନଂଗ କାମ ଇର୍ଷାରେ ଜର୍ଜର ,
ଅଚରଇ ତୀବ୍ର ତପେ ଜିଣିବାକୁ ନଳ ,
ତବ ତନୁ ଅଶ୍ରମରେ ,
ଯୋବଳି ଦର୍ଶିଶାଲେ କୁର ଶୈଳ ପରେ ।” ୧୬୮
ଏମନ୍ତେ କହୁଁ ସେ ଖଗ, ସହଚରୀ ଗଣ
ଅଧି ମିଳିଗଲେ ଖୋଜ ଖୋଜ ବହୁକ୍ଷଣ ;
‘ହେଉ ମଂଗଳ’ ବଖାଣି ,
ବେଗେ ଗଲା ହଂସ ନଳ-ରାଜ-ରାଜଧାନୀ । ୧୬୯
କାମ ପ୍ରସୂନ ସାମୁକ ମଧୁ ସଂଗ ମେଳେ
ମିଳି, ପ୍ରିୟ ଦୂତ ବାଣୀ ଶ୍ରବ୍ୟଯୁକ୍ତ ହେଲେ ,
ନୃପେ ଦୃପତ ଦୂନେରୀ ,
ମୂର୍ଚ୍ଛା ଢାଳେ ଅପଦାନ ଉଠେ ଥରି ଥରି । ୧୭୦
ଗୃହିଁଲେ ରାଜନ-ବଂଧୁ ହଂସେ ସୁକୁମାରୀ ,
ଛଳ ଛଳ ଆଖି, ଅଭ ହଂସ ନୁହେ ବାରି :
ତାହୁଁ ପାଖେ ଥାଇ ଦୂର ,
ଦୂରେ ଥିଲେ ହୃଦୁ ଭଳେ ନହେଲା ଅନ୍ତର । ୧୭୧
କାର୍ଯସିଦ୍ଧି ସୂଚ ପକ୍ଷ-ଯୁଗଳ-କମ୍ପନେ ,
କହିବାକୁ ନଇଷଧେ ଆନନ୍ଦିତ ମନେ
ହଂସ ଗଲା ହବାଦ୍ଧିସେ ,
ରହିଲା ସୁନ୍ଦରୀ ଚନ୍ଦ୍ରା-ମଳନ-ମାନସେ ।

GPNanda Colln., Digitized by srujanika@gmail.com

"ବୋଲ ନମାନଲୁ ବେଳୁ, ହୋଇଲୁ କି ବାଇ ?
ଭ୍ରମିଲୁ କାନ୍ତାରେ, ବାଢ଼ ଭୁଲିଲୁ କି ସହ ?
ଆଉ ନକର ରୋଦନ ;"
ଭଷିଣ ଏସନ ଢାରେ ନେଲେ ପକ୍ଷୀଗଣ । ୧୩୨
ଦେଖିଥିଲା ଅଗେ ଯେଉଁ ସରୋବର ତୀରେ ,
ନଳଘ୍ଣେ ଯାଇଁ ହଂସ ଦେଖିଲା ସେଠାରେ ,
କାମେ ଅଛ ପୀନ ହୋଇ ,
ଅଶୋକ ପାଦପ ତଳେ ଥିଲେ ସେହୁ ଶୋଇ ।
ନବ କିଶଳୟ ଦଳେ କରନ୍ତ ଶୟନ ,
ଅଙ୍ଗତାପେ ସେ ପଲ୍ଲବ ହୋଇଅଛୁ ମ୍ଳାନ ,
ପଡ଼ି ଦୁଃଖେ ତହିଁ ନଳ ,
ମଣୁଛନ୍ତି ଶିର ପୁଷ୍ପେ କାମ ପୁଷ୍ପ-ଶର । ୧୩୩
"ନକହିବି କିଛୁ ପ୍ରିୟେ, ତୁମ୍ଭେ ପରବଶ ,
କାହିଁଗଲ, ଆସ ବେଗେ, ଅହେ ରାଜହଂସ ,
କର ସଂଦେଶ ପ୍ରଦାନ ,
କି କହିଲା ଦମୟନ୍ତୀ କହ ହେ ବହନ ।"
ଭାଷନ୍ତେ ଏସନ ନଳ ବ୍ୟାକୁଳ ହୃଦୟେ ,
କହିଲା ବୃତାନ୍ତ ଫେଇ ମରାଳ ବିନୟେ ;
ସାଧୁ, ବିଳମ୍ବ ସ୍ପୃହାରେ
କରି ପାରେ ଯାହା, ସ୍ପୃହା ଫଳଇ ଅଚିରେ । ୧୩୪

GPNanda Colln., Digitized by srujanika@gmail.com

ଶୁଣିଲେହେଁ ହଂସଠାରୁ ସଂବାଦ ବିସ୍ତର ,
ବଢ଼ିଲା ଅଗ୍ରହ ଶୁଣିବାକୁ ବାରଂବାର ;
ତେଣୁ ପୁଚ୍ଛିଲେ ଭୂପତି ,
"କି କହିଲା ପ୍ରିୟା, ପୁଣି କହ ମୋର କତି ।"
ଶୁଣି ପୁଣି ହଂସଠାରୁ ପ୍ରାଣ-ପ୍ରିୟା-ଗିର ,
ମାତିଲେ ବିଶାଳ ମୋଦ-ମଦେ ନୃପବର ;
ନଳେ ଶତ ଶତ ବାର
ଉଚ୍ଚାରିଲେ ମୁଖୁଁ ସେହି ବଚନ ନିକର । ୧୩୫

କବିରାଜରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟ ବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ;
ତାଙ୍କ ବିରଚିତ ମହାକାବ୍ୟ ଗୁରୁ
ପ୍ରବନ୍ଧ ନୈଷଧ ଚରିତ; ତହିଁ
ସର୍ଗ ଗଣନାରେ, ତୃତୀୟ ନାମରେ
ନିସର୍ଗ ଉଜ୍ଜ୍ୱଳ ସରଗ ଏହି ।

GPNanda Colln., Digitized by srujanika@gmail.com

ତୃତୀୟ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୫ — ଦ୍ୱିଅର୍ଥ: । ମୁନି ମହା: ଅବଲରେ ସଦାଃଶୟେ (ଉତ୍ତମ ଅଭିପ୍ରାୟରେ) ମାନସରର ହଂସ (ବ୍ରହ୍ମ)କୁ ଲେଢ଼େ । ବାଳା ମହାଦର (ଅଶଙ୍କା)ରେ, ସଦାଶୟେ (ହସ୍ତରେ) ମାନସ ସରୋବର ବହାସ୍ତ ହଂସକୁ ଲେଢ଼ନ୍ତି ।

୯ — ଦଧିଧାଙ୍କ ବାହ୍ୟାଳୀ (ବହନ କାର୍ଯ୍ୟ) ସମୟରେ ଅଧିକ ମଣ୍ଡଳମାନେ ଶାନ୍ତ ହେବାକୁ ଦେଲେ, ମୁଁ ଯାନରେ ବାନ୍ଧ ଦେଇ । ସେ ଫଳରେ ମୋର ଶ୍ରାନ୍ତ ହୁଏ ନାହିଁ ।

୧୦ — ଦ୍ୱିଅର୍ଥ । ଯେଉଁ ନରର ବରଳ ('ଭ'ବଗଢ ହୋଇ'ଳ') ଉଦୟ; ଅର୍ଥାତ୍ 'ବର' ନୁହେଁ, 'ନଳ' ।

୧୩ — ଦ୍ୱିଅର୍ଥ । ସ୍ୱୌଜସ (ସୁ, ଔ, ଜସ୍), ସଂସ୍କୃତ ବିଭକ୍ତିମାନ; ସଂସ୍କୃତ ବ୍ୟାକରଣ ସୂତ୍ରାନୁସାରେ ପ୍ରଥମାରୁ ଅନ୍ୟାନ୍ୟ ବିଭକ୍ତ୍ୟନ୍ତ ନାମପଦମାନେ ସାଧିତ ହୁଅନ୍ତି ।

୧୪ — ଦାନର ଶେଷକୁ ଅଶେଷ କରି ଭୋଗ କରନ୍ତି ।

୩୪ — ପଦ୍ମ ଜଳରେ ମଗ୍ନ ହୋଇଯିବାରୁ ଘା'ଭଢରେ ବ୍ରହ୍ମା ଲୁଚି ଯାଆନ୍ତି ।

୩୭ — କ୍ଷମାର ଦ୍ୱିଅର୍ଥ; ପୃଥିବୀ, ଦୋଷ ମାର୍ଜନା ।

୫୭ — ନୈୟାୟିକ ମତରେ ମନ ଅଣୁ । ଏହାଙ୍କ ଘୋଡ଼ାମାନେ ଅଣୁ ମନଠାରୁ ବେଗବାନ୍ ।

୫୭ — ତୁମ୍ଭେ ଦର୍ପଣ ପରି; ମୋର ଅପରାଧ ଅଗେ ହୋଇଛି; ତେଣୁ ତାକୁ ନିଜ ପ୍ରତିବିମ୍ବ ବସ୍ତୁର ଧର ନାହିଁ । ଅଦର୍ଶର ଦ୍ୱିଅର୍ଥ ।

୬୯ — ଦ୍ୱିଅର୍ଥ । ହେ ଦ୍ୱିଜରାଜ (ପକ୍ଷିନ୍) କିମ୍ବା ଦ୍ୱିଜରାଜ ପାଣି-ଗ୍ରହଣ-କାମନା, ଅର୍ଥାତ୍ ରାଜ-ବିବାହ-ଇଚ୍ଛା ।

୭୨ — ଦ୍ୱିଅର୍ଥ । ନଳ — ଭେଟ — ସଙ୍ଗ; ନ ଲଭେଟ ସଙ୍ଗ । ସଙ୍ଗ = ଆସକ୍ତି ।

୭୭ — ଅନଳେ — ଅଗ୍ନିରେ, ନଳ ଭିନ୍ନରେ ।

GPNanda Colln., Digitized by srujanika@gmail.com

୮୪ – ହେ ପ୍ରିୟ ବନ୍ଧୁ ; ବା, ହେ ବନ୍ଧୁ ମୋ ପ୍ରିୟ (ବର) ମାଗୁଛି ; ଅଥବା, ପ୍ରିୟ କର, ତାହା ଜଣାଇ ଦେଉଥିବା ମୋର ପ୍ରାର୍ଥନା । ବୃଜନ = ବୃଥା ନ ହେଉ ।

୮୮ – ଧନୀଙ୍କ ପାଖେ କୃତଜ୍ଞ ହୀନ ହେଲେହିଁ, ସାଧୁପାଖେ କୃତଜ୍ଞତାହିଁ ଶ୍ରେଷ୍ଠ ପ୍ରତିଦାନ ।

୯୦ – ଅମ୍ବୁରୁ = ଜଳରୁ; ଚନ୍ଦ୍ରୁ । ଅକାଣ୍ଡେ = ହଠାତ୍ । ଖିରଣ = ଏକପ୍ରକାର ଘାସ । ନଳଦ = ଉଶୀର, ବେଣାଚେର । ଦୁଇ ଅର୍ଥ ।

୯୮ – ଜନ୍ମୁର ସୁମନ = ଦୁଦୁଷ ଫୁଲ । ଦୁଇଅର୍ଥ ।

୧୦୧ – ଇନ୍ଦ୍ରିୟ ମାନଙ୍କର 'ଦେବ' ନାମ ବେଦ-ପ୍ରସିଦ୍ଧ ।

୧୦୪ – ପ୍ରୀତିରୁ ଅଶ୍ରୁ ଓ ନସ୍ନେହ ହୀନତାରୁ ଅଶ୍ରୁ ଏହା ସ୍ଥିର କରି ହୁଏ ନାହିଁ ।

୧୦୫ – ନାସା ମୂଳ ଗତରେ ଦୂମର ପ୍ରକାଶ ହେବାରୁ ତୁମେ ତାଙ୍କର ନାସା-ମୂଳ ଗତର ପ୍ରକାଶିତ ପ୍ରାଣବାୟୁ ସମାନ ।

୧୦୭ – ତାଙ୍କ ଶତ୍ରୁ ଯେ କାମ, ତା'ର ମିତ୍ର ବଧୂ. ନଳ ମୁଖରେ ମିତ୍ରତା ବହି, ତୁମ୍ଭ କାମକୁ ଯେପରି ଓ ବାହାର କରୁଅଛ !

୧୦୯ – ଅନଙ୍ଗ = କନ୍ଦର୍ପ ; କୃଶାଙ୍ଗ ।

୧୧୪ – କାମ ପୀଡ଼ାର ଦଶମ ଦଶା ମୃତ୍ୟୁ ।

୧୨୨ – କଂସାପାତ୍ର = ଥାଳି ; ତୂଳୀ = ତୂଳୀଦଣ୍ଡ ବା କାଠି ।

୧୨୩ – ନଳ ନିଜ ହାତରେ ପତ୍ରାବଳୀ ଚିତ୍ରିଥିବେ ; ସେହି ହାତଗଣ୍ଠି ପୁଣି ଝାଳରେ ତାହା ଲିଭିଯିବ ।

୧୨୪ – ନ୍ୟାୟ ମତରେ ସୃଷ୍ଟି ଅନ୍ତରେ ପ୍ରଥମେ ଦୁଇଟି ଅଣୁ ମିଶି, ଦ୍ୱ୍ୟଣୁକ ହୁଏ ।

୧୨୭ – ଦୁଇଅର୍ଥ । ଅକ୍ଷୁଣ ବଣିକା, ଅଧଗୁଣା – ଅନବଦ୍ୟ ବଣିକାତା, ଗୁଣବତୀ ; ବା ନୁତନ ବାଉଁଶ ନିର୍ମିତା, ଗୁଣଯୁକ୍ତା (ଧନୁ) ।

GPNanda Colln., Digitized by srujanika@gmail.com

ଧନୁର ଚଳଚଳ ଅଂଶ, ଦମୟନ୍ତୀର ଯଉବଣ ସଂଗେ ଉପମାରେ ବର୍ଣ୍ଣିତ ହୋଇଅଛି ।

୧୩୦ —ମଦ୍ୟ ସଙ୍ଗେ ଗୁଅଢିଅ ମିଶାଇ ଖାଇଲେ, ମୂର୍ଚ୍ଛା, ତାପ ହୁଏ, ଓ ଦେହ ଥରେ— ଏହା ବୈଦ୍ୟଶାସ୍ତ୍ର ମତ ।

୧୩୪ —ସାଧୁ ସ୍ପୃହା କରିବାରେ ବିଳମ୍ବ କରିପାରେ ; ମାତ୍ର ସ୍ପୃହା କଲେ, ତାହା ଶୀଘ୍ର ଫଳେ ।

GPNanda Colln., Digitized by srujanika@gmail.com

ଚତୁର୍ଥ ସର୍ଗ

ଲଭି ଅବସର ନଳ ଗୁଣ ଗୁଣ
କରି, ତାଂକ ଯଶ କୁସୁମ ଧନୁ,
ସୁମନ ସ୍ୱଭାବେ ଶ୍ରୁତ ଗତ ନଳ-
ସାପୃକେ ଜିଣିଲା ଭୈମୀ ଅତନୁ । ୧
କାମ ଜ୍ୱର ତାପେ ବୁଡ଼ାଇଲା ପୁଣି
ଯେଣୁ ପ୍ରିୟ-କଥା-ସରସୀରସେ ;
ସଂଗେ ସଂଗେ ତା'ର ଚରାନ୍ତରତାପୀ
ପରିଣାମ ବାଳା ଲଭିଲା କି ସେ ? ୨
କୃଶୋଦରୀ ସତେ ପ୍ରିୟ-ଦୂତ-ପକ୍ଷ-
ବେଗୁଁ ନାରୀ-ସ୍ଥିତି-ବିରୋଧ-କର
ଶିଖିଲା ଅଧୈର୍ଯ୍ୟ, ଘଟେ ପରେ ଯାହା
ପୂର୍ବ ପିନା ଅଟେ କାରଣ ତାର । ୩
ଲଭି ମାତ୍ର ସ୍ମିତି- ସ୍ମରଣେ ଜଡ଼ତା
ଲଭିଲା ବାଳାର ଗୁରୁ ଅବନ ;
ଅପାଙ୍ଗ-ଅଙ୍ଗନ- ବିଳାସ—ଗମନେ
ପଙ୍ଗୁ ହେଲା ତାର ନେତ୍ର ଖଞ୍ଜନ । ୪

GPNanda Colln., Digitized by srujanika@gmail.com

କଲେ ପରବେଶ   ସୁନ୍ଦରୀ ହୃଦୟେ
ଏକାବେଳେ ଦୁହେଁ ନଳ ମଦନ ;
ଚର୍ଯା ଲାଗି ପଡେ   ଭୌମୀକାମୀ ଇନ୍ଦ୍ର
ଅଶ୍ୱିନୀ କୁମାରେ କଲେ ପ୍ରେରଣ ?   ୫
କୁସୁମ ଶୃଙ୍ଗଜ—   ତାପେ ସଂତାପିତ
ହେଲା ତାମରସ ମୃଦୁଂ ବଦନ ;
ଦଶଇ ଯେସନେ   ଦବଦେ ଦବଦେ
ରବିକର-ମ୍ଳାନ ଶଶ-ଲାଞ୍ଛନ ।   ୬
ଯୌବନ-ତରଣି-   ତାପେ ଦୃଢ଼ ସେତୁ ,
କାମ-କୁମ୍ଭକାର-ବିଳାସ-ଜାତ
କୁଚ କୁମ୍ଭ ଯୁଗ,   ଅନଳ ସଂଗତ
ତାପେ କାହିଁକି ନ ହେବ ମିଳିତ ?   ୭
ବିରହ-ଉତ୍ତାପେ   ପକାଇ ମନୋଜ ,
କି କଲା ସୁନ୍ଦରୀ-ଉରୁ-ଯୁଗଳେ ?
କଦଳୀ ପାଦପ   ତେସନ କଦନ
ଲଭିବ ଜ୍ୱଳନ୍ତ ମରୁ ଭୂଷରେ ।   ୮
ସ୍ମର ଶରାଘାତେ   ଲଭିଣ ସଂତାପ ,
ଦହିଲା ସୁନ୍ଦରୀ-କର-ଯୁଗଳ ;
ପଡେ କି ଅତପେ   ଜଳହୀନ ସରେ
ଅନାବୃତ ସେତୁ ବେନି କମଳ !   ୯

GPNanda Colln., Digitized by srujanika@gmail.com

କାମ ତାପ ଲଭି,   ଫାଟି ଯାଉଥାନ୍ତା
ଦମସ୍ୱସା ମୃଦୁ ହୃଦୟ ତହିଁ ;
ଦୃଢ ମୂଳେ ତାରେ   ଯୋଡ ଧରି ଥିଲା
ତୁଙ୍ଗ ପୀନ କୁଚ ବନ୍ଧନ ହୋଇ । ୧୦

ଧାନ ଶିଙ୍ଘ ଟିଏ   ପଶିଲେ ଚରଣେ
ନ ଧ୍ୱଅଇ' ଅବା କେତେ ଯାତନା !
ଧରଣୀ-ଧାରଣ   ପଶିଛନ୍ତି ହୃଦେ ;
କ ନୋହ୍ବ ବାଳାବରେ ବେଦନା ? ୧୧

ମନୋଗତ ପ୍ରିୟେ,   ·ଭେଟିବାକୁ ସତେ
ବୁଜିଲେ କ ଚତ୍ତ୍ରେ ନେଏ ଯୁଗଳ !
ହାରିଲେ ଗ୍ରହଣ-   ସାମର୍ଥ୍ୟ ପୁରତେ ;
ନ ପାରିଲେ ଦେଖି ବସ୍ତୁ ସକଳ । ୧୨

ଲୋତକ ପ୍ଲାବିତ   ହୃଦେ ନତ ମୁଖୀ
ଦମୟନ୍ତୀ ମୁଖ ଦିଶଇ ଝଲ ;
ପ୍ରତିବିମ୍ବ ନୁହେ ;   ହୃଦସ୍ଥିତ ନଳେ
ଚୁମ୍ବି ସତେ ବାଳା ଅସେ କି ଫେରି ! ୧୩

ବହ୍ନିସଖା ବାୟୁ   ମଦନ—ଅନଳେ
ତେଜିବାକୁ ବାଳାମଣି-ହୃଦୟେ
ଗୋପନେ ପ୍ରବେଶି,   ଦୀର୍ଘ ଶ୍ୱାସ ରୂପେ
ଘନ ଘନ ସେ କି ବାହାରୁ ଥାଏ ! ୧୪

GPNanda Colln., Digitized by srujanika@gmail.com

ସ୍ୱଭାବେ ଶୁକ୍ଳ, ବିରହେ ପାଣ୍ଡୁର ,
  ରାଗ ରକ୍ତ, ମୋହ କୃଷ୍ଣ, ବଦନେ
ଚନ୍ଦ୍ରକର ରୂପେ ଚଢ଼େ ବାଳା ଦୃଷ୍ଟି
  ଦଶଦଗେ ନଳ ରୂପ ପଲକେ । ୧୫
ନିଶ୍ୱାସ ପବନ ନିବେଦନ୍ତେ ସ୍ମର-
  କୃତ ହୃଦୟର ଦଶା ବିଶେଷେ ;
କଂପିଲା ବସନ ହୃଦୟ-ଅଶ୍ରିତ ;
  ନ ଡରେ ବା କିଏ ଅଶ୍ରୟ ନାଶେ ? ୧୬
ପଂକଜ ରୂପରେ ପଡେ ବାଳା ମୁଖ
  କର, ପଦ, ନେତ୍ର, ତପନ ପିଇ ,
ଅବିରତ ସେନ୍ଧୁ ଛତନ୍ତ୍ର ସେ ତାପ ;
  ସ୍ତନନ୍ ବିରହ ଜ୍ୱର କି ସେହି ? ୧୭
ମହୀଧର-ଭୂବେ ବାଷ୍ପ ଦେଖି, କଲେ
  ଅନଳର ଅନୁମାନ ଯା' ସହି ,
ଅନ୍ୟଥା ନୋହିଲା ଉଠୁଥିଲା ବାଷ୍ପ
  ଅନଳରୁ ସିନା ସଂତାପ ବହି ! ୧୮
ନଳରାଜା ପେନ, ଅବିବେକୀ ସ୍ମର
  ପ୍ରହାରୀ ସାୟକେ ବିଦର୍ଭ-ସୁତା ,
ଲଭିଲା ବେଦନା ନିଜେ, ମଧ୍ୟେ ଥାଇ ;
  ଅଜାତର ଫଳ ନୁହେ ଅନ୍ୟଥା । ୧୯

GPNanda Colln., Digitized by srujanika@gmail.com

ବିଦୀର୍ଣ୍ଣ ନ ହୋଇ ଜଳେ ଯା ହୃଦୟ ,
ପାଷାଣ ପେ, ଛଳେ ସୁଧାଂଶୁ-କରେ ;
ବିରହେ ଲଳନା ବିଧୁରେ ତପନ
ମଣଇ, ଏଥି କେ ସଂଶୟ କରେ ? ୧୦

ହୃଦୟେ ନବେଶି ସରୋଜ, ଶୁଅନ୍ତେ ,
ନାହିଁ ବିରହିଣୀ ଭୁଲା ଭୂତଳେ ;
କାମ ଧନୁ ହୃଦେ ଅଲିଂଗିଣ ରତ
ଚେତିବ କ ଦେହ ତଛା ଅନଳେ ? ୧୧

ବୁଝି ନ ପାରିଲା ବିରହ ରହସ୍ୟ
କାମର ଅନଜ ଭାବ ସୁଦତୀ ,
ଶାନ୍ତି ଲାଗି ତାର ପ୍ରାଣ ତୃଣ ମଣି ,
ଦେବାକୁ ତହିଁରେ କଲା ସେ ମତି । ୧୨

ଲଳନା ହୃଦୟ ସ୍ୱଭାବେ କୋମଳ ;
ବାଲାମଣି ପୁଣି ଲଳନାସାର ;
କୁସୁମ ସାୟକେ ଦେବ-ମନୋଭବ
ପୀଡ଼ି, ଯତ୍ନେ ଏହା କଲେ ପ୍ରଚାର । ୧୩

ରହି ଶୁଦ୍ଧାନ୍ତରେ ବଶେ ଅଚ୍ଛାଦନ୍ତି
ବପୁ, ଯଦି ଅମ୍ଭ ନଷେଧେ ଭୟେ !
ଋତୁ-ବଧୂ-ରୁଚି ନ ଦେଖି ଉପାୟ ,
କଲେ ପ୍ରବେଶ କ ଗବାକ୍ଷଚୟେ ! ୧୪

GPNanda Colln., Digitized by srujanika@gmail.com

ଅଶ୍ରୁସିକ୍ତ ବକ୍ଷେ   ନତ-ବଦନାର
      ପ୍ରତିବମ୍ବି ମୁଖ, ଓଷ୍ଠ, ନୟନ ;
ଦଶିଲା ମନୋଜ-   ପୁଷ୍ପ ଶର ପ୍ରାୟେ,
      ସେହୁ ସିନା ଉପମାର ଭାଜନ ! ୨୫

ଚନ୍ଦ୍ର-ପାଣ୍ଡୁର   ଦମୟନ୍ତୀ ଭାଲେ
      ପ୍ରତି ବିମ୍ବି ବଧୂ, ନୂପୁର ବାସ ;
କଳଙ୍କିତ ସେହୁ,   ଫୁଟି ବସାଜଇ,
      ମୁଖେ ବିଧୂ ସଖ୍ୟ ରଚନା କର । ୨୬

ଚନ୍ଦ୍ର ତାପିତ   ଶଯ୍ୟାରେ ଅଚରି
      ଚନ୍ଦନ ଧୂଳରେ ପାଂଶୁ ମଣ୍ଡନ,
ଶଶଧର-ବିପ-   ଆଭରଣେ କରେ
      କାମେ କି ଶଙ୍କର ଭସ୍ମ ଦର୍ଶନ ! ୨୭

ତାପିତ ହୃଦୟେ   ଚନ୍ଦନ ମଣ୍ଡଳେ
      ବୁଦ୍‌ବୁଦ-ପରିଧି ଉଠଇ ଜାତି ;
ମେଦ ବୋଲି ସେ କ   ହୃଦଗତ କାମେ
      ମିଳେ ତାପଭୂଲେ ଭାବନା ପଡ଼ି ? ୨୮

ତାମାନଳେ ଜଳ,   ଶାନ୍ତ ଲଗି ବାଳା
      ବାରମ୍ବାର ଧରେ ସରୋଜମାଳ ;
ଧରୁ ଦୀର୍ଘଶ୍ୱାସେ   ଜଳ ମଜ୍ଜ ମତ
      ହୁଅନ୍ତେ, ନୟନେ ତେଜେ ସେ ଫୁଲ । ୨୯

GPNanda Colln., Digitized by srujanika@gmail.com

ହୃଦୟେ ନିହିତ   କମଳ ଯୁଗଳ
ମଞ୍ଜୁଳନ୍ତେ, କ୍ଷଣେ ଦଏ କ କହ୍ର :—
'କୁଚ ଯୁଗେ ତୋ'ର   ପ୍ରିୟ କର-ପଦ୍ମ
ଦେବ ଏହିପରି, ଦୁଃଖ କିପାଁଇ ?' ୩୦
କାମାନଳେ ପଶି,   ପାଣ୍ଡୁ ଗୁଣେ ଶୁଦ୍ଧି,
ନିବେଦଇ ନିଜ ହୃଦୟେ ନଳେ :—
'ତୁମ୍ଭ ବିନା ନାଥ !   ଅନ୍ୟ ଚିତ୍ତ କେବେ
ଲଭି ନାହିଁ ସ୍ଥାନ ମୋ ହୃଦସ୍ଥଳେ ।' ୩୧
ଟମେବାକୁ ଗୁରୁ-   ତାପ କମଳିନୀ
ନିବେଶନ୍ତେ ସୁକୁମାରୀ ଶରୀରେ ,
ମୁଷ୍ଟିସମ ଦଳ   ସଂକୋଚ ସେ ଲଭା
ତର୍କେ ତାପେ, କିବା କାତର ତା'ରେ ? ୩୨
କାମଶର ଅଗ୍ର   ଦଂଶନେ ବିଯୋଗ-
ବିଷଚର୍ଚ୍ଚୁ, ଧନୀ ଅବଶ ହୋଇ ,
ଯୌବନର ମ୍ଳାନ   ଶଶିକଳା ପରି
ନ ଦେଲା କାହାକୁ ଦୁଃଖେ ବୁଡାଇ ! ୩୩
କାମ-ତାପେ ତପ୍ତ   ହୃଦୟେ ନିହିତ
ମୃଣାଳ କ୍ଷଣକେ ଗଲା ଝାଉଁଳି ,
ଭୃଙ୍ଗ ଶୋଭା ଦେଖି ,   ରୋଜୟ ମାନ ,
ସତେ ବା ଲଜ୍ଜାରେ ଗଲା ମଉଳି ! ୩୪

GPNanda Colln., Digitized by srujanika@gmail.com

ପିକ କୁହୁ ଶୁଣି ଥରନ୍ତେ ହୃଦୟ ,
ଶଇବଳ-ଦଳ ଥରଇ ତହିଁ ;
ସତେ ହ୍ରଦଗତ କାମକେତୁ ମୀନ
ଘଷେ ତହିଁ ଦେହ, କୁତୁକ ବହି ! ୩୫
ମୋହ ପରବଶେ ଭାବୁଥିଲେ ନଳ
ଶଶିକାନ୍ତ ସମ ଭୈମୀ ଆନନେ ;
ନ ହେଲେ କାହିଁକି ଚନ୍ଦ୍ରୋଦୟେ ତହୁଁ
ସ୍ରବୁଥାନ୍ତା ଜଳ ନୟନୁ ଘନେ ! ୩୬
ଜୟଶର ପରି ଭୀମସୁତା ଯେଣୁ
ସାଧଇ ସହଜେ କାମ କାମନା ,
ତେଣୁ କି ମନୋଜ ବାନ୍ଧଇ ପଞ୍ଚରେ
କରିବାକୁ ଶରେ ତା'ରେ ଯୋଜନା ! ୩୭
କାମ ଦହନାସ୍ତ୍ର ମଣି ସେ ବିଧୂରେ ,
ବିଯୋଗିନୀ ପ୍ରତିକାର ସକାଶେ ,
କଲା ଯା' କ୍ରନ୍ଦନ, ନୁହେ ତାହା ଆନ ,
ଉଚିତ ବାରୁଣ ଅସ୍ତ୍ର କି ପେଷେ ! ୩୮
ପୁଣି ପଞ୍ଚଶର କରନ୍ତେ ପ୍ରହାର
ନୂତନ ମୃଦୁର ଅସ୍ତ୍ର-କୌଶଳେ ,
ଦୀର୍ଘ ନିଶ୍ୱାସରେ ଛୁଟଇ ସ୍ୱତନୁ ,
କାଟିବାକୁ ତାହା ପବନ ଶରେ ! ୩୯

GPNanda Colln., Digitized by srujanika@gmail.com

ମନୋଜ-ପ୍ରେରିତ ସ୍ୱଗନାସ୍ତ୍ର ସେ ତ
ମଣଇ ସୁନ୍ଦରୀ ମଧୁ ପବନେ !
ସ୍ମରୁ ତାପ ଭୟେ କରଇ ଧାରଣ
ମୃଣାଳିକା-ଅଙ୍ଗ ତାପ-ଶମନେ ! ୪୦
ବିରହ, ବିରହେ ଜୀବନ, ଏ ବେନି
ଶଲ୍ୟ ପରି ବନ୍ଧ କାମ ତା' ହୃଦେ ,
ସେହି ଶଲ୍ୟଶଂଙ୍କୁ କରି ବିଲ୍ୱଫଳ
ଯୋଡିଛି କି ସେହୁ ସ୍ତନ-ସଂପଦେ ! ୪୧
ପ୍ରହାରି, ଯାମୃକେ ସରନ୍ତେ ସୁମନ ,
ନ ପାଇ କୁସୁମ, ମନୋଜ ସତେ ,
ନିକ୍ଷେପନ୍ତେ ଫଳ, ତାଳ ଫଳ ବେନି
ସ୍ତନରୂପେ ରାଜେ, ହୁଏ ପରତେ ! ୪୨
ନନ୍ଦ ବନ୍ଧୁମନ୍ତେ ସୁଧାକରେ ବାଳୀ ,
କରି ବଧୂ ଲୁବ୍ଧ ସୁତ ଅଦରେ ,
କାମ ତାପ ବେଗେ ପଡ଼ି, ସେ ଭାଷିଲା
ଅଶ୍ରୁସିକ୍ତ-ମୁଖୀ-ସଖୀଙ୍କୁ ଧୀରେ । ୪୩
"ଯୁଗ ବୋଲି ଯାହା ଗଣିତ ଆଗମେ
ଖ୍ୟାତ ନର ଦେବ ବ୍ରହ୍ମ ଲୋକରେ
ବିରହେ ସେ ଦିନା ; 'କ୍ଷଣେକ' ସଂଯୋଗେ
ନ ହୋଇଛି କପାଁ ଗଣା ଶାସ୍ତ୍ରରେ ? ୪୪

GPNanda Colln., Digitized by srujanika@gmail.com

ହିମବନ୍ତୁଁ ଜନ୍ମ   ଲଭିଲେ ଯା ସତୀ ,
ନୃତ୍ୟେ ତା' ଅଦରେ; ମନୋଜ-ତାପେ ;
ରାଜେ ଶିବ ଭାଲେ   ବିଧାତା ଲେଖନ
ସତୀଂକ ବିରହ, ନୟନ-ରୂପେ ।   ୪୫
ଅଗ୍ନି-ତାପୁଁ ବଳ   ଶରହ ଅନଳ
ନ ପୀଡନ୍ତା ଯେବେ ଅବଳାଗଣେ
ବଇଥବ ଯୋଗେ   କପାଇଁ ଲଲନା
ପ୍ରବେଶନ୍ତେ ସ୍ୱାମି-ଚିତା-ଅନଳେ ?   ୪୬
ଦେଖ ମନ୍ଦପଣ   ସଖୀ ଗୋ ବଧୂର ,
କୁମୁଦ-ବିକାଶି-କଳା ବରଜ ,
ବନ୍ଧେ ହୃଦେ କଳା,   ବିରହିଣୀ-ବଧ-
ପଙ୍କ-କଳଙ୍କିତ-ପାତକ-ରାଜ ।   ୪୭
ପତ୍ନର ବିଧୁଙ୍କୁ,   କେଉଁ ଗୁରୁ ତାଂକୁ
ଶିଖାଇଲା ଦାନ୍ତେ ବଦାନ୍ୟପଣ ?
ସାଗରେ ବଡବା,   ଶିବ-ଗଳ-ଦାହୀ
ଗରଳୁଁ ବା, କଲେ ଶିକ୍ଷା ଗ୍ରହଣ !   ୪୮
ବିରହିଣୀ ବଧ-   ପାପେ ସ୍ୱର୍ଗଭ୍ରଷ୍ଟ
ହୋଇ ବିଧୁ, ଅମାନିଶା ଉପନେ
ଘୂରି ଘୂରି ପଡ଼ି,   ହୁଅଇ କି ଚୂନା ;
ତାରକନ୍ତ ହୁଏ ନଭ ସେ ପଳେ !   ୪୯

GPNanda Colln., Digitized by srujanika@gmail.com

ମୋ ବଚନେ ସଖି, ପଚ୍ଚର ବିଧୁଂକୁ ,
'ଧରୁ କାହିଁ ପାଇଁ ଏସନ ସ୍ୱାଙ୍ଗ ?
ସାଗରୁ ଜନମ ନ ଗଣ ପଛକେ ,
ଭୁଲିଲୁ କି ହର-ଶିର-ବସତି ?' ୫୦
ନହେଲୁ କୁଣ୍ଠିତ, ଅରେ ଶଶଧର ,
ମନ୍ଦର ପର୍ବତ ପତନ କାଳେ ,
ନ ହୋଇଲୁ ଜୀର୍ଣ୍ଣ ଅଗସ୍ତି ଉଦରେ
ସମୁଦ୍ର ଶୋଷଣ କରିବା ବେଳେ ! ୫୧
ମଣୁ କି ରେ ଜଡ଼, ଭୀମ-ସୁତା-ମନ
ମଜ୍ଜିବ ତୋ'ଠାରେ ପ୍ରାଣ—ନାଶନେ
ପୂର୍ବ ବୃଥ କାମ କରିଛୁ ସିଦ୍ଧାନ୍ତ
ନଳମୁଖ ଇନ୍ଦୁ ଶ୍ରୁତି ପ୍ରମାଣେ । ୫୨
ଯେବେ ମୋ ପରାଣ, ନ ପୀଡ, ଉଜ୍ଜ୍ୱଳ-
କର, ସିନ୍ଧୁକୂଳ, ଶଶାଙ୍କଲାଞ୍ଛନ ,
ବଜାଅ ସ୍ୱପକ୍ଷ- ନୂତନ-ଡିଣ୍ଡିମ ,
ବଧୂ-ବଧ-ସିଦ୍ଧି କର ଗ୍ରହଣ ! ୫୩
ଛଳେ ରଜନୀରେ ଭାନୁରୂପ ଧରି ,
ପୀଡ ମୋତେ ଭାନୁ ନଥିବା କାଳେ ,
ଦେଖିବି ଗରବ ହେବ ତୋ'ର ଚୂର୍ଣ୍ଣ
ଦିବସେ ତପନ-କିରଣ-ବଳେ । ୫୪

GPNanda Colln., Digitized by srujanika@gmail.com

ଅଗ୍ନି ଭୂତ ପତ , ଜଳୁ ଯା ନଶାରେ ,
କଳଂକି, ଉସ୍ୱର୍ ମୋପରି ଜନ ,
ହୋଇ ମଧୂମସ୍ତୃ, ଅଭୂତେ କରୁଛୁ
ଭୂତପରି ପର-ଶିର-କଂପନ । ୫୫
ଶଶି-ମୃଗ ମୂଖେ ଦିଅ ଗୋ ସଜନ ,
ତମାଲ-ଅଂକୁର ଏ କର୍ଣ୍ଣପୁର ,
ମୋଠା ହେଲେ ଖାନ, ଅଚ୍ଛାଦବ ବିଧୁ ,
କାଳେ ବା ଏ ଦଶା ଛୁଟିବ ମୋର ! ୫୬
କାଳ ଚଳେ ବନ୍ଧ ଦଶେ ବୁଦ୍ଧି ସବୁ;
କରଗତ କୁମ୍ଭ ହେଲା ଅନ୍ତର ।
ପାଇଲେ ଏଥର, ନରୋଧ ରଖିବ ,
ନ ଦେଖିବ ସଖି , ମୁଖ ବଧୂର । ୫୭
ହିନ୍ଦୁ ଶୋଢିଂକର ହୁଅନ୍ତା ଏ ଶିଷ୍ୟ ,
ସଜନୀ ମୋହର ଶିଶୁ ଚକୋର !
ଲଭିଲେ ସାଗର- ଶୋଷଣ-ଶକତି ,
ଶଶିକର ଅବା କେତେ ମାତର । ୫୮
ପ୍ରଚଣ୍ଡ ମୁଦ୍‌ଗର ଧର ଏକ କରେ ,
ବାହାରେ ରଖ ଗୋ ମୋ ଅଦରଣ ;
ପ୍ରବେଶିଲେ ତହିଁ ବିଧୁ, ଅନାୟାସେ ,
ସଖି ଗୋ, ତାହାକୁ କର ବିନାଶ । ୫୯

GPNanda Colln., Digitized by srujanika@gmail.com

ଏ ବିଷମ ବିଧୁ   ନ ଧରନ୍ତୁ କିପାଁ
ସାଗର , ଉଦରେ ବଡବା ଜୁଳେ ।
କାଢିଥିଲେ ଯେବେ   ଗରଳ ସହିତେ ,
ନ ପଡ଼ିଲା କିପାଁ ହର-କବଳେ !   ୬୦
ଭକ୍ଷିଥିଲେ ଜଣେ   ଦେବ କୃଷ୍ଣବିଷ ,
ଅନ୍ୟ ନ ଉପୁଜେ ପୁଣି ସେ ଭବେ ;
ସଞ୍ଚିଥିବ ନବ   ଧବଳ ଏ ବିଷ ,
ଜନ୍ମେ ଭକ୍ଷିଲେ ହେ ସକଳ ଦେବେ ।   ୬୧
ବିରହି-ନିବହ-   ବଧ ସାଧି ଭବେ
ଷୋଳକଳା ବିଧୁ ପାପ-ମୂରତି ;
'ଦେବ ପୀତ କ୍ଷୀଣ   ବିଧୁ , ପାପ ମୂର୍ତ୍ତି '
ଉଲଟା ଏ ଶ୍ରୁତିବିଦ-ଭାରତୀ !   ୬୨
ବିରହିଜନକର   ବହୁଳ ଅଦରେ .
କୃଷ୍ଣପକ୍ଷ ନାମ ହେଲା ବହୁଳ ;
ଅପରିମିତତା   ଯୋଗୁଁ ଅଦରର
ଅମା ନାମେ ତଥି ଲଭେ ପ୍ରଚୁର ।   ୬୩
ସୁଦର୍ଶନ ଭ୍ରମେ   ବିଧୁଂକୁ ଗ୍ରାସଇ
ରାହୁ କି ଶତ୍ରୁତା ସ୍ମରଣ କରି !
ଛଡନ୍ତା ନୋହିଲେ   ବଦନୁ ତାହାଁକି,
ପାଇଁ ତାଂକୁ ବଳକରମ୍ଭ ଭଲ ?   ୬୪

GPNanda Colln., Digitized by srujanika@gmail.com

ଅଥବା ନ ଚେନ୍ତେ ନିଜ ଇଚ୍ଛା ବଳେ ,
କଣ୍ଠାମୃଣ୍ଡ ସେହୁ, କରିବ କିସ ?
ଗଳ-ନାଳ-ବିଳ- ପଥେ ପିନା ପକ୍ଷୁ
ଗଳ ପଡ଼ୁ ଚନ୍ଦ୍ର ଲଭେ ଏ ଯକ୍ଷ ! ୬୫
ନ ବୋଲନ୍ତୁ 'ବିରହ- ଗଳା କଣ୍ଠା ଦ୍ୱାରି',
'ରାହୁ ଗଳାକଣ୍ଠା' ଶିଷ୍ଟ ବିଧିରେ
ପୂର୍ବବିଦ ଜନେ ବୋଲନ୍ତୁ; ନହେଲେ
କାହିଁ ଥାନ୍ତା ଶଶୀ ଜଠରାନଳେ ? ୬୬
କାମବନ୍ଧୁ ପଣେ ଅଶ୍ୱିନୀ କୁମାରେ
ଯତେ ମୃଗଶିର ମଦନ-ଅରି
କାଟନ୍ତେ, ଯେପରି ଯୋଡଲେ, ସଜନି
ଯୋଡନ୍ତେ କି ରାହୁ ଶିର ସେପରି ! ୬୭
ଜଳ-ଛିନ୍ନ କେତେ ଜୀବନ୍ତ କବନ୍ଧ
ଉଠନ୍ତି ତ ରଣେ ଗଗନ ପରେ !
ରକ୍ତରେ କିମ୍ବା ଯୋଡ଼ି ହୋଇ ଦୃଢେ ,
ଲାଗି ଯାଉ ନାହିଁ ସେ ରାହୁ ଶିରେ ? ୬୮
ପତ୍ରର ଜରାକୁ , ମଗଧ-ରାଜନ-
ସୁତ-ଦେହଖଣ୍ଡ ଯୋଡ଼ିଲା ସେହୁ ;
କେତୁ ତ ରାହୁର କବନ୍ଧ ମାତର ,
ନ ଯୋଡେ କିପାଁଇ କେତୁରେ ରାହୁ ? ୬୯

GPNanda Colln., Digitized by srujanika@gmail.com

ପୁଚ୍ଛ ବିଧୁଂତୁଦେ ,   କରୁ ବିଧୁ ଗ୍ରାସ ,
ତେଜଇ କି ଦ୍ୱିଜରାଜ ମଣି !
ହେଲେ ତା', ବାରୁଣୀ   ସେବି କି, ପତିତ
ନ ହୋଇ, ସ୍ୱରଗେ ଅସନ୍ତି ପୁଣି ?   ୭୦
କଣ୍ଠ ଯୋଡେ ବୋଲି   ତେଜେ କି ? ଗରୁଡ
ତେଜି ଥିଲେ ଯଥା, ଭକ୍ଷି ବ୍ରାହ୍ମଣ ;
ପ୍ରକୃତ ଏହାର   ଦାହ କାସ, କାହିଁ
ନିର୍ଦ୍ଦୋଷୀ ମୋ ଠାରେ ବ୍ରାହ୍ମଣ ପଣ ?   ୭୧
ବିରହିଣୀ-ଜନ-   ତର୍ପଣେ ଏ ବିଧୁ
ନିରମାଣି ଅଛି ବହୁ ଯତନେ ;
ଷୋଳ କଳା ଦାନ୍ତ-   ପାନ୍ତି ଧରି ଅଛି ,
ତେଣୁ ଦ୍ୱିଜରାଜ ବୋଲୁଏ ଜନେ ।   ୭୨
ହର ନେତ୍ରାନଳୁ   ଟାଣି ଆଣିଛି କି
ବିହ୍ନ ଦୂର-ମୁଖ ଜ୍ୱଳନ-କାଳେ ?
ଥିଲେ ଚନ୍ଦ୍ରରୂପେ   ବିରହୀ-ବିନାଶେ ,
ପାପ-ପଙ୍କ ବନ୍ଦେ ଶଶାଙ୍କଛଳେ !   ୭୩
ଦ୍ୱିଜପତି-ଗ୍ରାସ   ପାତକେ ଧବଳ-
କୁଷ୍ଠ ହେଲେ ଏହୁ ସତେ କି ରାହୁ
ବିରହିଣୀ-ମୁଖ-   ବିଧୁ ଗ୍ରାସିବାକୁ
ଶଶୀରୂପେ ନଭେ ଦେଖାଏ ଦାଉ !"   ୭୪

GPNanda Colln., Digitized by srujanika@gmail.com

କାହିଁ ଦୂରେ ବିଧୁ, ବିଅର୍ଥେ ସୁତନୁ
ଏସନେ ଭର୍ତ୍ସନ ବିରଚ ତହିଁ ;
ନାକନ୍ତୁ ନକଣ୍ଠ ହୃଦେ ଅଛୁ କାମ ;
ତାରେ ଭରସ୍ନାର ଆରମ୍ଭେ କହି :— ୭୫
"ଅଣ୍ଡା ମୋ ହୃଦୟ କରି, ସେ ହୃଦୟେ
ପୋଡୁ ପୁଣି କାମ, କେଉଁ ବିଚ୍ଚରେ ?
ପୋଡ ଦେଲେ ସବୁ ଇନ୍ଧନ, ହୁତାଶ
ହୁଅଇ ହତାଶ, ନ ଜାଣୁ କିରେ ? ୭୬
ତ୍ରିନୟନ ଅତ- ବ୍ୟାପ୍ତି ଶଙ୍କା ବହି ,
ଅଦୃଶ୍ୟ ତୁମ୍ଭଙ୍କୁ କଲେ ଶଂକର ;
ଅକ୍ଷିଗତ ହେଲେ ତୁମ୍ଭେ, କୋପଭରେ
ନ ହୁଏ ତ୍ରିନେତ୍ରଧାରୀ କେ ନର ? ୭୭
ରତି ସହଚର ବୋଲାଉ କାହିଁକି ?
ତୁହି ଥାଇ, ମୋର ନୁହଇ ରତି ;
କରି ନାହିଁ ସେହୁ ତୋ' ଅନୁସରଣ,
ତେଣୁ ତ ଏ ଦଶା; ତୋର କ ଗତି ? ୭୮
ନାହିଁ ନଜ-ପର- ବିଚାର, ପୋଡୁଛୁ
ରତି ବିନେ ନଜ ପର କି ମୋତେ ?
ନୋହିଲେ ତୋହର ଅତାପ-ସଂଗମେ
କିପାଁ ହୃଦ ମୋର ପୋଡନ୍ତା ଏତେ ? ୭୯

GPNanda Colln., Digitized by srujanika@gmail.com

ଅତି ପତିବ୍ରତା ରତି ତୋହ ସଂଗେ
ନ ମଲା, ମନୋଜ, ଭଲ କାରଣ ;
ଅନାଥ-ଯୁବତୀ- ବଧ-ପାପ ଫଳେ
ଦୟିତା କି ତୋରେ କଲା ବର୍ଜନ ! ୮୦

ଜଗତେନ୍ଦ୍ରିୟ ଭୂବ ପ୍ରଥମେ ତୋହର
କୀର୍ତ୍ତିରୂପ ତନୁ ଥିଲେ ସଂହାରେ ;
ବାକୀ ଯାହା ଥିଲା ତୋ ଜଡ ଶରୀରେ ,
ପୋଡିଲେ ନୟନ-ପାବକେ ଶୂଳୀ । ୮୧

ତ୍ରିନେତ୍ରେ ଅତର ଦ୍ୱନ୍ଦ୍ୱ ପୁଷ୍ପଶରେ
ଲଭିଥିଲୁ ଯେଉଁ ଫଳ ଅନଙ୍ଗ ,
ନବାଗନ୍ତୁ ତହୁଁ ପର ନୀତିଶାସ୍ତ୍ର
ପୁଚ୍ଛି ଦେଲେ ମଧ୍ୟ ବିଗ୍ରହ ସଙ୍ଗ । ୮୨

ଅପର ଅମର ପରୁ ସୁଧା ପିଇ ,
ଲଭିଲ ଏ ଦଶା କପାଁ ଶଂକରେ ?
ଅବା ରତି-ଓଷ୍ଠ- ଅମୃତ ଆଦରେ
ନ ପିଇଲୁ ଘୃଣା ବହି ତହିଁରେ ? ୮୩

ମୋହି ଏ ଭୁବନ , ସେ ପାପେ ତୋହର
ହୋଇଛୁ କି ପ୍ରେତ ପିଶାଚ ଗଣେ ?
ମୋ ଭଳି ବିରହ ବିଧୁର ଅବଳା
ପୀଡି, ଭ୍ରମୁ ତେଣୁ ପିଶାଚ ସମ ! ୮୪

GPNanda Colln., Digitized by srujanika@gmail.com

ନ ହୁଏ ମରଣ ,   ନ ପଡେ ଢ଼ ଖସି
କରୁଁ ଧନୁ , ଶର, ନିର୍ଦ୍ଦୟ ସ୍ମର ?
ମରୁଅଛ , ତେଣୁ   ନ ହୁଏ ସ୍ଖଳନ ,
ମଲା-ଲୋକ-ମୂଠା କେଡ଼େ କଠୋର ? ୮୫

ଅନ୍ୟ ଦେବେ ଯିନା   ସେବକେ ନାଶନ୍ତି
ଅପମୃତ୍ୟୁ, ବିରୂପତା, ଅନ୍ଧତା ;
ସେବିଲେ ତୁମ୍ଭଙ୍କୁ   ସ୍ମର, ବଢେ ଜନେ
ଅନ୍ଧଭାବ ବପୁ-ଷଣ୍ଢ ପାଣ୍ଡୁତା ! ୮୬

ନିଦାରୁଣ ତୁମ୍ଭେ ,   ଜାଣି ସେ ବିଧାତା ,
କଟିଛି କୁସୁମ ଆୟୁଧ ତବ ;
କରିଥାନ୍ତା ଯେବେ   ଲୌହମୟ ଧନୁ ,
କ୍ଷଣକେ ପ୍ରଳୟ ଭଜନ୍ତା ଭବ ! ୮୭

ଦହିଲେ ଯେସନ   ତ୍ରିପୁର ଶଂକର ,
ତଥା 'ତବଶରେ ତ୍ରିଭୁବନ
ପୋଡ଼ି ଯିବ କାଳେ',   ଭାବି ସେ ବିଧାତା ,
ପୁଷ୍ପାଗ୍ରରେ କଲେ ମଧୁ ସେଚନ ! ୮୮

ମନ ନୁହେଁ ବିଦ୍ଧ   ଅବୟବ ଭଳି ,
ବିଧି କଲେ ଲକ୍ଷ୍ୟ ମନୁଷ୍ୟମନ ;
କରିଥାନ୍ତେ ଯେବେ   ବଜ୍ର , ତୁମ୍ଭ ଶର
କରନ୍ତା ନିମିଷେ ତାରେ ଦହନ ! ୮୯

GPNanda Colln., Digitized by srujanika@gmail.com

ପୁଷ୍ପେ ତବଶର   ବିରଚ ବିରିଞ୍ଚି ,
    ଅପଣେ ସେ ଶରେ ହେଲେ କାତର ;
ଗଣି ବସି ଦେଲେ   ପାଞ୍ଚଟି , ତେବେହେଁ
    ତ୍ରିଭୁବନ ହେଉଅଛୁ ଜର୍ଜର । ୯୦
ପଞ୍ଚ କଳ୍ପଦ୍ରୁମେ   ନ ଦଅନ୍ତୁ ଦେବେ
    କେତେ ଉପହାର କୁସୁମମାନ ;
ଘେନପଣେ ତୋତେ   ଗୋଟିଏ ଗୋଟିଏ ,
    ଧିକ୍କାର , ଏ ନବା ତୋହରି କାମ ! ୯୧
ଦେଇ ଫୁଲଧନୁ   ଅଶାନ୍ତ ଉଦ୍ୟେଶ
    ବିଧି କଲା ତାର ପ୍ରତସଂହାର !
କ ଲାଭ ବା ତହିଁ ?   ତା' ବଦଳେ ଏବେ
    ଦୁଇ ଧନୁ ନଳ-ଭ୍ରୁ-ଯୁଗଳ ! ୯୨
ଯଥାକ୍ରମେ ଯେହୁ   ମଣ୍ଡନ୍ତୁ ନନ୍ଦନେ
    ଷଡ଼ଋତୁ , ଏକ ଏକ ସୁମନ
ଦେଲେ ଦୟା କରି ,   କରୁ ଶରାସନ
    ଏକେ, ପଞ୍ଚଫୁଲେ ପୁର, ତୋ' ବାଣ । ୯୩
ଅକଣ୍ଠ ଓଷ୍ଠାରି   ବିହଲେ ଧାତୃକ
    କେଉଁ ମୂର୍ତ୍ତ ତୋର ସମ୍ଭବ ଠାଣ ?
ନାହିଁ ତୋ' ଶରୀର,   ଅନଙ୍ଗ ତୁ କାମ ,
    ଜଗତର ଏହି ମହା କଲ୍ୟାଣ ! ୯୪

GPNanda Colln., Digitized by srujanika@gmail.com

ପଶୁପତି ପ୍ରତି ପେଷିଲୁ ଯେ ଶର,
ହୋଇଲୁ ଭସ୍ମ ତାହା ତୁଲେ ଅଚିରେ ;
ପିକ–ସ୍ୱର ଏବେ ସେହି ଶର ରୂପେ
ପରିଣତ ହୁଏ ପଞ୍ଚମ ଶରେ । ୯୫
ମମ ପାପେ ସ୍ମର, ପଶୁପତିଙ୍କର
ତବ ଦାହେ ଶ୍ରମ ହୋଇଲା ବିଫଳ ;
ଦେବହୃତେ ତନୁ ଯେବେ ସେହିକ୍ଷଣି
ଜନମିଲୁ ହେବେ ପାଇଣ ବର । ୯୬
ଚନ୍ଦ୍ରୋଦୟେ ନୁହେ ଦକ୍ଷିଣା ପବନ
ଦକ୍ଷିଣ, ବିମୁଖ ବିରହିଜନେ ;
ତୋହରି ଦକ୍ଷିଣ ଭୁଜେ ସେ, ମଦନ,
ଏକା ପୁଷ୍ପମୟ ଧନୁ କର୍ଣ୍ଣରେ! ୯୭
ଉମାପତି ଏକା ସଂହାରି ତୁମ୍ଭଙ୍କୁ
ମଦାନ୍ଧ ବିରହିଜନ ଅନ୍ତରେ,
ମଦନ ଅନ୍ତକ ମୃତ୍ୟୁଞ୍ଜୟ ପଦ
ଲଭିଛନ୍ତି ସିନା ସକଳ ଲୋକେ ! ୯୮
ପର ଅପକାରେ ତୋ ଭଳି କୁଶଳୀ
ଦେଖା ଶୁଣା ନାହିଁ ଭିନ୍ନ ଭୁବନେ ;
ଜାଳିବାକୁ ଇଚ୍ଛା କରି ତ୍ରିଭୁବନେ,
ନିଜେ ଭସ୍ମ ହେଲୁ ହରନୟନେ । ୯୯

GPNanda Colln., Digitized by srujanika@gmail.com

ନୟନ-ଅନଳେ ଜାଳ ତୋଡେ ଶିବ ,
ଶାନ୍ତ-ହୋମ ଭବେ କଲେ ସାଧନ ;
ତବ ମିତ୍ର ମଧୁ ତେଜ , ମଧୁ ନାଶି
ହରି କେଉଁ ହୃତ କଲେ ଅର୍ଜନ ?" ୧୦୦
ଏହୁପରି ଭଣି କେତେ , ପ୍ରିୟାଧର
ପିପାସୁ ବଦନ ଶୁଖିଲା ଖରେ ;
ଅପ୍ରିୟ ବଚନ ଶୁଣି ଅବା କାମ
ହାଣିଲା କୋପନ ଶୋଷଣଶରେ ! ୧୦୧
ମନ୍ମଥ ସଂସ୍ପୃଶେ ହୋଇ ମର୍ମାହତ ,
ଅକ୍ଷମ-ହୋଇଣ ବନ୍ଧୁ ଭାଷଣେ ;
ପ୍ରିୟ ଆଳି ଅଳି ସଙ୍ଗେ ପୁଣି ବାଳୀ
ଭାଷିଲା ବଚନ ଅର୍ଦ୍ଧ-ପୂରଣେ । ୧୦୨
" ଧୀରପଣେ ସଖି , ନିଦାରୁଣ ପୁଷ୍ପ-
ଶରୁ ରଖ ଭଲେ ନିଜ ଜୀବନ ।"
"ଜୀବନ ମୋହର ଅଟଇ ଗୋ ବିରୋଧୀ ,
ଶତ୍ରୁ ପୋଷିବାକୁ କହ କେସନ ?" ୧୦୩
"ଶୁଣ ହୃତଚିର , ରଖ ଏ ବଚନ ,
ସଂଭାଳ ଜୀବନ ବଳେ କୌଶଳେ ।"
"ହୃତ ଯେବେ ଚିତ୍ତ , କପଟ ସଜନ ,
ରଖିବାକୁ କହ ଜୀବନ ମୋ'ରେ ?" ୧୦୪

GPNanda Colln., Digitized by srujanika@gmail.com

"ଅମୃତ କରଣ ଅଟେ ଏହୁ ବିଧୁ ,
ଲଭୁଛୁ ଜୀବନେ ତାପ କପର ?"
"ମରନ୍ତେଷ୍ଟି ଯେବେ କଉମୁଦୀଜାଳ
ଶଶାଙ୍କେ ନୂହନ୍ତା ତାପ ଏତଲ ।" ୧୦୫
"ଧର ଧୈର୍ଯ୍ୟ, ଖଡ ଉପୃ ଗୋ ସଜନ ,
ପଡ଼ୁଛୁ ଶୀତଲ କରଣ ଏହୁ ।"
"ତପୂନଅଁ ପର ଜାଳେ ମୋ ଶରୀର ,
ଅନୁଭବ ବାକ୍ୟେ ଲୋପୁଛୁ ସହୁ ।" ୧୦୬
"ତୁଇଁ ହେ। ହୃଦୟ , ପକାଉଛୁ ଟଣ ,
ନ ବୁଝୁଛୁ ଯଦ ବଧୂ-କିରଣେ ।"
"ବିଧି ଫଳ ହୁଏ ପ୍ରତ୍ୟକ୍ଷ ମୋହର ,
ଯୋଡ଼େ ଚର୍ମ, ବ୍ୟଥା ଦଏ ପର୍ଣେ ।" ୧୦୭
"ନ ଡ଼ାକୁଛୁ କିପାଁ, କୋକିଳ, ଡ଼ାକଇ ,
କୁହୁ ନାଦେ ବନ୍ଧୁ-ବିରୋଧୀ ହେଥି ?"
"ଅର୍ଥ ବିଚାରଣେ କି ଫଳ, ମୋଲାଗି
ଉଚ୍ଚାରି ଅନର୍ଥମୟୂ ଭାରତୀ ?" ୧୦୮
" ହୃଦୟେ ତୋହର ଅଛନ୍ତି ବଲ୍ଲଭ ,
ଦୁଃଖ ତେବେ ଦମୟନ୍ତି, କିପାଇଁ ?"
"ନଦେଖେ ବାହାରେ, ହୃଦୟରେ ଦେହୁ ,
ତେଣୁ ସିନା ଦୁଃଖ ଲଭେ ଗୋ ସହୁ ।" ୧୦୯

GPNanda Colln., Digitized by srujanika@gmail.com

"ମଦନ ଉତ୍ତାପେ ହାରମଣି ଫାଟି
ଗଲେ, ହୃଦ ହେବ ଅକଳଂକୃତ ।"
" ମଲି, ତେବେ ସଖି, ସତେ ମୋ ହୃଦରୁ
ହେବେ ପ୍ରିୟତମ ଅନ୍ତରହିତ ।" ୧୧୦
ବଢ଼ନ୍ତେ ମନ୍ମଥ ପାବକ ମାନସେ
ମୂର୍ଚ୍ଛା ଗଲା, ଏହୁ କଥା ବଖାଣି ;
ଅଳୀକ ହେଲେହେଁ ସହନ୍ତା କିପରି
ଅଶ୍ରବ୍ୟ-ଭେଦନ ତେସନ ବାଣୀ । ୧୧୧
ମୁଖେ ଜଳ ଦେଲା ଆକୁଳେ କେ ସଖୀ,
ଢାଙ୍କିଲା କୁଚ କେ ସରୋଜଦଳେ ;
ବୋଳିଲା ଚନ୍ଦନ ସ୍ତନପରେ କେହୁ,
ବିଞ୍ଚିଲା କେ ହୃଦ ବ୍ୟଜନାନଳେ । ୧୧୨
ପ୍ରିୟ ସଖିଗଣ କୋମଳ, ଶୀତଳ ,
ଜଳଜ ମୃଣାଳ ସକଳ ଭୁଲେ
କଲେ ଉପଚାର, ଲଭିଲେ ଚେତନା
କ୍ରମେ ସୁକୁମାରୀ ଅଳପକାଳେ । ୧୧୩
"ଦେଖ କଳା, ଶ୍ୱାସ ବହୁଲାଣି, ଚଳା,
ଦେଖ ଗୋ ହେଲାଣି ପକ୍ଷ୍ମ-ଚଳନ ;
କଂପୁଛି ଅଧର, ଦେଖ ଗୋ ମେନକା,
କଲ୍ଲଲତେ, କିସ କହୁଛି ଶୁଣ । ୧୧୪

GPNanda Colln., Digitized by srujanika@gmail.com

ଅଗୋ ଶୁଭ୍ରମତ ,　　　　କର ସ୍ତନ-ବୃନ୍ତ ,
　　କେଶିନ, ବାନ୍ଧ ଗୋ ମୁକୁଳା କେଶ ;
ତରଙ୍ଗିଣି, ନେତ୍ର　　　　ପୋଛ ଅଶ୍ରୁନୀର ;”
　　ଶୁଣାଗଲା ଏହି ସଜନୀ-ଭାଷ । ୧୧୫

ଚଞ୍ଚଳ ଭାଷଣେ　　　　　　ସଖିଗଣ-ମୁଖୁଁ
　　ଜାତ ହେଲା କଳକଳ ବିପୁଳେ ,
ଶୁଣି ସେ ଭାରତୀ　　　　ଦୁହିତା-ଭୁବନେ
　　ଆସିଲେ ବିଦର୍ଭ-ରାଜନ ଖରେ । ୧୧୬

ଯାହା ଅଧିକାରେ　　　　କନ୍ୟା ଅନ୍ତଃପୁରେ
　　ଦୋଷ ବାଧା ଦେଇ ନପାରେ ଛଳେ ,
କବିରାଜ ପୁଣି　　　　　ମନ୍ତ୍ରୀବର ବେନି
　　ସମକାଳେ ସେ ରାଜନେ ଭାଷିଲେ ।
“ଶୁଣ ଦେବ, ସବୁ　　　　ଜାଣେ ମୁଁ ଚରକ-
　　ବଚନେ, ଶୁଶ୍ରୁତ-ବିଧାନବଳେ ,
ନଳଦ ବ୍ୟତୀତ　　　　　ସନ୍ତାପ ଦଳନେ
　　କେହି ନାହିଁ କ୍ଷମ ଅବନୀତଳେ ।” ୧୧୭

ଯୁଗପତେ ଦୁହେଁ　　　　ଭାଷନ୍ତେ ଏସନ ,
　　ଅଭେଦ ବଚନେ, ଭିନ୍ନ ଅର୍ଥରେ ,
ଶୁଣି ନ ପାରିଲେ　　　　ବିକଳ ନୃପତି ,
　　ତନୟା-ଅନିଷ୍ଟ-ଶଂକାର ଫଳେ । ୧୧୮

GPNanda Colln., Digitized by srujanika@gmail.com

ନୃପତି ନରେଶି, ବିରହ-ଲକ୍ଷଣ
ଦେଖି, ପଦେ କନ୍ୟା ହେଲେହେଁ ନତ ,
ବୁଝିଲେ ବିବାହ- ଲକ୍ଷଣ ସହଜେ ,
ବୁଧେ ପରମନ ନୁହେ ଗୁପତ । ୧୧୯
ତନୁଜା-ପ୍ରଣାମେ ଆଶିଷିଲେ ପିତା,
ଟେକି ଚନ୍ଦ୍ରମୁଖ ଆଦରେ କରେ ,
"ଅବିଳମ୍ବେ ହେଉ ତୋ' ସ୍ୱୟଂବର ମାଈ ,
ଅନାହତ ବର ଲଭ ମହୀରେ ।" ୧୨୦
କହିଲେ ତନୁଜା- ସଖୀଗଣେ ରଜା,
"ହୁଅନ୍ତେ ଭୁବନ ରତ୍ନ ଅତୀତ ,
ଖର ପର ଫୁଲ ହୁଏ ଏ ବୟସେ ,
କର ତେଣୁ ଉପଚାର ଉଚିତ । ୧୨୧
କେତେ ଦିନ ପରେ ସଜନୀ ତୁମ୍ଭର
ବରିବେ ବଶୀୟ ହୃଦୟ-ଈଶେ ,
ତେଣୁ ତୁମ୍ଭେମାନେ ହୋଇ ସାବଧାନ
କର ଉପଚାର କୃଶତା-ନାଶେ । ୧୨୨
'ଲଜ୍ଜା ପାଇବ ସେ', ଜାଣି, ନରରାଏ
କାମଜନିତ ସେ କଷଣ-କଥା
ପଚାରିଲେ ନାହିଁ, ଭାଷିଲେ ଏସନ
ପାଣ୍ଡୁତାଦି ଦେଖି ଶରୀର-ବ୍ୟଥା ;

GPNanda Colln., Digitized by srujanika@gmail.com

ଅଶିଷ-କପଟେ ବିହ୍ୱଳେ ସାନ୍ତ୍ୱନା ;
ଶୁଣି ସଖୀଜନେ ହରଷମନ ;
ସେ ଅନନେ ଲାଜ ଘୋଟିଗଲା ପୁଣି ;
ଲାଜେ ହରଷେ ସେ ହେଲେ ମଗନ । ୧୬୩

କବିରାଜ-ରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟବର ;
ଜନନୀ ତାହାଙ୍କ ମାମଲ୍ଲଦେବୀ ;
ତାଙ୍କ ବିରଚିତ ସ୍ଥୈର୍ଯ୍ୟ-ବିଚାରଣ-
ପ୍ରକରଣ-ତୁଲେ ରଚନା ଯାର ,
ସେ ନଳଚରିତ ମହାକାବ୍ୟ ଗଣେ
ସର୍ଗୋଜ୍ୱଳ ତୂର୍ଯ ସରଗ ସାର । ୧୬୪

GPNanda Colln., Digitized by srujanika@gmail.com

ଚତୁର୍ଥ ସର୍ଗର ଟୀକା

(ଅଙ୍କରୁ ଶ୍ଲୋକାଙ୍କ ବୁଝିବାକୁ ହେବ)

୧ — ଶ୍ରୁତିପଥ = କର୍ଣ୍ଣ ପର୍ଯ୍ୟନ୍ତ ଅକୃଷ୍ଟ; ଶୁଣିବାରେ ଜାତ ।

୨ - କୁମ୍ଭାର ହାଣ୍ଡି ଖରାରେ ଶୁଖାଇ, ପରେ ନିଆଁରେ ପୋଡ଼େ । ଅନଳ = ଅଗ୍ନି ; ନଳହୀନତା ।

୧୮ — ମହୀଧରଭୂବେ = ମହୀଧରଭୂବା ବା ରାଜନନ୍ଦନୀ ଭୈମୀଙ୍କଠାରେ; ପର୍ବତ-ଭୂମିରେ । ଅଚଳ = ପର୍ବତର ଦ୍ୱିଅର୍ଥ । 'ପର୍ବତୋ ବହ୍ନିମାନ୍ ଧୂମାତ୍' ଏହି ନ୍ୟାୟ ଶାସ୍ତ୍ର ଦୃଷ୍ଟାନ୍ତରୁ ଲକ୍ଷ୍ୟ କରାହୋଇଛି ।

୩୨ — ପଞ୍ଚତ୍ୱ = ପଞ୍ଚଶରତ୍ୱ; ମୃତ୍ୟୁ । ଦ୍ୱିଅର୍ଥ ।

୫୧ — ଦେବତାମାନେ ଚନ୍ଦ୍ରଙ୍କୁ କୃଷ୍ଣପକ୍ଷରେ ଗ୍ରାସକରନ୍ତି ବୋଲି ପୁରାଣରେ ଅଛି ।

୭୪ — ବଳକରଂଭ = ଦହି ପଖାଳ ।

୬୨ — ମହାଦେବ ମଖଶିର କାଟିବାରୁ ଅଶ୍ୱିନୀ କୁମାର ତାହା ଯୋଡ଼ିଥିବା ପୁରାଣରେ ଅଛି ।

୬୯ — ଜରା ନାମକ ସ୍ତ୍ରୀ ଦୁଇଫାଳ ହୋଇଥିବା ମଗଧରାଜ ପୁତ୍ରକୁ ଯୋଡ଼ିବାରୁ 'ଜରାସନ୍ଧ' ହୋଇଥିଲା ।

୭୦ — ଦ୍ୱିଜରାଜ ହୋଇଥିଲେ ବାରୁଣୀ (ପଶ୍ଚିମଦିଗ; ମଦ୍ୟ ବିଶେଷ) ସେବି ପତିତ ନ ହୋଇ କିପରି ସ୍ୱର୍ଗରେ ପ୍ରକାଶ ପାଆନ୍ତି ।

୭୧ — ଦ୍ୱିଜ ଏଠାରେ ଦନ୍ତ ଅର୍ଥରେ ବ୍ୟବହୃତ ।

୭୨ — ତୁମ୍ଭଙ୍କୁ ଦେଖିଲେ ସମସ୍ତେ 'ନିର୍ବେତ୍ର', କୋପାନ୍ୱିତ ହୁଅନ୍ତି । କୋପାନ୍ୱିତକୁ 'ନିକେନ' କହିବା କୌଣସି ଅଞ୍ଚଳର ଲୌକିକ କଥା ।

୮୨ — ଫୁଲ ପାଇଁ ମଧ୍ୟ ଯୁଦ୍ଧ କରିବା ନୀତିଶାସ୍ତ୍ରରେ ମନା ।

୯୧ — କଳ୍ପଦ୍ରୁମମାନେ ଗୋଟିଏ ଗୋଟିଏ ଫୁଲ କାମର ଶର ପାଇଁ ଦିଅନ୍ତି ।

୯୨ — ଦକ୍ଷିଣ = ମଙ୍ଗଳକର; ଡାହାଣ ।

୧୧୦ — ଅନଳଂକୃତ = ଅଳଂକାର ହୀନ; ନଳଶୂନ୍ୟ । ଦ୍ୱ୍ୟର୍ଥଶ୍ଳେଷ ।

୧୧୨ — ନଳଦ = ଉଶୀର; ନଳଦାତାକାଙ୍କ୍ଷୀ । ଦ୍ୱ୍ୟର୍ଥ ଶ୍ଳେଷ ।

GPNanda Colln., Digitized by srujanika@gmail.com

ପଞ୍ଚମ ସର୍ଗ

ଏଣେ ନରେନ୍ଦ୍ର ନିମନ୍ତ୍ରିଣ ପାର୍ଥିବେ ,
ଆଣିଲେ ଯେବେ ସ୍ୱୟଂବର ଉତ୍ସବେ ,
ସେତେବେଳେ ବାସବ-ଦର୍ଶନ-ଆଶେ
ନାରଦ ଋଷି ଗଲେ ତ୍ରିଦିବ-ଦେଶେ । ୧

'ପର୍ବତ' ପକ୍ଷ ଧରି ଋଷି ସଂଗତେ
ଚଳିଲେ କି ବା ଏଥି ହରଷ ଏତେ !
ଜଗତେ ସର୍ବଗୁରୁ ନାରଦ ମୁନି ,
ସେ ତ ଉଠିଲେ ନଭେ ତେଜ ଅବନି ! ୨

ବିନା ବିମାନେ ପଥେ କରି ଗମନ ,
ପ୍ରବେଶିଲେ ଗଗନେ ମୁନି-ରାଜନ ;
ତପେ ଲଭନ୍ତି ଯୋଗୀ ସକଳସିଦ୍ଧି ,
ଆନେ ଲୋଡନ୍ତି ବିନା ସାଧନ-ବିଧି ! ୩

ଅମରାବତୀ ବଳ ସୁନ୍ଦର କେତେ
ଲଂଘିଲେ ପୁରମାନ ନାରଦ ପଥେ ;
ପାଦେ ପ୍ରଣମି କେତେ ସେ ପୁରପତି
ପ୍ରାର୍ଥିଲେହେଁ, ନ ହେଲେ ତହିଁ ଅତିଥି । ୪

GPNanda Colln., Digitized by srujanika@gmail.com

ତାଂକ ତାପନ ଭୟେ ଦେବ ତପନ
ସଂକୋଚି ମ୍ଳାନ କଲେ ନିଜ କିରଣ ;
ରାଜିଲେ ସେହୁ ଧବା-ଶଶାଙ୍କ ସରି ,
ତାପ ନ ଲଭି ଗଲେ ମୁନି-କେଶରୀ । ୫
ବଧୁ ନାରଦ ଦୁହେଁ ଦ୍ୱିଜ-ରାଜନ ;
ଦ୍ୱିଜରାଜେ ଜଣନ୍ତି କରେ ତପନ ;
ଅହୋ ସେ ଏବେ ଦ୍ୱିଜ-ରାଜନ-କରେ
ମଳିନ ହେଲେ ନିଜ କରମ-ଫଳେ ! ୬
ତତ୍‌କ୍ଷଣେ ବିଷ୍ଟର, ପାଦ୍ୟ ସଲିଳେ ,
ଅର୍ଘ୍ୟ ସଂପାଦି କୂଳ ଦୂର୍ବାର ଦଳେ ,
ପଙ୍କଜ-ମଧୁ , ମଧୁପର୍କ ପ୍ରଦାନ ,
ସୁରଧୁନୀ ପୂଜିଲା ଅତିଥି ମୁନି । ୭
ଅତିକ୍ରମି ଆକାଶ-ବିଶାଳ-ପୂରେ
ଗଲେ ନାକ—ନାୟକ-ଦିବ୍ୟ-ମନ୍ଦିରେ ,
ଯତି ଭବ-ସାଗର ଲଂଘି ଯେସନ
ଅନନ୍ତ—ମୟ ବ୍ରହ୍ମ କରେ ଦର୍ଶନ । ୮
ଉଚିତ୍ ବଳ ପୂଜା କରି ଆଦରେ ,
ସତ୍କାର କଲେ ଇନ୍ଦ୍ର ଅତିଥି ବରେ ;
ନକଲେ ସିନା ସାଧୁ-ଯୋଗ୍ୟ ସତ୍କାର ,
ଅଧର୍ମ ; କଲେ ନୁହେ ଅଧିକ ଫଳ । ୯

GPNanda Colln., Digitized by srujanika@gmail.com

ଥିଲେ ସଂଗେ ପଙ୍କଜ ମୁନି-ପୁଙ୍ଗବ ,
ପୂଜିଲେ ତା'ରେ ଇନ୍ଦ୍ରଭବ ବାସବ ;
ବିବୁଧ-ପ୍ରଭୁ-ଗୃହେ ହୋଇ ଅଗତ ,
ନୁହନ୍ତେ ଦ୍ୱିଜ-ଅଦ୍ରି କିପାଁ ପୂଜିତ ? ୧୦
ଦେଖି ଅଧିକ ପୂଜା ବାସବଂକର
ମଣିଲେ କଳ୍ପଦ୍ରୁମ ମୁନିଈଶ୍ୱର ;
ସ୍ୱର୍ଗେ ସଙ୍ଗତେ ରହି ସତେ ଶିଖିତ
ବଦାନ୍ୟ-ଗୁଣେ ହୋଇଛନ୍ତି ଦୀକ୍ଷିତ ! ୧୧
ନିବାରି ଅନ୍ୟ ଜନେ କଥା ବାରତା ,
ନାରଦେ ବଳରିପୁ ପୁଚ୍ଛିଲେ କଥା ;
ଆପଣା-ପତି-ବନ୍ଧୁ-କଥା-ଆକର-
ପ୍ରାୟେ ହୁଅଇ ପିନା ସୁହୃଦ-ମେଳ ! ୧୨
କଉତୁକେ ଆଳାପେ ମାତି ଉଭୟେ ,
କଥା ବାରତା ବଢ଼ୁଁ କେତେ ସମୟେ ,
" ନୃପେ କିପାଇଁ ଏବେ ଆସନ୍ତି ନାହିଁ ?"
ପଚ୍ଛିଲେ ବାସବ, ନାରଦେ ଚାହିଁ । ୧୩
"ପୂରବ ପରି ଏବେ ଷୀର-କଣୀରେ
ଜନମୁଁ ନାହାନ୍ତି କି ଶୁଚି ବଂଶରେ ,
ପର-ଆୟୁଧେ ଯେହ୍ନୁ ହୋଇ ବକ୍ଷତ ,
ହୁଅନ୍ତି ପରିଣାମେ ଛିଡ଼-ଲୁଂଠିତ ? ୧୪

GPNanda Colln., Digitized by srujanika@gmail.com

ଗୁରୁ ପାର୍ଥିବ ତନୁ ବରଜି ରଣେ ,
ଖର-ସୂକ୍ଷ୍ମ-ଶସ୍ତ୍ରେ ଉର୍ଦ୍ଧ୍ୱ ଗମନେ
ଲଭନ୍ତି ମହାଯଶେ ଅତୁଳ ସିଦ୍ଧି
ଅତିଥି-ରୂପେ ମୋର ଗୌରବ-ବୃଦ୍ଧି ? ୧୫

ସେହି ଅତିଥିଗଣ ତେଜନ୍ତି ମୋତେ ;
ଶାପ କି କାହ୍ନି ମୋରେ ପଡ଼ନ୍ତି ସତେ !
ତେଣୁ ଏ ଭୋଗେ ମୋର ଆଦର ନାହିଁ ,
କି ଲାଭ ଭୁଞ୍ଜି ପେଟ ପୋଷିବା ପାଇଁ ? ୧୬

ପୂରୁବ ପୁଣ୍ୟ ଧନ ବ୍ୟୟେ ଲବଧ
ବଞ୍ଚିଲେ , ସମ୍ପଦ ସିନା ବିପଦ ,
ପାତ୍ର-ପାଣି-କମଳେ ଅର୍ପଣ କଲେ ,
ଶାନ୍ତି ମିଳଇ ସିନା ଶାସ୍ତ୍ର-ବଚନେ ! ୧୭

ସନ୍ଦେହକାଷ୍ଠ ମମ ଅଘ ପ୍ରବଳ
ଛେଦନେ ତବ ବାକ୍ୟ ଶ୍ରୁତି-ମଧୁର
ଅଘମର୍ଷଣ-ସୂକ୍ତ ପରାୟେ ହେଉ ;
ମନେ ମୋର ସଂଶୟ ତଳେ କରନ୍ତୁ ।” ୧୮

ମଘବା ଋଷି ଏହିପରି ବଚନେ ,
ମଉନ ହେଲେ , ଅବହିତ ହୃଦୟେ
ଶୁଣିଁ ରହିଲେ ତାଙ୍କ ମୁନି-ବଦନେ ,
ସହସ୍ର ପକ୍ଷ୍ମେ ଅପଲକ ନୟନେ । ୧୯

GPNanda Colln., Digitized by srujanika@gmail.com

ପାଇ ପାକଶାସନ-ପଦ ମହତ ,
ବିନୟେ ମୁନିବରେ କଲେ ବିସ୍ମିତ ,
ପ୍ରମୋଦ-ଗଦଗଦ ବଚନେ ଋଷି
କହିଲେ ତହୁଁ ମନ୍ଦ ସ୍ମିତ ପ୍ରକାଶି ।   ୨୦
"କ୍ଲେଶ-ଲବଧ ଫଳେ ହେଲା ଏସନ
କାହିଁ ଜଗତେ କେବେ କରଇ ଜନ ?
ଶତ-ଯଜ୍ଞ-କଷଣେ ପାଇ ବିଭୂତି ,
ବାସବେ ଶୋହେ କି ଏତେ ବିନତି !   ୨୧
ତବ ସଂପଦ ନୁହେ ବାକ୍ୟ ଗୋଚର ,
ଯେଣୁ ନାକରେ ତାହା ବିନୟୁ ଦୂର ;
ସାକ୍ଷାତ ଅନୁଭବ ନହେଲେ, ତଳେ
ପରତେ ଯିବ କାଏ ମର୍ତ୍ତ୍ୟ ମଣ୍ଡଳେ !   ୨୨
'ଧନେ ଅପଣା ଭୋଗ ନୁହେ ଉଚିତ' ,
ଜାଣି, କରୁଛ ତାହା ଅତିଥି-ଗତ ;
ଅଧିକ ଖାଲି ବହିର୍ଦୃଷ୍ଟି ଭୂମିର ,
ନୁହେ, ଅନ୍ତର ଦୃଷ୍ଟି ବିଚିତ୍ରତର ।   ୨୩
ସ୍ୱଭାବ-ମନୋହର ତବ ସ୍ୱଭାବେ
ହେଲି ବିସ୍ମିତ ମୁହିଁ ଅଧିକ ଭାବେ ;
କର ଅନନ୍ତ କାଳ ଦେବ ଶାସନ ,
ହୁଅ ବିଜୟୀ ବୀର ପାକ-ଶାସନ ।   ୨୪

GPNanda Colln., Digitized by srujanika@gmail.com

ଯୁଦ୍ଧେ କ୍ଷତ ଶରୀରୁ ରୁଧିର ବନ୍ଧ ,
ଯା'ପାପ ଭାର ଧୋଇ ଲଘୁ କରଇ ,
ସେ ନୃପେ ଯେଣୁ ଏଥି ଆସନ୍ତି ନାହିଁ ,
ଶୁଣ ଉଦନ୍ତ ଯୁବା-ଜଗତ-ମୋହୀ ।
ସୁଂଦରୀ ଦମୟନ୍ତୀ ଭୀମ-କୁମାରୀ ,
ଭୂମି-ଭୂଷଣ ଦ୍ରବ୍ୟ ରତନସରି ;
କିବା ଅମୋଘ ପଞ୍ଚଶର-ସାୟକ !
ଜିଣିଛି ଗୁଣେ ନାରୀ-ସମାଜ-ଟେକ ।   ୧୬
କ୍ଷଣ କ୍ଷଣକେ ଏବେ ଅପୂର୍ବଶିରୀ
ଯଉବନ-ବିକାଶେ ଭଜେ ସୁନ୍ଦରୀ ;
କେଉଁ ଯୁବକେ ବାଳା ବରିଛି ଚିତ୍ତେ ,
କେ ପାଉଁ ଶିର ପାଏଁ ପୂର୍ଣ୍ଣି ପୁଣ୍ୟତେ !   ୧୭
ଓଷ୍ଠ-କଂପନେ ମୋତେ ଲାଗେ ପରତେ ,
'କିଏସେ' ପଶ୍ନିବ, ଭାବ କି ଚିତ୍ତେ ?
ବଦନୁ ସେ ବଚନ କରି ବାହାର ,
ବୃଥା ଶ୍ରମ ତାହାରେ ନଦିଅ ବୀର ।   ୧୮
ପରମ ଅଣୁ ଯୋଗ-ବଳ-ଅବଧି ;
ନ ଦେଖେ ତହୁଁ ବେଶି ଯୋଗିଂକ ବୁଦ୍ଧି ;
ବାଳା-ମାନସ-ପରମାଣୁ ମଧ୍ୟରେ
ଅଛି ସେ ସିନ୍ଧୁ, ବ୍ରୀଡ଼ା-କନ୍ଦର-ପୁରେ ।   ୧୯

GPNanda Colln., Digitized by srujanika@gmail.com

ଦେଖି କୁସୁମଶର–ବିକାର–ଚୟ,
ହୃଦ୍‌ଭାବ ବରନ୍ତ ବୁଝି ରାଜନ ,
ସ୍ୱୟଂବର-ଉତ୍ସବେ ଦେଲେ ସେ ଲକ୍ଷ୍ୟ ,
ଜାଣିବ ସତେ ସେନ୍ତୁ ବିଧି-ହୃଦୟ ! ୩୦
' ଦୂତ-ସ୍ୱରୂପେ ଆମନ୍ତ୍ରିବ ରାଜନେ '
ଯେଣୁ ଦେଲେ ଅଦେଶ ବଧୂ ମଦନେ ,
ତାଂକର ବଶ ହୋଇ ପୃଥ୍ୱୀଈଶ ,
ମଣୁଛନ୍ତି ସଂଗର ଶର–ସଦୃଶ । ୩୧
ଇଛଇ ଦମୟନ୍ତୀ ଯେଉଁ ଭୂଷଣେ ,
ଆଦରଭବ ତା'ର ଯେପରି ଗୁଣେ ,
ଲଭିଲେ କଳା ମାତ୍ରେ ତହୁଁ , ଅଧିକ
ମଣନ୍ତି ନୃପେ ପୁରୁଷାର୍ଥର ଠେକ । ୩୨
ଶୈଶବ-ବ୍ୟୟ ଦନୁ ଯେ ବାଳାବରେ ,
ଉଦ୍ଦତ-ଯଉବନ ରାଜନଙ୍କରେ
ଆଦରେ ଅନ୍ତରନ୍ତ କୁସୁମଶର
ନାରୁଛନ୍ତି, ଲଭି ଅଖେଟନ-ଅଦର । ୩୩
ଏଣୁ ଏହୁ ସକଳ ପୃଥ୍ୱୀପତି
ନ ଇଛନ୍ତି ହେବାକୁ ତବ ଅଭିଥ ;
ଭ୍ରମ ଅବନୀ, ସ୍ୱର୍ଗ ଭୂମି, ମଧ୍ୟରେ
ଭାଳନ୍ତି ବହୁ ଭେଦ ନୃପେ ଅନ୍ତରେ । ୩୪

GPNanda Colln., Digitized by srujanika@gmail.com

ତହିଁ ଅସକ୍ତ ଯେଣୁ ନୃପନାକର ,
ନ ଦେଖିଲ ଭୂଲୋକେ କାହିଁ ସମର ;
ଆସିଛୁ ଅସନ୍ତୋଷେ ତୁମ୍ଭ ସକାଶେ ,
ସେ ସୁଖ ଲଭିବାକୁ ଏ ସ୍ୱର୍ଗ ଦେଶେ । ୩୫
ଏମନ୍ତ ଜନ ନାହିଁ ମହୀ ମଣ୍ଡଳେ ,
ତୁମ୍ଭସଙ୍ଗେ ବିରୋଧ ଯେହୁ ଆଚରେ ;
ପୁଚ୍ଛେ ବିଷୟ-ପ୍ରେମେ, ସେ ପ୍ରେମ-ରସ
ଯୋଗ କରିଛୁ ମୋର ବିବେକ ନାଶ ।" ୩୬
ଭାଷି ଏସନ ଦେବ-ମୁନି-ରାଜନ ,
ଇନ୍ଦ୍ର-ଲପନ-ମୁଦ୍ରା ହେଲା ବିଚ୍ଛିନ୍ନ ;
ପ୍ରଶ୍ନ ଉତ୍ତର କ୍ରମେ ବିଭୁ ବଚନ
ବଳେ ସୁଷମା; କାହିଁ ତାର ବର୍ଣ୍ଣନ ? ୩୭
"ବିଜୟୀ ଉପେନ୍ଦ୍ର ସେ ମମ ଶରଣ
ଥାଉଁ, ରଣ-ତରଙ୍ଗେ କି ପ୍ରୟୋଜନ ?
ସେହୁ ଅନୁଜ-ବାହୁ-କୋଳେ ମସ୍ତକ
ରଖି , ନିଃଶଙ୍କେ ଭଜେ ଶୟନ-ସୁଖ । ୩୮
ବଳନ୍ତ ବିଶ୍ୱରୂପ ଉପେନ୍ଦ୍ର ସେହୁ ,
ଜୈମିନି-ମୁନି-ଭାବ ବନ୍ଧୁ, ସେ କାହୁଁ
ସହିବେ ଦେବତାଙ୍କ ବିଗ୍ରହ ଭଲେ ;
ବିଅର୍ଥ ଏବେ ମମ ଅଶନି-କରେ । " ୩୯

GPNanda Colln., Digitized by srujanika@gmail.com

ବନସ୍ପେ ମୁନିବରେ ଏହି ବଚନ
ଭାଷି ,ବାସବ ତାଙ୍କୁ ହେଲେ ମଉନ ;
ନୋହିଲା ଇଷ୍ଟ-ସିଦ୍ଧି, ବିଗୃଶ ମୁନି
ଦୀର୍ଘ ନିଶ୍ୱାସି ତାଙ୍କୁ ଭାଷିଲେ ବାଣୀ । ୪୦
"ହେଉ ବା ଥିବ ଯୁଦ୍ଧ ସ୍ୱର୍ଗପାତାଳେ
ଭାବ ନ ହେଲା ଶାନ୍ତ ବସୁଧା ପୁରେ ;
ଆପେ ଏଠାକୁ ପୁଣି ମନେ ବିଗୃରେ ,
ଯୁଦ୍ଧ ବା ହେଉଥିବ ମର୍ତ୍ତ୍ୟ ପାତାଳେ । ୪୧
ହଅ ବିଦାୟ, ଯାଏଁ ମର ଭୁବନ
ଦେଖା ତ ହେଲା, ଆଉ କି ପ୍ରୟୋଜନ ?
ବୈଦର୍ଭୀ-ସ୍ୱୟଂବରେ ଅସି ପାର୍ଥିବେ
ମାତବେ ନାହିଁ ତାଙ୍କୁ ନକି ଅଛିବେ ! " ୪୨
ଭାଷି ଏସନ ତାଙ୍କୁ ଚଳଲେ ତବେ ,
ପାଖେଠନ୍ତେ ନିବାରି ସେହୁ ବାସବେ ;
ନ ମାନ ସୁନାଶିର କେତେକ ଦୂର
ଯାଇ , ପୁଣି ଫେରିଲେ ନିଜ ନଗର । ୪୩
ବାସବେ ମୁନିଙ୍କର ବାଣୀ ଗମ୍ଭୀର
ଶୁଣି, ପର୍ବତ ଖାଲି ଦେଲେ ହୁଂକାର ;
ପର୍ବତ-ପକ୍ଷଚ୍ଛେଦୀ-ପାରୁଷେ ସେହୁ
ସହଜେ ଦେଖାଇବେ ସ୍ୱପକ୍ଷ କାହିଁ ? ୪୪

GPNanda Colln., Digitized by srujanika@gmail.com

ଧରି କଠୋର ବଜ୍ର ଅନେକ କାଳ
ପୀଡ଼ିତ ଥିଲା କି ସେ ବାସବ କର ?
ଭୈମୀ-ଶୀତ-କୋମଳ-କର-ଗ୍ରହଣ ,
ହୃତ ଭେଷଜ ସ୍ମର କଲା ବିଧାନ ! ୪୫

ଧରନ୍ତି ସ୍ୱର୍ଗବୈଦ୍ୟେ ଯେସନ ଶିଷ୍ୟ
ପଞ୍ଚଶରରେ ସେହିରୂପ-ମାଧୁରୀ ;
ତେଣୁ କି ବୈଦ୍ୟ-ବିଦ୍ୟା ସଂକ୍ରମୁ, କାମ
ଚିକିତ୍ସା କରିବାକୁ ବଳାଏ ମନ ! ୪୬

ମଘବା ଜାତ ଜ୍ୱର କର ଗ୍ରହଣ ,
କରନ୍ତେ ମର୍ତ୍ତ୍ୟନାରୀ ଅନୁସରଣ ,
ନୂଆଇଁ ଶଚୀ ସରୋରୁହ ଆନନ ,
ପୂରୁଇଲେ ନାଗର ଖଣ୍ଡିତ ମାନ । ୪୭

ଯାଆନ୍ତେ ସ୍ୱର୍ଗ ତେଜି ପାକଶାସନ ,
ଖେଦେ ବିରସେ ରମ୍ଭା ହେଲେ ମଗନ ;
ଆକାର ଭଙ୍ଗି ଦେଖି ହୁଏ ପରତେ ,
ଅନ୍ତର ଦୁଃଖେ କପେ ମଗନ ପତେ ? ୪୮

' ଅଛି କି ଫଳ, ଅପସରୀ ଜୀବନେ ?
ମରିବା ଭଲ ଏଥୁଁ ସହସ୍ର ଗୁଣେ' ;
ଘୃତାଚୀ ଘର୍ମ ଶ୍ୱାସ ତେଜନ୍ତି ସେ କାଳେ ,
ଭୂଷେ ସତେ ଏସନ ନିଃଶ୍ୱାସ ଛଳେ ! ୪୯

GPNanda Colln., Digitized by srujanika@gmail.com

ଭ୍ରମର ଅନ୍ଦୋଳନେ କରକମଳ
କଂପି, ପଡ଼ିଲା ତଳେ ଚରୁ ଭ୍ରମର ;
ସେ ଛଳେ ତନୋତ୍ତମା ପ୍ରକାଶ କଲେ ,
ଏଥୁ ପତନ ସିନା ଯୋଗ୍ୟ ଏ କାଳେ ! ୫୦

ମେନକା ଲୁଚାଇଲା ଦେହ-ବିକାର ,
ଘୋଡାଇବାକୁ ହୃଦ-ସନ୍ତାପ-ଭାର ;
ହୃଦୟ-ପୃଷ୍ଠ-ପାଙ୍କେ ପଙ୍କ-ଲେପନ
ପତ୍ରେ ଦେଲା ତାହା ଘୋର କଷଣ । ୫୧

ଏ ସାରୁ ବାନ୍ଧ ବଶ ଯାହାର ଗୁଣ ,
ସେହୁ ଉର୍ବଶୀ ସ୍ଥିର ରହିଲେ କ୍ଷଣେ ;
ଶଚ-ସୌହୃଦ-ଶେଷ-ସୀମା ସୂଚାଇ ,
ଶରୀର-ସ୍ତମ୍ଭେ ବ ସେ ଦେଖାନ୍ତ ତହିଁ ! ୫୨

ପତ୍ରରୁ ନ ଥିଲେହେଁ କେହି ସୁନ୍ଦରୀ ,
ଶୁଣାଇ ଇନ୍ଦ୍ରେ କେହୁ କହେ ନାଗରୀ :
'କଶ୍ୟପ-ସୁତା-ପାଶେ କଶ୍ୟପ-ସୁତ
ଯାଆନ୍ତି ଶତମନ୍ୟୁ, ଦେଖ ଗୋ ମିତ !' ୫୩

ନିଜ ଶୋଭା ଗରବେ କେଉଁ ସୁନ୍ଦରୀ
ଶୁଣାଇ ସୁରନାଥେ, ଛଳିଲା ଆଳୀ :—
'ନର-ଦର୍ଶନେ ଘୃଣା ହୁଏ କ ସହି ,
ନ ଯାଉ ତାଙ୍କ ସଙ୍ଗେ ମର୍ତ୍ତ୍ୟେ କପାଇଁ ?' ୫୪

GPNanda Colln., Digitized by srujanika@gmail.com

ଅଗ୍ନି ବରୁଣ ଯମ ତିନ ଦିକ୍‌ପାଳେ
ଆନନ୍ଦେ ଇନ୍ଦ୍ରେ ଅନୁଗମନ କଲେ ;
ଦେଖାଏ ଯିନା ବାଟ ଜଣେ ଅଗରେ ,
ଚାଲନ୍ତି ପଛେ ପଛେ ସନ୍ଦେହେ ନରେ । ୫୫
ଦମୟନ୍ତୀ-ସମୀପେ ପୃଥକ ଭାବେ
ପେଷିଲେ ଚିତ୍ରଶ୍ଳେଷ ଦୂତୀ ସରବେ ;
ବଂଧୁତା-ଛଳେ ଭୀମ ରାଜନ ପାଇଁ
ଗୁପତ ଉପହାର ଦେଲେ ପଠାଇ । ୫୬
ସ୍ୱରଗ ତେଜି ଆହା ବିବୁଧେ ଯାହା
ଆସିଲେ ମର୍ତ୍ତ୍ୟେ, ଅତି ବିଚିତ୍ର ଏହା ;
ଲାଗଇ ସତେ, 'କାହିଁ ସ୍ୱରଗ ନାହିଁ ;
ଚଳଇ ଚିତ୍ତ ଯହିଁ ସ୍ୱରଗ ସେହି !' ୫୭
ତୁରଗେ ଅତିକ୍ରମି ପଥ ସତ୍ୱର ,
ଆସି ମିଳିଲେ ପୁରେ ଅବନୀତଳ ;
ଈଷତ ବକ୍ର କରି ନତ କଂଧରେ ,
ଶୁଣିଲେ ପଥେ କାହୁଁ ଶବଦ ଦୂରେ । ୫୮
ଘନ-ଗର୍ଜନ କମ୍ବା ଜଳଧି-ସ୍ୱର
ସନ୍ଦେହ କରିବାକୁ ନ ହେଲା ବେଳ ;
ଶବଦ ସଙ୍ଗେ ସଙ୍ଗେ ପୁରେ ତକ୍ଷଣେ
ଦେଖିଲେ, ପାଖେ ମିଳିଗଲା ସ୍ୟନ୍ଦନେ । ୫୯

GPNanda Colln., Digitized by srujanika@gmail.com

ଧୂର୍ତ୍ତ ବଶ୍ରାମ-ଦାନେ କୌତୁକ ଯାର ,
ତୁରଗ-ଭ୍ରବ-କ୍ଷାନେ ଯେହ୍ନୁ ଚତୁର ,
ଦେଖି ଚହ୍ନିଲେ ଦେବେ, 'ଏହୁ ସେ ନଳ' ,
ତାଂକ ନେତ୍ର-ଜନମ ହେଲା ସଫଳ । ୭୦
ତାଂଙ୍କ ତରୁଣ-ପଣ ଦେଖି ବରୁଣ ,
ନବଡ଼ ଜଡଭାବ କଲେ ଧାରଣ ;
ଅତ ବସ୍ମୟେ ଯେଣୁ ହେଲେ ସ୍ତମ୍ଭିତ ,
ଜଡ ବା ଜଳ-ସ୍ୱକେ ତାହା ଉଚିତ । ୭୧
ରବି ତନୟ ତାଂକ ସୁନ୍ଦର-ପଣ
ଦେଖି , କ୍ଷଣକେ ହୋଇଗଲେ ମଳନ ;
ହେଲ ଶରୀର କାଳ, ତେଣୁ ମାନବେ
କାଳ ବୋଲ ତାହାଙ୍କୁ କହନ୍ତ ଏବେ । ୭୨
ତାଙ୍କ ସୁନ୍ଦର ଶିରୀ ଚନ୍ତ୍ର ଦହନ ,
ଲଭିଲେ ଗୁରୁତାପ ନିଜେ ବହନ ;
ଅନଳତାରୁ ନୁହେ ଜନମ ତା'ର ,
ଅନଳତାଟି ଏକା ହେତୁ ଏହାର । ୭୩
କନ୍ଦର୍ପୁଁ ବଳ ତାଂକ ସୁନ୍ଦର-ପଣ
ନିଜ ନୟନେ ଦେଖି, ସୁର-ରାଜନ
ମଣିଲେ, ନିଜେ ଦେଖି ନିଜ ଶରୀର ,
ଯଥାର୍ଥ କଉଶିକ ନାମ ତାଂକର । ୭୪

GPNanda Colln., Digitized by srujanika@gmail.com

ନିରୁପମ ସୌନ୍ଦର୍ଯ୍ୟ-ମୂରତି ସତେ
ମଣିଲେ ତାଂକୁ ସ୍ମର ଦେବତା ଚିତ୍ତେ ;
ବିତନୁ-ରତେ ହୃଦ ଦେଲେ ସେ ଯହିଁ ,
ସେ ହୃଦେ ଅଧିକାର ଅଛିବ କାହିଁ ? ୬୫
ଅଗନ୍ହିଁ ଯଥା ଦେବେ ଶୁଣିଣ ଥିଲେ ,
ତେସନ ଅଙ୍ଗ-ଶୋଭା ଦେଖିଲେ ନଳେ ;
ତେଣୁ ସକଳେ ପରସ୍ପର ଭିତରେ
'ଏହି କି ସେହି ନଳ' ? କହିଲେ ଧୀରେ । ୬୬
ସେହି ସମୟ ପୁଣି ସେହି ଭୂଷଣେ ,
ଯୋଗ୍ୟ ଯାହା ତେସନ-ବଧୂ-ବରଣେ ,
ଯିବାର ଦେଖି ପଥେ କୁଣ୍ଡିନପୁର ,
ବୁଝିଲେ , ସ୍ୱୟଂବରେ ଯାଆନ୍ତି ନଳ । ୬୭
ଯମ ବରୁଣ ହୁତାଶନ ସେ କାଳେ
ଦେଖି ଜଗତପ୍ରିୟ ନୈଷଧ-ଈଳେ ,
କ୍ଷଣେ ହରଷେ କ୍ଷଣେ ସଂତାପେ ଜଳି ,
ଗୁପତେ ହେଲେ ମନେ ଏସନ ଭାଳି :— ୬୮
'ତେଜିବ ଯେବେ ବାଳା , ନ ବରି ନଳେ ,
ନୁହେ ଗୁଣଜ୍ଞ ସେହୁ, ଧିକ୍କାର ତାଂରେ ;
ବରିଲେ, ଆନେ କାହିଁ ପ୍ରାପତି ତା'ର ?
ବରୁ ନ ବରୁ ନଳ , ନୁହେ ମଙ୍ଗଳ । ୬୯

GPNanda Colln., Digitized by srujanika@gmail.com

ବରବ ମୋତେ ଭୈମୀ, ଜାଣି ନ ଥିଲେ
ମୋ ତହୁଁ ଏହାଙ୍କର ମହତ୍ତ୍ୱ ଭଲେ ;
ରାଜ-କୁମାରୀ ଗୁଣବତୀ କିପରି
ନ ପାରିବ ପ୍ରଭେଦ ଉଭୟେ ବାରି ? ୭୦
ଅଥବା, ବରିଲେ ଦମୟନ୍ତୀ ସେ ନଳେ,
ବାହାରି ହେବ ନାହିଁ ଘରୁ ବାହାରେ !
ଘରେ-ବନତା ପାଶେ ଲଜ୍ଜା-ମଳିନ
ଦେଖାଇବି କିପରି ମୁହିଁ ବଦନ !' ୭୧
ଭାବି ଏସନେ ମନେ ଭନି ଅମର
କରି ପାରିଲେ ନାହିଁ କର୍ତ୍ତବ୍ୟ ସ୍ଥିର,
ବାସବ ଛଡ଼ା ସର୍ବେ ଅସ୍ଥିର ମନେ
ରହିଲେ ପରସ୍ପରେ ବଦନେ । ୭୨
ଅନଗ ଭନି ଦେବେ ବାସବ ଗୃହେଁ,
ଜାଣିଲେ, 'ତାଂକୁ ବୁଦ୍ଧି ଦିଶଇ ନାହିଁ' ;
କପଟି-ଶିରୋମଣି, ନଳ-ବଞ୍ଚନ
ଲାଗି, ଭାଷିଲେ ତହୁଁ ବାକ୍ୟ ଏସନ:— ୭୩
"କୁଶଳ ସବୁମଂତେ ଟିକ ନୃପତି,
ତୁମ୍ଭେ ସେହୁ ନୈଷଧ, ହୁଏ ପ୍ରତୀତ ;
ଅର୍ଦ୍ଧ ଆସନେ ମମ ଯା ଅଧିକାରି,
ସେହୁ ବୀରସେନଙ୍କ ରୂପ ତୁମ୍ଭର ! ୭୪

GPNanda Colln., Digitized by srujanika@gmail.com

'କାହିଁ ଯିବ ?' ଏ ପ୍ରଶ୍ନ ନୃପେ ଉଚିତ ,
ମଣେ ଅମ୍ଭର ଯାତ୍ରା ସଫଳୀକୃତ ;
ଘଟିବ ଯେଣୁ ତା'ର ଫଳ ସତ୍ୱର ,
ତେଣୁ ଏ ଅର୍ଦ୍ଧ ପଥ ଆସିଛୁ ନଳ । ୨୫
ଦଣ୍ଡଧାରୀ ନାମ ଏ, ନୈଷଧଈଶ ,
ଜ୍ୱାଳାମାଳା-ଜଟିଳ ଏହୁ ହୁତାଶ ,
ଜଳ-ଜନ୍ତୁ-ମଣ୍ଡିତ ଏହୁ ବରୁଣ ,
ଜାଣ ମୁଁ ସୁରପତି, ନଳ-ରାଜନ । ୨୬
ମାଗିବୁ କିଛି ବୋଲି ଆସିଛୁ ପାଶ ,
ଜାଣ ନୃପତି, ଏହା ଅମ୍ଭ ଉଦ୍ଦେଶ୍ୟ ,
ପଥଶ୍ରମ କଷ୍ଟତେ ହୋଇଲେ ଦୂର ,
ଜଣାଇବୁ ଅପଣେ କାର୍ଯ୍ୟ ଅମ୍ଭର ।" ୨୭
ଭାଷି ଏମନ, ତହୁଁ ପାକଶାସନ
ନ କହିଲେ ବିଶେଷେ, ହେଲେ ମଉନ ;
ବଚନେ ଏ ପଟୁତା ଚନ୍ଦ୍ର କି ଲଭେ ,
ଶୈଶବୁଁ ଶୁରୁ ପର ଗୁରୁ ବାସବେ ! ୨୮
ଏତେ ଯାଚକ ଲଭି ପୁଲକ-ଭରି ,
କଦମ୍ବ-ଫୁଲ-ପ୍ରାୟେ ରୋମ ଦଶିଲା ;
ପ୍ରଣାମ କଲେ ତାଙ୍କ ଚରଣ-ତଳେ ,
ଯତେ ବା ପୂଜା କଲେ କଦମ୍ବ-ଫୁଲେ ! ୨୯

GPNanda Colln., Digitized by srujanika@gmail.com

'ଜଗପତି ଦୁର୍ଲଭ କେଉଁ ଦରବ ?
କିପରି ତାହା ଥିବା ମୋରେ ସମ୍ଭବ ?'
ଏରୂପରି ବିବେଚ୍ୟ କରି ବିସ୍ତର ,
ସଂଶୟେ ପଡ଼ିଗଲେ ନୃପତି ନଳ । ୮୦
'ଯେଣୁ କେଣୁ ଯାଚକ ମାଗିଲେ ମୋରେ ,
ପ୍ରାଣ ପର୍ଯ୍ୟନ୍ତ ହୁଏ ସୁଲଭ ତା'ରେ ,
ଯାଚକ ହୋଇଛନ୍ତି ସୁରରାଜନ ,
କି ଦେଇ ପରିତୋଷ ଲଭିବ ମନ ? ୮୧
ଅଛି ମୋ ହୃଦୟରେ ଭୀମକୁମାରୀ ,
ବଡ଼ ସେ ମୋର ଧନ ଜୀବନୁଁ ବଳ ;
ବସୁନ୍ଧରା ନୁହଇ କଳାଏ ତା'ର ,
ନୁହଇ ନଳ ସ୍ୱତ୍ୱ ସେହୁ ମୋହର । ୮୨
ଜାଣନ୍ତି ଏମାନଙ୍କ କିପରି ମନ ,
ନମାଗୁଁ ଯାଚିକରି ଦିଅନ୍ତି ଦାନ ;
ଜାଣି ଯାଚକ ମନ, ପୁଣି ଲୋଡ଼ଇ
କାକୁ ବଚନ ଯେଣୁ, ଧିକ୍କାର ତହିଁ । ୮୩
ବହୁତ ଗୁଡ଼ି କାକୁ ବଚନ କହି ,
ମାଗି ମାଗି ବହୁତ ଲଜ୍ଜିତ ହୋଇ ,
ଯାଚକ ଯେଉଁ ପାପ ଦିଅଇ ଜନେ ,
ତହୁଁ ମୁକତି ନାହିଁ ବିଲଂବ-ଦାନେ । ୮୪

GPNanda Colln., Digitized by srujanika@gmail.com

ଦେବା-ଦର୍ବ-ଭୂଲେ ଦାତା-ସକଳ
ଦଅନ୍ତି ଯାଚକେ ଯା' ଉତ୍ସର୍ଗଜଳ ,
ନସ୍ୱଶ-ଅର୍ଥିଜନ-ମୂର୍ଚ୍ଛା-ବାରଣ
କରିବାରେ କି ସେହୁ ଭେଷଜଦାନ ! ୮୫

ତୃଣ ସଦୃଶ ତୁଚ୍ଛ କେବଳ ଧନ
ନ ଦେଇ, ଅର୍ଥିଜନେ ଦେବ ଜୀବନ ;
ତେଣୁ କି ଦାନ-ବିଧି ଅଛି ଜଗତେ ,
ତୃଣସଂଗେ ସଲିଳ ବ୍ୟବସ୍ଥା ସତେ ? ୮୬

ପଙ୍କ-ମଳିନ ହୀନ କମଳେ କାହିଁ
ରହିବେ ପଦ୍ମାଳୟା ଅବାସ ବହି ?
ବିମଳ ଅର୍ଥିଜନ-କର-କମଳ
ବୁଧେ ମଣନ୍ତି ଲକ୍ଷ୍ମୀ-ନିବାସ-ସ୍ଥଳ । ୮୭

ଯାଚକ-ଜନ-ମନୋରଥ-ପୂରଣେ
ନୁହେ ଜନମ ଯା'ର ଅଧା ଭୁବନେ !
ଏ ପୃଥ୍ୱୀ ଭାରବନ୍ତ ତାହାଙ୍କ ଭରେ ,
ନୁହେ ପଙ୍କତେ, ମହୀରୁହେ, ସାଗରେ । ୮୮

ଜୀବନ-କାଳେ ଲୋଭୀ କୃପଣ ଜନ
ନ କରୁ ପଛେ କେବେ ଧନ-ପ୍ରଦାନ ,
ମଲେ ତ ନେବେ ନୃପ, ନ ଜାଣେ ସେହି ,
ଅତି ବିଚିତ୍ର ଏହା ମଣଇଁ ମୁହିଁ ! ୮୯

GPNanda Colln., Digitized by srujanika@gmail.com

ନାହାନ୍ତି ଜଗତେ ବା ବଦାନ୍ୟ କେତେ !
ନ ମାଗି ସେମାନଙ୍କୁ, ମାଗିଲେ ମୋତେ ;
କରିଲେ ମୋତେ ଯେଉଁ ଗୌରବ ଦାନ ,
କି ଦ୍ରବ୍ୟେ ଶୁଝିବି ମୁଁ ଏମନ୍ତ ଋଣ ? ୯୦
ମଲେ ସଂପତ୍ତି ଛାଡ଼ି ଯାଆନ୍ତି ଲୋକେ
ଏକାକୀ, ଥିବା ସିନା ଅପର ଲୋକେ
ତେଣୁ ଯାଚକଙ୍କ ବଂଧୁପଣେ ଦାତାର
ଇଚ୍ଛେ କି ଧନ ଯାଉ ସଂଗତେ ତା'ର ! ୯୧
ଯାଚକ ଧନ ନେଇ ଏ ମର୍ତ୍ତ୍ୟ ପୁରେ ,
କୋଟି ଗୁଣେ ଦଅଇ ସ୍ୱରଗେ ତା'ରେ
ଏସନ ଅନଶ୍ୱର ପାରଲୌକିକ
ଉତ୍ତମର୍ଣ୍ଣ ଯାହାନ୍ତି, ସେ ସାଧୁ ଲୋକ ।' ୯୨
କ୍ଷଣେ ଏସନ ଭାବି ନୈଷଧପତି ,
ହସି କହିଲେ ଦେବେ, କରି ମିନତି ;
ହରଷଟି ଯାଚକେ ଦୁର୍ଲଭ ଲୋକେ ,
ହରଷ ଦେଖି ସୁଖୀ ହେଲେ ଯାଚକେ । ୯୩
"କାର୍ଯ୍ୟ କାରଣେ କିଛି ପ୍ରଭେଦ ନାହିଁ ,
ଅନ୍ନେ ସିନା ଏ ନରଦେହ ବଢଇ ;
ଦୈବତ-ତନୁ ପୁଷ୍ଟି ଅମୃତ-ରସେ ,
ଦେଖି, ଅମୃତେ ବୁଡେ ଦୃଷ୍ଟି ବିଶେଷେ । ୯୪

GPNanda Colln., Digitized by srujanika@gmail.com

କେତେ ମୋ ତପ, କେତେ ଫଳ ବା ତା'ର ?
ହେଲେ ଅଂଶମାନେ ନେତ୍ର ଗୋଚର !
ଧନ୍ୟ ମୋହର ପୂର୍ବ-ପୁରୁଷ-ପୁଣ୍ୟ ,
ଯେ ଫଳେ ପରିଣାମ ହେଲା ଏସନ । ୯୫
ସର୍ବସହନ-ବ୍ରତ ନିୟମେ ମାନ ,
ଦେବୀପଦ କି ଲଭିଅଛି ଅବନୀ !
ଆପଣମାନେ ଯେଣୁ ଏହା ପୂଜନ
ନିଜ ପାଦ ପଙ୍କଜେ କଲେ ବିଧାନ । ୯୬
ପ୍ରାଣ ଅବଧି, କିଂବା ତହୁଁ ଅଧିକେ ,
କି ଇଚ୍ଛା କର ଦେବେ, ନରବାଳକେ ?
କହନ୍ତୁ କେଉଁ ଦ୍ରବ୍ୟ ପୁଣି ଏସନ ,
ପୂଜିବି ତାହା ଦେଇ ପ୍ରଭୁ ଚରଣ ?" ୯୭
ଭାଷନ୍ତେ ଏହିପରି ବରଜ ଉଦୟେ
ବୀରସେନ-ତନୟ ଅତି ବିନୟେ ,
ଚତୁର-ପଣେ ଗୁରୁ ସେ ପୁରନ୍ଦର
ଭାଷିଲେ ବକ୍ର-ଭାବ-ବିଷମ-ଗିର । ୯୮
"ଭୀମରାଜ-ତନୟା-ପାଣି-ପୀଡ଼ନ
ଇଚ୍ଛା କରଇ ମୁହିଁ, ନଳ ରାଜନ ;
ସ୍ୱର-ଭୟ ବିନାଶି, ସୁର-ସୁନ୍ଦର ,
ବିବାହେ ଦୂତପଣ କର ଅମର । ୯୯

GPNanda Colln., Digitized by srujanika@gmail.com

ଅଛନ୍ତି ଶତ ଶତ ଭୂଭର୍ଗେ ନୃପ ,
ଯାଂଚ ଯରି ତୁମ୍ଭେ, ସେମାନେ କୃପ ;
ନାହାନ୍ତି କେତେ କେତେ ଆକାଶେ ଗ୍ରହେ ,
ଭାସ୍କର-ତୁଲା କେଉଁ ଗ୍ରହ ବା ବହେ ? ୧୦୦
ଦେଖିପାରୁ ନୟନେ ଯାହା ଜଗତେ ,
ତୁମ୍ଭ ଗୁଣ-ସାଗର ନୁହେ ଗୁପତ ;
ତୁମ୍ଭଙ୍କୁ ଏ ଅଦୃଶ୍ୟ-ଦ୍ୱାର-ପ୍ରଦାନ
ନ କରି, ନ ହୋଇବ ସନ୍ତୋଷ ମନ ।" ୧୦୧
ସ୍ୱଭାବେ ଶୁଦ୍ଧବଂଶେ ଶଙ୍ଖ ଜନମ ,
ଗୁଣ ଆଶ୍ରୟେ ପୂର୍ଣ୍ଣ କୋଦଣ୍ଡ ସମ ,
ଶରପରି ସପକ୍ଷ ସରଳ ନଳେ ,
ପେଷିବାକୁ କି ତେଣୁ ବଙ୍କ ହୋଇଲେ ! ୧୦୨
ଯେହ୍ନେ ସେହ୍ନେ ବଚନେ କପଟ-ଭାବ
ବୁଝି ବାସବଂକର, ମନ୍ତ୍ରୀ-ବାସବ
ବିହିଲେ ପ୍ରତ୍ୟୁତ୍ତର ତା'ର ଉଚିତ ,
କପଟେ ସରଳତା ନୁହେ ବିହିତ । ୧୦୩
"ପୂର୍ବ ଜନମେ କିଷ ଅଛୁ ଯେ ପାପ
କି ଘୋର ଭୟଙ୍କର ଅଛି ଅମାପ !
ସେ ଫଳେ ତୁମ୍ଭ ଆଜ୍ଞା ବାକ୍ୟ—ଅଜ୍ଞାତ
ଲଂଘନେ ଅଭିଳାଷ ହୁଅଇ ଜାତ । ୧୦୪

GPNanda Colln., Digitized by srujanika@gmail.com

ଫିଟାଇ କହୁଛ ମୁଁ, ନାହିଁ ମୋ ମନ ;
ମଉନ ହେବା ପିନା ସ୍ୱୀକାର-ଚିହ୍ନ ;
ବାରଣ କଲେ ଲଜ୍ଜା ହେଉ, ସେ ଭଲ ;
ନ କରିବା ଦୂଷଣୀ, ସୂଚ ସ୍ୱୀକାର । ୧୦୫
ପ୍ରତିଫଳେ ଆପଣମାନଙ୍କ ମନେ
ସକଳ ବସ୍ତୁ, ଯଥା ସ୍ୱଚ୍ଛ ଦର୍ପଣେ ;
ଯାହାକୁ ଯେଉଁ ଆଜ୍ଞା ନୁହେ ଦେବାର ,
କାହିଁ ପାଇଁ ସେପରି ଆଦେଶ କର ? ୧୦୬
ଯାଉଛ ଆଣିବାକୁ ଯାହାକୁ ବରି ,
କହିବ ତାହିଁ ଦୂତପଣ କପରି ?
ହୋଇ ମହତ ଛଳିବାକୁ ଏ ତୃଣେ ,
ନ ଉପୁଜେ କେସନେ ଘୃଣା ବା ମନେ ? ୧୦୭
ଯାହା ବିରହେ ଭ୍ରମେ ବାଉଳ ହୋଇ ,
ଯା ଲାଗି କ୍ଷଣେ କ୍ଷଣେ ମୋହ ଭଜଇ ,
ଏପରି ଦଶା ଲଭି, କହ କେସନ
ଏ ରହସ୍ୟ ପାରିବି କରି ଗୋପନ । ୧୦୮
ଯାହା ମୂରତି ମନେ ଭିଳ ଜଗତେ
ବଞ୍ଚଇ ଯେହ୍ନୁ, କେହ୍ନେ ତା'ର ପୁରତେ
ପାରିବ ଲଭି ବୋଧ, ଛଳି ଇନ୍ଦ୍ରପ୍ରମୁ ,
ବୁଝେ ହେ ପରା ଏଥି କରନ୍ତୁ ଦୟା । ୧୦୯

GPNanda Colln., Digitized by srujanika@gmail.com

ନ ମାରି ଅନ୍ତଃପୁର-ପ୍ରହରୀ-କୁଳ ,
ହେବ କେ ସମରଥ ଦର୍ଶନେ ତା'ର ?
ମାରିଲେ, ଦେଖି ଉଗ୍ର-ପ୍ରକୃତି-ପୁଂସ ,
ନୋହିବ କୁମାରୀର କେବେ ବିଶ୍ୱାସ । ୧୧୦
ଦଧୀଚି ଅସ୍ଥି ଦେଲା ଜୀବନ-ପଣେ
ଅରଜି ଥିଲେ ଯଶ ଏହି ଭୁବନେ ,
କିପରି ଅର୍ଜିବି, କରି ଏସନ
ମୋ ପ୍ରାଣ-ଶତଗୁଣ-ପ୍ରେୟସୀ ପଣ ? ୧୧୧
ତାହା ପାଇଁ ପ୍ରାର୍ଥନା ଯେବେହେଁ କର ,
ବିନମ୍ରେ ସେହିଟି ପ୍ରାର୍ଥନା ମୋର ;
ଏପରି କାର୍ଯ୍ୟେ ପର ପ୍ରାର୍ଥନା ପାଇ
ଆପଣମାନେ ଗୁରୁ, ବିଶ୍ୱରେ ମୁହିଁ । ୧୧୨
କରିଛି ଅଗେ ନତ ପ୍ରାର୍ଥନା ମୁହିଁ
ତୁମ୍ଭମାନଙ୍କୁ ଭୈମୀ ପାଇବା ପାଇଁ ;
ଲଂଘି ତା' ନୁହେ ଯେବେ ଲଜ୍ଜା-ଉଦୟ ,
ମୁହିଁ କରିବି କିପାଁ ସରମ-ଉପୃ ? ୧୧୩
ଭୀମ-ରାଜନ-ସୁତା ପୂର୍ବୁ ସ୍ୱୀକାର
କରିଛି ବରିବାକୁ ମୋତେ କେବଳ ;
ଦେଖିଲେ ମୋତେ ଲଜ୍ଜେ ବୁଡିବ ସେହି ,
ତୁମ୍ଭମାନଙ୍କୁ କେବେଁ ବରିବ ନାହିଁ । ୧୧୪

GPNanda Colln., Digitized by srujanika@gmail.com

ତେଣୁ ପ୍ରସାଦ ବହୁ, ଦୁଃଖ ନ କର ,
ନୁହଇ ଦର୍ପଣ ଉଚିତ ମୋର ;
ଅଯୁକ୍ତ ରୂପ ମୋତେ କଲେହେ ଦୂତ ,
ଉପହାସ ମାତର ହେବ ଲଜ୍ଜିତ ।” ୧୧୫
ଯେ କାଳେ ଏହପର ନଳ-ବଚନ
ଶୁଣି, ପାକଶାସନ କେତେକ କ୍ଷଣ
ଅନୁଚରମାନଙ୍କ ମୁଖେ ଅନାଇ ,
ହସି ହସି କହିଲେ ତ୍ରିଦଶ-ସାଇଁ । ୧୧୬
" ନିର୍ମଳ ଚନ୍ଦ୍ରବଂଶୁ ହୋଇ ସଂଭୂତ ,
ଏପରି କଥା ନୃପ ନୁହେ ଉଚିତ ;
ଯାଚକେ ଦାନ ଆଗେ କରି ସ୍ୱୀକାର ,
ନୁହ ଲଜ୍ଜିତ, ପୁଣି ନିଷେଧ କର । ୧୧୭
ଦେଖୁ ନାହିଁ କି ଜୀବ-ଲୋକ, ଭୂପାଳ ,
ଅଟେ ଏହା ଅଳୀକ କ୍ଷଣ-ଭଙ୍ଗୁର ;
କେସନେ ପରିହରି ଧରମ-ଯଶ ,
ଚଞ୍ଚଳ ହୁଏ ଧୀର ତବ ମାନସ ? ୧୧୮
ଜନମି ତବ ମହୀ-ଭୂଷଣ-ବଂଶେ ,
କେ ପୂର୍ଣ୍ଣ କରିନାହିଁ ଅର୍ଥୀମାନଙ୍କେ ,
କଳଙ୍କୀ ଇନ୍ଦୁ ତବ ଆଦ ପୁରୁଷ ,
ଅହା କଳଙ୍କୀ ଏଥି ନୁହ ନରେଶ ! ୧୧୯

GPNanda Colln., Digitized by srujanika@gmail.com

ଯାଚକ ପ୍ରତି ଅନାଦର ବିଧାନ
କରନ୍ତି, ପୁଣି ମୌନଭାବ ଧାରଣ ;
ତୁମ୍ଭ ସଦୃଶ ଲୋକେ ଏହା କଳଙ୍କ ;
ଶଶକ ଚିହ୍ନ ବିଧୁ-ହୃଦୟେ ଅଙ୍କ ! ୧୨୦
' ନ କାର ' ବର୍ଣ୍ଣମାଳା ପଢିବା ବେଳେ
ପଢି ନାହିଁ, କି ଭୁଲିଗଲ ଅଚିରେ ;
ଏହୁ ସଂଶୟ-ଦୋଳା ତଳେ 'ନ କାର' ,
ତବ ଯାଚକେ ପଡ଼ି କରଇ ଖେଳ ! ୧୨୧
କହିଲେ ଅଗ୍ନି, "ଛାଡ଼ ନଳ, କିପାଇଁ
ଶଶି-କଳପ-ଯଶ, ସହଜେ ପାଇ ?
ନାହିଁ ଏସନ ଭବେ ଅପର ନର ,
କଳପ-ଦ୍ରୁମ-ପତି ଯାଚକ ଯାର । ୧୨୨
ଦେବତା ମନେ ଉଠେ ଯେ ଅଭିଳାଷ ,
ଉଦୟ ମାତ୍ରେ ଫଳେ ; ଥିଲା ଏ ଯଶ ;
ତୁମ୍ଭ ଉପରେ ଏବେ କର ନିର୍ଭର ,
ଛାଡ଼ ସେ ତୁଙ୍ଗ ଯଶ ଗରବ ତା'ର !" ୧୨୩
ଦେଖି ବିମନା ନଳେ ଭାଷିଲେ ଯମ ,
" କପଟ ମୋହୁଅଛୁ ତୁମ୍ଭଙ୍କୁ ଭ୍ରମ ?
ନୁହେ ଉଚିତ ବୈରସେନି ତୁମ୍ଭର ,
ନୁହଇ ଯୋଗ୍ୟ ଏହା ଚନ୍ଦ୍ରବଂଶର । ୧୨୪

GPNanda Colln., Digitized by srujanika@gmail.com

ରୋହଣ ନାମେ ଗିରି ଅଛେ ପଥର ,
କାମଧେନୁହି ବିନା ପଶୁ ମାତର ,
ଏ ବେନି ପାଶେ ଅର୍ଥୀ ନୁହେ ନିରାଶ ;
ଅହା, କି କରିବାକୁ ଭାବୁଛ ବସ୍ତ ? ୧୬୫
ମାଗିଲେ କେଉଁ ଜ୍ଞାନୀ ବିଳମ୍ବ କରେ ?
ଅଛି କା'ଶକ୍ତି ଷଣେ ପ୍ରାଣ ଉପରେ ?
ପଲକେ ମିଳି ବିନା ବେନି ନୟନ ,
ହୁଅନ୍ତି ଏହିପରି ଛଣେ ମରଣ । ୧୬୬
ଚାତକ ଚଞ୍ଚୁପୁଟେ ମାଗଇ ଜଳ ,
ବିଳମ୍ବେ ହୁଏ ଯେଣୁ ପ୍ରେମ ବିକଳ ,
ସେ ଫଳେ, ଜଳଦାନ କଲେହେଁ ଘନ ,
ନୋହି ମୁକତ, ସଦା ଦିଶେ ମଳିନ ।” ୧୬୭
ପାଶ-ପାଣି ଉଠାଇ କର ତା' ପରେ ,
ସମ୍ବୋଧିଲେ ଉଚିତ ବଚନେ ନଳେ ,
“ ଜୀବନ୍ତ ବିନା ତବ ପ୍ରେୟସୀ ଦାର ,
ଦାନ-ବାରି-ଝର ତା' ମୁକ୍ତା-ହାର ! ୧୬୮
ଅଭେଦ୍ୟ ଯାହା ଚର୍ମ ବରମ-ସମ ,
ଅସ୍ଥି ଯାହାଙ୍କ ବଜ୍ରମୟ ବିଷମ ,
ସେହି କର୍ଣ୍ଣ ଦଧୀଚି ନ ହେଲେ ଚିର ,
ନ କର ଅନାଦର ଧରମେ ଧୀର ୧୬୯

GPNanda Colln., Digitized by srujanika@gmail.com

ଯେ ସତ୍ୟ ପାଶେ ବଦ୍ଧ ବନ୍ଧ୍ୟ ପର୍ବତ ,
ବଳ ଗ୍ରହଣ ନୋହୁଛନ୍ତି ଉଚ୍ଚତ ,
ପଣ୍ଡିତ ତୁମ୍ଭେ, ତୁମ୍ଭ ସଦୃଶ ନର
ସେହି ସତ୍ୟ ଲଂଘିବା ନୁହେ ସୁନ୍ଦର । ୧୩୦
କ୍ଷଣଇ ଚନ୍ଦ୍ରବିମ୍ବ ଯେ ଶୋଭା-ଗୁଣେ ,
ଯେ ଅତେ ଯାଅ, ଯେହ୍ନ ନ ତେଜେ କ୍ଷଣେ ,
ଭଂଗୁର ମୃଗନେତ୍ରୀ - ସଂଗମ ପାଇଁ ,
ସେ କୀର୍ତ୍ତି ଅନାଦରେ କଏ ପିଙ୍ଗଇ ? ୧୩୧
ଯାହାଙ୍କୁ ବରଲାଗି ପୂଜନ୍ତି ନରେ ,
ଅହା ସେମାନେ ଅମ୍ଭେ ଅର୍ଥୀ ଏଠାରେ !
ପୂର୍ବାଙ୍ଗଣ ଅମ୍ଭର ଏ ଅଭିଳାଷ ,
ପୂର୍ଣ୍ଣ ଯଶେ ଦଶଦିଗ କରେଶ । ୧୩୨
ତୁମ୍ଭଠାରେ ଯାଚକ ହୁଅନ୍ତେ ସ୍ୱରେ ,
କଳପଦ୍ରୁମ-ଯଶ-ଶୋଭା ମଉଳେ ,
ଦାନ-କୀରତି-ହସ୍ତ ଲୁଣ୍ଠେ ତା'ର
କରୁ ସେ ଏବେ ଖାଲି ସ୍ୱର୍ଗ ଧବଳ । ୧୩୩
ଭରତ କାର୍ତ୍ତବୀର୍ଯ୍ୟ ବୈଣ୍ୟ ସମାନେ
ପ୍ରବାସି-ଜନେ ଶୁଭ ବିହ ସ୍ମରଣେ ;
ନିଜ ଗଣନ ଯେବେ ମଣ ନିଷ୍ଫଳ ,
ନିଷ୍ଫଳ ହେବ ତେବେ ସବୁ ମଙ୍ଗଳ । ୧୩୪

GPNanda Colln., Digitized by srujanika@gmail.com

ଅମୃତଷ୍ଟେ ତବ   ଅଦ୍ୟ ସ୍ୱରାହ୍ଲାଦ-
ପ୍ରତ୍ୟକ୍ଷ କର ଯଥାର୍ଥ, ନଳ ;
ସ୍ତୁତିପର ତବ   ସେହୁ ପ୍ରଭୃତ
ହେଉ, ସେ ବଚନ ଯଥାର୍ଥ ଗିର ;
ତ୍ରିଭୁବନ-ପାବ-   କୀର୍ତ୍ତି ତବ ପୁଣି
ଅଦ୍ୱୈତ ଶୁକ୍ଳମା ବିସ୍ତାର ହେଲେ ,
କୃଷ୍ଣ ପୀତ ରକ୍ତ   ହରିତ ଏ ତରୁ
ଲୋପ କରୁ ସେହୁ ମହା ବିସ୍ତାରେ । ୧୩୫
ପ୍ରତାପର ପୁଞ୍ଜ   ହୁଅଇ ଜଗତେ ,
ସହସ୍ର ଚରଣ ପଣା ସେ ରବ !
ଯୁଦ୍ଧଠାରୁ ଜାତ   ସେ ଭାନୁ-ତନୟ
ଖଞ୍ଜ, ସେ କପରି ପାରେ ସମ୍ଭବି ?
ଏ ପ୍ରଶ୍ନ ଉତ୍ତର   ସ୍ଥିର ହେଲା ଏବେ ;
ସେ ରବି-ସହସ୍ର-କିରଣ-ପାଦେ
ତବ ତେଜ ଲଂଘି   ନ ପାରଇ ଯହୁଁ ,
ମହା ପଙ୍ଗୁ ତା'ରେ ମଣନ୍ତି ବୁଧେ ।" ୧୩୬
ଦେବଙ୍କ ଏ ଗୂଢ଼ ଶୁଣି ରାଜନ ,
ବୈମୀରେ ଥିଲେହେଁ ଅପଣା ମନ ,
ଦୂତ ହେବାରେ କଲେ ଅଙ୍ଗୀକାର ;
ଇନ୍ଦ୍ର ଭାଷିଲେ ମୁଦେ ତହୁଁ ଗିର:—

GPNanda Colln., Digitized by srujanika@gmail.com

" ହେବ ଅନ୍ତର୍ଦ୍ଧାନ ,
ଯହିଁ ମନ ତବ ହେବ, ରାଜନ ।" ୧୩୭
କବିରାଜରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ;
'ବିଜୟ ପ୍ରଶସ୍ତି'- କର୍ତ୍ତା ସେ ଶ୍ରୀହର୍ଷ ,
ତାଙ୍କ ବିରଚିତ କାବ୍ୟ ଉତ୍ତମ
ନୈଷଧ ଚରିତ ମହାକାବ୍ୟ ; ତହିଁ
ଗଲା ଏ ସୁନ୍ଦର ସର୍ଗ ପଞ୍ଚମ । ୧୩୮

GPNanda Colln., Digitized by srujanika@gmail.com

ପଞ୍ଚମ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୨ — ପଙ୍କ୍ତିନାମା ନୃପ । ପକ୍ଷ ଧର = ସଙ୍ଗେ, ଏକ ଉଦ୍ଦେଶ୍ୟରେ । ଦ୍ୱ୍ୟର୍ଥ ଶ୍ଳେଷ ।

୩୧ — ଜୈମେନ, ଦେବତାଙ୍କର ମୂର୍ତ୍ତିମାନଙ୍କ ନାହିଁ । ବିଗ୍ରହ = ମୂର୍ତ୍ତି ; ଯୁଦ୍ଧ । ଦ୍ୱ୍ୟର୍ଥ ଶ୍ଳେଷ ।

୫୦ — ଏଥି = ସ୍ୱର୍ଗରୁ ।

୬୩ — କ୍ଷ୍ମାପଶୂତା = ପୃଥ୍ୱୀ । ବଳପସୂତ = ଇନ୍ଦ୍ର ।

୭୩ — ଅନଳତା = ଅଗ୍ନିତ୍ୱ ; କଳାଙ୍କିତତ୍ୱ ।

୮୮ — କୌଶିକ ଇନ୍ଦ୍ରଙ୍କର ନାମାନ୍ତର ।

୯୪ — ବୀରସେନ = ନଳଙ୍କ ପିତା ।

୧୦୨ — ଧନୁଶର ସଙ୍ଗେ ଉପମାର ଶ୍ଳେଷ ଅଛି । ବଂଶ = ବାଉଁଶ ।

୧୨୫ — ରୋହଣ = ସ୍ୱର୍ଣମେରୁ; ତାହାର ବଦାନ୍ୟତା ସୁବର୍ଣପ୍ରସିଦ୍ଧ ।

୧୩୪ — ପ୍ରତିଶ୍ରୁତ ସଙ୍ଗେ ଶ୍ରୁତ, ବେଦର ଦ୍ୱ୍ୟର୍ଥ ଶ୍ଳେଷ ଅଛି ।

୧୩୭ — ନଳ, ଯଥେଚ୍ଛା ଅଦୃଶ୍ୟ ହୋଇପାରିବାର ବର ପାଇଲେ ।

GPNanda Colln., Digitized by srujanika@gmail.com

ଷଷ୍ଠ ସର୍ଗ

ପୁରନ୍ଦର-ଦୂତପଣେ କରି ପଣ ଦାନ ;
ଶତ୍ରୁ-ନିସୂଦନ ବୀର ନିଷଧ-ପ୍ରଧାନ
ଆରୋହି ସ୍ୟନ୍ଦନେ, ଭୀମ-ଭୂମିପତି-ପୁର
ଲକ୍ଷ୍ୟ ସେ ଗମନ କଲେ ନୃପତି ସତ୍ୱର । ୧
ଦୃଢ଼ଧର୍ମେ ସ୍ଥିର-ବୁଦ୍ଧି ନଳ ଅଧୀଶ୍ୱର
ନ ଗଣିଲେ ଦମୟନ୍ତୀ ବିଯୋଗ ମନର ;
ସମୁଦ୍ର-ଶୋଷଣେ ମୁନି ମଣିଥିଲେ ଦ୍ୱେଷ୍ଟୃ
ଦୁର୍ବାର ବଡ଼ବାନଳ ପରି ଅନ୍ତଃସ୍ପୃ ! ୨
ନଳ ପ୍ରଣାଳୀରୁ ସେହି ସେହି ଅମରେଶ
କରିବାକୁ ପାନ ଭୈମୀ-ସଂବାଦ-ପୀୟୂଷ ,
ଅପଲକ ନେତ୍ରେ ଅବା ତାଙ୍କ ପଥ ଚାହିଁ
ରହିଲେ ସେ ସ୍ଥାନେ, ନଳେ ଭେଟିଥିଲେ ଯହିଁ ! ୩
ମନୋରଥ ସିଦ୍ଧି ଯଥା, ନଳରଥ କ୍ଷଣେ
ଲଭିଲା ଭୂମିନ୍ଦ୍ର-ପଦ ସେ ପୁର କୁଣ୍ଡିନେ ;
ଏ ଭୂମି-ବାସବ-ପୁରୀ-କୁଣ୍ଡିନ-ବିଭବେ
ଅମରାବତୀ କି ସତେ ଲୁଚିଅଛି ଭବେ ! ୪

GPNanda Colln., Digitized by srujanika@gmail.com

ଭୈମୀ-ଦେ-ସ୍ପର୍ଶେ ପୂତ ଯା ମାର୍ଗସକଳେ ,
ସେହି ଏହି ପୁର ଭାବି ଗୃହିଁଲେ ଅଙ୍କୁଲେ ,
କ୍ଷଣମାତ୍ର ଦେଖି ନେତ୍ର ଯୁଗେ, ନୃପଈଶ
ଦୂରେ ଆଶା ଗତ ଜାଣି, ଛାଡ଼ିଲେ ନିଶ୍ୱାସ । ୫
ରୋମାଞ୍ଚିତ ପକ୍ଷ୍ମେ, ପୁଣି ଆନନ୍ଦାଶ୍ରୁ-ସ୍ୱେଦେ
ବାମ ନେତ୍ର, ଦକ୍ଷ ପୁଣ ସ୍ଫୁରିଲା ସଂପଦେ ;
ଏମନ୍ତ ରୋମାଂଚ, ସ୍ୱେଦ, ବେପଥୁ-ବିଧୁରେ
ନେତ୍ର କଲେ ନବଭୋଗ ସେ ନଗରୀ ଭୂଲେ । ୬
ସାରଥି-ସନାଥ-ରଥୁଁ ଏକା ନୃପବର
ଅବତରି, ପ୍ରବେଶିଲେ ସେ ପୁର ସତ୍ୱର ;
ଦିବାକର-ବିମ୍ବ ଯଥା କିରଣସକଳ
ବାହାରିଣ, ପ୍ରବେଶନ୍ତି ସୁଧାଂଶୁ-ମଣ୍ଡଳ । ୭
କୁଣ୍ଡିନ-ପ୍ରବେଶେ ନଳ-ଦୃଶ୍ୟ-ଅପଘନ
ଅଦୃଶ୍ୟ ହୋଇଲା, ଏତ ବିଚିତ୍ର ବିଧାନ !
ଅଧିକ ବିଚିତ୍ର ପୁଣି ହୁଅଇ ପ୍ରତୀତ ,
ବିଶ୍ୱେ କେବା ଦୃଶ୍ୟ ଯେଣୁ ଏହାଙ୍କ ମୂରତ ! ୮
ବନ୍ଦସ୍ଥ ଜନମଣ୍ଡଳେ, ସୁନ୍ଦର ପ୍ରାସାଦେ ,
ବିମୁଗ୍ଧ କଳପବଲ୍ଲୀ ପୁରୀ-ପଦେ-ପଦେ ,
ନିରେଖି ନୟନେ, ଚିରକାଳ ନରପତି
କଲେ ନିଜଦୃଷ୍ଟି ରାଜ-ମନ୍ଦିର-ଅତିଥି । ୯

GPNanda Colln., Digitized by srujanika@gmail.com

ନ ମାନିଲେ ଦେଖି ଋଷିଗଣ ଅସ୍ତ୍ର-ସାଜେ ;
ଗୁପତେ ଭ୍ରମନ୍ତି ବୋଲି ବୁଝିଲେ ସେ ଲାଜେ ;
ଲଭିଲେ ସନ୍ତୋଷ ଭୈମୀ ଦରଶନ-ଆଶେ ;
ନିଜ ଦୌତ୍ୟ-କଥା ଚିନ୍ତି ଶୋଚିଲେ ବିଶେଷ । ୧୦
ଦେଖି ନ ପାରିଲେ ତାଂକୁ କକ୍ଷେ ଋଷିଗଣେ ,
ଭୁଲୁଥିଲେ ଯେଣୁ ଦେବ-କରମ-ସାଧନେ ;
ଭଇମୀ ଦର୍ଶନେ ଗୃଦ୍ଧିଅଛେ ନେତ୍ରେ ଗୃଦ୍ଧିଁ ,
ଶଙ୍କା ତେଜ, ପଶିଲେ ସେ ପୁରେ ନରସାଇଁ । ୧୧
ନିବାରନ୍ତେ ଅନେ 'କିଏ ଏହି' ବୋଲି କେହି ,
ଶୁଣି ଗ୍ରୀବା ବକ୍ର କରି, ମନେ ଭୀତ ବହି ,
ସାହିଥିଲେହେଁ ନୃପତି ଲଂଘି ସିଂହଦ୍ୱାର ,
ହୋଇଲା ନୟନ ତାଙ୍କ ବିସ୍ମୟେ ନିଶ୍ଚଳ । ୧୨
ଦେଖିଲେ, କେଉଁ ଅବଳା ଅନ୍ତଃପୁରେ ତହିଁ
ଅଙ୍ଗରାଗେ ଉର୍ଦ୍ଧୁଁ ବାସ ଦେଉଛି ଫିଟାଇ ;
ମୁଦିଲେ ନୟନ; ତହୁଁ ଭ୍ରମୁ, କେ ଯୋଷିତ
ଦେହେ ବାଜନ୍ତେ ନୃପତି ହେଲେ ଚମକିତ । ୧୩
ଅନାଦି-ସୃଷ୍ଟି-ପ୍ରବାହେ କମ୍ପା ଚିତ୍ରଫଳେ
ହୋଇଥିଲା ଅନୁଭୂତ ଛିନ୍ନ-ସୂତ୍ରା ନଳେ ,
କିଅବା ଷାମ୍ଭବୀ ଶିଳ୍ପ କଲା ସେ ମଦନ ,
ଦଶେ ଦଶେ ଦମୟନ୍ତୀ ଦେଖିଲେ ରାଜନ ! ୧୪

GPNanda Colln., Digitized by srujanika@gmail.com

ଭ୍ରମେ ଦମୟନ୍ତୀ ନଳେ ଦଶେ ଚଉପାଶେ ;
ଆନ କେ ସୁନ୍ଦରୀ ଛଳେ ମନକୁ ନ ଆସେ ;
ଦେଖିବାରୁ ଭ୍ରମେ ଦମୟନ୍ତୀ ଗୃହଆଡେ ,
ନ ହୋଇଲା ଦମୟନ୍ତୀ-ଭ୍ରମ ତାଂକଠାରେ । ୧୫
ଦମୟନ୍ତୀ-ଲାଭେ ହୃଦେ ହେଲେହେଁ ନିରାଶ ,
ମନସିଜ କଲା ବଳେ ବିରହେ ବିବଶ ;
ଭ୍ରମେ ଦମୟନ୍ତୀ ଦେଖି, ଭ୍ରାନ୍ତି ନାଶେ ପୁଣ
ନ ଦେଖି, ବିଷାଦେ କ୍ଷଣେ ହେଲେ ଉନମନ । ୧୬
କଳ୍ପନା-ନୟନେ ଦେଖି ପ୍ରିୟା ନରଈଶ ,
ଲଭିଲେ ଅଳପେ ଯେବେ ଦଗୀଶ-ସଂଦେଶ ,
ଅଦୃଶ୍ୟ ବଚନେ ଭୃଙ୍ଗ-ଭୟେ ବାଳାଗଣ
କଲେ ରବ; ନଳ ଶୁଣି ଲଭିଲେ ଚେତନ । ୧୭
ଦେଖିଲେ କେଉଁ ସୁନ୍ଦରୀ-ତନୁ-ବସ୍ତ୍ର ଉଡେ ,
ସତେ ବା କୁଚ ମର୍ଦ୍ଦନେ ବାୟୁ ତାହା କାଢେ !
ତେଣୁ ବୁଡ଼ିଲେ ମହାକ୍ଷେ ନିଷଧ-ରାଜନ ,
ଫେରାଇଲେ କ୍ଷଣେ ବଧୂ-ବିଜୟୀ ବଦନ । ୧୮
ବାଳାବଳ-ଗୁଣାବଳ ଯୋଗେ ସାଜିକାମ
ଅନ୍ତଃପୁରେ ପାଉଲେହେଁ ବାଗୁରା ବିଷମ ,
ନୈବଦ୍ୟୁ ହରିଣ ତାଙ୍କର କାଳସାର
ନ ହେଲା ସମର୍ଥ ବାନ୍ଧିବାକୁ ପଞ୍ଚଶର । ୧୯

GPNanda Colln., Digitized by srujanika@gmail.com

ବାନ୍ଧୁଥିଲା କେଶ କେହୁ, ଦେଖୁ ବାହୁମୂଳ ,
ବିଲେପନେ ଜହ୍ନୁ ଦେଖି ବକ୍ଷୋଜ ଯୁଗଳ ,
ଖସାନ୍ତେ ଉରୁଁ ବସନ ଦେଖୁ ନାଭି-ସ୍ଥାନ ,
ନମେ ଉର୍ଦ୍ଧ୍ବ ନମ୍ନେ ଗଳ ମୁଦ୍ଦଲେ ନୟନ । ୨୦
ମୁଦନ୍ତେ ନୟନ ବେନି ପାଶୁଁ ବେନି ନାରୀ
ନ ପାରିଲେ ପୀଡ, ସ୍ତନ-ବ୍ୟବଧାନେ ଭରି ,
ଧୃଷ୍ଟି ହୃଦେଁ, ଦେଖି ପୁଂସ-ସଙ୍ଗର ପୁଲକ ,
ମନେ ନନ୍ଦାକଲେ ନଜ ଶରୀରେ ଅନେକ । ୨୧
ନମୀଳ ନୟନ, ପୁଣି ମୃଷ୍ଟ ଦେଖି ଗୃହେଁ ,
ଭାବି ପୀଡା ନାରୀଙ୍କର, କଣ୍ଠାଶ୍ଲେଷ ଅନାଇଁ ,
ସ୍ୱଗଦର୍ଶୀ ପରି ଲାଜେ ବୁଡ଼ିଲେ ରାଜନ ;
ପରୁଁ ବଳି ନଜୁ ଲାଜ ପୀଡେ ସାଧୁଜନ । ୨୨
କଣ୍ଠାଶ୍ଲେଷ ସେ ନଲେ, ପୁଣି ପୁଲକେ ଯୁବତୀ
ଦେଖି, ପରସ୍ପର-ପ୍ରେମ-ଭ୍ରମେ ରତିପତି
ପେଷିଲା ଯା ପୁଷ୍ପଶର, ନ ହେଲା ବିଫଳ ;
ନଳ-ଧୈର୍ଯ୍ୟ-ପୂଜା ଲଗି ହେଲା ଉପହାର ! ୨୩
' ଛାଡ଼ ଏକପଦୀ ମାର୍ଗ ଚତୁଷ୍ପଥେ ଗଲେ ,
ଭ୍ରମଣେ ଅବଳା-ସ୍ପର୍ଶ ନ ହୋଇବ ଛଳେ ,'
ସେ ସାଧୁ–ପ୍ରବାଦ ମନେ ଏମନ୍ତ ବିଚାରି ,
ବିସ୍ତାକଲେ ଚତୁଷ୍ପଥେ ଅଭରଣ-ସରି , ୨୪

GPNanda Colln., Digitized by srujanika@gmail.com

କେଉଁ ନାରୀ ଲେପିଥିଲା ହୃଦୟେ ଚନ୍ଦନ ,
ଦେଖି ଫେରିଲା ଅଚିରେ ନୃପତି-ନୟନ ;
କୁଚରେ ନଖ-ଅଙ୍କ ଅର୍ଦ୍ଧ-ଇନ୍ଦୁ-ଲୀଳା ଧରେ ,
ବିରହୀ ସେ ନଳେ ଗଳହସ୍ତେ କି ନବାରେ ? ୧୫
ତନୁ-ଅଙ୍ଗୀ-ମୁଖଚନ୍ଦ୍ର କରନ୍ତେ ଦର୍ଶନ
ମଉଳି ବିରହୀ-ନୃପ-ପଙ୍କଜ-ନୟନ ,
ସେ ଚନ୍ଦ୍ର ଏ ସରୋରୁହ ହେଲାଟି ପ୍ରମାଣ ,
ଶଶାଙ୍କ-ଦର୍ଶନେ ପିନା ମଉଳେ ନଳିନ ! ୧୬
ଚତୁଷ୍ପଥେ ନରବର ମୁଦନ୍ତେ ନୟନ ,
ଅଳଙ୍ଘି ଥାଅନ୍ତେ ଗୃହିଅଙ୍ଗୁ ନାରୀଜନ ;
ଲାଗି ତାଙ୍କ ଦେହେ, ଭୟେ ନିବୃତ୍ତ ନହୋଇ ,
ଛଡ଼ା ନ ଥନ୍ତେ ସେ ତାଙ୍କ ମାର୍ଗ ଯେବେ ତହିଁ । ୧୭
କେଉଁ ନାରୀ-ଅଙ୍ଗ ବାଜୁଁ ନଳ କଳେବରେ ,
ଖସିଲା ବସନ ତାଂକ ଭୂଷା-ହୀରାଂକୁରେ ;
ବିବସନ ନିତଂବ ଦେଖୁଣ ତା'ର ନୃପ ,
ଲଭିଲେ ମନରେ ସେହି ସଂତାପ-ପାତକ । ୧୮
କେଉଁ ନାରୀ କଲା ପଥେ କନ୍ଦୁକେ ଅର୍ପିତ ,
ବାଜ ଅଙ୍ଗେ କେହୁ ପୁଣି କଲା ନଖେ କ୍ଷତ ,
କୁଚ-କୁଂକୁମ ବୋଳିଲା କିଏ ପୁଣି ଦେହେ ,
ସଂଭୁକ୍ତ-କଲପ ହେଲେ ନାରୀଗଣେ ଶ୍ରୀଏ । ୧୯

GPNanda Colln., Digitized by srujanika@gmail.com

ଦେଖିଲା ବେ ନଳ-ପ୍ରତିବିମ୍ବ ନିଜ ଦ୍ୱାରେ ,
ଯାଅନ୍ତେ ତହିଁ, ଅଦୃଶ୍ୟ ହୁଅନ୍ତେ ଅଚିରେ ,
ଭାବିଲା ସ୍ୱନାରୀ, ହୋଇ ବିରହ-ମଳିନ ,
'ପଶିଲେ ହୃଦୟେ ସେହୁ ପୁରୁଷ-ରତନ !' ୩୦
ନଳ-ପ୍ରତିବିମ୍ବେ ଧୈର୍ଯ୍ୟ ହାରିଲେ ସକଳେ ,
ଆଲିଙ୍ଗିଲା ପ୍ରତେ୍ୟକଂକୁ ଅନଙ୍ଗ ସେ କାଳେ ;
ଚିତ୍ତପରି ଯେଣୁ ସେହୁ ସକଳ ସୁନ୍ଦରୀ ,
ନ ପାରିଲା କେଏ ରତି ତହିଁ ସ୍ଥିର କରି । ୩୧
ଛାୟାରୂପ ଦେଖିଲେହେଁ, ମୋହେ ହୋଇ ଭୋଳ ,
ନ ଡରିଲେ ଅଦୃଶ୍ୟ ରାଜନେ ନାରୀକୁଳ ;
ମନମଥ-ଆଜ୍ଞା ମାନି, ସୁଲୋଚନାଗଣ
ମଣିଲେ ନଳର ପ୍ରାଣ ତୁଚ୍ଛ ଯେହ୍ନେ ତୃଣ । ୩୨
ଦେଖି ପ୍ରତିବିମ୍ବ ଆଗେ ଯେଉଁ କମ୍ପ ଜାତ ,
ନଳ-ସ୍ପର୍ଶେ ପୁଣି ତାହା ହେଲା ଦ୍ୱିଗୁଣିତ ,
ତହିଁ ଦ୍ରୁତଗାମୀ-ନଳ-ପଦଶବ୍ଦ-ଦରେ
ସେ କଂପ ସହସ୍ର ଗୁଣେ ବଢ଼ିଲା ଦଣ୍ଡରେ । ୩୩
ନଳ-ଅଙ୍ଗ-ସଂଗୁ ନାରୀ-ଅଙ୍ଗର ଉଲ୍ଲାସ ,
ପ୍ରତିବିଂବ ଦେଖି ନେହେ ପ୍ରସାର-ପ୍ରକାଶ ,
କି ବିଚିତ୍ର ? ଅଚେତନ ପ୍ରେମ ଯା ଶିହରେ ,
ରତି ପତି ପାଷାଣ-ନର୍ତ୍ତନ ସିଦ୍ଧା କରେ ! ୩୪

GPNanda Colln., Digitized by srujanika@gmail.com

କେଉଁ ନାରୀ ଲଭି ସଂଗ ଯହିଁ ହରଷିତ ,
ଅସିଲା ସେ ସ୍ଥାନେ ପୁଣି ସେ ଅଙ୍ଗଣ ଭୁରିତ ;
ଧୂଳିପରେ ପାଦ ଚିହ୍ନ ନରେଖି ସେଠାରେ ,
ପଡ଼ି ତହିଁ, 'କର ଦୟା' ଭାଷିଲା ସେ ଧୀରେ । ୬୫
ଦଇମୀ-ବରଦ୍ଧେ କ୍ଷୁଣ ନଳ-ନରପତି
ଭ୍ରମନ୍ତେ ଅତି ଆଗ୍ରହେ ସତ୍ତ୍ୱ-ସତତ ,
ଅଧିତ୍ୟକା ଦେଶେ ବାରଂବାର ବିଶ୍ରମିଣ ,
ବନ୍ଧୁତଜ ଅଟ୍ଟାଳିକା କଲେ ଆରୋହଣ । ୬୬
କମଳିନୀ-ଦଳେ ଲେଖି ମରାଳ ଯେସନ ,
କରଥିଲା ତାଂକୁ ଭୈମୀ-ମୂରତି ପ୍ରଦାନ ,
ଲେଖି ସେହି ରୂପ ତହିଁ ଦେଉଁ କଣ୍ଠହାର ,
ଦେଖି ବିସ୍ମୟ ନହେଲା ସେଠାରେ କାହାର ? ୬୭
ସେ ଚତ୍ୱରେ ଲେଖିଥିଲେ ପ୍ରେୟସୀ ସ୍ୱଜନ ,
କୁମାରୀ-ସୁଲଭ-ଖେଳ କରି ନିବାରଣ
ଯୁବଲୀଳା ପଢ଼ାଇଲା ବୋଲି କି ଦେଖାଇ
ରୋମାବଳୀ ବେତ୍ରରୂପେ ରଚିଥିଲା ତହିଁ । ୬୮
କ୍ରୀଡ଼ନ୍ତି ବାଳକେ ପଥେ କର୍ପୂର-ଧୂଳିରେ ,
'କାହିଁ ଚକ୍ରବର୍ତ୍ତୀ-ପଦ-ଚିହ୍ନ ଏ ତହିଁରେ' ?
ବୋଲି ପଦନ୍ୟାସେ ତହିଁ ତରୁଣୀ ସକଳ
ଦେଖିଣ, ବିଚିତ୍ର ମଣି, ହେଲେ ତହିଁ ଭୋଳ । ୬୯

GPNanda Colln., Digitized by srujanika@gmail.com

ନିଜ ନିଜ ଗୃହୁ ଶୋଭା ଯଉବନ-ଭରେ
ଦେଖୁଥିଲେ ମୃଗନୟନୀ ବେନି ପରସ୍ପରେ ,
ଗମନ୍ତେ ଏକାଳେ ତାଂକ ମଧ୍ୟେ ନୃପଗଣ ,
ବ୍ୟବଧାନେ କଲେ ତାଂଙ୍କୁ ବିସ୍ମୟେ ମଗନ । ୪୦
କାହିଁ ପୁରସ୍ତ୍ରିତ-ନୀଳ-ଭୂଷା-ଚେହଗଣେ
ନିଜ ନିଜ ପ୍ରତିବିମ୍ବ ଦେଖି ନାରୀମାନେ ,
ନ ଦେଖି ସେ ଅଲଙ୍କାର, ଦେଖି ଛାୟା ଖାଲି ,
ଆଶ୍ଚର୍ଯେ ଦେଖନ୍ତି ତହିଁ କେତେ ବାର ବାଲି । ୪୧
ପରସ୍ପରେ ଲକ୍ଷ୍ୟ, ପିଙ୍ଗି କନ୍ଦୁକ ସ୍ୱନାରୀ
ଖେଳୁଥିଲା, ଅର୍ଦ୍ଧପଥେ ନଳ ଅଙ୍ଗେ ପଡ଼ି
ପଡ଼ନ୍ତେ ଭୂତଳେ, ଅଙ୍ଗରାଗେ ବିଚ୍ଛୁରିତ
ଦେଖି, ବିଧୁମୁଖୀଗଣ ହୋଇଲେ ଚକିତ । ୪୨
ନିଜ ସ୍ୱାମୀ ଭିନ୍ନ ଅନ୍ୟ ପୁରୁଷ-ବଦନ
ନ ଦେଖିବେ ପତିବ୍ରତା, କରିଥିଲେ ପଣ ,
ନଳଂକର ଛାୟାରୂପ ଦେଖିଣ ଭୂତଳେ ,
ନୟନ-ଫଳ କେବଳ ପାଇଲେ ସକଳେ । ୪୩
ତାଂକ ଛାୟା ଦେଖି, ଭ୍ରମେ ଭଲିଲେ ଯୁବତୀ ,
'ଆମ୍ଭପରି ସତେ ଏହୁ ଅବନୀ ଯୁବତୀ ,
ଧରେ କାମ ହୃଦେ ଭୀମ-ମହୀପତି ପାଇଁ ,
ବିନୟନ-ନେତ୍ରାନଳେ ମାଲ ସେ ଦହଇ ।' ୪୪

GPNanda Colln., Digitized by srujanika@gmail.com

ପ୍ରଭବନ୍ତେ ରୂପମାତ୍ର ଦେଖି ନଳଙ୍କର ,
ମଣୁଥିଲେ ସୁନ୍ଦରୀଏ, 'ଏହୁ ପଞ୍ଚଶର' ,
ଭଂଗା ଢଳଧାରୁ ବଳି, କନକ-ସୁନ୍ଦର ,
ଦେଖିତ ନାହାନ୍ତି ତାଂକ ସ୍ୱରୂପ ଶରୀର । ୪୫
ଆପଣେ ଅଦୃଶ୍ୟ ଥାଇ, ମଣି-ଭୂମିତଳେ
ପ୍ରତିବିମ୍ବ-ଦେହରାଜି ବରଚି ସେ ପୁରେ ,
ମଂଦରେ ମଂଦରେ ପଶି, ବିଯୋଗୀ ରାଜନ
ଯୋଗୀସମ କର୍ମଧ୍ୟାନ ସାଧିଲେ ଏସନ । ୪୬
'ଭ୍ରମୁ ଭ୍ରମୁ ପଡେ ପୁଂସେ ଛୁଇଁଲି ମୁଁ ସହି' !
'ଦେଖିଲି ମୁଁ, ମନେ ହୁଏ, ପୁରୁଷର ଛାଇ' !
'ତର୍କିଲି ମୁଁ, କହୁଥିଲା କଥାକେ ପୁରୁଷ' !
ନାରୀଗଣେ ଏହିପରି ଶୁଣିଲେ ଘିଡଶ । ୪୭
ଜନନୀ ପ୍ରଣମି ଭୈମୀ ଆସନ୍ତେ ମାର୍ଗର ,
ନରପତି ସଂଗେ ଭେଟ ହେଲା ତାହାଂକର ,
ପୃଷ୍ଠପର ଜାଣିଲେ ସେ ତାଂକୁ ଭୈମୀ-ଭ୍ରାନ୍ତି ;
ନ ଦେଖିଲେ ଦମୟନ୍ତୀ, ଅଦୃଶ୍ୟ ନୃପତି । ୪୮
ଜନନୀ କୁସୁମ-ମାଳା ସ୍ନେହେ ଥିଲେ ଦେଇ ,
ଭ୍ରାନ୍ତିରେ କରେଣି ଦମୟନ୍ତୀ ନରସାଇଁ ,
ତାଂକୁ ଲକ୍ଷ୍ୟ ସ୍ନେହେ ଫିଙ୍ଗି ଦୁଅନ୍ତେ ସେ ମାଳା ,
ସତେ ପାଶେ ଥିଲେ ନଳେ ଅଲଗିଲା ଗଲା ! ୪୯

GPNanda Colln., Digitized by srujanika@gmail.com

କଳପନା-ଦୃଷ୍ଟ-ଜନ-ପ୍ରସାଦ ଏ ମାଳ ,
ସତ୍ୟ ହେଲା କେସନେ ? ବଞ୍ଚିତ ହେଲେ ନଳ ;
ଫିଙ୍ଗିଲେ କୁସୁମ ମାଳା, ନ ହେଲା ସେ ଦୃଶ୍ୟ ,
ବଞ୍ଚିତ ହୋଇଲେ ବାଳା ନ ବୁଝି ରହସ୍ୟ । ୫୦
ଏକସ୍ଥାନେ ବେନି ଜନେ ହେଲେହେଁ ମିଳିତ ,
ଅନ୍ୟସ୍ଥାନେ ଥିଲା ପରି ବର୍ତ୍ତନ୍ତି ଚିତ୍ତ ;
ମୋହେ ମଜୁଥାନ୍ତି ପୁଣି ମିଥ୍ୟା ଆଲିଙ୍ଗନେ ,
ଯଥାର୍ଥରେ ଆଲିଙ୍ଗନ୍ତି ପରସ୍ପରେ ମନେ । ୫୧
ନଳ-ଅଙ୍ଗ-ସଙ୍ଗ ଲଭିଲେହେଁ ଦମୟନ୍ତୀ ,
ଅଦର୍ଶନୁ ସଦା ମନେ ମଣୁଥାନ୍ତି ଭ୍ରାନ୍ତି ;
ଦେଖିଲେହେଁ ନୃପେ ତାଙ୍କୁ ନ ପାରନ୍ତି ଧରି ,
ସାତ୍ତ୍ୱିକ-ବିକାରେ ସ୍ତମ୍ଭ ଶରୀରେ ସଂଚରି । ୫୨
ସତବୋଲି ଅତିହର୍ଷେ ସ୍ପର୍ଶ-ସୁଖେ ମାତି ;
ମିଛ ପରି ମଣି, ତାହୁଁ ନିବର୍ତ୍ତନ୍ତି ମତି ;
ସତେ ପୁଣି ଏକାନ୍ତେ ପରଶି ବେନିଜନ ,
ନହୁଏ ପରତେ, ଦୁହେଁ ବିମୋହେ ମଗନ । ୫୩
ରୂପଶିରୀ ପରସ୍ପର-ସୁଖ ଉପୁଜାଏ ,
ବହୁସ୍ଥଳେ ସତ୍ୟ ମଣି, ଆଲିଙ୍ଗନ୍ତି ଦୁହେଁ ;
ଥରେ ଥରେ ହେଉଥାଏ ଅଳୀକ ପ୍ରତୀତ ,
କେଳି-ରସୁ ନିବର୍ତ୍ତାଇ ନ ପାରନ୍ତି ମତି । ୫୪

GPNanda Colln., Digitized by srujanika@gmail.com

ବିପ୍ରଲମ୍ଭ ବେଦନାଜନ ହୃଦୟେ ସେ କାଳେ
ପରସ୍ପର-ସ୍ପର୍ଶ-ରସ-ଊର୍ମି-ସେକ-ବଳେ
ମଉଳ କ୍ଷଣେକ ମାତ୍ର, ବଢିଲା ଦ୍ୱିଗୁଣ ,
ପ୍ରଦୀପର ଶିଖା, ତୈଳ-ପ୍ରଦାନେ ଯେସନ । ୫୫
ତହୁଁ ଦମୟନ୍ତୀ କଷ୍ଟେ ଗଲେ ନିଜ ଗୃହ ;
କେବେ ଭଜି ଜ୍ଞାନ, ପୁଣି କେବେ ଅବା ମୋହ ,
ଭ୍ରମିଲେ ବାଉଳ ପରି ରାଜା ଅନ୍ତଃପୁର ;
ଦେଖୁଥାନ୍ତି ଭ୍ରମେ ଦମୟନ୍ତୀ ବାରଂବାର । ୫୬
ଯେହ୍ନେ କେହ୍ନେ ଏସନେ ସେ ନିଷଧରାଜନ
ବହୁ କଷ୍ଟେ ସେହି ପୁରେ କରିଣ ଭ୍ରମଣ ,
ଗଲେ ବଇଦର୍ଭୀ-ନିକେତନ ମନୋହର ,
ଅଭ୍ରକଂଶ ପ୍ରସାଦେ ଯେ ଅଟଇ ରୁଚିର । ୫୭
ତହିଁ ପୁରୋଭାଗେ ମଣି-ବେଦିକା-ଉପର
ବିଲୋକିଲେ ଭୈମୀ-ସଖୀ-ସଭା ନରବର ;
ଶତଶତ ସଖୀ ତହିଁ ସରସ ବିଳାସେ ;
ସ୍ମର-ଅବରୋଧ-ଭ୍ରମ ଜନ୍ମାଏ ମାନସେ । ୫୮
କରୁଥିଲା କେଉଁ ବାଳା ତହିଁ କଳ ଗାନ ,
ଦେଖି ପ୍ରଶଂସିଲେ ତା'ରେ ନିଷଧ-ରାଜନ ;
ଜିଣିଅଛି କଣ୍ଠ ପିକ-ବେଣୁ-ବୀଣା-ସ୍ୱର ,
ତହିଁ ତିନ ରେଖା ନିକ୍ଷ ସୂଚକ ତାହାର ! ୫୯

GPNanda Colln., Digitized by srujanika@gmail.com

'ଦେଖ ଏହୁ ନଳ, ଦୁଃଖ ତେଜ ଅଗୋ ସହି',
ସଜନୀ-ସାଂତ୍ୱନା-ବାଣୀ ଶାରୀ ଶିଖି ଯହିଁ,
କରେ ବସି କରୁଥିଲା, ସାଂତ୍ୱନା ପ୍ରଦାନ,
ଶୁଣି, 'ଦେଖିଲେ କି ମୋତେ ?' ଭାବିଲେ ରାଜନ ।
ଯହିଁ କେହୁ ସଖୀ ସାଜି ଦମୟନ୍ତୀ-ବେଶେ,
ପରିହାସେ ନଳ କରି ସଖୀଏ ସୁହାସେ,
ମାଳୁଣୀ-ଆଣିବା-ମାଳ ତା' ଗଳେ ଲମ୍ବାଇ,
ସାଧ୍ୱସ ଭଞ୍ଜିଲା ; ନଳ ଦେଖିଥିଲେ ରହି । ୬୧
ବିମଳ-ଭଳକ ତନ୍ତ୍ରେ କେହୁ ଚନ୍ଦ୍ରମୁହାଁ
ଚନ୍ଦ୍ରମୁହାଁ-ସଖୀ-ମୁଖ-ଛଳକକୁ ଚାହିଁ,
ପଟୁତର ପ୍ରତିବିମ୍ବେ ଯହିଁ ଚନ୍ଦ୍ରସ୍ଥିତ
କରୁଥିଲେ ଅଘଟନ, ଦେଖିଲେ ନୃପତି । ୬୨
କାଞ୍ଚନ-କେତକୀ-ଦଳେ ଯହିଁ କାନ୍ତି ଗାରେ
ଲେଖିଥିଲା ଦମୟନ୍ତୀ ନଖ-ଲେଖନୀରେ
କାମ-ଲେଖା ନଳ-ପାଖେ, କ୍ଷଣକେ ଅକ୍ଷର
ହୋଇଥିଲା ମସୀବର୍ଣ୍ଣ ଅତି ସମୁଜ୍ଜ୍ୱଳ । ୬୩
ହେଲେହେଁ ଅତି କୁଶଳ ଚିତ୍ର-କର୍ମେ, ଯହିଁ
ଭୈମୀ-ଚିହ୍ନ ଚିହ୍ନିବାକୁ ଇଚ୍ଛି କେହୁ ସହି,
କର-ଚନ୍ଦ୍ରେ ଧରି, ଲେଖେ ବିଳାସ-କମଳ ;
ନେବେ ନ ପାରି,ଚଢ଼ାଇ ଶ୍ରବଣ-ଉତ୍ପଳ ; ୬୪

GPNanda Colln., Digitized by srujanika@gmail.com

ଯହିଁ ଭୈମୀ ମଧୁକଣ୍ଠ-ସମ ବୀଣା ଧରି ,
କଳ-ପ୍ରିୟ-ମୁନି-ଶିଷ୍ୟ ଗନ୍ଧର୍ବ-ସୁନ୍ଦରୀ
ଭୈମୀ-ପାଶେ କରୁଥିଲେ ବୀଣା-ବିନୋଦନ ;
ଯେ କଣ୍ଠ ଶିଖିବେ ବୋଲି ସତେଙ୍କ ସାଧନ ! ୬୫
ଅର୍ଦ୍ଧଚନ୍ଦ୍ର-ନିଭ ନଖ-ଚିହ୍ନ ଦେଖି ସ୍ତନେ ,
ଭାଷିଲେ କେଉଁ ସଖୀକି ଆନ ସଖୀମାନେ ,
'ହର-ଭୟୁଁ ଲୁଚି ସତେ ପୟୋଧରେ ତବ
କରଇ କି ନାବକେଳ ସଖି, ଉଡୁଧବ !' ୬୬
ପ୍ରଦ୍ୟୁମ୍ନ-ଜନକର ହିନା ସ୍ମର-ଶର ହୋଇ ,
ଦମୟନ୍ତୀ ହୃଦ ପୀଡ଼ି, ଏତେ କଷ୍ଟ ବହି ,
ମାଳା ଗୁନ୍ଥିବାରେ ସୂଚୀ ଅଗ୍ରେ ଫୋଡ଼ି ଫୁଲ ,
ନେଉଥିଲା କେଉଁ ସଖୀ ପ୍ରତିଶୋଧ ତାର । ୬୭
ହସିଲା ତାହାକୁ ଭୈମୀ ତହିଁ ଭୟ ବହି ,
'ଛଡ଼ ଛଡ଼ ଏତେ ଦୁଃସାହସ ଅଗୋ ସହି ;
କରୁଛୁ କି ମନ୍ଦପଣ, ଦେଉଛୁ ମଦନେ ,
କୁସୁମ-ସାୟକ ହିନା ସଙ୍ଗ କର ଗୁଣେ ! ୬୮
କୁଚ-ପତ୍ରାବଳୀ-ମଧ୍ୟେ ଲେଖିଣ ମକରୀ ,
ଭାଷେ କେଉଁ ସୁମଧ୍ୟମା ପରିହାସ କରି ,
'ମୁକ୍ତାହାର ସୁରଧୁନୀ ବସଇ କେସନ !
ମଣେ ତବ ଏ ମକରୀ ସୁରଧୁନୀ-ଯାନ !' ୬୯

GPNanda Colln., Digitized by srujanika@gmail.com

ପୁଣି ତାହାଙ୍କୁ ଭଷିଲା ସେହୁ ସହଚରୀ ,
'ଏ ତୋ ହୃଦସ୍ଥିତ-କାମ-ବାହନର ନାରୀ ,
ଲୁଚ-କୁମ୍ଭେ ସିଂଧୁ-ଜଳଜନ୍ତୁ କରି ସ୍ଥିତ ,
ବଢ଼ାଉଛି ତା'ର ଯଶ ବିସ୍ତାର ପ୍ରଶସ୍ତି ।' ୨୦
ଉଷସନ୍ତେ କେଉଁ ସଜନୀ ଅକ୍ଷ-କ୍ରୀଡ଼ାକାଳେ ,
'ମାର ଏ ଚଳନ୍ତା ସାର', ଶୁଣିଣ ଥକଲେ
ନିଜ ନାଶ ଭ୍ରମେ ସାରୀ କଲା କାକୁ ସ୍ୱର ,
ଦେଖି ତାହା ହାସ୍ୟ-ମୁଖ ହେଲେ ନରେଶ୍ୱର । ୨୧
ଦମୟନ୍ତୀ ପାଶେ ଦେଖି ନୃପତି-କେଶରୀ
ସୁନା-ହଂସ-ପାନପାତ୍ର, ରୂପେ ହଂସପତ୍ର ;
କଲ୍ୟ ଯେହ୍ନେ ଉପକାର ପ୍ରିୟା-ଦୂତ-ପଣେ ,
ଭ୍ରମେ 'ଏ ସେହି ମରାଳ', ବିଚାରିଲେ ମନେ । ୨୨
ସଖିସମାଜରେ 'ଏହି ସେ ବାଳା ରତନ'
ବୋଲି, ଦମୟନ୍ତୀ ବାର ନେଲେ ସେ ରାଜନ ;
ସଙ୍ଗ-ସଖୀ-ମେଳେ ସେହ୍ନେ ଅପରୂପ ରୂପେ
ଦେଖି, ନ ପଚାରି, ଜଣା ପଡ଼ିଗଲେ ନୃପେ । ୨୩
ଦମୟନ୍ତୀ-ମନ ତୋଷିବାକୁ ସଖୀମାନେ
ଲେଖିଥିଲେ ନଳ-ରୂପ ଭୂମେ ନାନାସ୍ଥାନେ ,
ତେଣୁ ନଳ-ଛାୟା ମଣି-ବେଦିକା-ଉପରେ
ଦେଖିଲେହେଁ, ତର୍କି ନ ପାରିଲେ କେହି ତଳେ ।

GPNanda Colln., Digitized by srujanika@gmail.com

ପାବକ, ବରୁଣ, ଯମ ପେଷିଥିଲେ ଦୂତ ;
କରୁଥିଲେ ଭୈମୀଠାରେ କେତେ ସେ ମିନତ ;
ନୈଷଧେନ୍ଦ୍ରେ ଦମୟନ୍ତୀ ବରନେ ସକଳେ ,
ଦୂତକର୍ମେ ବଡ ଅଶା ହ୍ରସ୍ୱ ହେଲା ନଳେ । ୭୫
ସଖୀ-ଜନ-ସମାବୃତ ଇନ୍ଦ୍ରଦୂତୀ ଧରି ,
ନିଜର ଉତ୍ତର ଭୈମୀ କହୁଥିଲେ ଫେଡ ,
ସଭା ମଧ୍ୟେ ଶୁଣି ତାହା ସଭୟ ଅନ୍ତରେ ,
ମଞ୍ଜଳ କ ଯାଉଥାଏ ନିଜ ଅଶା ନଳେ ! ୭୬
ଇନ୍ଦ୍ରଦୂତୀ କହେ, "କରୁଅଛି ନିବେଦନ ,
ଶୁଣ କୃପା ବହି, କରି ଦିବ୍ୟ ଅବଧାନ ,
ସ୍ୱପାଠ୍ୟ ନୁହଇ ଦେବ-ଲିପି ମର୍ତ୍ତ୍ୟପୁରେ ,
ତେଣୁ ବାର୍ତ୍ତା ଦେଇ ଇନ୍ଦ୍ର ପେଷିଛନ୍ତି ମୋତେ । ୭୭
ବିଳାସ-କଳ୍ପନେ ହୃଦେ ପୀଡ ସେହୁ ତୋରେ,
ଅନାମୟ ପ୍ରଶ୍ନ ପେଷିଅଛନ୍ତି ତୋଠାରେ ;
ତବ ଅଲିଙ୍ଗନ-ଭବେ କଣ୍ଟକିତ ରୋମେ
ଆଉ ସବୁ କଥା କହୁଛନ୍ତି ନିବେଦନେ । ୭୮
ହୋଇଲେହେଁ ତୁମ୍ଭ ଲାଗି ହୃଦୟେ ପ୍ରେରିତ ,
ଲଜ୍ଜା ଅପରାଧେ ଯେଉଁ କଣ୍ଠେ ମୌନବ୍ରତ ,
ବରଣ ମାଳିକା ଧରି, ସ୍ୱୟଂବର-ସ୍ଥାନେ
ଦଣ୍ଡ ସେହି ଇନ୍ଦ୍ର-କଣ୍ଠେ ସେ ଦୋଷେ ବାନ୍ଧନେ । ୭୯

GPNanda Colln., Digitized by srujanika@gmail.com

ନ ଚେଳ ଏହାଂକୁ, ମନ୍ଥି ଖୀରସିଂଧୁ ସୁରେ ,
ତାଙ୍କରି ଅନୁଜ ଲାଗି ଲକ୍ଷ୍ମୀ କାଢ଼ିଥିଲେ ,
ଇକ୍ଷୁସିଂଧୁ ମନ୍ଥି ଅନ୍ୟ ଲକ୍ଷ୍ମୀ ଉଦଭବେ ,
ଏହାଂଙ୍କ ସକାଶେ ଶ୍ରମ ନ କରନ୍ତୁ ଦେବେ । ୮୦
ଚଉଦ ଭୁବନେ ସ୍ୱର୍ଗ, ସ୍ୱର୍ଗେ ଦେବଗଣ ,
ଦେବଗଣେ ପୁରୁହୂତ ଅଟନ୍ତି ପ୍ରଧାନ ,
ସ୍ନେହେ ଯେବେ ସେହୁ ପ୍ରାର୍ଥୀ ତୋ କିଂକର-ପଣେ
ଏଥୁ ଅଧିକ କି ଆଉ ଅଛି ଏ ଭୁବନେ ? ୮୧
ଲଭିଛନ୍ତି ଯେଉଁପଦ ଇନ୍ଦ୍ର ଯଜ୍ଞଶତେ ,
ପ୍ରାର୍ଥନା କରନ୍ତି ତାହା ଦେବା ଲାଗି ତୋତେ ;
ସ୍ୱୀକାର-ସୂଚକ ଭ୍ରୂ-ନଟନ-ପ୍ରୟାସେ
ଅନୁଗ୍ରହ, ମଣ୍ଡିଦିଅ ସେ ପଦ ଅକ୍ଲେଶେ । ୮୨
ମନ୍ଦାକିନୀ ନନ୍ଦନ ବିହାର ସମୟରେ
ଲଭି ସ୍ୱାମୀ ଇନ୍ଦ୍ରେ, ପୁଣି ମାଧବ ଦେବରେ ,
ଯାଅ ଲକ୍ଷ୍ମୀ ସଖୀ ହେଲେ, ହେବ ଯେଉଁ ଶ୍ରେୟ ,
ଭାବ ଗୋ ଭାବିନୀ ମନେ ସେହି ସୁଖଚୟ । ୮୩
ଯେଉଁ ତ୍ରିଭୁବନ-ରାଜ୍ୟ-ଭୋଗ-ଲୋଭେ ହରି
ବାମନ ହୋଇଣ, ଲଘୁ ଭାବ ଥିଲେ ଧରି ,
ସେହି ରାଜ୍ୟ-ଭୋଗ ପାଇଁ ତୁମ୍ଭଙ୍କୁ ବାସବ
ପ୍ରାର୍ଥନା କରନ୍ତି, ଧନ୍ୟ ପ୍ରତିଷ୍ଠା ଗୋ ତବ ! ୮୪

GPNanda Colln., Digitized by srujanika@gmail.com

ପ୍ରଣମୁଛ ଯେଉଁ ଦେବଗଣେ ଛଳ କାଳେ ,
ତାଙ୍କଠାରେ କୃତଘ୍ନତା ଉଚିତ କି ଛଳେ ?
କର ଦୟା, ପଢ଼ି ତବ ପଦେ ତ୍ରିସନ୍ଧ୍ୟାରେ
ଶୁଣନ୍ତୁ ତୁମ୍ଭର ଗୁଣ ଏବେ ସେ ଅମରେ ।” ୮୫
ଭାଷି ଏହା, ପାରିଜାତ-ମାଳା ଦେଲା ଦୂତୀ ;
ବାସବ-ପ୍ରସାଦ ମଣି, ନେଲେ ଦମୟନ୍ତୀ ;
ଏକା ନଳ-ଆଶା ବିନା, ସବୁ ଆଶା ବାସେ
ପୂରିଗଲା ଦେହ ମାଳା-ସୁରଭି-ସୁବାସେ । ୮୬
କେ ଭାଷିଲା, ‘ଏ ବିଷୟେ କିଛୁ ନ ବିଚାର’ ;
କେ ପୁଣି କହିଲା ‘ସଖି ଏ ଯୋଗ୍ୟ ତୋହର ’;
କେ କହିଲା, ‘ଏ ବିଷୟେ ଉଚିତ ଉତ୍ତର
ଅଟଇ ମଙ୍ଗଳ-ଶଂସୀ ଓଁକାର କେବଳ ।’ ୮୭
ଉତ୍ତରିଲେ ଭୈମୀ, ‘ଶୁଣ ଶୁଣ ସବୁ ସହି’
ନ ମାନେ କି ତୁମ୍ଭ ବାକ୍ୟ କେତେବେଳେ ମୁହିଁ ?
ମାଏ କହିବାକୁ ଅଛି ବିଶେଷ ବିଷୟ ;’
ଶୁଣି ବୁଡିଲେ ଆନନ୍ଦେ ସହଚରୀଚୟ । ୮୮
‘ନ ଲଭିଲେ ଭୈମୀ, ନ ହୋଇଲା ଦୂତପଣ’ ,
ଭାଳନ୍ତେ ଏସନ ଚରେ ନୈଷଧ–ସ୍ୱଜନ ,
ଦର୍ଶନ ମାତ୍ରକେ ଭୈମୀ-ସୁଧାଂଶୁ-ଲପନ ,
ତାଙ୍କ ହୃଦ-ପଦ୍ମ କିପାଁ ନ ହୋଇଲା ଭିନ୍ନ ! ୮୯

GPNanda Colln., Digitized by srujanika@gmail.com

ମନସ୍ମିତେ ବେନ-ଓଷ୍ଠ-ପ୍ରାନ୍ତ-ଯୁଗ୍ମ ଶୃଙ୍ଖଳ ,
ଅକ୍ଷି ଠାରି ନବାରିଣ ସେହୁ ସେହୁ ଅଳ ,
ସେହୁ ମାଳା ସଙ୍ଗେ ଶଙ୍କେ କରି ନମସ୍କାର ,
ଭାଷିଲେ ତାଂହାଙ୍କୁ ଭୀମ-ତନୟା ଉତ୍ତର :— ୯୦
"ଶୁଭ ଚନ୍ଦ୍ର-ସୂତକାର୍ଯ୍ୟେ ଏ ସାଦର-ପଣ ,
ବେଦ ଅବା ତନ୍ତ୍ରପାରେ ବହୁତ ବର୍ଣ୍ଣିତ ,
ନର-ହୃଦ-ସାକ୍ଷୀ ସେହୁ ବାସବେ ଉତ୍ତର ,
ବୃଥା, ସେ ଅଟଇ ବିନା ଅକ୍ଷ-ବୋଧ-କର । ୯୧
ତାଂଙ୍କ ଆଦେଶ ପାଳନେ ଭବ କେଉଁ ନର
ଉଚ୍ଚାରି ପାରେ ଜିହ୍ୱାରେ ପରୁଷ 'ନ କାର' !
ବନସ୍ତେ ମୁଁ ସେହୁ ଅକ୍ଷମାଳା ଧରି ଶିରେ ।
ବାଳକା ସ୍ୱଭାବେ ଦୋଷ କରୁଅଛି ଗିରେ । ୯୨
ଏ ଦୟା ତାଂଙ୍କର, ପୂର୍ବ-ଉପାସନା-ଫଳେ
ନିଯୋଜୁଛୁ ଏ ବାଳକେ ପୁଣି ତପସ୍ୟାରେ ,
ମାଧବୀ ଲଭଇ ଯେହ୍ନେ ଉପାସ୍ୟର ଫଳେ ,
ସେହୁ ସେ ଉପାସ୍ୟ ବିନା ପୁଣି ସେ ଆଚରେ । ୯୩
ତେଣୁ ମୁଁ ସେବକ ପଦ୍ଧତିରୂପେ ତାଂଙ୍କ ପଦ ,
ଲଭିବାକୁ ମୁଦ, ବ୍ରତ-ସମ୍ବନ୍ଧ-ସଂପଦ ;
କୃତ୍ୱେ ତାହା ଦେବ-ଦେହ ଏଭଳି ବିଶେଷ ,
ସ୍ୱଜପଣେ ଉହାଗତ ତାହାଂକର ଅଂଶ । ୯୪

GPNanda Colln., Digitized by srujanika@gmail.com

ଶୁଣିଲ ଇନ୍ଦ୍ର-ଅଦରେ ସିନା ଏତେକ୍ଷଣ
ସତୀ-ବ୍ରତ-ପ୍ରତିକୂଳ ତୁମ୍ଭର ବଚନ ;
ଅରପି ନାହିଁ ମୁଁ ମୋତେ ପୂର୍ବେ ସେ ଅମରେ ,
କିନ୍ତୁ ମନେ ମନେ ଇନ୍ଦ୍ରରୂପ-ଧାତ୍ରୀ କରେ । ୧୫
ସ୍ୱର୍ଗର ଏସନ ହୃଦେ, ବଢିଲେ ମୁଁ ନଳେ ,
ଏହି ଇନ୍ଦ୍ର-ଦମ୍ଭ ଲାଗି ନ ଛୁଟିବ ଭଲେ ;
ଅନାଦର ଭବ ସୁଖ, ମୁକ୍ତି-କାମୀ ଧୀର
ପୁଣି ଭବ-ସୁଖ ସ୍ମରି ହୁଏ କି ଅଧୀର ? ୧୬
ଆଶ୍ରମ ମଧ୍ୟେ ଗୃହସ୍ଥ-ଆଶ୍ରମ ଯେପରି ,
ଜମ୍ବୁଦ୍ୱୀପେ ସାଧୁମତେ ଭାରତ ସେପରି ;
ସେହିଠାରେ ନିତ୍ୟ ପତି-ପରିଚର୍ଯ୍ୟା ବହି ,
ସୁଖ-ଶୀତ-ଳାଶ୍ରିତ-ଧର୍ମଲକ୍ଷ୍ମୀ ମୁହିଁ । ୧୭
ସ୍ୱରଗେ ନାହିଁ ଧରମ, ସୁଖହିଁ କେବଳ ;
ମରତେ ଉଭୟ ଭୋଗ କରିଥାନ୍ତି ନର ;
ଯଜ୍ଞେ ଦେବ–ପ୍ରୀତି ହୋଇପାରେ ଅନୁଷ୍ଠିତ ;
ଛାଡ଼ି ବେଦ, କିପାଁ ଏବେ ହୋଇବ ମଣ୍ଡିତ ? ୧୮
ସାଧୁର ସ୍ୱରଗୁଁ ମଧ୍ୟ ହୁଏ ଅଧୋଗତି ,
ଏଥୁଁ ଯାଇ ପୁଣ ସ୍ୱର୍ଗେ କରେ ସେ ବସତି ,
ଏହି ବେଦ ପରିଣାମ ଭାବ ହୃଦୟର ,
ମଣେ ପରଣାମେ ମୁହିଁ ତ୍ରିବିଧ ଶର୍କର । ୧୯

GPNanda Colln., Digitized by srujanika@gmail.com

ନମିଲେ ଯେଉଁ ସ୍ୱରଗ ପରମାୟୁ ଥିଲେ ,
ସରିଲେ ଜୀବନକାଳ ଲଭନ୍ତ୍ର ଯା ନରେ ,
ଅଠାଭ–ସୁଖ–ଜନକ ଅପଥ୍ୟ ମାତର
କେଉଁ ଧୀର ଭୋଗେ ବାଞ୍ଛିବ ସେ ସ୍ୱର୍ଗପୁର ?” ୧୦୦
କହିବାକୁ କିଛି ସଖୀଗଣ–ଓଷ୍ଠ ସ୍ଫୁରେ ,
ତେଣୁ ମୁଖ ବକ୍ରିତ ପଦ୍ମଶିଖ ଧରେ ,
ଦେଖି, ମଧ୍ୟେ ଦୂତୀ-ପ୍ରତି ବଚନ ସଂହାରି ,
ସଜନୀଗଣ ସଂବୋଧି ଭଣିଲେ ପୁନଶ୍ଚ :— ୧୦୧
“ପ୍ରବର୍ତ୍ତିନୀ ନ ହଅ ଗୋ ସଖୀ-ଗୁରୁମାନେ ,
ସର୍ବଥା ଅଧୀନ ଜାଣ ଏ ରମଣୀ-ଜନେ ,
ବନ୍ଧ–ପରଂପରା-ଫଳେ, ଅଥବା ଈଶ୍ୱରେ
ପ୍ରେରିତ ମୁଁ, ଭଜିଅଛି ନିଷଧ-ଈଶ୍ୱରେ । ୧୦୨
ନିୟତି-ନିଦେଶେ ପରବଶ ସର୍ବଜନ ,
ଜ୍ଞାନୀ ମଧ୍ୟ କର୍ମେ ନୁହେ ଆକ୍ଷେପ-ଭାଜନ ;
ଅଚେତନ ସେ ନିୟତି, କହିଲେ ମାତର
ବକ୍ତ୍ରା-ବାକ୍ୟ-ଶ୍ରମ ଖାଲି ହେବ ସିନା ସାର ! ୧୦୩
କମେଳକେ ନିନ୍ଦେ, ଯେନ୍ତୁ କୋମଳ ଚରଣ ;
କଂଟକ-ଲକ୍ଷ୍ମଠ ଓଠ ତାହାକୁ ନିନ୍ଦଇ ;
ଇଷ୍ଟ-ଭୋଜନେ ଉଭୟେ ସମାନ ସନ୍ତୋଷ ,
ମଧ୍ୟସ୍ଥତା ନୁହେ ଏକତର-ଉପହାସ । ୧୦୪

GPNanda Colln., Digitized by srujanika@gmail.com

ଦେଖିଲେହେଁ ବାସବ–ଗୁଣାବଳି ମନୋହର ,
ଜନ୍ମାଇ ପାରିବେ ନାହିଁ ଘୃଣା ପ୍ରିୟେ ମୋର ;
ନ ଦେଖ କି ସଖୀ, ମୋକ୍ଷୁ ଦେଖିଲେହେଁ ନରଜନ ,
ଧର୍ମ, ଅର୍ଥ, କାମ ତେଜି ପାରନ୍ତି କି ଜନ ? ୧୦୫
କାହିଁ କୈଠଭାରି ଯାଏଁ କୃତକୃତ୍ୟ-ପଣ
ନିଜ ନିଜ ଇଷ୍ଟିଲାଭେ ଅଟଇ ସମାନ ;
ବିଷୟେ ବିଷୟେ ଭିନ୍ନ-ରୁଚିବନ୍ତ ନର ;
ରୁଚ ଅରୁଚ ବ୍ୟବସ୍ଥା ନୋହି ପାରେ ସ୍ଥିର । ୧୦୬
ଥାଏ ଯେବେ ପଥେ ଗୁପ୍ତ ବିପଦ-ଗହ୍ୱର ,
ତହୁଁ ନିବାରିବା ବିନା ଉଚିତ ବନ୍ଧୁର ,
ଜାଣି ବୁଝି ସୁଖପଥ ଲୋଡ଼ନ୍ତି ଯେବେ ଜନ ,
କାର୍ଯ୍ୟବିଦ-ଜନ ତହିଁ ରହିବ ମଉନ ।” ୧୦୭
ସଖୀଙ୍କର ପ୍ରତିକୂଳ ଉକ୍ତି ଏହିପରି
ପାଣ୍ଡିତ୍ୟ-ବଳରେ ଚୂର୍ଣ୍ଣ କରି ସେ ଚତୁରୀ ,
ସ୍ୱର୍ଗପତି-ମନ୍ତ୍ରୀ ଯୁକ୍ତି ଯେଉଁ ଶୁଣିଥିଲେ ,
ବିସ୍ମୟେ ମଣ୍ଡାଇ ସେହି ଦୂତୀଙ୍କି ଭାଷିଲେ :— ୧୦୮
“ଯମଙ୍କର ଦୂତୀ ଯେତେ ମାନସ ବାହନେ ,
ଅଗ୍ନି , ବରୁଣଙ୍କ ଦୂତୀ ବାୟୁ ଗଙ୍ଗା–ଯାନେ ,
ଆସିଥିଲେ ଦୂତେ, ଦୃଢ଼-ଭାବ ମନେ ଧରି ,
ମନା କରିଛୁ, ସକଳେ ଯାଇଛନ୍ତି ଫେରି । ୧୦୯

GPNanda Colln., Digitized by srujanika@gmail.com

ଯେବେ ଏହିପରି ପୁଣି ଭାଷିବ ବଚନ ,
ହେବ ଇନ୍ଦ୍ରଦ୍ରୋହୀ, ପକାଉଛୁ ଏହି ପଣ ,
ଏହି ଅପରାଧେ ମୁହିଁ କୋପ ଇନ୍ଦ୍ରଙ୍କର
ନିବାରିବି ପତିବ୍ରତା-ବ୍ରତେ, ନାହିଁ ଡର ।" ୧୧୦
ବାକ୍ୟ-ଅବକାଶ ଅଉ ନ ରହନ୍ତେ, ଦୂତୀ
ଦେଖିଲେ ନିକଟେ ଭୀମ-ସୁତା ଦମୟନ୍ତୀ ,
ଲୋଳ-ନଳ-ପ୍ରାଣ ଆସେ ପିଣ୍ଡେ ଫେରି ଏବେ ,
ପ୍ରବୋଧ ଯେସନ ଆସେ ଜନ୍ନତ୍ର ମାନବେ । ୧୧୧
ପ୍ରିୟା ସ୍ନେହବାକ୍ୟ ଉତ୍ପନ୍ନ ସେ ଅମୃତ ,
ନିଜ କର୍ଣ୍ଣପଥେ ଯାହା ହେଲା ଉପଗତ ,
ଦିଗପାଳ ଦୟାଯୋଗେ ଆସି ସନ୍ନିଧାନ ,
ପିଇଲେ ଅତି ଆନନ୍ଦେ ନିଷଧ-ରାଜନ । ୧୧୨

କବିରାଜରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟବର;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ;
ମହା କାବ୍ୟ ଏହୁ ସୋଦର ସେ ଖଣ୍ଡେ,
ପ୍ରଚୁର ଯାହାର ଖଣ୍ଡନ ବୋଲି ;
ସର୍ଗୋତ୍କଳ ନଳ- ଚରିତେ ଏ ଷଷ୍ଠ
ସରଗ; ଶ୍ରେଷ୍ଠ ସେ ଖଣ୍ଡକୁ ବଳି । ୧୧୩

GPNanda Colln., Digitized by srujanika@gmail.com

ଷଷ୍ଠ ସର୍ଗର ଟୀକା

ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ ।

୭୨ — ଫଳକରେ ଚନ୍ଦ୍ରମୁଖର ପ୍ରତିବିମ୍ବ, ପୁଣି ସେ ପ୍ରତିବିମ୍ବର ନଖ-ମୁଖ-ଫଳକରେ ପ୍ରତିବିମ୍ବ ; ଏହିପରି ଅଶେଷ ଚନ୍ଦ୍ର ଦେଖାଗଲା ।

୭୩ — କେତକୀରେ ନଖର ଗାର, ସଙ୍ଗେ ସଙ୍ଗେ କଳା ହୋଇଯାଏ ।

୮୬ — ଅଣୀ = ଅଗ୍ରଭାଗ; ଦଳ । ଅର୍ଥ ଶ୍ଳେଷ ।

୮୭ — ଓଁ କାର = ହଁ କରିବା ।

୯୯ — ସ୍ୱର୍ଗରୁ ମର୍ତ୍ତ୍ୟକୁ ଆସିବା ଏକ ପ୍ରକାର ଶର୍କର, ଅର୍ଥାତ୍, ଖପର ; ମର୍ତ୍ତ୍ୟରୁ ସ୍ୱର୍ଗକୁ ଯିବା ଅନ୍ୟ ପ୍ରକାର ଶର୍କର, ଅର୍ଥାତ୍, ସାକର ।

୧୦୪ — ଜୀବର ସନ୍ତୋଷ ନ ବୁଝି ନିଜ ରୁଚି ଅନୁସାରେ ଲୋକକୁ ପ୍ରଶଂସା ଓ ଅନ୍ୟକୁ ଉପହାସ କରିବା ମଧ୍ୟସ୍ଥର କାର୍ଯ୍ୟ ନୁହେଁ । କ୍ରମେଳକ = ଓଟ ।

୧୦୮ — ସ୍ୱର୍ଗପତି-ମନ୍ତ୍ରୀ = ବୃହସ୍ପତି ।

୧୧୩ — ଶ୍ରୀହର୍ଷ ଏହି କାବ୍ୟ ସଙ୍ଗେ 'ଖଣ୍ଡନ ଖଣ୍ଡ ଖାଦ୍ୟ' ନାମକ ଗ୍ରନ୍ଥ ଲେଖିଥିବାର ଏ ଶ୍ଳୋକରେ ପ୍ରକାଶ । ଖଣ୍ଡ = ସାକର ।

GPNanda Colln., Digitized by srujanika@gmail.com

ସପ୍ତମ ସର୍ଗ

ପ୍ରିୟା–ଲାଭ ଲାଗି ଭାବନାଦ-ବଳେ
ଚିର-ପଲ୍ଲବିତ ମନୋରଥ ନଳେ
ଦେଖିଲ କି ସଫଳ ମଣିଲେ ରାଜନ ?
କରି ଏବେ ରାଜପୁତ୍ରୀ-ବିଲୋକନ । ୧
ପ୍ରିୟା ଅଙ୍ଗେ ଅଙ୍ଗେ ପଡ଼ିଲେ ସଂଚରି ,
ଆନନ୍ଦ-ଅମୃତ-ଧାରରେ ସନ୍ତରି ,
ଶେଷେ ପଶି ହର୍ଷ-ଅଶ୍ରୁ-ସରୋବର ,
ବୁଡ଼ିଲେ ନୃପତି–ନୟନ-ଯୁଗଳ । ୨
ରୋମାଗ୍ର ମାତର କରି ବିଲୋକନ ,
ବ୍ରହ୍ମାନନ୍ଦ ସୁଖ ଲଭିଲେ ରାଜନ ;
ଅମୂଲ ରୋମାଳି କରନ୍ତେ ଦର୍ଶନ ,
ସ୍ମରାନ୍ଦୋଳିତ ମୁଦେ ଉଚାଟ ମଗନ । ୩
ତାଂକ ମୁଖ-ଚନ୍ଦ୍ର-ଦର୍ଶନ-ଅମୃତ–
ରସେ ଅନୁରାଗ-ସିନ୍ଧୁ ଉଦ୍ବେଳିତ ,
ହୁଅନ୍ତେ ବର୍ଦ୍ଧିତ, ହୋଇ ନିରୁପାୟ
ଭୁଙ୍ଗ ଭୁରେ କଲେ ନୟନ ଅଶ୍ରୁ । ୪

GPNanda Colln., Digitized by srujanika@gmail.com

ପ୍ରିୟା-ମୁଖ-ଇନ୍ଦୁ ସୁଧାରସେ ମଗ୍ନ ,
କମ୍ପା କୁଚଯୁଗ-ଅନ୍ତରେ ବିଲଗ୍ନ ,
ସ୍ଖଳନ-ଭୟେ ବା ନୃପ-ନେତ୍ର ଚରେ ,
ଚେକ କୃଶ କଟୀ, ଚଳେ ଅଙ୍ଗାନ୍ତରେ । ୫
ପ୍ରିୟା-ଅଙ୍ଗ-ପାନ୍ଥ-ନେତ୍ର, କୁଚୁଁ ଯାଇ
ଭ୍ରମୁ, ବାରଂବାର ପୁଣି ଆସେ ତହୁଁ ,
ସତେ ତହୁଁ ମୃଗନାଭି-ଲେପ-ଭ୍ରମେ
ପଡ଼ିଗଲେ କି ସେ ଦୁରନ୍ତ ଦଗ୍‌ଭ୍ରମେ ! ୬
ସୁନ୍ଦର ନିତମ୍ବ-ଚକ୍ରେ ନେତ୍ର ଭ୍ରମି ,
ଘୂର୍ ଘୂରି ପଡ଼ିଯିବେ ଅବା ମଣି ,
ଗାଢ଼େ ଊରୁ-ରମ୍ଭା-ସ୍ତମ୍ଭ ଧରି କରେ ,
ଚିର ରହିଗଲେ ସ୍ଥିର କି ସେଠାରେ ! ୭
ବାସ ନେଶ୍ର, ନେତ୍ର ନୁହଇ କି ମୁହିଁ ?
ମୋରେ ଆଲିଙ୍ଗନ କରଅ ସ୍ୱମୁହିଁ ,
ବକ୍ଷ, ସ୍ତନ, ଊରୁ, ନିତମ୍ବ ପ୍ରସାଦେ ,
ଏଣୁ ବା ପଡ଼ିଲେ ତାଂକ ବେନି ପାଦେ ! ୮
ଏମନ୍ତେ ପ୍ରେୟସୀ-ପ୍ରିୟ-ସଖୀକୁଳ
ଇଚ୍ଛାମତେ କରି ନେତ୍ର-ଉପହାର ,
ମନ ହେଲା ପୂର୍ଣ୍ଣ ହରଷ-ବସ୍ତୁରେ ,
ଭାବିଲେ ଏସନ ଚେଣୁ ନରରାଏ :— ୯

GPNanda Colln., Digitized by srujanika@gmail.com

"ମୋର ମନୋରଥ, କିଂବା ମନମଥ ,
ଯାତାଯଦେ ଯେବେ ହୁଅନ୍ତେ ବଢ଼ତ ,
ପ୍ରତ୍ୟଙ୍ଗ-ଅଦ୍ଭୁତ-ରୂପ-କାରିଗରି
ଘଟନ୍ତା କେବେଳ ସତେ ଏହୁପରି ! ୧୦
ଶୃଙ୍ଗାର-ରସର ତରଙ୍ଗିଣୀ ଭବେ ,
ଭାଳେ, ଭ୍ରମି-ଭୃଙ୍ଗୁଁ ଉପୁଜନ୍ତି ଏବେ ,
ସ୍ତନିତ ସେ ଘନେ, ଯହିଁ ଯତ୍ନବନ
ଲାବଣ୍ୟ-ପ୍ରବାହ କରିଛନ୍ତି ସୃଜନ ! ୧୧
ନବ-କାନ୍ତ-ବ୍ୟୂହ-ସୃଷ୍ଟି-ବିଦ୍ୟାବଳ
ପ୍ରକାଶି କି ନାହିଁ ଏଥି ପଞ୍ଚଶର ?
ତେଣୁ ପ୍ରତି ଅଙ୍ଗେ ଲାବଣ୍ୟର ସୀମା
ଅଦ୍ଭୁତ ଘଟନେ ବିକାଶେ ମହିମା । ୧୨
ଜମ୍ବୁନଦୀ-ସ୍ୱର୍ଣ୍ଣ-ପଙ୍କର କି ଠାଣି ,
କାହିଁ ଅଛି ବିହି ହରିଦ୍ରା-ବରଣୀ !
ତେଣୁ ହନୁରତା, ହାତ-ଗଢା-ଚହ୍ନ ,
ଦେହେ କେଉଁଠାରେ ନୁହେଁ ଅନୁମାନ । ୧୩
ଉପମାନ କେତେ ନାହାନ୍ତି ଭୁବନେ ?
ଜଣିଛୁ ସକଳେ ଭିନ୍ନ ଭିନ୍ନ ଗୁଣେ ;
ତେଣୁ ନାହିଁ ଭୈମୀ-ଅଙ୍ଗର ତୁଳନ ;
ଉପମା ଜନ୍ମାଏ ସିନା ଅପମାନ ! ୧୪

GPNanda Colln., Digitized by srujanika@gmail.com

ଅତୀତେ ଗଢ଼ିଛୁ ଯେତେ ନାରୀ ବିଧି ,
ହସ୍ତ-ଲେଖ ସବୁ, ଏହି ସୃଷ୍ଟି ପାଇଁ !
ଭବିଷ୍ୟତେ ଯେତେ ନାରୀ ବା ଗଢ଼ିବ ,
ଏହି ଆଦରଶେ ସିନା ସେ କଳିବ ! ୧୫

ରମ୍ୟ ବସ୍ତୁମାନେ ନାଚନ୍ତି ହରଷେ ;
ହେଲେହେଁ ଟ ସ୍ଥାନ ଭୈମୀ-ଅଙ୍ଗ-ପାଶେ ;
ଜାଣି, କବିମାନେ କରିବେ ତ ଯେନା
ଶ୍ରେଷ୍ଠ ଭୈମୀ-ଅଙ୍ଗେ ତାଂକରି ଉପମା । ୧୬

ଦେଖିଲେ ଯାହାଙ୍କୁ ମୋହ ଉପୁଜଇ ,
ଦୋଷ ଯାକ ତା'ରେ ନ ପାରିଲେ ଛୁଇଁ ;
ଦୋଷେ ଅକୁଳତ ଅନ୍ୟ ନାରୀମାନେ ;
ଅସପତ୍ନ ସୁଖେ 'ଛନ୍ତି ଏଥି ଗୁଣେ । ୧୭

ଘୃଣାରେ ଛଡନ୍ତି ପ୍ରିୟା-ଅଂଗମାନେ
କେଶର, କନକ, କେତକ-ବରଣେ ;
ଧୂଳି, ରୁକ୍ଷ ଗୁଣ ସିନା ତା କାରଣ ;
ନୁହେ ଜଳ-ଦୁର୍ଗ କଣ୍ଟକ ବାରଣ ; ୧୮

ଭଇମୀ-କାମୁକ ବାସବଙ୍କ ତହିଁ
ରକ୍ଷା ଅର୍ଥେ ନିଜ ଅସ୍ତ୍ର ଛନ୍ତି ଦେଇ !
ବଜ୍ର ତହିଁ ଭୂଷା–ମଣି-ରୂପ ଧରେ ,
କୋଦଣ୍ଡ-ସ୍ୱରୂପ–ଦ୍ୟୁତି ତା' ପ୍ରସରେ । ୧୯

GPNanda Colln., Digitized by srujanika@gmail.com

ଏକ-ବଧୂ-ବନ୍ଧୁ-ମୁଖ-ପରେ ସ୍ଥାନ
ଲଭିଲେ ଯା କେଶେ, ନ୍ୟାଯ୍ୟ ସେ ବିଧାନ ;
ମୟୂର କଳାପ ସେ ଚକୁରେ ଜାତ ,
ଯେ କଳାପେ ବନ୍ଧୁ ବିଧୂ ଗୁଣ୍ଠୀଭୂତ । ୨୦
ଯାର ମୁଖଚନ୍ଦ୍ର ଅଗ୍ରତେ ପଶ୍ଚିମ
ପର୍ଯ୍ୟସ୍ତ କରଇ ପରିପନ୍ଥୀ ତମେ ,
କଚ-ଭଙ୍ଗୀ-ଛଳେ ସେହୁ ତମ ତହିଁ
ରହିବ; ପୁଣି ଏବେ ଅଛି ବନ୍ଧା ହୋଇ । ୨୧
ଶିଖିପିଚ୍ଛ, ପୁଣି ପ୍ରିୟା-କେଶପାଶ ,
ଯାଇଥିଲେ ନିଜ ବାଦେ ବିଧି ପାଶ ,
ସୁମନେ ଚକୁରେ ପୂଜିଛନ୍ତି ବିହୁ ,
ଭର୍ତ୍ସିଲେ କଳାପ ଅର୍ଦ୍ଧଚନ୍ଦ୍ର ଦେଇ । ୨୨
ଭାଲ-ଅର୍ଦ୍ଧ-ଚନ୍ଦ୍ର କେଶ-ତମ-ପରେ
ଦଶେ, ଏଣୁ କୃଷ୍ଣାଷ୍ଟମୀ ଏହୁ ଭଳେ ;
ତେଣୁ ଲଭି ତାଂକୁ, ମନ୍ତ୍ର-ଜପ ଲାଗି
ସାଧି ପଞ୍ଚଶର, ହେବ ସିଦ୍ଧି-ଭାଗୀ । ୨୩
କାମ-ଦାହ-ପରେ, ପୁଷ୍ପଧନୁ ତା'ର
ଥିଲା ଶେଷେ ଶ୍ୟାମ କେଶର ମାତର ;
ଦ୍ୱିଖଣ୍ଡ କି ତାହା କ୍ରୋଧେ କଲେ ଶିବ !
ବିରଚିଲା ତହିଁ ବିଧି ଭୈମୀ-ଭ୍ରୂବ । ୨୪

GPNanda Colln., Digitized by srujanika@gmail.com

ପ୍ରିୟା-ଭ୍ରୂ-ଯୋଗ ପାଇ ପୁଷ୍ପଶର ,
ଲଭିଛୁ କେସନେ ଦୃଢ଼ିମା ଅପାର !
ଜାଣି, ଅଙ୍ଗ ତା'ର ନାହିଁଟି ଦହନ ,
ମହାବଳ ଏବେ କରୁଛୁ ଅର୍ଜନ । ୧୫
ମୁଖ ହୋଇ ବଧୂ ହେଉଛୁ କଳଙ୍କ ;
ସେ କଳଙ୍କ ପୁଣି ମଦନ-କାର୍ମୁକ-
ଭ୍ରୂ-ଯୁଗ-ରୂପେ ହେଲେ ଏବେ ଜାତ ,
ଲୀଳା-ଚଞ୍ଚଳତା ବାଳକ-ଉଚିତ । ୧୬
ତିନ ଶରେ ମାତ୍ର ଏ ତିନ ଭୁବନ
ଜିଣିପାର ହେଲେ, କାମ, ପଞ୍ଚବାଣ ,
ପ୍ରିୟା-ନେତ୍ର-ପଦ୍ମ-ପଦେ ବାକି ଦୁଇ
କର ଅଭିଷେକ, ସଫଳ କରଇ । ୧୭
ପୁଷ୍ପ-ଗୃହ-ଯଷ୍ଟି ଅଟେ ଏ କାମର ;
ମୁଷ୍ଟି-ଗ୍ରହ-ଯୋଗ୍ୟ କଟି ମନୋହର ;
ଜନମୋହନର ଅପାଙ୍ଗ-ଗୃହାଣି ,
ଶର-ରୂପେ ବୃଷ୍ଟି କରେ କ ସେ ଜାଣି ! ୧୮
ଘୂର୍ଣ୍ଣିତ ପଙ୍କଜ ନୟନ-ସରୋଜ-
ମଧ୍ୟେ ଶ୍ୱେତ ବୃନ୍ତ ଜଣେ ବଧୂ-ତେଜ ;
ଇନ୍ଦ୍ର-ନୀଳମଣି ଶ୍ୟାମ ତାର ତା'ର ;
ସେହ ସିନା ତା'ର ଉପମା କେବଳ । ୧୯

GPNanda Colln., Digitized by srujanika@gmail.com

ନେସଜାତ କର୍ଣ୍ଣି-ଉତ୍ପଳେ କେବଳ
ହୋଇଲେ ସନାଥ ବଦନ-ମଣ୍ଡଳ ,
ଚରିତାର୍ଥ ହୋଇ ହରଷେ ହରିଣୀ ,
କୁଞ୍ଚିତ ମଣନ୍ତା ନିଜ ନେତ୍ର ହେନ ! ୩୦
କାଢ଼ି ପାଞ୍ଚ ସାତ ପାଖୁଡ଼ା ଉପରୁ
କଦଳୀ-ବକଳ୍କ, ନୀଳୋତ୍ପଳ-ଦଳ୍କ ,
ସାର ନେଇ ବିଧି, କରିଛି ନିର୍ମିତ
ଶ୍ୟାମଳ-ଗୋଲକ ଧବଳ ଲୋଚନ । ୩୧
ଉତ୍ପଳ, କୁରଙ୍ଗ, ଚକୋର ନୟନ
ନିମେଷ ଯନ୍ତ୍ରରେ କରିଣ ସ୍ଥାପନ ,
ଗଢ଼ିଛି କି ନେତ୍ର ନିରମାଣ ପାଇଁ
ସୁଧାସ୍ରାବୀ ସାର ସଯତନେ ବିଧି ? ୩୨
ହରିଣୀଏ ନିଜ ନେଇଥିଲେ ଋଣ
ଦମୟନ୍ତୀ-ନେତ୍ର-ପାଶ୍ୱଁ ଶୋଭାପଣ !
ଅଣେ କି ଯେ ଶୋଭା ଅଧିକେ ଏ ଢେଣୁ
ବଳେ, ଅଧମର୍ଣ୍ଣ ଭୀତ ମୃଗଗଣୁ ! ୩୩
ଯଇ ଦୂରେ ତାଙ୍କ ନୟନ ଯୁଗଳ
ଚପଳ ସ୍ୱଭାବେ ନୂହନ୍ତେ କି ମେଳ !
ଗଛପଥେ କର୍ଣ୍ଣ-କୂପ-ପାତ-ଭୟ
ଜନ୍ମାଉ ନ ଥାନ୍ତା ଯେବେ ଅନ୍ତରାୟ । ୩୪

GPNanda Colln., Digitized by srujanika@gmail.com

କେଦାର-ଅଗ୍ରେ ଶିଶିର ପ୍ରବେଶେ
ମଲ୍ଲ ଉତ୍ପଳମା ସିନା ପୁଣ୍ୟବଶେ !
ତା' ପୁଷ୍ପ-ନେତ୍ରୀ ଏ ଜାତ ଯେଣୁ ଲୋକେ,
ଚକୋର ନୟନ ଗଢ଼ିତ କୋରକେ । ୩୫
ନିଶ୍ୱାସ-ଆମୋଦେ ହୁଏ ଅନୁମାନ ,
କଣ୍ଠ ଏହା କାମ ତଳ-ପୁଷ୍ପ-ତୂଣ ;
ନ୍ୟସ୍ତ ତ୍ରିଭୁବନ-ଜୟେ ଶର ତିନ ;
ଶେଷ ଶର ଦୁଇ ଧରେ ନାସା ବେନି । ୩୬
ଲଭିଣ ଉଦୟ ମୁଖଇନ୍ଦୁ ସଂଗେ ,
ହୋଇ ବନ୍ଧୁଜୀବ-ସମ ଅଢ଼ରାଗେ ,
ବାଲ୍ୟ-ଯଉବନ-ସନ୍ଧିରେଟି ଏକା
ଭଣେ ନିଜେ ସଂଧ୍ୟା, ଅଧରୋଷ୍ଠ-ଲେଖା । ୩୭
ମୁଖ ବଧୂ ,ସୁଧା-ସଦନ ଅଧର ,
ହେବକି ତା' ସମ ବିମ୍ବଫଳ ଛାର !
ଦ୍ରୁମମୟ ଦେଶେ ରାଜେ ବିମ୍ବ-ଶିଖୀ ;
ବିଦ୍ରୁମେ ସମ୍ଭବେ ଏରୂପ ମାଧୁରୀ । ୩୮
ଅଢ଼ରାଗେ ସିନା ବିଂବ ଏ ଅଧର ;
ଅଧର ଅଟଇ ଏଥୁଁ ବିମ୍ବଫଳ ;
ବେନି-ତାରତମ-ଜ୍ଞାନ-ଅଶକତ
ନରେ ନାମ-ଭ୍ରମ ହୁଅଇ ପ୍ରତୀତ ! ୩୯

GPNanda Colln., Digitized by srujanika@gmail.com

ସୁନ୍ଦରୀ-ଅଧର—ମଧ୍ୟ-ଭାଗେ ତହିଁ
ଦନ୍ତ—କ୍ଷତ ପରି ଲକ୍ଷଣ ରାଜଇ ;
ସ୍ୱପନ ସଂଭୋଗେ ସତେ ଦନ୍ତ-କ୍ଷତେ
କରିଛି କି ଦୋଷ ? ଲାଗଇ ପରତେ ! ୪୦
ବିଦର୍ଭ-ନରେନ୍ଦ୍ର-ତନୁଜା-ଅଧରେ
କେତେ ଭେଦେ କେତେ ବିଦ୍ୟା ନୃତ୍ୟ କରେ ;
କଉତୁକେ ନିଜ ରେଖା ଟାଣି ତହିଁ ,
ବିଶ୍ରାମେ ହେଲାରେ ଗଣି ଅଷ୍ଟ ବିନ୍ଦୁ । ୪୧
ସ୍ୱପନେ ନିଶାନ୍ତେ ଭୋଗୁଁ ମୁଁ ବାନ୍ଧବୀ ,
ମଧୁର ଅଧର ଥିଲି ଅନୁଭବି ;
ଅସୀମ ଲାବଣ୍ୟ ଓଷ୍ଠ ତା'ର ଧରେ ;
ସତେ ଦେଖୁଛନ୍ତି ସେ ସୁନ୍ଦରୀବରେ ! ୪୨
ମନ୍ଦହାସ୍ୟୁଁ ସହସ୍ରାଂଶ ଦୟା କରି
ସୁଧାକରେ ଯେବେ ଦେଅନ୍ତା ସୁନ୍ଦରୀ ,
ମିଶାଇ କରଣେ ତାହା ନିଶାକର ,
କୌମୁଦୀ-ଜନମ କରନ୍ତା ସଫଳ । ୪୩
ଚନ୍ଦ୍ରାଧିକ-ମୁଖ-କିରଣ କି ଘନ ;
ଫୁରେ ତନ୍ତୁଁ ପୁରୋଭାଗେ ବିନ୍ଦୁଗଣ ;
ପରେ ଅଳ୍ପଦୀର୍ଘ ବିନ୍ଦୁ ପୁଣି ଜାତ ;
ହୁହେଁ ଦନ୍ତାବଳି—ଦ୍ୱୟ-ରୂପେ ଖ୍ୟାତ । ୪୪

GPNanda Colln., Digitized by srujanika@gmail.com

ମହେନ୍ଦ୍ର-ମର୍ଯ୍ୟାଦା-ସ୍ୱର୍ଗ ଖରଂଜତ ,
ସୁନ୍ଦର ଏ ଦ୍ୱିଜ-ଗଣେ ଉପାସିତ ,
ଶରଦ୍ଧ-ଯାଚନା-ମୂର୍ଚ୍ଛା-ଅନ୍ଧକାର-
ପ୍ରଭାତରେ ସଂଧ୍ୟା ପିନା ଏନ୍ଧୁ ମୋର ! ୪୫
ଦ୍ୱିଜ ଦନ୍ତମାଳେ ରାଜଦନ୍ତ ଗୃରି
ଉଜ୍ଜ୍ୱଳ ଦଶନ୍ତ ଶ୍ରୋତ୍ରିୟଙ୍କ ପରି ;
ଉଦ୍‌ବେଗାଦରାଗ-ସମ ପାନ-ବୋଳ
ସୁମାର୍ଜ୍ଜନେ ତେଜ, ଦଶନ୍ତି ଧବଳ ;
ଭଜନ୍ତି ସେ ଦ୍ୱିଜେ ମୁକତି ଯେସନ ,
ଏନ୍ଧୁ ଗୃରି ଦ୍ୱିଜେ ମୁକ୍ତା ସମାନ । ୪୬
ଶିରୀଷ-କେଶରୁ କୋମଳା ବାଳାର
ରଚି ଅଙ୍ଗାବଳୀ ବିଦ୍ୱତ୍ସୃଷ୍ଟି-କର ,
ସୁକୁମାର-ସର୍ଗେ ଅଭିଜ୍ଞତା-ପଣେ ,
କୋମଳତା-ସୀମା ନହନ୍ତି ବଚନେ । ୪୭
ତରୁ-ଭଷା-ଶ୍ରେଣୀ, ଦ୍ୱିଜ ସେ କୋକିଳ ,
ସର୍ବଦ୍ୱୈତ-ବାଦୀ ଏ ଲଲନା-ଗିର ,
ମୁଖ ଦ୍ୱିଜବରଙ୍କୁ ବେଦାନ୍ତ ସମାନ ,
ଶିଖୁଛୁ କି ସତେ, ଭଦ୍ର ସାବଧାନ ! ୪୮
ଏକା ବିଷ୍ଣୁ ଅଛି, ରମା-ସଉଭୁଣୀ
ପଦ୍ମ-ସମାସୀନ ଅବଲୋକ, ବାଣୀ

GPNanda Colln., Digitized by srujanika@gmail.com

ଜଗତ-ପଦ୍ମ ଭୈମୀ-ସୁନ୍ଦର-ବଦନେ
ବସନ୍ତ କି, ତାଂକ ବିଜୟୀଷା ପଣେ ? ୪୯
କଣ୍ଠେ ବାସ କରି ଯେଣୁ ସରସ୍ୱତୀ ,
ବଜାନ୍ତି ବିପଞ୍ଚୀ ସୁମଧୁରେ ଅତି ,
ବାକ୍ୟରୂପେ ତାହା ବଦନୁଁ ବାହାରି ,
ଦିଏ ଶ୍ରୋତାକର୍ଣ୍ଣେ ସୁଧାରସ ଢାଳି । ୫୦
ସର୍ବ- ଶୋଭା-ସମାପନେ ଜଣ୍ଡ ବିଧି
ଟେକି ହସ୍ତେ, ତାଂକ ମୁଖ ଥିଲା ଗଢ଼ି !
ଚିବୁକେ ଈଷତ ନମ୍ର ସ୍ଥାନ ଶୋହେ ,
ଅଙ୍ଗୁଳି-ଧାରଣ-ଜାତ-ଚିହ୍ନ ପ୍ରାୟେ । ୫୧
ପ୍ରିୟା-ମୁଖ ହୋଇ ସୁଖେ ସୁଧାକର ,
ଜାନୁ-ଉର୍ଦ୍ଧ୍ୱ-ବିନା କରଇ ବିହାର ;
ସେହି ଚନ୍ଦ୍ର ବାଳ-କିରଣ-ମଣ୍ଡଳ
ଓଷ୍ଠ-ବିମ୍ବ-ଲୀଳା କରଇ ପ୍ରଗଲ୍ଭ । ୫୨
ସର୍ବ ଶୋଭାମୟ ଏହାଙ୍କ ବଦନ
ରକା ଶଶଧର ଜଣି ଶୋଭାବନ ,
ଯେଣୁ ତା' ତୃତୀୟ ବିଭାଗ କପାଳ
ଭ୍ରୂ-ଲକ୍ଷ୍ମ-ଯୋଗେ, ଅର୍ଦ୍ଧ ନିଶାକର । ୫୩
ଅଖିଳ ଅମ୍ଭୋଜ-କୂଳେ ବିଦ୍ବରାଟ
ତାଂକ ମୁଖ-ପଦ୍ମେ କରିଛୁ ସମ୍ରାଟ ;

GPNanda Colln., Digitized by srujanika@gmail.com

ନେତ୍ର ନାମେ ବେନି ପଂଙ୍କଜ-ରାଜନ
ସେ ସମ୍ରାଟ-ସେବା କରନ୍ତି ସାଧନ । ୫୪
ରବି ସୋମ ଭୀତ ବନ୍ଧୁ ରାତ ଦିନେ ,
ଚନ୍ଦ୍ର ପଦ୍ମ ନିଜ ଶିରୀ ସେ ବଦନେ
ରଖି, ନ ଦିଶନ୍ତି ଶୋଭନ ସେ କାଳେ ;
ଭୈମୀ-ମୁଖେ ଶିରୀ ଅବିରତେ ଜଳେ । ୫୫
ତାତ ଜଳେ ପୁଣି ସୁହୃଦ ମୁକୁରେ
ତାଂକ ମୁଖ ଛବି ମାଗି ଥରେ ଥରେ ,
ପଦ୍ମ ଚନ୍ଦ୍ର ଯେଣୁ କରନ୍ତି ଧାରଣ ,
ସମୟେ ଦିଶନ୍ତି ସେଣୁ ଶୋଭାବନ । ୫୬
ଜଳକେଳି-କାଳେ ଭୈମୀ-ମୁଖ-ଶିରୀ
ଦେଖି, ଭୃଙ୍ଗ-ନେତ୍ରୀ ପଦ୍ମିନୀ ସୁନ୍ଦରୀ
ପଦ୍ମହସ୍ତ ଟେକି, ମାଗନ୍ତି ସାଦରେ ,
ନିଜ ପତି-ରବି-ତୃପତି-ଆଶାରେ । ୫୭
ସଦା ସ୍ପର୍ଦ୍ଧା-ଲୋଳ ଚନ୍ଦ୍ର ପରାଭୂତ
ସେ ମୁଖେ , କୁଂକୁମ-ବେଶ-ଲକ୍ଷାଙ୍କିତ ,
ବନ୍ଧା ହୋଇ କେବେ ରହେ ନଭଦେଶେ ,
ସତେକି ସହସା ପରିବେଷ-ପାଶେ ! ୫୮
ମାସେ ମାସେ ବୃଦ୍ଧି-ବିମ୍ବ ଶତ ଶତ
ପ୍ରତି କୁହୁ-ରାତ୍ରେ କରି ସେ ଲୁପ୍ତ ,

GPNanda Colln., Digitized by srujanika@gmail.com

ଅଭଙ୍ଗୁର-ଶିଖି ମୁଖ-କଳାନିଧି
ଏକଶେଷ ନକ ସ୍ଥାପିଅଛି ବିଧି ! ୫୯
ସକେତୁ, କପୋଳ-ପଞ୍ଚାଳ-ମକରେ ,
ସବଂଧୁ ମଦନ, ମଧୁ ଅଧରରେ ,
ଭ୍ରୂ-ଧନୁ-ଯୋଗେ ଜିଣିବାକୁ ଯିତ ,
ଅଛି ରତି ଏଥି, କରଇ ବସତ । ୬୦
ବାରେହେ ଲୋତକ-ଯୁତ ପଦ୍ମ-ନେତ୍ର
ଛଳ ଯିନା, ପୂଜା-ପୁଷ୍ପ-ଜଳ-ମାତ୍ର ;
ରତି-ରତିପତି-ସମର୍ପଣ ପାଇଁ ,
ବେନ କର୍ଣ୍ଣ-ପୂପ ସରଜିଛି ବିଧି ! ୬୧
ଅଷ୍ଟବକ୍ର ଶାସ୍ତ୍ରଙ୍କର ସାରରସ
ପ୍ରବାହେ ଯେ ପଥେ କଲା ପରବେଶ ,
କର୍ଣ୍ଣକୂପ ଯାଏଁ ବକ୍ର ରେଖା ଧରି ,
କର୍ଣ୍ଣପତ୍ର-ଗାରେ ସେହି ସେ ପ୍ରଣାଳୀ ! ୬୨
ଅଷ୍ଟାଦଶ ବିଦ୍ୟା ଉଭୟ ଶ୍ରବଣ
ବାଣ୍ଟି, ଅଧେ ଅଧେ କରନ୍ତି ଧାରଣ ;
କର୍ଣ୍ଣ ମଧ୍ୟେ ଯାହା ଦିଶେ ରେଖାକାର ,
ନୁହଇ କି ନବ-ଅଙ୍କ-ସଂଖ୍ୟା ତା'ର ? ୬୩
କର୍ଣ୍ଣଲତା-ମଧ୍ୟ, ବେନ, ଦୃଢତର
ପାଶ, ଲଭିଅଛି ମଣେ ପଞ୍ଚଶର ;

GPNanda Colln., Digitized by srujanika@gmail.com

ତେଣୁ ଅନାୟାସେ ଜଣେ ସେ ବର୍ଣ୍ଣ ,
ଏକମାତ୍ର ପାଶ ଯାହାର ସାଧନ । ୭୪
ଚତୁର୍ଭୁଜ-ବିଷ୍ଣୁ-ସୁତ ମନମଥ ;
ନଜେ ଚତୁର୍ଭୁଜ ହେବାର ବିହିତ ;
ବେଣୀଗ୍ରୁପ ତା'ର ଗୁରୁ ଭ୍ରୂ ବେନ ,
ବିସ୍ତୃତ-ଶ୍ରବଣ-ଯୁଗଳ ସିଂଜନୀ । ୭୫
ଅଦ୍ଭୁତ ସେ ଗ୍ରୀବା, ଅବଣ୍ଠ ଶୋଭିତା ,
ମାଣବକେ ପୁଣି ହୁଏ ପ୍ରସାଧିତା ,
ଅଲଙ୍ଘ୍ୟତା ପୁଣି କରିଣ ଆଶ୍ରୟ ,
ଅଦ୍ଭୁତେ ଶୋଭଇ ସେହୁ ଊର୍ଦ୍ଧ୍ୱକାୟ । ୭୬
କବିତ୍ୱ, ସଂଗୀତ, ଅମୀୟ ବଚନ ,
କଣ୍ଠ ମଧ୍ୟେ ବିଧି କରିଛି ସ୍ଥାପନ ;
ବାଣ୍ଟି ଦେଇ ଅଛୁ ରେଖା ତ୍ରୟ ଛଳେ
ତିନିଙ୍କର ବାସ-ସ୍ଥାନ ସେହୁ ଗଳେ । ୭୭
ଜାଣୁ ପଛେ କି ସେ ପ୍ରିୟା-ବାହୁଦ୍ୱୟ ,
ଦ୍ୱନ୍ଦ୍ୱେ ଜୟଲାଭ ନହଇ ବିସ୍ମୟ ;
ଚନ୍ଦ୍ର ସିନା, ପରାଜିତ ମୃଣାଳର
ଅନ୍ତର୍ନିର୍ବ୍ୟଥନ ହୁଏ ଯା ଗୋଚର ! ୭୮
ଅବର୍ତ୍ତି-ସୁନ୍ଦର-ନାଭି-ସୁନ୍ଦରୀର
ଭୁଜଦ୍ୱୟ ଜଣି ଅଛନ୍ତି ମୃଣାଳ ;

GPNanda Colln., Digitized by srujanika@gmail.com

ଅଛଘନ କୃଷ୍ଣ ଅକୀର୍ତ୍ତି-କର୍ଦ୍ଦମେ
ନରୁପାୟେ ସେହୁ ବୁଡ଼ିଛୁ ସରମେ ! ୬୯
କର-କୋକନଦ, କାମ-ରକ୍ତ-ତୂଣ ;
ରକ୍ତ-ନଖ ପଞ୍ଚାଙ୍ଗୁଳ, ପଞ୍ଚବାଣ ;
ଗ୍ରନ୍ଥି ସବୁ ତା'ର ଅଟଇ ସରଳ ;
ହେମ-ଶର-ମୁଖ, ନଖ ମନୋହର । ୭୦
ପ୍ରିୟା-କରେ ସ୍ପର୍ଦ୍ଧା କରି ସେ ପଲ୍ଲବ ,
ସେ ଫଳେ ଲଭନ୍ତି ସିନା ବାଳ-ଭାବ !
'ଅଧର-ସମାନ ହେବ', ଗର୍ବ ତା'ର ;
ତେଣୁ କିପାଁ ସେହୁ ନୋହବ ପ୍ରବାଳ ! ୭୧
କରେ ପଦ୍ମ-ଲେଖା ରାଜଇ ରୁଚିର ,
ଲେଖି, ବିଧି ନକି କରୁଛି ପ୍ରଚାର :—
'ସରଜିବା ଲାଗି ତୋହ ଶୁଭକର ,
ହସ୍ତ-ଲେଖ ବିନା ପଦ୍ମ-ସୃଷ୍ଟି ମୋର ।' ୭୨
ଅହୋ ସୁକୁମାରୀ ନର୍ମଦା ମୋହର !
ବାହୁଲତା ବେନ ତାହାର ମୃଣାଳ ;
ବାହୁ-ବାଡ଼ ଶୋଷି ଅଛୁ କାମତାପ ;
ଉଠିଅଛୁ ନବ କୁଚ-ଅନ୍ତରୀପ ! ୭୩
ନୋହବନ୍ତି କେବେ ଭୂ-ପତିତ ତାଳ
ଅପତିତ-କୁଚ-ବେନ-ସମତୁଲ !

GPNanda Colln., Digitized by srujanika@gmail.com

ବୃଷସ୍ଥିତ ତାଳ ପରେ ଅଣି ଉଚ ;
ସ୍ଥିତ ଏବ ତୁଙ୍ଗ କୃଶାଙ୍ଗୀର କୁଚ । ୭୪
ଏହି କୁଚ-ସ୍ପର୍ଦ୍ଧା-ଗୁଣେ ପିଳା ଘଟ
ନାନା ଶାସ୍ତ୍ରେ ନାମ କରନ୍ତି ପ୍ରକଟ !
କେତେ କେତେ ଶ୍ରେଷ୍ଠ-ମଣିକାଦ-କାର –
ନ ମେ ଦିନା ପରିଚିତ କୁମ୍ଭକାର ! ୭୫
ସ୍ୱଚ୍ଛ-ଜଲବିନ୍ଦୁ-ସମ ମନୋହର
ହାର-ମୁକ୍ତା-ଫଳେ ଯା ଅଙ୍କ ଫେନଳ ,
ମାଣିକ୍ୟ-ହାରର ରୋହିତ-ଶ୍ରୀ ତହିଁ
ଦମୟନ୍ତୀ-ପୟୋଧରେ ଶୋଭୁଥାଇ । ୭୬
ମୁଖ-ରୂପେ ଉଦେ ସୁଧାଂଶୁ-ମଣ୍ଡଳ ,
ନାଃସଙ୍କୋଚେ ଯହିଁ ସଙ୍କୋଚେ କମଳ ;
ତଥାପି ବିଚିତ୍ର, ସ୍ତନ-କୋକଯୁଗ
ନ ଲଭନ୍ତି ଭଲେ ଦେଲେ ବିପ୍ରୟୋଗ ! ୭୭
କୁଚଯୁଗ କସ୍ତ-କୁମ୍ଭ-ଶୋଭା-ହାରୀ ;
କୁଚ-ଶୋଭା ସେହୁ ନପାରଇ ହରି ;
ମୁକ୍ତା-ଆଭରଣ କୁଚେ ଶୋଭା ପାଏ ,
ଭୟେ କସ୍ତ-କୁମ୍ଭ ଉଦରେ ଲୁଚଏ । ୭୮
ଅଭିଳାଷୀ ଯହିଁ ଶତକୋଟି-କର ,
ସେହି କୁଚେ ଭୂଲା ଲଭିଲେ ଶ୍ରୀଫଳ ,

GPNanda Colln., Digitized by srujanika@gmail.com

ହୋଇବ ଉନ୍ନତ; ଉଚିତ ଏ ତା'ର ;
ନୁହଇ ପର୍ଶ ସେ କଡାଙ୍କର ମୂଲ ! ୭୯
ହାରବଳ-ରତ୍ନ-ଜ୍ୟୋତି-ଧାର୍ ଛୁରେ
ଚନ୍ଦନ-ପଙ୍କିଳ-ସ୍ତନ-ପ୍ରଘାତରେ ;
ମନେ ହୁଏ, ସର୍ବ ଯୁବଜନ-ମନ-
ସ୍ଖଳନେ ଦଶଇ ପତନର ଚିହ୍ନ ! ୮୦
ମଧ୍ୟେ କ୍ଷୀଣୋଦର ନୁହେ ପର୍ବତ
ବଳ-ଆକ୍ରମଣେ, ଏ ଅତି ଅଦ୍ଭୁତ !
ଭ୍ରମ-ଭୁବେ, ସର୍ବଅଙ୍ଗ-ଶୁକ୍ତି ଯହିଁ ,
ବଢିନ୍ତ, ଅନଙ୍ଗ-ରାଜ୍ୟ ଏ ଶୋଭଇ ! ୮୧
ମଧ୍ୟ କରି କ୍ଷୀଣ, କମନୀୟ ଅଂଶ
ନ ରଖି ଥାଆନ୍ତା ବିଧି ଯେବେ ଶେଷ ,
ଅନୁପମ-ଶିଳ୍ପ ଏ ଯୁଗଳ ସ୍ତନେ
ଯଉବନେ ପୁଣି ଗଢନ୍ତା କେମନେ ! ୮୨
ଗୌରୀ-ପର ଦନେ ଏକୁ ଭାଗ୍ୟବତୀ
ଅର୍ଦ୍ଧ-ତନୁ-ଦାନେ ସଂତୋଷିବେ ପତି ;
ମଧ୍ୟେ କାହିଁ ରୋମାବଳ-କୃଷ୍ଣ-ସୂତା ;
ସେହି ଭାଗ ନନେ ଚିହ୍ନାଇଛି ଯାହା । ୮୩
କୁଚ କୁମ୍ଭ-ଯୁଗ, ବକ୍ର ରୋମାବଳ ,
ସୁଗଭୀର ନାଭି-କୂପେ, ଦେଖିକର ,

GPNanda Colln., Digitized by srujanika@gmail.com

ନୃତ୍ୟନ୍ତା କରତ ଦୃଷ୍ଟି-ତୃଷ୍ଣା ମୋର ;
ବସ୍ତ୍ର ତର ବାର ଭେଦିବା ଦୁଷ୍କର ! ୮୪
ନାଭି ନୁହେ, ଉତ୍ପାଟିତ-ସ୍ତମ୍ଭ-ବଳ ;
ରୋମରାଜି ନୁହେ, ବିଚ୍ଛିନ୍ନ ଶୃଙ୍ଖଳ ;
ବପ୍ର ଯେହ୍ନେ, ଉଚ୍ଚ ସ୍ତନ ସୁଶୋଭନ ,
ବାଳା, ମତ୍ତ-ମାର-କୁଞ୍ଜର-ଆସ୍ଥାନ ! ୮୫
ମଧ୍ୟେ ରୋମାବଳି-ମୌର୍ବୀ ସ୍ଥାପି କାମ ,
ଭାଲେ ଭ୍ରୂ-ଧନୁ, ଲଲାଟେ କୁସୁମ ,
ବ୍ୟସ୍ତ ବାଳା ଦେହେ ରଖି ନିଜ ଅସ୍ତ୍ର ,
ଜିଣେ ତ୍ରିଭୁବନ; ଏ ବଡ଼ ବଚିତ୍ର ! ୮୬
ବାଳା-କୁଚ-ଶୋଭି କୁସୁମ, ମାର୍ଗଣ ,
ଭାଲ-ଅଲଂକାର ଭ୍ରୂରୁ, ଶରାସନ ,
ମଧ-ବିଭୂଷଣ ରୋମାବଳୀ, ଗୁଣ
କଲେହେଁ ଜଗତ ଜିଣଇ ମଦନ ! ୮୭
କେଶ-ଗଣ୍ଠି-ଶୋଭି ମଲ୍ଲିକା କଦମ୍ବ
ସ୍ୱର୍ଣ୍ଣପଟ୍ଟ-ପୃଷ୍ଠେ ବିହେ ପ୍ରତିବିମ୍ବ ;
ସ୍ୱର୍ଣ୍ଣପତ୍ରେ ଯେହ୍ନ ରଜତ-ଅକ୍ଷରେ
ଅଙ୍କିତ ମଦନ-ପ୍ରଶସ୍ତି ଉଜ୍ଜ୍ୱଳେ ! ୮୮
ସୁଦର୍ଶନ ଚକ୍ରେ ପିତା ତ୍ରିଭୁବନ
ଜୟ କଲେ, ଦେଖି ମକର-କେତନ ,

GPNanda Colln., Digitized by srujanika@gmail.com

ଦୁର୍ଲଭ-ଦର୍ଶନ ଏ ଚନ୍ଦ୍ର-ନତମ୍ବେ
ଜଣିବାକୁ ସତେ ଇଚ୍ଛେ ସାରାଭବେ ! ୮୯
ପ୍ରେମାବଳ ଦଣ୍ଡ, ଲାବଣ୍ୟ ସଲିଳ ,
ଗୁଣୀ ଗୁଣ, ଚକ୍ର ନିତମ୍ବ ବର୍ତ୍ତୁଳ ,
କୁଚ-କୁମ୍ଭ-କାମ ଯଉବନ ପାଇଁ
ବାଳା କି ସତେ ଏ ସାମଗ୍ରୀ ଧରଇ ! ୯୦
ଅଙ୍ଗେକି ବାଳାର ଅଣତ୍ୱ-ପଡରେ
ଅକାର-ଭୁଲନେ ଲେଡେ ଜଣିବାରେ ;
ନୋହିଲେ ଜଗତେ ଥାଉଁ ପଦ୍ମ କେତେ ,
କଂପୁଥାଏ ଭୟେ କମ୍ପା ସେ ନରତେ ? ୯୧
ରମ୍ଭା, ଏହାଙ୍କର ମନୋହର ଉରୁ ;
ନାସା, ତିଳୋତ୍ତମା; ଚନ୍ଦ୍ରଲେଖା, ଭ୍ରୂ ;
ବହୁ-ଅପସରା-ଦର୍ଶନ-କୌତୁକ ,
ଦେଖିଲେ ଏହାଙ୍କୁ , ହୁଅଇ ସାର୍ଥକ । ୯୨
ଚହ୍ନାଇ ଦେଉଛି ସିନା ରମ୍ଭାତରୁ
ନିଜ କାଣ୍ଡେ ବାଳାମଣି ଊରୁଠାରୁ !
ବେନ-ଭ୍ରମ-ଭୟେ, ପଦ ଧରି ଶିରେ ,
କାଗ୍ରତ ପରା ସେ ଥାଏ କଉଶଳେ ! ୯୩
କଦଳୀ ଯେବେହିଁ ତଳ କର ଶିର ,
ଅସାରତ୍ୱ ତପେ ବରଜ ନିଜର ,

GPNanda Colln., Digitized by srujanika@gmail.com

ବରଜବ ପୁଣି ଘୋର ଜଡ ଭାବ ,
ଦେବେ ଅବା ଊରୁ ପରି ଗୁରୁ ହେବ ! ୫୪
ଗୁରୁ ଊରୁ-ସ୍ତମ୍ଭ-ଯୁଗେ କୃଶାଙ୍ଗୀର
ପରାଜିତ ହୋଇ ଅଛି କରି-କର ;
ଉଚିତ ଲଜ୍ଜାରେ କୁଣ୍ଡଳନ-ଛଳେ
ଲୁଚୁଏ ସେ କଣ୍ଠ ସ୍ୱମୁଖ-ପୁଷ୍କରେ । ୫୫
ମୁନି-ମୋହ ମଣେ ଏ ସୁନ୍ଦରୀବରେ ,
ମହାତ୍ମ୍ୟ ଯେଣୁ କୂଚ-ଶୈଳ ଧରେ ,
ଭ୍ରୂ-ବ୍ୟାସ ମହା-ଭା-ରତ-କୁଶଳ ;
ନାନାରସାଢ୍ୟାପି ବଦନ-ମଣ୍ଡଳ । ୫୬
ଜଘେ ପୀବରତା କ୍ରମେ ବଢ଼ୁଥାଏ ,
ବୃଦ୍ଧ-ଅନ୍ୱେଷଣ ଜାଣିଲୁ ପରାଏ ;
ବସ୍ତ୍ର ନଦ୍ଧ ଲତା-ବେଷ୍ଟନ ଜାଣଇ ?
ଭ୍ରମି-ଭଙ୍ଗି-କ୍ରମେ ଅଙ୍ଗ ଅବରଇ । ୫୭
ଅରୁନ୍ଧତୀ, ରତି, କୈଟଭ-ଗୃହିଣୀ ,
ଶଚୀ, ପୁଣି ନବ ଅମ୍ବିକା ପୂରଣୀ
ଚତୁର୍ଦ୍ଦଶୀ ଏହୁ ; ତେଣୁ ଗୁଲ୍ଫ-ଦ୍ୱୟେ
ଅଦୃଶ୍ୟ-ବିଧାନ-ସିଦ୍ଧି ଶୋଭା ପାଏ । ୫୮
ଗୁରୁପଣେ ତାଙ୍କ ପଦ ସୁମହତ ;
ନବପଦେ ତହୁଁ ଅଛି ଲବ-ମାତ୍ର ;

GPNanda Colln., Digitized by srujanika@gmail.com

ତେଣୁ ମହୀରୁହ-ପ୍ରବାଳ-ସଂହତ ,
ପଲ୍ଲବ-ଶବଦେ ଲଭିଛନ୍ତି ଖ୍ୟାତି । ୯୯
ରୂପ-ଗର୍ବେ ସର୍ବ-ସୁନ୍ଦରୀ-ଶିରସେ
ସ୍ଥାପିଅଛୁ ବାଳା ପଦ-ତାମରସେ ;
ତହୁଁ ଲାଗି ସାନ୍ଦ୍ର ସିନ୍ଦୂର-ପରାଗ ,
ପ୍ରବାଳ-ପ୍ରବଳ-ରକ୍ତ ପାଦ-ଯୁଗ । ୧୦୦
ସର୍ବଗୁଣେ ହାରି, ଲକ୍ଷ୍ମୀ ରୋଷାରୁଣା ,
ଭୈମୀପଦ କଲେ ବିଧିରେ ପ୍ରାର୍ଥନା ;
ଫଳେ ତାଙ୍କୁ ଠକ ଦେଲେ ପଦ୍ମ ବିଧି !
ଅତଭାଗେ ଲକ୍ଷ୍ମୀ, ପଦେ 'ଛନ୍ତି ରନ୍ଧ୍ର । ୧୦୧
ସୁପାର୍ଣ୍ଣି ବାଳାର ପାଦପଦ୍ମ-ସଙ୍ଗେ ,
ଯାନେ ଗଜପତି ଜଣେ ଯେ ସନ୍ଦଙ୍ଗେ ,
ନ ଜାଣେ ଜଗତେ କେତେ ଜନ୍ମବରେ
ଆଚରିବେ ସେବା ନତ ମସ୍ତକରେ । ୧୦୨
କର୍ଣ୍ଣ ଅକ୍ଷି ଦନ୍ତ ବାହୁ ପାଦ ପାଣି
ଅଛନ୍ତି ସଦୃଶ ସର୍ବଦ୍ରବ୍ୟେ ଜାଣି ;
ଛେଦିବାକୁ ତାଙ୍କ ଅଦ୍ୱୟ ଗରବେ ,
କରଛନ୍ତି କି ବିଧି ଦୁଇ ଦୁଇ ତେବେ ! ୧୦୩
ଭୂଷାରେ ନିଃଶେଷ ହେଲେ ପଦ୍ମକୁଳ ,
ପୁଣି ସରଜନେ ବିଧାତା ବ୍ୟାକୁଳ ;

GPNanda Colln., Digitized by srujanika@gmail.com

ମୁଖ ପାଣି ପାଦ, ପଞ୍ଚ ଅଙ୍ଗ ସାର
ଭିକ୍ଷା କରେ ଏବେ; ଯେହ୍ନେ ମଧୁକର । ୧୦୪
ଯେତେ ଦର୍ଭ ମାର ଭୟେ ନୃପଗଣ
ଅସିଣ ବକଳେ ପଶିବେ ଶରଣ,
ସଂଖ୍ୟାରେ ଅଙ୍କୁଳ-ରେଖା ସେତେ ଦେଇ,
ପାଦ-ପଦ୍ମ-ଯୁଗ ଗଢିଛୁ କି ବହି ? ୧୦୫
ରହନ୍ତେ ଚନ୍ଦ୍ରମା ବାଳା-ନଖ ହୋଇ,
ସୁଦର୍ଶଂଶେ ତା'ରେ ପକାଇଲା ବିଧି;
ନ ହେଲେ କାହିଁ ଏ ସଉଭାଗ୍ୟ ତା'ର,
ବାଳା-ପଦ-ବ୍ୟାଜେ କୋକନଦ-ମେଳ ? ୧୦୬
ଯଶ, ମୁଖ, ପଦାଙ୍ଗୁଷ୍ଠ-ନଖ ବେନ,
ପୂର୍ଣ୍ଣଚନ୍ଦ୍ର-ଚତୁଷ୍ଟୟ ଧରେ ଧନୀ;
ଚତୁଃଷଷ୍ଠୀ କଳା ତେଣୁ କି କାରଣେ
ନ କରିବେ ବାସ ରମଣୀ-ରତନେ ? ୧୦୭
ଲୋକାତୀତ ଶିଖି ଗଢ଼ି ଅଛୁ ବିଧି;
ଯଉବନ ପୁଣି କରେ ତାର ବୃଦ୍ଧି;
ବିଳାସ ଶିଖାଇ ଏବେ ପଞ୍ଚଶର,
କରିଅଛୁ ତାକୁ ବାକ୍ୟ-ପଥ-ପାର । ୧୦୮
ହରିଣ-ନୟନା— ସୁନ୍ଦରୀ—ବର୍ଣ୍ଣନା
କେଉଁ ପାଦ ନଖ ଯାଏଁ

GPNanda Colln., Digitized by srujanika@gmail.com

କହିଣ ଏସନ,   ବିସ୍ମୟ-ସାଗରେ
ବୁଡ଼ିଗଲେ ନର ରାଏ ;
ପୂରି ହୃଦ ମୃଦ   ହୁଅନ୍ତେ ଉଦ୍‌ବେଳ
ହୋଇଲା ନୃପତି ମନ :—
ସଖୀବୃତ-ଭୈମୀ-   ପାଶେ ନିଜରୂପ
କରାଇବେ ପ୍ରଦର୍ଶନ । ୧୦୯
କବିରାଜ-ରାଜ-   ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ   ଜିତେନ୍ଦ୍ରିୟ ବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ;
ଏହୁ ମହାକାବ୍ୟ   ଗଉଡ଼େଶ-କୁଳ-
ପ୍ରଶସ୍ତି-ଭଣିତ ସଙ୍ଗେ ରଚିତ ,
ବୀରସେନ-ସୁତ-   ଚରିତ ଏ, ତହିଁ
ଶେଷ ଏ ସପ୍ତମ ସର୍ଗ ମହିତ । ୧୧୦

GPNanda Colln., Digitized by srujanika@gmail.com

ସପ୍ତମ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୮ — କଣ୍ଠକୁ ଶେନ ବହନ୍ତି ।

୧୧ — ରୂଢ଼ିଭିତ୍ = ଖ୍ୟାତିସଙ୍ଗା; ପର୍ବତ । ସ୍ତନିତ ସେ ସନେ = ଘନ ସ୍ତନ ସମନ୍ୱିତ; ମେଘରେ ଶବ୍ଦାୟିତ ।

୧୫ — ଅଧର ଲେଖି ଡିଙ୍ଗିବା ପୂର୍ବରୁ ହାତ ବଳାଇବା ପାଇଁ ଯାହା ଲେଖାଯାଏ ।

୧୮ — ପ୍ରିୟା ଅଙ୍ଗମାନେ ଯେ କେଶର କେତକୀ ପ୍ରସୂନଙ୍କ ଛତ୍ର, ତାହା ସେମାନଙ୍କର ଦୂଷଣା ହେତୁରୁ ଘୃଣାରେ, ସେମାନେ ଦୁର୍ଗମ ଜଙ୍ଗଲରେ ଥିବାରୁ, କଣ୍ଟା କଣ୍ଟାରେ କଣ୍ଟିତ ଥିବାରୁ ଡ଼ର କର ହେବେ ।

୨୩ — କୃଷ୍ଣାଷ୍ଟମୀ ବଜସ୍ୱ ଯାତ୍ରାର ଶୁଭକାଳ ।

୩୯ — ଭୈମୀର ଅଧର, ବିମ୍ବ; ଏବ ବିମ୍ବର ନାମ ଅଧର (ଅପକୃଷ୍ଟ) ହେବା ଉଚିତ ।

୪୪ — ନେତ୍ରର ପ୍ରଥମ ବିନ୍ଦୁମାନେ ସ୍ପଷ୍ଟ ଓ ସଂହତ, ପର ବିନ୍ଦୁମାନେ ଟିକିଏ ବଡ଼ ଓ ଛଡ଼ାଛଡ଼ି । ପ୍ରଥମ ବିନ୍ଦୁମାନେ ତଳ ଦାନ୍ତ ଓ ଦ୍ୱିତୀୟ ବିନ୍ଦୁମାନେ ଉପର ଦାନ୍ତପନ୍ତି ସଙ୍ଗେ ଉପମିତ ।

୫୫ — ମହେନ୍ଦ୍ର-ମର୍ଯ୍ୟାଦା-ଶରେ = ଇନ୍ଦ୍ରଙ୍କ କୃତ ମର୍ଯ୍ୟାଦା ଜନିତ ସ୍ୱରରେ; ପୂର୍ବଦିଗ ରକ୍ତିମାରେ । ଦ୍ୱିଜଗଣ = ଦାନ୍ତମାନେ; ପ୍ରାତଃ ସନ୍ଧ୍ୟା ଉପାସକ ବେଦପାଠକମାନେ । ଦ୍ୱିଅର୍ଥ ।

୬୩ — ପ୍ରାଚୀନ ଆର୍ଯ୍ୟାବର୍ତ୍ତ ଲିପିର ୯ ଅଙ୍କ ପରି ତାର ବର୍ଣ୍ଣ-ମଧ୍ୟ ।

୭୭ — ଅଦନ୍ତ = ବେଙ୍ଗ; ଅବ୍ରାହ୍ମଣ । ମାଣବକ = ଅର୍ଦ୍ଧହାର ନାମକ ହାର ବିଶେଷ: ପିଲା । ଅଲଙ୍ଘ-ତା = ଅଲଙ୍ଘନ ଯୋଗ୍ୟତା; ମର୍ଦ୍ଦଳ-ଦର୍ପ ଓଲ୍ଲା । ଉର୍ଦ୍ଧ୍ୱ = ଅନ୍ୟ ପ୍ରକାର ମର୍ଦ୍ଦଳ । ଦ୍ୱିତୀୟ ଅର୍ଥରେ ବ୍ୟବଧାନରେ ଅବ୍ୟୟ ସୂଚିତ ଅଛି ।

GPNanda Colln., Digitized by srujanika@gmail.com

୭୮ — ନବ୍ୟଥନ = ବ୍ୟଥାର ଅଭାବ; ଛନ୍ଦ । ଦ୍ୱ୍ୟର୍ଥ ଶ୍ଳେଷ ।

୮୪ — ବସ୍ତୁଚରବାର — ବସ୍ତୁ ସମ୍ବନ୍ଧ ଜାତି; ବସ୍ତୁରୂପ ଖଡ୍ଗ । ଦ୍ୱ୍ୟର୍ଥ ଶ୍ଳେଷ ।

୯୭ — ଦୁଇଅର୍ଥ ଶ୍ଳେଷ । ବ୍ୟାସ = ବିସ୍ତାର । ମହାଭା = ଅତିଦୀପ୍ତି ।

୧୧୦ — ଗୌଡ଼େଶ-କୁଳ-ପ୍ରଶସ୍ତି ନାମକ କବିଙ୍କର ଅନ୍ୟତମ କାବ୍ୟକୁ ଏଠାରେ ଲକ୍ଷ୍ୟ କରା ହୋଇଛି ।

GPNanda Colln., Digitized by srujanika@gmail.com

ଅଷ୍ଟମ ସର୍ଗ

ଭଇମୀ, ଭଇମୀର ସଜନୀମାନେ
ନିମେଷ-ମୁଦ୍ରା ତେଜି ଚାରୁ ନୟନେ ,
ପିଇଲେ ନେତ୍ର-ପଥେ ସେ ଯୁବାବରେ ,
ପୁଲକ-କଣ୍ଟକିତ ନୃପତି ନଳେ । ୧
ଦେବଗଣ-ବଚନ-ଉରସ୍ତରଣୀ
କେତେ ବା ଲୁଚାଇବ ନୃପତିମଣି !
ପଲ୍ଲବ ଆବରଣେ ଇକ୍ଷୁ-ଅଙ୍କୁର
କେତେକାଳ ରହିବ ନୋହି ଗୋଚର ! ୨
ଭଇମୀ-ଅଭିଳାଷେ ନଳ-ନୟନ
ନ କରୁଁ ବାଳା-ନେତ୍ର-କୋଣେ ଗମନ ,
ଆମୂଳଚୂଳ କାମ-ଶର ସେ କାଳେ
ଭେଦଲେ ଦମୟନ୍ତୀ-ଅଙ୍ଗ-ନକରେ । ୩
ବିକ୍ରମ-ଶକ୍ତି-ସାମ୍ୟ ବସନ୍ତ-ଶର
ଏକାବେଳେକେ ଦୁହେଁ ବିନ୍ଧିଲା ଶର ,
ବୈଷମ୍ୟ ନ ଭଜିଲା କାହାରିଠାରେ ,
ଅର୍ଦ୍ଧାର୍ଦ୍ଧ ଭାଗେ ବାଣ୍ଟି ନ ଦେଲା ଶରେ । ୪

GPNanda Colln., Digitized by srujanika@gmail.com

ମଣି ତାହାଙ୍କୁ 'ନଳ', ଭଇମୀ ଭୋଳ ;
'କପରି ଏଥି ?' ଭାବି, ହେଲେ ବିକଳ ;
ପହୁଲେ ନଳ-ମନ ହେଲା ଚଞ୍ଚଳ ;
ଦୃଢ-କର୍ତ୍ତବ୍ୟ ଭାଳ, ହୋଇଲା ସ୍ଥିର । ୫
ଦେଖି ନଳେ କାହାର ଲଜ୍ଜା-ଉଦୟ ;
ପୂରିଲା ତାଙ୍କ ଭୟେ କା'ର ହୃଦୟ ;
ମଣିଲା କେଉଁ ବାଳା ନଳେ ମଦନ ;
କାମ-ଅଧୀନ ପୁଣି ହୋଇଲା ଅନ । ୬
'କିଏ ହେ ତୁମ୍ଭେ, ଏଥି ଆସିଲ କାହିଁ' ?
ଅପ୍ରତିଭେ ପଚାରି ପାରିଲେ ନାହିଁ ;
ଇଚ୍ଛା ସତ୍ତ୍ୱେ ନ ହେଲା ଶେଯ୍ୟୁଁ ଉତ୍ଥାନ ;
ଥିଲେ ସକଳେ ଏକ ରସେ ମଗନ । ୭
ବର୍ଷା କାଳେ ଲଭି ବାରି-ସଂଯୋଗ ,
ନିର୍ଝର ଲଭେ ଯଥା ମହାନବେଗ ;
ତେସନ ମୋହ-ପରଂପରା ଅଧିକେ
ଲଭିଲେ ଭୈମୀ, ଦେଖି ନର-ନାୟକେ । ୮
ପଲକ-ପାତ-ଯୋଗୁଁ ଜ୍ଞାନ-ଉଦୟ
ନ ହେଉଥିଲେ, ଏକା ଲଗାଇ ଲୟ ,
ଦେଖୁଥାଆନ୍ତା ମହି ଗୋଟିଏ ଅଂଗ ,
ନ ଯାଆନ୍ତା ଅନ୍ୟତ୍ର ଦୃଷ୍ଟି-ତରଙ୍ଗ । ୯

GPNanda Colln., Digitized by srujanika@gmail.com

ପ୍ରଥମେ ଏକ ଅଂଗ କରି ଦର୍ଶନ ,
ହରଷେ ଅନ୍ୟ ଅଂଗେ ନ ହୁଏ ଜ୍ଞାନ ;
ତଇବେ ଅନ୍ୟଅଂଗ ହେଲେ ବୀକ୍ଷିତ ,
ପୂରୁବ-ଦୃଷ୍ଟ ଅଂଗ ହୁଏ ବିସ୍ମୃତ । ୧୦
ବରଜ ଏକ ଅଂଗ ଭୈମୀ-ନୟନ ,
ଅପର ଅଂଗ-ଭୋଗେ ବଳାନ୍ତେ ମନ ,
ଉଭୟ-ଲଭ-ଲୋଭେ ବ୍ୟାକୁଳ ହୋଇ ,
ଚଞ୍ଚଳ ନେତ୍ର ଗତାଗତ କରଇ । ୧୧
ପୂରବେ ଯେଉଁ ଅଙ୍ଗ ଦର୍ଶନ କଲେ ,
ଚଞ୍ଚଳେ ଅନ୍ୟ ଅଙ୍ଗେ ଦୃଷ୍ଟି ପଡଲେ ,
ନ ପାରିଲେ ପ୍ରଭେଦ ଉଭୟ ବାରି ,
ଆନନ୍ଦେ ମୁଗ୍ଧ ହେଲେ ଭୀମକୁମାରୀ । ୧୨
ସୂକ୍ଷ୍ମ ଘନ ନୈଷଧ-ଚିକୁର-ପାଶେ
ଦମୟନ୍ତୀ-ନୟନ—ଖଞ୍ଜନ କି ସେ
ପଡି, ନିଷ୍ପନ୍ଦତନୁ ହୋଇଲେ କ୍ଷଣେ ;
ଯାନ୍ତି ପାରିଲେ ନାହିଁ ଏଡ଼ି ବନ୍ଧନେ ! ୧୩
ଭୀମ-ତନୁଜା-ଦୃଷ୍ଟି-ସରୋଜଗଣେ
ନୃପତି-ମୃଗ-ପାଣି-ପାଦ-ନଳିନେ
ଅଶ୍ଳେଷ ଲଭି, ବଂଧୁ-ବଂଧନ ଭୋଳେ ,
ତେଜି ନ ପାରି, ଚିର ରହିଲେ ସ୍ଥିରେ । ୧୪

GPNanda Colln., Digitized by srujanika@gmail.com

ଦର୍ଶନେ ଅନନ୍ଦିତ ହୋଇଲେ ବାଳା ;
'କେମନ୍ତେ ଏଥି ?' ଭଳି ମୋହ ଜନ୍ମିଲା ;
ମୁକ୍ତ-ସଂସାରି-ଦଶା ହେଲା ଝଟିତ ,
ଦ୍ୱିବିଧ ରସମୟ ଲଭିଲେ ପ୍ରୀତ । ୧୫
ଦେଖିଲେ ଦୂତେ ନଳ-ଅକୃତ-ଚୟ
କଳଂକିନୀ ରଜନୀ ହେବ ନଶ୍ଚୟ ,
ଏଣୁ କି ବିଧି ମାୟା-ନଳ-ଶରୀରେ
ପ୍ରେରିଲେ ନାହିଁ ଇନ୍ଦ୍ରେ ସେ ଅନ୍ତଃପୁରେ ! ୧୬
ମୁନ ହେଲେହେଁ, ନାହିଁ ମାନସ ସ୍ଥିର ;
ପାପେ ବା କାହା ମନ ନୁହେ ଅସ୍ଥିର ?
ତେଣୁ ପାପ ଚନ୍ତନ୍ତୁ ଭକତ-ଚିତ୍ତ
କରନ୍ତି ବିଭୁ କାଳେ କାଳେ ସଂଯତ । ୧୭
ଉନ୍ମାଦ-ଭ୍ରମ ବେଳେ ଦେଖି ସେ ନଳେ ,
ହୋଇ ନଥିଲେ ପଶି ମଜ୍ଜନ ତଳେ !
ସ୍ୱରୂପେ ଦେଖି ଏବେ ଫିଟେ ବଚନ ;
ସତ୍ୟମିଥ୍ୟା-ବିଶ୍ୱରେ ମୂଢ଼ କି କ୍ଷମ ? ୧୮
ଭୟେ ରହନ୍ତେ ସଖୀମାନେ ନୀରବେ ,
ଭାଷିଲେ ନତମୁଖୀ ନୃପ-ପୁଙ୍ଗବେ ;
ଭାବ-ଗୋପନ ଚେଷ୍ଟା ହେଲା ବିଫଳ ;
ଶ୍ଲଥ ବଚନେ କଂପି ଉଠିଲା ସ୍ୱର । ୧୯

GPNanda Colln., Digitized by srujanika@gmail.com

"ଲଭିଁ, ମସ୍ତକ-ରତ୍ନ-ଚରଣେ ପାଦ୍ୟ
ବଦନ୍ତି ଅଭ୍ୟାଗତେ ଅଗ୍ରବଦ ;
ପ୍ରିୟ ବଚନ-ସୁଧା-ଧାରେ ସେ ପୁଣ
କରନ୍ତି ମଧୁପର୍କ-ତୃପ୍ତି-ବିଧାନ । ୨୦
ଅତଏବ ନଳ ଦେବେ ମଣିବ ତୃଣ ;
ଆସନ ତେଜ, ତାହା କରିବ ଦାନ ;
ଦର୍ପ–ଲେପତକେ ଦେଇ କ୍ଷାଳନ–ଜଳ ,
ମଧୁର ବାକ୍ୟେ ପଚାରିବ କୁଶଳ । ୨୧
ଚରଣ-ଉପହାରେ ଝଂହିତ ଜଳ
ନା ଦେଲେ, ଅପରାଧ ହୁଏ ମୁକର ;
ଅଞ୍ଜଳ ଯୋଡି ତେଣୁ ଅତିଥିବରେ ,
ପ୍ରଞ୍ଜଳ ଭାବ ବନ୍ଧୁଥିବ ସହାରେ । ୨୨
ଅର୍ପିତ୍ତୁ ଆସନ ଦେଖିବା କ୍ଷଣେ ,
ନହେଉ ପଛେ ତବ ଯୋଗ୍ୟ, କେସନେ
ନକର ଅଲଂକୃତ କ୍ଷଣେ ମାତର ,
ଥିଲେ ହେଲେ ଅନ୍ୟତ୍ର ଇଚ୍ଛା ଯିବାର ! ୨୩
ମୃଦୁତା-ଗର୍ବେ ଯେହ୍ନ ଶିଖାଣେ ଜଣେ ,
କହ ହେ ମୋରେ, ସେହ୍ନ ତବ ଚରଣେ
କେତେ ବା ଦୂରୁ ତବ କନ୍ଦର୍ପ ମନ
ଏତେ ପ୍ରୟାସେ କରିଅଛୁ ପ୍ରେରଣ ? ୨୪

GPNanda Colln., Digitized by srujanika@gmail.com

ତୁମ୍ଭ ବିହୁନେ ହତଶିରୀ କେ ଦେଶ ,
ବସନ୍ତ-ବିରହିତ-ବନ-ସଦୃଶ ?
କୃତାର୍ଥ କେଉଁ ନାମ ତବ ସଙ୍କେତେ ?
ଶ୍ରାବ୍ୟ କି ନୁହେଁ ଏହୁ ଜନର ଘଟେ ? ୧୫
ସୁଦୁସ୍ତର ଏ ପୁରେ ହିନା ପ୍ରବେଶ,
ଦୁସ୍ତର ପାରାବାର-ପାର-ସଦୃଶ ;
କି ଫଳେ ଏ ସାହସ କଲ ଆଶ୍ରୟ ;
ଅଦ୍ୟାପି କରି ପାରି ନାହିଁ ନିଶ୍ଚୟ । ୧୬
ପ୍ରବେଶିଲ ଯା ତୁମ୍ଭେ ଏ ଅନ୍ତଃପୁର ,
ମଣେ ତା' ମୋର ନେତ୍ର-ସୁକୃତ-ଫଳ ,
ଦେଖିଲେ ନାହିଁ ରକ୍ଷୀ, ତେଣୁ ନୟନ
କାମ ଜଣି ସୁନ୍ଦରେ କଲ ଦର୍ଶନ ! ୧୭
ଅଲୌକିକ ଯେପରି ତବ ଆକୃତି ,
ଦ୍ୱାର-ରକ୍ଷକ-ଅନ୍ଧ-କରଣ-ଶକ୍ତି ,
ବର୍ଣ୍ଣି ସ୍ୱବର୍ଣ୍ଣ-କାନ୍ତି-ଦର୍ପ-ଦଳନ ,
ଦେବ-ଗୋଷ୍ଠୀୟ ତୁମ୍ଭେ ଭାବଇ ମନ । ୧୮
ମୂର୍ତ୍ତି ନାହିଁ ତାହାର, ନୁହ ମନ୍ମଥ ;
ଦ୍ୱିତୀୟ ନାହିଁ, ନୁହ ଅଶ୍ୱିନୀ ସୁତ ;
ଅପର ଚିହ୍ନେ ଅବା କି ପ୍ରୟୋଜନ ?
ନୁହଇ ତାଙ୍କ କାନ୍ତି ତବ ସମାନ । ୧୯

GPNanda Colln., Digitized by srujanika@gmail.com

ଲୋକ-ଲୋଚନ-ପ୍ରିୟ ସୁଧା-ସାଧିତ ,
ତବ ଜନମେ କେଉଁ କୁଳର ଖ୍ୟାତି ?
ସ୍ପର୍ଦ୍ଧା ଯେ କରିପାରେ ସାଗର ସହ ,
ଅଟେ ସେ କେଉଁ ବଂଶ ସଦୟେ କହ ।" ୩୦
ଋଷିମାନଂକ ଅକ୍ଷି-ବନ୍ଧନ-ଫଳେ
ଅମର ମଣି ବାଳା ସ୍ମର-ହ୍ରଦରେ ,
ଅତଥ୍ୟ-ଶୃଙ୍ଗିର ଛଳନା କରି ,
ସ୍ୱଭାବେ ପ୍ରିୟ-ସ୍ମୃତ କଲେ ସୁନ୍ଦରୀ । ୩୧
"ଅଭୂତ-ଗୁଣ ଜନେ ମଉନ ହେଲେ ,
ବୃଥା ବାକ୍-ଜଳ୍ପ, ବିଦ୍ଧେ ଦୁରନ୍ତ ଶଲ୍ୟ ;
ଖଳଙ୍କ ପରକାଶେ ଅଳ୍ପ ଭୂଷଣ ;
ବନ୍ଦି-ଭ୍ରମ ହେଉ, ସେ ମହା କଲ୍ୟାଣ । ୩୨
ଚଣ୍ଡୀଶ-ଚଣ୍ଡ-ଅକ୍ଷି-ହୁତାଶ-କୁଣ୍ଡେ
ଆହୁତ କଲା ଯେଣୁ ଦେହ ଅକାଣ୍ଡେ ,
ମଣଇ ସେହି ଭାଗ୍ୟେ ଭୂମ୍ନ ଶରୀର ,
ଲଭନ୍ତି ଅନ୍ୟ ଜନ୍ମେ କୁସୁମ-ଶର ! ୩୩
ଜିଣିଛ ଶୋଭା-ଯଶେ କୈଳାଶଗିରି ,
ଲଙ୍କାରେ ଛଳା-ଦୂତ ଗଲେ ମଣ୍ଡଳ ,
ଅଶ୍ୱିନୀ-ସୁତେ ଶିରୀ-ବହୀନ ହେଲେ ,
କନ୍ଦର୍ପ ରୂପ-ଦର୍ପ ବଳେ ତେଜିଲେ । ୩୪

GPNanda Colln., Digitized by srujanika@gmail.com

ତୁଳିଲେ ତବ କାନ୍ତି-ଖୀରଡ-ସନ୍ଧ ,
ଧଳା-ବାଲୁଙ୍କା-ସରି ହଂସ-ନବନ୍ଧ ,
ତେଣୁ ଶୂନ୍ୟରେ ଉଡ଼ି ହ୍ରଦ ପଲ୍ୱଲେ
ବୁଡ଼ନ୍ତି ଲଘୁପଣେ ବିହ୍ୱଳ ଫଳେ । ୩୫
ତବ ପାଦ-ଅଂଗୁଳ-ସୁନ୍ଦର-ପଣ
ନଷ୍ଟପ୍ରୃ ଲଭନାହିଁ କେବେ ମଦନ ;
ନଖ-କୈତବେ ଅର୍ଦ୍ଧ-ଇନ୍ଦୁ-ଧାରଣ
ସୂଚୁଏ ତୁମେ କାମ-ବିଜୟ-ଚହ୍ନ । ୩୬
ତପ ଆଚରି ଷୀଣ କଳ ଶରୀରେ ,
ସମର୍ପି ଇନ୍ଦୁ କ୍ରମେ କଳା ଅମ୍ବରେ ,
ଅମାବାସ୍ୟା ରାତ୍ରିରେ ଅଦୃଶ୍ୟ ହୋଇ ,
ତବ ବଦନ ସଂଗେ ଐକ୍ୟ ଲଭଇ । ୩୭
ତରଙ୍ଗ ନେତ୍ର ନାନା ବରଣେ ବହି ,
ଅର୍ଦ୍ଧଚନ୍ଦ୍ରର ଚାନ୍ଦ ଅଛି କି ନାହିଁ !
କୃଷ୍ଣସାର-ହରିଣ-ନୟନ ତଳେ ;
ହାରିଛନ୍ତି ସ୍ପର୍ଦ୍ଧା କରି ଯେଣୁ ତା' ତୁଲେ ! ୩୮
ତବ ଭ୍ରୂ-ନମିଣେ ଦେଇ ସାୟକ ,
ମୁଗ୍ଧ ମଦନେ ନାହିଁ ସୌନ୍ଦର୍ଯ୍ୟ-ଟେକ ;
ଭ୍ରମୁର ଏହି ରୂପ ଯେଣୁ ମଦନେ
ଭ୍ରୂଭଙ୍ଗ-ମାତ୍ରେ ଜିଣି ପାରଇ ଷଣେ ! ୩୯

GPNanda Colln., Digitized by srujanika@gmail.com

ତବ ଶୃରୁଁ ବଦନ ବିଧୂ-ମଣ୍ଡଳ ,
ରାଜେ ମୃଗ-ସଦୃଶ ନେତ୍ର-ଯୁଗଳ ,
ତୁମ୍ଭର କେଶପାଶ ଅତି ସୁନ୍ଦର
ଅଟେ ପିନା ଦରଣ-ପୁଚ୍ଛ ଚାମର । ୪୦
ଅଦୃଶ୍ୟ କଲେ କାମେ ପଂଚଶ-ପତ୍ର ,
ସ୍ମରଣ-ବାଣୀ, ସତ୍ୟ ନୃପେ ପ୍ରତୀତ ;
ନୂତନ ଦୃଶ୍ୟ ଅଣ୍ଡି ତବ ଶରୀର ,
ଏହି ନୂତନ ତତ୍ତ୍ୱ ଅଟେ ସୁନ୍ଦର । ୪୧
ଜଗତୁଁ କାନ୍ତିସାର କଲ ଗ୍ରହଣ ;
ଶୀତୋଂଶୁ-ବୃତ୍ତ ଇନ୍ଦୁ କଲେ ଧାରଣ ;
ତେଣୁ ଯାଜ୍ଞିକ କରି, ସେ ମାଣବକେ
ପୁଣି ସ୍ଥାପିଲେ ଶିବ ନିଜ ମସ୍ତକେ । ୪୨
କାମଦାହ-ଅବଧି ସାରା ଜଗତ
ସୌନ୍ଦର୍ଯ୍ୟପଣେ ହେଲା ଦରିଦ୍ର ଅତି ;
ବିଧି ତୁମ୍ଭର ଅଂଗ କରି ନିର୍ମାଣ ,
ଜଗତେ ଅନୁକଂପା କଲେ ଟି ଜାଣ । ୪୩
ମାନବ ଯଦି ତୁମ୍ଭେ, କୃତାର୍ଥ ସ୍ୱର୍ଗ ;
ଅମର ହେଲେ, ଧନ୍ୟ ତ୍ରିଦିବ ସେହି ;
ଉରଗ-କୁଳେ ଯଦି ତୁମ୍ଭେ ଜାତକ ,
କାହାର ତଳେ ଅବା ସେ ନାଗଲୋକ ! ୪୪

GPNanda Colln., Digitized by srujanika@gmail.com

ମହତ୍ତ୍ୱ ଗମ୍ଭୀରତା ହରିଲ୍ ଯହୁଁ ,
ରହିଲା ତ୍ରୈଲୋକରେ ସାଗର ସେହୁ ;
ଭାବିଲେ ତୁମ୍ଭ କଥା, ନାହିଁ ସଂଶୟ ,
ଅଗସ୍ତ୍ୟ ପାନ କଲେ ସମୁଦ୍ରପୟ । ୪୫
କେବଳ ମହୀତଳେ ନଳ-ରାଜନ ,
କରନ୍ତୁ ତବ ପ୍ରତିବିମ୍ବ ଧାରଣ ,
ବିମ୍ବ, ପ୍ରତିବିମ୍ବେ ତ ବରଜ କାହିଁ
ସମାନ ରୂପ ବିଧି-ସୃଷ୍ଟିରେ ନାହିଁ ! ୪୬
ଏପରି ଭାଗ୍ୟବାନ କିଏ ଜଗତେ ?
କରିଛି ମହାତପ କିଏ ବା ଏତେ ?
ଯାହାଲାଗି ତବ ଏ ପାଦ-ଯୁଗଳ
ସୃଜଲେ ପଥ-ରଜେ ପଂକଜ-ମାଳ ! ୪୭
ସଂଦେହେ ଦୋଳାୟିତ ମୋର ହୃଦୟ ,
'ନଳ କି ନୁହେ', କରି ନ ପାରେ ଥୟ ;
ବୃଥା ତର୍କରେ ଅବା କି ପ୍ରୟୋଜନ ?
ଅତିଥି-ରୂପେ କା'ରେ କରିବ ଧନ୍ୟ ? ୪୮
ଦୃଷ୍ଟି ମୋ ଲଭି ତବ ରୂପ-ଅମୃତ
ସାର୍ଥକ, ଜନ୍ମ-ଫଳ ହେଲା ପ୍ରାପତ ;
ଦୟା କରି ଶ୍ରବଣେ କହିଲେ ଗିର ,
ସୁଧାରସେ ନୋହିବ ତା'ର ଆଦର ।" ୪୯

GPNanda Colln., Digitized by srujanika@gmail.com

ଏସନେ ମଧୁରସ ଉଦ୍‌ଗାର କରି ,
ଭୈମୀ-ଓଷ୍ଠ-ବନ୍ଧୁକ-ଗନ୍ଧ ବାହାରି ,
ମଦନ-ପଞ୍ଚବାଣ ସେ ବାଣୀ-ଛଳେ
କର୍ଣ୍ଣେ ନଳ-ମାନସେ ପଶିଲେ ବଳେ ! ୫୦
ପ୍ରିୟା-ବଦନୁ ପ୍ରିୟ ଭାରତୀ ଶୁଣି ,
ବୁଡ଼ିଲେ ସୁଧାରସେ ସେକ୍ଷୁ ନୃମଣି ;
ଯେ ସ୍ତୁତ ଶବ୍ଦ-ମୁଖେ ହୁଅଇ ପ୍ରିୟ ,
ସେ ହର୍ଷ ପ୍ରିୟ-ମୁଖେ ଅତିରିମେୟ । ୫୧
ଜନତାକୃତ ଅର୍ଘ୍ୟ ଗ୍ରହଣ କରି ,
ସବିତା ଅରୋହନ୍ତ ଉଦୟ-ଗିରି ;
ଆତିଥ୍ୟ ସେହିପରି କରି ଗ୍ରହଣ ,
ବସିଲେ ଆସନରେ ନଳ-ରାଜନ । ୫୨
ତାଂକ ଧଇର୍ଯ୍ୟ ମନୋଭବ, ସେ ଦୁହେଁ ,
ଭୈମୀ-ସମରାଙ୍ଗନେ ମାତ୍ରୁ ବିଗ୍ରହେ ,
ଭଜନ୍ତି ପୁରସ୍ପୃପ, ହାରିଲା କାମ ;
ବକ୍ର-ଭ୍ରୂଟି-ଯୁଗଳ ତା'ର ପ୍ରମାଣ । ୫୩
ଧଇର୍ଯେ ସ୍ମର-ଅକ୍ଷା ନ ଗଣି ନଳ ,
ହେଲେହେଁ ବାଣା-ଜଣା ବଚେ ବିହ୍ୱଳ ,
ଭାଷିଲେ, ସାଧୁ-ମନ ବିବେକ-ପୂତ
ନକରି ପାରେ କାମ କଳୁଷ-ଯୁତ । ୫୪

GPNanda Colln., Digitized by srujanika@gmail.com

“ଜାଣ ସୁନ୍ଦରୀ ମୋତେ ହରିତ-ପତ
ପେଷିଅଛନ୍ତି କରି ତୁମ୍ଭ ଅତଥି ,
ଜୀବନ-ପରି ବହି ଦେବ-ସଂଦେଶ
ଅଣିଛି ମହାଦରେ ତୁମ୍ଭରି ପାଶ । ୫୫
ଶ୍ରମ, ହୋଇଅଛି ସତ୍କାର ମମ ;
ବସ, ଡେଜିଲ୍ କର୍ପା ନିଜ ଆସନ ;
ଦୂତ-କରମ ମୋର ସଫଳ କଲେ ,
ଅତଥ୍ୟ ସିନା ତାହା ହୋଇବ ଭଲେ । ୫୬
କୁଶଳ ଟିକି ଭଦ୍ରେ ତୁମ୍ଭ ଶରୀର ?
ଦୁଃଖ ତ ମନେ କିଛି ନାହିଁ ତୁମ୍ଭର ?
ବିଲମ୍ବେ ପ୍ରୟୋଜନ ନାହିଁ, ସତ୍ୱର
ଶୁଣ ବିଶାଳନେତ୍ରେ, ସଂଦେଶ ମୋର । ୫୭
ସୁରେଶ ଇନ୍ଦ୍ର, ଜଳାଧିପ ବରୁଣ ,
ସୂର୍ଯ୍ୟ-ତନୟ , ପୁଣି ହୁତ-ଅଶନ ,
ହୋଇଛନ୍ତି ମୁଗ୍ଧ ଏ ଦିଗ-ଅଧିପେ
କୌମାର-କାନ୍ତ ତବ ଗୁଣ-କଳାପେ । ୫୮
ତ୍ରିରାଜ୍ୟ-ମଧ୍ୟେ ତୁହ୍ମ, ବାଲ ଯୌବନେ ;
ତୋ'ରେ ଅଦରି ଖେଦ ସୁର-ନନ୍ଦନେ ;
ଦେଖାଇ ଦେହ-କାନ୍ତି କାମ ପିଶୁନ ,
ଧୈର୍ଯ୍ୟ-ଧନ-ଲୁଟ କରୁଛି ପୁଣ । ୫୯

GPNanda Colln., Digitized by srujanika@gmail.com

ତୁମ୍ଭଙ୍କୁ ଭାବୁଛନ୍ତି ସଦା ବିବୁଧେ ;
ତୁମ୍ଭରି-ଅଶା ଏକା ବିଳସେ ହୃଦେ ;
ପୂର୍ବାଦ୍ଧ ଅଶା ନିଜ ଦାର୍ ସ୍ୱଜନ୍ତୁ
ନ ମୋହନ୍ତି ସେ ଦେବେ ପୂରୁବ ପରି । ୬୦
ବାସବ-ପ୍ରେମ, ଗନ୍ଧର୍ପ ଗୁଣ କାମର
କୃଶାଙ୍ଗି, ଯଜ୍ୱନ-ସଙ୍ଗେ ତୁମ୍ଭର ,
ସମାନ ଅନୁପାତେ ବଢି ନରତ ,
ହେଲାଣି ଏବେ ଶେଷସୀମା ପ୍ରାପତ । ୬୧
ଦିବାକର ପୂର୍ବେ ଉଦିତ ହେଲେ ,
ରୂପେ ଓ ତାପେ ମଣି ଶଶାଂକ ତା'ରେ ,
ସେ ବଧୂ-ଅପରାଧ ବହୁ ସ୍ମରଣେ ,
ଗନ୍ଧାନ୍ତ ସୂର୍ଯ୍ୟେ ଇନ୍ଦ୍ର ରକ୍ତ ନୟନେ । ୬୨
ତ୍ରିନେତ୍ର-ମାତ୍ର ଶିବ, କଲେ ଯା ରୋଷେ ,
ଅଦ୍ୟାପି ଲଭିନାହିଁ ତାହା ରକ୍ଷଣେ ;
ନ ଜାଣେ, ରୁଷ୍ଟ ହେଲେ ସହସ୍ର-ନେତ୍ର ,
ଲଭିବ କବା ଦଶା କାମ ଦୁରନ୍ତ ! ୬୩
କୋକିଳ-ସ୍ୱର ଦୁଃଖ ଉଥାଏ ମନେ ,
ତେଣୁ ରମନ୍ତୁ ନାହିଁ ପ୍ରଭୁ ନନ୍ଦନେ ;
କଳା-ମାନେହେଁ ଶଶୀ ଉଦ୍‌ବେଗ-କାରୀ ,
ତେଣୁ ପୂଜନ୍ତୁ ନାହିଁ ବାସବ ଶୂଳୀ । ୬୪

GPNanda Colln., Digitized by srujanika@gmail.com

କାମ-ପ୍ରସୂନ-ଶର-ପନ୍ନଗ ଦଶେ
ଇନ୍ଦ୍ର-ଲୋଚନେ ତମୋମୟ ଅଭାସେ ;
କୋକିଳ-କୁହୁରବ ପୂର୍ଣ୍ଣିମାର୍ବେ
ଶୁଣି, ବାସବ କୁହୁ ମଣନ୍ତି ସତେ ! ୬୫
କାମ ସୁମନ-ଶରେ ପୀଡ଼େ ବାସବେ ,
ବଜ୍ରେ କି ଖଣ୍ଡ ଖଣ୍ଡ ନୁହନ୍ତା ଲବେ !
ଅହା ଶିବ-ପ୍ରସାଦେ ଅନଙ୍ଗ ହୋଇ ,
ଅଭେଦ୍ୟ ବର୍ମ ଯଦି ନଥାନ୍ତା ପାଇ ! ୬୬
ତବ ବିରହେ ଧୈର୍ଯ୍ୟ-ହୀନ ବାସବେ
ଶଯ୍ୟା ରଚନା କରି ନବ ପଲ୍ଲବେ ,
ଅମର-ଦ୍ରୁମୁଁ ପରିହ୍ଲାଣି ପ୍ରବାଳ ;
ଦରିଦ୍ର ସେହୁ, ଅନ୍ୟ-ଦାରିଦ୍ର୍ୟ-ହର । ୬୭
ମଦନ-ଧନୁର୍ଗୁଣ-କର୍ଷଣ-ରବେ
ହେଲେଣି ଇନ୍ଦ୍ର-କର୍ଣ୍ଣ ବଧିର ଏବେ ;
ବିବେକ-ପ୍ରଦାୟକ ଗୁରୁ-ବଚନ
ଶୁଣିବେ କାହୁଁ, ସ୍ମର-ମୋହେ ଅଜ୍ଞାନ ? ୬୮
ତାଙ୍କ ଦୁର୍ବୃତ୍ତି-ଶାନ୍ତି ଲଗି ଅଣନ୍ତେ
ମୃଣାଳେ ସୁଦ୍ଧା ଟାଣି, ପ୍ରଭୁ ବସନ୍ତେ ,
ନାକ-ନଦୀ-ନଳିନୀ ଏବେ ବିକଳେ
ମଧୁ ତେଜି, ଅଦର କରେ ଶିଶିରେ । ୬୯

GPNanda Colln., Digitized by srujanika@gmail.com

ବାସବ-ତୃଷ୍ଣା ଅହୋ କ ଭୟଂକର !
ପ୍ରଥମ ସ୍ଥାନ ଏବେ ଜଗତେ ତା'ର !
ହୋଇଲେହେଁ ଦଶଶତ-ନେତ୍ର-ଅର୍ଣ୍ଣବ ,
ତବ ଦୃଷ୍ଟି-ତୃଷାମ୍ବୁ-ଭାଗରେ ଲୋଭ । ୭୦

ଅଷ୍ଟ ମୂର୍ତ୍ତିରେ ଅଗ୍ନି ଉଜ୍ଜ୍ୱଳ ମୂର୍ତ୍ତି ;
ଯାଜକେ ଭକ୍ତିଭରେ ତା'ରେ ପୂଜନ୍ତି ;
ଆଜ୍ଞା ଦେଇଅଛନ୍ତି ତାହାଙ୍କୁ ସ୍ମରି ,
ହେବାକୁ ଦମୟନ୍ତି, ତୁମ୍ଭ କିଂକର । ୭୧

ତୁମ୍ଭ ଲାଗି ତାହାଂକୁ କୁସୁମ-ବାଣ
ଉଚିତ ଶିକ୍ଷା କରିଲାଣି ପ୍ରଦାନ ,
ଅନୁଭବି ସଂତାପ ନିଜେ ପାବକ ,
ଆଉ ତାପିବେ ନାହିଁ ଜଗତ-ଲୋକ । ୭୨

ପୁରଅରି ନୟନେ ନିବାସ ବହି ,
ବହ୍ନି ପୂର୍ବେ ଥିଲା ଯେ ମଦନେ ଦହି ;
ସେ ଏବେ ତବ ନେତ୍ରେ ବସି, ଦହନେ
ପୋଡ଼ି, ପୁଝଇ ସେହୁ ପୂର୍ବଣ ଋଣେ । ୭୩

ବରଞ୍ଚ ଅଗ୍ନି ସୋମେ କୋପ ବା ବହି ,
ଯଜ୍ଞେ ପ୍ରଦତ୍ତ ସୋମ-ରସ ପିଅଇ ;
ଧାତୁର ନାମ ହେଲେ ଥାଏ ଯହିଁରେ ,
କେଉଁ ତେଜସ୍ୱୀ ତାହା ସହେ ମହୀରେ ? ୭୪

GPNanda Colln., Digitized by srujanika@gmail.com

ତବ କାରଣେ କଷ୍ଟ ପାଇ ବହୁତ ,
କାମ-କୁସୁମ-ଶରେ ହୋଇ ପୀଡ଼ିତ ,
ଭାବେଁ, ଭସ୍ମ କରନ୍ତୁ କୁସୁମ ଗଣେ ,
ଅର୍ପନ୍ତି ଭକ୍ତମାନେ ଯାହା ପୂଜନେ । ୭୫
ପୋଡେ଼ କାମ-ପାବକେ, ବକ୍ଷ-ଇନ୍ଧନ ,
ପଦ୍ମଦଳ ଶୈବାଳ କଲେ ପ୍ରଦାନ ;
ସେ ହୁତାଶନ ଜ୍ୱାଳା-ମାଳିକା-ତୁଲ
ଦିଶଇ ତାହା, ଯେଢେ ଧୂମ-ଅବଳ । ୭୬
ପୁଣ୍ୟବାନ ଯା' ଲାଗି ପଦ୍ମବାନ୍ଧବ ,
ଚନ୍ଦନ-ସୁରଭିତ-ଦଗର ଧବ ,
ତୁମ୍ଭ ଲାଗି ସେ ପ୍ରଭୁ ଅତି ଆକୁଳେ
ଅନୁଭବ କଲେ ଧୈର୍ଯ୍ୟ ସ୍ମର-ଅନଳେ । ୭୭
ସେବେ ମଳୟ ତାଙ୍କୁ ପ୍ରବାଳ-ହାତେ ,
ଦୁଅଇ ମନ୍ଦ ମନ୍ଦ ତାହା ନିରତେ ;
ଯାହା ଆଶାରେ ଯେହ୍ନୁ ଧରେ ଶରୀର ,
କଷ୍ଟେ କି ତେଜେ ସେହ୍ନୁ ସେବା ତାହାର ! ୭୮
ତବ ବିଯୋଗେ କାମ-ଜ୍ୱର-ଜର୍ଜର ,
ହେଲାଣି ତାଙ୍କ ଅଙ୍ଗ ବର୍ଣ୍ଣେ ପାଣ୍ଡୁର ,
ସ୍ମର-ବାହୁ-ପ୍ରତାପେ ତାପିତ କି ସେ !
ସ୍ମର-କୀର୍ତ୍ତି ବା ମନ୍ଦେଁ ଧବଳ ଦିଶେ ! ୭୯

GPNanda Colln., Digitized by srujanika@gmail.com

ସଂଧ୍ୟା-କୁଂକୁମ-ଲେପେ କୌତୁକ ଯାର ,
ଅଟନ୍ତି ଭର୍ତ୍ତା ଯେହୁ ସେହି ଦଗର ,
ସେହୁ ବରୁଣ ମନ ପେଷିଲେ ତୋରେ ,
ସେ କାଳେ, ଯେବେ ପାନ୍ଥ ନଫେରେ ଘରେ । ୮୦
କ୍ଷୁଧିତ ଶିଖାବାନ ବଡବାନଳ
ବହି ନପାରେ ତଥା ତାପ ପ୍ରବଳ ,
ସ୍ୱପତି ପାଣି ଯଥା ତାପିତ ପୁରେ
ପୀଡନ୍ତି ହୃଦେ, ରହି ସେ ପାରାବାରେ । ୮୧
ଦୁର୍ବିନୀତ ମୃଣାଳ ଖଳ ପଣ୍ଟାଏ
ତବ କୋମଳ ବାହୁ ସ୍ପୃଭ ଜନ୍ମାଏ ;
ତେଣୁ ବକଲେ ଗାତ୍ରେ ଦେଲେ ମୃଣାଳ ,
ଅଧିକ ତାପ-ଲାଭ ଫଳ କେବଳ । ୮୨
ମଦନ-ତାପ-ଭାଗୀ ହୃଦସ୍ଥ-ସ୍ଥଳେ
ମୃଣାଳ-ଦଣ୍ଡ-ଖଣ୍ଡ ଧାରଣ କଲେ ,
ତାଙ୍କ ହୃଦସ୍ଥ-ସ୍ଥିତ ମଦନ-ବାଣେ
ସତେ ବା ଶତଛିଦ୍ର ହୁଅଇ କ୍ଷଣେ ! ୮୩
ବିରହିଜନ-ତିଳକ-ଗଣେ ଏସନ
ବିକ୍ରମେ କାମଶ୍ରୀ ତେହୁ ମଦନ ;
ଅମୋଘ ଅସ୍ତ୍ର-ରୂପେ ତୁମ୍ଭଙ୍କ ପାଇଁ ,
ମଦାନ୍ଧ, ଅନର୍ଗଳ ଚପଳ ହୋଇ । ୮୪

GPNanda Colln., Digitized by srujanika@gmail.com

ଛନ୍ଦା-ଅମୃତ-ରସ-ଧାର୍-ସଦୃଶ
କାଲି ତୁମ୍ଭର ସ୍ୱୟମ୍ବର-ସନ୍ଦେଶ
ଚରଁ ସ୍ୱରଗ-ପୁରେ ହେଲା ପ୍ରଚାର ,
ତୋଷିଲା ଦେବଗଣ-ଶ୍ରୁତି-ନିକର । ୮୫
ଯାତ୍ରା କଲେ ତା' ଶୁଣି ଦେବତା-ବ୍ରାତ ,
କାମ-ବୀର୍ଯ୍ୟ-ଅନଳେ ହୋଇ ତାପିତ ;
ଦେଖିଲେ ପାର୍ଶ୍ୱ ଆସ ବିଷଣ୍ଣ ମନେ
ସାପତ୍ନ୍ୟ-ଦୁଃଖେ ତାଙ୍କ ବନିତା-ଗଣେ ୮୬
ଅମୃତଁ ବଳ ତୋତେ ହୃଦୟେ ଧାୟି ,
ପାଥେୟ-ସୁଧା ଦେବେ ଆଣିଲେ ନାହିଁ ;
ସେ ଧ୍ୟାନେ କ୍ଷୁଧା ତୃଷା ନଲଭି ଥିଲେ ,
ସୁଖେ ଗମିଲେ ପଥ ସେମନ୍ତ ଅମରେ । ୮୭
ତବ ଧନ୍ୱାଣେ କାମଶର-ଅନଳେ
ଅରପି ନିଜ ନିଜ ଜାୟା ସକଳେ ,
କରିଲେ ଦେବଶ୍ରେଷ୍ଠେ ଏବେ ଏ ସ୍ଥାନ
ପାଦ-ଅର୍ପଣ-ଅନୁଗ୍ରହ-ଭାଜନ । ୮୮
ଅଛନ୍ତି ନିକଟରେ ସକଳ ସୁରେ ,
ପଠାଇଛନ୍ତି ମୋତେ ତୁମ୍ଭ ଛାମୁରେ ;
ଜଙ୍ଗମ ଲେଖ ପରି ମୁହିଁ ତାଙ୍କର ,
ନହତ ମୋରେ ବାର୍ତ୍ତା-ରୂପ ଅକ୍ଷର । ୮୯

GPNanda Colln., Digitized by srujanika@gmail.com

ଏକେ ଏକେ ଅଲଙ୍ଘି ତୁମ୍ଭଙ୍କୁ ଭଡ଼ ,
ସନ୍ଦେଶିଛନ୍ତି ପୀନ ଉରଜେ ପୀଡ଼ ;
' କନ୍ଦର୍ପ-ଶରେ ଅମ୍ଭେମାନେ ମୂର୍ଚ୍ଛିତ ,
ହୁଅ ତୁମ୍ଭେ ବଶଲ୍ୟ ଔଷଧବତ । ୧୦
ଆମ୍ଭ କଣ୍ଠାଗ୍ରେ ତବ କାନ୍ତି-ପିପାସ
ଉଠେ, ମନେ ତାହାକୁ ଦେଉଁ ଆଶ୍ୱାସ ;
କହ ସୁନ୍ଦରି, କେତେ ଦିନ ଏପରି
ଠବବୁ ସେ କଣ୍ଠାଗ୍ରେ, ଛଳ ଆଦରି ? ୧୧
ଅବଧ୍ୟ ଅମ୍ଭେ, ତୁହ୍ମ ବାହୁ ବନ୍ଧନେ
ପରିବେଷ-ରଚନା କର ସୁମନେ ;
ରତି-ଲୀଳା-ଲହରୀ-ଭୂଷାର ଛାଳ ,
ପ୍ରସାଦେ ଅଙ୍ଗତାପ ନଅ ଗୋ ହରି । ୧୨
କର ଗୋ ଦୟା; ଆଉ ନପୀଡ ସହୁ ,
ଅଦୃଶ୍ୟ-ମ୍ଳେଚ୍ଛ-କାମ-ସାୟକେ ଦହୁ ;
ପ୍ରେମରସ-ପବିତ୍ର-କଟାକ୍ଷ-ବାଣେ
ପ୍ରେରିତ ଦେବାର ଭଲ ସହସ୍ର ଗୁଣେ । ୧୩
ଥାଆନ୍ତୁ ଶତ ସ୍ତୁତି ପ୍ରାର୍ଥୀ ତୁମ୍ଭର ,
ତବ ପାଦ-ପ୍ରସାଦ ପ୍ରାଣ ଆମ୍ଭର ;
ଛଳନା ବୋଲି ଯଦ ବଶ୍ବର କର ,
ପ୍ରମାଣ ପଞ୍ଚଶର, ହୃଦୟ-ଚର । ୧୪

GPNanda Colln., Digitized by srujanika@gmail.com

କରିଛ ଚିରକାଳ ହୃଦୟେ ବାସ ,
ପୂର୍ଣ୍ଣ ହୋଇଛ ତୁମ୍ଭ ଭାବେ ମାନସ ;
ମୁରାରି-ବକ୍ଷ-ସ୍ଥଳେ ରମାଙ୍କ ପରି
ମଣ୍ଡ ବାହାର ଉର ଏବେ ସୁନ୍ଦରି ।　　୯୫

ଦୟା-ଉଦୟ ଯେବେ ହୁଏ ହୃଦୟେ ,
ମଣ୍ଡ ସ୍ୱରଗ, ଶୁଭେ ବିଳମ୍ବ ନୁହେ ;
ସ୍ୱଭୂମି ସ୍ନେହ ଯେବେ, ଅପି ଅମର ,
ଏ ଭୂମି କରିବେ ଗୋ ସ୍ୱରଗପୁର ।　　୯୬

କୃଶାଙ୍ଗି ପ୍ରଭୁଦନ ପଦ୍ମ କମଳେ ,
ସଂତୋଷ ହୁଏ ନାହିଁ ତହିଁରେ ଛଳେ ;
ତବ ପ୍ରସାଦେ ନତ ଏ ଦେବ-ଶିରେ
ସେ ପାଦ ପଦ୍ମ ଯତ୍ନ ପୂଜା-ସଂଭାରେ ।　　୯୭

ଉପାସନା କରୁଛୁ ସ୍ୱର୍ଣ୍ଣ ସୁମନେ ,
କି ଅବା ଲାଭ ତହିଁ, ବାମ-ନୟନେ ?
ସ୍ୱର୍ଣ୍ଣକାନ୍ତି-ଗରବ ଜିଣିଣ ତୋର
ତୋ ଗାତ୍ରେ, ଅମ୍ଭ ପାଣି ଲୋଭଇ ପର !　　୯୮

କାମ-ନାରାଚ-ସମ-ଭ୍ରୂରୁ, ସୁନ୍ଦରି ,
ତୋ କାନ୍ତି ଜିଣିବାରେ ହେମ ମସୀ ;
ଏତେ ସ୍ପର୍ଦ୍ଧା ତାହାର, ପିଙ୍ଗଳ ହେମ ,
ପୋଡନ୍ତି ତା'ରେ ଅମ୍ଭେ ସୁନାରୀ-ସମ !　　୯୯

GPNanda Colln., Digitized by srujanika@gmail.com

ନ ଶମେ କାମ-ତାପ ଅମୃତ-ସରେ ,
କାହୁଁ ଶମିବ ତାହା ବା ଅପସରେ ?
ଶମିବ, କାମଶର-ମଧୁ-ସମାନ
ଲଭି ମମତା-ମୟ ତୋର ବଚନ । ୧୦୦
ତୋ ବାକ୍ୟ-ଖଣ୍ଡ ବୋଲି ଖଣ୍ଡ ମଧୁର ;
ଶର୍କର ତୋ ବାକ୍ୟର ପଥ-ଶର୍କର ;
ତୋ ବାକ୍ୟ-ଭଙ୍ଗି-ରସ-କଣ୍ଠରେ ଜାତ
ତୃଣ ସେ, ଇକ୍ଷୁନାମେ ଜଗତେ ଖ୍ୟାତ । ୧୦୧
କି ଦେବୁଁ ? ସୁଧା ଅଛି ତବ ଅଧରେ ,
ତହୁଁ ଅଧିକ ଆଉ କି ଅଛି ସୁରେ ?
ଦଅନ୍ତୁ ଯଜ୍ଞଭାଗ, ତବ ଆନନ ,
କରି ଶଶାଙ୍କେ, ନଜେ ଲଭେ ତା' ସ୍ଥାନ । ୧୦୨
ପ୍ରେୟସି, ଅମରେ ବର ପ୍ରାର୍ଥନା କର ,
କହିଲେ, ଲଭେ ଜ ବାକ୍ୟ ନୁହେ ବାହାର ;
ତବ ପାଦ-ପଙ୍କଜେ ପଶି ଶରଣ ,
ଯେଣୁ ପଙ୍କଲେ ଲୋତ୍ରଅଛୁ ଜୀବନ । ୧୦୩
ନାହିଁ ଅମୃତରସେ ଏପରି ଗୁଣ ,
କାମ-ଅପ-ମରଣୁଁ କରିବ ତ୍ରାଣ ;
ତବ ରଦନ-ଛଦ ତହୁଁ ଅଧିକ ,
ପାନ କରାଇ ଅମ୍ଭ ଜୀବନ ରଖ । ୧୦୪

GPNanda Colln., Digitized by srujanika@gmail.com

ଧନୁ ଶର ଧ୍ୱଜ ସହ ଭସ୍ମୀଭୂତ
ହୋଇଥିଲା ପଞ୍ଚବାଣ ;
ତବ ଅନୁଗ୍ରହେ ମନସିଜ ହେଉ ,
ହୋଇ ମାନସ-ନନ୍ଦନ ;
କୃଶାଙ୍ଗି, ତୋ ଭ୍ରୂରୁ ଧନୁ ହେଉ ଧାର ,
ସିତ ସ୍ମିତ ହେଉ ଲକ୍ଷ ,
ମୀନ ଧ୍ୱଜ ହେଉ ତୁମ୍ଭର ଚଞ୍ଚଳ
ମୀନ-ନୟନ-ଯୁଗଳ । ୧୦୫
କଟାକ୍ଷ ଅମୃତ ମଗ୍ନ, କଭି ସ୍ୱପ୍ନେ
ଲବ୍ଧ ତୋ' ସୁନ୍ଦର ପଣେ ;
ଶ୍ରୋତ୍ର, ଗୀତାମୃତ- ପାନ୍ଥବାରେ; ଚର୍ମ,
ତନୁ ସୁକୁମାର ଗୁଣେ ;
ନାସା, ଶ୍ୱାସବାସେ; ଅଧର-ଅମୃତେ ,
ଜିହ୍ୱା; ତୋ' ଚନ୍ଦନେ ମନ ;
ସୁତନୁ, କେବଣ କରଣ-ହରିଣେ
ନୋହୁଛୁ ବାଗୁର-ସ୍ଥାନ ?' ୧୦୬
ସୁରଗଣ-ବାକ୍ୟ-ସ୍ରଜ କରେ ଯେ ଧାରଣ ,
ସେହୁ ଜିହ୍ୱା-ପଟ ଧରି, ମୋର ଦୂତପଣ ;
ଅଛିଅଛୁ ତୁମ୍ଭପାଖେ, ସଫଳ ତା' କର ,
ଚନ୍ତ ମନେ ଦେବଗଣେ, ତହୁଁ ଜଣେ ବର । ୧୦୭

GPNanda Colln., Digitized by srujanika@gmail.com

କୃଶୋଦରି, ନବକେଳି-ଯୋଗେ ପାକଶାସନ
କର ପ୍ରୀତ; ଅନଳେ ବା ଉଦ୍ଧର ଗୋ ତେସନ ;
ଦଣ୍ଡୀ ବନ୍ଧୁ ଶମନେ ବା ମନ ଦିଅ ତୋହର ;
ବର କିଂବା ବରୁଣଙ୍କୁ, ଯଦି ଇଚ୍ଛା ତୁମ୍ଭର ।” ୧୦୮

କବିରାଜ ରାଜ-   ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ   ଛତେନ୍ଦ୍ରସ୍ତ ବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ;
ପୂର୍ବ କବିକୁଳ   ନ ଦେଖିଲା ପଥେ
ଯାନ୍ତୁ, ମହାକାବ୍ୟ ତାଙ୍କ ରଚିତ
ନୈଷଧ ଚରିତ;   ତହିଁ ଗଲା ଏହୁ
ଅଷ୍ଟମ ପରଗ ସର୍ଗ-ମହତ ।   ୧୦୯

GPNanda Colln., Digitized by srujanika@gmail.com

ନବମ ସର୍ଗ

ଅକ୍ଷି-ଭ୍ରୂ-ବିଭ୍ରମ-ଇଂଗିତ—ଛଳେ
ନିଜ ଅନିଚ୍ଛା ପରକାଶି କୁଶଳେ ,
ତାଂକ ଉତ୍କଟ ବୋଲି ଶୁଣିଲେ ଗିର ;
ନ ଥିଲା ଦେବ-ସଂଦେଶରେ ଆଦର । ୧
ଦିଗପାଳ-ସନ୍ଦେଶମୟ ଭାରତୀ
ଶୁଣି ନ ଥିଲା ପରି ବହୁଣ ଝିଅ ,
କ୍ଷିତି-ଚନ୍ଦ୍ରମା ନୃପେ ତହୁଁ ଏପରି
ଭାଷିଲେ ବଇଦର୍ଭ-ରାଜକୁମାରୀ :—   ୨
"ପଚାରିଥିଲି କୁଳ ନାମ କେବଳ ,
ଏ ବେନି ଛଡ଼ି, କାହିଁ କେଡେ କହିଲ ;
ମୋର ଉତ୍ତର କରିବାହିଁ ପ୍ରଦାନ ,
ନ ମାଡେ ଲାଜ, ବହୁ ଏସନ ଘୃଣା ?   ୩
କାହିଁ ପ୍ରକାଶ, କାହିଁ ନୁହେ ପ୍ରକାଶ
ମୋ ପ୍ରଶ୍ନର ଉତ୍ତର, ଏ କି ରହସ୍ୟ ?
ଇଚ୍ଛେ କି ଜଣିବାକୁ ଏ ସରସ୍ୱତୀ ,
ଦୃଶ୍ୟ ଅଦୃଶ୍ୟ ନଦୀ ସେ ସରସ୍ୱତୀ ?   ୪

GPNanda Colln., Digitized by srujanika@gmail.com

ଶୁଣିଲୁ ବର୍ଣ୍ଣାମୃତ ତବ ଉଦନ୍ତ ,
ନାମେ ମୋ ଶ୍ରୁତି-ସ୍ପୃହା ନ ହେଲା ଶାନ୍ତ ;
ପିପାସା ଯାଏ ଜଳେ, ନ ଯାଏ କେବେ
ତହୁଁ ଅଧିକ ମଧୁ ଦୁଗ୍ଧେ ଏ ଭବେ । ୫
ନାୟକ-ରତ୍ନ ଆପଣଂକ ସଦୃଶ
ମଣ୍ଡି ଅଛନ୍ତି କେଉଁ ଉଜ୍ଜ୍ୱଳ ବଂଶ ?
ସାମାନ୍ୟ ମଣି, ହେଲା କଲେହେଁ ଜନେ ,
ମୁଁ ତାଂରେ ଭୂମିଯୋଗେ ମହତ ମଣେ ।" ୬
ବିରମନ୍ତେ ଭଇମୀ ଭାଷି ଏସନ ,
ବଚନେ ଅନୁଗ୍ରହ କଲେ ସ୍ୱଜନ ;
ଗ୍ରୀଷମ ଗତେ ଚାବି ବିରତ ହେଲେ ,
ଘନ ଯେସନେ କରେ ଚୃତକକୁଳେ । ୭
" ନାହିଁ ଅଧିକ ପ୍ରୟୋଜନ ତହିଁରେ ,
ତେଣୁ ମୋ ଜିହ୍ୱା ଉଦାସୀନତା ଧରେ ;
ଅଯଥା ବହୁ ଅଳ୍ପ ବଚନ ଗର ;
ବାଞ୍ଛିତ ବିନା ବାକ୍ୟ ଅଲପ ସାର ! ୮
ବୃଥା ଏ କଥା; କେଉଁ କେଉଁ ଅକ୍ଷରେ
ସୂଚନ୍ତି ମୋର କାମ ସଙ୍କେତ-ବଳେ ;
ସମକ୍ଷ ବ୍ୟବହାରେ ଯୁଷ୍ମଦସ୍ମଦ-
ଉତ୍ପନ୍ନ-ପଦେ କାର୍ଯ୍ୟ ହୋଇବ ସିଦ୍ଧ । ୯

GPNanda Colln., Digitized by srujanika@gmail.com

ସ୍ୱଭାବେ ନୁହେ ଯଦ ଉଜ୍ଜ୍ୱଳ ବଂଶ ,
ନୁହେ ଉଚିତ ଏଥି ତାର ପ୍ରକାଶ ;
ହେଲେ ଉଜ୍ଜ୍ୱଳ, ଲଜ୍ଜାସ୍ପଦା ସେ କଥା ,
ଦାସତ୍ୱେ ଯେଣୁ ବିକିଅଛୁ ମୁଁ ମଥା । ୧୦
ଭୂଲ ଏସନ କରନାହିଁ ପ୍ରକାଶ ,
ନ ଶୋଭେ ତବ ଏଥି ଅଗ୍ରହ-ରସ ;
ହରିତପତିଙ୍କର ପ୍ରତି-ଉକତି
ଦେବାରେ ବାକ୍ୟଶ୍ରମ କର ସଂପ୍ରତି । ୧୧
ଅଗ୍ରହ-କାରିଣି ଗୋ, ତଥାପି ମୁହିଁ
ଅଳପେ ତବ ସ୍ପୃହା ଦେବି ମେଣ୍ଟାଇ ;
ହିମାଂଶୁ-ବଂଶର ମୁଁ ଅଟେ ଇଶ୍ୱର ;
ଶୁଣି ସଫଳ ହେଉ ଅଗ୍ରହ ତୋ'ର । ୧୨
ମହାଜନ ଆଗୃହ ସ୍ଥିତ ଏ ଭବେ ,
ଧରନ୍ତି ନାହିଁ ନିଜ ନାମ ସାଧବେ ;
ତେଣୁ ଉତ୍ସାହ ନୁହେ ନାମ-ଭାଷଣେ ,
ଅଗୃର-ଖ୍ୟାତି-ନରେ ଜନନ୍ତି ଜନେ । ” ୧୩
ଶାରଦ ଶିଖୀପତି ଏସନ ଭାଷି ,
ତୁଷ୍ଣୀ ଭଜଲେ ତହୁଁ ଅଦ୍ଭୁତନାଶୀ ;
ତତ୍ପୂରେ ପଦେ ପଦେ ଖଗଙ୍କୁ ବହୁ ,
ଭାଷିଲେ ହଂସୀପର ବୈଦର୍ଭୀ ତହୁଁ । ୧୪

GPNanda Colln., Digitized by srujanika@gmail.com

" ଅଟ ଆପଣ ଚନ୍ଦ୍ରବଂଶ-ଭୂଷଣ ,
ନ ହେଲା ଶୁଣି ମୋ' ସନ୍ଦେହ-ମୋଚନ ;
କେତେ ନ କହ, ପୁଣି କେତେକ ଭାଷ ,
ଅହୋ ଛଳ-ଗୃଭୁସ୍ମୀ ତବ ବିଶେଷ ! ୧୫
କର୍ଣ୍ଣ-ସୁଧା ନ କଲେ ସ୍ୱନାମ କହି ,
ପ୍ରତି-ବଚନ ମୁହିଁ ଦେବଇଁ ନାହିଁ ;
ପର-ପୁରୁଷ-ସଙ୍ଗ ମୋର ଭୂଷଣ ,
କୁଳ-ନାରୀ-ଅଗୃର-ପକ୍ଷେ ଦୂଷଣ ।" ୧୬
ହୃଦୟେ ଅଭିନନ୍ଦି ପ୍ରିୟା-ବଚନ ,
ସପ୍ରୀତେ ଉତ୍ତରଲେ ନଳ-ରାଜନ :—
" ମଧୁଁ ମଧୁର ତବ ବଚନ-ଅର୍ଥେ ,
ପର-ପୁରୁଷ ବୋଲି ନ ଭାଳ ମୋତେ । ୧୭
ନ କରିବ କି ମୋର ଶ୍ରମ ସଫଳ ?
ନ ବରିବ କି କେଉଁ ଅମର-ବର ?
ଉଚିତ ଏହାପର ତୋଷିବ ପୁରେ ,
ରସ-ଅମୃତ-ସ୍ନାତ ପବିତ୍ର ଗିରେ । ୧୮
ସନ୍ଦେଶିବ ନାହିଁକି ଏପର ସୁରେ ,
ରସ-ସ୍ରବେ ସ୍ତିମିତ ବାକ୍ୟ-ନିକରେ ?
ଶୁଣି ମୋଠାରୁ କାମୀ ଲଭିବେ ଶାନ୍ତି ,
ଦାବ-ପୀଡ଼ିତ-ବନେ ଯେସନେ ବୃଷ୍ଟି । ୧୯

GPNanda Colln., Digitized by srujanika@gmail.com

ତୁମ୍ଭ ଏ ଅପେକ୍ଷାରେ ମୁହିଁ ଏଠାରେ
ଯେତେ ନିମେଷ କାଳ ବିଳମ୍ବ କରେ ,
ତେତେଙ୍କ ଗୁଣେ କୋପେ ସ୍ମର ମତ୍ସର
ଶରେ ଦେବତା-ଲକ୍ଷ୍ୟେ ହୁଏ ତତ୍ପର । ୨୦
ଚାହିଁ ଚାହିଁ ମୋ ପଥ ଏତେକ ବେଳ ,
ବଜ୍ର ହେବେଣି ଇନ୍ଦ୍ର-ନେତ୍ରସକଳ ;
ପରର ଦୂତପଣେ ଆସି ସତ୍ୱରେ ,
କଲି ବିଳମ୍ବ, ଶତ ଧିକ୍କାର ମୋରେ ।" ୨୧
ଭାଷି ଏସନ ମାଙ୍କବନ୍ତେ ନୃପତି ,
ଭାବିଲେ ମନେ ଏହା ପଣ୍ଡିତା ପଦ୍ମ:—
' ନାହିଁ ଜଗତେ ସ୍ମର-ସୁନ୍ଦରେ ଦୂତ
କଲେ ଯା' ମାତ-ଜ୍ଞାନ ନାହିଁ ବହୁତ । ୨୨
ପେଷିଛ ଜଳାଧିପ ସେ ଜଡମତି ;
ସତ୍ୟ ଏ, ପଠାଇଛ ପ୍ରେତ-ନୃପତି ;
ମରୁତ-ପତି ଯେଣୁ, ବାତୁଳ ସେହି ;
ଉପର-ମୁହାଁ ଅଗ୍ନି, ପାରେ ପଠାଇ !' ୨୩
ବିଦର୍ଭ-ସୁତା, ସତୀ-କୁଳ-ଭୂଷଣ ,
ମନେ ବିଚାରି, 'କିଛି କହିବେ ପୁଣ ,'
ମନ୍ଦ ସ୍ମିତ ଲୁଚାଇ, କଲେ ପ୍ରକାଶ
ଭାଷଣ-ଭଙ୍ଗୀ-ମୁଖ-ବିଭ୍ରମ-ଭାସ । ୨୪

GPNanda Colln., Digitized by srujanika@gmail.com

ନିଷ୍ଫଳ ପରିହାସେ ଚାପଲ୍ୟ-ଦୋଷ ;
ବନ୍ଧୁ ନୈଷେଧ ତବ ନିନ୍ଦା-ସଦୃଶ ;
ପ୍ରତ୍ୟୁତ୍ତର ନଦେଲେ, ଅବଜ୍ଞା ଫଳ ;
ତେଣୁ ଦେବାକୁ ଇଚ୍ଛେ ପ୍ରତି-ଉତ୍ତର । ୧୫
ନର-ଲକ୍ଷଣ-ଧାରୀ ଜନେ କେସନେ
କୃପାରେ ଦେବ-ବାକ୍ୟ ହେଲା ଏସନେ ?
ସ୍ୱଭାବ-ଭକ୍ତି-ନତେ ଦେଖେ ସଂତୋଷ
କି ବା ବାକ୍ୟରେ ନ କରନ୍ତୁ ପ୍ରକାଶ ! ୧୬
ଆହା ସେ ଇନ୍ଦ୍ର ସ୍ୱର୍ଗାଙ୍ଗନାରେ ରମି ,
ମୋ ସଂଗ ଇଚ୍ଛାକରି ହୁଅନ୍ତି ଭ୍ରମି ;
ଯେ ହ୍ରଦ ହଂସାବଳୀ-ଯୋଗେ ସୁନ୍ଦର
କି ଶୋଭମାନା ବକୀ-ସଙ୍ଗତେ ତା'ର ! ୧୭
କାହାନ୍ତି ଦେବୀ, କହ, ମାନବୀ କାହିଁ ?
ନଥାନ୍ତି ଦେବୀ ଯହିଁ, ଶୋଭେ ସେ ତହିଁ ।
ଅକିଞ୍ଚନ ନାୟିକା କାଞ୍ଚନ-ହୀନ ,
ତା ଅଙ୍ଗେ ପିତ୍ତଳ କି ନୁହେଁ ଶୋଭନ ! ୧୮
ଯେପରି ଇଚ୍ଛା, ଦେବେ ଭାଷନ୍ତୁ ଗିର ;
ସେ ଅକ୍ଷରେ ବଧିର ଶ୍ରବଣ ମୋର ;
ଅସଙ୍ଗତ କାମନା ମୃଗ-କିଶୋରୀ
କରିବ ଅବା ଦ୍ୱିପାଧିପେ କିପରି ?" ୧୯

GPNanda Colln., Digitized by srujanika@gmail.com

କହ ନୁଆଇଁ ମୁଖ, ସଜନୀ-କାନେ
କହିଲେ, 'ମୁହିଁ ସହି, ଲାଜେ ତୋ' ମନେ
ପଣେ କହୁଛୁ, କହ, ତୋ' ମୁଖ ବାଟେ ;'
ତହୁଁ ସେ କଥା ସଖୀ ପ୍ରଶ୍ନେ ପ୍ରକଟେ :— ୩୦
" ତଳୁଁ ଅର୍ପିତ୍ତ ଚିତ୍ତ ନୈଷଧେଶ୍ୱରେ ,
ତେଣୁ ଏ ଚନ୍ତାରେ ମୁଁ ଭରେ ଅନ୍ତରେ ,
ମୃଣାଳ-ତନ୍ତୁ-ସମ ସ୍ଥିତ ସଞ୍ଚର ;
ଲବେ ଚପଲ ହେଲେ ହୁଅଇ ଜ୍ୱର । ୩୧
ସ୍ୱପନେ ହେଲେ ଯଦି ମୋ ଅଭିଳାଷ
କରନ୍ତୁ ସ୍ୱର୍ଗ ନଳ-ଭିନ୍ନ-ପୁରୁଷ ,
ସମସ୍ତ-ସାକ୍ଷୀ ନିଜ ମନେ କର୍ପାଇ
ପଚ୍ଛରି, ଦେବେ ତେବେ ବୃତ୍ତାନ୍ତ ନାହିଁ ? ୩୨
ମୋତେ ପର କାମିନୀ ନ ମଣିବାକୁ
ଶୁଅଇଲେ କି ଦେବେ ନିଜ ଆତ୍ମାକୁ ?
ନିଜେ କୁପଥ-ସିଂଧୁ-ନାବିକ ହୋଇ ,
ହୁଦେ ଏପରି ଚନ୍ତା କରନ୍ତେ କାହିଁ ? ୩୩
ମାନବ-ଜନ୍ମଧାରୀ ମୋପରି ଜନେ
ମନ ତାଂକର ଅନୁଗ୍ରହ ପ୍ରମାଣେ ;
ଏମନ୍ତ ଯେବେ, ତେବେ ହୋଇ ପ୍ରସନ୍ନ
କରନ୍ତୁ ଦଳ ମୋତେ ଭିକ୍ଷା ପ୍ରଦାନ । ୩୪

GPNanda Colln., Digitized by srujanika@gmail.com

ପୁଣି ଦୂତ ପ୍ରତିଜ୍ଞା ମୋହର ଶୁଣ ,
ନ କଲେ ସେହୁ ନୃପ-ପାଣି-ଗ୍ରହଣ ,
ଅନଳେ ଉଦ୍‌ବନ୍ଧନେ ଜଳ-ପ୍ରବେଶେ
ନିଷେବି ଆତ୍ମହତ୍ୟା କରିବି ଶେଷେ । ୩୫
ସର୍ବଥା ବଧ୍ୟ ଯହିଁ ରକ୍ଷା ନକରେ ;
ଅବଧ୍ୟ ଅଚଳନ୍ତି ବିପଦେ ନରେ ,
ବରଷା-ଜଳେ ପଥ ହେଲେ ପିଚ୍ଛିଳ ,
ଗମନ୍ତି ଅପଥରେ ପଣ୍ଡିତକୁଳ । ୩୬
ଅବଳା ମୁହିଁ, କାହିଁ ମୋହର ବଳ ,
ଦେବ ବାଗ୍ମି-ବିବୁଧେ ସାଧୁ ଉତ୍ତର ?
ତେଣୁ ମୋ ମିତ ବାକ୍ୟ ବିସ୍ତାର କହ ,
କରେ ପ୍ରାର୍ଥନା ପ୍ରତିବଂଧକ ନୁହ ।" ୩୭
ପ୍ରିୟଭାଷୀ ସେ ଦୂତ ଏସନେ ପାଇ
ଅବଜ୍ଞା, କଟୁଭାଷା ଦେଲେ ଫିଟାଇ ;
କୁଡୁବେ କୁହୁରବ ବାଳକ ଯେବେ
ବିଡମ୍ବେ, ପିକ ଯଥା କୋପନେ ଧାବେ । ୩୮
" ଅହୋ ଅମରେ ମନେ ଭାଳନ୍ତି ତୋତେ ,
ଭୁହ ବିମୁଖ; ଲାଗେ କୌତୁକ ମୋତେ !
କାହିଁବା ନିଧି ଯାଏ ନିର୍ଦ୍ଧନ-ଘରେ ,
ବାକ୍ୟ-କବାଟେ ତାକୁ ସେହୁ ନବାରେ ! ୩୯

GPNanda Colln., Digitized by srujanika@gmail.com

ମହେନ୍ଦ୍ର ଅନୁରାଗେ ନାରୀ ସକଳେ
ଅବହେଳ, ତୁମ୍ଭଙ୍କୁ ଆଦର କରେ ;
ଏପରି ଶ୍ରେୟ ଦେଖି, ହୁଅ ବିମୁଖୀ ;
ମନା କର କାହିଁକି, ହେ ଚନ୍ଦ୍ରମୁଖି ? ୪୦
'ଅମରେ ନ ଇଚ୍ଛଇ ମାନବ-ନାରୀ ,'
ଶୁଣିଲି ନୂଆ କଥା ମୁହିଁ ତୁମ୍ଭରି ;
ହୃଦେ ଅଛନ୍ତି ଗୁରୁ ନିଶି ଦିବସ ,
ନ ଖଣ୍ଡେ ବର୍ଷା ତବ ଏ ଗ୍ରହଦୋଷ ! ୪୧
ଦେବତା ଅନୁଗ୍ରହେ ମର୍ତ୍ତ୍ୟ-ମାନବ
ତେଜେ ନରତ୍ୱ, ଲଭେ ଦୈବତ-ଭାବ ;
ସିଦ୍ଧ-ରସ-ପରଶେ ଲୁହାଟି ସୁନା
ହେଲେ, ଲୁହାରେ ତା'ର ନ ହୁଇ ଗଣା । ୪୨
ତେଜ ବାସବକୁ, ନଳେ କରୁଛୁ ମତ ,
ନୋହୁ ଲକ୍ଷିତ, ଆପେ ମଣୁ ପଣ୍ଡିତ ;
ଇକ୍ଷୁ ତେଜ କରଭ ଶମୀ-ଭକ୍ଷକ ;
କରଭେରୁ, କି ତହୁଁ ହେଲୁ ଅଧିକ ? ୪୩
ବରଜ ଦେବଗଣେ କୁତ୍ସିତ ନର
କରୁ ଆଦର, ଏତ ଭ୍ରମ ତୋହର ;
ବିସ୍ତୃତ ମୁଖ ଛାଡ଼ି ଅବା ଶ୍ୱସିତ
ବୃଥା ସଂକୀର୍ଣ୍ଣ ନାସା-ପଥେ ଚଳିତ ! ୪୪

GPNanda Colln., Digitized by srujanika@gmail.com

ଝାସନ୍ତି ତନୁ ବୁଧେ ତପ-ଅନଳେ ,
ଅନ୍ୟ ଜନମେ ସ୍ୱର୍ଗ-ପ୍ରାପତ-ଫଳେ ;
ବଳେ ଟାଣେ ତୁମ୍ଭଙ୍କୁ ସେ ସ୍ୱର୍ଗପୁର ,
ଅହୋ ମୂର୍ଖତା, ନୃପେ ହେବେ ଆଦର ! ୪୫
ନଳେ ନ ଲଭ ପ୍ରାଣ ତେଜିବା ଆଶେ
ଉଦ୍‌ବନ୍ଧନ କରିବୁ ଯେବେ ଆକାଶେ ,
ଆକାଶ-ବାସୀ ରଜା ବାସବ ତେବେ
ନେବେ; କେ ନ୍ୟାଯ୍ୟ ପ୍ରାପ୍ୟ ତେଜଇ ଭବେ ? ୪୬
ନଳ-ବହ୍ନେ ପ୍ରବେଶିଲେ ଅନଳେ ,
ପ୍ରକାଶିବୁ ଅସୀମ ଦୟା ସେ ସୁରେ ;
ଏଣୁ ଏଣେ ତାଙ୍କ ବହ୍ନି ପ୍ରାର୍ଥନା ,
ଦୁର୍ଲଭ ଅଂଗ ନଳେ ଅର୍ପିବୁ ପିନା ! ୪୭
ନଳ-ହନା ସଲିଳେ ପଶିଲେ ତୁହ ,
ବରୁଣ ହେବେ ଜୟୀ, ସଂଦେହ ନାହିଁ ;
ତାଂକ ପରାଣ ସର ତୁମ୍ଭଙ୍କୁ ଜଳେ
ଦେଖି, ହୃଦୟେ ସ୍ଥାନ ଦେବେ ଆଦରେ । ୪୮
ପଣ୍ଡିତ-ପଣେ ସ୍ମରଣ-ବଶୟେ
କହିବୁ ଆନ ଆନ ଯେଉଁ ଉପାୟେ ,
ପ୍ରିୟାତଥି ସ୍ୱରୂପେ ଯାଇ ସଦନେ ,
କରିବୁ ନିଜ ଧନ୍ୟ ଯମ ସ୍ୱଜନେ । ୪୯

GPNanda Colln., Digitized by srujanika@gmail.com

ଅବା ନିଷେଧ-ରୂପେ ଏ ଅଙ୍ଗୀକାର ,
ବକ୍ରତା ବାକ୍ୟେ ତବ ଅଟେ ସୁନ୍ଦର ;
ବକ୍ର ଉକତି ଯେଉଁ ଧ୍ୱନି-ବିଳାସ ,
ବିଦଗ୍ଧ-ନାରୀ-ମୁଖ ତା'ର ନିବାସ । ୫୦
ବାଣୀ-ରସ-ପ୍ରବାହ-ଛନ୍ଦେ ବିହରି ,
ଭ୍ରମିବି କେତେ ଦମୟନ୍ତି, ଏପରି ?
ବରଜ ଏପା, ହୃଦ କର ପ୍ରକାଶ ,
କରିବ କେଉଁ ସ୍ୱରେ ସିଦ୍ଧ-ମାନସ ? ୫୧
ମତ କି ତବ ସେହି ପଶ୍ଚାତୀ-ଯବ ,
ଐରାବତ-କୁମ୍ଭ ଯା' ସ୍ତନ-ବୈଭବ ?
ସହସ୍ର-ନେତ୍ର ଛଡ଼ା, ମୋ ମତେ, ଅନ
ତୋ ଅଙ୍ଗ-ସଙ୍ଗ-ଭୋଗେ ନୁହେ ଭାଜନ । ୫୨
ଦମୟନ୍ତି, ତାହାଙ୍କୁ ହୁଅ ପ୍ରସନ୍ନ ,
ସଦା ହେଉ ସେ ତନୁ କଣ୍ଟକେ ଘନ ;
କଣ୍ଟକ ଭୁମ୍ବ ଅଂଗସଙ୍ଗୁ ବାହାରି ,
ଶଚୀ-ଲୋଚନ-ତୀକ୍ଷ୍ଣ-କଣ୍ଟକ-ପରି । ୫୩
ଜାଣିଲ ହୁତାଶନେ ସ୍ନେହ ଭୁମ୍ଭରି ,
ନିକେ ଜନମି ଯଜ୍ଞ-କୁଳେ ସୁନ୍ଦରି ,
ଛାଡ ସେହି ତେଜସ୍ୱୀ, କପରି ଅନେ
ବଳନ୍ତା ମନୋରଥ, ନ ହୁଏ ମନେ ! ୫୪

GPNanda Colln., Digitized by srujanika@gmail.com

ଭୂସ୍ମେତ ସତୀ, ତନୁ-ତାପ ବିସ୍ମରି
ଫେରୁଥ ନାହିଁ ମନ, ଅଗ୍ନିକୁ ଡ଼ରି ;
ସତୀ-ପରୀକ୍ଷା-ବେଳେ ତୁଷାର-ପରୀ
କାଳେ କାଳେ ସେ ତାପ ହୋଇଛି ପରା ! ୫୫
ଧରମ-ରାଜେ ଧର୍ମଶୀଳତା ସ୍ମରି ,
ଚତ୍ତେ ଅଛକ ଏବେ ଅଛଥି କରି ?
ମନେ ମୁଁ କରେ ଏହା ଅତି ସୁଂଦର ,
ଯୋଗ୍ୟେ ଯୋଗ୍ୟର ସଂଗ ଶୋଭା-ଆଧାର । ୫୬
ଅଗସ୍ତ୍ୟ-ତେଜେ-ପୂତ ଦକ୍ଷିଣ-ଦେଶେ
ମରଣ ଭୟ ଏଡ଼ି, ତାହାଙ୍କ ସଙ୍ଗେ
ବିନା ବିରହେ କାମ-ଉତ୍ସବ-ରସେ
ମାତି, କାଟ ଅନଂତ କାଳ ନିମେଷେ । ୫୭
ଶିରୀଷ-ସୁକୁମାର, ତରୁ କି ମନେ ,
କୋମଳ-ବସ୍ତୁ-ବ୍ରଜ, ଜଳ-ରାଜନେ ?
ବରଜ ସକଳଙ୍କୁ, ସୁଧା-କିରଣେ
ବରି ନାହିଁକି ରାତ୍ରି, ଏହୁ କାରଣେ ? ୫୮
ମହା-ପୂର-ସୁଂଦର ଯେଉଁ ସାଗର
ସେବନ୍ତି ଦେବାଦେବ କମଳାବର ,
ବରୁଣ-ସଂଗେ ତହିଁ କୃଣ-ଉଦରି ,
ନିରତେ କର କ୍ରୀଡ଼ା, ଇଚ୍ଛା ଯେପରି ।” ୫୯

GPNanda Colln., Digitized by srujanika@gmail.com

ଦେବ-ମୁଦ୍ରା-ବସ୍ତ୍ରାନେ ଭୂଷିତ, ଗିର ;
ନଳ-ଭୂଷଣ, ତେଣୁ ତହିଁ ଅଦର ;
ଏକ କର୍ଣ୍ଣ କପୋଳ ଦାତବେ ନହ ,
ଶୁଣି ସେ ବାକ୍ୟ ବାଳା ଶୁଣିଲେ ନାହିଁ । ୬୦
ନଷ୍ଟରେ ଭୂଷା କର୍ଣ୍ଣୁ, ମୌନେ କେବଳ
ରହିଲେ ମଥା ପୋତି କେତେକ କାଳ ;
ତେଜି ଦୀର୍ଘ ନିଶ୍ୱାସ, ତହୁଁ ସେ କ୍ଷଣେ
ଭାଷିଲେ ଏହମତେ ଅତି କରୁଣେ :— ୬୧
" ବଦ୍ଧିଲ ଦୁଷ୍କୃତମୀ ମୋର ଶ୍ରବଣେ
ସୂଚୀ-ସ୍ୱରୂପ ଦୀଗପାଳ-ବଚନେ ,
ଲାଗଇ ମୋତେ ଗଲ୍ପଗ୍ର ଜୀବନ ,
ପାଥିଲ ସତେ ଯମ-ଦୂତ-ଭଥଣ ! ୬୨
ତବ ବଦନୁ ମୋର ମିଥ୍ୟା ଦୁର୍ଯଶ ,
ମସୀମଧ୍ୟେ ଯା' କଳଙ୍କ-ରୂପେ ପ୍ରକାଶ ,
ପଶି ମୋ କର୍ଣ୍ଣେ, କରେ ସେ ଦୁର୍ବଚନ
କୀଟ-ପରି ଉତ୍କଟ-ପୀଡା-ବିଧାନ । " ୬୩
ଦଇମୀ-ଅଳ ଦେଲା ତହୁଁ ଉତ୍ତର ,
" ଲାଜେ ମଉନ ଏକ କହ ସଖୀର ,
ଅନ୍ୟ ରସଜ୍ଞା ତା'ର ଅଛଇ ମୁହିଁ ,
କହୁଛି ଶୁଣ ତାଙ୍କ ବକ୍ତବ୍ୟ ଏହି :— ୬୪

GPNanda Colln., Digitized by srujanika@gmail.com

‘ପୂଜିବାକୁ ସେ ନୃପେ ବରଣମାଳେ
କାଲି ହେବ ଉତ୍ସବ ମୋ’ ସ୍ୱୟମ୍ବରେ ;
ଯିବାକୁ ସତେ ଯେବେ ଅଛେ ମୋ ପ୍ରାଣ ,
ଅନ୍ତରୀୟ-ସ୍ୱରୂପେ ଅଛ ଏ ଧନ ! ୬୫
ବିଶ୍ରାମ ଲାଗି ଅଛ ରହ ସମୀପେ ,
ଇଚ୍ଛେ କାଟିବି ଧନ ଦେଖି ଏ ରୂପେ ;
ଯେ ରୂପ ଲେଖିଥିଲେ ନଖେ ସେ ହଂସ ,
ସେ ନଳ-ରୂପ ତବ ରୂପ-ସଦୃଶ । ୬୬
ଅଶକ୍ତ ମୁଖେନ୍ଦୁ-ଶୋଭା-ଦର୍ଶନେ ,
ପ୍ରତାରିଛନ୍ତି ବିଧାତା ତୁମ୍ଭ ନୟନେ ;
ଦେଖି ସେ ଶୋଭା କାଲି ନଳ-ଆନନେ ,
ହେବ ସଫଳ ତା’ର ଜନମ କ୍ଷଣେ । ୬୭
ଅଗ୍ନି-ସାକ୍ଷ୍ୟେ କାଲି ମୋ’ ପାଣି-ଗ୍ରହଣ-
ପ୍ରସଙ୍ଗେ ହେବ ତବ ମେଳ; କେସନ
କୁଳ ଶୀଳେ ସଦୃଶ, ତବ ମାନସ ,
ନ ଲୋଡେ ଆର୍ଯ୍ୟ-ପୁତ୍ର-ମୈତ୍ରୀ-ବିଳାସ ? ୬୮
ହାତ ଯୋଡ଼ି ମାଗୁଛି, ହୁଅ ବିରତ ;
ନ କର ଆଉ ମୋତେ ବୃଥା ପୀଡ଼ିତ ;
ହୁଅ ପ୍ରସନ୍ନ, ବନ୍ଧୁ ନାହିଁ ଏପରି ,
ପୂରୁଛି ନେତ୍ର ଦେଖ ଲୋତକ ଝରି । ୬୯

GPNanda Colln., Digitized by srujanika@gmail.com

ବରିବି ଦିଗପାଳେ, ସେ କେଉଁ କଥା ?
ନଳ-ଶ୍ରୀ ଦେଖି ଭବ, ନ ତୋଳେ ମଥା ;
ସତୀ-ବ୍ରତ-ଅନଳେ ଜୀବନ ତୃଣ
କରିଛି, ଛାର କଥା ଭସ୍ମ ମଦନ । ୨୦
ସ୍ଥାପିଲେ ଜନ ଯେଉଁ ରତ୍ନ ତ୍ରିତୟ ,
ସେ ଧର୍ମ-ଚିନ୍ତାମଣି କରେ ଯେ ଦେୟ ,
କପାଳ-କୋପାନଳ-ଭସ୍ମ କାରଣେ ,
ବୋଲେ ସ୍ୱକୁଳେ ସେହୁ ଭସ୍ମ ସେ, ମଣେ ।' "୨୧
ଶୁଣି ଅମୃତ ସମ ପ୍ରିୟ-ଭାରତୀ ,
ନିଜ କାମ-ଅନଳେ ଯାହା ଆହୁତି ,
ଦୁଃଖେ ନିଜକୁ ମଣିଲେ ସେ କୃତାନ୍ତ ,
ନୁହେ ତା', ଭାଷିଲେ ଯା', କୃତାନ୍ତ-ଦୂତ । ୨୨
କାକୁତି ଆରତରେ ମରମେ କ୍ଷତ ,
ଦୂତ-ଧରମୁଁ ନ ହୋଇଲେ ବିରତ ;
ବଚନେ ବୃହସ୍ପତି ସମ ଚତୁର ,
ଗୋପନେ ଶ୍ୱାସ ତେଜି, ଭାଷିଲେ ନଳ । ୨୩
"କଳପ-ଦ୍ରୁମେ ଯଦି ନିଜ ସଦନେ
ମାଗିବେ ତୋତେ ଭିକ୍ଷୁ, ବାସବ ଧନେ ,
ତାଙ୍କ ପତ୍ନୀ ନ ହେବୁ କେସନେ, ଧନ ,
କଳ୍ପ-ଦ୍ରୁମେ ବିଫଳ ନୁହେ ମାଗୁଣି । ୨୪

GPNanda Colln., Digitized by srujanika@gmail.com

ତୁମ୍ଭ ପ୍ରାପତ-କାମେ ଅନଳ ଯେବେ
ନିଜ ମୂର୍ତ୍ତିରେ ନଳେ ଅନୁଗତ ହେବେ ,
କରିବେ ଯଜ୍ଞ, ସର୍ବ-କାମ-ଦାୟକ ,
ନୋହିବ ମିଥ୍ୟା କେବେ ବିଧି ବୈଦିକ । ୨୫
ଅଗସ୍ତ୍ୟ ଯମ-ରାଜ୍ୟେ କରନ୍ତି ଘର ,
ବଳେ ମାଗିଲେ କର ରୂପେ ତୋ' କର ,
ଦେଇ କି ନ ପାରିବେ ତୋତେ ସେ ମୁନି ?
ହେବ କି ଗତ ତେବେ କହ ଭାମିନି ? ୨୬
ଜାଣେ କେ, କେତେ କେତେ ଯଜ୍ଞ ସାଧନେ
ଅଛନ୍ତି କାମଧେନୁ ପାଶୀ-ସଦନେ !
ତୁମ୍ଭ ଲାଗି ଗୋଟିକୁ ବରୁଣ ଯେବେ
ମାଗିବେ, ହସ୍ତଗତ ହୋଇବ ତେବେ । ୨୭
ପତିବ୍ରତା ଇନ୍ଦ୍ରାଣୀ ବିଘ୍ନ ପାଇବେ ;
ପତି ନ ମାନି, ନ ଆସିବେ ଉତ୍ସବେ ;
ଦ୍ୱେଷେ ନୃପତିଗଣେ ହେବ ସମର ;
କପଟି ହେବ ତେବେ ତୋ ସ୍ୱୟମ୍ବର ? ୨୮
ତୁଲ୍ଲ ଟ୍ରେ ସମ୍ବନ୍ଧ, ବୁଢ଼ା ଅଙ୍ଗନେ ,
ଦ୍ୱେଷେ ଭାଷିବେ କହୁ ନୃପତିମାନେ ,
ଇଚ୍ଛା କି ଦେଖିବାକୁ ନୃତ୍ୟ-ତାଣ୍ଡବ ,
ଛତ୍ର ଦଣ୍ଡରେ ପୁଣି ଭୂଜେ ଅହବ ? ୨୯

GPNanda Colln., Digitized by srujanika@gmail.com

ଫୁଙ୍କି ଫୁଙ୍କି ମରିବେ ଯାଜ୍ଞିକ-କୁଳ ,
ରୋଷେ ଜଳିବ ନାହିଁ ଯେବେ ଅନଳ ,
ବିନା ଅଗ୍ନି-ସାକ୍ଷୀରେ ତୋର ବିବାହ
ନଳ-ସଙ୍ଗେ କିପରି ହେବ ନିର୍ବାହ ? ୮୦
ଭବ ବା ବର ବଂଶ ଜଣେ ଶମନ
ବୈର, ଅତଥ୍ୟ ଯେବେ କରିବେ, ଜାଣ ,
ହେଲେହେଁ ଅତମ୍ବରେ ତୋ ସ୍ୱୟମ୍ବର ,
କିପରି ନୋହିବ ବା ତାହା ବିଫଳ ? ୮୧
ଜଳ-ରାଜ, ବରୁଣ ନଳ-କୋପରେ,
ମନା କରିବେ ଯେବେ ସକଳ ନୀରେ ,
ଲୋଭେ ହାତ ବଢାଇ ମାଗିଲେ ନଳ ,
କହ, କିପରି ଦେବେ ଜନକ ତୋ'ର ? ୮୨
କହୁଛି ଏହା ତୋତେ ମହତ ହିତ ,
ବିଚିକ୍ଷ ମୋହ, ଭୈମି, ହୃଦୟେ ଚିନ୍ତ ,
ଦେବ ଇଚ୍ଛିଲେ ବିଘ୍ନ, କେଉଁ ମାନବ ,
ହସ୍ତେ ଥିଲେହେଁ ଦ୍ରବ୍ୟ ଭୋଗ କରିବ ?" ୮୩
ଦୂତେ ବିସ୍ତୃରି ଏହି କଥା ସକଳ ,
ସତ ମଣି, ଭୈମୀ ହେଲେ ବିକଳ ,
ଶ୍ରାବଣ-ଭାଦ୍ର-ଧାର-ବରଷା-ପରି
ବହିଲା ନୟନରୁ ଲୋତକ-ବାରି । ୮୪

GPNanda Colln., Digitized by srujanika@gmail.com

କଜ୍ଜଳାବିଳ ଅଶ୍ରୁବିନ୍ଦୁ-ଭ୍ରସଲେ
ଘୃଷ୍ଟାଙ୍କ-ନେତ୍ର କୁଚ-କୋରକ-ପରେ
ଅସନ୍ତି ଉଡ ବ ସେ ! ବିନ୍ଦୁ ସେ ସ୍ତନେ
ରାଜେ ତରଳ-ନୀଳମଣି-ସମାନେ । ୮୫
ପୀଡିତ ସେହୁ କାମ-ସୁମନ-ଶରେ ,
ବିପ୍ରଲମ୍ଭ-ରସର ସରସୀ ହେଲେ ;
ନେତ୍ରେ ପ୍ରସ୍ଫୁଟ-ନୀଳ-ଉତ୍ପଳ-ଲୀଳା ;
ନାଳ ସେ ଧାରା-ଲମ୍ବୀ-ଲୋତକ-ଧାରା । ୮୬
ଉଦ୍‌ଭ୍ରମେ ଧୈର୍ଯ୍ୟ ହାରି, କାନ୍ଦି ବିକଳେ ,
ଭୂଲି ପ୍ରେମ, ବିବେକ-ଅଭାବ-ବଳେ ,
ନ ହେବ ପ୍ରିୟ-ଲାଭ, ନିଶ୍ଚୟ କରି ,
ବିଳାପ-ଟିର୍ ଦୁଃଖେ ଦେଲେ ବିସ୍ତାରି । ୮୭
"ହେ କାମ,ନଳ ମୋତେ ପୋଡ ସତ୍ୱର ;
ମୋ ଭସ୍ମ-ଯଶ ଭବେ କର ବିସ୍ତାର ;
ହେ ବିଧି ! ପର-ଇଚ୍ଛା-ହନନ-ବ୍ରତ !
ନିଷ୍ଫଳ ପ୍ରାଣ ନେଉ, ବୃଥା ପଢ଼ିଛ । ୮୮
ହେ ହୃଦ, ଲୌହମୟ ହେଲେହେଁ ତୁହ ,
ବିରହାନଳ ତାପେ ତରଳୁ ନାହିଁ ;
ନୋହୁ ତୁ ବଜ୍ର, କାମ ଭେଦୁଛି ଶରେ,
ବିଦୀର୍ଣ୍ଣ ନୋହୁ, କହ ଗଢ଼ା କାହିଁରେ ? ୮୯

GPNanda Colln., Digitized by srujanika@gmail.com

ବିଳଂବ କିପାଁ ? ପ୍ରାଣ, ପଳା ସତ୍ୱର ;
ପୋଡୁଛୁ ତୋ'ର ଏଡ଼ ହୃଦୟ-ଘର ;
ନ ଛାଡ଼ୁ ତେବେ ବୃଥା-ସୁଖ-ବସତି ;
ବିଚିତ୍ର ଅପୂର୍ବ ତୋ ଆଳସ୍ୟ-ରୀତି ! ୨୦
ପାନ୍ଥଙ୍କ ମନୋରଥ, କର୍ପାଁ ବୃଥାରେ ,
ପୃଥ୍ୱ ନୟନ ମମ, ଠକିଲେ ତୋରେ ?
ପ୍ରିୟ-ଶୋଭା-ଦର୍ଶନ-ଘାତୀ ପାତକେ
ଶତ ବରଷ ଧୂଅ ଏବେ ଲୋତକେ । ୨୧
ଭାବୁ ତୁ ମନ ନଳ ଅବା ମରଣ ,
ନ ହୁଏ ତାହା; ଉନ୍ମ ହୁଏ ସାଧନ ,
ନଳେ ମମ ବିରହ ଭାବନା କର ,
ତବ ପ୍ରସାଦେ ତାହା ନୋହୁ ମୋହର ! ୨୨
ବିରହିଣୀ-କଇଷ କେତେକ ଭବେ ;
ତହିଁ ସେ ଅଙ୍ଗ-ବାମ ମଦନେ କେବେ
ନ ମାରେ କିଛୁ ମୂହିଁ ; ଦକ୍ଷିଣ ସେହୁ
ପବନ, ମାରେ ତା'ରେ, ଶୁଭ ସେ ବିହୁ ;
ଉଡ଼ାଉ ଭସ୍ମ ମୋର ପ୍ରିୟ ଯେ ସ୍ଥାନେ ;
ଶତ୍ରୁତା-ସୀମା ଶେଷ ହୁଏ ମରଣେ । ୨୩
କ୍ଷଣକ ଯୁଗ ପରି ହୁଏ ପରତେ ,
ନୁହେ ମୋର ମରଣ, ସହିବି କେତେ ?

GPNanda Colln., Digitized by srujanika@gmail.com

କାନ୍ତ ମୋତେ ତେଜିବେ ନାହିଁ ଅନ୍ତରେ ;
ସେ କାନ୍ତେ ମନ; ମତେ କାମ୍ୟ-ସମୀରେ । ୯୪
ମୋ ତାପ ନାଶି ପାରେ କଣିକା ଯାର ,
ଦେବେ କେ ପିଇଲା ସେ କୃପା–ସାଗର ?
ହେ ଦେବେ, ଇଚ୍ଛା ମାତ୍ରେ ମୋହରି ପରି
ସୃଜି ନ' ପାର କି କୋଟିଏ ନାରୀ ? ୯୫
ଦିନ ରାତି ମୋହର ଅଶ୍ରୁ-ଦୁର୍ଦ୍ଦିନେ
ହୁଅନ୍ତେ ବର୍ଷାଋତୁ ଅବା ଭୁବନେ ,
ସୁପ୍ତ ଦେବତା କାହୁଁ ଶୁଣିବେ ଗିର ?
ଅରଣ୍ୟ-ରୋଦନହିଁ ହୋଇବ ସାର ! ୯୬
ହୋଇଛ ନଳ ତୁମ୍ଭଠାରେ ତନ୍ମନା ,
ଦେଖିଲ ନାହିଁ ମୋର ଏତେ ଯାତନା !
ହୃଦେ ହୃଦେ ବା କେତେ ଖୋଜିଲ ନାହିଁ !
କହନ୍ତା ପକ୍ଷୀ, ତା'ରେ ଲୁଚିଛି ବିଧି । ୯୭
କିପାଁ ନ କର ଦୟା, ହେ ଦୟା-ଧନ !
ଜାଣ ମୋ ମନ ତବ ପାଦେ ମଗନ ;
କାହିଁ ତୁମ୍ଭର ଦୋଷ ? ନିନ୍ଦିବି ବିଧି ;
ପରହ୍ରଦ ସେ ମୋତେ ଦିଏ ବୁଡାଇ ! ୯୮
ତୁମ୍ଭ ଲାଗି ମରଣ ହୋଇଲା ମୋର ;
ନ ଯିବ କି ଏ ବାର୍ତ୍ତା ପାଖେ ତୁମ୍ଭର ;

GPNanda Colln., Digitized by srujanika@gmail.com

ନ କଲ ଦୟା ଯେବେ ନାଥ ଅଧୁନା,
ପ୍ରକାଶିବ ସେ କାଳେ କରୁଣା-କଣା । ୯୯
ବର୍ଣ୍ଣି ହେବ ହୃଦ ମୋହର ଏବେ ;
ଯାଚକ-କଳ୍ପଦ୍ରୁମ, ପ୍ରାର୍ଥନା ଲବେ :—
ଦେହ-ଦୁଆରେ ମମ ପ୍ରାଣ-ସଙ୍ଗତେ
ନ ଯିବେ ପ୍ରାଣନାଥ ଜୀବନ-ଅନ୍ତେ ।" ୧୦୦
ଦଗୀଶ-ଦୂତପଣେ ହୃଦେ ଯେ ସ୍ଥିର
ଥିଲା, ସେ କାକୁ-ବାକ୍ୟେ ଜାଗିଲା ସ୍ମର ;
ଥିଲେହେଁ ପାଶେ, ଯଥା ନାହାନ୍ତି ପାଶେ ,
କ୍ଷଣକେ ଭ୍ରାନ୍ତ କରି ଦେଲା ନରେଶେ । ୧୦୧
ବାସବ-ଦୌତ୍ୟ-ଅଦ ସବୁ ବିସ୍ମରି ,
ନିଜ କଳ୍ପନା ସଙ୍ଗ ଭାବନା କରି ,
ପ୍ରେୟସୀ ସେହୁ ନାନାବିଧ ବିଳାସ ;
ଅଜ୍ଞାନେ ଉତ୍ତରିଲେ ଏହା ନରେଶ । ୧୦୨
"କା ଲାଗି କାନ୍ତ ପ୍ରେୟେ ଏଡ଼େ ବିକଳେ ?
କା ଲାଗି ଭିଜେ ମୁଖ ଲୋଚନ-ଜଳେ ?
କଟାକ୍ଷ-ପାତେ କିଆଁ ନ ଗୃହ୍ନଁ ନଳେ ?
ପ୍ରଣତେ ନତ ଯେହୁ ତୋ ପାଦତଳେ । ୧୦୩
ଘନାଶ୍ରୁବନ୍ଦୁ-ତ୍ୟାଗ-ଛଳେ ସୁନ୍ଦରି ,
ବନ୍ଦୁ-ଚ୍ୟୁତକେ ଦେଖାଉଛୁ ଶୃଭୁସି ;

GPNanda Colln., Digitized by srujanika@gmail.com

ଇନ୍ଦୀବର-ତାରକ୍ଷି, ହକେ କି ସତେ
ଏ ସଂସାରେ ସପାର କରୁ ନାହିଁତେ ! ୧୦୪
ତେଜ କ୍ରୀଡ଼ା-କମଳ, କରେ ଆନନ
ରଖି, ତା' କର କିପାଁ ଲୀଳା-ନଳନ ?
ଅଦୋଷେ ହୃଦୁଁ ଅଳଂକାର ଛୁଣ୍ଡାଇ ,
ଲୋତକେ ହାର କିପାଁ ସୃଜୁଛ ତହିଁ ? ୧୦୫
ଲୋଚନ-ଅମଂଗଳ ଲୋତକ-ଜଳ
କରେ ପୋଛି, ବଦନ କରେଁ ନିର୍ମଳ ;
ତୋ ପଦ-ନଖ-ବଧୂ କରେଁ ଉଜ୍ଜ୍ୱଳ
କିରୀଟ-ମାଣିକ୍ୟର କିରଣେ ମୋର । ୧୦୬
ମୋ କିରୀଟ-ମାଣିକ୍ୟ-ରଶ୍ମି-ମଞ୍ଜରୀ
ରୋହିଣୀ ଯେଣୁ, ସେବୁ ପଦେ ତୋହରି
ବଧୂ-ନିର୍ମଳ-ନଖ-ଅମୃତ-ଦୁ୍ୟତି ;
ତେଜ ଗୋ ଅକାରଣ ରୋଷ ମୋ ପ୍ରତି । ୧୦୭
କଲେ ତୁ ଲବମାତ୍ର ମାନ ମୋଠାରେ ,
ଦେଖିବ ତାହା ମୁହିଁ ବହୁ ଆଦରେ ;
ମୋତ ନୟନ ଯେବେ ରହିବୁ କୋପେ ,
ପଡିବ ପଦତଳେ କେତେ ମୁଁ ଆପେ । ୧୦୮
ପ୍ରଭୁତ୍ୱ-ପଣେ ଦୟା କର, ନ କର ;
ପ୍ରଣାମ-ଗ୍ରହଣରେ କି ଶ୍ରମ ତୋ'ର ?

GPNanda Colln., Digitized by srujanika@gmail.com

ତୁମ୍ଭେ କଳପଲ୍ଲବ ଯାଚକଗଣେ
କୃପଣ ହୁଅ କିପାଁ ଦୃଷ୍ଟି-ପ୍ରଦାନେ ? ୧୦୯
କୋମଳଅଙ୍ଗି, କାମ-ବାଧା କେମନ୍ତେ
ସହୁ ? ଅବା କଠିନ କୁଚ-ଆବୃତେ
ହୃଦେ ମକରଧ୍ୱଜ-ସାୟକ ପଡ଼ି,
ବମୁଖେ ତହୁଁ ପୁଣି ଯାଆନ୍ତ ଫେରି । ୧୧୦
ପ୍ରକାଶ ସ୍ମିତ-କଣା ଅଧର-କୋଣେ ;
କର ଚଞ୍ଚଳ ଭ୍ରୂଯୁଗ ଖେଳାନେ ;
ଅପାଙ୍ଗପଥେ ଦୃଷ୍ଟି ଚଳାଇ, କର
ପ୍ରସାଦେ ମୋ ଉପରେ ସଂଧାନ ତା'ର । ୧୧୧
ଲୋତକ-ଜଳ-ବର୍ଷା କର ଗୋ ଶେଷ ;
ସ୍ମିତେ କୌମୁଦୀ-ଲୀଳା କର ପ୍ରକାଶ ;
ନେତ୍ର-ଯୁଗଳେ ବେନି ଖଂଜନ ଖେଳୁ ;
ବିକଚ-ପଦ୍ମ-ଶିରୀ ବଦନ ଧରୁ । ୧୧୨
ସୁଧା-ପୂର ମୋ କର୍ଣ୍ଣକୂପ-ଯୁଗଳେ
କର ଗୋ ମଦବୃଷ୍ଟି, ଅକ୍ଷରମାଳେ ;
ସ୍ମିତ-ସଂପଦେ ବେନି ନୟନେ ମମ
ପାୟସ-ପାରଣାର କର ବିଧାନ । ୧୧୩
ଆସନ-ଅର୍ଦ୍ଧେ ମୋର ହୁଅ ମଣ୍ଡନ;
ନାହିଁ ନାହିଁ, ହୁଅ ମୋ ଅଙ୍କ ଭୂଷଣ ;

GPNanda Colln., Digitized by srujanika@gmail.com

ଦୂଷିଲି ଭ୍ରମେ, କ୍ଷମା କର ଗୋ ପ୍ରିୟେ ;
ମୋ ବକ୍ଷ ବିନା ତବ ଆସନ କିଏ ? ୧୧୪
ଜାଣୁତ କାମ-ଶର-ବଞ୍ଚନା-ସ୍ୱଚ୍ଛ ,
ଅଛୁ ଅନ୍ତରେ, କଲେ ଉରେ ବସତି ,
ସେଡ଼ି ପଶିଏ ତୁମ୍ଭ ମଧ୍ୟରେ ରହି ,
ମୋ ହୃଦ କାମ-ଶରେ ଡରିବ ନାହିଁ । ୧୧୫
ଆଲିଂଗି ଗାଢ଼େ, ଲାଗୁ ହୃଦ-ଯୁଗଳ ;
ନ ପାଉ ଅବକାଶ ମଦନ-ଶର ;
ଦୃଢ ମୋ ଉର, ତବ କୁଚ କଠୋର ;
ସେ କୁଚ ପରଶନେ ଦଗ୍ଧ ଏ ଉର ! ୧୧୬
ଇଚ୍ଛେ ଅଧର-ପାନ, ଯେ ମଧୁ ଝରେ ,
ମଧୁମୟ ବଚନେ, ତୋଷ ଶ୍ରୁତିରେ ;
ତବ ଉନ୍ନତ କୁଚ-ତଟେ ମୋ ନଖ,
ଅଭୁତ ଦଶୁ ମୃଜ ବାଳେନ୍ଦୁ-ଲେଖ । ୧୧୭
ରୋମାବଳରେ ସୂତ୍ର-ଧାରଣୀ ତୁହି ;
ହାରେ ନାୟକ ନାଭେ କି ଶୋଭା ବହୁ !
ଦ୍ୱିଜରାଜ୍-ଦୂଷକ ତୋ ମଥାମଣି ;
ମଦନ-ନାଟିକା କି ତୁ ନୋହୁ ପୁଣି ? ୧୧୮
ଅନଙ୍ଗ-ଜନ୍ମେ ତବ ସତେ ଅଧରେ
ଜ୍ୟୋତିଷ ଅଷ୍ଟବର୍ଗ କାଟିଛୁ ଗାରେ !

GPNanda Colln., Digitized by srujanika@gmail.com

ଏବେ ସେ ହେବ, ଜଳେ ଶ୍ୱମ୍-ପାଠଲ ,
ମୋ ଦନ୍ତ-କ୍ଷତ-ରଙ୍ଗେ ଭୂର୍ଜ-ସୁନ୍ଦର । ୧୧୯
ଦମ୍ଭୀକର ଚୁମ୍ବନେ, ଘୃଣି ବଚନେ ;
କୁଚ-ସେବା କରାଅ ମୋରେ ପ୍ରସନ୍ନେ ;
ଚନ୍ଦ୍ର-କରଣେ ଜଣିଥିଲା ଯେସନେ ,
ତେସନ ପିନା ତୁମ୍ଭେ ମମ ପରାଣେ ।” ୧୨୦
ଲଭି ଚେତନା ତନ୍ଦୁଁ ମୃନ-ସଦୃଶ ,
ବୁଝିଲେ କଡଛନ୍ତି ଅମ୍ମ-ପ୍ରକାଶ ;
ଦେଖିଲେ ଦମୟନ୍ତୀ ପ୍ରକୃତ-ଗତ ;
ଭାଷିଲେ ପୂର୍ବ ଜ୍ଞାନେ ତହୁଁ ଏମନ୍ତ :— ୧୨୧
“ଅହା କାହିଁକି କଲ ଅମ୍ମ-ପ୍ରକାଶ ?
କି ବୋଲିବେ ମୋତେ ସେ ଅମରଈଶ ?
ଲଜେ ଭକ୍ତିରେ ଅଗେ ହୋଇଲେ ନତ ,
ଦେଖିବ ନାହିଁ ତାଂକ କୋପ ଇଂଗିତ । ୧୨୨
ବୃଥା ମୋ ନାମ ଯାହା ପ୍ରକାଶ କଲ ,
ମହତ ଇନ୍ଦ୍ର-ଦୂତ-ପଣ ତେଜିଲ ;
ହନ-ପ୍ରବୃତ୍ତି-ଯଶେ, ମୋ ଶତ୍ରୁ-ହସେ ,
ହିତ ସେ ଦୂତ-ପଥ ହେଲା ବଶେଷେ । ୧୨୩
ଜାଣି ଶୁଣି ଏପରି କରି ମୁଁ ନାହିଁ ;
ପର ଯାହା କହିବ ଜାଣିଲି ମୁହିଁ ;

GPNanda Colln., Digitized by srujanika@gmail.com

ଜନାର୍ଦ୍ଦନ କହନ୍ତ ଲୋକ-ପାଳକେ ;
ସଂହାରକାରୀ ଦେବେ ଶିବ ସେ ଲୋକେ । ୧୨୪
ଫାଟନ୍ତା ଭ ହୃଦୟ ଲଜ୍ଜା-କାରଣେ ,
ଜାଣନ୍ତେ ଶୁଦ୍ଧି ତା'ର ବନ୍ଧୁ-ଗଣେ ;
ଜାଣନ୍ତୁ ଏଥି, ଯାହା ଇଚ୍ଛା ସେମାନେ ,
କିଏ ବା ଦେବ ହାତ ଜନ-ଅନନେ ? ୧୨୫
ଚେତନା-ବଳେ ସିନା ଯତ୍ନ ସଫଳ !
ବଳବାନ ବଧାତା କଲା ବହ୍ୱଳ !
ଦଇବ ଯୋଗେ ନାଶ ହୁଅଇ ଯାର ,
ରଖି ପାରନ୍ତ ନାହିଁ ସୁର-ଈଶ୍ୱର ।” ୧୨୬
ମୋହ-ଭୂମିରେ ପଡ଼ ଏସନ ନଳ
ଶୋଚନ୍ତେ ଅତ୍ମ-ପ୍ରକାଶନ କେବଳ ,
ବ୍ୟଥା ବନାଶିବାକୁକରି ମାନସ ,
ଅସିଲା ଶୀଘ୍ର ତହୁଁ ସୁବର୍ଣ୍ଣ-ହଂସ । ୧୨୭
ତା' ପକ୍ଷ-ସ୍ୱରେ ଉର୍ଦ୍ଧ୍ୱେ ଚୃହିଁ ସେ ନଳ
ଭାଷନ୍ତେ, 'ଏହ ସେହ୍ନ', ଭାଷେ ମରାଳ :—
“ନୈର୍ଦ୍ଦୟ, ନ କର ହେ କରୁଣ ଅଉ ;
ଏଣିକି ନଜ ପ୍ରାଣ ତେଜିବ ଏନୁ । ୧୨୮
ଦେବ ସକାଶେ ଏବେ କଷ୍ଟ-ସ୍ୱୀକାର
କରି, ମଣ୍ଟୁଛ ଅପରାଧ ତୁମ୍ଭର ;

GPNanda Colln., Digitized by srujanika@gmail.com

କପଟୀ ନୃପ; ଦୋଷ ନାହିଁ ତୁମ୍ଭର ;
ଅଟନ୍ତି ସାକ୍ଷୀ ସାଧୁ-ଚରିତ୍ର-ଶୁଦ୍ଧିର ।” ୧୨୯
ଭଣି ଏସନ ତହୁଁ ବିଦାୟ ନେଇ ,
ଯାଅନ୍ତେ ଖଗ, ନଳ ସାଂତ୍ୱନା ପାଇ ,
ଦିଗପାଳେ ପ୍ରଣମି ଆପଣା ମନେ ,
ଭାଷିଲେ ଭଇମୀରେ ମୃଦୁ ବଚନେ :— ୧୩୦
“ ଦେବତା-ଅନୁରାଗ-ବର୍ଦ୍ଧନ ପାଇଁ
କେତେ ଏପରି କଷ୍ଟ ଅଛି ମୁଁ ଦେଇ ;
କରନ୍ତୁ ଦୟା ଅକପଟ ବେଭାରେ ,
ଦିଅନ୍ତୁ ଦଣ୍ଡ ଅବା ଦୋଷେ ଅମରେ ! ୧୩୧
ହେଲି ଉନ୍ମତ୍ତ ଯାହା, ହତ ମୋ ଛସନ୍ଧ ;
ତା’ ଯୋଗୁଁ ସ୍ମର-ପୀଡା ଭୁଲିଲି ମୁହିଁ ;
ଅଳ୍ପନେ ପାପ କ୍ଷୀଣ ହେଲା ପରାଏ ,
ଦୋଷୁଁ ଦୋଷ-ସମ୍ଭବ ଉଦୟ ହୁଏ । ୧୩୨
ତୁମ୍ଭଙ୍କୁ ଅତିଶୟେ କରି ପୀଡନ
ମୋ ଲାଗି, ଦୟାଶୀଳ ହେଲା ମଦନ ;
ଯେଣୁ ଉନ୍ମତ୍ତ କରି ମୋତେ ଚଳାଇ ,
ଦେଲା ଉଭୟେ ଦୟା-ସ୍ରୋତେ ଭସାଇ । ୧୩୩
ତୋ ଲାଗି ଲାଳାୟିତ ଏତେ ଅମର ,
ମୋତେ ବା କରିପାରୁ କିଙ୍କର ତୋ’ର ;

GPNanda Colln., Digitized by srujanika@gmail.com

ବଶ୍ୟରି କାମ କର, ପଛେ ଯେପରି
ତୋହରୁ ଅନୁତାପେ ଦଗ୍ଧ ସୁନ୍ଦର । ୧୩୪
ମଧ୍ୟସ୍ଥ—ଭାବେ ସିନା କହେ ଏସନ ,
ଦେବ-ଦର୍ପେ ବା ଯୁଦ୍ଧରେ ନୁହେ ମୁଁ କ୍ଷୀଣ ;
ଯେବେ ମୋ ପ୍ରାଣ ଦେଲେ, ହେବ ତୋ ହିତ ,
ତୋ ପ୍ରେମ-ଶୋଧ-ଲାଗି ତାହା ଉଚିତ । ୧୩୫
ମଧୁ ଋତୁର ଶୋଭା ଶିଶିର-ପରେ
ସାଜେ ଯଥା ମଧୁର କୋକିଳ-ସ୍ୱରେ ,
ତେସନେ ଶୁଣି ନଳ-ଅମୃତ-ବାଣୀ ,
ହୋଇଲେ ଆନନ୍ଦିତ ଭୀମନନ୍ଦିନୀ । ୧୩୬
ଦେବତା-ଦୂତ ଭାଳ ନଳ ରାଜନେ ,
ସଖୀ-ବିଶ୍ୱରେ ଜନ୍ମୁଥିଲା ଭ୍ରମନେ ,
ଜାଣି ହୃଦୟେ, ନୁହେ ଆନ ସେ ନଳ ,
ତେଜିଲେ ଦୃଣା ଅମୂନନ୍ଦା ସକଳ । ୧୩୭
କାମ, ଜନକ ତୋର ସଂସାରି-ଚିତ୍ର ,
ମଣ୍ଡାଇ ତାଙ୍କୁ ପାପେ, ନୋହୁ ଲଜ୍ଜିତ !
ସତ୍ପୁତ୍ର-କଥା ଲୋପ ହେଲା ତୋ ପାଇଁ ;
ସ୍ଥିର ସେ, ଏବେ ଜାଣ କେଳତୀ-ସାଇଁ । ୧୩୮
ବର୍ଣ୍ଣିଲେ ତାଙ୍କ ଅଙ୍ଗ କୁସୁମ-ସାର ;
କିନ୍ତୁ କେହୁ କୁସୁମ ନ ଥିଲା ସ୍ଥିର ,

GPNanda Colln., Digitized by srujanika@gmail.com

ହର୍ଷ-ଲୋତକେ ହୋଇ ବରଷା-କାଳ ;
ରୋମାବଳୀ କଦମ୍ବ ହେଲେ କେବଳ । ୧୩୯
ନଳ ବୃତ୍ତାନ୍ତ-କଥା କହ ରାଜନ ,
କଲେ ଯା’ ଦମସ୍ୱସା-ଭ୍ରାନ୍ତି-ମୋଚନ ,
ନଳେ ସମ୍ବୋଧି ବାଳା ବିଳାପ କାଳେ
‘ମତେ ଜାଣିଲା’ ବୋଲି ମଣି ସେ ଥିଲେ । ୧୪୦
ବିଦର୍ଭ-ରାଜକନ୍ୟା ଲାଜେ ତା’ ପରେ
କହି ପାରିଲେ ନାହିଁ ସଂମୁଖେ ନଳେ ;
କେତେ କହିଲେ ତାଙ୍କୁ ଲଜ୍ଜା ବରଜ ,
ତେଣୁ ମନାକ୍ଷ-ହ୍ରଦେ ଗଲେ ସେ ମଜ୍ଜି । ୧୪୧
ଦୋଳାଇ ମୁଖ ଯେବେ ସଖୀ-ଶ୍ରବଣେ
ନ ହେଲେ ସମରଥ ଉତ୍ତର-ଦାନେ ,
ହସି ଭାଷିଲା ନଳେ ସଖୀ ସେ କାଳେ :—
“ ପ୍ରିୟା ତୁମ୍ଭର ଲାଜେ ମଉନ ହେଲେ । ୧୪୨
ଚୁମ୍ବି ଚନ୍ଦ୍ରପଟ-ଚରଣ-ଯୁଗେ
ଛନ୍ଦାଇ ନୈବର୍ତ୍ତର-ସଲିଲ-ଯୋଗେ ,
ପୂର୍ବେ ମୋତେ ଯା’ କାମ-ଉପନିଷଦ
କହିଥିଲେ, ମୋ ମୁଖୁଁ ଶୁଣ ନୈଷଧ । ୧୪୩
‘ ତୁମ୍ଭ ବିରହେ ମୋର ଯିବେହ ପ୍ରାଣେ’ ,
ନିଷ୍ଠୁର ହଂସ କହୁନାହିଁ ଏସନେ ;

GPNanda Colln., Digitized by srujanika@gmail.com

ନୋହିଲେ ମୋର ବଧେ ନିର୍ଦ୍ଦୟ-ଗୁଣ
ସମ୍ଭବଂତା କି ? ଚନ୍ଦ୍ରବଂଶ-ଭୂଷଣ ! ୧୪୪
ଜିଣିଛ ମୁଖେ ବିଧୁ, ସୌନ୍ଦର୍ଯ୍ୟ ପୂର ..
ମୋ ନାଶେ କିପାଁ ହୁଏଁ ପ୍ରତିଜ୍ଞା-ପର ?
ତୁମ୍ଭର ବୋଲି ଯଦି, ଜସ୍ୱ ମୋହର ;
ଅମର-ସଙ୍କଳପ ନୁହେ ବିଫଳ । ୧୪୫
ପୋଡ଼ କିରଣେ, ମୋର ଦେହ-ଉପ୍ତରେ
ମାଜବ ବଧୂ ଇଚ୍ଛେ କଳଙ୍କ-ଭରେ ;
ତେବେ କି ତବ ମୁଖ-ସମ ହୋଇବ ?
ନାରୀ-ବଧେ କଳଙ୍କ ଯିନା ବଢ଼ିବ ! ୪୧୬
ଯଦ୍ୟପି ନିଜ ଶର ଦିଅ ମଦନେ ;
ବିନାଶୁ ମୋତେ ପୁଷ୍ପଶର ସେ ବାଣେ ;
ତୁଂଭକୁ ଭାବ ମରି, ତୁଂଭରି ରୂପେ
ଜନମି, ଜିଣିବଇଁ ମୁହିଁ ସେ ପାପେ । ୧୪୭
ମତ ଏ , ଶ୍ରୁତି ଗାଏ ଦେବତା-ଗୁଣ ,
କି ତହିଁ ମୋର ? ତବ ପାଦେ ମୁଁ ମଗ୍ନ ;
ହେଲେହେଁ ସ୍ନାନକାଳେ ରବିଙ୍କ ସ୍ତବ ,
କୁମୁଦିନୀ ନ ଲଭେ ଆନନ୍ଦ-ଲବ । ୧୪୮
କଥାରେ ରହ, ମୋର ମରଣ ଭଲ ,
ନୋହିଲେ ନ ଜାଣିବ, ଛିବ ମୋହର ;

GPNanda Colln., Digitized by srujanika@gmail.com

ତୁଂଭ ଲାଗି ଜୀବନ ତେଜିଲେ ମୁହିଁ ,
ଜାଣିବ ତୁଂଭ ବିନା ସାଦ୍ଧା ମୋ' ନାହିଁ । ୧୪୯
ମହେନ୍ଦ୍ର-ବଜ୍ର-ଭୟୁ ରକ୍ଷା-କରଣ
ଅଷ୍ଟଧାତ୍ରିମାନଂକ ବ୍ରତ-ବିଧାନ ;
ନ ରଖ ମୋତେ କାମ-ସାୟକ-ହତ ;
ନଷ୍ଟ ହେଉଛି ପିତା ତୁଂଭର ବ୍ରତ ! ୧୫୦
ତୁମ୍ଭର ମୁହିଁ, ମୋର ଘାତୁକେ ଛଡ ;
ବୃଥା ଅମର ବୋଲି ମଦନେ ଭ୍ରାନ୍ତ ;
ଚଣ୍ଡାଳ ପଞ୍ଚଶର ଜାଣ ରାଜନ ,
ତା' ସଖା ମଧୁ , କରେ କାଣ୍ଡ ନିର୍ମାଣ । ୧୫୧
ହୀନ ଶତ୍ରୁରେ ହାତ ବଳାଇ ଅଗେ ,
ଜାଣିବା ଲୋକ ନିଜ ପ୍ରତାପେ ଜାଗେ ;
ପ୍ରଥମେ ତୃଣ ପୋଡି, ପରେ ଅନଳ
ଗୋମୟ, ଦ୍ରୁମକାଣ୍ଡ, କରେ କବଳ । ୧୫୨
ଇଚ୍ଛା ବରଣ ମୋର; କରୁଣା ମୋରେ
କର, କି ଅପରାଧ ତୁମ୍ଭର ସୁରେ ?
ଯଜ୍ଞ-ତର୍ପଣ-ଫଳେ ମୂର୍ଖ-ଲଜ୍ଜାରେ
ଦେବେ କି ତବ ଦୋଷ କହିବେ ଭଲେ ? ୧୫୩
ଆସନ୍ତୁ ସେ ଦେବେ ସୁଖେ ମମ ସ୍ୱୟଂବରେ ,
ତୋଷି ତାଙ୍କୁ , ବରିବି ହେ ତୁମ୍ଭଂକୁ କୁଶଳେ ;

GPNanda Colln., Digitized by srujanika@gmail.com

ତୁଇଁ ନାହିଁ ଦୟା ଦେବେ, ନୁହେ ଏହା କେବେଁ ,
ନୃହନ୍ତ ମଦନ ଯେହ୍ନୁ, ନୁହନ୍ତ ସେ ତୁମ୍ଭେ । ୧୫୪
ଦେଖିଲେହେଁ ତୁମ୍ଭଙ୍କୁ ଅଲେଖ୍ୟ ସହି ,
କାମେ କହେ ସେ, ଲଜେ ମଉନ ରହୁ ;
ଏସନେ ବାକ୍ୟ-ମଧୁ-ନଦୀ-ରୂପିଣୀ ,
ମଉନ-ଅନ୍ତରୀପେ ଶୋଭଇ ଧନୀ । ୧୫୫
ଚଣ୍ଡାଳନ୍ତି ତବ   ବିଷମ-ବିଶିଖ ,
ଦର୍ଶନ ପରଶ କୋହ୍ ;
ଛେଦଇ ଅଙ୍ଗୁଳ,   ଦୁଷ୍ଟେ ତୁମ୍ଭେ ଜୟୀ ,
ତେଣୁ ତ ଅନଙ୍ଗ ସେହ ;
ବନ-ମଧେ କାହିଁ   ମଧୁ ସେ ଅଦଇ ,
ହୁଏ ପୁଣି ଅନ୍ତସ୍ଥାସି ,
ସଖୀ-ପ୍ରାଣ ନଏ ,   ତେଣୁ ତବ ଯଶେ
ଦଗ ଏବେ ଯାଉ ପୁରି ।" ୧୫୬
ଭଷିଲେ ଯାହା ଭୈମୀ ଏକାନ୍ତେ ଧନୀ ,
ଲକ୍ଷା-ନତ-ମଉଳ ନୃପ ତା' ଶୁଣି ,
' ଅସିବେ ଦେବ ସହ ସେ ସ୍ୱୟଂବରେ' ,
ଭରି ସ୍ୱୀକାର ଏହା, ତହୁଁ ଚଳଲେ । ୧୫୭
ବେତ–ବଣେ ବେଗ-   ବଣ ନଦୀ ପରି
ପ୍ରେମାହତ ଭାଲେ ବାଲା

GPNanda Colln., Digitized by srujanika@gmail.com

'କାଲ ପ୍ରିୟ-ମେଲ ହେବ' ଭାଳି, ସେହୁ
ହୃଙ୍କଣ ଲୋତକ-ଧାର ,
କାମ-ପୀଡା ଯେନ ଦୁଃଖେ ପୁହାଇଲେ
ରଜନୀ ଚାରି ପ୍ରହର ;
ସତେ କି ସେଦିନୁ କୃପା ବନ୍ଧୁ ବନ୍ଧୁ
ତ୍ରିଯାମା କଲେ ପ୍ରଚାର ! ୧୫୮

ତ୍ରିଭୁବନ-ଜନ-ମାନସ–ସାକ୍ଷୀ ଇନ୍ଦ୍ରାଦି ସୁରେ
ବରଷେ ସକଳ ଯଥାର୍ଥ ନିବେଦିଲେ ସତ୍ଵରେ ;
ନିଜ ଦୂତ-ପଣେ ଘଟିଲା ଯେଉଁ କଥା ସକଳ ।
ଦମୟନ୍ତୀ-ପାଶେ, ବଦାନ୍ୟ ତହୁଁ ଯେନ, ଭୂପାଳ । ୧୫୯

କବିରାଜରାଜ- ମୁକୁଟ-ଭୂଷଣ-
ହୀରକ ଶ୍ରୀହୀର ଜନକ କବି ;
ତନୟ ଶ୍ରୀହର୍ଷ ଜିତେନ୍ଦ୍ରିୟ-ବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ;
ଅର୍ଣ୍ଣବ-ବର୍ଣ୍ଣନ- ସମ ଗ୍ରନ୍ଥ ଯାର ,
ମହାକାବ୍ୟେ ଏହୁ ତାଙ୍କ ରଚିତ
ଚାରୁ 'ନଇଷଧ ଚରିତେ' ହେଲା ଏ
ନବମ ସରଗ ସର୍ଗ-ମହତ । ୧୬୦

GPNanda Colln., Digitized by srujanika@gmail.com

ନବମ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୭୧ — ଜ୍ଞନ = ବୁଦ୍ଧ । ବୁଦ୍ଧ କ୍ରିପୀଟକରେ ଯେଉଁ ଧର୍ମ ଚନ୍ତାମଣି ରଖିଛନ୍ତି । ଭସ୍ମ ନମନ୍ତ୍ରେ ଯେ ମଣି ଘଡ଼େ — ଏ ଅର୍ଥ ଶ୍ଳେଷ ପ୍ରଚ୍ଛ ମଧ୍ୟ ଲକ୍ଷ୍ୟ ଅଛି । ଫଳକଥା — କାମ ପାଇଁ ଯେ ସତୀ-ଧର୍ମ ଛଡ଼େ ସେ କୁଳ-ପାଂଶୁଳା ।

୭୮ — ଇଂଦ୍ରାଣୀ ନ ଅସିଲେ ସ୍ୱୟଂବରରେ ବସ୍ତ୍ର ହୁଏ ବୋଲି ସ୍ପଷ୍ଟ ପ୍ରଚ୍ଛନ୍ନ ପ୍ରବାଦ ଅଛି ।

୯୪ — କାନ୍ତ ମୋର ଅନ୍ତର ଛାଡ଼ିବେ ନାହିଁ; ମନ ମୋ କାନ୍ତଙ୍କୁ ଛାଡ଼ିବ ନାହିଁ; କିମ୍ବା ପ୍ରାଣବାୟୁମାନେ ମନକୁ ଛାଡ଼ିବେ ନାହିଁ ।

୯୭ — ବର୍ଷା ଋତୁ ଦେବତାମାନଙ୍କର ଶୟନ କାଳ ।

୧୦୪ — ବନ୍ଦ୍ରେଁଚ୍ୟୁତକ ବୋଲି ଏକ ଅଳଙ୍କାର ଅଛି ।

"କାନ୍ତୋଽପି ନମ୍ରବାନନ୍ଦୀ ବାଲେଂଦୁଃ ଖେ ନ ଲଭ୍ୟତେ"

"କାନ୍ତୋଽପି ନମ୍ରକାନନ୍ଦୀ ବାଲେ ଦୁଃଖେନ ଲଭ୍ୟତେ''

ଏହା ବନ୍ଦ୍ରେଁଚ୍ୟୁତକର ଉଦାହରଣ । 'ବାଲେ' ରୁ ଅନୁସ୍ୱାର ବିନ୍ଦୁ କାଟି-ଦେବାରୁ ସଂପୂର୍ଣ୍ଣ ଭିନ୍ନଅର୍ଥ ହୋଇଗଲା । ସଂସାରକୁ ସସାର କରୁଛୁ · ଏଠାରେ ସେହିପରି ଅନୁସ୍ୱାର ଲୋପରେ ଶ୍ଳେଷ ଅଛି ।

୧୦୭ — ରୋହିଣୀ = ରକ୍ତମଣି ; ଚନ୍ଦ୍ରପତ୍ନୀ । ଦୁଇଅର୍ଥ । ଭୂମ୍ଯ ପାଦର ନଖ ଚନ୍ଦ୍ର ; ମୋର ମୁକୁଟ ମଣି ରୋହିଣୀ ।

୧୧୮ — ବିକଳଙ୍କ ବିଦୂଷକ = ଦ୍ୱିଜରାଜ, ଚନ୍ଦ୍ରକୁ ବଶେଷରେ ଦୂଷିତ କରୁଛି ବା କଳଙ୍କ କରୁଛି ଯେଉଁ ମଥାମଣି । ସୂତ୍ରଧାରଣୀ, ନାୟକ ଓ ବିଦୂଷକ ସମନ୍ୱିତ ହେଲେ ନାଟିକା (କ୍ଷୁଦ୍ର ନାଟକ) ହୁଏ । ଦୁଇଅର୍ଥ ଶ୍ଳେଷ ।

୧୧୯ — ଜ୍ୟୋତିର୍ବିଦମାନେ ଜନ୍ମପତ୍ରରେ ଜନ୍ମର ଶୁଭ ସୂଚକ ଅଙ୍କବଗ କାଟନ୍ତି ।

GPNanda Colln., Digitized by srujanika@gmail.com

୧୫୪ — ବଧୂସ୍ୱର ହୁହେଁ ମୁଁ ତୁମ୍ଭର ବୋଲି ଯଦି ମୋତେ ମାନନ୍ତି, ତେବେ ତାଙ୍କ ସଂକଳ୍ପ ଅନୁସାରେ ମୁଁ ତୁମ୍ଭର ହେବି ; ଅତଏବ ମୋର ଜୟହେଲା ।

୧୫୫ — ଚଣ୍ଡାଳର ସଣା ବାଣ ନିର୍ମାଣ କରେ । ମଧୁ ଫୁଲ ଯୋଗେ ମଦନର ବାଣ ନିର୍ମାଣ କରେ ।

୧୫୬ — ମଧୁ = ବସନ୍ତ ; ମଦ୍ୟ । ଅନ୍ତସ୍ଥାସ୍ୱ = ପର ଚିତ୍ତରକୁ ଯେ ଯାଏ ; ମଦ ଚିତ୍ତରକୁ ଯେ ଯାଏ । ଦ୍ୱିଅର୍ଥ ।

GPNanda Colln., Digitized by srujanika@gmail.com

ଦଶମ ସର୍ଗ

ଶସ୍ତ୍ର–ଶାସ୍ତ୍ର-ପାରଂଗମ କୁଳୀନ କୁମରେ
ଆରୋହି ସ୍ୟନ୍ଦନେ, ଏବେ ଗଲେ ସ୍ୱପୁରରେ ;
ଶମ୍ବର-କାମ୍ୟ-ବୃନ୍ଦ ପରାଏ ସୁନ୍ଦର ,
ଅତୁଳ ଐଶ୍ୱର୍ଯ୍ୟେ ଜଣି ଅଛନ୍ତି କୁବେର । ୧
ନ ହୋଇଲେ କିଏ କାମ-ବାଣେ ଜର ଜର ?
ନ ଯାଇ ରହିଲେ କେଉଁ କୁଳଜ କୁମାର?
ଯୁଗପତ ରାଜବୃନ୍ଦ କରନ୍ତେ ଗମନ ,
ମହୀରେ ଅପଥ ହୋଇ ନ ରହିଲା ସ୍ଥାନ । ୨
ବରିବାକୁ ଗଲେ ବାଳା ଯୋଗ୍ୟ ନୃପଗଣ ;
ହଠେ ହରିବାକୁ କେତେ ଅଯୋଗ୍ୟ ରାଜନ ;
ଉତ୍ସବ-ଦର୍ଶନେ କେତେ, ସେବା-ଧର୍ମେ ଆନେ
ଯାଆନ୍ତେ, ସ୍ୱମାତ୍ର-ଶେଷ ହେଲେ ଦିଗମାନେ । ୩
ମହୀ-ରମା ଭୈମୀ ଲକ୍ଷ୍ୟେ କରନ୍ତେ ଗମନ
ସ୍ୱୟମ୍ବରେ ଦଶଦିଗ-ବାସୀ ନରଗଣ ,
ସେହି ସେହି ଜନବାସେ ଯେ ଯନ୍ତ୍ରଣା ଭୋଗ
କରୁଥିଲେ, ଲଭିଲେ ବିଶ୍ରାମ ଦିଗଭାଗ । ୪

GPNanda Colln., Digitized by srujanika@gmail.com

ବୁଣିଦେଲେ ତିଳ ସତେ ନ ପଡ଼ିବ ତଳେ ;
ଏସନ ସେ ରାଜପଥ ପୂର୍ଣ୍ଣ ସେନାକୁଳେ ;
ହୋଇ ଯାଉଥିଲା ଅଗ୍ରସର ଯେ ନୃପତି ,
ମଣୁଥିଲା, ହସ୍ତଗତ ହେଲା ଦମୟନ୍ତୀ । ୫
ଆଗେ ଥିବା ଜନେ ରୁଦ୍ଧ ହୋଇ କେ ରାଜନ ,
ପଛୁଁ 'ଯାଅ ଯାଅ' ବୋଲି ଲଭିଣ ପ୍ରେରଣ ,
ପେଷଣୀ-ମଧ୍ୟ-ସିଦ୍ଧାର୍ଥ-ପଦ ଲାଭକରି ,
ମଣୁଥିଲା ନିଜେ ପୁଣି ଅସିଦ୍ଧାର୍ଥ ପରି । ୬
ଜନତା-ଗହଳେ କ୍ରମେ ଭଗ୍ନ ଧୀର ଗତି ,
ବିଳମ୍ବିତ ହେଲେ ଯେଉଁ ସକଳ ନୃପତି ,
ସେମାନଙ୍କୁ ବିଦର୍ଭେନ୍ଦ୍ର-ପୁରୀ-ଧ୍ୱଜାବଳି
ଅଗ୍ର-କମ୍ପ-ବ୍ୟାଜେ ଡାକନ୍ତି କି କର ଟେକି ! ୭
କୁଣ୍ଡିନ-ଗମନେ ସକଂବଳ ନାଗବଳେ
ପଛେ କରି, କ୍ଷିପ୍ର ଅଶ୍ୱେ ଗଲେ ସ୍ୱୟମ୍ବରେ ;
ପଛେ ଅଶ୍ୱତର; ସେ କି ବାସୁକିର ବଳ ,
ନାଗ ଆଗେ କର୍କୋଟକ, ପଛେ ଅଶ୍ୱତର ! ୮
ଆସୁଥିବା-ରାଜବୃନ୍ଦ-ଚମୂ-ସମୁତ୍‌ଥିତ-
ରଜେ ଦିଗଙ୍ଗନା-ମୁଖ ହେଲା ପାଣ୍ଡୁରିତ ,
ଛାଡ଼ିଗଲେ ପତି, ପତ୍ନୀ ବଦନ ପାଣ୍ଡୁର
ହେଲାପରି ଜଣାଗଲା, ଏ ରୂପେ ତାଙ୍କର । ୯

GPNanda Colln., Digitized by srujanika@gmail.com

ଭୈମୀ-ଗୁଣେ ବଦ୍ଧ ହୋଇ ଲଭି ଆକର୍ଷଣ ,
ଆଖଣ୍ଡଳ ଦଣ୍ଡଧର କୃଶାନୁ ବରୁଣ ,
ଆସିଲେ କୁଣ୍ଡିନେ ଗୃହି ଦଗ-ଅଧୀଶ୍ୱରେ ;
ଆନ ଦଗପାଳେ ଗଲେ ନାହିଁ ସ୍ୱୟମ୍ବରେ । ୧୦
ଭୀମ-ପୁରୋହିତଙ୍କର ମନ୍ତ୍ରେ ରକ୍ଷା ଯାର ,
କେଉଁ ରକ୍ଷ ପ୍ରବେଶିବ କିପରି ସେ ପୁର ?
ନୈର୍ଋତ-ଦଗ-ଈଶ୍ୱର, ନୈର୍ଋତ ରାକ୍ଷସ ,
ଯିବାକୁ ନ କଲା ତେଣୁ ଉଦ୍ୟମେ ସାହସ । ୧୧
ଭୈମୀ-ମୁଖ-ପଦ୍ମ-ନେତ୍ର-ତର୍ଜନେ ତରସ
ବଦ୍ଧ, ବାୟୁ-ଯାନ ମୃଗ ନ କଲା ସାହସ
ଅହିବାରେ ଭୈମୀ-ଅଗେ; ତେଣୁ ଗନ୍ଧବହ
ସ୍ୱୟଂବରେ ଅସିବାରେ ତେଜିଲେ ଉତ୍ସାହ । ୧୨
ଜାତି, ଧନେ, ଗୁଣେ କାମ ନ କରେ ଆଦର ,
ସୌନ୍ଦର୍ଯ୍ୟ-ପ୍ରବଣ ଯେଣୁ କାମ ପଞ୍ଚଶର ;
ସ୍ୱଚ୍ଛ ଶୈଳେ ଦେଖି ନିଜ କୁତ୍ସିତ ଶରୀର ,
ନାରୀ-ରତ୍ନ-ଲଭେ ଯାତ୍ରା ନ କଲେ କୁବେର । ୧୩
ଶିବ-ଅର୍ଦ୍ଧ-ତନୁ ଯେଣୁ ଅଠନ୍ତ୍ର ପାର୍ବତୀ ,
ସହନ୍ତେ କାହିଁକି ତହିଁ ଗଲେ ନିଜ ପତି ?
ଈଶାନ-ଈଶ୍ୱର-ଶିବ-ସଂଗତେ ନ ଯାଇ ,
ବିଦର୍ଭ-ଗମନେ ହେଲେ ଅନ୍ତରାୟ ସେହି । ୧୪

GPNanda Colln., Digitized by srujanika@gmail.com

ଭୀମ-ନରେନ୍ଦ୍ର-ନନ୍ଦନୀ-ସ୍ୱୟଂବର-ସ୍ଥଳେ
ଦିଗପତି ଶେଷଦେବ ଆସି ନ ପାରିଲେ ;
ମହୀଭର ବହିବାରେ ଏକାକୀ ତ ସେହି ;
ଯାଇଥାନ୍ତେ ସ୍ୱୟଂବରେ ରଖି ଭାର କାହିଁ ? ୧୫
ଧର୍ମଶାସ୍ତ୍ର-ଦ୍ରଷ୍ଟା ଊର୍ଦ୍ଧ୍ୱଦେଶ-ଅଧିପତି
ନ ଗଲେ ସେ ସ୍ୱୟଂବରେ ଧର୍ମ-ପଥ ଚିନ୍ତି ;
ପିତାମହ ସଙ୍ଗେ ପରିଣୟ କେଉଁଠାରେ
ଶ୍ରୁତି ବା ସ୍ମୃତିରେ କେହି ଜାଣିଛି ମହୀରେ ? ୧୬
ଦୂତୀ-ମୁଖୁଁ ଇନ୍ଦ୍ର ଆଦି ଚାରି ଦିଗ-ପତି
ଶୁଣି, ମନା କରିଅଛି ତାଂକୁ ଦମୟନ୍ତୀ ,
ଚଳିଲେ ବିଷାଦେ ସେହି ନୃପଗଣ-ମେଳେ ;
ବଦନେ ଗମନ-କାଳେ ଚିତ୍ତମାନ୍ୟ ଫଳେ । ୧୭
ନଳ-ଭ୍ରମେ ଅବା ଆମ୍ଭମାନଙ୍କୁ ସୁନ୍ଦରୀ
ବରିପାରେ, ଏହି ଶେଷ ଆଶା ହୃଦେ ଧରି ,
ଅଭ୍ରୂଢେ ଅଳୀକେ ଧରି ଚାରି ନଳ-ରୂପ ,
ବିରାଜିଲେ ଇନ୍ଦ୍ରଆଦି ଚାରି ଦିଗଧିପ । ୧୮
ବହୁ ଯତ୍ନ କରି ନଳପରି ହେବା ଇଛି ,
ଜଣେ ଜଣେ ଦେଖି, ପୁଣି ପରସ୍ପରେ ପୁଚ୍ଛି ,
ମଣିଲେ ନ ହେଲା ନଳ-ସାମ୍ୟ-ସିଦ୍ଧି ତହିଁ ,
ସ୍ୱଭାବୁଁ କୃତ୍ରିମ ସଦା ବିଭିନ୍ନ ହୁଅଇ । ୧୯

୨୫୭

GPNanda Colln., Digitized by srujanika@gmail.com

କଲେ ନିଜ ନିଜ ମୁଖ ପୂର୍ଣ୍ଣ ସୁଧାକରେ ,
ପୁଣି ବିକସିତ ଅରବିନ୍ଦେ ସର୍ବ ସୁରେ ;
ଦରପଣେ ତାହା ବାରଂବାର ଦେଖିକରି ,
ଭୁଲିଲେ, ନ ଦେଖିଲି ବୋଲି ମଞ୍ଜୁଳ ସେପରି । ୧୦
ନିଜ ନିଜ ମୁଖେ ନଳ-ମୁଖ-ଗୁରୁଧଣ
ଲଭିବାକୁ ଯେଣୁ ଦେବେ କୋହିଲେ ଭଜନ ,
ଅନଳ-ମୁଖ ତ ଦେବେ ବିଦିତ ଭୁବନେ ;
ପ୍ରକାଶିଲେ ଏଥି ସେହି ଅନଳ-ଆନନେ । ୧୧
ଉର୍ବଶୀ-ବିରହ-କ୍ଷୀଣ ପୁରୂରବାଠାରୁ ,
ପୁଣି ରାହୁ-ରଦ-ଗ୍ରସ୍ତ ସୁଧାଂଶୁ-ମଣ୍ଡଳରୁ ,
ଶିବେ ଭସ୍ମୀକୃତ କାମୁଁ, ସଂଗ୍ରହଣ ସାର ,
ନଳ-ଅନୁରୂପେ ନିଜେ ନିଜେ କଲେ ସୁର । ୧୨
ନଳେ ଅନ୍ୟନୃପେ କେତେ ଭେଦ, ଦମୟନ୍ତୀ
ଦେଖୁ, ବୋଲି ରୂପେ ଆଣିଥିଲେ ପ୍ରଜାପତି ,
ଦିଗପାଳଗଣେ ଈର୍ଷା କରଇ ସେ ବିହି ,
ତହୁଁ ନଳ ବଡ଼ ପଣ ପ୍ରଚାରିଲେ ତହୁଁ । ୧୩
ରତ୍ନଧାରୀ ନଳରୂପୀ ସେ ଚାରି ଅମରେ ,
ନଳ ବିନେ, ସେହି ସଭା ନ ଶୋଭିଲା ଛଳେ ;
ପାରିଜାତ ଥିଲାବେଳେ ସତ୍ୟଭାମା-ଗୃହେ,
ଚାରି କଳ୍ପଦ୍ରୁମେ ସ୍ୱର୍ଗ ଶୋଭା ତ ନ ବହେ । ୧୪

GPNanda Colln., Digitized by srujanika@gmail.com

ଶିବ-ଭୂଷା-ଭସ୍ମ-ସ୍ୱଗେ ଧବଳ ଶରୀର ,
ସେବିଲେ ସେ ନାଗରାଜ ଆସି ସ୍ୱୟଂବର
ଫଣିନ୍ଦ୍ର-ସେବକେ ସ୍ତୁତି କରୁଥିଲେ ତହିଁ ,
'ପ୍ରସୀଦ' 'ଜୀବ' ଶବଦେ କମ୍ପୁଥିଲା ମହୀ । ୧୫
ଦ୍ୱିପାନ୍ତରୁ ଦେବେ ପୁଣି ଭୂମିପାଳଗଣେ
ଆସି, ପହଞ୍ଚିଲେ କ୍ଷଣେ ସେ ପୁର କୁଣ୍ଡିନେ ;
ମନେ ହୁଏ ସତେ ସେହୁ ଆସୁଥିଲେ ଉଡ଼ି ,
ମଦନ-ଆଶୁଗ-ପକ୍ଷ-ବାତେ ତୁଳାପରି ! ୧୬
ବାସ ଦେଇ ରମ୍ୟ ହର୍ମ୍ୟେ ସପର୍ଯ୍ୟା-ବିଧିରେ ,
ପ୍ରିୟ କଥା କହି, ପୁଣି ଆଦର-ବେଭାରେ ;
ବିନୟ ଦେଖାଇ, ଗୁରୁ ଉପଚାର ବିହି ,
ତୋଷିଲେ ସକଳେ ତହିଁ ଭୀମ-ନରସାଇଁ । ୧୭
ଗିରି ସମୁଦ୍ର ପରିଖା ଅଟଇ ଯାହାର ,
ବାସ କରେ ଯହିଁ ନୃପକୀର୍ତ୍ତି-ରୂପ ଦାର ,
ସେହି ମହୀ-ଅନ୍ତଃପୁରେ କଞ୍ଚୁକୀ-ସମାନ ,
ଔଦାର୍ଯ୍ୟ, ଦାକ୍ଷିଣ୍ୟ, ଦୟା, ଦମ ଗୃହିଗୁଣ । ୧୮
ପରୋକ୍ଷେ କଲେହେଁ ରାଜା ନାନା ଉପଚାର ,
ନ ପାରିଲେ ବାରି ନୃପେ ଲଭି ସେ ସତ୍କାର
ନିଜ ଇଷ୍ଟ ଭୈମୀ-ଲାଭ-ସଂକେତ, କାହିଁରେ ,
ନ ପାରିଲେ କିଛି ସ୍ଥିର କରି ହେଲେ ଭଲେ । ୧୯

GPNanda Colln., Digitized by srujanika@gmail.com

ଅଗସ୍ତ୍ୟ–ହସ୍ତରେ ଯଥା ପୟୋରାଶି-ଜଳ ,
କିମ୍ବା ଯଥା ମୁରଅରି-ଜଠରେ ସଂସାର ,
ବିଦର୍ଭେନ୍ଦ୍ର-ପୁର-ଅଙ୍କ ନୃପ ସେହିପରି ,
ରହିଲା ସେ ନରବର-ସମାଜ ଅଧରି । ୩୦
ପଥ-ଗୃହ-ଦ୍ୱାର ନାନାବର୍ଣ୍ଣ ଚନ୍ଦ୍ରମାଳେ
ଖଞ୍ଜିଦେଲେ ପୁରବାସୀ ଉତ୍ସବ-ବେଳରେ ;
ଆମନ୍ତ୍ରିତ–ନୃପଗଣ-ଅଳଙ୍କାର-ପ୍ରଭା
ଉଠିଲା ଗଗନେ, ଝଳ ନାନାରଙ୍ଗେ ବିଭା । ୩୧
ବିଳାସ-ଗୃହଭୂମି ପୁଣି ବିଭୂଷଣ-ଶିଖା
ନୃପଗଣ–ଭୃତ୍ୟ-ଜନେ ଶୋଭିଲା ଏପରି ,
ଦେଖି ଯଥା ତାଂକୁ ନାରୀ, ବାଳକ, ବାଳକେ
ଭୃତ୍ୟ ନ ମଣି, ଗଣିଲେ, ବିଶେଷ ନାୟକେ । ୩୨
ଚାମର-ଚାଳନେ ଗାଢ଼ ହେଲା ସ୍ୱେଦହୀନ ;
ପ୍ରତି ବସ୍ତୁ-ଚିତ୍ରେ ନେତ୍ର ନିମିଷ–ବିହୀନ ;
ବିପୁଳ ଛନ୍ଦେ ଶରୀରେ ମ୍ଳାନ ନୋହି ସ୍ରଜେ ,
ନ ରହିଲା ଭେଦ ଦେବ-ନୃଦେବ-ସମାଜେ । ୩୩
ଅନ୍ୟଭାଷା ନ ବୁଝିବା ଭୟେ, ପରସ୍ପର
କେବଳ ସଂସ୍କୃତେ ହେଲା ସର୍ବ ବ୍ୟବହାର ;
ନାନା ଦେଶୁ ସମାଗତ ନରେ ଦେବଗଣେ ,
ପ୍ରଭେଦ ରହିଲା ନାହିଁ ବଚନ–କଥନେ । ୩୪

GPNanda Colln., Digitized by srujanika@gmail.com

ତହୁଁ ପୁରବାସୀ ଚିତ୍ରିଥିଲେ ନାନାସ୍ଥାନେ
ଅଦ୍‌ଭୂତ ଭୈମୀ-ଚରିତ, ଦେଖି ନୃପଗଣେ ,
ସ୍ୱପନେ ତାଂକ ସଂଭୋଗ-କଳାର ବିଳାସ
ଭାବି, ଭାବି, କଟାଇଲେ ରଜନୀ ଦିବସ । ୩୫
ସ୍ୱୟଂବର-ପୂର୍ବ-ଦିବେ ସ୍ୱପନ-ଦର୍ଶନେ
ପାଇଲେ ଭଇମୀ, ମଣୁଥିଲେ ରାଜଗଣେ ;
ଏସନେ ପୂରାଇ ତାଂକ ଆଶା ଦମୟନ୍ତୀ ,
ଦାତାପଣେ ତାଂକ କାମ ପୂରାଇଲେ ସତୀ । ୩୬
ଭୀମ-ଦୂତ-ଅନୁନୟେ କରିଣ ଗମନ
ଶୃଙ୍ଗାର-ଭଙ୍ଗି-କୁଶଳ-ବୀର-ରାଜଗଣ
ସଉଦନ ଅଳଂକୃତ କଲେ ସ୍ୱୟଂବର ,
ବସିଲେ ସେ ଠାବେ, ଯହୁଁ ଜଣେ ହେବେ ଦୂଲ୍ହ ।
ଦେଖି ଯେଉଁ ନଳେ ସୁର ନାଥ ପୁରନ୍ଦର ,
କାମେ, ନାନା ଅଳଂକାରେ ସଂସ୍କୃତ ସୁନ୍ଦର ,
ପ୍ରାକୃତ-ବୃତ୍ତିରେ ଦେଖିଥିଲେ, ସେହି ନଳ
ଆସିଣ, ମଣ୍ଡିଲେ ସ୍ୱୟଂବର-ସଭାସ୍ଥଳ । ୩୭
ଲଭିଥିଲା ସେହି ସଭା ଦିବ-ସମ-ଶିରୀ ,
ପ୍ରବେଶନ୍ତେ ରାଜ-ଚନ୍ଦ୍ର ଅଙ୍ଗରାଗ ଧରି ,
ସେ ଛନ୍ଦ-ନକ୍ଷତ୍ର-କୁଳ-ଦ୍ୟୁତି ଆହା ତହୁଁ
ନୟନ-ଗୋଚର ଅତିକ୍ରମି ଗଲେ କାହୁଁ ! ୩୮

GPNanda Colln., Digitized by srujanika@gmail.com

ନୃପ-ନେତ୍ରାବଳ ତାଙ୍କ ପ୍ରଥମ ଦର୍ଶନେ ,
ଦେଖିଲେ ବସ୍ନସ୍ପୃରେ ଉଲ୍ଲଣ୍ଠିତ ତହିଁ କ୍ଷଣେ ;
ଚକ୍ଷୁଁ ପୁଣି ସର୍ବେ ଦେଲେ ଈର୍ଷା-କଳୁଷିତ ,
ଦୃଷ୍ଟିକୁଳ ତୂର୍-ଯୋଗେ ହେଲା ଦନ୍ତୁରିତ । ୪୦
ପ୍ରଥମ ସୁଧାଂଶୁ ନବ ଏହୁ ଏ ଜଗତେ !
ଦ୍ୱିତୀୟ ମକରଧ୍ୱଜ ଅଟନ୍ତି କି ମତେ !
ତୃତୀୟ ଅଶ୍ୱିନୀ-ସୁତ ନବ, କହ ଛଳେ ,
ସ୍ତୁତି-ରୂପେ ନିନ୍ଦା କଲେ ମନସ୍ୱୀ ଭୂପାଳେ । ୪୧
ଆଦ୍ୟ ଜନ୍ମ ବଧୂଙ୍କର ଅଟନ୍ତି ଭୂତଳେ ;
ଦ୍ୱିତୀୟ ମଦନ ଏହୁ ସ୍ୱରୂପ-ସମ୍ଭାରେ ;
ଅଶ୍ୱିନୀକୁମାରଙ୍କର ତୃତୀୟ ମୂରତି ;
ମନସ୍ୱୀ ନୃଜନେ କଲେ ଏହିପରି ସ୍ତୁତି । ୪୨
ଏହି'ଛନ୍ତି ତାଙ୍କ ପରି କେତେ ନରପାଳେ ,
ଦୃଷ୍ଟାନ୍ତେ ଦେଖାନ୍ତି ଖଳେ ମିଥ୍ୟା ଗୁର୍ ନଳେ ,
ଅମ୍ଭ-ଅପକର୍ଷେ ସିନା ମନସ୍ୱୀ ମାନବେ
ଲଭନ୍ତି ଆନନ୍ଦ ପରେ ଶତ୍ରୁ-ପରାଭବେ ! ୪୩
ନ ଦେଖିଲେହେଁ କେଉଁ ଗୁଣେ ହୀନ, ଗୁଣିଜନେ
ଖଳଭ୍ୱ ନିରତ ସଦା ଦୋଷ-ଉଦ୍ଘାଟନେ ;
ରୂପେ ସେହି ସଭା ନଳ କଲେହେଁ ମଣ୍ଡନ ,
ନର ବୋଲି ଦୋଷ ଦେଲେ ତହିଁ ଦେବଗଣ । ୪୪

GPNanda Colln., Digitized by srujanika@gmail.com

ପାଶେ ଥିଲେ ଯେଉଁ ଦେବ ନଳ-ରୂପ-ଧର ,
ପଚ୍ଚରିଲେ ସେମାନଂକୁ ନଳ ଦଣ୍ଡଧାରୀ :—
" ଆପଣମାନେ କି, ପୁରୂରବା, ଇଳା-ସୁତ ,
ଦର୍ପକ କି ସତେ, ଏଥି ନାସତ୍ୟ-ସମ୍ମତ ?" ୪୫
ଉତ୍ତରିଲେ ତାଂକୁ ଦେବେ, " ନାହିଁ ଏଥି କେହି ,
ଇଳା-ଗର୍ଭୁ ଯାହାଙ୍କର ଜନ୍ମ ଅଛି ହୋଇ ;
ଅଦର୍ପକ ଅମ୍ଭେମାନେ ତବ ସନ୍ନିଧାନେ ;
ନାସତ୍ୟତା ଧରି ନାହିଁ ଏଥି କେହି ଜଣେ । ୪୬
ଜାଣ, ସେମାନଙ୍କଠାରୁ ଅମ୍ଭେମାନେ ଭିନ୍ନ ;
ଅମୃରୂପେ ପସ୍ବିଜନ୍ତ ମକର—କେତନ ;
ଏ ସମାଜେ ବନ୍ଧୁ ରାଜେ ଭ୍ରମି ଦମୟନ୍ତୀ ,
ବରିପାରେ, ଏହି ଆଶା କରିଅଛୁ ଏଥି । ୪୭
ତବ ରୂପ ଅଧିଗମି ମୁଗ୍ଧ ଭାବ ବହି ,
ଆସିଲୁ ଯା' ନରନାଥ ମନେହୁଏ, ତହିଁ
ଆଶାରେ ପତିତ ଅମ୍ଭେ ହେଲୁଁ ଅକାରଣେ ;
ବିବୁଧ-ପଣେ ଅମ୍ଭର ଧିକ୍ ଏ କାରଣେ । ୪୮
ଅବଜ୍ଞାରେ ନ ଶୁଣିଲେ ସେ ବଚନ ନଳ ,
କଲନା ନ କଲେ ତଳେ ସେ ବଚନ-ଛଳ ;
ନାରୀ-ରତ୍ନ-ଲୁବ୍ଧ-ଯତ୍ନେ ହୋଇଣ ମଗନ ,
ଚେତି ନ ପାରିଲେ ଆନ କିଛି ସେ ରାଜନ । ୪୯

GPNanda Colln., Digitized by srujanika@gmail.com

ସ୍ପର୍ଦ୍ଧାରେ ଯାହା ପ୍ରତିଷ୍ଠା ଇଚ୍ଛେ ଯେଉଁ ନର ,
ତାର ଶ୍ରେଷ୍ଠପଣ ସେହୁ କରେ ଅଙ୍ଗୀକାର ;
ସ୍ପର୍ଦ୍ଧା କରେ ଯେବେ ନିଜଠାରୁ ହୀନ ଜନ ,
କିଏ ନ କରଇ ଅବା ଅବଜ୍ଞା-ଦର୍ଶନ ? ୫୦

ଯାହା ଯଶ ବାଣୀ ସଦା କରୁଥାନ୍ତି ଗାନ
ଲକ୍ଷ୍ମୀଭୁଲେ ସବିଦ୍ୟୁତ-ଜଳଦ-ସମାନ
ସେହି ବିଷ୍ଣୁ, ନିଜେ ସ୍ୱୟମ୍ବର-ଆଡମ୍ବର
ଆନନ୍ଦେ ଦେଖିଲେ, ରହି ଅମ୍ବର-ମଧ୍ୟର ୫୧

ଶିବ-ଶିରଃଶୋଭା ନିଜେ ନ ପାରିହିଁ ଦେଖି ,
କଲେ ଯେଉଁ ବ୍ରହ୍ମା ମିଛେ କେତକୀକୁ ସାକ୍ଷୀ ,
ଦେଖିବାକୁ ସଭା ସେହି ବ୍ରହ୍ମା ସନାତନ
ଅଷ୍ଟଦଗେ ଅଷ୍ଟ ନେଇ କଲେକ୍କ ପ୍ରେରଣ । ୫୨

ଏକ ଦେହେ ମେରୁ ରବ କଲେ ପ୍ରଦକ୍ଷିଣ ,
ଆନେ ହେଲେ ବିଷ୍ଣୁଙ୍କର ଦକ୍ଷିଣ ନୟନ ,
ଅବଶିଷ୍ଟ ଦଶଦେହେ ଦ୍ୱାଦଶାତ୍ମା ସୁର
ଲୋକପୂର୍ଣ୍ଣ-ଦଶଦଗ-ଦର୍ଶନେ ତତ୍ପର । ୫୩

ଦେବ-ହର୍ମ୍ମ୍ୟ-ମେରୁ-ପ୍ରଦକ୍ଷିଣେ ସବୁବେଳେ
ବ୍ୟସ୍ତ ଥିଲେହେଁ ଷବଗ୍ରୀ-ଈଷ ଚନ୍ଦ୍ର ଭଲେ ,
ଧରି ମହେନ୍ଦ୍ର-ଅନୁଜ-ବିଷ୍ଣୁ-ନେତ୍ର-ରୂପ ,
ନ ଲଭିଲେ ସଭା-ଦରଶନ-ବିଘ୍ନ-ତାପ । ୫୪

GPNanda Colln., Digitized by srujanika@gmail.com

ଅପସରାଗଣ ରସେ ଉତ୍କଣ୍ଠିତ ହୋଇ ,
ଯେ କାଳର ବର-ପାତ୍ର-ଶୋଭା ନେତ୍ରେ ପିଇ ,
ସେ ଜନ-ସାଗରେ ନିଜ ମୁଖ ଦେଲେ ଢାଳି ,
ହସିଲା ଯେସନ ଅମ୍ଭୋରୁହ-ବନାବଳି ! ୫୫
ଲକ୍ଷ ଲକ୍ଷ ଯକ୍ଷ ଦେଖିଲେ ସେ ସଭା-ଶିରୀ ;
ସିଦ୍ଧଗଣେ ସେହି ସଭା ନ ଗଲା କି ପୂରି ?
ରସେ କି କିଂନରେ ତା'ର ସେବା ନ ବିହିଲେ ?
ମହର୍ଷିମାନେ କି ହର୍ଷେ ତାହା ନ ଦେଖିଲେ ? ୫୬
ବହୁ-ଶାଖାମୟୀ-ତ୍ରୟୀ-ଦ୍ରୁମେ ସୁରୁଚିର ,
ଯାର କଣ୍ଠ-ପଥେ ବିନା କ୍ଳେଶେ ଦୈବ-ଗିର ,
ଅବତରି ଥିଲା ପୂର୍ବେ ସ୍ୱର୍ଗୁଁ ମର୍ତ୍ତ୍ୟ-ପଦେ ,
ପ୍ରଶଂସିଲେ ହେ ବାଲ୍ମୀକି ଏ ମହା ସଂସଦେ । ୫୭
ବାକ୍ୟ-ଅଧିଷ୍ଠାତ୍ରୀ-ଦେବୀଙ୍କର ପ୍ରିୟସ୍ଥଳ
ବିସ୍ତୃତ, ଯାହାଙ୍କର ରସନା କେବଳ ,
ଚର୍ବାକ୍ଷେପଣେ ଯେ ଗୁରୁ ସର୍ବ-ବିଦୂଷକ ,
ପ୍ରଶଂସିଲେ ସେହୁ ଏହୁ ସଂସଦେ ଅଧିକ । ୫୮
ଯହୁଁ ଦେବ-ବାଣୀ ଅନାରତେ ବାସକରେ ,
ବଚନ-ସ୍ରଜ-ଗୁଂଫନେ କବି ଯେ ସ୍ୱର୍ଗରେ ,
ସେହି କାବ୍ୟ ଦୈତ୍ୟ-ନୀତି-ଶାସ୍ତ୍ରେ ଧୁରନ୍ଧର ,
କାବ୍ୟରେ କଲେ ସେ ସଭା-ମହିମା ପ୍ରଚୁର:— ୫୯

GPNanda Colln., Digitized by srujanika@gmail.com

" ମିଳାଇ ନ ଥିଲେ, ମଣେ, ଭୀମ ସେ ରାଜନେ ;
ଆସି ନ ଥିଲେ ସେ ଚନ୍ଦ୍ରଁ ଭୈମୀ-ଅକର୍ଷଣେ ;
ସ୍ୱ ଶିଳ୍ପ-ସର୍ବସ୍ୱ ବିଧି ଦେଖାଇବା ପାଇଁ
ଚନ୍ତ୍ର, ସର୍ବେ କରିଥିଲେ କି ଏକ ଠାଇଁ । ୬୦
ଏକାକୀ ପୂର୍ବେ ଥିଲ ସିନା ପଞ୍ଚଶର ,
ତେଣୁ କରିପାରି ଥିଲେ ଭସ୍ମ ମହେଶ୍ୱର !
ସେହି ମକର-କେତନ-ଭସ୍ମ-ନିବାରଣେ ,
କାମ-ଲୀଳା ଧରିଛନ୍ତି ନବ ଯୁବଗଣେ ! ୬୧
ପ୍ରତିମାରେ ପୂର୍ଣ୍ଣଇନ୍ଦୁ ହେଉଥାଏ ଭଗ୍ନ ;
କରିଥିଲା କାହିଁ ବିଧି ସେ ସବୁ ସ୍ଥାପନ !
ନିର୍ମାଣ-କୁଶଳ-କରେ ସେହି ସବୁ ନେଇ ,
ଗଢିଛି ଲାବଣ୍ୟମୟ ମୁଖେ, ମଣେ ମୁହିଁ । ୬୨
ନ ହେଉଛନ୍ତି ରତ୍ନ ବୃଥା ମସ୍ତକେ ଏମାନେ ,
ଯେଣୁ ଏକେ ଏକେ ରତ୍ନ ଅନ୍ତ୍ୟ ଆପଣେ ;
ସ୍ୱପ୍ରକାଶ ପରମାତ୍ମା ବୋଧ ହେବା ପାଇଁ ,
ଅନ୍ୟ ବୋଧ କିଛିମାତ୍ର ପ୍ରୟୋଜନ ନାହିଁ । ୬୩
ଅମିତ ସୁନ୍ଦର ଏଥି ନୃପଗଣ-ମେଳେ
ପ୍ରବେଶ କରିବେ ଯଦି ଅଶ୍ୱିନୀ-କୁମାରେ ,
ମିଶି ଚେଷ୍ଟା କଲେ ଚିହ୍ନିବାକୁ ପରସ୍ପରେ ,
ନ ପାରିବେ ବାରି ଭ୍ରମେ ସହସ୍ର ବତ୍ସରେ । ୬୪

GPNanda Colln., Digitized by srujanika@gmail.com

ଥାଆନ୍ତେ ଏପରି ଶତ୍ରୁ ବିଦର୍ଭ ଯୁବକେ ,
କାମ-ଦାହେ କେଉଁ ଷତ ହୋଇବ ବା ଲୋକେ ?
ଏକମାତ୍ର ଜଳବିନ୍ଦୁ ହୁଏ ଯେବେ ଶେଷ ,
ପୂର୍ଣ୍ଣ ସାଗରର ସେକ ହୁଏ ଶୋଷ ଦୋଷ !" ୬୫
ଏହି ଶକ୍ର-ସ୍ତୁତି ଶୁଣି ଗନ୍ଧର୍ବ-ନିକରେ
ମତ୍ତ ହେଲେ ତହିଁ ଗାନ-ହୁଁକାର-ପ୍ରକାରେ ,
ବେଦପାଠ କରୁଥିଲେ ମହାଋଷିଗଣେ
ସ୍ୱୀକାରେ କଲେ 'ଓଁକାର' ବହୁ ଉଚ୍ଚାରଣେ । ୬୬
ଏବେ ସେହି ସେହି ରାଜସିଂହେ ସିଂହାସନେ
ବସାଇଲେ ବିଦର୍ଭେନ୍ଦ୍ର ସର୍ବେ ଯଥାସ୍ଥାନେ ,
ସୁବର୍ଣ୍ଣ-ଭୂଧର-ଶୃଙ୍ଗେ ବସିଲେ ଅମରେ
ଦିଶେ ସେଉଁପରି, ଏହା ସେହି ଶୋଭା ଧରେ । ୬୭
ନାନା ଦେଶୁଁ ଆସିଛନ୍ତି ବହୁ ନରବରେ ,
ଚରିତ୍ର-ଗୋତ୍ର-ବର୍ଣ୍ଣନ ଅସମ୍ଭବ ନରେ ;
'ଦମୟନ୍ତୀ ଆଗରେ କିଏ କହିବ କିପରି ?'
ବିଷାଦ-ସାଗରେ ନୃପ ବୁଡ଼ିଲେ ତା' ଭାଳି । ୬୮
ହୋଇଣ ଆକୁଳ ତହୁଁ ନୃପ ଏକମନେ
ସ୍ମରିଲେ ହୃଦୟେ କୁଳଦେବ ନାରାୟଣେ ,
ଭକ୍ତ-ଜନ-ଅଭିଳାଷ-ପୂରଣ-ବିଧାନେ
ଯେଉଁ ଚକ୍ରପାଣି କଳ୍ପ-ପାଦପ ଭୁବନେ । ୬୯

GPNanda Colln., Digitized by srujanika@gmail.com

ଭକ୍ତ-ଚିନ୍ତାମଣି ତହୁଁ ଦେବ ନାରାୟଣ
ହସ୍ତିତେ ଭଷିଲେ ସରସ୍ୱତୀଙ୍କୁ ବଚନ ,
"ରାଜ-ଗୋତ୍ର-ଶୀଳ କହିବାରେ ମୁହିଁ ତୋ'ରେ
ସମର୍ଥ ମଣଇ, କହ, ଯାଇ ସ୍ୱୟମ୍ବରେ । ୭୦
ନାନା ଦେଶୁଁ ଆସିଛନ୍ତି କେତେ ନରପତି
ତାଙ୍କ କୁଳ, ଶୀଳ, ଗୋତ୍ର ଜାଣ ସରସ୍ୱତୀ ,
ତେଣୁ ଏମାନଙ୍କ ପାଶେ ବାବଦୁକ ହୁଅ ,
ମୂକ ହେବାର ତୁମର ନୁହେ ଏ ସମୟ । ୭୧
ମଣ୍ଡିଛନ୍ତି ସଭା ତିନ-ଭୁବନ-ବନ୍ଧୁଷେ ;
ନଥିଲେ ଅତୀତେ, ଅବା ନହେବ ଭବିଷେ ,
ରାଜାମନଙ୍କର ଗୁଣ-ବିଜ୍ଞାପନ-ଛଳେ
ଶୁଣାଅ ପଣ୍ଡିତେ ଉପନ୍ୟାସ ଏତେବେଳେ ।" ୭୨
ଭାଷନ୍ତେ ଏସନେ ବିଷ୍ଣୁ , ଭାରତୀ ଆଦରେ
ଲଗାଇଲେ ତାଙ୍କ ପାଦରେଣୁ ମସ୍ତକରେ ,
ଦେବଙ୍କ କିରୀଟ ମଣି ମାର୍ଜନରୁ ଶେଷ
ଥିଲା ଯାହା, ନେଲେ ସୁଖେ, ସେ ହୁତ ଆଦେଶ । ୭୩
କଣ୍ଠ-ନାଳ ଯାହାଙ୍କର ଗାନ-ବିଦ୍ୟାମୟ ,
ତନ୍ତ୍ରୀ-ମୟୀ-ଭୂତ ଯାହାଙ୍କର ବଳୟ ,
ସାହିତ୍ୟ ଯାହାର ଦୃଷ୍ଟି-ତରଙ୍ଗ-ବିଳାସ ,
ସେହି ବାଳା ସଭାମଧ୍ୟେ ହେଲେ ପରବେଶ । ୭୪

GPNanda Colln., Digitized by srujanika@gmail.com

ତ୍ରି-ବେଦ-ତ୍ରିବଳ-ମୂର୍ତ୍ତି ହୋଇ ବହିର୍ଗତ
ସେ ଅଥର୍ବ ବେଦ, କ୍ରମେ ହୋଇ ସୁବିସ୍ତୃତ
ନାନା ଅଭ୍ୟନ୍ତରେ କୃଷ୍ଣବର୍ଣ୍ଣ-ଶିଖା ଧରି ,
ଯାହାଙ୍କ ଉଦରେ ରଚେ କୃଷ୍ଣ ରୋମାବଳୀ । ୧୫
ସାକ୍ଷାତେ ଶିକ୍ଷା ଯାହାର ଚରିତ-ପ୍ରସିଦ୍ଧି ,
କଳ୍ପ ପୁଣି ଯାହାଙ୍କର ଅଳଂକାର-ବିଧି ;
ଯାହାଙ୍କର ସର୍ବ ଅଭିଧେୟ-ନିରୁକ୍ତିରେ
ବେଦର ନିରୁକ୍ତି-ବିଦ୍ୟା ସକଳାସେ ସ୍ଫୁରେ । ୧୬
ଭୁଜ-ଯୁଗ ଛନ୍ଦ-ରୂପ ଧରେ ଯାହାଙ୍କର ,
ଯାଥି ବୃତ୍ତେ ଭେଦ ଜଙ୍ଘ, ରଜ୍ଞିର ରୁଚିର ,
ଶ୍ଳୋକ-ମଧ୍ୟ-ବିଶ୍ରାମଙ୍କର ଯତି-ପାତ ପରି ,
ବେଣି-ପର୍ବ-ସନ୍ଧି-ସ୍ଥାନ ଅଭ୍ୟସଇ ଶିଖୀ । ୧୭
କାଞ୍ଚୀ-ଗୁଣ ଦୀର୍ଘ ଭାବ କରଇ ଧାରଣ ,
ଚରଣୁ ହୋଇଛି ତାହାର ବିସ୍ତାର-ସାଧନ ;
ପୁଣି ଶବ୍ଦ-ପରଂପରା-ସାଧନ କାରଣେ ,
ନିଶ୍ଚୟ ହୋଇଛି ନିରୂପିତ ବ୍ୟାକରଣେ । ୧୮
କଂଠେ ରହି ଉଦାତ-ତାରକ-ବୃତ୍ତେ ଶୋଭି ,
ଅଙ୍କ-ମଧ୍ୟେ ଆଇ, ଅଙ୍କେ ପରିପୂର୍ଣ୍ଣ ହୋଇ ,
ମନେ କରେଁ, ତାହାଙ୍କର ଉଜଳ ସକାଶେ ,
ହାର-ଲତା ଜ୍ୟୋତିର୍ମୟୀ ଜ୍ୟୋତି-ର୍ବିଦ୍ୟା କି ସେ ! ୧୯

GPNanda Colln., Digitized by srujanika@gmail.com

ବାନ୍ଧି ପ୍ରତିବାଦୀଙ୍କର ଅତି ଗୁରୁତର ,
ସ୍ୱପକ୍ଷ-ରାଗେ ବନ୍ଧୁଜ ଦଶେ ଯା' ରୁଚିର ,
ମଣେ ସେହି ପୂର୍ବ ପର ପକ୍ଷ ଶାସ୍ତ୍ର ତହିଁ ,
ହୋଇଛନ୍ତି ତାହାଂକର ରଦଚ୍ଛଦ ଦୁଇ ! ୮୦
ବ୍ରହ୍ମ ଅର୍ଥେ, କର୍ମ ଅର୍ଥେ, ବେଦ ଭାଗ କରି ,
ନିଜ ଦେହ ବେନି ଭାଗେ ଥାଏ ଯେହ୍ନେ ଧରି ,
ପଦ-ଅଚ୍ଛାଦନ ଗୁରୁ ମାଂସଳ ଶୋଭନ ,
ଉରୁ-ଯୁଗଳ ମୀମାଂସା କରିଛି ନିର୍ମାଣ ! ୮୧
ଉଦ୍ଦେଶ ପର୍ବ ଲକ୍ଷଣେ ଦ୍ୱିଧା ସେ ଷୋଡ଼ଶ
ପଦାର୍ଥେ ନିର୍ମିତ ଦ୍ୱସେ ଦଶନ-ପ୍ରକାଶ !
ଆନ୍ୱୀକ୍ଷିକୀ ବୋଲି ଜନେ ହୁଅଇ ପ୍ରତୀତ ;
ମୁକ୍ତିକାମୀ ଦେଖି ତା'ରେ ହୁଏ ପୁଲକିତ । ୮୨
ଦନ୍ତାବଳି ତର୍କ ବୋଲି ଅନୁମାନେ ଅସେ ;
ନ ହେଲେ ସାମର୍ଥ୍ୟ ବାଦେ କାହିଁ ବା ବିଶେଷେ ?
ଦନ୍ତବିନା ଗୁଣଶାଳୀ-ପୂଗ-ଫଳ ଛେଦି
ଖଣ୍ଡିବାରେ ଛଳେ ହେଲେ ସମର୍ଥ ତ ନୋହି । ୮୩
ରଚିଥିଲେ ଯେଣୁ ବେନି ବ୍ୟାସ ପରାଶର ,
ତେଣୁ ସକଳ ପୁରାଣ ଉଭୟ ପ୍ରକାର ,
ଯେହି ମତ୍ସ୍ୟ ପଦ୍ମ ଆଦି ଉପଲକ୍ଷ୍ୟ ମାଣ ,
ଯାର ପାଣି-ଯୁଗ ସପଲ୍ଲବ ସେ ପୁରାଣ । ୮୪

GPNanda Colln., Digitized by srujanika@gmail.com

ଅକଳ୍ପ ବିଚ୍ଛେଦ ସ୍ଥାନ, ଶ୍ରୁତ ମୂଳ ଯୁତ
ଧର୍ମ-ଶାସ୍ତ୍ର-ଗ୍ରନ୍ଥ କବା ସେ ମୂର୍ଦ୍ଧା ମହତ !
କଣ୍ଠେ ସ୍ଥିତ ବୃତ୍ତ-ଯୁତ ହୋଇ ସେ, ବିଶ୍ୱରେ
ଆନନ୍ଦ ବର୍ଦ୍ଧନ ଅବା ନକରେ କାହାରେ ! ୮୫
ଯାହାଙ୍କର ଭୂରୁ ପ୍ରଣବର ବେନିଦଳେ ,
ବିନ୍ଦୁ-ଯୋଗେ ରଚେ ପୁଣି ତିଳକ କପାଳେ ;
ଅର୍ଦ୍ଧଚନ୍ଦ୍ର ଭାବ ବିହ୍ନ କରିତ୍ରୁ ନିର୍ମାଣ ,
ବାଦନ ନିମନ୍ତେ କୋଣ ଧନୁ ସନ୍ଧାନ । ୮୬
ବର୍ତ୍ତୁଳ-ସମାପ୍ତି-ଲିପି-ସାରେ ଦ୍ୱିକୁଣ୍ଡଳ ,
କାଞ୍ଚନ-ଲେଖନୀ-ସାରେ ହସ୍ତର ଅଙ୍ଗୁଳ ,
କେଶ-ମସୀ-ସାରେ, କଠିନୀର ସାରେ ସ୍ମିତ ,
ଯାହାଙ୍କର ଅଙ୍ଗେ ହୋଇଅଛି ନିରମିତ । ୮୭
ସୋମ-ସିଦ୍ଧାନ୍ତ-ସ୍ୱରୂପ ଯାହାଙ୍କ ବଦନ ,
ଶୂନ୍ୟାତ୍ମତା-ବାଦମୟ ଉଦର-ବିଧାନ ;
ସକଳ ବିଜ୍ଞାନମୟ ଯାହାଂକ ଅନ୍ତର ,
ସାକାରତା-ସିଦ୍ଧିମୟ ଅଖିଳ ଭଣ୍ଡାର । ୮୮
ଭାଷିଲେ ଭୀମଜୁ, "ଅନନ୍ଦର ଏହୁ ବେଳ ,
କାହିଁକି ବୃଥା ବିଷାଦେ ହେଉଛ ବ୍ୟାକୁଳ ?
ଯଥାବିଧି ଉପସ୍ଥିତ ନୃପମାନଂକର
ଗୋତ୍ର ଓ ଚରିତ୍ର ମୁହିଁ କରିବି ପ୍ରଚାର । ୮୯

GPNanda Colln., Digitized by srujanika@gmail.com

ଯେଉଁ ମହାପୁରୁଷଙ୍କ ପାଦପଦ୍ମେ ରହ ,
ମକରନ୍ଦ-ଲୀଳା ମନ୍ଦାକିନୀ ଅଛୁ ପାଇ ,
ଜାଣ ନୃପ ତାଂକ ଆଜ୍ଞାବର୍ତ୍ତୀ କେହ୍ନ ମୋତେ ;
ଅଛିଅଛୁ ନୃପଗୁଣ-ବର୍ଣ୍ଣନ ନିମନ୍ତେ ।”　　୯୦
ଶକୁନ-ସ୍ୱର-ପ୍ରଭୃତି-ଜ୍ଞାନେ ଯେ କୁଶଳ ,
ନିବେଦିଲେ ‘ହୁଚେ ଏହାଂକର ଅବତାର’ ।
ତେଣୁ ଲୋକପାଳ-ସମକକ୍ଷ ସେ ରାଜନ
କଲେ ଯଥାବିଧି ତାଂକ ସପର୍ଯ୍ୟା-ବିଧାନ ।　　୯୧
ନାନା ହର୍ଟ୍ଟ ନାନା ଦେଶୁ ନୃପ-ଅକର୍ଷଣେ
କୌତୂହଳ-ସିଦ୍ଧି-ବିଦ୍ୟା ଯେ ଏହି ଭୁବନେ ,
ସେହି ନଳ ତନୂଜାଂକୁ ଭ୍ରମ ଅନନ୍ତର
ଅଣାଇଲେ ରାଜଗଣମଧ୍ୟେ ମହୀପାଳ ।　　୯୨
ଅଗ୍ରସର ଦାସୀ ଦେଖି, ହୋଇଣ ଜାଗ୍ରତ ,
ସୁନ୍ଦରୁ ସୁନ୍ଦରତର ଅଳ ଦେଖି ସ୍ଥିତ
ହୋଇ ସେ ସାଗର, ଭୈମୀ ଅଙ୍ଗ-ଦରଶନେ
ଉଦ୍ବେଳିତ ହେଲୁ ତହିଁ, ସେ ଦର୍ଶକଗଣେ ।　　୯୩
କୁଙ୍କୁମ-ଉଦକ-ତୈଳ-ଲେପ-ହୀନ ତା’ର
ରାଜ ହଶୁଥିଲୁ ଶୁଭ୍ର-ରତ୍ନ-ଦ୍ୟୁତି-ଚେଳ ;
ଅଲଂକାର ହୀରେ ସଖୀ ପ୍ରତିବିଂବ ପଡ଼ି ,
ନଜ ପ୍ରତିବିମ୍ବପରି ହଶୁଥିଲା ଝଳ ।　　୯୪

GPNanda Colln., Digitized by srujanika@gmail.com

ବିଲେପନ-ଆମୋଦରେ ମୁଦେ ସମାଗତ ,
କର୍ଣ୍ଣପୂରୋତ୍ପଳ-ଲୋଭେ ନିକଟେ ଗୁଞ୍ଜିତ ,
ପୁଷ୍ପବାଣ-ଦୂତ-ସମ ମଧୁକରଗଣେ
ନିବେଦନ୍ତି ରହସ୍ୟ କି ସୁନ୍ଦରୀ-ଶ୍ରବଣେ ! ୯୫
ନାନାବର୍ଣ୍ଣ ଆଭରଣ-ମଣିମାନଙ୍କର
ମଲ୍ଲଯୁଦ୍ଧ ଦେଖିବାରେ କୁତୁକ କି ତା'ର ?
ବିଳାସେ ଯୁଗଳ ଭ୍ରୂ କି ହୁଏ ପ୍ରକମ୍ପିତ ,
ସ୍ମର ନିଜ ଚାପ ଭ୍ରମେ କରେ କି ଗୁଞ୍ଜିତ ? ୯୬
ଆମୋଦିତ-ପୁଷ୍ପାଶୁଗ-ବାସିତାଙ୍ଗୀ ବାଳା ;
କିଶୋର ଶାଖାଗ୍ର କିର ବିଦ୍ରୁମାଳ ମାଳା ;
କଳ୍ପଦ୍ରୁମେ ଲୋଭନ୍ତି ଯେ ବସନ୍ତ-ବିଭୂତି ,
ସେହିପରି ରାଜଗଣେ ବାଞ୍ଛିତ ସେ ଅତି । ୯୭
ପୀତ ନୀଳ ରକ୍ତ ଶ୍ୱେତ ବର୍ଣ୍ଣେ ମଣିଗଣ
ଦେହାନୁଲେପନ-ବିଧି କରନ୍ତେ ସାଧନ ,
ଗୋରଚନା ମୃଗନାଭି କୁଙ୍କୁମ ଚନ୍ଦନେ
ପୁନରୁକ୍ତି ପରି ଦିଶେ ଅଙ୍ଗ-ବିଲେପନେ । ୯୮
ଭରସା ନ କରି, 'ପୁଷ୍ପଧନୁ ହାତେ ସ୍ମର
କେସନେ ଜିଣିବେ ଏତେ ଧୀରମତି ନଳ ?'
ନିଜଭୂଷା-ମଣିଗଣ ଶିଳ୍ପେ ନିରମାଣ ,
ଇନ୍ଦ୍ର-କୋଦଣ୍ଡ କି ସ୍ମରେ ଦେଉଥିଲେ ଧନୀ ! ୯୯

GPNanda Colln., Digitized by srujanika@gmail.com

ଚହିଲେ ଦେଖିଲେ ନୃପ-ନେତ୍ରେ ବିଭୂଷଣେ ,
ତହୁଁ ଶ୍ରେଷ୍ଠ ବର୍ଣ୍ଣି ପୁଣି ଶ୍ରେଷ୍ଠ ମଣି ଗଣେ ,
ନ ରହି ପାରିଲେ କାହିଁ କ୍ଷଣେ ସ୍ଥିର ହୋଇ ;
ଅବକାଶ ଦେଇ ନାହିଁ ସତେ ତାଙ୍କୁ ବିଧି ! ୧୦୦
ପଶିଲା ଲବ୍ଧ ଦୃଷ୍ଟି, ଚାହିଁଲେ ସ୍ୱଜନେ ,
ସେ ପୁଚ୍ଛେ ମଧୁପ-ଭୟେ ବୁଲାଇ ବଦନେ ,
ବାଞ୍ଛିତ ରମଣୀ ନୃପେ ନ ପାରିଲେ ଦେଖି ,
ଅଦ୍ଭୁତ ବସ୍ତୁର ଏହୁ ବିଘ୍ନ-ସହ ନାକି ? ୧୦୧
'ସଖୀମୁଖ ଦେଖିବା ଭଲ', ଭାବି ରାଜଜଣ ,
କରୁଥିଲେ ମନୋରଥ-ଆତିଥ୍ୟ-ପ୍ରଦାନ ;
ସେହି ସଖୀ-ମୁଖେ ପଡ଼ି ଅପାଙ୍ଗୁ ସୁନ୍ଦରୀ
କର୍ପୂର-କସ୍ତୁରୀ-ସ୍ରୋତ ଦେଉଥିଲା ଢାଳି ! ୧୦୨
ନୃପ-ଶ୍ରେଷ୍ଠ-ମୁଖ—ପଦ୍ମେ ଆନନ୍ଦ ପ୍ରକାଶି ,
ସ୍ମିତ-କାମେ ଓଷ୍ଠ-କଂପେ କିଂଚିତେ ବିକାଶି ,
ସେହି ଦମୟନ୍ତୀଙ୍କର ଦଶନ-କିରଣ
କଉମୁଦୀ-ହୃଦୁଁ ଗର୍ବ କରଇ ଖଣ୍ଡନ । ୧୦୩
ଅଙ୍ଗେ ଅଙ୍ଗେ ଅଳଂକାର-ସ୍ୱଚ୍ଛମଣି-ଛଳେ
ତହୁଁ ଲାଗି ସ୍ଥିତ ଜନ-ନୟନ ନିଶ୍ଚଳେ ;
ହାର-ଅଗ୍ରେ ସ୍ଥିତ ତା'ର ଗରୁଡ଼ାଶ୍ମ-ଭାସ
ତାଡ଼ କରୁଥିଲା ନାଭି-ରନ୍ଧ୍ର ତାମସ । ୧୦୪

GPNanda Colln., Digitized by srujanika@gmail.com

ବାଳା-ଗୌର-ପାରସ୍ପର୍ତେ ମଗନ ବିସ୍ମୟେ ,
ଚନ୍ଦ୍ରପ୍ରଭା, ଶିର-କଂପ-ରୁଚି-ଅଭିନୟେ ,
ନାନା ହଂସୀ-ସମ ପାଣ୍ଡୁ-ବରଣ-ଚାମରେ
ତାହାଙ୍କର ଲାସ୍ୟ-ଲୀଳା ସତେ ଅନୁକରେ ! ୧୦୫
ବାଳା-ଅଙ୍ଗ-ଶୋଭା-ଗାନେ ସ୍ୱର୍ଗ-ଅପସରୀ
ସ୍ତୁତି-କର୍ମ-ମଧ୍ୟେ ନିଜ ବଦନ ପାସୋରି ,
ରମଣୀ-ମଣ୍ଡନ ନିଜ ହୃଦ-ଲାଜ ଭୋଳେ
ଦେଉଥିଲେ ପତ୍ର ଲାଗେ ସେହୁ ବାଳାବରେ ! ୧୦୬
ଦଶନ-କିରଣେ ତାରା, ସୁଧାଂଶୁ ଲପନେ ,
ଜମ୍ବୁ କଚି ନବ କେଶ-ପାଶ-ଶୋଭାଗୁଣେ ,
କେଉଁ ମହୀପତିଙ୍କର ଯୁଗଳ ଲୋଚନେ
ନ ତୋଷଇ ଆକଣ୍ଠ ସେ ଅମୃତର ପାନେ ! ୧୦୭
ଅଳଂକୃତ ଅଂଶୁ ବଳ ତା' ଅଙ୍ଗ କେବଳ ,
ସ୍ତବ୍ଧ ବଳ ପ୍ରତ୍ୟକ୍ଷ ତା' ସୌନ୍ଦର୍ଯ୍ୟ-ସମ୍ବଳ ,
ପ୍ରବେଶ କରନ୍ତେ ସଭା ସେ ଭୈମୀ ବଧାନେ ,
ନେତ୍ର-କୋଣେ ପାନକଲେ ମହୀପତିମାନେ । ୧୦୮
ନ ଥିଲେ ସେ ସଭାସ୍ଥଳେ ଏପରି କେ ନୃପ ,
ନ ମଣ୍ଡିଲେ ବପୁଣ୍ୟେ ଯେ ଦେଖି ବାଳା-ରୂପ ,
ନ ହେଲା ବା ଯାହାଙ୍କର ଅଙ୍ଗ ଉଦ୍ଭାସିତ
ବନ୍ଦ୍ର-ରୋମ-ଅଂକୁରେ ଅବା ଦନ୍ତୁରିତ ? ୧୦୯

GPNanda Colln., Digitized by srujanika@gmail.com

ଅଂଗୁଷ୍ଠ-ମସ୍ତକେ ଧୀରେ ଅନ ମନେ ଧରି ,
ମଧ୍ୟମାର ମଧ୍ୟଭାଗେ ନିପୀଡ଼ିତ କର ,
ଅବଲୋକ ଦମୟନ୍ତୀ ସେ ସଭା-ମଣ୍ଡପେ ,
ତର୍ଜ୍ଜନୀ-ଅଙ୍ଗୋଷ୍ଠ ଚହ୍ନଁ ନକଲେ କେ ନୃପେ ? ୧୧୦
ଖଞ୍ଜନ-ଗଞ୍ଜନ-ନେତ୍ରୀ-ଭୈମୀ-ନିରୀକ୍ଷଣେ ,
କେତେଁ ଜନ ସେ ସମାଜେ ମହୀପତିଗଣେ ,
କଂପାଇଲେ ନାହିଁ ବାରମ୍ବାର ଲୋଲ ମୌଳ ;
ବକ୍ର କରି ଭ୍ରୂଯୁଗ ନ ଥିଲେ ବା ଗୃଳ ? ୧୧୧
ପ୍ରବେଶନ୍ତେ ଭୈମୀ ସ୍ୱୟମ୍ବର-ପ୍ରାଙ୍ଗଣରେ ,
ହୋଇଲେ ଭାବିତ ଚହ୍ନଁ ସର୍ବ ଭୂମିପାଳେ ;
ଆନନ୍ଦ-ବିହ୍ୱଳ ଚିତ୍ତେ ଭାବିଲେ ଏସନେ ,
କୁଣ୍ଠ ଜିହ୍ୱା ଯେ ଗୁଁ ଖଣ୍ଡାକ୍ଷର-ଉଚ୍ଚାରଣେ :— ୧୧୨
"ରମ୍ଭା-ଆଦି-ଲୋଭେ ଯଜ୍ଞ-କର୍ମବନ୍ତ ଜନେ
ନ କରନ୍ତୁ କେବେ ହେଲେ ଶୂନ୍ୟ ଏ ଭୁବନେ ,
ଭଲ କି ଏସନ ଏଥି ଅପସରା ଏହି ,
ଭୂତଳେ ସୁର-ବୈରାଗ୍ୟ ଦେଇଛୁ ଘୁଞ୍ଚାଇ ! ୧୧୩
ଜନାନନେ ଯେଉଁ ରୂପ-ଗାଥା କର୍ଣ୍ଣାମୃତ
କରି ଏଥୁ ନାନା ଦେଶୁ ହେଲୁଁ ସମାଗତ ;
ପ୍ରତ୍ୟକ୍ଷେ ସେ ଶରୀସାର କରି ଅନୁଭବ ,
ତାହା ଏଥୁଁ ଅତ୍ୟଧିକ, ହୁଏ ଏହଭାବ । ୧୧୪

GPNanda Colln., Digitized by srujanika@gmail.com

କେଉଁଠାରେ ଅଛୁ ସେହି ମହା ପାରାବାର ,
ଶୃଙ୍ଗାର-ରସ ଅଭିଖ୍ୟା ଅଟଇ ଯାହାର ?
ନୋହିଲେ କାହୁଁ ଜନ୍ମନ୍ତା ଭୁବେ ଏହୁ ଶିରୀ ,
ଲାବଣ୍ୟ-ବୈଦଗ୍ଧ୍ୟ-ନିଧି, ଭୈମୀ ସୁକୁମାରୀ ? ୧୧୫
ସାକ୍ଷାତେ ଏହାଙ୍କ ମୁଖ ସୁଧାଂଶୁ-ମଣ୍ଡଳ ;
ସ୍ୱର୍ଗେ ଚନ୍ଦ୍ର-ଲାକ୍ଷଣିକ ଅଟଇ କେବଳ ;
ମୁଖ୍ୟ କାମ-ଚାପ ଭୈମୀ-ଚାରୁ-ଭ୍ରୁ-ବେନି ;
ପୁଷ୍ପଧନୁ ସିନା ତା'ର ଗୁଣ-ମାତ୍ର ଯେନ ! ୧୧୬
ଶ୍ରବଣେ ତାଟଙ୍କ-ଯୁଗ; ସୁନ୍ଦରୀ-ରତନ
କାମବୀର-ଲକ୍ଷ୍ୟେ ଚକ୍ର କରେ କି ଧାରଣ ?
କାମତ୍ୟକ୍ତ ଦକ୍ଷ ବାମେ ବିଶିଖ-ନିକରେ
ପ୍ରସରନ୍ତି ନିଶ୍ଚ ଏହି ଉଭୟ-ଅନ୍ତରେ ! ୧୧୭
ଇନ୍ଦୀବର-କର୍ଣ୍ଣପୂର-ଯୋଗେ ଦମୟନ୍ତୀ
ବସ୍ତ୍ରାବୃତ୍ତ ସିନା ମଦନର ଅପକୀର୍ତ୍ତି !
କହିବେ କୁହନେ, ଯେଷି କର୍ଣ୍ଣ-ଲକ୍ଷ୍ୟେ ଶର ,
ଲକ୍ଷ୍ୟ-ଭ୍ରଷ୍ଟ ହୋଇଅଛି ସତେ ଅବା ପୁର ! ୧୧୮
ଧୂଳିରେ ଧୂସର ଷଟପଦ-କୀଟମୟ
ତେଜି ନିଜ ପୁରାଣ ସେ ଧନୁ ପୁଷ୍ପମୟ ,
ଅନ୍ତର୍ହିତ-ମୁଷ୍ଟିଚାପ ଭୈମୀ-ବେନିଭ୍ରୂରୁ
ଏବେ ନିଜ ଧନୁରୂପେ ମଦନ ଆଦରୁ । ୧୧୯

GPNanda Colln., Digitized by srujanika@gmail.com

କ୍ରମେ ପଦ୍ମ , ପୁଣି ଖଞ୍ଜରୀଟ ବର୍ଷାକାଳେ ,
ସାର ନେଇ ଫିଙ୍ଗିଦଏ ବିଧି ଅନାଦରେ ;
ସେହି ସାରେ ପ୍ରତି ବର୍ଷ କରଇ ନିର୍ମାଣ ,
ଏହାଙ୍କର ନେତ୍ର-ଯୁଗ ସୁଷମା-ସାଧନ । ୧୨୦
ଭୈମୀ-ନେତ୍ରଯୁଗେ ଅମୃତହ୍ରେ କି ବିଶେଷ ,
ପତ୍ୟରି ଜାଣନ୍ତୁ ଉଡ଼ଙ୍ଗେ ଗୁଣଙ୍କ ବିଦୁଷ ;
ଭଲ କି ଏପନ ବିଦ୍ଧ ସ୍ଥାପିଛନ୍ତି ନୟନେ
କଣୀନିକା, ଭଙ୍ଗ-ଭଙ୍ଗୀ-ମାଧ୍ୟସ୍ଥ୍ୟ-ବିଧାନେ ! ୧୨୧
କରିବାକୁ ବାସ ଭୈମୀ-ହୃଦେ ରତି ସ୍ମର
ଗଢିଛନ୍ତି ଯଉବନ ପର୍ଯ୍ୟ-ଯୁଗଳ !
ତା'ର ଅଗ୍ରେ ବିରାଜିତ ସ୍ୱର୍ଣ୍ଣ-କୁମ୍ଭୁଲେ ,
କୁଚ-ଯୁଗେ କେଉଁ ଜନ ବିଚାର ନ କରେ ? ୧୨୨
ବେନି ଭୁଜେ ଦମୟନ୍ତୀ ଜିଣିଣ ମୃଣାଳ ,
କର-ରୂପେ ଘେନିଛନ୍ତି ପ୍ରସୂନ ତାହାର ;
ତେଣୁ ଏହା ଶିରୀଷ ବୋଲି ପ୍ରବିଦିତ ;
କର ବୋଲି ଲୋକେ ପୁଣି ଅଟେ ଅଭିହିତ । ୧୨୩
ଭୈମୀଭୁଜ-ଅଗ୍ର-ପଦ୍ମ, ପଦ୍ମ , ଏହା ସ୍ଥିର ;
ଶତ୍ରୁଜ-ବିପିନୀରେ ପଦ୍ମନାମ ଛଳ ;
ଯେଣୁ କଣ୍ଟକିତ ନାଳୁ ଉତ୍ପନ୍ନ ହୋଇ ,
ଜନ୍ମ-ଦୋଷେ ନଖେ କଣ୍ଟକିତ ଅଟେ ଏହି । ୧୨୪

GPNanda Colln., Digitized by srujanika@gmail.com

ମର୍ତ୍ତ୍ୟେ ଏହାଙ୍କର ଯୋଗ୍ୟ ତୁଲା କେହୁ ନାହିଁ ;
ଆମ୍ଭମାନଙ୍କର ଏଥି ସଂଦେହ ନୁହଇ ;
ଥାଆନ୍ତା ଯେବେଟି ତୁଲା ସ୍ୱରଗେ ପାତାଳେ ,
ଅପନ୍ତେ କି ସେ ତ୍ରିଭୁବନ୍ ଲୋକେ ସ୍ୱପ୍ନରେ ? ୧୨୫
ହେଉ ବା ନହେଉ ବିଧି-କରେ ନମସ୍କାର ;
ବୁଦ୍ଧିରେ ହେଲେ ସେ ଛୁଇଁ ନାହିଁ ଏ ଶରୀର ,
ଛୁଇଁ ଥିଲେ, ଏହା ହୋଇ ଥାଆନ୍ତା ମଳିନ ;
ଏହା ନିରମାଣେ ଯୋଗ୍ୟ ଅନଙ୍ଗ ମଦନ ! ୧୨୬
କର୍କଶ କୁଶ ଗ୍ରହଣେ କଠୋର ଯେ କର ,
ସୁକୁମାରୀ ସୃଜିବାରେ ନୁହେ ସେ କୁଶଳ ;
ବିଷୟ-ବୈରାଗ୍ୟେ ମରୁ-ମହୀରୁହ-ସର
ମନେ, ଏ ଶୃଙ୍ଗାର-ଧାରା ନୁହେ ସୃଷ୍ଟି କର । ୧୨୭
ନିତମ୍ବ କି କୁଚ, କିଏ ଗୁରୁତର ଭାରେ ?
ଜାଣିବାକୁ ବିଧାତା କି ଟେକିଲା ଉଦରେ ?
ତେଣୁ ଅନ୍ତରାଳ ତିନ ଅଙ୍ଗୁଳର ଚିହ୍ନ
ତ୍ରିବଳୀ-ବିଳାସ-ରୂପେ ଦିଶଇ ଶୋଭନ । ୧୨୮
ବିଧୁ ନେଇ ନିଜ ସୁଧା-ଜାତ ନବନୀତ ,
ଗଢି ଅଛି ଅଙ୍ଗେ, ତେଣୁ କ୍ରମେ ହୁଏ ପୀତ ;
ନିଶି ନିମୀଳିତ ପଦ୍ମେ ଦୁର୍ଘଟ ସେ ଦିଶି
ଜାଣି, ନିଜେ ବଧୂ ମୁଖ-ରୂପ ଅଛି ଧରି । ୧୨୯

GPNanda Colln., Digitized by srujanika@gmail.com

ଚତୁର ବସନ୍ତ ବହୁଦର୍ଶୀ-କାରିଗର ,
ମଳୟାନିଳେ ଗଢିଛୁ ନିଶ୍ୱାସ ତାହାର ,
ସୁମନେ ସୁନ୍ଦର ଅଙ୍ଗ କରଛୁ ବିଧାନ ,
କୋକିଳ-ପଞ୍ଚମ-ସ୍ୱରେ ବିହୁଛୁ ବଚନ । ୧୩୦
ସୁର-କୃତ ଏହୁ, ଗଢା ନୁହେ ବିଧାତାରେ ;
ଅଜେୟ ଏହାର ଶିଳ୍ପୀ ଆନ କାରିଗରେ ;
ଯଉବନ, ମଦନର କିଂକର ଟି ସେହୁ ,
ରୂପ-ଶିଳ୍ପେ ପରାକ୍ରତ କରଅଛୁ ବିହୁ । ୧୩୧
ଭଇମୀ-ବର୍ଣ୍ଣିନେ ଗୁରୁ-ଓଷ୍ଠ-କଣ୍ଠେ ସ୍ୱର
ନର୍ତ୍ତନ-ଗର୍ବ ଛେଦ ଶାସନେ ତତ୍ପର
ହୋଇ, ଶ୍ରମ ବହି, ନିରମାଣି ଏହୁ ରୂପ ;
ହଏ ଭବତ୍ୟାଗୀ ମୁକ୍ତି-କାମୀରେ ସନ୍ତାପ । ୧୩୨
ଅଙ୍ଗକେ ନିରେଖି ଦେଖୁଁ ଦେଖୁଁ ତା'ରେ ନରେ ,
ଅଖିବ୍ରଜେ ଇନ୍ଦ୍ର ସର୍ବଅଙ୍ଗ ଦେଖି, ଖରେ
ଗାଥା-ସୁଧା-ଶ୍ଳେଷ-କଳା ବିଳାସେ ବର୍ଣ୍ଣିନେ
କଲେ ଅଳଂକୃତ ନିଜ ସୁଧାଂଶୁ-ବଦନେ । ୧୩୩
"ହ୍ରିତେ ଗୌରୀ, କମ୍ବୁନେ ହରଣୀ ଦମୟନ୍ତୀ ,
ସୁମଧୁର କଣ୍ଠଧ୍ୱନି ଯୋଗେ ବୀଣାବତୀ ,
ଅଙ୍ଗକାନ୍ତି ଯୋଗେ ହେମା, ଅନ୍ୟ ଅବୟବେ
ଅନ୍ୟ କେହି ତୁଲ୍ୟ ନାସ୍ତି ମନେ ନୁହେ କେବେ ।୧୩୪

GPNanda Colln., Digitized by srujanika@gmail.com

ପ୍ରଶଂସିଲେ ବେଳେ ଏହୁ ରୂପେ ଆଖଣ୍ଡଳ ,
ଦେଖନ୍ତେ ଶଙ୍କିତ ମନେ ନିଜ ପାଶେ ନଳ ,
ମର୍ତ୍ତ୍ୟୋଚିତ ଅର୍ଥେ ତହୁଁ ବ୍ୟାଖ୍ୟା କରି ତା'ର
ସଂଦେହ-ମୋଚନ କରି ନେଲେ ସେ ଚଞ୍ଚଳ । ୧୩୫
ନିଜେ ନୈଷଧ-ଆଦେଶ ପୁରନ୍ଦର ବହୁ ,
ପୁନରପି କାର୍ଯ୍ୟ ହେତୁ ନାନଳ ସେ ହୋଇ ,
ସ୍ଥାନବତ-ଭାବେ ସତେ କରି ବ୍ୟାକରଣ ,
ହୃଷ୍ଟ କଲେ କାହିଁକ ଯେ, ଅଦ୍ଭୁତ ଏ ପୁଣ ! ୧୩୬
ଭୂଷଣେ ସୁନ୍ଦର ଦେଖ ଏହୁ ଯାଏ ପଥରେ ;
ଭୂତଳ-ଉର୍ବଶୀ ଏହୁ ପ୍ରବେଶୁଛୁ ବେଦୀରେ ,
ଏସନ ଜନତା-ମୋଦ-ନାଦେ ଗଳ୍ପ ମଉଳ
ନଳେ, ଭୈମୀ-ଗୁଣ-ଗାନ-ଛଳେ ଇନ୍ଦ୍ର-ଗୃଭୁଣୀ । ୧୩୭
କବିରାଜ-ରାଜ-   ମୁକୁଟ-ଭୂଷଣ-
ହୀରକ, ଶ୍ରୀହୀର, ଜନକ କବି ;
ତନୟ ଶ୍ରୀହର୍ଷ,   ଜିତେନ୍ଦ୍ରପ୍ରବର ;
ଜନନୀ ତାଙ୍କର ମାମଲ୍ଲ ଦେବୀ ;
ତର୍କେ ମଧ୍ୟ ଶ୍ରମ   ଅସମ ତାଙ୍କର,
ନୈଷଧ ଏହୁ ତାଙ୍କ ରଚିତ
ଶୃରୁ ମହାକାବ୍ୟ,   ତହିଁ ଏ ସମାପ୍ତ
ଦଶମ ସରଗ ସର୍ଗ-ମହତ । ୧୩।

GPNanda Colln., Digitized by srujanika@gmail.com

ଦଶମ ସର୍ଗର ଟୀକା

(ଅଙ୍କରୁ ଶ୍ଳୋକାଙ୍କ ବୁଝିବାକୁ ହେବ)

୩ – ଦିଗମାନେ କେବଳ ନିଜେ ଜନଶୂନ୍ୟ ହୋଇ ରହିଲେ ।

୪ – ଦିଗ୍‌ଗଜମାନେ ଜନ ନିର୍ବାଧ ହେତୁରୁ ଯେ ଯନ୍ତ୍ରଣା ଭୋଗ କରୁଥିଲେ, ତହିଁରୁ ସେମାନେ ବିଶ୍ରାମ ପାଇଲେ ।

୭ – ସ୍ୱିତ୍ୱାର୍ଥ = ପୋଷଣ ।

୮ – ସକଂବଳ ନାଗବଳ = ନାନା ବର୍ଣ୍ଣାଚ୍ଛାଦନ ବିଶିଷ୍ଟ ହସ୍ତିସେନା । କର୍କୋଟକ = ଶୀଘ୍ରଗାମୀ ଘୋଡାଏ; ସର୍ପ ବିଶେଷ । ଅଶ୍ୱତର = ସର୍ପବିଶେଷର ନାମ । ବର୍ଣ୍ଣଶ୍ଳେଷରେ ଦୁଇ ଅର୍ଥ ।

୧୧ – ନୈର୍‌ଋତ ରାକ୍ଷସ ଅମଙ୍ଗଳକର ଓ ଅଲକ୍ଷ୍ମୀକ ।

୧୨ – ବାୟୁର ବାହନ ମୃଗ ।

୧୭ – ପିତାମହ = ବ୍ରହ୍ମା; ବାପର ବାପ । ଦୁଇ ଅର୍ଥ ।

୨୧ – ଦେବତାମାନେ ଅଗ୍ନିମୁଖ । ଅନଳ – ଅଗ୍ନି; ନଳ ଭିନ୍ନ । ଦୁଇଅର୍ଥ ।

୩୩ – ଦେବତାଙ୍କର ଝାଳ ବହେ ନାହିଁ; ନିମେଷ ପଡେ ନାହିଁ; ଫୁଲମାଳ ମଉଳେ ନାହିଁ ।

୪୫ – ନାସତ୍ୟ = ଅଶ୍ୱିନୀକୁମାର । ପୁରୂରବା, ମଦନ ଓ ଅଶ୍ୱିନୀକୁମାର ଦୁହେଁ – ଏମାନେ ରୂପରେ ବିଖ୍ୟାତ ।

୪୭ – ଇଳା = ପୁରୂରବାଙ୍କ ମାତା; ପୃଥିବୀ । ଅଦର୍ପକ = ଦର୍ପହୀନ; ମଦନ ନୁହେ । ନାସତ୍ୟତା = ନାସତ୍ୟ ଭବ; ନୁହେ ଅସତ୍ୟତା, ସତ୍ୟଭାବ । ଦୁଇ ଅର୍ଥ ।

୪୮ – ଅଧିଗମି = ଅଧି, ଜାଣି । ମୁଗ୍ଧ = ମୂଢ; ସୁନ୍ଦର । ବିବୁଧ = ଦେବତା; ପଣ୍ଡିତ । ଅବାରଣେ ଅଂଶରେ ପତିତ ହେଲୁଁ; ଅବ୍ଜାରଣେ ଅଂଶରେ ପଡ଼ି, ଅର୍ଥାତ୍ ଦିକ୍‌ପତି ବା ଜଗପାଳ ହେଲୁ ତ । ଦୁଇ ଅର୍ଥ ।

GPNanda Colln., Digitized by srujanika@gmail.com

୪୨ – ଶିବ-ଶିର ଜ ଦେଖି, ସେଥିରୁ ଖସି ପଡ଼ୁଥିବା କେତକୀକୁ ପାଇ; ବ୍ରହ୍ମା ଶିବ-ଶିର ଦେଖି ଥିବାର ଗର୍ବ କରୁଥିଲେ । ପୁରାଣରେ ଏହା ଅଛି ।

୬୫ – ଅଥର୍ବ ବେଦରେ ଅଭିଚାର, ଅର୍ଥାତ୍ ଇନ୍ଦ୍ରଜାଲ ବିଦ୍ୟାର ବହୁ ଉଲ୍ଲେଖ ଅଛି ।

୬୭ – ମାତ୍ରା ନିୟମରେ ଯାତି ଓ ଅକ୍ଷର ନିୟମରେ ବୃତ୍ତ – ଏହିପରି ସଂସ୍କୃତ ଛନ୍ଦର ଦୁଇଟି ପ୍ରଧାନ ବର୍ଗ ।

୭୮ – କାଞ୍ଚୀ (ମେଖଳା) ଗୁଣ ଦୀର୍ଘ ହେବାରୁ ବିସ୍ତୃତ ହୋଇ ଶବ୍ଦ କରୁଛି । ବ୍ୟାକରଣ ଗୁଣ ଦୀର୍ଘ ବିସ୍ତାରରେ ଶବ୍ଦ ପରଂପରା ସାଧନ କରେ । ଶବ୍ଦ ଶ୍ଳେଷରେ ପୂର୍ଣ୍ଣୋପମାର ସାର୍ଥକ୍ୟ ।

୮୧ } – ମୀମାଂସା ଓ ଅନ୍ୱୀକ୍ଷିକୀ (ନ୍ୟାୟଶାସ୍ତ୍ର) ପ୍ରତି ଲକ୍ଷ୍ୟ କରା ହୋଇଛି ।
୮୨ }

୮୭ – ବାଦେ – ବିବାଦରେ; ବା ଅଦେ (ଚର୍ବଣରେ) । ଗୁଣଶାଳୀ ପୂଗ-ପତ୍ର = ଗୁଣିମାନଙ୍କର ପ୍ରତିଜ୍ଞାପତ୍ର; ମସଲା ଯୁକ୍ତ ଗୁଆ ପାନ । ଶବ୍ଦଶ୍ଳେଷ, ଦୁଇ ଅର୍ଥ ।

୮୯ – ବୃତ୍ତସ୍ଫୁଟ = ବ୍ୟାଖ୍ୟାଯୁକ୍ତ ; ବର୍ତ୍ତୁଳ । ଦୁଇଅର୍ଥ ।

୯୭ – ଅମୋଦିତ, ଅନନ୍ଦିତ, ପୁଷ୍ପାସ୍ତ୍ରଗ, ମଦନ ଦ୍ୱାରା ବାସିତ, ଅଧିବସିତ ଅଙ୍ଗ ଯାହାର; କୋମଳ ପତ୍ର ପରି ହାତ ବିଶିଷ୍ଟ ଅଙ୍ଗମାଳା, ସଖୀମାନେ ଯାହାର । ବସନ୍ତ ବିଜ୍ଞିତ ପକ୍ଷେ – ଅମୋଦିତ ପୁଷ୍ପ ଓ ଅଗୁରୁ, ମଳୟ ଦ୍ୱାରା ସୁବାସିତାଙ୍ଗୀ; କଅଁଳ ଶାଖାସ୍ୱରୂପ କରରେ ବିଭ୍ରମ କରନ୍ତି ଅଳିମାଳା ଯହିଁରେ ।

୧୦୨ – କର୍ପୂର ଧଳା; କସ୍ତୁରୀ କଳା ।

୧୧୦ – ଦ୍ୱିବାବେଶ-ନକ୍ଷତ୍ରରେ ଅନ୍ୟ ନକ୍ଷତ୍ରମାନ ଦେଖାଇବା ପାଇଁ ଲୋକେ ଏହିପରି କରିବା ସ୍ୱାଭାବିକ ।

୧୨୯ – କ୍ରମେ ପୀତ, ଅର୍ଥାତ୍, ଉଜ୍ଜ୍ୱଳତର ହୁଏ ।

GPNanda Colln., Digitized by srujanika@gmail.com

୧୩୪ — ତ୍ରିବେଣୀ, ବୀଣାବତୀ ଓ ହେମା — ଏ ତିନୋଟିରେ ଅନ୍ୟ ତିନି ସ୍ୱର୍ଗ ନାୟିକାଙ୍କର ନାମ ମଧ୍ୟ ଇଙ୍ଗିତରେ ସୂଚିତ ହୋଇଅଛି ।

୧୩୭ — ନୈଷଧ ଅଦେଶ ବନ୍ଧୁ — ନୈଷଧ ରୂପ ଧରି । ସା ନଳ ହୋଇ — ମନୁଷ୍ୟ ନଳ ହୋଇ । ସ୍ଥାନବତ୍ ଭାବେ, ଅର୍ଥାତ୍, ମନୁଷ୍ୟ ନଳ ପଦ, ବ୍ୟାକରଣ, ଅର୍ଥାତ୍ ବ୍ୟାଖ୍ୟା କରି, ପୁଣି ଧାତୁ ଦେବ ଭାବରେ ବୋଧ ପୁନ୍ଦ୍ର କଲେ । " ସ୍ଥାନବଦାଦେଶୋଽନଲ୍ବିଧୌ " — ଏହୁ ବ୍ୟାକରଣ ସୂତ୍ରକୁ ମଧ୍ୟ ଶବ୍ଦ ଶ୍ଳେଷରେ ଲକ୍ଷ୍ୟ କରା ହୋଇଅଛି ।

GPNanda Colln., Digitized by srujanika@gmail.com

ଏକାଦଶ ସର୍ଗ

ବଳସେ ପ୍ରସାଦ ଯାହାଙ୍କ ଗୁରୁ ମୁଖ-ମଣ୍ଡଳେ ,
ରଚେ ଅନିମେଷ ନୟନେ ଗୃହାଗ୍ନି ଯେ ସକଳେ ,
ଦେବତା-ସଦୃଶ ସେହି ସେ ରାଜସଭା ବରିବି ,
ପଶିଲେ ହୃଦ୍‌ଗତ-ଦୟିତ-ଲାଭେ ଶ୍ରମ କୁମାରୀ । ୧
ପ୍ରଭଫଲେ ବୈମୀ-ନିର୍ମଳ-ଅଙ୍ଗ-ଭର୍ତ୍ତ-ଉପରେ ,
ପୃଣି ବରୁଷଣେ, ଅପଣା ଦେହ ଧରି ଭୂପାଳେ ,
ନୁହିଁର କେବଳ ହୃଦୟେ, ନୁହେ ଏକା ନୟନେ ,
ମଜ୍ଜିଲେ ଯୁବକେ ସକଳ ଅଙ୍ଗେ ବାମାରଙ୍ଗନେ । ୨
ବିଶ୍ୱାମିତ୍ର ମୁନି ଅବନୀ ସ୍ୱର୍ଗ ବେନି-ମଧ୍ୟରେ
ଯେବେ ଅବା ଆନ ତ୍ରିଦିବ ରଚିଥାନ୍ତେ-ବଧରେ ,
ହୁଅନ୍ତା ସେ ଯଥା ସୁନ୍ଦର, ତଥା ନଭ-ବିମାନେ
ଶୋହନ୍ତ, ଯେ ଦେବେ ଅପେଣ ଥିଲେ ସଭା-ଦର୍ଶନେ ।
ଭୂପାଳ-ମଣ୍ଡଳେ ଚଳନ୍ତ-ଚାମରାଳ-ମାରୁତେ
ଅଧିବାସ-ଧୂପ ସୁବାସ ଉଠେ ନଭେ ନିରତେ ,
ଅର୍ଚ୍ଚନାର ... ସେ ଦେବେ ରହିଥିଲା ବିମାନେ ,
ଅଛି ଥିଲେ ଯେହ୍ନେ ସେ ସ୍ୱୟଂବର-ସଭା-ଦର୍ଶନେ । ୪

GPNanda Colln., Digitized by srujanika@gmail.com

ତହିଁ ନୃପ-ଅଙ୍ଗ-ଲେପନ ଘନସାର ଚନ୍ଦନେ
ଗନ୍ଧ ଘେନ ଗନ୍ଧବହ ଯେ ଉଡ଼ୁଥାଏ ଗଗନେ ,
କାମଶର-ଅନୁସରଣେ ପଥେ ଅଳି-ସକଳ
ଘେରି, ସେ ଆମୋଦ-ଆନନ୍ଦେ ହେଉଥାନ୍ତି ବିହ୍ୱଳ । ୫
ମୃଦଙ୍ଗ-ମର୍ଦ୍ଦଳ-ଉତ୍ତୁଙ୍ଗ-ନାଦ-ଭଙ୍ଗୀ-ସକଳ-
ପୂର୍ଣ୍ଣ-ପ୍ରତିଧ୍ୱନି-ପ୍ରଦାନେ ତୀବ୍ର ମେଧା ଯାହାର ,
ଚଞ୍ଚଳେ ପତାକା ଚଳାଇ, ସେହି ସୌଧନିକର ,
ଆପଣା ତାଣ୍ଡବ-ପଣ୍ଡିତ-ପଣ କରେ ପ୍ରଚାର । ୬
ଯେଣୁ ଚତୁର୍ଦ୍ଦଶ ଭୁବନେ ଜନଗଣେ ପୂଜିତ ,
ସେହି ଭଗବତୀ ଭାରତୀ ଦେବୀ ତହୁଁ ତୁରିତ
ବକ୍ଷପାର୍ଶ୍ୱେ ରହି ସବିଧି ସଂଭାଷଣ ବିଧାନି ,
ଭାଷିଲେ ବିନୟେ ଅନତ-ଗ୍ରୀବା-ଭୀମ-ନନ୍ଦନୀ । ୭
"କୋଟି କୋଟି ଏଠି ଆସିଣଛନ୍ତି ଦେବ ସରବ ,
ଯାହାଙ୍କ ପୃଥକ ବର୍ଣ୍ଣନା ଶତ ଅବ୍ଦେ ନୋହିବ ;
ବିସ୍ତରି ମାନସେ ତହୁଁ ଗୋ ବର ଏକ ଅମରେ ,
ତୁମ୍ଭର ମାନସ ବୃତ୍ତି ଗୋ ଅନୁରକ୍ତ ଯହିଁରେ । ୮
ସ୍ୱତଃ ଅନିମିଷ ସେ ଦେବେ ତବ ରୂପେ ଯେସନ
ପିଇ ନେବେ, ପୁଣି ହୋଇଲେ ଅନିମିଷ-ନୟନ ,
ତେବେ ତାଂକ ସୁଧା-କ୍ଷରଣ-ସୁଧା-ପାନ-ବିଳାସ
ଅଧରାମୃତରେ ତବ ଗୋ ପୁଣି ଲଭୁ ପ୍ରକାଶ । ୯

GPNanda Colln., Digitized by srujanika@gmail.com

ପୟୋଧି-ବନ୍ଧୁରେ ଗୁମ୍ଫିତ, ମୁକ୍ତାଫଳ-ଫଳନେ ,
ପଞ୍ଚ ଶାଖେ କଳ୍ପପାଦପ ଧରି ସର୍ବ ଋତୁନେ ,
ସେହି ଦେବଙ୍କର ଶେଖର-କର ପରି; ଯହିଁରେ
ସୁରଭି-ସମାନେ ଝିଙ୍କୁ ଦୁହିଁ ଥିଲେ ସେ କାଳେ ।” ୧୦
ବକ୍ତ୍ର-ଇନ୍ଦୁ-ପାଶେ ମୁଦ୍ରିତ ସରୋରୁହ-ସମାନେ
କରାଞ୍ଜଳି ଟେକି ସେ ବାଳା ଅପରାଧ-ଖଣ୍ଡନେ
ନମି ଦେବେ, ଝୀତ ଅନ୍ତରେ ଦେବଗଣେ ଗୃହିଲେ ;
ଅନ୍ୟତ୍ର ଗମନେ ସଂମତି ତହୁଁ ଦେଲେ ଅମରେ । ୧୧
ଶିବିକା-ଅଧରେ ଥିଲେ ଯେ ଯାନବାହୀ ମାନବେ
ଭଇମୀ-ବିରାଗ ସେତହୁଁ ନ ଜାଣିଲେ ସ୍ୱଭାବେ ;
ଅସନ୍ନ-ନାୟକ-ବିଷଣ୍ଣ-ମୁଖ ଦେଖି ପୁରତେ ,
ଫଳରେ ବୈଦର୍ଭୀ-ବିରାଗ ବୁଝିଗଲେ ତୁରିତେ । ୧୨
ଋଷିଗଣେ ଜନ ଋଷଣ ନ ହୋଇବ ବିଚାରି ,
ବୈଦର୍ଭୀ-ବକ୍ତ୍ରରୁ ନିଃସୃତ ସେତୁ କଂଠରେ ରଖି ,
ଗନ୍ଧର୍ବ-ସଂସଦେ ଭଇମୀ-ସ୍ୱର-ଗନ୍ଧ-ମାତର
ନ ଥିବାରୁ, ଯାନ-ବାହକେ ହେଲେ ବିମୁଖେ ହର ।
ବିଫଳେ ସଞ୍ଚିତ୍ର ସଂପତ୍ତି, ଯକ୍ଷେ ଦାନେ ନ ଦେଇ ,
ତେଣୁ ଲାଜେ ସେତୁ ସମ୍ମୁଖେ ନ ପାରିଲେ ଦେଖାଇ ;
ବିଦିତ ତାଙ୍କର ସାକ୍ଷାତେ ସୁରଶାଖୀ-ବନିତା ,
ଭୈମୀ ଅବତୀର୍ଣ୍ଣ ଭୂତଳେ ଯେସନେ କଳପଲତା । ୧୪

GPNanda Colln., Digitized by srujanika@gmail.com

ମଞ୍ଜିଷ୍ଠା-ବରଣେ ସୁନ୍ଦର ପାଦ ଓଷ୍ଠ ଯାହାର ,
ତହୁଁ ହେବେ ତେଜ, ବାହକେ ନେଲେ ବାସୁକି-ପୁତ୍ର ,
ନିଖିଳ-ସଲିଳ-ପ୍ରବାହକୁ ଯଥା ନବ ଅମ୍ବୁଦେ
ଗୃହୁ ହଂସାବଳି ନିଅନ୍ତି ବେଗେ ମାନସ ହ୍ରଦେ । ୧୫
ନବଇନ୍ଦୁଖଣ୍ଡ-ସୁନ୍ଦର ଯେଉଁ ଭଇମୀ-ଭାଲ ,
ସଦା ପ୍ରଗଲଭା ଭାରତୀ ତାଙ୍କୁ ଭାଷିଲେ ଗିର ;
ସର୍ବବ୍ୟାପି-ଦେବୀ, ଯାହାଙ୍କ ପରିଣତ ଭୂତଳେ
ଅଖିଳ-ବାଙ୍ମୟ-ବସ୍ତୁର ବୋଲି ଖ୍ୟାତ ମନରେ । ୧୬
"ସିତକାନ୍ତି ଏହ୍ନ ବାସୁକି ସଦା ସେବନ୍ତି ଶିବେ ,
ଯଜ୍ଞଉପବୀତ-ଦେବୀ ଲଭି ସେ ଦେବଦେବେ ,
ଆଶ୍ଳେଷୁଁ ସେ ଶିବେ ଲଟଇ ଗୌରୀ-କୁଚ-କୁଙ୍କୁମ ,
ତହିଁ ଶୋଣା ଏହ୍ନ ଦିଶନ୍ତି ପଦ୍ମପତ୍ର-ସୁଷମ । ୧୭
ରମଣୀୟ-ମଣି-ସୁନ୍ଦର ଏହ୍ନ ଈଶାନ-ଭୁଜେ
କଙ୍କଣ-ସମାନ ବିରାଜେ, ଫଣା ଟେକି ସତେଜେ ;
ଧନୁ-ଗୁଣ ଜଟା-ବନ୍ଧନ ଯୋଗବସ୍ତ୍ର-ସାଧନେ
ପାରଗ ଏ ଶିବେ, ଭାଜ ଗୋ, ଏହ୍ନ ସର୍ପରାଜନେ । ୧୮
ଶିବ-ଶିର-ଚନ୍ଦ୍ର-ଅମୃତେ ଏବେ, ଆନ ରସନେ
ତବ ଓଷ୍ଠ-ସୁଧା ଆସ୍ୱାଦ, ଏକାବେଳକେ ମନେ
ଉଭୟ ମଧ୍ୟରେ ପ୍ରଭେଦ ବାରି ପାରିବେ ହେଲେ ;
ଦ୍ୱିଜିହ୍ୱ ଏ, ଏଥି ସମ୍ଭବ ଏହା, ନୁହେ ଅପରେ । ୧୯

GPNanda Colln., Digitized by srujanika@gmail.com

ଆଶୀବିଷ-ଫଣେ ଦଂଶିବ ତୋର ରଦନ-ଛଦ ,
ବୃଥା ଭାଳ ଏହା, ସୁନ୍ଦରୀ, ନ ଭଜ ଗୋ ବିଷାଦ ,
ଅଧର ତୁମ୍ଭର ନିର୍ମିତ ଅଟେ ପୀୟୂଷ-ସାରେ ,
ତହୁଁ ପୀଡ଼ା-ଦାନେ ଶକତ ନାହିଁ ତାହାର ଭଲେ ।" ୬୦
ଶେଷ-ହାର-ଫଣା-ନିକର କରି ଅବଲୋକନ,
ଉଦ୍ଧେ ବାଳେ କମ୍ପ ପୁଲକ; ତା'ରେ ସାତ୍ତ୍ୱିକ-ଚିହ୍ନ
ମଣି, ନିଜ ଭୃତ୍ୟେ ଅନନ୍ୟେ ନୃତ୍ୟେ ହୁଅନ୍ତେ ରତ ,
ନିବାରିଲେ ତହୁଁ ବାସୁକି, ନିଜେ ହୋଇ ଲଜ୍ଜିତ । ୬୧
ଦେଖି ଏହା, ନିଜ ବରଣେ ଅନ୍ୟନାଗେ ନିରାଶ
ହୋଇ, କଲେ ନିଜ ଅନାସ୍ଥା, ତେଜି ଦୀର୍ଘ ନିଶ୍ୱାସ ;
ତେଣୁ ଦିନା ଯାନ-ବାହକେ ତହୁଁ ଛିଡ଼ି ଗମନେ
ଫେରିଲେ ପ୍ରତାପ-ପବନ-ଅମଙ୍ଗଳ-ଶକୁନେ । ୬୨
ମ୍ଳାନେ ମଉଳିଲା ଉରଗପତି-ଫଣାମଣ୍ଡଳ ;
ତହୁଁ ଅନ ଭୂପେ ବାହକେ ନେଲେ ସେ ବାଳାବର ;
ନମୀଳିତ-ଦଳ ସରୋଜୁ ସଂଧ୍ୟାକାଳେ ଯେସନେ
କହ୍ଲାରେ ନିଅନ୍ତି ବିକାଶ-ଶିରୀ ଇନ୍ଦୁକିରଣେ ୬୩
"ଅବହିତ ହୁଅ ଖିନ୍ନୁ ଗୋ," ସଂବୋଧିଲେ ଭାରତୀ ;
"ତେଜ ନୃପଗଣ, ବୈଦର୍ଭି-ଅବଲୋକନେ ମତି ;
ଯେତେ ତ ଦେଖିବ ନୟନେ ନାହିଁ ସନ୍ତୋଷ ତା'ର
କୋଟି ସଂବତ୍ସରେ ଦର୍ଶନ-ଇଚ୍ଛା ନୋହିବ ଦୂର । ୬୪

୬୮୯

GPNanda Colln., Digitized by srujanika@gmail.com

ପ୍ରଜାପତି ଶିବ କେଶବେ ଯେଉଁ ମୀନକେତନ
ଶୃଙ୍ଗାର-ମିଶ୍ରିତ ବୈଶିଷ୍ଟ୍ୟ କରିଥିଲେ ପ୍ରଦାନ ,
ପଞ୍ଚଶରେ ପଞ୍ଚଇନ୍ଦ୍ରିୟ ମୋହିପାରେ ଜଗତେ ,
ସେ କାମ ବିସ୍ତାରୁ ତୁମ୍ଭର ମୁଦ ଅନବରତେ । ୧୫
ଶୃଙ୍ଗାର-ସରସ-ଦ୍ୱ୍ୟଣୁକ-କୃଶ-ଉଦରି, କର
ଏହି ଦ୍ୱୀପାଧିପ ସକଳେ ତବ ନେତ୍ର ଗୋଚର ;
ବାଣ ମୋକ୍ଷ କାଳେ ମଦନ-ଉଚ୍ଚାରିତ-ହୁଙ୍କାର
ମନ୍ତ୍ର-ବଳେ ଭଗ୍ନ ହୋଇଛି ଶାନ୍ତିଶକ୍ତି ତାଂକର । ୧୬
ଉନ୍ମୀଳିତ-ପଦ୍ମ-ଦ୍ୱିଜପୃ-ଷମ-ନୟନେ, ବର
ପୁଷ୍କର ଦ୍ୱୀପର ଅଧିପ ଏହି ନୃପଶେଖର ;
'ସବନ' ସଙ୍ଗତେ ମଧୁର-ଜଳ-ସାଗରେ ମିଳି ,
ମନୋହର ହେଉ ତୁମ୍ଭର ବାରି-ବିହାର-କେଳି । ୧୭
ବିସ୍ମୟଜନକ-ଅବର୍ଣ୍ଣି-ନଭ-ନାଭି ସୁନ୍ଦରି ,
ଏହାଙ୍କର ଦେଶ ସ୍ୱଭାବେ ଭୂମି ସ୍ୱରଗ-ସରି ;
ତାଙ୍କ ସଙ୍ଗେ ସ୍ୱର୍ଗ-ରାଜନ-ସୁଖ କରି ଅର୍ଜନ ,
ତାଙ୍କ ଘରେ ଶଚୀ-ବିଳାସ କର ପରିଗ୍ରହଣ । ୧୮
ତୁଷାର-ଶୀତଳ ନ୍ୟଗ୍ରୋଧବର-ଛାୟାରେ ତହିଁ
ଦେବ ସନାତନ ବିରିଞ୍ଚି ବାସ ଅଛନ୍ତି ବିହି ;
ଅନ୍ୟେ ଅସମ୍ଭବ ସ୍ୱଶିଳ୍ପ ତୋରେ କରି ବିଲୋକ ,
ସର୍ବକାନ୍ତିପଣେ ଜାଣନ୍ତୁ ନିଜ ହସ୍ତର ଟେକ । ୧୯

GPNanda Colln., Digitized by srujanika@gmail.com

ଓହଳ ଲମ୍ବାଇ ସେ ତରୁ ଧରେ ଅପଣା ଭାର ,
ଗହଳେ ପଲ୍ଲବେ ନ ପଶି ପାରେ ଖରା ଅସାର ;
ପକ୍ୱଫଳ ନୀଳ ପଲ୍ଲବେ ସର୍ବଦ୍ୱୀପ ଆବରି ,
ଶିଖିପିଚ୍ଛ–ଛତ୍ର–ପରି ସେ, ଦେଖିବୁ ଗୋ ସୁନ୍ଦରି । ୩୦
ପ୍ରିୟତମା ତା'ର ଏକଇ, ରାଜହଂସ 'ସବନ' ;
ନ କରିବ ଶ୍ୱେତ କିପାଇଁ ବିଚରି ଏ ଭୁବନ ?
ଅଦ୍ୱୟ ବିଶଦ-ପଣ ଟି ପୁଣି, ନ କରେ ଯାହା
କ୍ଷୀର–ନୀର-ଭେଦ ଜଗତେ, ଏକା ବିଚକ୍ଷ ଏହା !" ୩୧
ହେଲେହେଁ ସେ ଶୂର ପଣ୍ଡିତଗଣେ ପ୍ରଥମାଚିତ ,
ଶୃଙ୍ଗାର–ବିଳାସେ ମଧୁର, କଳା–ଆକରବତ ,
ନଳ–ଅଭିଧେୟେ ସେ ନାମ ଯେଣୁ ନୁହେ କୋମଳ,
ବୈଦର୍ଭୀ ଦେଖିଲେ ସେ ନୃପେ ଏହ ଦୋଷ କେବଳ ।
ବିକୁଂଚିତ–ଭ୍ରୂ-ଭଙ୍ଗିତେ ତହୁଁ ସେହି ବିଦୁଷୀ
ନିଜ ଅନାଦର–ସୂଚକ–ସଞ୍ଜ୍ଞା ଦେଲେ ପ୍ରକାଶି ,
ତାହାଙ୍କ ଅଙ୍ଗରେ ବଢିଲା ନୃପ-ତାପ-ଅନଳ ,
ମଳନତା-ଛବି ସୂଚିଲା ତା'ର ଧର୍ମ ପ୍ରବଳ । ୩୩
'ଇନ୍ଦୁମୁଖୀ ଅନ-ନୃପତି-ଅଭିଳାଷିଣୀ' ଜ୍ଞାନେ
ହୃଦୟ ବୁଝିଲା ପରାଏ ନେଲେ ବାହକମାନେ ,
ସ୍ୱାମୀ-ଅଜ୍ଞା–ଅନପେକ୍ଷକ ଭବ୍ୟ ଭୃତ୍ୟ ସକଳେ
ନ ରହେ ସ୍ୱାମୀଙ୍କ ଆଦେଶ-ଅବସରଟି ତଳେ । ୩୪

GPNanda Colln., Digitized by srujanika@gmail.com

ପୁଣି ସଂବୋଧିଲେ ଭାରତୀ ଅନ୍ୟ ନୃପ ଦେଖାଇ ,
ଦର୍ଶନୀୟପଣେ ଅନ୍ୟଙ୍କ-ଯୁଚ୍ଚେ ଯାଉନ୍ତି ଯହିଁ ;
"ଦୃଠାଅ ଗୋ ଭୈମି, ତୁମ୍ଭର ଲଜ୍ଜାନତ ବଦନ ,
କୁଳ-ଶୀଳ-ଶାଳୀ ଏ ନୃପେ କର ଅବଲୋକନ । ୩୫
ଏହାଙ୍କ ପୁରତେ ଗାଆନ୍ତି ବନ୍ଦୀ ଶ୍ରମ-ବିହୀନ ;
ସେ ବାକ୍ୟ-ବିଳାସେ ଆକାଶେ ଅଉ ନାହିଁତ ସ୍ଥାନ ;
ମୋ ବାକ୍ୟେ ତ ଅଉ ନାହିଁ ଗୋ ଅବକାଶ ସୁନ୍ଦରି ,
ନାହିଁ ପ୍ରୟୋଜନ ସେ ବାକ୍ୟେ ପୁନରୁକ୍ତି ଅତଇ । ୩୬
ଏହୁ ଶାକ-ଦ୍ୱୀପ-ରାଜନ, ଦ୍ୟୁତ୍ୟ ନାମେ ବିଦିତ ,
ତାଙ୍କ ବାହୁ-ବଳ ମାଗଧ-ଗିରେ ହୋଇଛି ଗୀତ ;
ସେ ବଚନ ପୁଣି ସୁଧା ଗୋ ଉବେ ପୃଥ୍ୱୀମଣ୍ଡଳେ ;
ନ ହୁଏ କି ଏହୁ ରାଜନେ ଅନୁରାଗ ଅନ୍ତରେ । ୩୭
ଶୁକ୍ର-ପକ୍ଷ ପେମ ବରଣେ ପତ୍ର-ମାଳିକା ଧରି ,
ତହିଁ ତବ ଚିତ୍ତ ହରିବ, ଶାକବୃକ୍ଷ ସୁନ୍ଦରି ;
ସେହି ତରୁ-ପତ୍ର-ଚଳାସେ ଦଶେ ଦିଶି ହରିତ ,
ହରିତ ନାମରେ ଜଗତେ ପରା ହୁଅନ୍ତି ଖ୍ୟାତ ! ୩୮
ପରାଶର-ମୁନି-ପୁରାଣେ ଶୁଣିଥିବୁ, ସୁନ୍ଦରି ,
କେସର ସେ ତରୁ-ପବନ ସ୍ୱର୍ଗ-ମାର୍ଗେ ସଞ୍ଚରି ,
ଦିଏ କି ଅଦ୍ଭୁତ ଆନନ୍ଦ; ସେହି କୁତୁକ-କଳା
ଅନୁଭବ କରି ଆପଣେ, ସତ କରିବୁ ବାଳା । ୩୯

GPNanda Colln., Digitized by srujanika@gmail.com

ବେଲାବନ-ବନ-ସନ୍ତତ-ପ୍ରଭବମେ ଶବଳ
ଚଳ-ଊର୍ମିକୁଳ-ଭଙ୍ଗୀରେ ଶିଖୁ କ୍ଷୀର-ସାଗର ;
ଅମୃତ-ଲୋଚନେ, ସେ ଦ୍ୱୀପେ ତବ କଟାକ୍ଷ-ଛଟା ,
ବଳାସେ ବିଳାସେ ରୁଚିର, ଯହିଁ ପ୍ରକଟେ ଘଟା । ୪୦
ଭୁଜଗ-ଅଧିପ ବିଶାଳ ଏଥି କୁଣ୍ଡଳୀ ଧରି ,
କଲ୍ଲୋଳ-ଚଳନେ ଅଳପେ ବେଳାଭୂମି ଅଦରି ,
ଜୀବନ-ଔଷଧ-ପାଧୃସ-ରସ ପିଅନ୍ତି ମୁଖେ ;
ସେ ଭୁଜଗେ ମଧୁବଇରୀ ଏଥି ବସନ୍ତି ସୁଖେ । ୪୧
ଦେଖି ଏ ସୁନ୍ଦରୀ ଶ୍ରୀହରି, କାଳେ ଭଜିବେ ତା'ରେ !
ଏ ଭୟେ କମଳା ଦୟିତ-ପାଦ ମର୍ଦ୍ଦନ କରେ ,
ସେ ପାଦ-କମଳେ ଅଂଗୁଳି ଗୁଳ ଦବସ ନଶି ,
ନଦ ଲାଗିଯାଉ କପରି ? ବୋଲି ଭାଳନ୍ତି ବସି । ୪୨
ସେହି ଶାକ-ଦ୍ୱୀପେ ଉଦୟଗିରି-ଶିଳା-ଫଳକେ
ଦୁଅନ୍ତି କୃତିମ ବୈଦିକ, ଏହି ଦୁଇ ପ୍ରକାରେ ;
ବାଳାତପେ, ପୁଣି ଲକ୍ଷ୍ୟାରେ, ଲୀଳା-ବିହାର-ଶ୍ରମେ
ସ୍ୱେଦେ ପାଦାଂଗୁଳ ଭେଦବ ଯାହା ତବ ଚରଣେ । ୪୩
ଉଦୟ-ଅଚଳ-ଶିଖରେ ତହିଁ ତବ ସୁନ୍ଦରି ,
କୁଂକୁମ-ଲେପନେ ସୁନ୍ଦର ଦେଖି ବଦନ-ଶିରୀ ,
ଯୁବହୃଦ ମୁଦେ ପୂରିବ, ଶଙ୍କା ଉଠିବ ମନେ ,
କ୍ଷଣଧର ନକ ଏକାଳେ ଉଠୁଅଛି ଗଗନେ ! ୪୪

GPNanda Colln., Digitized by srujanika@gmail.com

ନବରିଲେ, ତବ ବରଂହେ ମଣି ପାବକ ପରି ,
ନିଜ ଦ୍ରବ୍ୟ ନାମ ସାର୍ଥକ କରିବେ ଗୋ ସୁନ୍ଦରି ,
ଯେବେ ଅଙ୍ଗୀକାର କରିବୁ, ପୁତ୍ର ପଉତ୍ର ଲଭୁ ,
ଆନନ୍ଦେ ରହନ୍ତୁ ଏ ନୃପ, ତୋ'ରେ ପାଇ ବଲ୍ଲଭି ।" ୪୫
ଲକ୍ଷ୍ମୀ-ରୂପ-ଲତା-ଆଶ୍ରୟ ଭୁଜ-ଦ୍ରୁମ ସୁନ୍ଦର ,
ବାଣୀ-ଅମୃତଜ ହେଲେହେଁ ଶ୍ରୀରୁ ମୁଖ-କମଳ ,
ଦେଖିଲେ ଭଇମୀ ସେ ନୃପେ ଏକମାତ୍ର ଦୂଷଣ ,
ନୋହିଥିଲେ ଯେଣୁ ସେଠାରେ ଅର୍ଥୀ ପାକଶାସନ । ୪୬
କମଳା-ବିଳାସ-ବସନ୍ତ ମୁଖ୍ୟ ସୁମନ୍ତୁ ଯଥା ,
ଗନ୍ଧବହ ନବ ସୁରଭି, ଯାନ-ବାହକେ ତଥା ;
ସ୍ଥାନାନ୍ତରେ ନେଲେ ସେ ରାଜ-ପାର୍ଶ୍ୱୁ ସେ ବାଲେ ପୁଣି ,
ଗୁଣଯଶେ ଯାର ପ୍ରସିଦ୍ଧି ଥିଲା ଜଗତ ଜାଣି । ୪୭
ନିଖିଳ-ବାଙ୍ମୟ-ଦେବତା ତାଙ୍କୁ ପୁଣି ଭାଷିଲେ ,
ହେମୋପମ-ତନୁ-ବରଣୀ ସେହି ଯୁବତିବରେ :—
" କୁରୁବନ୍ଦ-ଦନ୍ତ୍ର, ମନେ ତୁ ଏହି ଭୂମିପେ କର ,
ଦଳିଛନ୍ତି ଭୂନେ ବଇରୀ ଏନ୍ତୁ ଅନେକ ବାର । ୪୮
ଦେଖ କୌଞ୍ଚଦ୍ୱୀପ-ଦୃପ୍ତିତ ଦ୍ୟୁତିମନ୍ତ ନରେଶେ ,
ସୁନ୍ଦରି, ଚଞ୍ଚଳ-ନୟନ-ଅଞ୍ଚଳର ବିଳାସେ ,
ତାଙ୍କ ରାଜ୍ୟ ଘେରି ବର୍ତ୍ତୁଳ ପାଣ୍ଡୁ-ବର୍ଣ୍ଣ-ଭାସ୍ୱର
ରାଜେ ଦଧିମଣ୍ଡ-ରଚିତ ପୂର୍ଣ୍ଣ ପୟୋଧି-ପୂର । ୪୯

GPNanda Colln., Digitized by srujanika@gmail.com

ବିହାରେ ଭୃମୁର ଚରଣେ ଗୃହିଁ ବସିଛୁ ତହିଁ
କ୍ରୌଞ୍ଚଗିରି; ଭୃମୁ ଶୁଣ ଗୋ, ସୁଖେ ଗାଅନ୍ତୁ ଯହିଁ
ହଂସାବଳ କଳ ନନାଦେ; ପ୍ରତିଧ୍ୱନରେ ତାହା
ସ୍ତନ ଶତ୍ରୁଘାତ ବବରେ ଗାଏ ସେ ଗିରି-ନାହା । ୫୦
କୁଶ-ପତ୍ରେ ମାତ୍ର ପୂଜନେ ବଇଦର୍ଭି, ଯାଙ୍କର ,
ପୁନରପି ମାତା-ଗରଭେ ଜନ୍ମ ନୁହେ ନରର ,
ପୂଜା କର ତହିଁ ସୁନ୍ଦରି, ସେହି ମୃଗାଙ୍କ-ଶିରେ ,
ସେ ଦେବ-ପୂଜକଙ୍କ କେବଳ ଜନମନ୍ତ୍ର ସେଠାରେଁ । ୫୧
ମିହିର-ଶେଖର-ଉଦୟ-ଗିରି-ଶିଖ-ତପ୍ପର ,
ତରଳ ହାଟକେ ଗଂଜିତ, ଅଟ୍ଟାଳିକା ସକଳ ,
ପ୍ରତି ଅଟ୍ଟାଳିକା-ଶିଖରେ ସୁନା-କଳସ ଥୋଇ ;
କର ତହିଁ ବାଳ-ସୁଧାଂଶୁ-ଭ୍ରମେ ପୂଜିବା ପାଇଁ । ୫୨
ଦଧି-ମହୋଦଧି-ପ୍ରବାହ-ଲୋଳ-ତରଙ୍ଗ-ଛଟାଳ
ଚାମର-ମରୁତ, ତରୁଣି, ପଶି ଗବାକ୍ଷଜାଳେ ,
ଶ୍ରେରପରି ଶ୍ରେୟ ହରିବ ସୁର-କେଳି-ସମ୍ଭବ
ଘର୍ମ-ଜଳବିନ୍ଦୁ-ରୂପକ ମୁକ୍ତା-ପଟଳ ତବ । ୫୩
ନବ ନବ ତାଙ୍କ କୀରତ ହଂସ-ବେଶ-ଧାରଣେ
ପଲ୍ଲବ-ଚରଣ-ଘାତରେ ପୁଣି ଦୂର ଗମନେ ,
ଲଂଘି ନାନା ଗିରି, ସମୁଦ୍ର ବିନା ଶ୍ରମେ ଗମନ
କରିବାକୁ, ସଙ୍ଗ କନ୍ଧୁରେ କରେ ଅଭ୍ୟାସ ପୁଣ ।" ୫୪

GPNanda Colln., Digitized by srujanika@gmail.com

ଗୁଣରାଶି ତହିଁ ଥିଲେହେଁ ଗଣନାରୁ ଅତୀତ ,
ନ ଭଜିଲା ପ୍ରୀତି ସେ ନୃପେ ସେହୁ କୃଶାଙ୍ଗୀ-ଚିତ୍ତ ;
କଲେହେଁ ପ୍ରୟାସେ ପୁରୁଷକାର ଅତି ପୁଷ୍କଳ,
ଦୈବ ପ୍ରତିବନ୍ଧ ହୋଇଲେ ତହିଁ ନହୁଏ ଫଳ । ୫୫
ଅଂସେ ଅବତଂସେ ଶିବିକା-ଅଂଶଧରୀ ପୁରୁଷେ
ନେଲେ ତହୁଁ ବାଳା-ରତନେ ଆନ ନୃପତି-ପାଶେ ;
ତହିଁକରୁ ହିମମୟୂଖ-ରେଖା ଦେବ-କିଂକରେ
ନଅନ୍ତି ଯେସନ ସକଳେ ମହେଶ୍ୱର-ଶିଖରେ । ୫୬
ତେଜି ଏକ୍କେ ଏକେ ସୁଗୁଣ ଦୋଷହୀନ ରାଜନ ,
ଅନ ପାଶେ ଯାଇ ତାହାଙ୍କୁ ପୁଣି କରୁଁ ବର୍ଜନ ,
ଲୋକବନ୍ଦ୍ୟ-ପାଦ-ପଙ୍କଜ ଭାରତୀ ସେ ଭାଷିଲେ ,
ବିଷ୍ଣୁହୃଦ-ଦ୍ୟୁତି-କମଳା-ସମ ସେ ବାଳାବରେ । ୫୭
"କୁଶେ ଯାହା ତନୁ ଲକ୍ଷିତ ସେହୁ ଦ୍ୱୀପ ଈଶ୍ୱର ,
କୁଶେଶୟ-କର ସୁନ୍ଦରି, ଯେବେ ବାଞ୍ଛିତ ତୋର ,
ଏହୁ ଜ୍ୟୋତିଷ୍ମନ୍ତ ସଙ୍ଗତେ, ସୁଧା-ସାଗର-ତୀରେ ,
ହୃଦୟ-ବିନୋଦ କର ଗୋ, ଘନ କାନନ-ମାଳେ । ୫୮
ସମୀର-ଲହରେ କଂପିତ-ଦଳ-ଖଣ୍ଡଗେ ହେଉ
ଅଭ୍ର, ତହୁଁ ଲଭି ଗଳିତ ଜଳେ ସେଚନ-ବିଧି ,
କୁଶ-ସ୍ତମ୍ବ ତହିଁ ଅମ୍ବର-ଚୁମ୍ବି-ଚୂଡେ ବିରାଜେ ;
ଦେଖିବୁ ଅବରେ ବିସ୍ମୟ ଭଜି ବାଳା ସହଜେ । ୫୯

GPNanda Colln., Digitized by srujanika@gmail.com

ସମୁଦ୍ର-ମନ୍ଥନ-ସମୟେ ଯହିଁ ଉଠି କମଳା ,
ଚରଣ-ପଙ୍କଜେ ପବିତ୍ର କଲେ ସକଳ ଶିଳା ,
ଚନ୍ଦ୍ରମୁଖି, ସେହୁ ମନ୍ଦରଗିରି-କନ୍ଦରମାଳେ
ପତି ସଂଗେ ନାନା ବିଳାସେ ଲଭ ସୁଖ ବିହାରେ । ୬୦
କନକ-କେତକୀ-ଗଉର-ଗାତ୍ରି, ସେହି ଅଚଳେ
ଶେଷ-ଦେବ ଶତ ବେଷ୍ଟନ ଘରଷଣରୁ ଫଳେ ,
ବେଷ୍ଟନ-ଛଟାରେ ପାଷାଣେ ରଚେ ପଥ ରୁଚିର ;
ତବ ଅବରୋହଣେ ସଜ୍ଜିତ ହୃରୁ ସୋପାନ-ତୁଲ । ୬୧
ବାସୁକି-ଘର୍ଷଣ-ରେଖାରେ ଝର ଧବଳ ଝର ,
ଧଶଇ ଯେ ଗିରି ମନ୍ଥନ-ଦଣ୍ଡ ପ୍ରାୟେ ରୁଚିର ;
ହୃପନ୍ତେ ବାସୁକି ମସ୍ତକ, ଶେଷ ଅଙ୍ଗେ ସେ ଅଦ୍ରି
ଗୁଡାଇଛନ୍ତି ନିଜ ପର୍ବତେ, ଭ୍ରମେ ମଣିରୁ ଭୁହ୍ର । ୬୨
ଐରାବତ-କୁମ୍ଭ-ଯୁଗଳ, ସୁକୁମାରି, ତୋ ସ୍ତନେ ,
ତବ ପାଣି ଦ୍ୱୟେ କଳ୍ପ-ଦ୍ରୁମ-ପଲ୍ଲବ-ଗଣେ ,
ଦେଖି ତବ ମୁଖ, [illegible] ଯେ ହେଲେ ମଗ୍ନ ସାଗର ,
ସେହି ସୁଧାକରେ ସ୍ମରଣ କରୁ ଗିରି ମନ୍ଦର ।” ୬୩
ଲୋକେ ବେଦ-ବାକ୍ୟ ଗାଆନ୍ତି ଯାହା କୀର୍ତ୍ତି ରତନ ,
ହେତୁ ବିନା ଯେହୁ କରନ୍ତି ପର ଅର୍ଥେ ଯତନ ,
ଅମୃତାଂଶୁମାଳୀ ମହେଶେ ପୂର୍ବ ମୀମାଂସା ପରି ,
ସେ ନୃପେ ନକଲେ ମାନସ ଦମୟନ୍ତୀ ସୁନ୍ଦରୀ । ୬୪

GPNanda Colln., Digitized by srujanika@gmail.com

ନାହିଁ ଭାବେ ଶ୍ଳ ଚରଣ ଚଳବାକୁ ଶୁଚିସ୍ମି
ବୁଝି ଭୈମୀଙ୍କର, ବାହକେ ନେଲେ ତହୁଁ ସୁନ୍ଦରୀ ?
ଅନ୍ୟ ନୃପପାଶେ; ଯାଚକ ଯତ୍ନ୍ତା କରି ନିର୍ଦ୍ଧନେ ,
ତହୁ ଫେର ଯଥା ଯାଆନ୍ତି ପୁଣି ଧନାଢ୍ୟ ଜନେ । ୬୫
ଚତୁର୍ଦ୍ଦିକ-ବାସ-ପାବିନୀ ବାକ୍ୟ-ଦେବତା ପୁଣି
ଗରିମା-ମଣ୍ଡିତ ସେ ବାଳେ ଆରମ୍ଭିଲେ ବଖାଣି ,
“ଏହି ନୃପ-କର-କୃପାଣ ଶତ୍ରୁ-ନାଶେ ନିର୍ଦ୍ଦୟ ,
ଭଜ ପାଣିଗ୍ରହେ ଏହାଙ୍କ ଭୁଙ୍ଗ ଗୁଣନିଚୟ । ୬୬
ସୁରା ପାରାବାରେ ଯେ ଭୂମି ହୋଇଅଛି ବେଷ୍ଟିତ ,
ଖ୍ୟାତ ସେ ଶାଳ୍ମଳ ଦ୍ୱୀପର ଏହୁ ଅଟନ୍ତି ନାଥ ;
ନୃହେ କି ବିସ୍ମୟ ଗୁଣାବ୍ଧି-ବପୁଷ୍ମନ୍ତ ରାଜନେ ?
ତିଳ-ଫୁଲ-ନାସା-ସୁନ୍ଦରି, ନୋହୁ ରକ୍ତ କି ମନେ ? ୬୭
ଅଗସ୍ତ୍ୟ ଶୋଷନ୍ତେ ଷୀରାବ୍ଧି, ଉଦ୍ୟେ ପଞ୍ଚ ସାଗର
ରହିଲେ; ଏହୁରି ସମୁଦ୍ର ଥିଲା ନିର୍ଭୟ ସ୍ଥିର ;
ତହିଁ ନୃପକୂଳେ, ସଜନୀ ଗଣି ସଙ୍ଗତେ ମିଳି ,
କର ଗୋ ସୁନ୍ଦରୀ, ମଧୁର ମଧୁପାନର କେଳି । ୬୮
ଅଉଷଧି-ତେଜେ ସେ ଦ୍ୱୀପ ଦୀପ ପରାଏ ଝଳି ,
ଚୂଡା-ଚୂମ୍ବି-ମେଘେ-କଜ୍ଜଳ-କାନ୍ତ ସେ ‘ଦ୍ରୋଣ ଗିରି’
ଯୋଗାଇବ ତୋରେ ଭେଷଜ ପତି-ବଶୀକରଣେ ,
ଭାଗ୍ୟଲଭ୍ୟ ତୋର ସୌଭାଗ୍ୟ ହେବ ସେ ଉପାୟନେ । ୬୯

GPNanda Colln., Digitized by srujanika@gmail.com

ସେହି ଦ୍ୱୀପ-ଚିହ୍ନ-ଶାଲ୍ମଳୀ-ବୃକ୍ଷ-ତୂଳାନିକରେ
କ୍ଷୌଣୀତଳେ ହୋଇ ବିସ୍ତୃତ ତହିଁ ବାୟୁ-ଲହରେ
ନବପଦ୍ମ-କୋଷ-କୋମଳେ, ତବ ଲୀଳା-ବିହାରେ
କୋମଳ-ଚରଣ-କ୍ଷେପଣ-ଯୋଗ୍ୟ ହୋଇବ ଭଲେ ।" ୭୦
ସେ ଗୁଣ-ଶ୍ରବଣ-ସମୟେ ନେତ୍ର-ଅଞ୍ଚଳ ଚଳ ,
ସଂକୋଚ ସୂଚିଲେ ଅନିଚ୍ଛା ନୃପେ ରାଜକୁମାରୀ ;
ଭାବ ବୁଝି ତହୁଁ କରମ କଲେ ବାହକଜନେ ,
ସେ ରାଜନ ପାର୍ଶ୍ୱ ନେଲେ ସେ ବାଲେ ଅନରାଜନେ । ୭୧
ଭାଷିଲେ ଭାରତୀ ତାହାଙ୍କୁ ପୁଣି, "ଏହି ରାଜନ ,
କୁଂକୁମ-କପଟେ ଜନତା-ଅନୁରାଗ-ଲକ୍ଷଣ ,
ଚନ୍ଦନ-ଲେପନେ ଦିଗ୍‌ଜୟ-କୀର୍ତ୍ତିରାଜି ବାହୁରେ
ଧରନ୍ତି, ଏ ନୃପେ ସ୍ୱଚିତ୍ତ ଏବେ କର ଗୋ ବାଲେ । ୭୨
ପାଳନ୍ତି ଗଜେନ୍ଦ୍ର-ଗମନେ, ଏହି ନୃପତିବର ,
ପ୍ଲକ୍ଷ-ଚିହ୍ନେ ଉପଲକ୍ଷିତ ପ୍ଲକ୍ଷ-ଦ୍ୱୀପ ବିଶାଳ ,
ଏହି 'ମେଧାତିଥି' ଉରସେ ସୁଖେ କର ବିହାର ,
ସାକ୍ଷାତେ କମଳା ପରିଏ ବକ୍ଷେ କେଶବଙ୍କର । ୭୩
ଯେଉଁ ପ୍ଲକ୍ଷ-ତରୁ-ଶାଖାରେ ରଚି ଦୋଳାର ଖେଳ ,
ମାତି ହବା ରାତି ଜନତା-ଅନୁରାଗେ-ବିହ୍ୱଳ ,
ମହୀ-ଅଧିପତି ପରିଏ ସେହି ପ୍ଲକ୍ଷ-ଦର୍ଶନେ
ମାନସ ଭ୍ରମର ହୋଇବ ତହିଁ କ୍ରୀଡା-ରଚନେ । ୭୪

GPNanda Colln., Digitized by srujanika@gmail.com

ଘୂରିଥିଲେ ସେହି ଦ୍ୱୀପର ରାଜେ ପରିଧି ପରି ,
ସରସ ସୁରସ ସାଗର ଇକ୍ଷୁରସରେ ଭରି ;
ଚଞ୍ଚଳ-ଚକୋର-ଚଂଚଳ-ନେତ୍ରେ, ତବ ମଧୁର
ଓଷ୍ଠ ପିଇ, ନୃପ ତେଜିବେ ସେ ସୁଧାରେ ଅଦର । ୭୫
ତହିଁ ଚନ୍ଦ୍ର ବିନେ ଇତର ଦେବ ଯେହ୍ନୁ ନ ଜାଣେ ,
ସୂର୍ଯ୍ୟ ବିନା ସୌର ପର୍ବ୍ବ, ନ ଇଚ୍ଛଇ ଭୋଜନେ ;
ନ ଦେଖିଲେ ଚନ୍ଦ୍ର, ନିରେଖି ତବ ଚନ୍ଦ୍ର-ବଦନ ,
ବ୍ରତ-ଲୋପ ତା'ର ନୋହିବ ଦର୍ଶେ କଲେ ଭୋଜନ ।।
ବିପାଶା-ସ୍ପର୍ଶିତ ପ୍ରାବୃଟେ ଏଥି ନୃପେ ଉଦ୍ଧତ ;
ବର୍ଷ ଧାରା ତହିଁ ରାଜେ ଗୋ ନବ ଜଳଜ-ଜାତ ;
ନେତ୍ର-ନୀରଜିନୀ ତୋହର ହେଉ ସେହି କମଳେ ;
ମହିତ ଏ ନୃପେ ପୀରତି ଥିଲେ ଭଜ ଗୋ ବାଳେ । ୭୭
ଦୁଗ୍ଧ ହୋଇଅଛି ନିଖିଳ ଜଳ ଏହାଙ୍କ ଯଶେ ,
ପ୍ରଭେଦ ନ ବୁଝି ମୁଗଧ ତହିଁ ହୁଅନ୍ତି ହଂସେ ;
କ୍ଷୀରେ ନୀରେ ପଦ୍ମ ଶବଦ ଯାହା କୋଷରେ ଜଣା ,
ଦ୍ୱିବିଧ ସେ ଅର୍ଥ ମିଥ୍ୟାରେ ଏବେ ହୋଇବ ଗଣା । ୭୮
କି କହିବି ତାଙ୍କ ମହିମା ? ନଳେ ସ୍ପର୍ଦ୍ଧା ତାଙ୍କର ;
ଅଦଶନ୍ତି ଦୁର୍ଦ୍ଦେ, କୀରଢ କରୁ ବଳ ପ୍ରଚ୍ଛର ,
ନିଜ ଦ୍ୱୀପ-ସୀମା-ସାଗର-ପାରେ ବେଳା-ଲଙ୍ଘନେ ,
ଯୁଗପତ ପର-ଖଣ୍ଡନେ ଅକ୍ରମଣ-ବିଧାନେ' ।" ୭୯

GPNanda Colln., Digitized by srujanika@gmail.com

ଦେଖିଲେହେଁ ସେ ନୃପ ଯୁବକ ରୂପେ ତ୍ରିଲୋକ-ମୋହୀ ,
ଅମ୍ଭୋଜ-ଗରଭ-ବରଣୀ ଭୀମ-ତନୟା ତହିଁ
ଅନାଇଲେ ମାତ୍ର ବୈରାଗ୍ୟ-ରୁକ୍ଷ ନୟନେ ଥରେ ,
ପୁରନ୍ଦର-ରିପୁ ଯେସନ ପୁଷ୍ପଚାପେ ସେ କାଳେ । ୮୦
ବାହକେ ସମାନ ବିମାନ-ଦଣ୍ଡ କାନ୍ଧରେ ଧରି ,
ତବେ ଏକ ମାତ୍ର ପ୍ରଦୀପ ସମ ସେ ଜ୍ୱଳବାଳୀ
ନେଲେ ଅନ୍ୟ ଭୂପେ, ଯେସନ କଇରବ-ଅଂଗୁଳରେ
ଶୁକ୍ଳପକ୍ଷେ ସୂର୍ଯ୍ୟ ନିଅନ୍ତି ଚନ୍ଦ୍ରଲେଖା-ନିକରେ । ୮୧
ଏତେ ଭୂମିପାଳେ ଈଷତେ ଦେଲେ ଚିତ୍ତ-ପ୍ରଦାନ
ନ କରନ୍ତେ, ବାଣୀ-ଦେବତା ହୋଇ ଚିନ୍ତ୍ୟ-ମଗ୍ନ ,
ମଧୁର ବଚନେ ଭାଷିଲେ ମୃଗ-ନୟନା ଚାହିଁ ,
ହାତ-ବୀଣାସ୍ୱର ସେ ସ୍ୱରେ ତୃଣ-ସମ ନୁହଇ । ୮୨
" ଯେଉଁ ଜମ୍ବୁଦ୍ୱୀପ-ମଣ୍ଡଳ-ରତ୍ନ ଅଟୁ ସୁନ୍ଦରି ,
ଉଦର୍ଥ-ମିଳିତ-ଯୁବକେ ଧରେ ଯେହ୍ନୁ ଏ ଶିରୀ ,
ଶିବ-ଭୟ-ଜାତ-ପ୍ରକଂପେ ଦୋଳ ଦୋଳ ତରମେ ,
ଛୁଡ଼ି କି ଅକାଶୁ କନ୍ଦର୍ପ-ଲୋକ ପଡ଼ିଛି ଭୂମେ । ୮୩
ପରିଜନ-ସମ ଦ୍ୱୀପାଳ ଯେଉଁ ଅଛନ୍ତି ଯା'ରେ ,
ସ୍ୱର୍ଣ୍ଣ-ଦଣ୍ଡମୟ ଆପତ-ତ୍ରାଣ ମେରୁ ଯା' ଶିରେ ,
କଇଲାସ-ରଶ୍ମି-ଚାମର-ଚକ୍ର-ଚିହ୍ନେ ଶୋଭନ ,
ରାଜେ ଜମ୍ବୁଦ୍ୱୀପ ଯେସନ ସର୍ବଦ୍ୱୀପ-ରାଜନ । ୮୪

GPNanda Colln., Digitized by srujanika@gmail.com

ଜମ୍ବୁଦ୍ୱୀପେ ତରୁ ରାଜର ରାଜ-ଜମ୍ବୁ ନାମରେ ,
ସ୍ଥୂଳ ଶିଳା ସମ, ତଦ୍ବୃଣି, ଦେଖି ଯାହାର ଫଳେ ,
ସିଦ୍ଧ-ବଧୂଗଣ ଦୟିତେ ଭାଷୁଥାନ୍ତି ଏସନ ,
‘ ଅରୋହଣ କଲେ କପରି ତହିଁ ମାତଙ୍ଗଗଣ ?’ ୮୫
କମ୍ବୁକଣ୍ଠି, ତା’ର ସୀମାରେ ବହେ ଜଂବୁ-ତଟିନୀ ,
ଜଂବୁରସ-ଜାତ ଯା’ରସ ପାରେ ଅମୃତେ ଜଣି ,
ତବ କାନ୍ତି ପାଶେ ହାରି ସେ ନଦୀ-ମୃତ୍ତିକା ଏବେ ,
ଜାମ୍ବୁନଦ ବୋଲି ପ୍ରସିଦ୍ଧି ଲଭିଅଛି ଏ ଭବେ । ୮୬
ସହସ୍ର ସହସ୍ର ଜଗତୀ-ପତି ରାଜନ୍ତି ତହିଁ ,
ଅଷ୍ଟେ, ଅଶ୍ରୁ ଯୋଗେ, ବଳକ୍ଷୀ, ତାଙ୍କ ଚହ୍ନି ଉନ୍ମାର ;
ତାଙ୍କ ମଧ୍ୟେ କେତେ ଇତ୍ତୋରୁ , ଚିତ୍ରଗ୍ରାହୀ ଶରୀର ;
କହୁଛି ତାହାଙ୍କ ବିଷୟ, ମୁଦେ ଶ୍ରବଣ କର । ୮୭
ଦମୟନ୍ତି, ତୋର ମନକ ଅଛି ଅବନ୍ତୀ-ନୃପେ ,
ଗୁଣ-ସମୂହର ବିଶ୍ରାମ-ଧାମ ଯେହୁ ସ୍ୱରୂପେ ,
ପ୍ରତ୍ୟର୍ଥି-ଯୁବତି-ସମୂହ-ଅବତଂସ-ତମାଲ-
ତମ-ନାଶେ ଶ୍ରେର ତପନ-ସମ ଶୌର୍ଯ୍ୟ ଯାଙ୍କର । ୮୮
ଯାର ତୀରବନେ ବସନ୍ତି ବିପ୍ର ତପସ୍ୱୀଗଣ ,
ଜଳ-କେଳି-କାଳେ ସେ ସିପ୍ରା କର ଭୂଜେ ବନ୍ଧନ ,
ସଜନୀ-ସ୍ୱରୂପେ ଖଟିବ ତୋରେ ସେହୁ ତଟିନୀ ,
ହାସ୍ୟ-ଅନୁବନ୍ଧେ-ହୃନ୍ଦର-ସରୋରୁହ-ବଦନ । ୮୯

GPNanda Colln., Digitized by srujanika@gmail.com

ସୁଭଗ-ଯୁବତୀ-ସମୂହ-ମୌଳିମାଳା ଭବାନୀ
ତାଙ୍କ ଉଜ୍ଜୟିନୀ ନଗରେ ବାସ କରନ୍ତି ଧନ,
ପତି-ଅର୍ଦ୍ଧମୟ-ଘଟନା ପାଇ ମୃଗାକ୍ଷି, ତହୁଁ
ତାହାଙ୍କର ଶିଷ୍ୟା ହୋଇବୁ, ପରିଚର୍ଯ୍ୟା ବହୁ । ୯୦
ଶିବ-ଶିର-ଚନ୍ଦ୍ର-କ୍ଷରଣ-ସୁଧା-ସେଚନ-ଫଳେ,
ନଶଙ୍କେ ମକରକେତନ ତହିଁ ନତ୍ୟ ଅଙ୍କୁରେ
ମୂର୍ଚ୍ଛିତ-ହୃଦୟେ, ଦେଖିଣ ତାହା, ଭବାନୀପତି
କି ଫଳ ଲଭିଲେ ସଂହାରି କାମେ, କ୍ରୁଦ୍ଧେ ପ୍ରଖର । ୯୧
ଶତ ଅପରାଧ କଲେହେଁ, ଏହି ରାଜନେ ଯହିଁ,
କାମୋନ୍ମାଦେ ବାମା କୁବାକ୍ୟ କହି ପାରନ୍ତି ନାହିଁ;
ଅନଧ୍ୟାୟ-ତିଥି-ସଂକେତେ ଶିବ-ଶିର-ଶୟାନ
ଚନ୍ଦ୍ରଲେଖା ଅସ୍ତ ନ ହୋଇ, କରେ କାମ-ବର୍ଦ୍ଧନ ।"
ଅତି ଅନୁରକ୍ତ ହେଲେହେଁ ସେହି ଅବନୀସାଇଁ,
କୁଣ୍ଡିନ-ଅବନୀ-ମଘବା-ସୁତା ଗୃହିଁଲେ ନାହିଁ;
ଅନ୍ୟ ଅନୁରାଗୁଁ ବରସେ ଗୃହିଁବାର ଦୂଷଣ,
ନ ଗୃହିଁବା ଏକା ଉତ୍ତମ ତହିଁ ସହସ୍ର ଗୁଣ । ୯୩
ଶିବିକାର ତଳେ ବାହକେ ଥାଇ, ଭୈମୀ ଇଂଗିତ
ଜାଣି ନ ପାରିଲେ ସାକ୍ଷାତେ, ଯେବେ ଅବା କିଂଚିତ
ଜାଣିଲେ, ତା' ଭୈମୀ-ଭୂଷଣ-ମଣି-ପ୍ରତିବିମ୍ବନେ
ଭ୍ରୂ-ଭଙ୍ଗୀ ତା'ର ସଂମୁଖସ୍ଥିତ ଭୂପାଳଗଣେ । ୯୪

GPNanda Colln., Digitized by srujanika@gmail.com

ଯାହା କୁଚକୁମ୍ଭ-ଯୁଗଳ ଅଟେ ଗାଙ୍ଗେୟ-ପୀତ ,
ହାରଚୂଡା-ଯୋଗେ ଯାହାଙ୍କ କଳେବର ଭୂଷିତ ,
ରତ୍ନବଂଶ-ଦ୍ୱୀପ ଗଙ୍ଗାଂକୁ ନେଲା ପରି ଭୂତଳେ ,
ଜନ୍ୟଜନେ ସେହି ସ୍ୱନଶୀ ନେଲେ ଆନ ଭୂପାଳେ ।
ବାକ୍ୟଦେବୀ ତହୁଁ ଭଷିଲେ ତାଂକୁ, ଯାହାର ଭ୍ରୂରୁ
ଈଷତେ ନମିତ ମକର-କେତୁ-କୋଦଣ୍ଡ-ଗୁରୁ ;
" ବ୍ରୀଡାଜଡେ, ବନ୍ଧୁ ଯେବେ ଗୋ, କ୍ରୀଡାରସ ମନରେ ,
ଏହି ଗୌଡଦେଶ-ବାସବେ କର ସୂଚନା ଉଲ୍ଲେ । ୯୬
ଶୁଭ୍ର ଯଶ ପାଶେ ଏହାଙ୍କ ବଧୂ-କର୍ଣ୍ଣ-ଜାଲ
ହୋଇଛନ୍ତି ସତେ ଜଗତେ ତୃଣପରି କେବଳ ;
ତେଣୁ ଦିନା ବସେ ସୁଧାବ୍ଧି-ସ୍ଥାନେ ତହିଁ ମଧ୍ୟରେ
ମୃଗୀ, ତୃଣାଙ୍କୁର-ଭୋଜନ-ଅଭିଳାଷ-ବର୍ଦ୍ଧରେ । ୯୭
କମଳକର ସେ ନୃପତି ନବପୟୋଦ ଶରି ,
ସୁମେରୁ-ଶିଖର-ସଦୃଶ ଅଟେ ଶୋଭା ଦୋହରି ,
କାମ-ବେଶ-ଭୂଷା-ଚମ୍ପକ-ମାଲା-ଝଙ୍କ ଭ୍ରମର
ଆଲିଙ୍ଗନେ ଲାଗି ପୁଲକେ ଶୋହୁ ତାଙ୍କ ଶରୀର । ୯୮
ସଂମୁଖେ ନ ଦେଖି ମାତଙ୍ଗଗଣ ଏ ମହାବଳୀ ,
ଅଭିଘାତେ ମୁଣ୍ଡ କାଟନ୍ତେ ମୁକ୍ତା ପଡନ୍ତି ଝଡ଼ି ;
ସତେ ତାଙ୍କ ଭୁଜ-ପ୍ରତାପ ସହି ନ ପାରି ଛଳେ ,
ଶତ୍ରୁ-ନୃପ-ଲକ୍ଷ୍ମୀ-ବଦନୁ ସ୍ୱେଦ-ବିନ୍ଦୁ କି ପଡେ ! ୯୯

GPNanda Colln., Digitized by srujanika@gmail.com

ଜାନୁଯାଏ ମାତ୍ର ଲମ୍ବିତ ଭୁଜ-ଯୁଗଳୁ ତୁଇଁ ,
ଐଶ୍ୱର୍ଯ୍ୟ, ପ୍ରତାପ, ସପତ-ଦ୍ୱୀପ-ସୀମା ଗମଇ ;
ସଦାଶୟେ ଲଭି ପ୍ରସାର ସପ୍ତ-ତନ୍ତୁ-ସଂଭୂତ
ଯଶଃ-ପଟ ବ୍ୟାପେ ଚଉଦ ଭୁବନ, ଏ ବିଚିତ୍ର !" ୧୦୦
ଭୈମୀ-ନେତ୍ର-ଯୁଗେ ଉଦାସ, ମନେ ନିସ୍ପୃହା-ସ୍ଥିତ
ଦେଖି, ନେଲେ ଯାନ-ବାହକେ ଅନ ନୃପତି ପ୍ରତି,
ସୂକ୍ଷ୍ମଜନେ ସିନା ଇଂଗିତ-ପ୍ରକଟନ-ମାତର
ଅଟଇ ବଚନ, କଥନେ ତହିଁ ଦ୍ୱିରୁକ୍ତି ଫଳ । ୧୦୧
ନିପୁଣା କୁମାରୀ ଭୈମୀରେ ପୁଣି ଭାଷିଲେ ବାଣୀ ;
"ସରୋଜ-ମୁଖି ଗୋ, ନୟନେ ଅନଙ୍ଗ ଏ ନୃମଣି ;
ବିକସିତ-ପଦ୍ମ-ବନ୍ଧୁତା—ଶିକ୍ଷାଦାନେ କୁଶଳ
ନୟନେ ତବ ଗୋ ହୁଅନ୍ତୁ ଅଲଙ୍ଗନେ ତତ୍ପର । ୧୦୨
ଏହୁ ଦେଖ '[illegible]ଥୁ' ମନ୍ମଥ ମଥୁରାର ଈଶ୍ୱର ,
ଶତ୍ରୁ-ପୟୋନିଧି-ମନ୍ଥନେ ଯେହ୍ନେ ମନ୍ଦରାଚଳ ,
ଶ୍ମଶ୍ରୁ-ବିରହିତ ବଦନ ଅହ୍ନା କେଡ଼େ ସୁନ୍ଦର ;
ସକଳଙ୍କ ବିଧୁ କଦାପି ନୁହେ ସମାନ ତା'ର । ୧୦୩
ଦେଖ, ବନ୍ଧୁବଧ-ପ୍ରବାଳ-ନିନ୍ଦ-ଅଧର ବାଳେ ,
ଜଗତ-ବିଜୟୀ କାର୍ମୁଣ-ମଣି ଏହାଙ୍କ କରେ ,
ଶ୍ୟାମ ପୂର୍ଣ୍ଣ ଗୁଣ-ବ୍ୟାଘାତ-ଜାତ କିଣ-ଲାଞ୍ଛନେ ,
ସେହ୍ନୁ ଧୂମକେତୁ ସମାନ ରିପୁ-ନୃପତିଗଣେ । ୧୦୪

GPNanda Colln., Digitized by srujanika@gmail.com

ଭୃଙ୍ଗାରଣି-ଜାତ-ବିକ୍ରମ-ବହ୍ନି-ଲକ୍ଷଣ-ଧୂମ—
ସମାନ ଦଶଇ ଶୀତରେ ଗୁଣ-ଅପାତ-ଶଣ ,
ସେହୁ ଶମ୍ଭୁ-ବୃନ୍ଦ-ମଣ୍ଡଳ-ନିବାରଣେ କୁଶଳ ,
ବୈରିନାରୀ-ନେତ୍ର-ସରୋଜ ପୂର୍ଣ୍ଣ ବୁହାଏ ଜଳ । ୧୦୫
କସ୍ତୁରୀ ମଥୁରା-ନାଗରୀ—ଦେହୁଁ ସ୍ଖଳିତ ହୋଇ ,
ମଧ୍ୟଦେଶେ ତହିଁ ଯମୁନା କୃଷ୍ଣତର କରଇ ;
ଭୂମି-ହେମାବନ୍ତ ପଶୁଏ ପୁଣି ମଣିରୁ ତା'ରେ ,
ନାଭି-ରୂପେ ଯାର କାଳୀୟ-ହ୍ରଦ ଶୋଭା ବିସ୍ତାରେ ।
ଗୋବର୍ଦ୍ଧନ-ଗିରି କଳାପିଗଣେ ଭ୍ରମନ୍ତି ତହିଁ ,
ତହୁଁ ଜବାପିତ ତୁରଗେ, ପୃଷ୍ଠେ ସୁରଭି ମଣ୍ଡି ;
ସେହୁ ବୃନ୍ଦାବନେ ନିର୍ଭୟେ ଏହୁ ନୃପତି ଭୁଲେ
କପିଳ-କହ୍ଲାର-କୁସୁମ ସୌରଭ-କର କୁଶଳେ । ୧୦୭
ଯେ ବିଧୁ ଗରଜୁ ତୋ'ମୁଖ ଲାଗି ଯାଉଛି ହାର ,
ତେବେ କାଞ୍ଚନାଭ-କଙ୍କଣ-ଯୋଗେ ତୋ'ଗ୍ରୀବୁକର ,
ନଖ କ୍ଷୋରକ୍ଷତ ହେଲେହେଁ ଜଣାଯିବ ଗୋ ସତ ,
ସୁଖେ ବୃନ୍ଦାବନ-ବଞ୍ଜୁଳ-ପଦମାଳେ, ସୁନ୍ଦରି । ୧୦୮
ସୁରତାନ୍ତ-ମୋଦ-କଣ୍ଠକେ ଭଗ୍ନ ତୋ ସ୍ତନ-ତଟେ ,
ପିପାସୁ, ପଥିକ ସମୀର ଧୀରେ ସଂଚରି କଣ୍ଠେ ,
ବିକ୍ରମେ ନିର୍ଭୟେ କରିବ ପାନ ଶ୍ରମ-ସଳିଳ ,
ମୃଗମଦ—ସ୍ରବେ ସେ ଜଳ ହୋଇଲେହେଁ ପଙ୍କିଳ । ୧୦୯

GPNanda Colln., Digitized by srujanika@gmail.com

ଉପଯୋଗୀ ଦେବ-ପୂଜନେ ଯେଉଁ ପଣ୍ଡିତ-କର ,
ନିର୍ମଳ କମଳ-କାନ୍ତିରେ ଯେହ୍ନ ରାଜେ ରୁଚିର ,
ଏ ରାଜନ-ଦତ୍ତ ସୁବର୍ଣ୍ଣେ ଅଦ୍ୟା ସେ ପୂର୍ଣ୍ଣ ରାଜେ ,
ଷୂଠ—ଧାଜ-କୋଷ, ବିକଚ, ନନ୍ଦ ଶୁଭ୍ର ସରୋଜେ । ୧୧୦
ବିନା ଯତ୍ନେ ଯେଣୁ ଭୁଞ୍ଜନ୍ତି ବୈରି-ଶିରୀ ସକଳ ,
ନୃହନ୍ତ୍ର ତୃପତ ଚର୍ଚ୍ଚିରେ ଏହ୍ନେ ବିଶାଳ ବୀର ;
ତୃପତ ହୁଅନ୍ତୁ ଏବେ ସେ ଲଭି ଝୋ'ଶ୍ରୁ କରେ ,
କାମ-ଶର-ଜାଳ-ନିଃସୃତ ମଧୁ ପିଇ କୁଶଳେ ।" ୧୧୧
ଫେରାଇ ଯେ ନୃପୁଁ ଭଇମୀ ଚତୁର୍ ଗୃନ୍ତୁ ନୟନେ ,
ବରଠକ-କଟମ ଗ୍ରହିଁଲେ ପଥ ଆନ ରାଜନେ ,
ନିଜ ଚେଷ୍ଟା-ବଳେ ସହଜେ ଯାନ-ବାହକଗଣେ
ଲଭିଲେ ସେ ଭାବ-ବୋଧନେ ସାଧୁ-ପଣ୍ଡିତ-ପଣ । ୧୧୨
ଲକ୍ଷ୍ୟ ଆନ ନୃ[illegible]ଏ ଭାରତୀ ସଂବୋଧିଲେ ତା'ପରେ ,
ଚକିତ-ହରିଣ ଚଞ୍ଚଳ-ନେତ୍ରା ଦମୟନ୍ତୀରେ ;
"ଝଞ୍ଜନ-ଗଞ୍ଜନ-ନୟନେ, ନେଇ ତୃପତ କର ,
ଅବଲୋକି ଏବେ ସୁଷମା କାଶୀନୃପତିଙ୍କର । ୧୧୩
କୁଳ-ରାଜଧାନୀ ତାଙ୍କର କାଶୀ ପୁଣ୍ୟନଗରୀ ,
ସଂସାର-ତାରଣେ ମୁମୁକ୍ଷୁଙ୍କର ସେ ଧର୍ମ-ତରୀ ;
ପାପେ ପୂର୍ଣ୍ଣ ଚିତ୍ତ ହେଲେହେଁ ଯାହା ଲଭିଣ ଜନ ,
ଚିରକୃତ ଯାଏ ବରଜ ହୁଏ କଳୁଷ-ହୀନ । ୧୧୪

GPNanda Colln., Digitized by srujanika@gmail.com

ଭବିଷ୍ୟତେ ବିଧି-କର୍ତ୍ତୃକ-ଲୋକ-ସୃଷ୍ଟି-ଯାତନା
ଭାଳି, କାନ୍ଦିଥିଲେ ଶଙ୍କର ପୂର୍ବେ ହୋଇ ବିମନା ;
କାମ-ଇଚ୍ଛା ହେତୁଁ ନୁହଇ, ବ୍ୟାଜେ ତା'ର ଧାରଣ ,
ସୃଜିଛନ୍ତି ଯେଣୁ ସେ ପୁରୀ, ଯାହା ଭବତାରଣ ।
ବସୁନ୍ଧରା-ମଧ୍ୟେ ସେ ପୁରୀ ନ ହୁଅଇ ଗଣନ ;
ତହିଁ ବାସ, ଦେବ-ଭବନେ ବାସ କଲା ସମାନ ;
ସେ ତୀର୍ଥେ ଯେ ପ୍ରାଣ ମୁଞ୍ଚନ୍ତି, ମୁକ୍ତି ହୁଏ ତାଂକର ;
ସ୍ୱର୍ଗୁ ଅଧିକ ଗୋ ହୋଇବ ତହିଁ ଆନନ୍ଦ ତୋର ।୧୧୬
ଭୂତ-ଅଭିଧାନ-କୁଶଳ, ଅଦ୍ୟତନୀ ଲକ୍ଷଣ ,
ଅସ ଧାତୁ ଯଥା ଭବତ-ଭାବ କରେ ଧାରଣ ,
ଭୀମ-ସୁତେ, ତଥା ପାର୍ବତୀପତି-ନଗରୀ ପାଇ ,
ଭବସିଂଧୁ-ଜନ୍ତୁ ସାଯୁଜ୍ୟ ଶିବ-ସଙ୍ଗେ ଲଭଇ । ୧୧୭
ହେଠି ନିର୍ବିଚ୍ଛେଦେ ବିଷୟ କାଶୀବାସୀ ମିଥୁନ ,
ଇଚ୍ଛାକ୍ରମେ ଉଭେ ଏକାନ୍ତେ ହୋଇ କ୍ରୀଡା-ମଗନ ,
ମରଣେ ଗଉରୀ-ଶଂକର ଅର୍ଦ୍ଧ-ମିଳନେ ବଳ ,
ଏକତ୍ୱ-ଭାବକୁ ଲଭନ୍ତି ମୁକ୍ତି-ପଦ ଆଦରି । ୧୧୮
ନ କରୁ ଗୋ ଯେବେ ବିଶ୍ୱାସ, ନ କହୁବି ଅଧିକ ,
ଆପେ ଅନୁଭବେ ଜାଣିବୁ କାଶୀପୁରର ଠେକ ;
ମନ୍ଦର-ମଣ୍ଡନ-କୋଦଣ୍ଡେ ଅଟେ ସେ ସ୍ଥିତିମତୀ ;
କାଶୀଠାରୁ ହୀନ ନୁହେଁକ ସେହି ଅବସ୍ଥିତୀ । ୧୧୯

GPNanda Colln., Digitized by srujanika@gmail.com

ଜ୍ଞାନାଧିକା ଭୂହ୍ମ, ସୁକୃତ ବନ୍ଧୁ କବ କାର୍ଯ୍ୟରେ ,"
ବେଣୀ କହ୍ମ ଅଉ କ ଲାଭ ? ଯହିଁ ମରଣ ହେଲେ ,
ମୃତ୍ୟୁଞ୍ଜୟ ପଦ ଲଭନ୍ତି ତହୁଁ ମାନବେ ଏବେ ,
ଅମୃତ ବଚରେ ତଟିନୀ ଅବାଞ୍ଛିତ ଯାଚକେ । ୧୨୦
ମୂର୍ତ୍ତିମତୀ ରତି ପରାଏ ହୁଅ ଭୂହ୍ମ, ସୁନ୍ଦରି ,
ସେ ନୃପ ରାଜନ୍ତି ସାକ୍ଷାତେ ମୀନକେତନ ପରି ;
ପ୍ରତିକୂଳ-ଶିବ-ପୂଜନ ପାଇଁ ମେଘ ନଗରେ
ଅବତାରେ ସ୍ମର-ଦଗ୍ଧତ-ସମ ଶୋଭ ଅତରେ । ୧୨୧
ପଣ୍ଡିତ ସେ ନୃପ ମନ୍ମଥ-ଅନୁଶାସନ ଶତେ ;
ନଖ-ପଦେ ପୂଜା କରନ୍ତି ତୋର ସ୍ତନେ ସଂତତେ ;
ଅଦ୍ରିସୁତା-ପାଦ-କୁଂକୁମ-ପଙ୍କ-ରାଗେ-ସଂକୀର୍ଣ୍ଣ
ଶିବ-ଶଶୀକଳା ପରି ସେ ନଖ ଦିଶୁ ଶୋଭନ । ୧୨୨
ପ୍ରସରିଛୁ ଯା'ର ପ୍ରତାପ ଶର ପ୍ରସରି ଷଣେ ,
ସଂଗ୍ରାମେ ବିରୋଧି-ଭୂପାଳ-କଣ୍ଠ-ନାଳ-ଛେଦନେ ,
କୀର୍ତ୍ତିଚମ୍ପୂ-ରୂପ ଶୃମର ଶୃରୁ ଶୃପ ଯାହାର ,
ଖଣ୍ଡନ୍ତି ଅଶ୍ଳେଷେ ଅନଙ୍ଗତାପ ଯେ ନୃପ ତୋ'ର । ୧୨୩
ଫାଟି ଯା' ନଯାଏ ତାଙ୍କର ବକ୍ଷ ବିରହେ ତୋ'ର ,
ଶତ୍ରୁ-ଶସ୍ତ୍ର ତହିଁ କୁଣ୍ଠିତ, ସେହୁ ବଜ୍ର ମୁକର ;
ସେ ବଜ୍ର-ବକ୍ଷର ଅଙ୍କୁର-ଭୂଜ-ପ୍ରତାପାନଳ
ନ ପାରେ ଲିଭାଇ ବିପକ୍ଷ-ନାରୀ ନୟନ ଜଳ । ୧୨୪

GPNanda Colln., Digitized by srujanika@gmail.com

ନାମ୍ବାନ୍ତ କ ଏଥି ଜଗତର ଲକ୍ଷ ଲକ୍ଷ ପାଦପ ,
କାକ ପିକେ ଯେହ୍ନୁ ଅର୍ପନ୍ତ ତୁଚ୍ଛ୍ୟ ଫଳ ଅମାପ !
ଅମୃତ-ଭକ୍ଷକ ବିବୁଧେ ଫଳ- ପ୍ରଦାନ-କ୍ଷମ ,
ମୃତ-ଯୋଗ୍ୟ, ସିନା ଅଟଇ ଏକା କଳପ-ଦ୍ରୁମ ।   ୧୨୫
ନ କରବେ ନୃପ ଏ ଭୂପେ କର୍ପା କର ପ୍ରଦାନ ,
ସେ କରନ୍ତେ ଯେଣୁ ପ୍ରଭୂତ ଏହାଙ୍କର କୃପାଣ ;
ଦଇବେ ନଦେଲେ, ସେକାଳେ କର-ଆଦାୟ ପାଇଁ
କୃପାରେ କୃପଣ ହୁଅନ୍ତ ତାଙ୍କ କୃପାଣ ନାହିଁ ।   ୧୨୬
ଖୁର-ଅଗ୍ରେ ଭୂମି-ସ୍ପର୍ଶ କେବେ ତାଙ୍କର ବଳେ
କ୍ଷଣ କାଳ ହେଲେ କରନ୍ତି ନାହିଁ ଗମନ-କାଳେ ,
ଦୃଷ୍ଟ ହୁଏ ସିନା ଘୋଟକେ ନଭୋଗତ କେବଳ ,
ଇନ୍ଦ୍ର-ଅଶ୍ୱ-ଗର୍ବ ଖର୍ବ କରେ ଅଶ୍ୱନଙ୍କର ।"   ୧୨୭
ସମବେତ ଜନ-ମଣ୍ଡଳେ, ତାଙ୍କ ବର୍ଣ୍ଣନା କାଳେ,
ନବୀକ୍ଷଣ କର ଭଇମୀ, ହରସିଲା ଭୂପାଳେ ;
ଗୁଣଜ୍ଞା ବୈଦର୍ଭୀ ଆଦର ତହିଁ ଯେହ୍ନୁ ରାଜନ
ନ ଲଭି ନୃପତି ସଭାରେ, ହେଲେ ଦୁର୍ଯଶ-ମ୍ଳାନ ।   ୧୨୮

ଅନନ୍ତ ତେଜ ଜାଲ   ମରୁତ ପାର୍ଥୀବକୁଳ
ଅସମ ପୁଣି ଗୁଣ ଯହିଁ ,
ମାନସ ଆଶା ଧନ   କାଳେ ପାଇବେ ବୋଲି
ଥିଲେ, ସୁଭାଗୀ ଲଭି ତହିଁ ,

GPNanda Colln., Digitized by srujanika@gmail.com

ମଜ୍ଜିଲେ ଗୂଢ଼ ଭାବ ଶୀଳା
ଉପନିଷଦ ଦେଶ ବାଳା
ଚିନ୍ମୟ ସେ ପୁରୁଷେ   ନିଃସୀମାନନ୍ଦ ରସେ
ବାକ୍ୟ ବଳେ ଯା' ରୂପ-ଲୀଳା ।   ୧୨୯

କବିରାଜ-ରାଜ-   ମୁକୁଟ-ଭୂଷଣ-
ହୀରକ ଶ୍ରୀହର୍ଷ ନାମକ କବି ;
ପିତୃ ଶ୍ରୀହୀର   ଜିତେନ୍ଦ୍ରିୟବର ;
ଜନନୀ ତାହାଙ୍କ ମାମଲ୍ଲ ଦେବୀ ;
ତାଙ୍କ ବିରଚିତ   ଗୁରୁ ମହାକାବ୍ୟ
ନୈଷଧ ଚରିତ, ତହିଁ ଏ ଗତ
ଶୃଙ୍ଗାର-ଅମୃତ-   ସୁଧାକର-ସମ
ଏକାଦଶ ସର୍ଗ, ସର୍ଗ-ମହତ ।   ୧୩୦

GPNanda Colln., Digitized by srujanika@gmail.com

ଏକାଦଶ ସର୍ଗର ଟୀକା

(ଅଙ୍କରୁ ଶ୍ଲୋକାଙ୍କ ବୁଝିବାକୁ ହେବ)

୧୦ — ଯେଉଁ ଦେବ ଶିଖରୀ, ସୁମେରୁ ଦ୍ୱାରା ଦେବତାମାନେ ପୃଥ୍ୱୀ ଦୋହ କରିଥିଲେ, କଳ୍ପ ବୃକ୍ଷ ସେହି ସୁମେରୁର ହସ୍ତପର ବର୍ଣ୍ଣନ।

୧୪ — ସୁରଶାଖୀବନତା = ଅତି ବଦାନ୍ୟା ଭୈମୀ।

୩୧ — କୀର୍ତ୍ତି ହଂସୀ ସବୁ ବଣଦ, ବୁଦ୍ଧିକରେ; ଅନ୍ୟ ହଂସୀ ଓ ... ଭେଦ କରେ ନାହିଁ।

୪୦ — ସ୍କନ୍ଦ, କାର୍ତ୍ତିକେୟ ଶରଦ୍ୱାରା କ୍ରୌଞ୍ଚଗିରି ଫଟାଇଥିଲେ।

୯୪ — ଗାଙ୍ଗେୟ ପୀତ = ସୁବର୍ଣ୍ଣ ଗୌର।

୧୦୦ — ସ୍ୱଦ୍ରୁତଲୁ = ଯଜ୍ଞ। ଦ୍ୱ୍ୟର୍ଥ ଶ୍ଳେଷ।

୧୦୪ -- କାର୍ମଣ = ବଶୀକରଣ। କଣ = ଚକ୍ଷୁ, ବର୍ଣ୍ଣ, ଗୁଣ ଅଭା... କଳା ହୋଇ ହାତରେ ଯାହା ଦେଖା ଯାଉଛି।

୧୨୯ — ଅଶେଷ ତେଜୋମୟ ମରୁତ୍, ଦେବତା ଓ ରାଜାମାନେ ଅସୀମ ଗୁ... ଭୂଷିତ ହୋଇ କାଳେ ଦମୟନ୍ତୀ ପାଇବେ ବୋଲି ମନରେ ଥ... ଥିଲେ ; ଦମୟନ୍ତୀ ତାଙ୍କୁ ଛାଡ଼ି ଅତ୍ୟନ୍ତ ରୂପବାନ୍ ତନୟ, ମନ... ପୂରୁଷରେ, ନଳରେ, ଅତ୍ୟନ୍ତ ଆନନ୍ଦରେ ମଜ୍ଜିଲେ। ଉପନି... ପକ୍ଷେ — କ୍ଷିତ ଅପ୍ ତେଜ ମରୁତ୍ ବ୍ୟୋମ ନିର୍ଗୁଣମୟ ହୋଇ ମନ... ଓ କାଳ ବୁଝିବାରେ ଥିଲେ ; ଉପନିଷଦ ତାଙ୍କୁ ଲଙ୍ଘି ବ୍ରହ୍ମ... ମଜ୍ଜିଲେ। ଅନନ୍ତ = ବ୍ୟୋମ।] କାଳ = ନଳ ସଂବନ୍ଧୀୟ।

Printed by R. N. Rath. S. Press. Sakhigopal. 1

GPNanda Colln., Digitized by srujanika@gmail.com